# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଅକ୍ଟୋବର ୨୯/୨୦୧୮ (୨୦ ପୃଷ୍ଠା) Sambalpur, Monday, October 29/ 2018 ★★

୧୪ଶ ଭାଗ ୩୧୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଆକାଶଙ୍କୁ ରାଜ୍ୟ ସ୍ନୁକର ଟାଇଟଲ**
କଟକରେ ରବିବାର ଉଦ୍‌ଯାପିତ ଅଲ ଓଡ଼ିଶା ଓପନ ସ୍ନୁକର ଟୁର୍ଣ୍ଣାମେଣ୍ଟରେ ଆକାଶ ମହାପାତ୍ର ଚାମ୍ପିୟନ ହୋଇଛନ୍ତି।
୧୫

୧୩
**ସବୁବେଳେ ଅନୁସନ୍ଧାନ ପ୍ରୟାସୀ: ତାପସୀ**
ଜୀବନରେ କିଛି ନୂଆ କରି ଦେଖାଇବାର ପ୍ରୟାସ ସବୁବେଳେ ରଖିଥାନ୍ତି ବୋଲି ଅଭିନେତ୍ରୀ ତାପସୀ ପନ୍ନୁ ପ୍ରକାଶ କରିଛନ୍ତି।




DSPL-223
ODISHA INDIA'S BEST KEPT SECRET
BEATS FOR HOCKEY
ODISHA HOCKEY MEN'S WORLD CUP BHUBANESWAR 2018
OMC
HOCKEY INDIA
nswis
#HWC2018 #Odisha2018
29001/13/0051/1819
ଓଡିଶା - ନିୟୁ ସାଉଥ୍ ୱେଲ୍‌ସ୍ ହକି ସିରିଜ୍
ଓଡିଶା ଏକାଦଶ ବନାମ୍ ନିୟୁ ସାଉଥ୍ ୱେଲ୍‌ସ୍ ଏକାଦଶ
କଳିଙ୍ଗ ହକି ଷ୍ଟାଡିୟମ
୧ ନଭେମ୍ବର ୨୦୧୮, ସନ୍ଧ୍ୟା ଘ ୬ ଟିକା
ନିଃଶୁଳ୍କ ପ୍ରବେଶ
ସୀମିତ ଉପଲବ୍ଧ
Sports_odisha sports.odisha www.hockey.sportsodisha.gov.in
ପାସ୍ ଉପଲବ୍ଧ ସ୍ଥାନ ଓ ସମୟ:
୨୭-୩୧ ଅକ୍ଟୋବର, ସକାଳ ୧୦ ଘଟିକା- ସନ୍ଧ୍ୟା ୫ ଘଟିକା । ଗେଟ୍ ନଂ ୪, କଳିଙ୍ଗ ଷ୍ଟାଡିୟମ




■ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟଣା

# କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ

- ୫ ସେସୁ କର୍ମଚାରୀଙ୍କ ନାମରେ ମାମଲା
- ଦୁର୍ଘଟଣାସ୍ଥଳ ପରିଦର୍ଶନ କଲେ ପିସିସିଏଫ୍
- ମନ୍ତ୍ରୀ, ସଚିବଙ୍କ ନାମରେ ଭାଜପାର ଅଭିଯୋଗ



କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

ଢେଙ୍କାନାଳ ଅଫିସ/ଭୁବନେଶ୍ୱର, ୨୮।୧୦

କମଳାଙ୍ଗ ହାତୀମୃତ୍ୟୁ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହାର କ୍ରାଇମ୍ ବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। ରବିବାର ଅପରାହ୍ନ ୫ଟାରେ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅନ୍ୟପଟେ ଏହି ଘଟଣାରେ ବନ ବିଭାଗ ସହକାରୀ ବନ ସଂରକ୍ଷକ (ଏସିଏଫ୍) ଜିତେନ୍ଦ୍ରନାଥ ଦାସଙ୍କ ଅଭିଯୋଗକ୍ରମେ ୫ ସେସୁ କର୍ମଚାରୀଙ୍କ ନାମରେ କଣ୍ଟାବଣିଆ ଥାନାରେ ମାମଲା ଦାଏର କରାଯାଇଛି। ସେମାନେ ହେଲେ ଚାଇଁପାଳ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ନରେଶ ପଟ୍ଟନାୟକ, ନିର୍ବାହୀ ଯନ୍ତ୍ରୀ ନୀହାର ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ଆର୍ତ୍ତତ୍ରାଣ ନାୟକ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମହାନ୍ତି ଏବଂ ଲାଇନମ୍ୟାନ ଫିରୋଦ ପଣ୍ଡା। ଅଭିଯୁକ୍ତଙ୍କ ବିରୋଧରେ ଇଲେକ୍ଟ୍ରିସିଟି ଆକ୍ଟ-୧୪୬, ☞ ପୃଷ୍ଠା-୪

# ଅଯୋଧ୍ୟା ବିବାଦର ଶୁଣାଣି ଆଜିଠୁ

ନୂଆଦିଲ୍ଲୀ,୨୮।୧୦(ପି.ଟି.)

ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦର ଶୁଣାଣି ସୁପ୍ରିମକୋର୍ଟରେ ସୋମବାରଠାରୁ ହେବ। ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ହୋଇଥିବା ଏକାଧିକ ପିଟିଶନର ଶୁଣାଣି ୩ ଜଣିଆ ଖଣ୍ଡପୀଠ କରିବେ।

ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ମନେକରାଯାଉଥିବା ଅଯୋଧ୍ୟା ଜମି ବିବାଦ ମାମଲାର ବିଚାର ସୋମବାର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କରିବେ। ଏହି ପ୍ରସଙ୍ଗରେ ଶୁଣାଣି ପାଇଁ ସାମ୍ବିଧାନିକ ପୀଠ ଗଠନ କରିବାକୁ ସେପ୍ଟେମ୍ବର ୨୭ରେ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଦେଇଥିଲେ। ଏଥିସହ ମସଜିଦ୍ ଇସ୍‌ଲାମ୍ ଧର୍ମର ଅବିଚ୍ଛେଦ୍ୟ ଅଙ୍ଗ ନୁହେଁ ଏବଂ ମୁସଲମାନ ଧର୍ମାବଲମ୍ବୀ ଯେକୌଣସି ସ୍ଥାନରେ ନମାଜ୍ ପାଠ କରିପାରିବେ ବୋଲି ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ଜଷ୍ଟିସ୍ ମିଶ୍ର ଅକ୍ଟୋବର ୨ରେ ଅବସର ନେବା ପରେ ଏହି ମାମଲାର ଶୁଣାଣି ପାଇଁ ନୂଆ ଖଣ୍ଡପୀଠ ଗଠନ କରାଯାଇଛି। ଏଥିରେ ସିଜେଆଇ ଗୋଗୋଇ ଅଧ୍ୟକ୍ଷତା କରୁଥିବାବେଳେ ଜଷ୍ଟିସ୍ ସଞ୍ଜୟ କିଷନ୍ ଏବଂ କେ.ଏମ୍. ଯୋସେଫ୍ ସଦସ୍ୟ ଅଛନ୍ତି। ପ୍ରକାଶ ଯେ, ୨.୭୭ ଏକର ପରିମିତ ବିବାଦୀୟ ଭୂମିକୁ ୩ ପକ୍ଷ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହି ଆଖଡ଼ା ଓ ରାମ ଲାଲାଙ୍କ ମଧ୍ୟରେ ସମାନ ୩ ଭାଗରେ ବିଭକ୍ତ କରି ବାଣ୍ଟିଦେବାକୁ ଆଲ୍ଲାହାବାଦ ହାଇକୋର୍ଟ ୨୦୧୦ ସେପ୍ଟେମ୍ବର ୩୦ରେ ରାୟ ଦେଇଥିଲେ। ଏହାକୁ ନେଇ ସହମତି ପ୍ରକାଶ ନ ପାଇବାରୁ ପକ୍ଷମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


DSPL-224



सत्यमेव जयते



ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୧୮
ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଚଳିତ ବର୍ଷ ୨୦୧୮ ଅକ୍ଟୋବର ୨୯ ତାରିଖ ଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଥିବା ଆନନ୍ଦର କଥା । ଏହି ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ ଅଭିଯାନରେ ସଂକଳ୍ପବଦ୍ଧ ଓ ଉତ୍ସର୍ଗୀକୃତ ଭାବେ ସାମିଲ ହୋଇ ଏକ ଉତ୍ତମ ସମାଜ, ରାଜ୍ୟ ଓ ରାଷ୍ଟ୍ର ଗଠନରେ ସହାୟକ ହେବା ପାଇଁ ଆହ୍ୱାନ କରୁଅଛି । ସାଧାରଣ ଜୀବନରେ ସାଧୁତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଦୁର୍ନୀତି ବିରୋଧୀ ଆଭିମୁଖ୍ୟ ତଥା ସ୍ୱଚ୍ଛତା ଅତ୍ୟନ୍ତ ଜରୁରୀ । ଏହା ମଧ୍ୟ ବିକାଶ, ସୁଶାସନ, ସାମାଜିକ ସଂହତି, ବ୍ୟକ୍ତି ମର୍ଯ୍ୟାଦା, ମାନବାଧିକାର ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ନିହାତି ଜରୁରୀ ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମୁଁ ଆଶା କରୁଛି ଯେ ଦୁର୍ନୀତି ନିବାରଣ ବିଭାଗ ଓଡ଼ିଶାର ଜନସାଧାରଣଙ୍କ ସେବାରେ ନିଜକୁ ଅଧିକ ନିଷ୍ଠା ଓ ଉତ୍ସର୍ଗୀକୃତ ଭାବେ ନିୟୋଜିତ କରିବେ ।

ଦୁର୍ନୀତି ଦୂରୀକରଣ ସହିତ ଏକ ନୂଆ ଓଡ଼ିଶା ଓ ନୂଆ ଭାରତ ନିର୍ମାଣ ଦିଗରେ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

09002/13/0003/1819


■ ଭାରତର ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ

# ସାଧାରଣତନ୍ତ୍ର ଦିବସରେ ଆସିବେନି ଟ୍ରମ୍ପ୍

ନୂଆଦିଲ୍ଲୀ/ୱାଶିଂଟନ,୨୮।୧୦

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆସନ୍ତା ବର୍ଷ ପାଳନ ହେବାକୁ ଥିବା ଭାରତର ୭୦ତମ ସାଧାରଣତନ୍ତ୍ର ଦିବସକୁ ମୁଖ୍ୟଅତିଥି ହୋଇ ଆସିବେ ନାହିଁ। ଏନେଇ ଭାରତର ନିମନ୍ତ୍ରଣକୁ ସେ ପ୍ରତ୍ୟାଖ୍ୟାନ କରିଦେଇଥିବା ରବିବାର ଜଣାପଡ଼ିଛି।

୨୦୧୯ ଜାନୁୟାରୀ ୨୬ରେ ନୂଆଦିଲ୍ଲୀରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଟ୍ରମ୍ପ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁରୋଧ କରିଥିଲେ। ଏନେଇ ଭାରତ ପକ୍ଷରୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରାଯାଇଥିବା ବିଷୟ ଗତ ଅଗଷ୍ଟରେ ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରୀ ସାରା ସ୍ୟାଣ୍ଡର୍ସ ସ୍ପଷ୍ଟ କରିଥିଲେ। କିନ୍ତୁ ଟ୍ରମ୍ପ୍ ଏଥିରେ ଯୋଗଦେବେ ନାହିଁ ବୋଲି ଏବେ ଜଣାପଡ଼ିଛି। ତେବେ ଏନେଇ ଭାରତ କିମ୍ବା ଆମେରିକା ପକ୍ଷରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଟ୍ରମ୍ପ୍‌ଙ୍କ ଗସ୍ତ ଯୋଜନା ସମ୍ପର୍କରେ କେବଳ ହ୍ୱାଇଟ୍ ହାଉସ୍ ମନ୍ତବ୍ୟ ଦେଇପାରିବ ବୋଲି ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତାବାସ କହିଛି। ଅନ୍ୟପକ୍ଷରେ ଆମେରିକାରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଥିବାରୁ ଟ୍ରମ୍ପ୍ ଭାରତ ଆସିପାରିବେ ☞ ପୃଷ୍ଠା-୪


୩ ଦିନ ପ୍ରବଳ ବର୍ଷିବ ........ ୩ ........
ପୁରୀ ହିଂସା: ଆଉ ୫ ଗିରଫ ........ ୫ ........
ଆଇନଜୀବୀ ସଂଘରେ ବିବାଦ ତେଜିଲା ........ ୭ ........


**ଆଜିର ସମ୍ପାଦକୀୟ**

ଦାୟିତ୍ୱହୀନତାର ପରିଚୟ

**ଆଜିର ମନ୍ତବ୍ୟ**

" ଶାନ୍ତିର ତାତ୍ପର୍ଯ୍ୟ କେବଳ 'ଯୁଦ୍ଧ ନ ହେବା' ନୁହେଁ ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୭-୧୮ରେ ବ୍ୟାଙ୍କଗୁଡିକ ୭୪,୫୬୨ କୋଟି ଟଙ୍କାର ଏନ୍‌ପିଏ ଅସୁଲି କରିଥିବା ବେଳେ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଏହା ୩୬,୫୫୧ କୋଟି ଟଙ୍କା ରହିଛି।
– ଅର୍ଥ ମନ୍ତ୍ରଣାଳୟ

# ବାଘକୁ ମାରି ପୋତିଦେଲେ



ମୃତବାଘର ମୁଣ୍ଡ ।

- ମହାବଳ ବାଘ ମୃତଦେହ ସନ୍ଦେହ
- ବନ୍ୟପ୍ରାଣୀ ବିଭାଗ କହୁଛି ଚିତାବାଘ
- ଦାନ୍ତ, ନଖ କାଢ଼ି ନେଇଛନ୍ତି ଦୁର୍ବୃତ୍ତ
- ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ବରଗଡ଼ ଅଫିସ୍/ଭଟଲି, ୨୮।୧୦(ଡି.ଏନ.ଏ.)

ବରଗଡ ଜିଲା ଭଟଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରେ ଗୋଟିଏ ବାଘକୁ ମାରି ପୋତି ଦେଇଥିବା ଅଭିଯୋଗ ହୋଇଛି। ଡେବ୍ରିଗଡ଼ ଅଭୟାରଣ୍ୟ ପାଦଦେଶରେ ଘଟଣା ଘଟିଥିବାବେଳେ ବନ୍ୟପ୍ରାଣୀ ବିଭାଗ ପୋତା ଯାଇଥିବା ବାଘର ମୃତଦେହକୁ ରବିବାର ଉଦ୍ଧାର କରିଛି। ବାଘକୁ ୮ଦିନ ପୂର୍ବରୁ ମାରି ପୋତି ଦିଆଯାଇଥିବା ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଅନୁମାନ କରୁଛନ୍ତି। ତେବେ ମୃତ ବାଘଟି ଏକ ମହାବଳ ବାଘ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଥିବାବେଳେ ବନ୍ୟପ୍ରାଣୀ ବିଭାଗ ଏହାକୁ ଖଣ୍ଡନ କରିଛି। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ☞ ପୃଷ୍ଠା-୪


NECC NATIONAL EGG CO-ORDINATION COMMITTEE 28.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 76 | 127 | 137 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers



ଯମୁନା ଏକ୍ସପ୍ରେସ୍ ୱେରେ ରବିବାର ସକାଳୁ ଗୋଟିଏ ଗ୍ୟାସ ଟ୍ୟାଙ୍କର ସହ ଆଉ ଏକ ଗ୍ୟାସ ଟ୍ୟାଙ୍କର ଧକ୍କା ହେବା ଫଳରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିରେ ୩ ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣର ମାତ୍ରା ଏତେ ଅଧିକ ଥିଲା ଯେ ଏହା ନିକଟରେ ଥିବା ଆଉ ୫ଟି ଗାଡି ସମ୍ପୂର୍ଣ୍ଣ ଜଳି ଯାଇଛି। ଖବର ପାଇ ଘଟଣାସ୍ଥଳରେ ଦମକଳ ବାହୀନି ପହଞ୍ଚିବା ସହ ବହୁ କଷ୍ଟରେ ନିଆଁକୁ ଆୟତ୍ତ କରାଯାଇଛି।

# ମାଓବାଦୀ ନାଁରେ ୫ ଲକ୍ଷ ମାଗି କିରାଣି ସମେତ ୨ ଗିରଫ

**ମାଲକାନଗିରି/ଗୋବିନ୍ଦପାଲି, ୨୮।୧୦(ଡି.ଏନ.ଏ.)**

ମାଲକାନଗିରି ଜିଲାର ଜଣେ ରାଜସ୍ୱ ସୁପରଭାଇଜରଙ୍କୁ ମାଓବାଦୀ ନାମରେ ଦୀର୍ଘ ଦିନ ଧରି ଚାନ୍ଦା ମାଗି ହତ୍ୟା ଧମକ ଦେଉଥିବା ଅଭିଯୋଗରେ ମାଲକାନଗିରି ପୋଲିସ ଜଣେ କନିଷ୍ଠ କିରାଣିଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି । ଏ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଜଗମୋହନ ମୀନା ସୂଚନା ଦେଇ କହିଛନ୍ତି ଯେ, ମୋଟୁ ତହସିଲରେ ରାଜସ୍ୱ ବିଭାଗ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା କେ. ଚିନ୍ନା ରାଓଙ୍କୁ ଗତ ୧୫ ଦିନ ହେବ ଏକ ମୋବାଇଲ୍ ଫୋନରୁ ମାଓବାଦୀ ସଙ୍ଗଠନକୁ ଚାନ୍ଦା ଦେବା ଲାଗି ବାରମ୍ବାର ଫୋନ ଆସୁଥିଲା। ମାଲକାନଗିରି ମାଓବାଦୀ ଡିଭିଜନ କମାଣ୍ଡର ରାମୁଡୁ କହୁଛି ବୋଲି କହି ଫୋନକର୍ତ୍ତା ଧମକଚମକ ଦେଇ ୫ ଲକ୍ଷ ଟଙ୍କା ଚାନ୍ଦା ମାଗୁଥିଲେ। ଏନେଇ ରାଓ ମାଲକାନଗିରି ଥାନାରେ ଏତଲା ଦେବା ପରେ ଫୋନ କଲ୍‌ର ଡିଟେଲ୍ ମଗାଯାଇଥିଲା। ରିପୋର୍ଟ ଆସିବା ପରେ ଏହି କଲଟି ପାଣ୍ଡ୍ରିପାଣିସ୍ଥିତ ସେରପାଲିରୁ ଆସୁଥିବା ଜଣାପଡ଼ିଥିଲା। ପରେ ଆଇଆଇସି ସୌମେନ୍ଦ୍ର ଶେଖର ତ୍ରିପାଠୀ ଏକ ସ୍ୱତନ୍ତ୍ର ଟିମ୍ କରି ଘଟଣାର ତଦନ୍ତ କରିଥିଲେ । ପରବର୍ତ୍ତୀ ସମୟରେ ଏଥିରେ ଖଇରପୁଟ ତହସିଲର କନିଷ୍ଠ କିରାଣି କେଶବ ଖିଲ ଓ ପୂଜାରମୁଣ୍ଡା ଗ୍ରାମର ରାମଚନ୍ଦ୍ର ମାଝିଙ୍କ ଭୂମିକା ଥିବା ଜାଣିବାକୁ ମିଳିଥିଲା । ଗତ ଶନିବାର ରାଓଙ୍କୁ କୋରୁକୋଣ୍ଡା ନିକଟସ୍ଥ ପୋଲ ନିକଟକୁ ୫ ଲକ୍ଷ ଟଙ୍କା ଧରି ଆସିବାକୁ ଫୋନ୍ ଆସିବା ପରେ ଆଇଆଇସି ତ୍ରିପାଠୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ କୋରୁକୋଣ୍ଡା ପୋଲ ନିକଟକୁ ଯାଇଥିଲେ। ତେବେ କୌଣସି କାରଣରୁ ସନ୍ଦେହ କରି ଆଉ ସେଦିନ ରାଓଙ୍କଠାରୁ ଟଙ୍କା ନେବାକୁ ସେ ଆସି ନ ଥିଲେ । ଶନିବାର ପୁନର୍ବାର ରାଓଙ୍କୁ ଟଙ୍କା ନ ଦେଲେ ହତ୍ୟା କରିବା ନେଇ ଧମକ ଦେଇ ପୁନର୍ବାର ସେହି କୋରୁକୋଣ୍ଡା ପୋଲ ନିକଟକୁ ଟଙ୍କା ଧରି ଆସିବାକୁ ଫୋନକର୍ତ୍ତା କହିଥିଲେ । ତଦନୁସାରେ ରାଓ ଏକ ଲାଲ ଗାମୁଛାରେ ଟଙ୍କା ରଖି ଚାଲିଯିବା ପରେ ଅଭିଯୁକ୍ତ ଟଙ୍କା ନେବାକୁ ଆସିଥିଲେ। ତେବେ ସେଠାରେ ପୂର୍ବରୁ ଲୁଚି ରହିଥିବା ଡିଏସ୍‌ପି ପ୍ରଦୀପ କୁମାର ଦାଶ, ଆଇଆଇସି ତ୍ରିପାଠୀ, ଏସ୍‌ଆଇ ସୁଶାନ୍ତ କୁମାର ଦାଶ, ସୁକାନ୍ତ କିଶୋର ପ୍ରଧାନ, ମାନସ ରଞ୍ଜନ ସ୍ୱାଇଁ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ସହଯୋଗୀଙ୍କୁ କାବୁ କରି ନେଇଥିଲେ । ଉଭୟଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଏସ୍‌ପି ମୀନା କହିଛନ୍ତି।




# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଭାଜପାର ଟାର୍ଗେଟ

- ସ୍ୱାସ୍ଥ୍ୟ ଓ ସୂଚନା, ଲୋକସମ୍ପର୍କ ବିଭାଗ ସଚିବଙ୍କ ନାଁରେ ଭାଜପାର ଏତଲା
- ବିଜେଡି କହିଲା ବିରୋଧ କରିବା ଭାଜପାର ପୁରୁଣା ରୋଗ

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ୧ କୋଟି ଲୋକ ଉପକୃତ ହେବେ ବୋଲି ରାଜ୍ୟ ସରକାର କହି ରାଜ୍ୟବାସୀଙ୍କୁ ପ୍ରତାରିତ କରିଛନ୍ତି। ପୂର୍ବରୁ ଅନେକ ଯୋଜନାରେ ରାଜ୍ୟ ସରକାର ମିଥ୍ୟା ତଥ୍ୟ ରଖିଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛି। ଭାଜପା ପକ୍ଷରୁ ଏନେଇ ସ୍ୱାସ୍ଥ୍ୟ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ସଚିବଙ୍କ ନାମରେ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ଅନ୍ୟପଟେ ଭାଜପା ଅଭିଯୋଗ ଉପରେ ବିଜେଡି ପ୍ରତିକ୍ରିୟା ରଖିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୧ କୋଟିରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହୋଇଛନ୍ତି ବୋଲି କହିଥିଲେ। ଏହି ତଥ୍ୟ ସମ୍ପୂର୍ଣ୍ଣ ମିଥ୍ୟା, ଅବିଶ୍ୱସନୀୟ ଏବଂ ପ୍ରମାଣ ଆଧାରିତ ନୁହେଁ। ଏବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧ କୋଟି ଲୋକ ଉପକୃତ ହେବେ ବୋଲି ଗଣମାଧ୍ୟମକୁ ମିଥ୍ୟା ବିବୃତି ଏବଂ ବିଜ୍ଞାପନ ଦେବା ମୁଖ୍ୟମନ୍ତ୍ରୀଙ୍କର ଆଉ ଏକ ମିଛ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି । ଲୋକମାନଙ୍କୁ ବିଭ୍ରାନ୍ତ କରି ଏପରି ତଥ୍ୟ ଦେବା ବେଆଇନ ଏବଂ ଅପରାଧ ସହ ସମାନ ବୋଲି ଭାଜପା ପକ୍ଷରୁ କୁହାଯାଇଛି । ରବିବାର ସମୀରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କ୍ୟାପିଟାଲ ଥାନାରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଲୋକ ସମ୍ପର୍କ ବିଭାଗର ସଚିବଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ସରକାରୀ ଅର୍ଥରେ ମିଥ୍ୟା ବିଜ୍ଞାପନ ଦେଇ ଜନମତକୁ ବିଭ୍ରାନ୍ତ କରିବା ଅପରାଧରେ ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି । ଏହି ଅବସରରେ ମହାନ୍ତି କହିଛନ୍ତି ଯେ, ୨୦୧୬–୧୭ରେ ରାଜ୍ୟରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା ଏବଂ ଓଡ଼ିଶା ଷ୍ଟେଟ ଟ୍ରିଟ୍‌ମେଣ୍ଟ ଫଣ୍ଡ ଏହି ତିନୋଟି ଯୋଜନାରେ ସମୁଦାୟ ୧୨ଲକ୍ଷ ୬୦ ହଜାର ଲୋକ ଉପକୃତ ହୋଇଥିଲେ । ହେଲେ ମାତ୍ର ୨ମାସ ଭିତରେ କିପରି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧ କୋଟି ଲୋକ ଉପକୃତ ହେଲେ। ଏହା ସନ୍ଦେହଜନକ। ସେହିପରି ଗତ ଜୁନ ମାସରେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନୂଆ ସ୍ମାର୍ଟ କାର୍ଡ ଦେବେ ବୋଲି ଘୋଷଣା କରିଥିଲେ। ମାତ୍ର ଏବେ ସୁଦ୍ଧା ଲୋକମାନଙ୍କୁ କାର୍ଡ ମିଳିନାହିଁ। ଏହା କେଉଁ ଏଜେନ୍ସି କରିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ଏପରି ସ୍ଥିତିରେ ୧ କୋଟିର ହିସାବ ରାଜ୍ୟ ସରକାର କେଉଁଠୁ ଆଣିଲେ ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହା ରାଜ୍ୟ ସରକାରଙ୍କ ପୁରୁଣା ମଦ ନୂଆ ବୋତଲ ସଦୃଶ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଭାଜପାର ଏହି ଅଭିଯୋଗକୁ ନେଇ ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟାୟକ୍ରମେ ଆରମ୍ଭ କରାଯାଇଛି। ସବୁ କଥାରେ ବିରୋଧ କରିବା ଭାଜପାର ଅଭ୍ୟାସଗତ ରୋଗରେ ପରିଣତ ହୋଇଛି। ଆମର ନୂଆ ମଦ ପୁରୁଣା ମଦ ନୁହେଁ ଏହା ସେମାନଙ୍କର କାମ। ସେତେବେଳର ଇନ୍ଦିରା ଆବାସ ଯୋଜନା ଏବେ ତାହା ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରାଯାଇଛି। ତେଣୁ ଏଥିରୁ ଧର୍ମେନ୍ଦ୍ର ପ୍ରଧାନ ଚିନ୍ତା କରନ୍ତୁ ନୂଆ ମଦ ପୁରୁଣା ବୋତଲ ଫର୍ମୁଲା କାହାର ବୋଲି ସମୀର କହିଛନ୍ତି।

# ମାଟିତଳୁ ଉଦ୍ଧାର ଶିଶୁକନ୍ୟା ଡାକ୍ତରଖାନାରୁ ନିଖୋଜ

- ଜନ୍ମ ପରେ ରାସ୍ତାପାର୍ଶ୍ୱରେ ପୋତି ଦେଇଥିଲେ
- କାନ୍ଦ ଶୁଣି ଉଦ୍ଧାର କରିଥିଲେ ଛେଳି ଚରାଳି
- ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ପତ୍ତା ମିଳୁନି



ଉଦ୍ଧାର ପରେ ଶିଶୁକନ୍ୟାଙ୍କୁ ମହିଳା ଜଣକ ନିଆଁ ସେକ ଦେଉଛନ୍ତି।

**ବନ୍ତଲା, ୨୮।୧୦ (ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳରେ ରବିବାର ଏକ ନବଜାତ ଶିଶୁ କନ୍ୟାଙ୍କୁ ଜୀବନ୍ତ ଅବସ୍ଥାରେ ମାଟି ତଳୁ ଉଦ୍ଧାର କରିଥିଲେ ଜଣେ ଛେଳି ଚରାଳି। ନୂଆକ୍ଷେତା ସାରୁଆଳି ଗ୍ରାମକୁ ଯାଇଥିବା ରାସ୍ତା ପାର୍ଶ୍ୱରେ କେହି କନ୍ୟା ସନ୍ତାନକୁ ପୋତି ଦେଇଥିବାବେଳେ କାନ୍ଦ ଶୁଣି ଛେଳି ଚରାଳି ଜଣକ ମାଟି ଖୋଳିବାରୁ ଶିଶୁଟିକୁ ଦେଖିବାକୁ ପାଇଥିଲେ। ପରେ ଶିଶୁ କନ୍ୟାଙ୍କୁ ଚିକିତ୍ସା ପାଇଁ ଅନୁଗୋଳ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଥଲା। ତେବେ ସେଠାରୁ ନବଜାତକ ନିଖୋଜ ହୋଇଯିବା ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ଘଟଣାରୁ ଜଣାପଡିଛି, ଉକ୍ତ ଅଞ୍ଚଳର ଜଣେ ଛେଳି ଚରାଳି ମଙ୍ଗୁଲୁ ଜାନି ସାରୁଆଳି ମଝିସାହି ତାଳବଣୀ ଠାରେ ଅପରାହ୍ନରେ ଛେଳି ଚରାଉଥିଲେ। ହଠାତ୍ ଜଣେ ଶିଶୁଙ୍କ କାନ୍ଦ ଶୁଣି ଖୋଜାଖୋଜି କରିବା ପରେ ରାସ୍ତାପାର୍ଶ୍ୱରେ ମାଟି ତଳୁ ସେ ଜଣେ ଶିଶୁ କନ୍ୟାଙ୍କୁ ଉଦ୍ଧାର କରିଥିଲେ। ତାଙ୍କ ସ୍ତ୍ରୀ ପ୍ରତିମା ଭୋଇ ଶିଶୁକନ୍ୟାଙ୍କୁ ସଫା ସୁତୁରା କରିବା ସହ ସ୍ଥାନୀୟ ଆଶାକର୍ମୀଙ୍କୁ ଖବର ଦେଇଥିଲେ। ଆଶାକର୍ମୀ ସୁକାନ୍ତି ନାଏକ ୧୦୨ ଆମ୍ବୁଲାନ୍ସରେ ଶିଶୁ କନ୍ୟାକୁ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବନ୍ତଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଶିଶୁଟିକୁ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ନିଆଯାଇଥିଲା। ଆଶା କର୍ମୀ ଓ ସାରୁଆଳି ଗ୍ରାମର ୩ ଜଣ ମହିଳା ପୁରୁଷ ଜିଲା ସାସ୍ଥ୍ୟକେନ୍ଦ୍ରକୁ ଶିଶୁଟିକୁ ନେଇ ବାହାରିଥିଲେ। ଆମ୍ବୁଲାନ୍ସ ସେଠାରେ ପହଞ୍ଚିବା ପରେ ଶିଶୁ କନ୍ୟାଙ୍କୁ ଆଶାକର୍ମୀ ସାଙ୍ଗରେ ଯାଇଥିବା ଗ୍ରାମବାସୀଙ୍କୁ ଧରାଇ ଡାକ୍ତରଖାନାର ଶିଶୁ ବିଭାଗକୁ ଯାଇଥିଲେ। ହେଲେ କିଛି ସମୟ ପରେ ସମ୍ପୃକ୍ତ ଗ୍ରାମବାସୀ ସେଠାରୁ ଶିଶୁ କନ୍ୟାଙ୍କ ସହ କେଉଁଆଡେ ଚାଲିଯାଇଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଅନୁଗୋଳ ଓ ବନ୍ତଲା ଥାନାକୁ ଜଣାଇଥିଲେ। ପରେ ସମ୍ପୃକ୍ତା ଆଶାକର୍ମୀଙ୍କୁ ନେଇ ବନ୍ତଲା ଥାନା ଆଇଆଇସି ସବ୍ୟସାଚୀ ରାଉତ ରାତି ପ୍ରାୟ ୮ ଟାରେ ସାରୁଆଳି ଗ୍ରାମକୁ ଯାଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଶିଶୁଟିର କୌଣସି ପତ୍ତା ମିଳିପାରିନାହିଁ।


ଏସମ୍ପର୍କରେଜିଲାଶିଶୁମଙ୍ଗଳଅଧିକାରୀଗୌରୀଶଙ୍କରବେହେରାକୁହନ୍ତି,ଉଦ୍ଧାର ଶିଶୁ କନ୍ୟାଙ୍କୁ ଜରୁରୀକାଳୀନ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଅପେକ୍ଷା କରିଥିଲୁ। ଆଶାକର୍ମୀ ଆମ୍ବୁଲାନ୍ସରେ ଶିଶୁଙ୍କୁ ନେଇ ଆସିଥିଲେ। ହେଲେ ଆମ୍ବୁଲାନ୍ସ ନିକଟରୁ ନବଜାତ ଶିଶୁ ସହ ଆସିଥିବା ଗ୍ରାମବାସୀ ହଠାତ୍ ନିଖୋଜ ହୋଇଗଲେ। ଏ ନେଇ ଅନୁଗୋଳ ଓ ବନ୍ତଲା ଥାନା ଅଧିକାରୀଙ୍କୁ ତୁରନ୍ତ ସୂଚନା ଦେଇଥିଲୁ।



ମଧ୍ୟପ୍ରଦେଶର ସୁଦାମା ନଗରରେ ଘଟିଛି ଏକ ଅଭାବନୀୟ ଘଟଣା। ଜଣେ ସଫେଇ କର୍ମଚାରୀଙ୍କ ୪ ବର୍ଷର ଝିଅକୁ ତାଙ୍କ ସମ୍ପର୍କୀୟ ମାମୁ ବଳାତ୍କାର କରିବା ପରେ ପଥରରେ ଛେଚି ହତ୍ୟା କରିଛନ୍ତି। ଏହାପରେ ମୃତଦେହକୁ ଏକ ନଦୀକୂଳରେ ଫିଙ୍ଗିଦେଇ ଚାଲିଯାଇଥିଲେ। ସ୍ଥାନୀୟ ଲୋକେ ମୃତଦେହକୁ ଦେଖି ପୋଲିସକୁ ଖବର ଦେବା ପରେ ନାବାଳିକାକୁ ଚିହ୍ନଟ କରାଯାଇଛି। ପୂର୍ବରୁ ମଧ୍ୟ ଉକ୍ତ ବଳାତ୍କାରୀ ମାମୁ ଜଣେ ନାବାଳିକାଙ୍କୁ ବଳାତ୍କାର କରି ହତ୍ୟା କରିଥିଲେ। ଏଥିପାଇଁ ତାଙ୍କୁ ଜେଲଦଣ୍ଡ ମଧ୍ୟ ଭୋଗିବାକୁ ପଡିଥିଲା।




## ଶ୍ରଦ୍ଧାଞ୍ଜଳି



ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟର ପୂର୍ବତନ ପ୍ରକାଶକ ଦଣ୍ଡପାଣି ମିଶ୍ରଙ୍କର ଆଜି ଚତୁର୍ଥ ଶ୍ରାଦ୍ଧଦିବସ। ଏହି ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି।

## କୁମ୍ଭୀର ମୁହଁରୁ ବର୍ତ୍ତିଲେ ବୃଦ୍ଧା

ରାଜନଗର, ୨୮।୧୦ (ଡି.ଏନ୍.ଏ.)

ଉପସ୍ଥିତ ବୁଦ୍ଧି ଖଟାଇ କୁମ୍ଭୀର ମୁହଁରୁ ବର୍ତ୍ତି ଯାଇଛନ୍ତି ଜଣେ ମହିଳା। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ରାଜପୁର ପଞ୍ଚାୟତ ବଳଭଦ୍ରପ୍ରସାଦ ଗ୍ରାମର ଦିବାକର ଦାସଙ୍କ ସ୍ତ୍ରୀ ଛଇଳା(୬୦) ଶନିବାର ସନ୍ଧ୍ୟାରେ ଘର ନିକଟସ୍ଥ ନାଳକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ଏକ ବଉଳା କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା। ତେବେ ଛଇଳା ଚିତ୍କାର କରିବା ସହ ଉପସ୍ଥିତ ବୁଦ୍ଧି ଖଟାଇ କୁମ୍ଭୀର ପେଟକୁ ଜୋରରେ ଗୋଇଠା ମାରିଥିଲେ। ଫଳରେ କୁମ୍ଭୀର ତାଙ୍କୁ ଛାଡି ପଳାଇଥିଲା।

# ୩ ଦିନ ପ୍ରବଳ ବର୍ଷିବ

- ୭ ଜିଲାକୁ ସତର୍କ ନିର୍ଦ୍ଦେଶ ଦେଲେ ଏସ୍‌ଆର୍‌ସି
- ଆଜି ଲଘୁଚାପରେ ପରିଣତ ହେବ
- ଚାଷୀଙ୍କ ପାଇଁ ଓୟୁଏଟିର ସର୍କୁଲାର ଜାରି
- ସମୁଦ୍ର ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କ



ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସୋମବାର ଲଘୁଚାପରେ ପରିଣତ ହେବାକୁ ଯାଉଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି। ଫଳରେ ୩ ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିବ। ଏହା ପ୍ରଭାବରେ ଉପକୂଳ ଓଡ଼ିଶାର ୭ଟି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଇ ଦିଆଯାଇଛି। ତେବେ ପ୍ରବଳ ବର୍ଷା ହେବାକୁ ଥିବା ଜିଲାଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ ଏବଂ ଗଞ୍ଜାମ। ପାଣିପାଗ କେନ୍ଦ୍ରର ସତର୍କ ସୂଚନା ଅନୁସାରେ, ଏସବୁ ଜିଲାର ଜିଲାପାଳଙ୍କୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟକୁ ପ୍ରାକୃତିକ ଦୁର୍ଦ୍ଦଶା ଛାଡୁନି। ଗୋଟିଏ ମାସରେ ବାତ୍ୟା ଏବଂ ଲଘୁଚାପଜନିତ ୩ ଦିନିଆ ଲଗାଣ ବର୍ଷା ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ। ଚଳିତ ମାସର ଦ୍ୱିତୀୟ ସପ୍ତାହରେ ବାତ୍ୟା ତିତ୍‌ଲି ଗଜପତି, ରାୟଗଡା ଏବଂ ଗଞ୍ଜାମ ଜିଲାର ମେରୁଦଣ୍ଡ ଭାଙ୍ଗିଦେଇଛି। ଏହାର ଦୁଃଖ ଲୋକଙ୍କ ମନରୁ ନ ଲିଭୁଣୁ ଏବେ ପୁଣି ଆଉ ଏକ ଲଘୁଚାପ। ଏହି ଲଘୁଚାପଜନିତ ଲଗାଣ ବର୍ଷା ଚାଷୀଙ୍କ ଅମଳ ହେବାକୁ ଥିବା ଫସଲକୁ ଉଜାଡି ଦେବାକୁ ବସିଛି। ଯଦିଓ ପାଣିପାଗ କେନ୍ଦ୍ର କହୁଛି ପବନ ଏବଂ ଅଧିକ ବର୍ଷା ହେବାର ଆଶଙ୍କା କମ୍। ତଥାପି ବର୍ଷା ଛାଡିଯିବା ପରେ ଫସଲରେ ପୋକ ଲାଗିବାର ସମ୍ଭାବନା ଥିବା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ପକ୍ଷରୁ କୁହାଯାଇଛି। ଏହାକୁ ନେଇ ଚାଷୀକୁଳ ଚିନ୍ତିତ ଥିବାବେଳେ ଓୟୁଏଟି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି ଯେ, ପାଚି ଯାଇଥିବା ସଅଳ ଓ ମଧ୍ୟମ କିସମ ଧାନକୁ ତୁରନ୍ତ କାଟିନେଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଜମିରୁ ବଳକା ପାଣି ବାହାରିଯିବା ପାଇଁ ନାଳି କରନ୍ତୁ। ସଅଳ କିସମ ଧାନ ବିଲରେ ଥାଇ ଗଜା ନ ହେବା ପାଇଁ ବର୍ଷା ଛାଡ଼ିଗଲା ପରେ ଶତକଡ଼ା ୨ ଭାଗ ଲୁଣ ପାଣି ସିଞ୍ଚନ କରନ୍ତୁ। ବର୍ଷା ଛାଡ଼ିଗଲା ପରେ ପଡ଼ିଯାଇଥିବା ପନିପରିବା ଗଛର ମୂଳକୁ ମାଟିଦେଇ ଠିଆ କରାଇ ଦେବାକୁ କୁହାଯାଇଛି। ଧାନ, ପନିପରିବା ଓ ଡାଲିଜାତୀୟ ଫସଲରେ କେତେକ ରୋଗପୋକ ଲାଗିବାର ସମ୍ଭାବନା ରହିଛି। ଧାନରେ ମାଟିଆଗୁଣ୍ଡି ପୋକ, କେଣ୍ଡାକଟା ପୋକ, ଗନ୍ଧିପୋକ, କେଣ୍ଡା ଅଷ୍ଟପଦୀ, ବେକ ମହିଷା/କେଣ୍ଡା ମହିଷା ରୋଗ, ପତ୍ରାଚ୍ଛାଦ ଶଢ଼ାରୋଗ, ବୀଜାଣୁଜନିତ ପତ୍ରପୋଡ଼ା ଭଳି ରୋଗ ହେବାର ସମ୍ଭାବନା ଅଛି। ସେହିପରି ପନିପରିବା ଓ ଡାଲିଜାତୀୟ ଫସଲରେ ଜଉପୋକ, ପାଉଁଶିଆ ରୋଗ ଓ ଝାଉଁଳା ରୋଗ ହେବାର ସମ୍ଭାବନା ଅଛି। ତେଣୁ ଚାଷୀମାନେ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ସହ ଯୋଗାଯୋଗ କରିବାକୁ ଓୟୁଏଟି ଡିନ୍ ଡ. ପ୍ରଭାତ କୁମାର ରାଉଳ କହିଛନ୍ତି।

ରବିବାର ମଧ୍ୟରାତ୍ରରୁ ବର୍ଷା ଆରମ୍ଭ ହୋଇ ୨୯, ୩୦ ଏବଂ ୩୧ ତାରିଖ ତିନିଦିନ ଧରି ପ୍ରବଳ ବର୍ଷା ହେବ। ୩୦ ତାରିଖରେ ବିଶେଷକରି ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଏବଂ ବାଲେଶ୍ୱର ଜିଲାରେ ଅଧିକ ବର୍ଷାର ସମ୍ଭାବନା ରହିଛି। ଏଥିପାଇଁ ଯୁଗ୍ମ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଭାତ କୁମାର ମହାପାତ୍ର କୁହନ୍ତି, ଯେଉଁ ଜିଲାଗୁଡିକରେ ଅଧିକ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ କରିଛି, ସେହି ଜିଲାର ଜିଲାପାଳଙ୍କୁ ପରିସ୍ଥିତି ଅନୁଯାୟୀ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରବିବାର ସକାଳୁ ଆକାଶ ମେଘାଚ୍ଛନ୍ନ ରହିଥିବା ବେଳେ ପୂର୍ବାହ୍ନରୁ ଭୁବନେଶ୍ୱର ଏବଂ କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି। ଲଘୁଚାପକୁ ଲକ୍ଷ୍ୟ ରଖି ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ନ ଯିବା ପାଇଁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଇ ଦିଆଯାଇଛି।





Your classified advertisement published in Dharitri will be listed free in Dharitri online edition :
www.dharitri.com






ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଅକ୍ଟୋବର ୨୯/୨୦୧୮



ଅନ୍ୟର ସମ୍ପତ୍ତି ପ୍ରତି ଲୋଲୁପ ଦୃଷ୍ଟି ନ ପକାଇଲେ, ତୁମ ସମ୍ପତ୍ତି ବୃଦ୍ଧି ପାଇବାର ସୁଯୋଗ ପାଇବ। - ପ୍ଲାଟୋ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................


ବିଭୁ
ପରିବାରବର୍ଗ


ରିଙ୍କୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

automobile

**SALE**

Bolero plus, Swift Dezire, Swift VDI, Hondacity, Tata ACE, Maximo Dala/ Passenger. 9853020992. D-68399

real estate

**SALE**

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

Duplex core house ranging Rs. 95,00,000/- land area 2000 sqft., construction 2800 sqft., 4BHK at Pokhariput, Bhubaneswar. Contact: 9861125539, 9040521173. D-63398

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

construction

Construct your building in finished house contact: 9937064680. D-27282

For construction of residential commercial building. Please. Contact: 7008268129, 9439143273. D-62132

**HEALTH CARE**

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Now Matrimonial ads. only on Wednesday & Sunday Book 1 Get 1 FREE

### ତୃତୀୟ ଜନ୍ମଦିନ ଶୁଭେଚ୍ଛା




(ବିଭୁ)

**ସାଇ ପ୍ରକାଶ ମହାରଣା**

ଗୁଜିଦରଡ଼ା, ମିରପାଟଣା, ଭଦ୍ରକ

ଆଜି ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓଁ ମା'ଭଦ୍ରକାଳୀଙ୍କ ପାଖରେ ଏତିକି ପ୍ରାର୍ଥନା ସେ ତୁମର ଚଲାପଥ କୁସୁମିତ କରନ୍ତୁ, ତଥା ଦୀର୍ଘାୟୁ, ସୁସ୍ଥ ଓ ଯଶସ୍ୱୀ କରାନ୍ତୁ। ଶୁଭେଚ୍ଛା ସହ: ବାପା, ମାମା, ଜେଜେମାଆ, ଜେଜେବାପା, ଅଜା, ଆଇ, ବଡ଼ବାପା, ବଡ଼ମାଆ, ପିଉସା, ପିଉସୀ, କାକୁ, ଦିଦି, ଭାଇ, ବନ୍ଧୁ ଓ ପରିବାରବର୍ଗ। ଧ-୮୯୩୨

### ଜନ୍ମଦିନ ଶୁଭେଚ୍ଛା



**କରମ୍‌ଜିତ୍ ଯଶରାଜ୍ ବିହାରୀ**

ବରିମୁଣ୍ଡେଇ, ନିଆଳି

ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ। ତୋର ଜନ୍ମଦିନରେ **ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଦାଦା, ଖୁଡୀ, ପିଇସା, ପିଉସୀ, ବନ୍ଧୁ ଓ ପରିବାରବର୍ଗ।** ଧ-୯୦୫୬

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



**ଶୁଭମ୍**

ଶୁଭ ଜନ୍ମଦିନରେ ଅନେକ ଶୁଭେଚ୍ଛା। ଶ୍ରୀଜଗନ୍ନାଥ ତୁମ ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବଡବାପା, ବଡମାମା, ବାବା, ମାମା, ମାମୁଁ, ମାଇଁ, ମଉସା, ମାଉସୀ, ଅପା, ପିଇସୀ, ଜେଜେ, ଜେଜେମା, ଅଜା, ବନ୍ଧୁବାନ୍ଧବବର୍ଗ। ଧ-୬୪୬୬୭

### ଦଶମ ଜନ୍ମଦିନ ଶୁଭେଚ୍ଛା



(ରିଙ୍କୁ)

**ଧନଞ୍ଜୟ ବାରିକ**

ତୋର ଦଶମ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା। ଗୁରୁଜନଙ୍କ ଆଶୀର୍ବାଦ ଏବଂ ଛୋଟମାନଙ୍କ ଶୁଭେଚ୍ଛା ରହିଛି। ତୋର: **ବାପା, ବୋଉ, ବଡବାପା, ବଡବୋଉ, ଜେଜେମା, ଦାଦା, ଖୁଡୀ ଓ ଭାଇ ଭଉଣୀ।** ଧ-୫୩୨୧୯

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ତ୍ରୁଟି ସଂଶୋଧନ

ଧରିତ୍ରୀ ୨୭।୧୦।୨୦୧୮ ସଂସ୍କରଣର ପ୍ରଥମ ପୃଷ୍ଠାରେ 'ଦଳ ଭିତରେ ଯୁବ ରାଜନୀତି' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏଥିରେ ପୂର୍ବତନ ଯୁବ କଂଗ୍ରେସ ସଭାପତି ରଜତ ଚୌଧୁରୀ ଚିଟ୍‌ଫଣ୍ଡ ଦୁର୍ନୀତିରେ ଗିରଫ ହୋଇ ଜେଲ୍ ଯାଇଥିବା ପରିବର୍ତ୍ତେ ଭୁଲ୍‌ବଶତଃ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଯାଇଥିଲେ ବୋଲି ଉଲ୍ଲେଖ ରହିଛି। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।


## ମନେ ପଡ଼ନ୍ତି

### ଅଶ୍ରୁଳ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
### ଦଶାହ ଉପଲକ୍ଷେ



**ସ୍ୱର୍ଗତ ଆର୍ତ୍ତବଲ୍ଲଭ ନନ୍ଦ**
(ଗଗନ ନନ୍ଦ)
ତାଳଚେର ଟାଉନ (ବିରାଦରପଡା)
ଆବିର୍ଭାବ: ୧୦।୦୫।୧୯୪୪
ତିରୋଧାନ: ୨୦।୧୦।୨୦୧୮
(ଭୁବନେଶ୍ୱର)
ଶୋକାକୁଳ ନନ୍ଦ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୯୦୬୫

### ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଅନଙ୍ଗପ୍ରଭା ନାୟକ**
ଗୋବିନ୍ଦପୁର, ପିପିଲି, ପୁରୀ
ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୁମର ଶୋକସନ୍ତପ୍ତ ସ୍ୱାମୀ ଲକ୍ଷ୍ମୀଧର, ପୁଅ-ସାନ୍ଟୁ, ଝିଅ-ଲିଜା, ଲିପା, ପୁତୁଲି, ଜ୍ୱାଇଁ-ପ୍ରଭାତ, ପାପୁନି ଏବଂ କଲ୍ୟାଣମୟୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ। ଧ-୬୪୬୬୬

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ




**ସ୍ୱର୍ଗତା ସୁଧାସିନୀ ପଟ୍ଟନାୟକ**
ଆବିର୍ଭାବ: ୦୭।୧୦।୧୯୪୬
ତିରୋଧାନ: ୨୯।୧୦।୨୦୧୩
ତୋର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ସ୍ୱାମୀ-ଜୟକୃଷ୍ଣ, ପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ସୁଧାସିନୀ ଭବନ, ମାରୁତି ନଗର, କାରିଗର ସାହି, ଢେଙ୍କାନାଳ। ଧ-୬୨୦୫୧

### ଏକାଦଶାହ ଉପଲକ୍ଷେ
### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଶଶିଭୂଷଣ ଦୋରା**
ଥାନୁଆଳ (ଝାରସୋଲ)
ଜାରକା, ଜି-ଯାଜପୁର
ଆବିର୍ଭାବ: ୦୧।୦୧।୧୯୩୩
ତିରୋଧାନ: ୧୯।୧୦।୨୦୧୮ (ପବିତ୍ର ଦଶହରା)
ଆପଣଙ୍କ ଅକୁଣ୍ଠ ସ୍ନେହ, କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଅସୀମ ତ୍ୟାଗ, ଆଜି ସ୍ମୃତି ପାଲଟି ଯାଇଛି। ସୃଷ୍ଟିର ଆବର୍ତ୍ତମାନରେ ଆପଣଙ୍କର ଅମରଆତ୍ମା ପରମ ସଦ୍‌ଗତି ଲାଭକରୁ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏକାନ୍ତ କାମ୍ୟ। ଆପଣଙ୍କର ଚିର ଆଶିଷ ଆଶାରେ ଶୋକସନ୍ତପ୍ତ ଏକମାତ୍ର ଝିଅ, ଜ୍ୱାଇଁ ଏବଂ ବନ୍ଧୁ ପରିବାରବର୍ଗ। ଧ-୬୪୦୧୭

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ସୁଦାମ ଚରଣ ସାମଲ**
କିରଣି, ଝଙ୍କଡ, ଜଗତ୍‌ସିଂହପୁର
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଗରାମ ମ.ଇ. ବିଦ୍ୟାଳୟ
ଆବିର୍ଭାବ: ୧୭।୩।୧୯୩୭
ତିରୋଧାନ: ତା ୧୯।୧୦।୨୦୧୮
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅମାନେ-ସୁକୁମାର, ସୁଧୀର, ସ୍ମୃତିରଞ୍ଜନ, ସରୋଜ, ବୋହୂମାନେ- ପୁଷ୍ପିତା, ଅପର୍ଣ୍ଣା, ରେଣୁବାଳା, ପ୍ରଜ୍ଞା, କନ୍ୟାମାନେ: ମମତା, ସାନ୍ଟୁ, ଜ୍ୱାଇଁ -କୈଳାଶ, ମାନସ ଓ ନାତିନାତୁଣୀମାନେ। ଧ-୯୧୨୨

Your Classified Advertisement published in Dharitri will be listed free in Dharitri Online Edition: www.dharitri.com


## ଚାକିରି ନାଁରେ ହେଉଛି ଯୁବତୀ ଚାଲାଣ

# ନିର୍ଦ୍ଦେଶନାମା ଜାରି କଲା କ୍ରାଇମ୍‌ବ୍ରାଞ୍ଚ

### ପ୍ଲେସ୍‌ମେଣ୍ଟ ଏଜେନ୍ସି ଉପରେ ନଜର ରଖିବାକୁ ନିର୍ଦ୍ଦେଶ

**କଟକ ଅଫିସ୍, ୨୮।୧୦**

ଚାକିରି ଦେବା ନାଁରେ ଯୁବତୀ ଚାଲାଣ ହେଉଥିବା ଘଟଣା ଦେଖିବାକୁ ମିଳୁଛି। ଦେଶର ବଡ଼ ବଡ଼ ସହର ସମେତ ଅନ୍ୟ ଦେଶକୁ ଯୁବତୀମାନଙ୍କୁ ଚାଲାଣ କରାଯାଉଛି। ଝାଡ଼ଖଣ୍ଡର କେତକ ଯୁବତୀଙ୍କୁ ଏଭଳି ଚାଲାଣ କରାଯାଇଥିବା ନେଇ ସେଠାକାର ଏମ୍‌ପି ଲକ୍ଷ୍ମଣ ଗିଲୱା ନିକଟରେ ପାର୍ଲାମେଣ୍ଟରେ ପ୍ରଶ୍ନ ଉଠାଇଥିଲେ। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟର ପୋଲିସ ବିଭାଗକୁ ଚାକିରି ଦେଉଥିବା ପ୍ଲେସ୍‌ମେଣ୍ଟ ଏଜେନ୍ସି କାର୍ଯ୍ୟଶୈଳୀ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଥିଲା। ତେଣୁ କ୍ରାଇମବ୍ରାଞ୍ଚ ପକ୍ଷରୁ ରବିବାର ସମସ୍ତ ଏସ୍‌ପି ଏବଂ କମିଶନରେଟ ପୋଲିସର ଡିସିପିଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଓଡ଼ିଶାରୁ ଯୁବତୀ ଚାଲାଣ ଭଳି ଘଟଣା ଦେଖିବାକୁ ମିଳୁଥିବାରୁ ସମସ୍ତ ପ୍ଲେସ୍‌ମେଣ୍ଟ ଏଜେନ୍ସି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସମସ୍ତ ଥାନା ଅଧିକାରୀଙ୍କୁ ନିଜ ଅଞ୍ଚଳରେ ଥିବା ପ୍ଲେସ୍‌ମେଣ୍ଟ ଏଜେନ୍ସି ଏବଂ ବିବାହ ପାଇଁ ଥିବା ସଂସ୍ଥାଗୁଡିକର ଏକ ଡାଟାବେସ ତିଆରି କରିବାକୁ କୁହାଯାଇଛି। ଏନେଇ ମହିଳା ଓ ଶିଶୁ ଉନ୍ନୟନ ବିଭାଗ, ଶ୍ରମ ବିଭାଗ, ରେଲୱେ, ପର୍ଯ୍ୟଟନ ବିଭାଗ ଏବଂ ବେସରକାରୀ ସଂସ୍ଥାଗୁଡିକ ସହ ଯୋଗାଯୋଗ ରଖିବାକୁ ପରାମର୍ଶ ଦିଆଯାଇଛି। ଚାକିରି ନାଁରେ କେତେକ ସଂସ୍ଥା ଯୁବତୀ ଚାଲାଣ କରୁଥିବା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ କୁହାଯାଇଛି। ବସ୍‌ଷ୍ଟାଣ୍ଡ, ରେଲଷ୍ଟେଶନ, ବିମାନବନ୍ଦର, ହୋଟେଲ, ଗେଷ୍ଟହାଉସ ଆଦି ଜନଗହଳିପୂର୍ଣ୍ଣ ସ୍ଥାନଗୁଡିକରେ ନିୟମିତ ବ୍ୟବଧାନରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ବିନା ଲାଇସେନ୍ସରେ କୌଣସି ପ୍ଲେସ୍‌ମେଣ୍ଟ ଏଜେନ୍ସି ଖୋଲାଯାଇଥିବାର ଦେଖିବାକୁ ମିଳୁଛି ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯବତୀମାନଙ୍କୁ ବିଦେଶ ଚାଲାଣ କରାଯାଉଥିବାରୁ ପାସପୋର୍ଟ ଯାଞ୍ଚ ବେଳେ ଧ୍ୟାନଦେବାକୁ ନିର୍ଦ୍ଦେଶ ରହିଛି। ସମସ୍ତ ଥାନା ଅଧିକାରୀ ଯେପରି ଏହା ଠିକ୍ ଭାବେ ପାଳନ କରିବେ ତା'ର ତଦାରଖ ପାଇଁ ସମସ୍ତ ଏସ୍‌ପି ଏବଂ ଡିସିପିଙ୍କୁ କୁହାଯାଇଛି।

ପ୍ରଥମ ପୃଷ୍ଠାରୁ...

## କ୍ରାଇମବ୍ରାଞ୍ଚ ତଦନ୍ତ...

ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ଆକ୍ଟ-୫୭ ଅନୁଯାୟୀ କେସ୍ ନଂ. ୧୧୬/୧୮, ଦଫା ୧୬୬, ୪୨୯ ଓ ୩୪ରେ ମାମଲା ରୁଜୁ କରାଯାଇଛି। ସେହିପରି କ୍ରାଇମବ୍ରାଞ୍ଚ ପକ୍ଷରୁ ନଂ. ୨୩/୧୮ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

ଅପରାହ୍ନ ୫ଟାରେ କ୍ରାଇମବ୍ରାଞ୍ଚ ଏସ୍‌ପି ଏମ୍.ଏସ୍. ସମ୍ପଦଙ୍କ ନେତୃତ୍ୱରେ ଡିଏସ୍‌ପି ଦେବୀଦତ୍ତ ବିଶ୍ୱଜୀବନ ମିଶ୍ରଙ୍କ ସମେତ ୪ଜଣିଆ ଅଧିକାରୀ ଦଳ ଏବଂ ଢେଙ୍କାନାଳ ଏସ୍‌ପି ସନ୍ତୋଷ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ହାତୀମୃତ୍ୟୁସ୍ଥଳରେ ଖୋଳତାଡ଼ କରିଥିଲେ। ଅଧିକାରୀମାନେ ବନ ବିଭାଗ ଏବଂ ସେସୁ କର୍ମଚାରୀଙ୍କୁ ପଚରାଉଚୁରା କରିବା ସହ କମ୍ ଉଚ୍ଚତାରେ ଟଣାଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସମେତ ପାରିପାର୍ଶ୍ୱିକସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଏଥିସହ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରି ସାକ୍ଷ୍ୟପ୍ରମାଣ ଗ୍ରହଣ କରିଥିଲେ। ଥାନାରେ ହୋଇଥିବା ଅଭିଯୋଗକୁ ଭିତ୍ତିକରି ତଦନ୍ତ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଅଧିକାରୀମାନେ ସୂଚନା ଦେଇଛନ୍ତି। ଏଥିପୂର୍ବରୁ ମଧ୍ୟାହ୍ନରେ ପିସିସିଏଫ୍ ସନ୍ଦୀପ ତ୍ରିପାଠୀ, ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ଏସିଏଫ୍ ଜିତେନ୍ଦ୍ରନାଥ ଦାସ, ଏସ୍‌ଡିପିଓ ଶେଖ୍ ଅବଦୁଲ କରିମ୍ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏପରି ଅଭାବନୀୟ ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ପିସିସିଏଫ୍ ବନ ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି।

ଅନ୍ୟପଟେ ହାତୀମୃତ୍ୟୁ ଘଟଣା ପରେ ସରକାରଙ୍କୁ ଅକଳରେ ପକାଇବାକୁ ଭାଜପା ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ରାଜ୍ୟ ଶକ୍ତିମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ଦୁଇ ବିଭାଗୀୟ ସଚିବ ଏବଂ ପିସିସିଏଫ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଦଳ। ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା, ବିଷ୍ଣୁପ୍ରସାଦ ଲେଙ୍କା ପ୍ରମୁଖ ଏ ନେଇ କଣ୍ଟାବଣିଆ ଥାନାରେ ଅଭିଯୋଗ କରିଛନ୍ତି।

**ସରିଲା ମୃତଦେହ ବ୍ୟବଚ୍ଛେଦ**

ଓଡ଼ାପଡ଼ା ବ୍ଲକ କମଳାଙ୍ଗ ନିକଟ ରେଙ୍ଗାଳି ଦକ୍ଷିଣ ଉପଶାଖା କେନାଲ ନିକଟରେ ଶନିବାର ଏକ ଅଭାବନୀୟ ଘଟଣାକ୍ରମେ କମ୍ ଉଚ୍ଚତାରେ ଝୁଲି ରହିଥିବା ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୫ମାଈ, ୨ ଅଣ୍ଡିରା ଏବଂ ଗୋଟିଏ ଶାବକ ପ୍ରାଣ ହରାଇଥିଲେ। ବିଦ୍ୟୁତ୍ ଝଟ୍‌କାରେ ୩ ହାତୀ କେନାଲ ଭିତରକୁ ଖସିପଡ଼ିଥିଲେ। ଶନିବାର ରାତି ସୁଦ୍ଧା ୪ ହାତୀଙ୍କ ବ୍ୟବଚ୍ଛେଦ ହୋଇଥିବାବେଳେ ରବିବାର ଅବଶିଷ୍ଟ ହାତୀଙ୍କ ବ୍ୟବଚ୍ଛେଦ ହୋଇଛି। ମୃତଦେହ ଘଟଣାସ୍ଥଳ ନିକଟରେ ପୋତି ଦିଆଯାଇଛି।

## ସାଧାରଣତନ୍ତ୍ର ଦିବସରେ...

ନାହିଁ ବୋଲି ସେଠାକାର ଅନ୍ୟ କେତେଜଣ ଅଧିକାରୀ କହିଛନ୍ତି। ରୁଷିଆଠାରୁ ଭାରତ ଏସ୍-୪୦୦ କ୍ଷେପଣାସ୍ତ୍ର କିଣିବା ପାଇଁ ଚୁକ୍ତିବଦ୍ଧ ହୋଇଛି। ସେହିପରି ଇରାନଠାରୁ ତୈଳ ଆମଦାନୀ ଉପରେ ଆମେରିକା କଟକଣା ଜାରି କରିଛି। ଏହାକୁ ବେଖାତିର କରି ଭାରତ ତେହେରାନଠାରୁ ତୈଳ କିଣିବାକୁ ନିଷ୍ପତ୍ତି ନେଇଛି। ତେଣୁ ଏହାର ପ୍ରତିବାଦରେ ଟ୍ରମ୍ପ୍ ତାଙ୍କର ନୂଆଦିଲ୍ଲୀ ଗସ୍ତକୁ ବାତିଲ କରିଦେଇଥିବା ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି। ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତି ଆଗକୁ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ପ୍ରକାଶ ଯେ, ୨୦୧୫ ସାଧାରଣତନ୍ତ୍ର ଦିବସରେ ଟ୍ରମ୍ପ୍‌ଙ୍କ ପୂର୍ବସୁରୀ ବାରାକ୍ ଓବାମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭାରତ ପକ୍ଷରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମରେଯୋଗଦେବାରେଓବାମାହେଉଛନ୍ତିପ୍ରଥମଆମେରିକୀୟରାଷ୍ଟ୍ରପତି।

## ବାଘକୁ ମାରି...

ଡିଏଫଓ ସୁଦୀପ୍ତ କୁମାର ନାୟକ କହିଛନ୍ତି ଯେ, ବାଘର ମୃତଦେହ ଉଦ୍ଧାର କରାଯାଇଛି। ତାହା ମହାବଳ ବାଘର ନୁହେଁ, ଏକ ଚିତାବାଘର ମୃତଦେହ ବୋଲି ଜଣାପଡ଼ିଛି। ମୃତ୍ୟୁର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ତାହା ଯଦି ଶିକାର ହୋଇଥାଏ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମୃତ୍ୟୁ ଯଦି ବିଷକ୍ରିୟାଜନିତ ହୋଇଥିବ ତେବେ ସେ ନେଇ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିଏଫଓ ନାୟକ ପ୍ରକାଶ କରିଥିଲେ।



ଘଟଣାସ୍ଥଳରେ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ।

ପ୍ରକାଶ ଯେ, ଦେବ୍ରିଗଡ଼ ଅଭୟାରଣ୍ୟରେ ଏକ ମହାବଳ ବାଘକୁ ମାରି ପୋତି ଦିଆଯିବା ସହିତ ଦାନ୍ତ, ନଖ କାଢ଼ି ନେଇଥିବା ଚର୍ଚ୍ଚା ହୋଇଥିଲା। ଖବର ପାଇ ସ୍ଥାନୀୟ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବରଗଡ଼ ଡିଏଫଓ ଅଭୟ ଦଲେଇ, ରେଞ୍ଜର ମହେନ୍ଦ୍ର ପାତ୍ର, ଭଟଲି ରେଞ୍ଜର ରାଜେନ୍ଦ୍ର କୁମାର ଭୋଇ ପ୍ରମୁଖ ସେଠାରେ ପହଞ୍ଚି ଘଟଣାସ୍ଥଳରୁ ବାଘର ମୃତଦେହ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ମୃତବାଘଟି ମହାବଳ ନୁହେଁ, ତାହା ଏକ ଚିତାବାଘ ବୋଲି ସ୍ପଷ୍ଟ ହୋଇଥିବା ହୀରାକୁଦ ବନ୍ୟପ୍ରାଣୀ ବିଭାଗର ଡିଏଫଓ ନାୟକ କହିଛନ୍ତି। ଅନ୍ୟପକ୍ଷେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ମୃତବାଘର ଲାଙ୍ଗୁଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଯେଉଁ ଆକାର ରହିଛି ତାହା ଚିତାବାଘର ନୁହେଁ। ଏକ ମହାବାଳ ବାଘ ବୋଲି ଅନୁମାନ କରାଯାଉଛି। ମୃତବାଘ ସମ୍ପର୍କରେ ଖବର ପାଇ ଆମେ ବନ୍ୟପ୍ରାଣୀ ବିଭାଗକୁ ଖବର ଦେଇଥିଲୁ। ଖବର ପାଇ ବିଭାଗୀୟ ଅଧିକାରୀମାନେ ପହଞ୍ଚି ବାଘର ମୃତଦେହ ଉଦ୍ଧାର କରିଥିଲେ। ଏନ୍‌ଟିସିଏର(ନ୍ୟାଶନାଲ ଟାଇଗର କନଜରଭେସନ ଅଥରିଟି) ଗାଇଡ ଲାଇନ ଅନୁସାରେ, ମୃତବାଘର ନମୁନା ସଂଗ୍ରହ କରି ଡିଏନଏ ଟେଷ୍ଟ ପାଇଁ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆକୁ ପଠାଗଲେ ତାହା କେଉଁ ବାଘର ମୃତଦେହ ସ୍ପଷ୍ଟ ହୋଇଯିବ। ତେବେ ବାଘର ମୁହଁ ଅଂଶକୁ କାଟି ଦିଆଯାଇ ଥିବା ଯୋଗୁ ଦୁର୍ବୃତ୍ତମାନେ ଦାନ୍ତ କାଢ଼ି ନେଇଥିବା ଅନୁମାନ କରାଯାଉଛି। ଏହାପରେ ଘଟଣାକୁ ଚପାଇ ଦେବା ପାଇଁ ମୃତଦେହକୁ ପୋତି ଦେଇଥିବା ସନ୍ଦେହ କରାଯାଉଛି । ତେବେ ଦୁର୍ବୃତ୍ତମାନେ ବାଘ ଶରୀରର କେଉଁ ଅଂଶ କାଢ଼ି ନେଇଛନ୍ତି, ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ ଏବଂ ବ୍ୟବଚ୍ଛେଦ ପରେ ତାହା ଜଣାପଡ଼ିବ ବୋଲି ଡିଏଫଓ ନାୟକ ପ୍ରକାଶ କରିଛନ୍ତି। ବ୍ୟବଚ୍ଛେଦ ପାଇଁ ଘଟଣାସ୍ଥଳରେ ଭଟଲି ପ୍ରାଣୀ ଚିକିତ୍ସା ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ପହଞ୍ଚିଛନ୍ତି। ତେବେ ସନ୍ଧ୍ୟା ହୋଇ ଯାଇଥିବାରୁ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପାରିନାହିଁ। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପ୍ରକାଶଯୋଗ୍ୟ ଯେ, ଦେବ୍ରିଗଡ଼ରେ କିଛିମାସ ତଳେ ଏକ ମହାବଳ ବାଘ ଦେଖାଯାଇଥିଲା। ମିଳିଥିବା ମୃତଦେହ ସେହି ବାଘର ବୋଲି ସାଧାରଣରେ ଆଲୋଚନା ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମାଧିପ କେତୁ ନକ୍ଷତ୍ରରେ ଥିବାରୁ କାର୍ଯ୍ୟହାନୀ, କଳହ, ଧନକ୍ଷୟାଦି ଘଟିପାରେ। ଏହା ସଙ୍ଗକୁ ଦୀର୍ଘ ଦିନରୁ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା ଜାରିରଖିଲେ ଆଗାମୀ ଆଶା ପୂରଣ ହେବା ସମ୍ଭାବନା ରହିଛି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ବୃଷ** ଭାଗ୍ୟାଧିପ ଗୁରୁକ୍ଷେତ୍ରରେ ଥିବାରୁ ପ୍ରତ୍ୟେକ ସଂକଟକୁ କୌଣସି ପଦସ୍ଥବ୍ୟକ୍ତିଙ୍କ ସହାୟତାରେ ସାଧନ କରିପାରିବେ। ଅଭାବ ପୂରଣ ଦିଗରେ ସହକର୍ମୀ କିମ୍ବା ପାଖ ପଡୋଶୀଙ୍କ ସାହାଯ୍ୟ କାମକୁ ଆସିବ। ପିଲାମାନଙ୍କ ପଢା ସମସ୍ୟା, ପରିବହନରେ ଝଗଡା, ସଭାସମିତିରେ ବିତର୍କ ଜନିତ ସାମୟିକ ଅସ୍ଥିରତାର ସୂଚନା ମଧ୍ୟ ରହିଛି।

**ମିଥୁନ** ଗୁରୁନକ୍ଷତ୍ରସ୍ଥ ବୁଧ ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ ଓ ଉତ୍ତମ ପରାମର୍ଶରେ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରିବେ। ଜମିଜମା କାରବାର,ବାଣିଜ୍ୟ ବ୍ୟବସାୟ, ପରିବହନ ଦିଗରୁ ସମସ୍ୟା ଓ ପ୍ରତିବନ୍ଧକ ହଟିଯିବାର ସୂଚନା ରହିଛି। ମାଲି ମକଦ୍ଦମା, ଆଲୋଚନା, ଗବେଷଣା, ପ୍ରେସ୍ ପବ୍ଲିକେଶନ କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିପାରେ।

**କର୍କଟ** ଚତୁର୍ଥଭାବରେ ରବି ଓ ଶୁକ୍ରଙ୍କ ସ୍ଥିତି ଜନିତ ବନ୍ଧୁଙ୍କ ସାହାଯ୍ୟରୁ ନୂତନ କର୍ମାରମ୍ଭ, ଭ୍ରମଣ ସୁଯୋଗ ପାଇବେ। ବନ୍ଧୁଙ୍କ ନିମନ୍ତ୍ରଣ,ଦୂରଯାତ୍ରା ଓ ବନ୍ଧୁମିଳନ ଜନିତ ମନ ଏକପ୍ରକାର ଖୁସୀ ରହିବ। କିନ୍ତୁ ଅଶ୍ଳେଷା ନକ୍ଷତ୍ରର ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଉପୁଜିପାରେ।

**ସିଂହ** ଶନିଙ୍କ ପ୍ରଭାବରୁ ସନ୍ତାନଙ୍କ ସମ୍ପର୍କୀୟ ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଯାହା ଚିନ୍ତା କରିବେ ବାସ୍ତୁ କ୍ଷେତ୍ରରେ ତାହାର ଓଲଟା ପ୍ରତିଫଳନ ଘଟିବ। ସଦାବେଳେ ହାତଖାଲି ରହିବା କାରଣରୁ ମନରେ ସରସତା ରହି ନ ପାରେ। ଅବଶ୍ୟ ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ଅପୂରଣୀୟ ଆଶା, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**କନ୍ୟା** ଗ୍ରହଚକ୍ରରେ ଶୁଭଗ୍ରହମାନଙ୍କ ସୁପ୍ରଭାବକୁ ସତ୍କର୍ମରେ ବିନିଯୋଗ କରିପାରିଲେ ସମସ୍ତ ସିଦ୍ଧିଲାଭ କରିପାରିବେ। ସମସ୍ୟା ହଟିଯିବ, ଅର୍ଥପାଇବେ, ସମ୍ମାନ ମିଳିବ ଓ ବନ୍ଧୁମାନଙ୍କ ଆଦର ସୋହାଗ ପାଖକୁ ଛୁଟିଆସିବ। ତଥାପି ଉତରାଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ଯାତ୍ରା ସମ୍ପର୍କରେ ଦୁଃଚିନ୍ତା ବଢିବ।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବା ସହ ଅର୍ଥ, ସମ୍ମାନ ସହ ବନ୍ଧୁମିଳନ ଯୋଗ ରହିଛି। ନିକଟ ସମ୍ପର୍କୀୟ ମାନଙ୍କକଥାରେ ପ୍ରଭାବିତ ହୋଇ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିବେ। ସଭା ସମିତି କିମ୍ବା ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତି ବଦଳାଇବାକୁ ପଡିପାରେ।

**ବିଛା** ଅନୁକୂଳ ଗ୍ରହ ପ୍ରଭାବ ରହିଥିଲେ ମଧ୍ୟ ଉଦ୍ୟମ ବ୍ୟତିରେକ ଚେଇଁ ଶୋଇଲେ ହାତ ପାହାନ୍ତାରୁ ସୁଯୋଗ ଖସିଯାଇପାରେ। ଶନିଙ୍କ ପ୍ରଭାବରୁ ଠିକଣା ସମୟରେ ଉଚିତ ପଦକ୍ଷେପ ନନେଇ ଭାଗ୍ୟ ଓ କର୍ମକୁ ନିନ୍ଦା କରିବା ମୂଲ୍ୟହୀନ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ ଆଦିରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିପାରନ୍ତି।

**ଧନୁ** ରାହୁ ଓ କେତୁଙ୍କ କୁପ୍ରଭାବରୁ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନୀ ଘଟିବାର ଆଶଙ୍କା ରହିଛି। ଟିକିଏ ଟିକିଏ କଥାରେ ରାଗି,କଡାକଥା କହି ନିଆଁବାଣ ହେଲେ ନିଜର କ୍ଷତି ବ୍ୟତୀତ କିଛି ଲାଭ ହେବନି । ପାରିବାରିକ କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟାଶୀଳ ହେବା ନାହିଁ। ପ୍ରକାଶନ,ପ୍ରଶାସନ, ସାହିତ୍ୟ,ଏଜେନସିପ୍ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** ସ୍ଥଗିତ କାମକୁ ଯୁଦ୍ଧକାଳୀନ ଭିତିରେ ସମାପ୍ତକରି ଆତ୍ମତୃପ୍ତି ଲାଭ କରିବେ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ମନାନ୍ତର ଦେଖାଦେଇପାରେ।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିବା ସହ ସ୍ଥଗିତ ରହିଯାଇଥିବା କାମର ପୁନଃଆରମ୍ଭ ପାଇଁ ଯୋଜନା କରିପାରନ୍ତି। ନୂତନ ଗୃହ, ଯାନବାହାନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ବିବାଦୀୟ ମାମଲା, ଜମିଜମା ସମସ୍ୟା ସମ୍ପର୍କୀୟ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ। କୌଣସି ସରକାରୀ ସାହାଯ୍ୟର ସୂଚନା ପାଇବେ।

**ମୀନ** ପାଖପଡୋଶୀଙ୍କ ସାହାଯ୍ୟ, ସହଯୋଗରେ କାର୍ଯ୍ୟସିଦ୍ଧି ସହ ପ୍ରିୟ ବନ୍ଧୁମାନଙ୍କ ବନ୍ଧୁଙ୍କ ଆଦର ସୋହାଗ ମନକୁ ପ୍ରଫୁଲ୍ଲିତ କରି ରଖିବ। କୌଣସି କ୍ଷେତ୍ରରୁ ଆଶାଜନକ ଅର୍ଥ, ସମ୍ମାନ, ଉପଢ଼ୌକନ, ବସ୍ତ୍ର ଭୂଷଣାଦି ପ୍ରାପ୍ତି ହୋଇପାରେ। ସଭାସମିତିରେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଓ ସଙ୍ଗକୁ ଆନୁଷ୍ଠାନିକ କାମରେ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ।

ଆଜି କାର୍ତ୍ତିକ କୃଷ୍ଣ ୫ମୀ ସୋମବାର, ଅକ୍ଟୋବର ୨୯ ତାରିଖ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଦିବା ଘ୭।୧୨ମି. ମଧ୍ୟେ ଘ୧।୨୨ମି. ଗତେ, ଘ୨।୫୭ମି. ମଧ୍ୟେ ଘ୪।୨୬ମି. ଗତେ, ଘ୬।୦୦ମି. ମଧ୍ୟେ ଅମୃତବେଳା। ଦିବା ଘ୮।୦୫ମି. ଗତେ ଘ୧୦।୧୮ମି. ମଧ୍ୟେ, ଘ୧୧।୪୯ମି. ଗତେ ଘ୧।୧୦ମି. ମଧ୍ୟେ, ଘ୨।୩୫ମି. ଗତେ ଘ୪।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୧୫ମି. ଗତେ ଘ୮।୪୦ମି. ମଧ୍ୟେ ରାହୁକାଳ।

## ଆନ୍ଦୋଳନକାରୀଙ୍କୁ ଉତ୍ତେଜିତ କରିବା ଅଭିଯୋଗ

# ଅନୁଗୋଳ ଜିଲା ଭାଜପା ସଭାପତି ଗିରଫ

ଅନୁଗୋଳ ଅଫିସ୨୮।୧୦

ବାଘୁଣୀ 'ସୁନ୍ଦରୀ' ଆକ୍ରମଣରେ ଅନୁଗୋଳ ଜିଲା ଟାଇଁସି ଅଞ୍ଚଳର ତ୍ରିନାଥ ସାହୁଙ୍କ ମୃତ୍ୟୁ ଅଭିଯୋଗକୁ ନେଇ ପୋଲିସ-ଜନତା ମଧ୍ୟରେ ହୋଇଥିଲା ଖଣ୍ଡଯୁଦ୍ଧ। ଏହି ହିଂସାକାଣ୍ଡ ପାଇଁ ଆନ୍ଦୋଳନାରୀଙ୍କୁ ଉସ୍କାଇଥିବା ଅଭିଯୋଗରେ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନଙ୍କୁ ରବିବାର ଗିରଫ କରାଯାଇଛି। ଅନୁଗୋଳ ପୋଲିସ ଖୋର୍ଦ୍ଧା ଜିଲା ମେଣ୍ଢାଶାଳରୁ ପ୍ରଧାନ ଓ ତାଙ୍କ ଡ୍ରାଇଭର ବଇଣ୍ଠା ପାପସରା ଅଞ୍ଚଳର ବିପିନ ବିହାରୀ ସାହୁଙ୍କୁ ଗିରଫ କରିଛି। ପ୍ରଧାନଙ୍କ ବିରୋଧରେ ୧୯ଟି ଦଫାରେ ମାମଲା ହୋଇଥିବା ଅନୁଗୋଳ ଏସ୍‌ଡିପିଓ ହରିହର ପାଣି ସୂଚନା ଦେଇଛନ୍ତି। ପୋଲିସ କହିଛି, ବାଘୁଣୀ ଆକ୍ରମଣରେ ତ୍ରିନାଥଙ୍କ ମୃତ୍ୟୁ ହେବା ପରେ ମୃତଦେହ ରଖି ଲୋକେ ମୁଣ୍ଡାସାହି ଛକଠାରେ ଗତ ୨୧ ତାରିଖରେ ୫୫ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହି ସମୟରେ ପୋଲିସ ଉପରକୁ ଢେଲା ମାଡ, ଗାଡି ଭଙ୍ଗାରୁଜା, ପୋଡାଜଳା କରିବା, ପୋଲିସ ପ୍ରଶାସନ ବିରୋଧରେ ଆନ୍ଦୋଳନକାରୀ ଜନତାଙ୍କୁ ଉତ୍ତେଜିତ କରିବାରେ ଭାଜପାର ଜିଲା ସଭାପତିଙ୍କ ସମ୍ପୃକ୍ତି ରହିଥିଲା। ଏ ନେଇ ତାଙ୍କ ନାମରେ ପୂର୍ବରୁ ପୁରୁଣାକୋଟ ଥାନାରେ ନଂ. ୨୩, ୨୪, ୨୫, ୨୬ ଓ ୨୮/୧୮ ଏବଂ ଜରପଡା ଥାନାରେ ନଂ. ୧୯୫, ୧୯୬, ୧୧୮/୧୮ରେ ମାମଲା ରୁଜୁ ହୋଇଥିଲା। ଘଟଣା ପରେ ଭାଗୀରଥି ଗତ ୨୨ ତାରିଖରୁ ଫେରାର ହୋଇଯାଇଥିଲେ। ତାଙ୍କୁ ଧରିବା ପାଇଁ ପୋଲିସର ୩ଟି ଟିମ୍ ଉଦ୍ୟମ ଜାରି ରଖିଥିବାବେଳେ ରବିବାର ତାଙ୍କୁ ଗାଡ଼ିକୁ ପିଛା କରି ମେଣ୍ଢାଶାଳରୁ ଗିରଫ କରିଥିବା ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି। ଡାକ୍ତରୀ ମାଇନା ପରେ ପ୍ରଧାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଜିଲା ସଭାପତିଙ୍କୁ ଆକ୍ରୋଶମୂଳକ ଭାବେ ପୋଲିସ ଗିରଫ କରିଥିବା ଜିଲା ଭାଜପା ପକ୍ଷରୁ ଅଭିଯୋଗ କରାଯିବା ସହ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିସହ ଦଳ ମୁଖ୍ୟାଳୟ ପକ୍ଷରୁ ମଧ୍ୟ ଏହି ଗିରଫଦାରୀକୁ ନିନ୍ଦା କରାଯାଇଛି।

**■ମେଣ୍ଢାଶାଳରୁ ଉଠାଇନେଲା ଜିଲା ପୋଲିସ**




# ପୁରୀ ହିଂସା: ଆଉ ୫ ଗିରଫ

ପୁରୀ ଅଫିସ,୨୮।୧୦

ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ଘଟିଥିବା ହିଂସାରେ ଗିରଫଙ୍କ ସଂଖ୍ୟା ଶହେ ଅତିକ୍ରମ କରିଛି। ପୂର୍ବରୁ ପୋଲିସ ୧୦୦ ଜଣଙ୍କୁ ଗିରଫ କରିଥିବାବେଳେ ରବିବାର ଆଉ ୫ ଜଣଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ମଣିକର୍ଣ୍ଣିକା ସାହି ହଜୁରି ଲେନ୍‌ର ବାସୁଦେବ ଓରଫ୍ ପଦ୍ମନାଭ ଖୁଣ୍ଟିଆ, ମାଟିମଣ୍ଡପ ସାହିର ସଞ୍ଜୟ କୁମାର ଗୌଡ଼, ଜଗା ଓରଫ୍ ଅଜୟ ସାହୁ, ବାସେଳି ସାହିର କାହ୍ନା ଓରଫ୍ ସନ୍ତୋଷ ପାତ୍ର ଓ ପିଡବ୍ଲୁଡି କଲୋନୀରେ ରହୁଥିବା ଚନ୍ଦନପୁର ଥାନା ବୀରନରସିଂହପୁରର କାଳୁ ଚରଣ ଦାଶ। ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ସିଂହଦ୍ୱାର ଥାନାରେ ରୁଜୁ କେସ୍ ନଂ.୮୫/୧୮ରେ ବାସୁଦେବ ଏବଂ ଟାଉନ ଥାନା ପୋଲିସ କେସ୍ ନଂ. ୧୬୭/୧୮ରେ ସଞ୍ଜୟ, କାହ୍ନା, ଜଗା ଓ କାଳୁଚରଣଙ୍କୁ ଗିରଫ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଗତ ୩ ତାରିଖରେ ପୁରୀ ବନ୍ଦ ଡାକରା ଦେଇଥିଲା । ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିଲେ ମଧ୍ୟ ଏହା ହିଂସାର ରୂପ ନେଇଥିଲା। ଶ୍ରୀମନ୍ଦିର ସୂଚନା କେନ୍ଦ୍ର, ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଦି ଭଙ୍ଗାରୁଜା ହୋଇଥିଲା। ଏହି ହିଂସା ଘଟଣାରେ ପ୍ରମୁଖ ସେବାୟତ ତଥା ବିଭିନ୍ନ ରାଜନୈତିକ ଦଳର ଛାମୁଆ କର୍ମୀଙ୍କ ନାଁ ରହିଛି। କିନ୍ତୁ ପୋଲିସ ସେମାନଙ୍କୁ ଗିରଫ କରିପାରି ନାହିଁ। ଏହି ପ୍ରମୁଖ ସେବାୟତ ଏବେ ପୁରୀ ବାହାରେ ଆତ୍ମଗୋପନ କରିଛନ୍ତି। କୋର୍ଟ ଖୋଲିଲେ ସେମାନେ ଆଗୁଆ ଜାମିନ ପାଇବାରେ ସକ୍ଷମ ହେବେ। ପୋଲିସ ଏଥିପାଇଁ ସୁଯୋଗ ଦେଉଥିବା ଚର୍ଚ୍ଚା ହେଉଛି।

# ହାତୀ ମୃତ୍ୟୁ ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ଢେଙ୍କାନାଳ ଜିଲାରେ ବିଦ୍ୟୁତ ଆଘାତରେ ୭ ହାତୀ ମୃତ୍ୟୁ ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପଟେ ଏହି ଘଟଣାକୁ ନେଇ ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ କଡା ଭାଷାରେ ସମାଲୋଚନା କରିଛନ୍ତି। ସରକାରର ଗୋଟିଏ ହାତ କ'ଣ କରୁଛି ତାହା ଅନ୍ୟ ହାତ ଜାଣୁ ନାହିଁ ବୋଲି ସେ କହିଛନ୍ତି। ଧର୍ମେନ୍ଦ୍ର ଏକ ଟୁଇଟ୍ କରି କହିଛନ୍ତି ଯେ, ବିଦ୍ୟୁତ ଆଘାତରେ ପଶୁ ମୃତ୍ୟୁ ଓଡିଶାରେ ବହୁ ପୂର୍ବରୁ ବହୁ ଚର୍ଚ୍ଚିତ ପ୍ରସଙ୍ଗ ହୋଇଥିଲେ ସୁଦ୍ଧା ପୁନର୍ବାର ହାତୀ ମୃତ୍ୟୁ ଦୁଃଖ ଓ ପରିତାପର ବିଷୟ ପାଲଟିଛି। ବ୍ୟବସ୍ଥା ଚଳାଉଥିବା ଲୋକମାନେ ଏହାକୁ ଗୁରୁତର ସହ ନେଇଛି। ଯେପରି ଓଡିଶାର ସମ୍ପଦକୁ ବଞ୍ଚାଇବା ପାଇଁ ଚେଷ୍ଟା କରିବେ ବୋଲି ମୋର ଆଶା। ଦୁଃଖର ବିଷୟ ରାଜ୍ୟ ସରକାରର ଗୋଟିଏ ହାତ କ'ଣ କରୁଛି ଆଉ ଗୋଟେ ହାତ ଜାଣୁନି। ଜଙ୍ଗଲ ବିଭାଗ ଆଉ ବିଜୁଳି ବିଭାଗ ଅଧୀନରେ ସେସୁ ଉଭୟଙ୍କ ମଧ୍ୟରେ ସାମାନ୍ୟତମ ଯୋଗ ସୂତ୍ର ନ ରହିବା ଓଡିଶାର ଅମୂଲ୍ୟ ସମ୍ପଦକୁ ନଷ୍ଟ କରୁଛି ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ, ସାତ ହାତୀ ମରିବା ପରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହା ଧର୍ମକୁ ଆଖିଠାର। ହାତୀ ପଲ ଖାଦ୍ୟ ଅନୁସନ୍ଧାନରେ ଏକ ନିର୍ଦ୍ଦିଷ୍ଟ ପଥ ଦେଇ ଯାତାୟତ କରି ଥାଆନ୍ତି। ସେମାନଙ୍କ ଚଲା ପଥରେ ବିଦ୍ୟୁତ ତାର ନିରାପଦରେ ବିଛା ଯାଇ ନ ଥିଲା। ତେଣୁ ଏଭଳି ପ୍ରଶାସନିକ ହତ୍ୟାକୁ କେଉଁ ସ୍ୱାର୍ଥରେ ତଦନ୍ତ କରାଯିବ। ବିଦ୍ୟୁତ ବିଭାଗର ସମ୍ପୃକ୍ତି ଆସୁଥିବାରୁ ସେସୁର ସିଏମ୍‌ଡି ସର୍ବପ୍ରଥମେ ଇସ୍ତଫା ଦେବା ଦରକାର। କେତେଜଣ ତଳିଆ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ରାଜନୀତି ଚାଲିଛି ବୋଲି ଶ୍ରୀକାନ୍ତ କହିଛନ୍ତି। ଧର୍ମେନ୍ଦ୍ରଙ୍କ ଏଭଳି ଆଭିମୁଖ୍ୟକୁ ସମାଲୋଚନା କରି ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ଧର୍ମେନ୍ଦ୍ରଙ୍କ ଅଭିଯୋଗ ଭିତ୍ତିହୀନ। ସେ ପ୍ରଥମେ ନିଜ କଥା ଚିନ୍ତା କରନ୍ତୁ। ଦିଲ୍ଲୀରେ ସିବିଆଇ କନ୍ଦଳ କଥା ଧର୍ମେନ୍ଦ୍ର କୁହନ୍ତୁ। ହାତୀ ମୃତ୍ୟୁ ଘଟଣାକୁ ଗୁରୁତର ସହ ନେଇ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଛନ୍ତି।






କୌଣସି ମାନୁଷୀପ୍ରୟାସ ବା ତପସ୍ୟା ନୁହେଁ - କେବଳ ଦିବ୍ୟଜନନୀଙ୍କ ଶକ୍ତି ହିଁ ଆବରଣ ଛିନ୍ନ କରିଦେଇ ପାରେ – ଆଧାରକୁ ଗଠନ କରିପାରେ। ଏହି ତ ମିଥ୍ରା, ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତାରି ଆଣିପାରେ ସତ୍ୟ, ଜ୍ୟୋତି, ଦିବ୍ୟଜୀବନ ଓ ଅମର ଆନନ୍ଦ। -ଶ୍ରୀଅରବିନ୍ଦ

# ଦାୟିତ୍ୱହୀନତାର ପରିଚୟ

ଭାରତ ସରକାର ୨୦୧୦ ଅକ୍ଟୋବରରେ ହାତୀକୁ ଜାତୀୟ ଐତିହ୍ୟ ପ୍ରାଣୀର ମାନ୍ୟତା ଦେଇଛନ୍ତି। ହାତୀବଂଶ ସୁରକ୍ଷିତ ରଖିବା ପାଇଁ ସରକାରୀ ଭାବେ ଏଭଳି ପଦକ୍ଷେପ ନିଆଯାଇଥିଲା। ୨୦୧୭ ହାତୀଗଣନା ଅନୁଯାୟୀ ଭାରତରେ ୨୭,୩୧୨ ହାତୀ ଅଛନ୍ତି। ଓଡ଼ିଶାରେ ଏମାନଙ୍କ ସଂଖ୍ୟା ୧,୯୭୬ ଗଣନା କରାଯାଇଥିଲେ ମଧ୍ୟ କ୍ରମାଗତ ବିପଦ ଏହି ପ୍ରାଣୀର ବଂଶ କମାଇବାରେ ଲାଗିଛି। ୨୦୧୮ ଅକ୍ଟୋବର ୨୭ରେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ଗ୍ରାମ ନିକଟରେ ବିଦ୍ୟୁତ୍ ଆଘାତରେ ଏକାଥରକେ ୭ ହାତୀଙ୍କ ମୃତ୍ୟୁ ଘଟିବା ଏବେ ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଭୂମିଠାରୁ ମାତ୍ର ୫ ଫୁଟ୍ ଉଚ୍ଚତାରେ ଓହଳିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏହି ହାତୀଙ୍କ ମୃତ୍ୟୁ ଘଟିଛି। ଇଣ୍ଡିଆ ଇଲେକ୍ଟ୍ରିସିଟି ରୁଲ୍ସ-୧୯୫୬ର ଧାରା ୭୭ ଏବଂ ୮୦ ଅନୁଯାୟୀ, ହାତୀ ଚଳପ୍ରଚଳ ଅଞ୍ଚଳରେ ବିଦ୍ୟୁତ୍ ତାରର ଉଚ୍ଚତା ୧୭ ଫୁଟ୍ ହେବା କଥା। ଏବେ ସମ୍ପୃକ୍ତ ଅଞ୍ଚଳ ଦାୟିତ୍ୱରେ ଥିବା ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ) ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରିଛି। ଏହାର କର୍ତ୍ତୃପକ୍ଷ କହୁଛନ୍ତି ଯେ, ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ତାର ଓହଳି ପଡ଼ିଥିଲା ସେ ବିଷୟରେ ବନ ବିଭାଗ ପୂର୍ବରୁ ଜଣାଇ ନ ଥିଲା। ଅନ୍ୟପକ୍ଷରେ ବନ ବିଭାଗ ଏ ବିଷୟ ସେସୁକୁ ପୂର୍ବରୁ ଜଣାଇଥିଲା ବୋଲି କହିଛି। ଏପରିକି ସମ୍ପୃକ୍ତ ଅଞ୍ଚଳରେ ହାତୀ ଚଲାବୁଲା କରୁଥିବାରୁ ସେମାନଙ୍କ ସୁରକ୍ଷା ଲାଗି ତାରଗୁଡ଼ିକୁ କେବୁଲ କରାଯିବା ସହ ଅନ୍ୟାନ୍ୟ ନିରାପତ୍ତା ବ୍ୟବସ୍ଥା କରିବାକୁ ୨୭ କୋଟି ଟଙ୍କା ଦିଆଯାଇଥିବା କଥା ବନ ବିଭାଗ କହିଛି। ଏଠାରେ ପ୍ରଶ୍ନ ଉଠେ, ଯଦି ଜଙ୍ଗଲ ବିଭାଗ ଏଭଳି ବିପଦର ସଂକେତ ପାଇଥିଲା, ତେବେ କେବଳ ଚିଠିଟିଏ ପଠାଇ ଚୁପ୍ ରହିଗଲା କାହିଁକି। ସରକାରଙ୍କ ଶକ୍ତି ଓ ଜଙ୍ଗଲ ବିଭାଗ ପରସ୍ପରର ଅପାରଗତା ଲୁଚାଇବାକୁ ଯାଇ ଯେଉଁଭଳି ଦୋଷ ଲଦାଲଦି ହେଉଛନ୍ତି, ତାହାକୁ ଦେଖି ବୁଝି ହେଉଛି ହାତୀଙ୍କ ସୁରକ୍ଷା ପାଇଁ କାହାରି ଦରଦ ନାହିଁ। ଅମଲାତନ୍ତ୍ରର ଘୋର ବିଫଳତା ଓ କାର୍ଯ୍ୟ ପ୍ରତି ଉଦାସୀନତାର ଏହା ଆହୁରି ଏକ ପ୍ରମାଣ।

ଭାରତୀୟ ରେଳପଥ ପକ୍ଷରୁ କମଳାଙ୍ଗ ଅଞ୍ଚଳରେ ଏକ ପୋଲ ନିର୍ମାଣ ଲାଗି ଘରୋଇ କମ୍ପାନୀକୁ ଦାୟିତ୍ୱ ଦିଆଯାଇଥିଲା। ସେଥିପାଇଁ ସେସୁ ସମ୍ପୃକ୍ତ କମ୍ପାନୀକୁ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ଦେଇଥିଲା। କାମ ଶେଷ ହେବା ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ସେହି ଅଞ୍ଚଳ ପ୍ରତି ଦୃଷ୍ଟି ଦେଇ ନ ଥିଲେ। ଆରମ୍ଭରେ ତାର ସଂଯୋଗ କରାଯାଇଥିବା ବେଳେ ଏହାର ଉଚ୍ଚତା ପ୍ରତି ନଜର ଦିଆଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଏହି ହାଇଟେନ୍‌ଶନ ତାରକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଥିବା ବେଳେ ମଧ୍ୟ କେହି ତାହାର ତଦାରଖ କରି ନ ଥିଲେ। ଫଳରେ ତାର ଭୂମିଠାରୁ ମାତ୍ର ୫ ଫୁଟ୍ ଉଚ୍ଚତାରେ ଦୀର୍ଘଦିନ ଧରି ଓହଳି ରହିଥିଲା। ସେସୁ ସବୁ ପ୍ରକାର ନିୟମକୁ ଜଳାଞ୍ଜଳି ଦେଇଥିବା ଏହି ଦୁର୍ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ବହୁଦିନ ଧରି ବିଦ୍ୟୁତ୍ ତାର ବିପଜ୍ଜନକ ଅବସ୍ଥାରେ ଓହଳି ରହୁଥିବା ଦେଖାଯାଉଛି। ଏହା ଯେକୌଣସି ସମୟରେ ବଡ଼ ଦୁର୍ଘଟଣାକୁ ଡାକି ଆଣିପାରେ। ବନ ବିଭାଗର ସୂଚନା ମିଳିଥିଲେ ହାତୀ ମୃତ୍ୟୁ ଘଟିଥିବା ଅଞ୍ଚଳକୁ ଯାଇ ପରିସ୍ଥିତି ନିରେଖି ଥାଆନ୍ତେ ବୋଲି ସେସୁ ପକ୍ଷରୁ କୁହାଯାଉଛି। ଏପଟେ ରେଳପଥ ପାଇଁ ପୋଲ ନିର୍ମାଣ କରୁଥିବା ଘରୋଇ ସଂସ୍ଥା ତା'ର କାର୍ଯ୍ୟ ଶେଷ ପରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଲାଗି ସେସୁକୁ ଖବର ଦେଇ ନ ଥିଲା। ଏପରିକି ଭାରତୀୟ ରେଳପଥ ମଧ୍ୟ ପୋଲ ନିର୍ମାଣ ଘରୋଇ ସଂସ୍ଥାକୁ ଦେଇ ନିଜ ଦାୟିତ୍ୱରୁ ଖସିଯାଇଥିଲା। ଏଭଳି ବ୍ୟବହାର ଭାରତୀୟ ବ୍ୟବସ୍ଥାର ଗତାନୁଗତିକ ଚରିତ୍ର।

ଜଙ୍ଗଲ ଓ ପରିବେଶ ବିଭାଗ ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେଉ ନ ଥିବାରୁ ଅନେକ ସମୟରେ ଶିକାରୀଙ୍କ ଉପଦ୍ରବ ବଢୁଛି। ଦେଖାଯାଉଛି ଜଙ୍ଗଲ ଜଗୁଥିବା କର୍ମଚାରୀଙ୍କୁ ଆବଶ୍ୟକ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଉ ନାହିଁ। ଅଧିକାଂଶ ସ୍ଥାନରେ ଅନଭିଜ୍ଞ ଓ ବୟସ୍କ ବ୍ୟକ୍ତି ବନରକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। କେବଳ ସେତିକି ନୁହେଁ, ବନ ବିଭାଗ କର୍ମଚାରୀ ଓ ଅସାଧୁ ବ୍ୟକ୍ତିଙ୍କ ମଧ୍ୟରେ ବୁଝାମଣା ସମସ୍ତଙ୍କୁ ଜଣା। ତେବେ ଯେଉଁଠି ଯେତେବେଳେ ଦୁର୍ଘଟଣା ବା ଅସ୍ୱାଭାବିକ ପରିସ୍ଥିତି ଉପୁଜୁଛି ସେତେବେଳେ ଏହି ବିଭାଗର ବରିଷ୍ଠ ଅଧିକାରୀମାନେ ମତାମତ ରଖି ନିଜ କାର୍ଯ୍ୟ ଶେଷ କରୁଛନ୍ତି। ବନ ବିଭାଗର ଅପାରଗତା ବାଘୁଣୀ 'ସୁନ୍ଦରୀ' ଘଟଣାରୁ ମଧ୍ୟ ସ୍ପଷ୍ଟ ବୁଝାପଡ଼ିଛି।

ଢେଙ୍କାନାଳରେ ୭ ହାତୀଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ସେସୁର କନିଷ୍ଠ ଯନ୍ତ୍ରୀଙ୍କୁ ବହିଷ୍କାର କରାଯାଇଛି। ଏଥିସହିତ ସେସୁର ୩ ଜଣ ଅଧିକାରୀ ଓ କର୍ମଚାରୀ ଏବଂ ଜଙ୍ଗଲ ବିଭାଗର ୩ ଜଣଙ୍କୁ ନିଲମ୍ବିତ କରାଯାଇଛି। କୌତୂହଳର ବିଷୟ ହେଉଛି ସେସୁର ଜଣେ ଅଧୀକ୍ଷଣ ଯନ୍ତ୍ରୀ, ଯାହାଙ୍କ କାର୍ଯ୍ୟ ଅଫିସ ଭିତରେ ସୀମିତ ରହେ, ତାଙ୍କୁ ନିଲମ୍ବିତ କରାଯିବା ସହିତ ନିମ୍ନ ସ୍ତରରେ ଥିବା ସହକାରୀ ଯନ୍ତ୍ରୀ ଓ ଲାଇନ୍‌ମ୍ୟାନ୍‌ଙ୍କୁ ସସ୍‌ପେଣ୍ଡ କରାଯାଇଛି। ସେହିଭଳି ବନ ବିଭାଗର ରେଞ୍ଜର, ଫରେଷ୍ଟର ଓ ଗାର୍ଡଙ୍କ ଭଳି ତଳିଆ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ବାସ୍ତବରେ ଯେଉଁମାନେ ଦାୟୀ ଓ ଜିଲା ଦାୟିତ୍ୱରେ ଅଛନ୍ତି, ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। କୁହାଯାଉଛି ଯେ କେତେକ ଅଫିସରଙ୍କ ଉପରେ ହାତ ଥିବାରୁ ସେମାନଙ୍କୁ ଏହି ଦଣ୍ଡରୁ ବାଦ୍ ପକାଇ ଦିଆଯାଇଛି। ଏହାଫଳରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି ସନ୍ଦେହ କରାଯାଇପାରେ। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାତୀ ମୃତ୍ୟୁର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦେଖିବାକୁ ଗଲେ ଜନସାଧାରଣଙ୍କ ଅସନ୍ତୋଷକୁ ପ୍ରଶମିତ କରିବା ସକାଶେ ସରକାରୀ ନିୟମ ଅନୁଯାୟୀ କେତେ ଜଣ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କିନ୍ତୁ ପରିସ୍ଥିତିର ଗମ୍ଭୀରତା ଦେଖିଲେ ଏତେ ବଡ଼ ପ୍ରାଣୀଙ୍କ ଜୀବନ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ହୋଇଥିବାରୁ ପ୍ରକୃତ ଦୋଷୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ କଡ଼ା ଦଣ୍ଡରେ ଦଣ୍ଡିତ କରାଯିବା ଦରକାର। ତାହା ହେଲେ ଅନ୍ୟ ସ୍ଥାନଗୁଡ଼ିକରେ ଉଚିତ ସୁରକ୍ଷା ପଦକ୍ଷେପ ନେବା ପାଇଁ ଏହିଭଳି ସରକାରୀ କର୍ମଚାରୀମାନେ ଦାୟିତ୍ୱବାନ୍ ହେବେ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | C | 3 | | 0 | 6 | 8 | | | | | | | | |
| | 1 | | E | | 5 | 6 | | | | 9 | | | | |
| | | 6 | | | 8 | 7 | B | E | | | | A | 3 | |
| | 7 | 8 | | 2 | 3 | | | 4 | | | B | C | | |
| | | | | | | | | | | | 8 | | 4 | 2 |
| | D | | | | | 5 | | C | | | | | 9 | |
| 5 | | | | | | | | 0 | 4 | | | | | |
| | 3 | | | | | | | | | | C | | 0 | E |
| | 2 | 9 | | 4 | 1 | | | D | | | | | 7 | 3 |
| | B | | 0 | | | E | 7 | | 8 | | | | D | 1 |
| | | | | 6 | | 4 | 9 | 1 | | | | | | 7 |
| | | | | 1 | | 2 | 8 | | | | | D | A | |
| | 6 | 4 | 3 | | 7 | | C | | | | 2 | | | |
| | E | 2 | | 9 | | | 3 | | D | | | | | C |
| 9 | | | 8 | C | D | | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 2 | 5 | 8 | C | 6 | 4 | B | D | 1 | 3 | 0 | A | 9 | 7 |
| D | B | 9 | 3 | 2 | E | C | 8 | 7 | 6 | A | 5 | 1 | 0 | 4 |
| 8 | 0 | 1 | 4 | 7 | 9 | 3 | A | 6 | B | 2 | E | C | D | 5 |
| A | 3 | C | 0 | 1 | 5 | E | 9 | 2 | 4 | D | 7 | 8 | B | 6 |
| 6 | 7 | 4 | D | B | A | 5 | 0 | 1 | 8 | 9 | C | E | 2 | 3 |
| 1 | E | 8 | 5 | 6 | 4 | 9 | 7 | A | D | B | 2 | 3 | C | 0 |
| C | 9 | 6 | B | A | 3 | 0 | 2 | 4 | 7 | 5 | 8 | D | 1 | E |
| 7 | D | 0 | C | 9 | 2 | 8 | 3 | 5 | A | E | 1 | 6 | 4 | B |
| 3 | A | B | 7 | E | 0 | 1 | D | C | 9 | 6 | 4 | 2 | 5 | 8 |
| 5 | 4 | 2 | 1 | D | 8 | B | 6 | E | C | 0 | 3 | 7 | A | 9 |
| 2 | 6 | A | 9 | 4 | B | 7 | E | 3 | 0 | C | D | 5 | 8 | 1 |
| 0 | 1 | D | 2 | 3 | 7 | 6 | C | 8 | 5 | 4 | B | 9 | E | A |
| B | C | E | 6 | 0 | 1 | D | 5 | 9 | 3 | 8 | A | 4 | 7 | 2 |
| 9 | 5 | 7 | E | 8 | D | A | 4 | B | 2 | 1 | 6 | 0 | 3 | C |
| 4 | 8 | 3 | A | 5 | C | 2 | 1 | 0 | E | 7 | 9 | B | 6 | D |

ଗତକାଲିର ଉତ୍ତର

# ଅକ୍ଟୋବରରେ ବାତ୍ୟା ଭୟ

ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ଅକ୍ଟୋବର ମାସ ଆସିଲେ ଉପକୂଳବାସୀଙ୍କ ମନରେ ଯେଉଁ କୋକୁଆଭୟ ସଞ୍ଚରିତ ହୁଏ, ସେ ଭୟର କାରଣ ହେଲା ସାମୁଦ୍ରିକ ଝଡ ବା ବାତ୍ୟା। ଧାନଚାଷର ଆର୍ଥିକ ମେରୁଦଣ୍ଡ ଉପରେ ଦଣ୍ଡାୟମାନ ଚାଷୀର ଅଣ୍ଟା ଭାଙ୍ଗିଦିଏ ଏ ବାତ୍ୟା। ଖରିଫ ଚାଷର ଲଘୁଧାନ ପାଚି ଆସେ ଅକ୍ଟୋବରରେ ଓ ସେ ସମୟରେ ଅନ୍ୟ ଧାନରେ କେଣ୍ଡା ବାହାରି, ଧାନ ହାଟ କରୁଥାଏ ବୋଲି ଚାଷୀ କୁହନ୍ତି। ସେ ସମୟରେ ବାତ୍ୟା ଧାନ କେଣ୍ଡାକୁ ଝାଡିଦେଲେ ଚାଷୀ ଉପାୟଶୂନ୍ୟ ହୋଇ ମୁଣ୍ଡରେ ହାତଦିଏ। ଉପକୂଳବାସୀଙ୍କ ବଡ ଭୟ ଥାଏ ଦୀପାବଳି ବା ପିମ୍ପେଇ ଅମାବାସ୍ୟାକୁ। ଯଦି କୌଣସି ଚାଷୀଙ୍କୁ ତାଙ୍କ ଫସଲ କିପରି ହୋଇଛି ବୋଲି ପଚରାଯାଏ, ସେ ସଙ୍ଗେ ସଙ୍ଗେ କହେ, ପିମ୍ପେଇ ଅମାବାସ୍ୟା ଘାଟି ପରା ପାର ହୋଇନି। ପୂର୍ବକାଳରେ ଧାନ ସେ ସନ(ବର୍ଷ) ଅମଳ କିପରି ହେବ ବୋଲି ଚାଷୀ ଜ୍ୟୋତିଷ ପଣ୍ଡିତ ଓ ପୁରୋହିତଙ୍କୁ ପଚାରନ୍ତି। ସେମାନେ ପାଞ୍ଜି ଦେଖି ଗଣନା କରି କହନ୍ତି ସେ ସନ 'କେଲୁଣି ହାତରେ ଅଢା' (ଭଲ ଉତ୍ପାଦନ) ନା 'ବ୍ରାହ୍ମଣୀ ହାତରେ ଅଢା' (କମ୍ ଉତ୍ପାଦନ) ହେବ। ଏବେ ଦେଶ ଓ ରାଜ୍ୟର ପାଣିପାଗ ବିଭାଗ ଓ କୃଷି ବିଭାଗ, ବର୍ଷା ଓ ବାତ୍ୟା ସମ୍ଭାବନାର ପୂର୍ବାନୁମାନ କରି ସୂଚାଇ ଦିଅନ୍ତି ସେ ବର୍ଷ ଭଲ ଫସଲ ଅମଳ ହେବ ନା ଅମଳ କମିଯିବ। ଆମ ରାଜ୍ୟ ଅଧିକ ବାତ୍ୟାପ୍ରବଣ। ଅତୀତରେ ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ଅଧିକ ଥର ବାତ୍ୟା ହୋଇଛି। ୧୮୯୧ରୁ ୨୦୦୦- ୧୦୯ ବର୍ଷରେ ରାଜ୍ୟରେ ୯୮ ଥର ବାତ୍ୟା ହୋଇଛି, ଅର୍ଥାତ୍ ବର୍ଷକୁ ହାରାହାରି ଗୋଟିଏ। ଏବେ ଆଲୋଚନା କରିବା ବାତ୍ୟା ଉତ୍ପନ୍ନ ହୁଏ କିପରି।

ସମୁଦ୍ର ଉପରିସ୍ଥ ଜଳର ଉତ୍ତାପ ବଢିଲେ ସମୁଦ୍ର ଅଶାନ୍ତ ହୁଏ। ସମୁଦ୍ର ବକ୍ଷ ଆନ୍ଦୋଳିତ ହୋଇ ବାତ୍ୟା ସୃଷ୍ଟି ହୁଏ। ଜଳରେ ଅମ୍ଳଜାନ ଦ୍ରବୀଭୂତ ହୋଇ ଥିବାରୁ ସେଥିରେ ମାଛ, କଙ୍କଡା, ଅନ୍ୟ ଜୀବ ଓ ଜଳଜ ଉଦ୍ଭିଦ ବଞ୍ଚି ରହନ୍ତି। ସାଧାରଣତଃ ଏକ ଲିଟର ଜଳରେ ପାଖାପାଖି ୮ ମିଲିଗ୍ରାମ୍ ଅମ୍ଳଜାନ ଦ୍ରବୀଭୂତ ହୋଇଥାଏ। ସମୁଦ୍ର ଉପରିସ୍ଥ ଜଳର ଉତ୍ତାପ ବଢିଲେ ଦ୍ରବୀଭୂତ ଅମ୍ଳଜାନର ଭାଗ କମିଯାଏ। ଏ ଭାଗ ୨ ପ୍ରତିଶତ କମିଲେ ବାତ୍ୟା ସୃଷ୍ଟି ହୁଏ। ସମୁଦ୍ର ଉପରିସ୍ଥ ବାୟୁ ସୂର୍ଯ୍ୟରଶ୍ମିରେ ଉତ୍ତପ୍ତ ହେଲେ ତାହା ଜଳକଣା ଧରି ଉର୍ଦ୍ଧ୍ୱକୁ ଉଠେ। ବାୟୁର ସେ ଜାଗା ପୂରଣ କରିବାକୁ ଆଖପାଖ ଶୀତଳ ବାୟୁ ସେଠାକୁ ପ୍ରବାହିତ ହୁଏ। ବାୟୁ ଯେତେ ଅଧିକ ଉତ୍ତପ୍ତ ହେବ, ଏ ପ୍ରକ୍ରିୟା ସେତେ ତ୍ୱରାନ୍ୱିତ ହେବ ଓ ଜଳୀୟ ବାଷ୍ପର ଘନତ୍ୱ ସେତେ ବୃଦ୍ଧି ପାଇବ। ପୃଥିବୀର ଘୂର୍ଣ୍ଣନ ପ୍ରକ୍ରିୟା ଯୋଗୁ ଏ ଉର୍ଦ୍ଧ୍ୱଗାମୀ ଜଳୀୟ ବାଷ୍ପ ଗତିଶୀଳ ହୋଇ ଝଡ଼ ସୃଷ୍ଟି କରେ। ଏ ଝଡ଼ର ବେଗ ନିର୍ଭର କରେ ସମୁଦ୍ର ଜଳର ଉତ୍ତାପ ଓ ସ୍ଥଳଭାଗ ଉତ୍ତାପର ତାରତମ୍ୟ ଉପରେ। ଗ୍ରୀଷ୍ମମଣ୍ଡଳୀୟ ସମୁଦ୍ର ଭାରତ ମହାସାଗର ଓ ପ୍ରଶାନ୍ତ ମହାସାଗରର ଜଳ ସୂର୍ଯ୍ୟଙ୍କ ରଶ୍ମିରେ ଅଧିକ ଉତ୍ତପ୍ତ ହୁଏ। ଆରବ ସାଗର ତୁଳନାରେ ବଙ୍ଗୋପସାଗର ଜଳ ଅଧିକ ଉତ୍ତପ୍ତ ହୁଏ। ଫଳରେ ଆମ ପୂର୍ବ ଉପକୂଳ ଅଧିକ ବାତ୍ୟାପ୍ରବଣ। ଯେତେବେଳେ ଜଳ ଉପରିସ୍ଥ ଉତ୍ତାପ ପାଖାପାଖି ୨୯ ଡିଗ୍ରୀ ଓ ୧୫୦ ଫୁଟ ତଳେ ଜଳର ଉତ୍ତାପ ୨୬ ଡିଗ୍ରୀ ସେଲ୍‌ସିୟସ ଛୁଏଁ ସେତେବେଳେ ସମୁଦ୍ରବକ୍ଷରେ ବଡ଼ ବାତ୍ୟା ଉତ୍ପନ୍ନ ହୁଏ ବୋଲି କୁହାଯାଉଛି।

ଏବେ ଆଲୋଚନା କରିବା ଅକ୍ଟୋବର ମାସରେ ବାତ୍ୟାକୁ ଏତେ ଭୟ କାହିଁକି। ପୂର୍ବରୁ କୁହାଯାଇଛି ଯେ କମ୍ ଉତ୍ତପ୍ତ ସ୍ଥଳଭାଗ ଓ ଅଧିକ ଉତ୍ତପ୍ତ ଜଳଭାଗ ବାତ୍ୟା ଉତ୍ପନ୍ନର କାରଣ। ଏପରି ପରିସ୍ଥିତି ସୃଷ୍ଟି ହୁଏ ମୌସୁମୀ ପ୍ରବାହ ପରେ ପରେ, ଅକ୍ଟୋବର ଓ ପର ମାସରେ ମଧ୍ୟ। ଏ ସମୟ ବାତ୍ୟା ପାଇଁ ଅନୁକୂଳ। ୧୯୯୯ରେ ଦୁଇଟି ବାତ୍ୟା ଅକ୍ଟୋବରରେ ଆସିଥିଲା। ୨୯ ତାରିଖରେ ଘଟିଥିବା ମହାବାତ୍ୟା ପୂର୍ବରୁ ୧୮ ତାରିଖରେ ଗଞ୍ଜାମ ଉପକୂଳରେ ବାତ୍ୟା ଦେଖା ଦେଇଥିଲା। ମହାବାତ୍ୟାରେ ୧୦ ହଜାର ପର୍ଯ୍ୟନ୍ତ ଲୋକ ଓ ଅଜସ୍ର ଗୃହପାଳିତ ପ୍ରାଣୀଙ୍କର ମୃତ୍ୟୁ ଘଟିଥିଲା। ସମୁଦ୍ରରୁ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ତରଙ୍ଗ ଉପକୂଳ ଅଞ୍ଚଳକୁ ମାଡି ଆସିଥିଲା। ଜାତିସଂଘ ଇତିହାସ କହେ, ଏ ମହାବାତ୍ୟା ସେ ସମୟରେ ବିଶ୍ୱରଏକ ବଡ ବିପର୍ଯ୍ୟୟ ଥିଲା। ୨୦୧୩ ଅକ୍ଟୋବର ୧୨ରେ ଗଞ୍ଜାମ, ଗଜପତି ଜିଲାରେ ଆତଙ୍କ ଖେଳାଇ ଦେଇଥିଲା ବାତ୍ୟା ଫାଇଲିନ। ଫାଇଲିନ ବାତ୍ୟାର ବର୍ଷ ପୂର୍ତ୍ତି ପାଳନ ପାଇଁ ପରବର୍ଷ (୨୦୧୪) ଅକ୍ଟୋବରର ସେହି ୧୨ ତାରିଖରେ ମାଡିଆସିଥିଲା ବାତ୍ୟା ହୁଡ୍‌ହୁଡ୍। ତା'ର ଆଗମନ ପ୍ରଚାର ହେବା ସଙ୍ଗେ ସଙ୍ଗେ ଲୋକମାନେ ଭୟରେ ଘରଦ୍ୱାର ଛାଡି ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିଲେ। ଏ ବଡ଼ ବାତ୍ୟା ସାଙ୍ଗକୁ ଅନେକ ଛୋଟ ବାତ୍ୟା ସେ ସମୟରେ ଉତ୍ପନ୍ନ ହୋଇଥିଲା ଅକ୍ଟୋବର ମାସରେ। ସେସବୁ ସ୍ଥଳଭାଗ ଛୁଇଁବା ଆଗରୁ ସମୁଦ୍ରରେ ଲୀନ ହୋଇଯାଇଥିଲା ଅଥବା ଅନ୍ୟ ଦେଶଆଡେ ମାଡିଯାଇଥିଲା। ଅକ୍ଟୋବର ପୂର୍ବରୁ ଓ ପରେ କେତେକ ବାତ୍ୟା ହୋଇଥିଲେ ମଧ୍ୟ ସେ ସବୁ ଧାନ ଉତ୍ପାଦନରେ ବିଶେଷ କ୍ଷତି ଘଟାଇ ନ ଥିଲେ। ଚଳିତବର୍ଷ ସେପ୍ଟେମ୍ବର ୨୧ରେ ସାମୁଦ୍ରିକ ଝଡ 'ଡାଏ' ଖୋର୍ଦ୍ଧା ଓ ଗଜପତି ଜିଲାରେ କିଛି ଘର ଓ ବୃକ୍ଷ ଭାଙ୍ଗିବା ବ୍ୟତୀତ ଧାନଚାଷର କ୍ଷତି କରି ନ ଥିଲା। ତା'ପରେ ଅକ୍ଟୋବର ୧୦ ଓ ୧୧ରେ ଆସିଲା ବାତ୍ୟା ତିତ୍‌ଲି। ଏଥିରେ ରାଜ୍ୟର ବହୁ ଲୋକଙ୍କର ମୃତ୍ୟୁ ହେବା ସହ ବ୍ୟାପକ କ୍ଷୟକ୍ଷତି ଘଟିଛି।

ଏଠି ମନରେ ପ୍ରଶ୍ନ ଆସେ ଏ ବାତ୍ୟା ଉପରେ ଲଗାମ ଦେଇ ହେବ ନା ନାହିଁ! କିନ୍ତୁ ପ୍ରାକୃତିକ ପ୍ରକ୍ରିୟା ସାଙ୍ଗକୁ ମନୁଷ୍ୟ ଦ୍ୱାରା କରାଯାଉଥିବା ପରିବେଶ ଅବକ୍ଷୟ ବାତ୍ୟା ସୃଷ୍ଟି କରୁଛି। ପ୍ରାକୃତିକ ପ୍ରକ୍ରିୟାଗୁଡିକ ହେଲା ପୃଥିବୀର ଘୂର୍ଣ୍ଣନ, ସାମୁଦ୍ରିକ ସ୍ରୋତ ଏଲ୍‌ନିନୋ ଓ ସୂର୍ଯ୍ୟରଶ୍ମି ଦ୍ୱାରା ପୃଥିବୀର ବିଭିନ୍ନ ଅଞ୍ଚଳରେ ତାପମାନରେ ତାରତମ୍ୟ। ବିଷୁବମଣ୍ଡଳୀୟ ଅଞ୍ଚଳରେ ତାପମାନ ୫୦ ଡିଗ୍ରୀ ସେଲ୍‌ସିୟସ ବେଳେ ମେରୁ ଅଞ୍ଚଳରେ ତାପମାନ ଶୂନ୍ୟ ବା ବିୟୁକ୍ତ ଡିଗ୍ରୀ। ଘନଘନ ଝଡବାତ୍ୟା ସୃଷ୍ଟିର ପ୍ରମୁଖ କାରଣ ହେଲା, ମନୁଷ୍ୟକୃତ ବାୟୁମଣ୍ଡଳୀୟ ଉତ୍ତାପ ବୃଦ୍ଧି। ଉତ୍ତାପ ବୃଦ୍ଧି କରୁଥିବା ଗ୍ୟାସ ହେଲା ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରସ ଅକ୍ସାଇଡ ଇତ୍ୟାଦି। ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗ ତଥ୍ୟରୁ ଜଣାଯାଇଛି ଯେ, ୧୯୭୦-୭୧ ମସିହା ବେଳକୁ ହିମାଚଳପ୍ରଦେଶର ସର୍ବୋଚ୍ଚ ତାପମାତ୍ରା ୨୮.୫ ଡିଗ୍ରୀ ସେଲ୍‌ସିୟସ ଥିବାବେଳେ ୨୦୧୪-୧୫ ମସିହାରେ ଏହା ୩୩.୭ ଡିଗ୍ରୀ ସେଲ୍‌ସିୟସକୁ ବୃଦ୍ଧି ପାଇଥିଲା। ୨୦୦୧ରେ ସିମଲାର ସର୍ବୋଚ୍ଚ ତାପମାତ୍ରା ୨୨.୮ ଡିଗ୍ରୀ ଥିଲାବେଳେ ୨୦୧୨ ଜୁନ୍‌ରେ ଏହା ୩୦ ଡିଗ୍ରୀ ସେଲ୍‌ସିୟସ ହୋଇଥିଲା। ତାପମାତ୍ରା ବୃଦ୍ଧିର ମୁଖ୍ୟ କାରଣ ହେଉଛି ବାୟୁରେ ଅଙ୍ଗାରକାମ୍ଳ ଭାଗ ବୃଦ୍ଧି। ଏକ ଅନ୍ତର୍ଦ୍ଦେଶୀୟ ସଂଗଠନ ରିପୋର୍ଟ ଅନୁସାରେ ପୃଥିବୀରୁ ବାର୍ଷିକ ମୁଣ୍ଡପିଛା ଅଙ୍ଗାରକାମ୍ଳ ନିର୍ଗମନକୁ ୨-୩ ଟନ୍‌ରେ ସୀମିତ ରଖିଲେ, ବାୟୁମଣ୍ଡଳୀୟ ଉତ୍ତାପ ବୃଦ୍ଧିରେ ଲଗାମ ଦେଇ ହୁଅନ୍ତା। କିନ୍ତୁ ନିର୍ଗମନ ହେଉଛି ମୁଣ୍ଡ ପିଛା ୪.୮ ଟନ୍ ବୋଲି ୨୦୧୫ରେ ଆକଳନ କରାଯାଇଥିଲା। ଭୁବନେଶ୍ୱରରୁ ମୁଣ୍ଡ ପିଛା ଦୈନିକ ୪ କିଲୋଗ୍ରାମ୍ ଅଙ୍ଗାରକାମ୍ଳ ନିର୍ଗମନ ହେଉଥିବାର ଖବର ୨୦୦୮ରେ ପ୍ରକାଶ ପାଇଥିଲା। ଶିଳ୍ପ ବିପ୍ଳବ ପୂର୍ବରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭାଗ ୨୦ ନିୟୁତାଂଶ ଥିବାବେଳେ ଏହା ଏବେ ୪୦୦ ନିୟୁତାଂଶ ହେବାକୁ ଯାଉଛି। ଯାନବାହନ, ବିଜୁଳିଶକ୍ତି ଓ ଇଣ୍ଟରନେଟ୍ ବ୍ୟବହାର ବଢିବାକୁ ତାଳଦେଇ ଅଙ୍ଗାରକାମ୍ଳ ନିର୍ଗମନ ବଢି ବଢି ଚାଲିଛି। ଏସବୁର ବହୁଳ ଅପବ୍ୟବହାରରେ ଲଗାମ ଦେଲେ ଅଙ୍ଗାରକାମ୍ଳ ନିର୍ଗମନ କମାଇପାରିବା। ବାୟୁରେ ଅଙ୍ଗାରକାମ୍ଳ ଭାଗ କମାଇବାର ସହଜ ଉପାୟ ହେଲା ବ୍ୟାପକ ବୃକ୍ଷରୋପଣ। ଏସବୁ ପ୍ରତି ଆମର ନିଘା ରହିଲେ ଘନ ଘନ ବାତ୍ୟା ଉତ୍ପନ୍ନରେ କିଛିଟା ଲଗାମ ଦେଇପାରିବା।

କୋଟିତୀର୍ଥ, ଭୁବନେଶ୍ୱର-୨,
ମୋ-୭୦୦୮୮୪୬୨୭୨

# ମର୍ତ୍ତ୍ୟ ସୁଖ

ଅଞ୍ଜନ ଚାନ୍ଦ

ଆଚ୍ଛା, ଏଇ ଯେଉଁ କହୁଛ ମରିଯିବା ପରେ ସ୍ୱର୍ଗକୁ ଯିବ, କାହିଁକି ଯିବ ? ସ୍ୱର୍ଗକୁ ଗଲେ କ'ଣ ମଣିଷରୁ ଦେବତା ହୋଇଯିବ ? ଆଗରୁ କେବେ ଏମିତି ହୋଇଛି ? ଯଦି ହୋଇଛି ମଣିଷରୁ ଦେବତା ହୋଇଥିବା ସେମାନଙ୍କର ନାମ କ'ଣ ? ହଉ, ମନେକର ତୁମେ ସ୍ୱର୍ଗକୁ ଯାଇ ଜଣେ ଦେବତା ହେଲ, ସେଥିରୁ ଲାଭ କ'ଣ ମିଳିବ ? ପୁରାଣରୁ ଜଣାଯାଏ ସ୍ୱର୍ଗରେ ବିବିଧତା ବୋଲି କିଛି ନାହିଁ। ଆମର ଏଠି ନୀତିରୁ ରାଜନୀତି କେତେ କେତେ ଭେରାଇଟି।

ଆମେ ସକାଳେ ଉଠିଲୁ, ଖାଇଲୁ ବ୍ରେକ୍‌ଫାଷ୍ଟ। ଦି'ପହରେ ଲଞ୍ଚ। ରାତିରେ ଡିନର, ଛକରେ ଚା ପାନ। ଫୁଟ୍‌ପାଥରେ ଫାଷ୍ଟଫୁଡ୍। ବଡ ହୋଟେଲରେ ହରେକ ରକମର ଡିସ୍। ଗାଁର ଚିଙ୍ଗୁଡି ସେଠି ହୋଇଯିବ ପ୍ରନ୍। ଛତୁ ମସ୍‌ରୁମ୍।

ସ୍ୱର୍ଗରେ ଖାଇବ କ'ଣ ? ସକାଳେ ଅମୃତ। ଖରାବେଳେ ଅମୃତ। ରାତିରେ ସେଇ ଅମୃତ।

ଗୋଟେ ଖାଦ୍ୟକୁ କେତେଥର ଖାଇବ।

ଖାଇ ଖାଇ ଚିଟା ଲାଗିବ। ଶେଷରେ ଫାଣ୍ଡିଛକ ଗୁପ୍‌ଚୁପ୍ ଦୋକାନର ଖଟାପାଣିକୁ ଝୁରିହେବ।

ଆଲଣାରେ ଆମର କେତେ ରକମର ପୋଷାକ। ସ୍ତ୍ରୀମାନେ ତ ଆଲମିରାରେ ଦୋକାନ ସାଇତିଛନ୍ତି। ରାତିରେ ଶୋଇବୁ ସ୍ଲିପିଂ ଗାଉନ। ବାଥ୍‌ରୁମରେ ତଉଲିଆ, ଗାମୁଛା। ଅଫିସ, ବଜାରକୁ ପ୍ୟାଣ୍ଟ ଶାର୍ଟ। ଫଙ୍କ୍‌ଶନ ଗଲେ ସୁଟ୍ କୋଟ୍। ଲେଡିସ ଭେରାଇଟି କେତେ, ଆଲାଦିନର କୁହୁକ ଦୀପରୁ ବାହାରିଥିବା ଜିନ୍ ବି ଗଣିପାରିବ ନାହିଁ।

ଦେବତା ହେଲେ କ'ଣ ହେବ ?

ଗୋଟେ କଷ୍ଟ୍ୟୁମ୍‌ରେ ଜୀବନ ବିତିବ।

ଆଜିକାଲି ଘରେ ଘରେ ଗାଡ଼ି।

ଘରର ମୁରବି ତେଲ ଦାମ୍ ବୃଦ୍ଧି ବିରୋଧରେ ହରତାଳ କରୁଛନ୍ତି। ସ୍ତ୍ରୀ, ପୁଅ, ଝିଅମାନେ ଗୋଟେ ଲେଖାଏ ଗାଡି ଚଢ଼ି ଲଙ୍ଗ୍ ଡ୍ରାଇଭ କରୁଛନ୍ତି। ସ୍କୁଟି, ବାଇକ, କାର, ଭ୍ୟାନ୍ କେତେ କିସମର ଗାଡି।

ଦେବତାମାନଙ୍କର କ'ଣ ଅଛି ?

ଗରୁଡ, ଷଣ୍ଢ, ହାତୀ, ସିଂହ, ମୟୂର, ମୂଷା।

ତୁମେ ଗଲେ ତୁମକୁ ଗଧ କି କୁକୁରଟିଏ ମିଳିବ।

ସ୍ୱର୍ଗର ସବୁଠୁ ବଡ଼ ଦେବତା ବିଷ୍ଣୁ। ଚାରିପଟେ କେହି ନାହାଁନ୍ତି। ବିଶାଳ ଦରିଆ ମଝିରେ ସାପ ଶେଯରେ ଶୋଇଛନ୍ତି। ଉପରେ ଛାତ ସାପର ଫଣା। ଗୋଡ ପାଖରେ ବସିଛନ୍ତି ଲକ୍ଷ୍ମୀ। ମର୍ତ୍ତ୍ୟରେ ଥିଲେ ସ୍ୱାମୀଙ୍କୁ ଆଙ୍ଗୁଠି ଅଗରେ ନଚାଇଥାନ୍ତେ। ସେଠାରେ ଦିନରାତି ପାଦସେବା କରୁଛନ୍ତି।

ଚାରୋଟି ମୁଣ୍ଡରେ ଚାରୋଟି ପାଚିଲା ଦାଢି ଝୁଲାଇ ଗୋଟେ ପଦ୍ମଫୁଲ ଉପରେ ଦିନରାତି ବସିଛନ୍ତି ବ୍ରହ୍ମା। ଚାରି ମୁହଁରେ ଚାରିବେଦ ଅନର୍ଗଳ ଗାଉଛନ୍ତି। ପାଖରେ ସରସ୍ୱତୀ। ଚବିଶଘଣ୍ଟିଆ ଚାନେଲ ପରି ସବୁବେଳେ ବୀଣା ବଜାଉଛନ୍ତି। ଜାଣିପାରୁନାହାନ୍ତି ଯାହାଙ୍କ ପାଖରେ ବସିଛନ୍ତି ସେ ତାଙ୍କର ପିତା ନା ପତି।

ସବୁଠାରୁ ଦରିଦ୍ର ଅବସ୍ଥା ଶିବଙ୍କର। ଘରଦ୍ୱାର ନାହିଁ। ଶ୍ୱଶୁରଘରୁ କାଣିଚାଏ ନେଇ ମୁଣ୍ଡ ଗୁଞ୍ଜିଛନ୍ତି। ସ୍ତ୍ରୀ ଓ ପିଲାମାନେ କିଏ କେଉଁଠି ବୁଲୁଛନ୍ତି। ସେ ମଶାଣିକୁ ଯାଇ ଭୂତପ୍ରେତଙ୍କ ସାଙ୍ଗରେ ପାଉଁଶରେ ଗଡୁଛନ୍ତି। ପିନ୍ଧିଛନ୍ତି ବାଘଛାଲ। ବେକରେ ଗୁଡାଇଛନ୍ତି ନାଗସାପ। ମୁଣ୍ଡରେ ଜଟା। ଜହ୍ନ ଓ ଗଙ୍ଗା ସେଠି ଆଡ୍ଡା ମାରୁଛନ୍ତି। ବାହନ ବାସୁଆ ଷଣ୍ଢ। କେତେବେଳେ କେଉଁଠି ଘୂରୁଛି। ମର୍ତ୍ତ୍ୟକୁ ଆସି କାଞ୍ଜିଆହୁଦାରେ ପଶୁଛି। ତାକୁ ମୁକୁଳାଇବାକୁ ଶିବ ବିଚରା ହଟହଟା। ଗଣେଶଙ୍କ ବେକ ଉପରେ ହାତୀଛୁଆର ମୁଣ୍ଡ। ବାହନ ମୂଷା। କାର୍ତ୍ତିକ ସବୁଦିନ ସାନ ହୋଇ ରହିଛନ୍ତି। ତାଙ୍କ ପରେ ଆଉ କେହି ଦେବତା ଜନ୍ମ ହୋଇନାହାନ୍ତି।

ଦେବତାମାନେ ଅଜର ଓ ଅମର। ବୁଢ଼ା ହୁଅନ୍ତି ନାହିଁ କି ମରନ୍ତି ନାହିଁ। ଆମେ ଜନ୍ମ ହେଉ। ଶିଶୁ, କିଶୋର, ତରୁଣ, ଯୁବକ, ପ୍ରୌଢ଼, ବୃଦ୍ଧ ସବୁ ଅବସ୍ଥାକୁ ଭୋଗକରି ଶେଷରେ ମରିଯାଉ।

ମରଣ ଥିବାରୁ ତ ଜୀବନଟା ଏତେ ଆନନ୍ଦମୟ। ଅନ୍ଧାର ନ ଥିଲେ ଆଲୋକର ମହତ୍ତ୍ୱ କ'ଣ ? ଦୁଃଖ ନାହିଁ ତ ସୁଖର କିଛି ମାନେ ନାହିଁ। ନବରସ ଥିବାରୁ ଆମ ଜିହ୍ୱା ସ୍ୱାଦ ବାରୁଛି ଓ ଆମେ ଖୁସିରେ ଖାଉଛୁ। ରାତି ଅଛି। ରାତିରେ ନିଦ ଅଛି। ସେଥିପାଇଁ ସକାଳଟି ସତେଜ ଓ ସୁନ୍ଦର ଲାଗୁଛି। ମଧ୍ୟାହ୍ନର ଧୂ ଧୂ ଖରା ଅଛି ତ ଧୂମ୍ରାଭ ଗୋଧୂଳି କେତେ ଚମତ୍କାର ଲାଗୁଛି। ଗ୍ରୀଷ୍ମ ପରେ ବର୍ଷା, ଶୀତ ପରେ ବସନ୍ତ ଋତୁଚକ୍ରର ଘୂର୍ଣ୍ଣନ ପ୍ରକୃତିକୁ ରମଣୀୟ କରୁଛି।

ତେଣୁ ମୁଁ ମୋର କହିବି, ସ୍ୱର୍ଗଠାରୁ ମର୍ତ୍ତ୍ୟ ଢେର ଭଲ। ଯେତେଥର ମରିବି ଯଦି ପୁନର୍ଜନ୍ମ ଥାଏ ଏଇ ମର୍ତ୍ତ୍ୟରେ ହିଁ ଆଉଥରେ ଜନ୍ମ ନେବାକୁ ଚାହିଁବି।

କଳକୌଶଳ କରି ସରକାରୀ ଚାକିରି ଖଣ୍ଡେ ହାତେଇବି। ଦରମାଠାରୁ ବେଶି ଉପୁରି କମାଇବି। ଚାରି ଛଅଟା ପ୍ଲଟ୍ କିଣିବି। ଦୁଇ ଚାରିଟା କୋଠା ତୋଳିବି। ସ୍ତ୍ରୀକୁ ମାସକୁ ଥରେ ଶାଢ଼ି, ଗହଣା ଦୋକାନକୁ ବୁଲାଇନେବି। ପିଲାମାନଙ୍କୁ ଇଂରାଜୀ ସ୍କୁଲରେ ପଢ଼ାଇବି। ଟିଭି, ଫ୍ରିଜ, ଏସି, ଗାଡି, ଯେତେକ ବିଳାସ ସାମଗ୍ରୀ ଘରେ ଖଞ୍ଜିଦେବି।

ଯେଉଁମାନଙ୍କୁ ତୁମେ ସ୍ୱର୍ଗର ଦେବତା କହୁଛ ସେମାନଙ୍କୁ କେତେ ଟଙ୍କା ଦାନଦକ୍ଷିଣା ଦେଇ ମୋ ଘର ସଂସାରକୁ ଜଗିବା କାମରେ ଲଗାଇବି।

ଏବେ କୁହ, ଏତେ ସୁଖ ସୁବିଧା କେଉଁ ସ୍ୱର୍ଗରେ ଅବା ମିଳିବ ?

ଅଙ୍ଗାରଗାଡ଼ିଆ, ବାଲେଶ୍ୱର,
ମୋ-୯୪୩୭୨୯୬୮୬୪

## ଏଇ ଭାରତରେ

ଭାରତର ବିଭିନ୍ନ ନଗରୀର ପ୍ରାଚୀରକୁ ଚିତ୍ରକଳାରେ ସଜାଇବାରେ 'ଦିଲ୍ଲୀ ଷ୍ଟ୍ରୀଟ୍ ଆର୍ଟ' ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସିଛି। କୁମ୍ଭମେଳା ପୂର୍ବରୁ ଆଲ୍ଲାହାବାଦ୍ ନଗରୀକୁ ରଙ୍ଗିନ ଚିତ୍ରରେ ସଜେଇବା ଲାଗି ଉକ୍ତ କଳା ସଂଗଠନ ଦାୟିତ୍ୱ ବହନ କରିଛି। ଏଥିପାଇଁ ପୌରାଣିକ କଥାବସ୍ତୁ, ଆଲ୍ଲାହାବାଦ୍ ଇତିହାସ ଏବଂ କୁମ୍ଭମେଳାର ବିଭିନ୍ନ ଘଟଣାବଳୀକୁ ଚିତ୍ରରେ ପ୍ରଦର୍ଶନ କରିବା ପାଇଁ ଏହା ଉଦ୍ୟମ କରୁଛି। ଉକ୍ତ କଳାକାର ଗୋଷ୍ଠୀ ୧୯୯୦ରେ ଆଲ୍ଲାହାବାଦ୍ ନଗରୀରେ ଏକ ଆବାସିକ କମ୍ପ୍ଲେକ୍ସର ୪୦ଫୁଟ ଉଚ୍ଚତା ବିଶିଷ୍ଟ ପ୍ରାଚୀର ଉପରେ ବିଶିଷ୍ଟ ହିନ୍ଦୀ କବି ହରିବଂଶ ରାୟ ବଚ୍ଚନଙ୍କର ଛବି ଅଙ୍କନ କରିଥିଲେ। ଯାହାକୁ ତାଙ୍କ ପୁତ୍ର ଅମିତାଭ ବଚ୍ଚନ ଉଦ୍‌ଘାଟନ କରିଥିଲେ। ଏହି ନଗରୀରେ ମଦନ ମୋହନ ମାଳଭିଆ ଜନ୍ମଗ୍ରହଣ କରିଥିବାରୁ ତାଙ୍କର ଏକ ବିଶାଳ ଛବି ଅଙ୍କନ କରିବା ପାଇଁ ମଧ୍ୟ ଯୋଜନା ହୋଇଛି। ଦିଲ୍ଲୀ ଷ୍ଟ୍ରିଟ୍ ଆର୍ଟର ପ୍ରତିଷ୍ଠାତା ଯୋଗେଶ ସାଇନି କହନ୍ତି, ଦେଶ ଭିତରୁ, ବ୍ରିଟେନ୍ ଏବଂ ରୁଷିଆରୁ ୫୦ କଳାକାର ଏହି ପ୍ରକଳ୍ପ ପାଇଁ କାର୍ଯ୍ୟ କରୁଛନ୍ତି। ଚିତ୍ରକଳାର ଏହି ନିଆରା ଭାବଧାରା ଭାରତର ସବୁ ନଗରୀରେ ସ୍ଥାନ ପାଇଲେ ବିଦେଶୀ ପର୍ଯ୍ୟଟକଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରାଯାଇପାରନ୍ତା।

## ଚିରନ୍ତନୀ

ଚାଲିଛି ଏକା ବିପଥେ ପଥେ ନାହିଁରେ ସାହା ସାଥୀ,
ଚାଲିଛି ଏକା ନ ମାନି ଖରା ବରଷା ଦିନ ରାତି।
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଅକ୍ଟୋବର ୧୯୯୩

- ଆଲଜେରିଆରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପରେ ଲିପ୍ତଥିବା ଅଭିଯୋଗରେ ଚଳିତବର୍ଷ ୩୦୦ ବ୍ୟକ୍ତିଙ୍କୁ ଫାଶୀ ଦିଆଯାଇଛି।
- ଚାଇନା ଦକ୍ଷିଣ ଆଫ୍ରିକା ଉପରୁ ନିଜର ବାସନ୍ଦ ବ୍ୟବସ୍ଥା ପ୍ରତ୍ୟାହାର କରିନେଇଛି।

## ସାପ୍ତାହିକ ପଞ୍ଜିକା

୨୧- ତାଇୱାନର ଦକ୍ଷିଣ-ପଶ୍ଚିମ ଉପକୂଳବର୍ତ୍ତୀ ଅଞ୍ଚଳକୁ ଯାତ୍ରା କରୁଥିବାବେଳେ ଏକ ଏକ୍ସପ୍ରେସ୍ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇ ୨୨ ଜଣଙ୍କ ମୃତ୍ୟୁ ଓ ୧୨୦ ଆହତ।
୨୨- ଭାରତ ଓ ଚାଇନା ମଧ୍ୟରେ ପ୍ରଥମ ସୁରକ୍ଷା ସମନ୍ୱୟ ଚୁକ୍ତି ସ୍ୱାକ୍ଷରିତ।
୨୩- ଚାଇନାର ସହର ଜୁହାଇକୁ ହଂକଂ ଓ ମାକାଉ ସହ ଯୋଡୁଥିବା ବିଶ୍ୱର ଦୀର୍ଘତମ ସମୁଦ୍ର ପୋଲ ଉଦ୍‌ଘାଟିତ। ୫୫ କିମି ଦୀର୍ଘ ଏହି ପୋଲ ନିର୍ମାଣ କରିବାକୁ ୯ ବର୍ଷ ଲାଗିଛି।
୨୪- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ର ସିଓଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ।
୨୫- ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ ଦୁର୍ନୀତିରେ ଜଡ଼ିତ ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ହଂକଂରେ ଥିବା ୨୫୫ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜବତ କରିଛି।
୨୬- ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ମହୀନ୍ଦ୍ରା ରାଜପାକ୍ସେ ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।
* ଓଡ଼ିଆ ଭର୍ଚୁଆଲ ଏକାଡେମୀର ନୂତନ ୱେବ୍ ପୋର୍ଟାଲ ଲୋକାର୍ପିତ, ଯେଉଁଥିରେ ଡିଜିଟାଲ ରୂପରେ ଓଡ଼ିଆ ଭାଷା-ସାହିତ୍ୟର ବିଭବ ପ୍ରକାଶ ପାଇବ।

## ଆମ ସମସ୍ୟା

### ରାସ୍ତା ଖାଲଖମାରେ ପୂର୍ଣ୍ଣ

ମହାଶୟ,

ଭଦ୍ରକ ବ୍ଲକ୍ ଅଧୀନ ସାବରଙ୍ଗ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଖାଲଖମା ସୃଷ୍ଟି ହୋଇ ବର୍ଷା ପାଣି ଭରି ରହୁଛି। ଯାନବାହନ, ସାଧାରଣ ଲୋକଙ୍କ ଯିବା ଆସିବାରେ ଅସୁବିଧା ହେବା ସଙ୍ଗେସଙ୍ଗେ କାଦୁଅ ପାଣି ଲୋକଙ୍କ ଉପରେ ଛିଟିକି ପଡୁଛି। ଆଖପାଖ ତିନି ଚାରିଟି ପଞ୍ଚାୟତର ଲୋକେ ଓ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। ଏହା ଏକ କେନ୍ଦ୍ରସ୍ଥଳୀ ହୋଇଥିବାରୁ ହାଟ ବଜାର ନିମନ୍ତେ ଦିନକୁ ଶହ ଶହ ଲୋକ ଏଠାକୁ ଆସିଥାନ୍ତି। ଏହାର ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେବାକୁ ଅନୁରୋଧ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ଡାକ ବିଭାଗରେ ଅବ୍ୟବସ୍ଥା

ଯାଜପୁର ଜିଲା ମୁଖ୍ୟ କାର୍ଯ୍ୟାଳୟ ଅନ୍ତର୍ଗତ ଚଣ୍ଡିଖୋଲ ଡାକଘରେ ଦୀର୍ଘମାସ ହେବ ଲଫାପା, ପୋଷ୍ଟକାର୍ଡ, ଷ୍ଟାମ୍ପ୍ ଆଦି କିଛି ମିଳୁନାହିଁ। ଛତିଆ ପୋଷ୍ଟ ଅଫିସରେ ଷ୍ଟାମ୍ପ୍ ମିଳୁନାହିଁ। ଉଭୟ ସବ୍‌ପୋଷ୍ଟ ଅଫିସ ହୋଇଥିବା ବେଳେ ଉଭୟ ସ୍ଥାନ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର। ବ୍ୟବସ୍ଥାର ପରିବର୍ତ୍ତନ ଯୋଗୁ ଲଫାପା ଆଦି ଆଉ ଆସୁ ନ ଥିବାର ଚଣ୍ଡିଖୋଲ ପୋଷ୍ଟମାଷ୍ଟର କହୁଛନ୍ତି। ଡାକ ବ୍ୟବସ୍ଥାରେ ଯୋଗାଯୋଗ ପାଇଁ ଆବଶ୍ୟକ ସାମଗ୍ରୀ ଯଦି ଡାକଘରୁ ନ ମିଳିବ, ତେବେ ଡାକ ବିଭାଗ କି ପ୍ରକାର ସେବା ପ୍ରଦାନ କରୁଛି ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଗ୍ରାମାଞ୍ଚଳରେ ବିଭିନ୍ନ ପୋଷ୍ଟ ଅଫିସରେ ମଧ୍ୟ ସମାନ ସମସ୍ୟା। ଲୋକେ ଡାକଘରକୁ ଆସି ନିରାଶ ହୋଇ ଫେରୁଛନ୍ତି।

ସତୀଶ ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଯାଜପୁର

### ରାସ୍ତା ମରାମତି ନୋହିଲା

ପୁରୀ ଜିଲା ସତ୍ୟବାଦୀ ଅନ୍ତର୍ଗତ ଭାର୍ଗବୀ ନଦୀର ବାମପାର୍ଶ୍ୱରେ ଗବକୁଣ୍ଡ-ବଳଙ୍ଗା ଚନ୍ଦନପୁର ବ୍ରାଞ୍ଚ କେନାଲ ପିଚୁ ରାସ୍ତାରୁ ଚିଲପାଟଣାଠାରୁ ଗୁଆଳିଗୋରଡା ପର୍ଯ୍ୟନ୍ତ ପିଚୁ ଉଠି ଖାଲଖମାରେ ପରିପୂର୍ଣ୍ଣ ହେବା ଖବର ଅନେକଥର ପ୍ରକାଶିତ ହୋଇ ମଧ୍ୟ ରାସ୍ତା ମରାମତି ହେଲାନାହିଁ। ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା କ'ଣ ଜନପ୍ରତିନିଧି, ପ୍ରଶାସକଙ୍କୁ ମାଲୁମ ହେଉନାହିଁ ?

ଶ୍ରୀରାମଚନ୍ଦ୍ର ଦାଶ, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ନର



@ କୁନ୍ଦନ



@ କିଷାନ



@ ରାହୁଲ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଆଇନଜୀବୀ ସଂଘରେ ବିବାଦ ତେଜିଲା

**ଭିନ୍ନମୋଡ ନେଲା ଆନ୍ଦୋଳନ**
- ମୁଖ୍ୟମନ୍ତ୍ରୀ, ଆଇନଜୀବୀଙ୍କ ଫଟୋ ପୋଡ଼ାଗଲା
- ସୋମବାର କାର୍ଯ୍ୟରେ ଯୋଗଦେବେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସଦସ୍ୟ

**କଟକ ଅଫିସ,୨୮।୧୦**

ଆଇନଜୀବୀଙ୍କୁ ପୋଲିସର ମାଡ଼ ପ୍ରତିବାଦରେ ପ୍ରାୟ ୨ ମାସ ଧରି ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ଜାରି ରହିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଭିନ୍ନ ମୋଡ଼ ନେଇଛି। ବିଜେଡି ଆଇନଜୀବୀ ସାମ୍ମୁଖ୍ୟରେ ସଦସ୍ୟ ଓ କର୍ମକର୍ତ୍ତା ଥିବା ହାଇକୋର୍ଟର ବହୁ ଆଇନଜୀବୀ ଶନିବାର ଆନ୍ଦୋଳନରୁ ଓହରିଯିବା ପରେ ବାର ଆସୋସିଏଶନରେ ଫାଟ ସୃଷ୍ଟି ହୋଇ ବିବାଦ ତେଜିଛି। ଆଡଭୋକେଟ ବଂଶୀଧର ଶତପଥୀ ହାଇକୋର୍ଟ ବାର ଆସୋସିଏଶନ ଉପସଭାପତି ପଦରୁ ଇସ୍ତଫା ଦେଇଥିବାବେଳେ ସାମ୍ମୁଖ୍ୟ ପକ୍ଷରୁ ଉପଦେଷ୍ଟା ଅସୀମ ଅମିତାଭ ଦାସ ସୋମବାରଠାରୁ ଆମେ କାର୍ଯ୍ୟରେ ଯୋଗଦେବୁ ବୋଲି କହିଛନ୍ତି। ସାମ୍ମୁଖ୍ୟ କର୍ମକର୍ତ୍ତାଙ୍କ ଏଭଳି ଆଭିମୁଖ୍ୟ ଉପରେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି ବାର ଆସୋସିଏଶନର କେତେଜଣ କର୍ମକର୍ତ୍ତା ଓ ଆଇନଜୀବୀ। ସେମାନେ ରବିବାର ହାଇକୋର୍ଟ ପରିସରରେ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ଆଇନଜୀବୀ ପରିଷଦର ଅଧକ୍ଷ ଟହଲି ଚରଣ ମହାନ୍ତି ଏବଂ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଉପଦେଷ୍ଟା ଦାସଙ୍କ ଫଟୋଚିତ୍ରରେ ଚପଲମାଳ ପିନ୍ଧାଇ ପୋଡ଼ିଥିଲେ। ଅନ୍ୟପକ୍ଷରେ ଆଇନଜୀବୀଙ୍କ ଦୀର୍ଘଦିନର ଆନ୍ଦୋଳନ ଯୋଗୁ ରାଜ୍ୟ ସାରା ସାଧାରଣ ଲୋକ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କୋର୍ଟ କାର୍ଯ୍ୟ ନ ହେବାରୁ ଅନେକେ ଜେଲରେ ଅଟକ ରହିଛନ୍ତି। ଫଳରେ ସେମାନଙ୍କ ପରିବାର ଦୁର୍ଦ୍ଦଶା ଭୋଗୁଛନ୍ତି। ଆନ୍ଦୋଳନରୁ ଓହରିଯିବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିବେଦନକୁ ମଧ୍ୟ ଆନ୍ଦୋଳନକାରୀମାନେ ମାନି ନ ଥିଲେ। ସରକାର ଏନେଇ କୌଣସି ପ୍ରତିକାର କରିପାରି ନ ଥିବାବେଳେ ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ ଖୁବ୍‌ଶୀଘ୍ର କୋର୍ଟ ଅଚଳାବସ୍ଥାରେ ସୁଧାର ଆସିବ ବୋଲି ଆଶା କରାଯାଉଛି।

ସୂଚନାଥାଉ କି, ସରକାର ଦାବି ନ ମାନିଲେ ଆସନ୍ତା ୩୧ ତାରିଖରେ ସମଗ୍ର ରାଜ୍ୟର ବାର ଆସୋସିଏଶନ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବ ବୋଲି ଗତ ଶୁକ୍ରବାର ହାଇକୋର୍ଟ ବାର ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ହିଁ ସଂଘରେ ଫାଟ ସୃଷ୍ଟି ହେବାର ମୁଖ୍ୟ କାରଣ ବୋଲି କୁହାଯାଉଛି। ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଉପଦେଷ୍ଟା ଦାସ ଆନ୍ଦୋଳନକୁ ରାଜନୀତିକରଣ କରାଯାଉଥିବା ଶନିବାର ଅଭିଯୋଗ କରିଥିଲେ। ସେ ରବିବାର ବିଜେଡି ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ଘରେ ଖବରଦାତାଙ୍କୁ ସୂଚନା ଦେଇ କହିଥିଲେ ଯେ, ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ନଜରରେ ରଖି ସୋମବାର କାର୍ଯ୍ୟରେ ଯୋଗଦେବାକୁ ଆମେ ସବୁ ଆଇନଜୀବୀଙ୍କୁ ନିବେଦନ କରୁଛୁ।

ହାଇକୋର୍ଟ ବାର ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ ଏବଂ ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଛନ୍ତି, ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ନ୍ୟାୟ ଦେବା ପାଇଁ ଆମେ ଏହି ଆନ୍ଦୋଳନକୁ ଜାରି ରଖିଛୁ। ହେଲେ ଆନ୍ଦୋଳନକୁ ନେଇ ଏବେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର କେତେଜଣ ସଦସ୍ୟ ରାଜନୈତିକ ରଙ୍ଗ ଦେବାକୁ ଅପଚେଷ୍ଟା କରୁଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦ ଅଧକ୍ଷ ମହାନ୍ତି କହିଛନ୍ତି, ଆଇନଜୀବୀ ଏକତାକୁ ଆମେ ସମ୍ମାନ ଜଣାଉଛୁ। ହେଲେ ଆଇନଜୀବୀ ଦେବୀପ୍ରସାଦଙ୍କ ଘଟଣାରେ କୋର୍ଟରେ ମାମଲା ଚାଲୁଥିବାରୁ ଏହାର ଚୂଡାନ୍ତ ଶୁଣାଣି ଆସିବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା କେତେଦୂର ଠିକ୍ ତାହା ଆମେ ସମସ୍ତେ ଜାଣିରଖିବା ଉଚିତ। ତେଣୁ କୋର୍ଟ କାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ସବୁ ଆଇନଜୀବୀ କାର୍ଯ୍ୟରେ ଯୋଗଦେବା ଉଚିତ। ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଚିନ୍ମୟ କୁମାର ମହାନ୍ତି କହିଛନ୍ତି, କାର୍ଯ୍ୟରେ ଯୋଗଦେବାକୁ କହି ଯେଉଁମାନେ ବିଜେଡିର ଏଜେଣ୍ଟ ସାଜୁଛନ୍ତି, ସେମାନଙ୍କୁ ନିବେଦନ ଯେ, ରାଜନୀତି କରି ଆଇନଜୀବୀ ସଂଘରେ ଫାଟ ସୃଷ୍ଟି ନ କରନ୍ତୁ।

ଅନ୍ୟପକ୍ଷରେ ଆନ୍ଦୋଳନ ଦୀର୍ଘ ଦିନ ଚାଲିବା ପଛରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରୋକ୍ଷ ଇଙ୍ଗିତ ଥିବା ଅଭିଯୋଗ ଆଣିଛି ରାଜ୍ୟ ଛାତ୍ର ସ୍ୱାଭିମାନ ମଞ୍ଚ। ରବିବାର ସନ୍ଧ୍ୟାରେ ମଞ୍ଚ ପକ୍ଷରୁ ଚାନ୍ଦିନୀଚୌକ ଛକ ନିକଟରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି।

ଆଇନଜୀବୀଙ୍କ ମଧ୍ୟରେ କାର୍ଯ୍ୟରେ ଯୋଗଦେବାକୁ ନେଇ ବିବାଦ ଚାଲିଥିବାବେଳେ ସୋମବାର ପରିସ୍ଥିତି ଜଟିଳ ହେବା ଆଶଙ୍କା କରାଯାଉଛି। ଏ ନେଇ କଟକ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ହାଇକୋର୍ଟ ପାଖ ଲାଲବାଗ ଥାନାରେ ୧୦ ପ୍ଲାଟୁନ ପୋଲିସ ଫୋର୍ସ ଅଛନ୍ତି। ପରିସ୍ଥିତି ଉପରେ ନଜର ରଖୁଛୁ।

ସୂଚନାଥାଉ କି, ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ଗତ ଅଗଷ୍ଟ ୨୮ ତାରିଖରେ ପିସିଆର ଭ୍ୟାନରେ ଥିବା ପୋଲିସ କର୍ମଚାରୀମାନେ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଉକ୍ତ କର୍ମଚାରୀମାନଙ୍କୁ ଗିରଫ କରିବା ଦାବିରେ ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ଅଗଷ୍ଟ ୨୯ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଅନ୍ୟପକ୍ଷରେ ଦେବୀପ୍ରସାଦ ପିସିଆର ଭ୍ୟାନ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ତାଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ ଦେବୀପ୍ରସାଦଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ଅକ୍ଟୋବର ୨୯ ତାରିଖ ଯାଏ ପ୍ରଦାନ କରିଥିଲେ। ସୋମବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି ରହିଛି।

# ପରବର୍ତ୍ତୀ ଉନ୍ନୟନ କମିଶନରଙ୍କୁ ନେଇ ଚର୍ଚ୍ଚା

- ନଭେମ୍ବରରେ ଅବସର ନେବେ ଆର. ବାଲ୍‌କ୍ରିଷ୍ଣନ
- ଚର୍ଚ୍ଚାରେ ଅସିତ୍ ତ୍ରିପାଠୀ, ଗଗନ ଧଳଙ୍କ ନାମ

**ଭୁବନେଶ୍ୱର, ୨୮।୧୦ (ବ୍ୟୁରୋ)**

ବର୍ତ୍ତମାନର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର. ବାଲ୍‌କ୍ରିଷ୍ଣନ ଆସନ୍ତା ନଭେମ୍ବର ଶେଷରେ ସରକାରୀ ଚାକିରିରୁ ଅବସର ନେବେ। ତେଣୁ ପରବର୍ତ୍ତୀ ଉନ୍ନୟନ କମିଶନର କିଏ ହେବେ, ତାହାକୁ ନେଇ ପାୱାର କରିଡରରେ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଭାରତୀୟ ପ୍ରଶାସନିକ ସେବାର କ୍ୟାଡର ଅନୁଯାୟୀ ଓଡ଼ିଶାରେ ଜଣେ ପ୍ରମୁଖ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦେବାର ବିଧିବ୍ୟବସ୍ଥା ରହିଛି।

ଓଡ଼ିଶାରେ ଦୀର୍ଘବର୍ଷ ଧରି ରାଜ୍ୟରେ ଜଣେ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କୁ ଉନ୍ନୟନ କମିଶନର ତଥା ଯୋଜନା ଓ ସଂଯୋଜନ ବିଭାଗର ସଚିବ ଭାବେ ନିଯୁକ୍ତି ଦିଆଯାଉଛି। ତେଣୁ ପ୍ରଚଳିତ ପ୍ରଥା ଅନୁଯାୟୀ, ବର୍ତ୍ତମାନ ମୁଖ୍ୟ ଶାସନ ସଚିବ ପାହ୍ୟାରେ ଥିବା ଅଫିସର ମଧ୍ୟରୁ ଜଣଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦିଆଯିବ। ବର୍ତ୍ତମାନ ମୁଖ୍ୟ ଶାସନ ସଚିବ ଥିବା ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ବାଦ୍ ଦେଇ ସଂଖ୍ୟାଧିକ ଅଫିସର ଏହି ପାହ୍ୟାରେ ଅଛନ୍ତି। ସେମାନେ ହେଉଛନ୍ତି-୧୯୮୩ ବ୍ୟାଚ୍‌ର ଆଇ. ଶ୍ରୀନିବାସ, ୧୯୮୪ ବ୍ୟାଚ୍‌ର ଡକ୍ଟର ଅରୁଣ କୁମାର ପଣ୍ଡା, ଡକ୍ଟର ସୁନୀଲ କୁମାର ଭାର୍ଗବ, ୧୯୮୫ ବ୍ୟାଚ୍‌ର ବିପିନ୍ କୁମାର ସକ୍‌ସେନା, ଉପେନ୍ଦ୍ର ପ୍ରସାଦ ସିଂ, ସୁରେନ୍ଦ୍ର ନାଥ ତ୍ରିପାଠୀ ଏବଂ ଡକ୍ଟର ଗଗନ କୁମାର ଧଳ। ସେହିପରି ୧୯୮୬ ବ୍ୟାଚ୍‌ର ଅସିତ୍ କୁମାର ତ୍ରିପାଠୀ, ଲକ୍ଷ୍ମୀ ନାରାୟଣ ଗୁପ୍ତା, ସୁରେଶ ଚନ୍ଦ୍ର ମହାପାତ୍ର, ସୁଦର୍ଶନ ପାଲ ଠାକୁର ଏବଂ ଜି.ଭି.ଭି. ଶର୍ମା। ୧୯୮୭ ବ୍ୟାଚ୍‌ର ତୁହିନକାନ୍ତ ପାଣ୍ଡେ, ନିକୁଞ୍ଜ କିଶୋର ସୁନ୍ଦରାୟ, ରାଜେଶ ବର୍ମା ଏବଂ ରାଜକୁମାର ଶର୍ମା।

ଏମାନଙ୍କ ମଧ୍ୟରୁ ଆଇ. ଶ୍ରୀନିବାସ, ଡକ୍ଟର ଅରୁଣ କୁମାର ପଣ୍ଡା, ଡକ୍ଟର ସୁନୀଲ କୁମାର ଭାର୍ଗବ, ବିପିନ୍ କୁମାର ସକ୍‌ସେନା, ଉପେନ୍ଦ୍ର ପ୍ରସାଦ ସିଂ ଏବଂ ସୁରେନ୍ଦ୍ର ନାଥ ତ୍ରିପାଠୀ ଦିଲ୍ଲୀରେ ଅବସ୍ଥାପିତ ଅଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ଏବଂ ଦିଲ୍ଲୀ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଏମାନଙ୍କ ମଧ୍ୟରୁ କେହି ନିକଟ ଭବିଷ୍ୟତରେ ରାଜ୍ୟକୁ ଫେରିବାର ସମ୍ଭାବନା ନାହିଁ। ତେଣୁ ସରକାର ରାଜ୍ୟରେ କାର୍ଯ୍ୟରତ ଜଣେ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦେବେ ବୋଲି ଆଲୋଚନା ହେଉଛି।

ବରିଷ୍ଠତା ଦୃଷ୍ଟିରୁ ୧୯୮୫ ବ୍ୟାଚ୍‌ର ଅଧିକାରୀ ଡକ୍ଟର ଗଗନ କୁମାର ଧଳଙ୍କ ନାମ ପ୍ରଥମେ ଆସୁଛି। ହେଲେ ସେ କୃଷି ଉନ୍ନୟନ କମିଶନର ଭାବେ ବର୍ତ୍ତମାନ ଅବସ୍ଥାପିତ। ଏହା ବାଦ୍ ତାଙ୍କୁ ଅନ୍ୟ ୫ଟି ବିଭାଗର ଦାୟିତ୍ୱ ଦିଆଯାଇଛି। ତେଣୁ ତାଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ସମ୍ଭାବନା ଅପେକ୍ଷାକୃତ କମ୍। ତାଙ୍କୁ ବାଦ୍ ଦେଲେ ୧୯୮୬ ବ୍ୟାଚ୍‌ର ଅଧିକାରୀଙ୍କ ମଧ୍ୟରୁ ଜଣେ ଉନ୍ନୟନ କମିଶନର ହେବା ସମ୍ଭାବନା ଅଧିକ। ସେହି ଦୃଷ୍ଟିରୁ ଦେଖିଲେ ବର୍ତ୍ତମାନର ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ନାମକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସାଧାରଣ ନିର୍ବାଚନ ନିକଟତର ହେଲାଣି। ନିର୍ବାଚନ ପାଖାପାଖିରେ ରାଜ୍ୟ ସରକାର ପ୍ରଶାସନିକ ଅଦଳବଦଳ କରିବାକୁ ମନ ବଳାଇବେ ନାହିଁ। ତେଣୁ ନଭେମ୍ବର ମାସରେ ରାଜ୍ୟରେ କାର୍ଯ୍ୟରତ ବରିଷ୍ଠ ପ୍ରଶାସନକୁ ଅଦଳବଦଳ ସମ୍ଭାବନା ଯଥେଷ୍ଟ ରହିଥିବା ଆଲୋଚନା ହେଉଛି।


# ଶାସନ ନାଁରେ ପ୍ରବଞ୍ଚନା ଚାଲିଛି- ଧର୍ମେନ୍ଦ୍ର

**ବାସୁଦେବପୁର,୨୮।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ମାଧବାନନ୍ଦ ମଲିକ ସମର୍ଥକଙ୍କ ସହିତ ରବିବାର ଆନୁଷ୍ଠାନିକ ଭାବେ ଭାଜପାରେ ମିଶିଛନ୍ତି। ଏହି ଉପଲକ୍ଷେ ଭାଜପା ପକ୍ଷରୁ ସ୍ଥାନୀୟ ଯାଦବ ପଡ଼ିଆଠାରେ ମିଶ୍ରଣପର୍ବ ଆୟୋଜିତ ହୋଇଥିଲା। ଜିଲା ସଭାପତି ବଦ୍ରିନାରାୟଣ ଧଳ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କେନ୍ଦ୍ର ପ୍ରାକୃତିକ ଗ୍ୟାସ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ,

ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ପ୍ରତାପ ଷଡ଼ଙ୍ଗୀ, ପୂର୍ବତନ ବିଧାୟକ, ଭାଜପା ଜିଲା ଉପସଭାପତି ବିଷ୍ଣୁ ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି, ଡା. ପ୍ରଦୀପ କୁମାର ନାୟକ, ଶରତ ଦାସ, ମନସ୍ୱିନୀ ଖୁଣ୍ଟିଆ, ଜିଲା ଉପସଭାପତି ଅଶୋକ ସାହୁ ପ୍ରମୁଖ ଯୋଗଦେଇଥିଲେ।

ଘଣ୍ଟାଏ ବିଳମ୍ବରେ ସଭାରେ ପହଞ୍ଚିଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ଆଗାମୀ ଦିନରେ ଭାଜପା ଶାସନ କ୍ଷମତାକୁ ଆସିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ କହିଥିଲେ, ବର୍ତ୍ତମାନ ରାଜ୍ୟରେ ଏକ ଅପାରଗ, ସ୍ଥାଣୁ, ବ୍ୟଭିଚାରୀ ଓ ଚିଟ୍‌ଫଣ୍ଡର ସରକାର ଚାଲିଛି। ଶାସନ ନାଁରେ ପ୍ରବଞ୍ଚନା ଚାଲିଛି। ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ସରକାର ଓ ସ୍ଥାନୀୟ ଲୋକପ୍ରତିନିଧି ଅଣଦେଖା କରିବା କ୍ଷୋଭର ବିଷୟ। ଭାଜପା କ୍ଷମତାକୁ ଆସିଲେ ଓଡ଼ିଶାରେ ଚାଷୀଙ୍କ କୃଷିଋଣ ଛାଡ଼ କରିବା ସହିତ ଲୋକଙ୍କୁ ସ୍ୱଚ୍ଛ ସରକାରର ସୁଶାସନ ପ୍ରଦାନ କରିବ। ବର୍ତ୍ତମାନ ରାଜ୍ୟରେ କଂଗ୍ରେସ ତାହାର ଅସ୍ତିତ୍ୱ ହରାଇ ବସିଛି ବୋଲି ସେ କହିଥିଲେ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନା ପୃଥିବୀର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ଯୋଜନା। ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରୁ ନ ଥିବାରୁ ସେ ସମାଲୋଚନା କରିଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଉଛି।

## ମିଶ୍ରଣ ସଭାରେ ପଦ୍ମ ଧରିଲେ ମାଧବାନନ୍ଦ

ବାସୁଦେବପୁର ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟଜଳ ସମେତ ବିଭିନ୍ନ ସମସ୍ୟାରେ ବୁଡ଼ି ରହିଛି ବୋଲି ସେ କହିଥିଲେ।

ସଭାରେ ଭାଜପାରେ ସାମିଲ ହୋଇଥିବା ବରିଷ୍ଠ କଂଗ୍ରେସ ନେତା ମାଧବାନନ୍ଦ ଓ ତାଙ୍କ ସମର୍ଥକଙ୍କୁ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କଂଗ୍ରେସରେ ଗୋଷ୍ଠୀକନ୍ଦଳ ପାଇଁ ସେ ଦଳ ଛାଡ଼ିଲେ ବୋଲି ମାଧବାନନ୍ଦ ବକ୍ତବ୍ୟ ରଖି ରାଜ୍ୟରେ ଚାଷୀଙ୍କ କୃଷି ଋଣ ଛାଡ଼ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ପଞ୍ଚାନନ ସେନାପତି, ଧୀରେନ୍ଦ୍ର ପଣ୍ଡୁଆଙ୍କ ସମେତ ପୌରପାଳିକାର ୭ କାଉନସିଲର, ପୂର୍ବତନ ସରପଞ୍ଚ ଗଙ୍ଗାଧର ପଣ୍ଡା, ପୂର୍ବତନ ସମିତିସଭ୍ୟ ପ୍ରତାପ ସେନାପତି, ମୁକ୍ତିକାନ୍ତ ନାୟକ, ଶରତ ମଲିକ, ଯୁବ କଂଗ୍ରେସର ଜିଲା ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ମହାକୁଡ଼, ଯୁବ କଂଗ୍ରେସ ନିର୍ବାଚନ ମଣ୍ଡଳୀ ସଭାପତି ଉଦୟ ନାରାୟଣ ମଲିକ ଭାଜପାରେ ସାମିଲ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ଶେଷରେ ଯୁବନେତା ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ବାସୁଦେବପୁର ଗସ୍ତରେ ଆସି ପହଞ୍ଚିବା ପରେ ତାଙ୍କୁ ସ୍ଥାନୀୟ ଡାକବଙ୍ଗଳାରୁ ସଭାସ୍ଥଳ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା।

# ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

**କପ୍ତିପଦା,୨୮।୧୦(ଡି.ଏନ୍.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଶରତ ଥାନା ଅଧିନ ରାମଚନ୍ଦ୍ରପୁର ପଞ୍ଚାୟତ ଦୋଳିପଡା ଗ୍ରାମର ସରିତା ଦେହୁରୀ ନାମ୍ନୀ ମହିଳାଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ସରିତାଙ୍କ ବାପା ନାରାୟଣ ଦେହୁରୀଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ ୪୮/୧୮) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ଗିରଫ ସ୍ୱାମୀ ହେଲେ ଟିକନ ଦେହୁରୀ। ଟିକନ ୨୦୧୧ ମସିହାରେ ସରିତାକୁ ବିବାହ କରିଥିବା ବେଳେ ଅଧିକ ଯୌତୁକ ଲାଗି ନିର୍ଯାତନା ଦେଇ ଆସୁଥିଲେ। ଗତ ୨୭ ତାରିଖରେ ସରିତାଙ୍କୁ ତଣ୍ଟି ଚିପି ଟିକନ ହତ୍ୟା କରିଥିବା ନେଇ ତାଙ୍କ ପୁଅ ଯାଇ ଆଈଙ୍କୁ କହିଥିଲେ। ସରିତାଙ୍କ ପରିବାର ଲୋକେ ତୁରନ୍ତ ତାଙ୍କ ଶାଶୁ ଘରେ ପହଞ୍ଚିବା ବେଳକୁ ତାଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

DADLS-154

## ରାଷ୍ଟ୍ରୀୟ ସଂକଳ୍ପ ଦିବସ ରାଜ୍ୟସ୍ତରୀୟ ସମାରୋହ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା

ତା୩୧।୧୦।୨୦୧୮ — ସ୍ଥାନ: ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା** — ସମୟ: ମଧ୍ୟାହ୍ନ ୧୨ ଘଟିକା
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା** — ସମୟ: ଅପରାହ୍ନ ୨ ଘଟିକା
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ୧ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ/ ଅଧକ୍ଷ / ଅଧକ୍ଷାଙ୍କ ଅନୁମତିପତ୍ର ଆଣିବା ଆବଶ୍ୟକ।
- ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା୩୧।୧୦।୨୦୧୮ରିଖ ସନ୍ଧ୍ୟା ୫ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ

15001/13/0345/1819

**OFFICE OF THE HEADMASTER**
**KASTURABA GANDHI BALIKA VIDYALAYA, TARAGAM**
**BLOCK- NABARANGPUR, DIST.- NABARANGPUR, PIN- 764059**
Cell: 8249886197 (HM) — Email: kgbvtaragam@rediffmail.com
Letter No. 77/2018 — ଶିକ୍ଷା ଅଧିକାର — Date: 26.10.2018

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of Reading Writing Materials & Dress Materials to KGBV, TARAGAM, Block/Dist.- Nabarangpur. Bids should be submitted in the envelope duly marked on the top "Tender for supply of Reading Writing Materials & Dress Materials" to the Headmistress, KGBV TARAGAM, Nabarangpur during office hours by 5.00PM of Dt.26.11.18. The bid document shall be opened at 10.00AM on Dt.27.11.18 in the office of the Headmistress, KGBV, TARAGAM, Nabarangpur in the presence of the bidders or their authorised representatives. Any SMC member / official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website http://www.opepa.in and nabarangpur.nic.in.

*Sd./- Headmistress, KGBV TARAGAM, Nabarangpur*

See Career Appointment on every Wednesday & Saturday

**OFFICE OF THE COLLECTOR, RAYAGADA**
**(SOCIAL WELFARE SECTION)**
No. 2486 — Dated: 26.10.18

**TENDER NOTICE**

Sealed tenders in the prescribed format are invited from the intending registered transport contractor / agents / individuals / company for undertaking transportation of rice & wheat, under Supplementary Nutrition feeding programme during the year 2018-19 in Rayagada district, which is to be transported from the FSD depot of the FCI/OSWC of Rayagada & Gunupur to all the AWC & Chhatua production points of the district.

For details please visit our official website http://rayagada.nic.in. The tender completed in all respect shall reach to the Office of the DSWO, Rayagada by registered / speed post Collectorate, Rayagada on or before 15.11.2018 by 5PM and the tender will be opened on 16.11.2018 at 11AM by the tender committee constituted for this purpose.

The tender received beyond the date and time mentioned above shall not be taken into consideration. The authority also reserves the right to reject any or all tenders without assigning any reason thereof.

*Sd./- COLLECTOR, RAYAGADA*

**ପଞ୍ଚାୟତ ସମିତି, ସୁକିନ୍ଦା, ଜିଲ୍ଲା-ଯାଜପୁର**
Email: ori-sukinda@nic.in, PIN- 755018, Cell: 8280405157
No. 2572 — Date: 27.10.2018

**TENDER CANCELLATION NOTICE**

This is to inform all concerned that Tender Notice No. 2230, dtd. 10.09.2018 of Sukinda Block for 11 nos. of OMC CSR projects, is hereby cancelled.

*Sd./- Block Development Officer, Sukinda*

idco — Your power to grow — ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022
No. HO/Civil/T&E/E/4443/01/2018/21446 — Date:26.10.2018

**EXPRESSION OF INTEREST NOTICE**

Expression of Interest is invited from renowned Artisans / Agencies for "Design, Supply and Installation of Display items with Supportive backdrops for Dance Costume Gallery of Odisha Craft Museum at Gandamunda, Bhubaneswar". The detail EOI can be seen in our website **www.idco.in** (in tenders EOI /REP/Others). The last date of submission of the EOI is **16.11.2018** by 5.00pm.

For the detailed EOI, please visit our web site **www.idco.in**

Sd/-
Chief General Manager (Civil)I/C
IDCO, Bhubaneswar

**OFFICE OF THE HEADMISTRESS**
**KASTURABA GANDHI BALIKA VIDYALAYA, CHARAMULA**
**BLOCK- TENTULIKHUNTI, DIST.- NABARANGPUR, PIN- 764070**
Cell: 9777723789 (HM) — Email: kgbvcharamula@rediffmail.com
Letter No. 85/2018 — ଶିକ୍ଷା ଅଧିକାର — Date: 26.10.2018

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of Reading Writing Materials & Dress Materials to KGBV, CHARAMULA, Block- Tentulikhunti, Dist.- Nabarangapur. Bids should be submitted in the envelope duly marked on the top "Tender for supply of Reading Writing Materials & Dress Materials" to the Headmistress, KGBV CHARAMULA, Block- Tentulikhunti, Nabarangpur during office hours by 5.00PM of Dt.28.11.18. The bid document shall be opened at 10.00AM on Dt.29.11.18 in the office of the Headmistress, KGBV, CHARAMULA, Block- Tentulikhunti, Nabarangpur in the presence of the bidders or their authorised representatives. Any SMC member / official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website http://www.opepa.in and nabarangpur.nic.in.

*Sd./- Headmistress, KGBV CHARAMULA*

ଓଏଫ୍‌ଡିସି ଜୁନିୟର, ଆସିଷ୍ଟାଣ୍ଟ ମ୍ୟାନେଜର ପରୀକ୍ଷା ପରିଚାଳନାରେ ଅବ୍ୟବସ୍ଥା

# ଗୋଟିଏ ନାଁରେ ଏକାଧିକ ପ୍ରାର୍ଥୀ, ତାତିଲେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)- ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି) ଜୁନିୟର ମ୍ୟାନେଜର ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ପଦବୀ ପାଇଁ ରବିବାର ଲିଖିତ ପରୀକ୍ଷା ରହିଥିଲା। ରାଜଧାନୀର ୟୁନିଟ୍-୧ସ୍ଥିତ ମଦର୍ସ ପବ୍ଲିକ ସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ସାରା ରାଜ୍ୟରୁ ଏହି ପୋଷ୍ଟ ପାଇଁ ପ୍ରାୟ ଦୁଇ ହଜାର ଆଶାୟୀ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଆସିଥିଲେ। ହେଲେ ଗୋଟିଏ ନାଁରେ ଏକାଧିକ ପିଲା ପରୀକ୍ଷା ଦେବାକୁ ଆସିଥିବାବେଳେ ସେମାନଙ୍କୁ ରୋଲ ନମ୍ବର ଦିଆଯାଇ ନ ଥିଲା। ଫଳରେ ସେମାନଙ୍କ ପାଇଁ ବସିବାକୁ ସ୍ଥାନ ନ ଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରୀକ୍ଷା ପରିଚାଳନାରେ ଏଭଳି ଅବ୍ୟବସ୍ଥା ପ୍ରତିବାଦରେ ଛାତ୍ରୀଛାତ୍ରମାନେ ହୋହଲ୍ଲା କରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ଖବର ପାଇ ପୋଲିସ ପହଞ୍ଚି ପିଲାଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ଅନୁଯାୟୀ, ଓଏଫ୍‌ଡିସିର ୧୪ ଆସିଷ୍ଟାଣ୍ଟ ମ୍ୟାନେଜର ଏବଂ ୩୧ ଜୁନିୟର ମ୍ୟାନେଜର ପଦବୀ ଲାଗି ଅନେକ ପ୍ରାର୍ଥୀ ୧ହଜାର ଟଙ୍କା ଦେଇ ଫର୍ମ ପକାଇଥିଲେ। ପରୀକ୍ଷା ଦେବା ଲାଗି ସେମାନଙ୍କୁ ଅନ୍‌ଲାଇନରେ ଆଡମିଟ୍ କାର୍ଡ ଦିଆଯାଇଥିଲା। କିନ୍ତୁ ସେଥିରେ ରୋଲ ନମ୍ବର ନ ଥିଲା। ରବିବାର ପରୀକ୍ଷା ହଲ୍‌କୁ ଯିବା ପୂର୍ବରୁ ଦାୟିତ୍ୱରେ ଥିବା ଅଧିକାରୀ ପିଲାଙ୍କୁ ରୋଲ ନମ୍ବର ଦେଇ ନ ଥିଲେ। ନାମ ଅନୁସାରେ ସିଟ୍ ନମ୍ବରିଂ କରାଯାଇଥିବା କୁହାଯାଇଥିଲା। ପରୀକ୍ଷାର୍ଥୀମାନେ ନିଜ ନିଜ ସିଟ୍‌ରେ ବସିବା ପାଇଁ ଯାଇଥିବା ବେଳେ ଗୋଟିଏ ନାମରେ ଏକାଧିକ ପିଲା ଆସିଥିବା ଦେଖିବାକୁ ମିଳିଥିଲା। ଗୋଟିଏ ସିଟରେ କିଭଳି ଏକାଧିକ ପିଲା ବସିବେ ତାହାକୁ ନେଇ ସମସ୍ୟା ଉପୁଜିଥିଲା। ଏକାଧିକ ପିଲାଙ୍କ କ୍ଷେତ୍ରରେ ଏଭଳି ଦେଖିବାକୁ ମିଳିବା ପରେ ପିରୀକ୍ଷା ଦୋବାକୁ ଆସିଥିବା ପିଲାମାନେ ପାଟିତୁଣ୍ଡ କରିଥିଲେ। ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ, ଓଡିଶା ସରକାରଙ୍କ ଅନ୍ୟାନ୍ୟ ପଦବୀ ଲାଗି ଫର୍ମ ଆବେଦନ କରିବାକୁ କମ୍ ଟଙ୍କା ନିଆଯାଉଛି। କିନ୍ତୁ ଏହି ପରୀକ୍ଷା ପାଇଁ ପିଲାଙ୍କଠାରୁ ୧ ହଜାର ଟଙ୍କା ନିଆଯାଇଛି, ଯାହା ଯଥେଷ୍ଟ ଅଧିକ। ଏହା ସତ୍ତ୍ୱେ ପରୀକ୍ଷା ପରିଚାଳନାରେ ଅନିୟମିତତା ହୋଇଛି। ଏଥିଲାଗି ଦାୟିତ୍ୱରେ ଥିବା ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଯୁବକଙ୍କୁ ଦଳି ଦେଲା ଦନ୍ତା

ବରଗଡ଼ ଅଫିସ,୨୮।୧୦

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଝାରବନ୍ଧ ଓ ପାଇକମାଲ ଅଞ୍ଚଳରେ ହାତୀ ନରହନ୍ତା ପାଲଟିଛି । ଶୁକ୍ରବାର ରାତିରେ ପାଇକମାଲ ବ୍ଲକ ମର୍ଯାଦାପାଲିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁହୋଇଥିବା ବେଳେ ରବିବାର ରାତ୍ରିପ୍ରାୟ ସାଢ଼େ ୯ଟାରେ ଝାରବନ୍ଧ ଥାନା ତୁର୍ଲା ଗ୍ରାମର ଜଣେ ଯୁବକଙ୍କୁ ହାତୀ ଦଳି ମାରି ଦେଇଛି । ମୃତ ଯୁବକ ଜଣକ ସତ୍ୟ କୁମାର ସାହୁ(୩୦) ବୋଲି ଜଣାପଡ଼ିଛି । ପ୍ରକାଶ ଯେ, ସତ୍ୟ ଏବଂ ଅନ୍ୟ ୨ଜଣ ଗ୍ରାମର କ୍ଷେତ ନିକଟ ଜଳାଶୟ ହିଡ଼ରେ ରହିଥିବା ଏକ କୁଡ଼ିଆରେ ରହି ଧାନ ଜଗିଥିଲେ। ତେବେ ଜଳାଶୟ ନିକଟକୁ ହାତୀ ଆସୁଥିବା ଦେଖି ସେମାନଙ୍କ ମଧ୍ୟରୁ ଜଣେ ଜଳାଶୟ ପାଣି ଭିତରକୁ ଡେଇଁ ପଡି ଥିବାବେଳେ ଅନ୍ୟଜଣେ ଲୁଚି ଯାଇଥିଲେ । ହେଲେ ସତ୍ୟ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିବା ବେଳେ ହାତୀ ଗୋଡ଼ାଇ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ମାରି ଦେଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହା ପୂର୍ବରୁ ଗତ ୨୨ତାରିଖ ରାତିରେ ଝାରବନ୍ଧ ବ୍ଲକ ଅଧୀନ ବଣ୍ଡାମୁଣ୍ଡାରେ ସ୍ଥାନୀୟ ସମିତିସଭ୍ୟ ଏବଂ ୨୬ତାରିଖ ରାତିରେ ପାଇକମାଲ ବ୍ଲକ ମର୍ଯାଦାପାଲିରେ ଅନ୍ୟଜଣଙ୍କୁ ହାତୀ ଦଳି ମାରି ଦେଇଥିଲା। ସପ୍ତାହକ ମଧ୍ୟରେ ଅଞ୍ଚଳର ୩ଜଣ ହାତୀ ଆକ୍ରମଣରେ ମରିବା ଘଟଣା ଲୋକଙ୍କୁ ଆତଙ୍କିତ କରି ପକାଇଛି। ଅନ୍ୟପକ୍ଷେ ବନବିଭାଗ ହାତୀ ଘଉଡ଼ାଇବା ପାଇଁ କୌଣସି ପଦକ୍ଷେପ ନେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ୧୧ଦିନ ଜମିବ ବାଲିଯାତ୍ରା

କଟକ ଅଫିସ, ୨୮।୧୦

## ପଡିଆରେ ହେବ ହକି ସେଲିବ୍ରେଶନ



ବାଲିଯାତ୍ରା ପଡ଼ିଆକୁ ସମତୁଲ କରାଯାଉଛି।

ବିଧିବ୍ୟବସ୍ଥା ଅନୁଯାୟୀ ପ୍ରତିବର୍ଷ ବାଲିଯାତ୍ରା ୭ଦିନ ପାଳନ କରାଯିବାକୁ ପ୍ରଶାସନ ସ୍ଥିର କରିଥାଏ। ଉଦ୍‌ଘାଟନ ଦିବସରେ ଏହାକୁ ଆଉ ଗୋଟିଏ ଦିନ ଅର୍ଥାତ୍ ୮ଦିନକୁ ବୃଦ୍ଧି କରାଯାଇଥାଏ। ନବମ ଦିବସରେ ପଡିଆରେ କୌଣସି ଦୋକାନକୁ ରହିବାକୁ ଦିଆଯାଇ ନ ଥାଏ। ପୋଲିସ ଜୋରଜବରଦସ୍ତ ସେମାନଙ୍କୁ ପଡ଼ିଆରୁ ଘଉଡେଇଥାଏ। ମାତ୍ର ଚଳିତବର୍ଷ ବାଲିଯାତ୍ରାର ଚିତ୍ର ଟିକେ ଭିନ୍ନ ରହିବ। ନା ଦୋକାନୀଙ୍କୁ ଉଠିଯିବାକୁ କୁହାଯିବ ନା ସେମାନଙ୍କୁ କେହି ଘଉଡାଇବେ। ଚଳିତବର୍ଷ ନଭେମ୍ବର ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ଅନୁଷ୍ଠିତ ହେବ ବୋଲି ଗତ ଶୁକ୍ରବାର ପ୍ରଶାସନିକ ବୈଠକରେ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ବାଲିଯାତ୍ରା ତଳ ଓ ଉପର ପଡିଆରେ ଏଥର ୧୧ଦିନ ଧରି ଲାଗି ରହିବ ଯାତ୍ରା। କାରଣ ନଭେମ୍ବର ୨୮ରୁ ଭୁବନେଶ୍ୱରରେ ଆରମ୍ଭ ହେବ ହକି ମହାକୁମ୍ଭ। ରାଜ୍ୟ ସରକାର ଏହି ହକି ମହାକୁମ୍ଭକୁ ନେଇ କଟକ, ପୁରୀ ଓ ଭୁବନେଶ୍ୱରରେ ୪ଦିନିଆ ଉତ୍ସବ କରିବାକୁ ସ୍ଥିର କରିଛନ୍ତି। ଏହି ଉତ୍ସବରେ ନୃତ୍ୟ, ଗୀତ, ଡିଜେ, ବ୍ୟାଣ୍ଡ ସହିତ ବଲିଉଡର କଳାକାରମାନେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ନଭେମ୍ବର ୨୯ରେ ବାଲିଯାତ୍ରା ଶେଷ ହେଉଥିବା ବେଳେ ୩୦ରୁ ଡିସେମ୍ବର ୩ ପର୍ଯ୍ୟନ୍ତ ତଳପଡିଆରେ ହକି ଉତ୍ସବ ଆୟୋଜନ କରାଯିବ। ବାଲିଯାତ୍ରା ଶେଷ ହୋଇଥିଲେ ମଧ କୌଣସି ଦୋକାନୀଙ୍କୁ ପଡିଆରୁ ଉଠାଯିବ ନାହିଁ ପ୍ରଶାସନ ନିଷ୍ପତ୍ତି ନେଇଛି। ଶନିବାର ସନ୍ଧ୍ୟାରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଏ ନେଇ ବୈଠକ ବସିଥିଲା। ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ସହିତ ଏ ନେଇ ଯୋଗଯୋଗ କରାଯିବାରୁ ଆମେ ଏ ସମ୍ପର୍କରେ ଯୋଜନା କରିଛୁ ବୋଲି କହିଥିଲେ। ଯଦି ଏଭଳି ହୁଏ ତେବେ ବାଲିଯାତ୍ରା ପେଣ୍ଡାଲରୁ ବାଲିଯାତ୍ରା ସମ୍ପର୍କିତ ବ୍ୟାନର ହଟାଯାଇ ହକି ଉତ୍ସବର ବ୍ୟାନର ଲଗାଯିବ। ଏହାଦ୍ୱାରା ଏକ ଉତ୍ସବ ପରିବେଶକୁ ବଳବତ୍ତର ରଖିବା ପାଇଁ ଚିନ୍ତା କରାଯାଇଥିବା ଜିଲାପାଳ ଅଗ୍ରୱାଲ କହିଛନ୍ତି।

# ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ଖଇରା୨୮।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ବଡନୂଆଗାଁ ପଞ୍ଚାୟତ ଅଧୀନ ସଇଁ ଗ୍ରାମରେ ଥିବା ଏକ ପୋଖରୀରୁ ଅଜଣା ବୃଦ୍ଧା ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ରବିବାର ସକାଳେ ଏକ ମୃତଦେହ ଭାସୁଥିବାର ଦେଖୀ ଗ୍ରାମବାସୀ ମାନେ ଖଇରା ପୋଲିସକୁ ଖବର ଦେଇଥିଲେ।


**ଫର୍ମ ଜି**

**ଆଗ୍ରହର ପରିପ୍ରକାଶ ଆମନ୍ତ୍ରଣ**

(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି (ଇନ୍‌ସଲ୍‌ଭେନ୍ସି ରେଜୁଲ୍ୟୁଶନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନ୍ସ) ରେଗୁଲେସନ୍ସ, ୨୦୧୬ର ରେଗୁଲେଶନ୍ ୩୬ଏ (୧) ଅଧୀନରେ)

| ସମ୍ପର୍କିତ ବିବରଣୀ | | |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୧୮ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ – କଟକ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍୨୦୦୮ପିଏଲ୍‌ସି୦୧୦୫୦୧ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିଡି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା – ୭୫୩୦୧୦ **କାରଖାନା ଅବସ୍ଥିତି:** ବରଣ୍ଡୁଆ, ଟାଙ୍ଗୀ, କଟକ- ୭୫୪୦୨୨, ଓଡ଼ିଶା |
| ୬. | କର୍ପୋରେଟ୍ ଋଣୀଙ୍କ ଇନ୍‌ସଲ୍‌ଭେନ୍ସି ଆରମ୍ଭ ତାରିଖ | ଜୁନ୍ ୮, ୨୦୧୮ |
| ୭. | ଆଗ୍ରହର ପରିପ୍ରକାଶ ଆମନ୍ତ୍ରଣ ତାରିଖ | ଅକ୍ଟୋବର ୨୯, ୨୦୧୮ |
| ୮. | ସଂହିତାର ଧାରା ୨୫(୨)(ଏଚ୍) ଅଧୀନରେ ଆବେଦନକାରୀଙ୍କ ମୀମାଂସା ନିମନ୍ତେ ଯୋଗ୍ୟତା ଉପଲବ୍ଧ ହେବା ସ୍ଥାନ: | କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍‌ରେ ସବିସ୍ତୃତ ଆମନ୍ତ୍ରଣ ସହିତ: http://www.mtpcl.in/ ଠାରେ |
| ୯. | ଧାରା ୨୯ଏ ଅଧୀନରେ ପ୍ରଯୁଜ୍ୟ ଅଯୋଗ୍ୟତା ମାନଦଣ୍ଡ ଉପଲବ୍ଧ ହେବା ସ୍ଥାନ: | ଏହି ଆମନ୍ତ୍ରଣ ଏବଂ/କିମ୍ବା ଏହା ପଶ୍ଚାତ୍‌ବର୍ତ୍ତୀ ନିର୍ଦ୍ଦେଶ ଅଧୀନରେ/ସଂକ୍ରାନ୍ତରେ ମୀମାଂସା ଯୋଜନା ଦାଖଲ କରିବା ଏବଂ ଅନ୍ୟ ସମସ୍ତ ମାମଲାରେ ମୀମାଂସା ଆବେଦନକାରୀଙ୍କୁ ଇନ୍‌ସଲ୍‌ଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି ସଂହିତାର ଅନୁପାଳନ କରିବାକୁ ହେବ ଯାହା ମଧ୍ୟରେ ଇନ୍‌ସଲ୍‌ଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ର ଧାରା ୨୯ଏ ଏବଂ ଏ ସଂକ୍ରାନ୍ତରେ ପ୍ରଯୁଜ୍ୟ ଏହାର ସମ୍ପର୍କିତ ନିୟମାବଳୀ ଅଧୀନରେ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ ଅନ୍ତର୍ଭୁକ୍ତ କିନ୍ତୁ ସୀମିତ ନୁହେଁ । |
| ୧୦. | ଆଗ୍ରହର ପରିପ୍ରକାଶ ପ୍ରାପ୍ତିର ଶେଷ ତାରିଖ | ନଭେମ୍ବର ୨୦, ୨୦୦୮ |
| ୧୧. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଅସ୍ଥାୟୀ ତାଲିକା ଜାରି ତାରିଖ | ନଭେମ୍ବର ୩୦, ୨୦୧୮ |
| ୧୨. | ଅସ୍ଥାୟୀ ତାଲିକା ପ୍ରତି ଆପତ୍ତି ଦାଖଲର ଶେଷ ତାରିଖ | ଡିସେମ୍ବର ୫, ୨୦୧୮ |
| ୧୩. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଚୂଡ଼ାନ୍ତ ତାଲିକା ଜାରି ତାରିଖ | ଡିସେମ୍ବର ୧୫, ୨୦୧୮ |
| ୧୪. | ସୂଚନା ସ୍ମାରକ, ମୂଲ୍ୟାୟନ ମାଟ୍ରିକ୍ସ ଏବଂ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଅନୁରୋଧ ଜାରି ତାରିଖ | ଡିସେମ୍ବର ୫, ୨୦୧୮ |
| ୧୫. | ମୀମାଂସା ଯୋଜନା, ମୂଲ୍ୟାୟନ ମାଟ୍ରିକ୍ସ, ସୂଚନା ସ୍ମାରକ ଏବଂ ତତ୍‌ପରବର୍ତ୍ତୀ ସୂଚନା ନିମନ୍ତେ ଅନୁରୋଧ ହାସଲର ପଦ୍ଧତି | ସମ୍ଭାବ୍ୟ ମୀମାଂସା ଆବେଦନକାରୀମାନଙ୍କୁ ସୂଚନା ସ୍ମାରକ (ଆଇଏମ୍) ନିମନ୍ତେ ଅନୁରୋଧ କରିବା ପାଇଁ inmtpclip@deloitte.com ରେ ଇମେଲ୍ ପଠାଇବା ଲାଗି ଅନୁରୋଧ କରାଯାଉଛି। ମୀମାଂସା ବୃତ୍ତିଧାରୀଙ୍କ ଦ୍ୱାରା ପ୍ରଦତ୍ତ ଫର୍ମାଟ୍‌ରେ ଗୋପନୀୟତା ଘୋଷଣାନାମାରେ ସ୍ୱାକ୍ଷର କରିବା ପରେ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଇମେଲ୍ ଯୋଗେ ଆଇଏମ୍ ଯୋଗାଇଦିଆଯିବ। ଗୋପନୀୟତା ଘୋଷଣାନାମାର ଫର୍ମାଟ୍ http://www.mtpcl.in/ରେ ମଧ୍ୟ ଉପଲବ୍ଧ। |
| ୧୬. | ମୀମାଂସା ଯୋଜନା ଦାଖଲର ଶେଷ ତାରିଖ | 'ମୀମାଂସା ଯୋଜନା ନିମନ୍ତେ ଅନୁରୋଧ'/ପ୍ରକ୍ରିୟା ଦସ୍ତାବିଜର ଅଂଶବିଶେଷ ଭାବେ ଯୋଗାଇଦିଆଯିବ ଯାହା ଯେକୌଣସି ଉପାୟରେ ହେଉ ନା କାହିଁକି 'ମୀମାଂସା ଯୋଜନା ନିମନ୍ତେ ଅନୁରୋଧ'/ପ୍ରକ୍ରିୟା ଦସ୍ତାବିଜ ଜାରି ତାରିଖରୁ ଅନ୍ୟୂନ ୩୦ ଦିନ ହେବା ଆବଶ୍ୟକ, ଅର୍ଥାତ୍ ଜାନୁୟାରୀ ୫, ୨୦୧୯ |
| ୧୭. | ମୀମାଂସା ବୃତ୍ତିଧାରୀଙ୍କୁ ମୀମାଂସା ଯୋଜନା ଦାଖଲର ପଦ୍ଧତି | ୧. ଉଇମୁହଁଦିଆ ଲଫାପାରେ ପଙ୍କଜ ଧାନୁକା, ମାଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍, ଡେଲୋଇଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପିର ମୀମାଂସା ବୃତ୍ତିଧାରୀ, ୧୩ ମହଲା, ବିଲ୍ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ ସ୍ପିଡ୍ ପୋଷ୍ଟ/ପଞ୍ଜୀକୃତ ଡାକ ଯୋଗେ କିମ୍ବା ହାତରେ। ୨. ଏକ ସଫ୍ଟ କପି ପାସୱାର୍ଡ ସୁରକ୍ଷିତ ସ୍ୱରୂପରେ inmtpclip@deloitte.comରେ ମେଲ୍ କରାଯିବା ଆବଶ୍ୟକ। |
| ୧୮. | ଅନୁମୋଦନ ପାଇଁ ନିର୍ଣ୍ଣାୟକ କର୍ତ୍ତୃପକ୍ଷଙ୍କ ନିକଟରେ ମୀମାଂସା ଯୋଜନା ଦାଖଲର ଆକଳିତ ତାରିଖ | ଜାନୁୟାରୀ ୨୪, ୨୦୧୯ ଏହା 'ମୀମାଂସା ଯୋଜନା ନିମନ୍ତେ ଅନୁରୋଧ'/ପ୍ରକ୍ରିୟା ଦସ୍ତାବିଜ ଅନୁଯାୟୀ ମୀମାଂସା ଯୋଜନା ପ୍ରକ୍ରିୟା ଏବଂ ଇନ୍‌ସଲ୍‌ଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି ସଂହିତା, ୨୦୧୬ ଅନୁଯାୟୀ କର୍ପୋରେଟ୍ ଇନ୍‌ସଲ୍‌ଭେନ୍ସି ମୀମାଂସା ପ୍ରକ୍ରିୟା ନିମନ୍ତେ ବାଞ୍ଛିତ କୌଣସି ବିସ୍ତାରଣ ପ୍ରକ୍ରିୟା ସମାପ୍ତି ଉପରେ ନିର୍ଭର କରିବ। |
| ୧୯. | ମୀମାଂସା ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | **ନାମ:** ପଙ୍କଜ ଧନୁକା **ପଞ୍ଜୀକରଣ ନଂ.:** ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧ |
| ୨୦. | ବୋର୍ଡ ସହ ପଞ୍ଜୀକୃତ ହୋଇଥିବା ଅନୁଯାୟୀ ମୀମାଂସା ବୃତ୍ତିଧାରୀଙ୍କ ନାମ, ଠିକଣା ଏବଂ ଇମେଲ୍ | **ନାମ:** ପଙ୍କଜ ଧାନୁକା **ଆଇବିବିଆଇ ସହ ପଞ୍ଜୀକୃତ ଠିକଣା:** ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬ ଇମେଲ୍: pankajdhanuka@gmail.com |
| ୨୧. | ମୀମାଂସା ବୃତ୍ତିଧାରୀଙ୍କ ସହ ପତ୍ରାଳାପ ଲାଗି ବ୍ୟବହୃତ ହେବାକୁ ଥିବା ଠିକଣା ଓ ଇମେଲ୍ | **ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ **ଇମେଲ୍ ଆଇଡି:** inmtpclip@deloitte.com |
| ୨୨. | ଅଧିକ ବିବରଣୀ ଉପଲବ୍ଧ ହେବା ସ୍ଥାନ | http://www.mtpcl.in/ |
| ୨୩. | ଫର୍ମ ଜି ପ୍ରକାଶନର ତାରିଖ | ଅକ୍ଟୋବର ୨୯, ୨୦୧୮ |

ସ୍ୱା./-
ପଙ୍କଜ ଧାନୁକା
ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
ଯୋଗାଯୋଗ ଠିକଣା:
ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧
ଯୋଗାଯୋଗ ଇମେଲ୍: inmtpclip@deloitte.com
ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ ପାଇଁ,
ଅକ୍ଟୋବର ୨୯, ୨୦୧୮
କୋଲକାତା


# ଝାରପଡ଼ା ଜେଲ ଗଲେ ଅଭିଜିତ୍ ଆୟର

କୋଣାର୍କ, ୨୮।୧୦(ଡି.ଏନ୍.ଏ.)

ସୂର୍ଯ୍ୟମନ୍ଦିର ସମ୍ପର୍କରେ ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୁକ୍ତ ଅଭିଜିତ୍ ଆୟର ମିତ୍ରଙ୍କୁ କୋଣାର୍କ ପୋଲିସ ଦୁଇ ଦିନିଆ ରିମାଣ୍ଡରେ ଆଣି ପଚରାଉଚୁରା କରିବା ପରେ ରବିବାର ଅପରାହ୍ନରେ କୋଣାର୍କ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ସେଠାରୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ତାଙ୍କୁ ନେଇ ପୁଣି ଝାରପଡା ଜେଲରେ ଛାଡିଛି। ଆସନ୍ତା ୫ତାରିଖରେ କୋଣାର୍କ କୋର୍ଟରେ ଅଭିଜିତ୍‌ଙ୍କ ଜାମିନ ଆବେଦନର ଶୁଣାଣି ହେବ। କୋଣାର୍କ ପୋଲିସର ଜେରା ସମୟରେ ଅଭିଜିତ୍ ନିଜର ଓଡ଼ିଶା ଭ୍ରମଣ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରକାଶ କରିଛନ୍ତି। ଅଭିଜିତଙ୍କ ବୟାନ ଅନୁଯାୟୀ ସେ ସେପ୍ଟେମ୍ବର ୧୫ତାରିଖରେ ବୈଜୟନ୍ତ ପଣ୍ଡାଙ୍କ ଆମନ୍ତ୍ରଣରେ ତାଙ୍କର ଜଣେ ବାନ୍ଧବୀଙ୍କ ସହିତ ଓଡ଼ିଶା ଆସି ଆକାଶମାର୍ଗରେ ପୁରୀ, ଚିଲିକା, କୋଣାର୍କ ଭ୍ରମଣ କରିବା ପରେ କେନ୍ଦ୍ରାପଡାରେ ଓହ୍ଲାଇଥିଲେ। ସେଠାରୁ ସଡକପଥରେ ଯାଇ ଲଳିତଗିରିଠାରେ ମଧ୍ୟାହ୍ନ ଭୋଜନ କରିବା ପରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ। ୧୬ତାରିଖରେ ସେ ଓ ତାଙ୍କ ବାନ୍ଧବୀ ସଡକପଥରେ କୋଣାର୍କ ପରିଦର୍ଶନରେ ଆସିଥିଲେ। ସୂର୍ଯ୍ୟମନ୍ଦିରରେ ସୂକ୍ଷ୍ମ କାରୁକାର୍ଯ୍ୟସମ୍ପନ୍ନ ମୂର୍ତ୍ତି ଦେଖି ସେ ମଜାରେ ଏହାର ଭିଡିଓକୁ ଟୁଇଟ୍ କରିଥିଲେ। ଓଡ଼ିଶାକୁ ବଦନାମ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା, କିନ୍ତୁ ଓଡ଼ିଶାବାସୀଙ୍କ ପ୍ରତିକ୍ରିୟା ଜାଣିବା ପରେ ସେ ନିଜର ଭୁଲ ବୁଝିପାରିଥିବା ସଫେଇ ଦେଇଥିଲେ।

# ପଦଯାତ୍ରା, ସମାବେଶ ପାଇଁ ମିଳିଲାନି ଅନୁମତି

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ଚାଷୀଙ୍କୁ ପ୍ରାଇସ, ପ୍ରେଷ୍ଟିଜ୍ ଏବଂ ପେନ୍‌ସନ ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାରଠାରୁ ଖୋର୍ଦ୍ଧା ଜିଲାର ବାଲୁଗାଁ ଏବଂ ଯାଜପୁର ଜିଲାର କୁଆଖିଆରୁ ୫୦ହଜାର ଲେଖାଏଁ ଚାଷୀ ପଦଯାତ୍ରାରେ ଭୁବନେଶ୍ୱର ଅଭିମୁଖେ ଆସିବାର କାର୍ଯ୍ୟକ୍ରମ ଥିଲା। ନଭେମ୍ବର ୫ରେ ଭୁବନେଶ୍ୱରଠାରେ ୨ଲକ୍ଷ ଚାଷୀଙ୍କୁ ନେଇ ଏକ ବିଶାଳ ସମାବେଶ ହେବାର କାର୍ଯ୍ୟକ୍ରମ ଥିଲା। ମାତ୍ର ରାଜ୍ୟ ସରକାର ନବ ନିର୍ମାଣ ସଙ୍ଗଠନର ଏହି ପଦଯାତ୍ରା ଏବଂ ସମାବେଶ ପାଇଁ ଅନୁମତି ଦେଇ ନାହାନ୍ତି। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ନେଇ ନବନିର୍ମାଣ କୃଷକ ସଙ୍ଗଠନ ସଂଯୋଜକ ଅକ୍ଷୟ କୁମାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଅକ୍ଷୟ କୁମାର କହିଛନ୍ତି ଯେ, ସରକାର ଗତଥର ରାଜଧାନୀକୁ ଆସିବା ପାଇଁ ଚାଷୀଙ୍କୁ ମନାକଲେ। ଏଥର ଚାଷୀଙ୍କୁ ରାଜରାସ୍ତାରେ ଚାଲିବାକୁ ମନା କରିଛନ୍ତି। ସରକାର ଗଣତନ୍ତ୍ରର ତଣ୍ଟି ଚିପିବାକୁ ଯାଉଛନ୍ତି। ରାଜ୍ୟ ସରକାର ଏକ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛନ୍ତି। ସରକାର ପଦଯାତ୍ରା ଏବଂ ସମାବେଶ ପାଇଁ ଅନୁମତି ପ୍ରଦାନ କରି ନାହାନ୍ତି। ଚାଷୀଙ୍କୁ ଗାଁ ଗାଁରେ ସରକାର ଧମକାଉଛନ୍ତି। ପୂର୍ବ ସୂଚନା ମୁତାବକ ଚାଷୀମାନେ ପଦଯାତ୍ରାରେ ଆସିବେ। ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଯେଉଁଠି ଅଟକାଇବାକୁ ଚେଷ୍ଟା କରାଯିବ ସେଠାରେ ପ୍ରତିବାଦ କରାଯିବ ବୋଲି ଅକ୍ଷୟ କହିଛନ୍ତି।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର ଫିସର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline: 18002126755
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Dhanlaxmi Financial Services,
Govt Approved, Regd. No.- od6789dh45 ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ମହିଳା ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ପାଆନ୍ତୁ 72 ଘଣ୍ଟାରେ 1% ସୁଧ, 50% Govt. Subsidy (50,000 – 95 ଲକ୍ଷ ପର୍ଯ୍ୟନ୍ତ ଋଣ)
For more detail contact: 07302107165
Mail id: dhanlaxmifin1991@gmail.com
J-6, B-Block, Jiwan Park, New Delhi

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

କଣ ଆପଣ ଅସୁବିଧାରେ ଅଛନ୍ତି କି? ଅଲଇଣ୍ଡିଆ ଖୋଲା ଚାଲେଞ୍ଜ ୨ ଘଣ୍ଟାରେ ୧୦୦% ସମାଧାନ କାମ ନହେଲେ ଟଙ୍କା ଫେରସ୍ତ ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ? କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମି, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ- 7991052261 7991052595

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

FINANCE
ଭାରତ No. 1 ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

ଦୀପାବଳି ଧମାକା
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପ୍ରାପ୍ତ କରନ୍ତୁ 3 ଘଣ୍ଟାରେ ଦୀପାବଳିର ଶୁଭ ଅବସରରେ ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ
2% ସୁଧ 50% ରିହାତି + ସବ୍‌ସିଡି
ମାତା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି + ସବ୍‌ସିଡି
9625419406
8695337370
Add : - T-51, Gautampuri, Delhi-53

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଶ୍ରୀରାମ ଫାଇନାନ୍ସ ଲିମିଟେଡ୍
(Reg. No. LA76108CH0902)
1982ରୁ ପଞ୍ଜୀକୃତ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସବୁ ଋଣ 24 ଘଣ୍ଟାରେ ଘରେ ବସି, 2% ସୁଧ, 40% ରିହାତି।
7460970869
7518148465
ଠକମାନଙ୍କ ପ୍ରତି ସାବଧାନ।

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି ।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Dhanlaxmi Financial Services
(Govt Registered)
(Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ।
2% ସୁଧ 40% ସରକାରୀ ସବ୍‌ସିଡି
ଯୋଗାଯୋଗ କରନ୍ତୁ
6397482193
9138702512
74/8, Taraan, Punjab

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

SMS JOB
Send SMS. Earn MONEY
A-TEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432
7370994270

ଫାଇନାନ୍ସ
Ashoka Finance ଋଣ ଧମାକା
ସରକାରୀ ଯୋଜନା ଅଧୀନରେ ଋଣ ମାତ୍ର 1350/- ଟଙ୍କାରେ (1 ଲକ୍ଷ - 90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, 60% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହଋଣ, ବ୍ୟବସାୟ ସବୁ ଋଣ 48 ଘଣ୍ଟାରେ ସରକାରୀ ବ୍ୟାଙ୍କରୁ (ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି)
7900883466
8743042068
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣଙ୍କୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଜଓ୍ବାନ ଓ କିଷାନ୍‌ର ଜୟ୍ ହିଁ ଦେଶ ଏବଂ ଜାତିର ଜୟ୍।

- ଲାଲ୍ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ଗାଁ ସାଥୀ ସଂଘର ଆନ୍ଦୋଳନ ଚେତାବନୀ

ରେଢ଼ାଖୋଲ,୨୮।୧୦(ଡି.ଏନ.ଏ.) ଆସନ୍ତା ନଭେମ୍ବର ୧୦ ତାରିଖ ସୁଦ୍ଧା ମାସିକ ୬ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ ଦାବି ହୋଇଛି। ନଚେତ୍ ୧୪ ତାରିଖରେ ନବୀନ ନିବାସ ଘେରାଉ କରାଯିବ ବୋଲି ରାଜ୍ୟ ଗ୍ରାମ ସାଥୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସଂକ୍ରାନ୍ତରେ ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ଗାଁ ସାଥି ସଂଘର ସଭାପତି ସଞ୍ଜୀବ ଯୋଶୀଙ୍କ ସଭାପତିତ୍ୱରେ ରବିବାର ସ୍ଥାନୀୟ ହାଟପଦାଠାରେ ୧୪ ପଞ୍ଚାୟତର ବିଭିନ୍ନ ଗ୍ରାମର ଗାଁ ସାଥୀମାନଙ୍କୁ ନେଇ ହୋଇଥିବା ବୈଠକରେ ରାଜ୍ୟ ସଂଘ ପକ୍ଷରୁ ନିଆଯାଇଥିବା ଉକ୍ତ ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଘର ସମ୍ପାଦକ ସାହୁ, ରେଢ଼ାଖୋଲ ବ୍ଲକ ସମ୍ପାଦକ ଜିତେନ୍ଦ୍ରୀୟ ସାମଲ, ଅଶୋକ ପ୍ରଧାନ, ରଞ୍ଜିତ୍ ହାତୀ, ରୋହିତ ପ୍ରଧାନ, ଲକ୍ଷ୍ମୀପ୍ରିୟା ପ୍ରଧାନ, ଶୁକାନ୍ତୀ ପ୍ରଧାନ, ରୁଦ୍ର ପ୍ରସାଦ ଦେହୁରୀ, ରମାକାନ୍ତ ପ୍ରଧାନ ଉପସ୍ଥିତ ରହିଥିଲେ।

# ଏକଜୁଟ ହୁଅ, ଦଳକୁ ମଜଭୁତ କର

ସମ୍ବଲପୁର,୨୮।୧୦(ବ୍ୟୁରୋ)

**କବରାପାଲିରେ ବିଜେଡିର ପଦଯାତ୍ରା**

- ବିଧାୟକଙ୍କ ସହ ଶତାଧିକ କର୍ମକର୍ତ୍ତା ସାମିଲ୍
- ସ୍ୱାଗତ କଲେ ଗ୍ରାମବାସୀ
- ଦଳୀୟ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ କବରାପାଲି ଗ୍ରାମରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ବିଧାୟକ ରୋହିତ ପୁଜାରୀଙ୍କ ସହ ଶତାଧିକ କର୍ମକର୍ତ୍ତା ଏଥିରେ ସାମିଲ୍ ହୋଇଥିଲେ। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସେମାନଙ୍କୁ ସ୍ୱାଗତ କରିଥିଲେ। ପଦଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ବିଧାୟକ ପୁଜାରୀ ଲୋକମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ପରେ ଝୁଝୁମୁରା ବ୍ଲକ ବିଜେଡି ସଭାପତି ବିନୋଦ ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଗ୍ରାମବାସୀ ବିଧାୟକଙ୍କୁ ଗ୍ରାମର ସମସ୍ୟା ବିଷୟରେ ଜଣାଇଥିଲେ। ବିଧାୟକ ମଧ୍ୟ ବିଜେଡି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଫଳତାକୁ ଦର୍ଶାଇଥିଲେ। କବରାପାଲି ପଞ୍ଚାୟତରେ ୪ ବର୍ଷରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ଉଲ୍ଲେଖ କରିଥିଲେ। ଆସନ୍ନ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ବାଦ, ବିବାଦରୁ ଊର୍ଦ୍ଧ୍ୱରେ ରହି ଏକଜୁଟ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସଭାରେ ଉପସ୍ଥିତ ମହିଳା କର୍ମୀମାନଙ୍କୁ ସକ୍ରିୟ ହୋଇ କାମ କରିବାକୁ କହିଥିଲେ। ନିର୍ବାଚନରେ ବିଜେଡିର ବିଜୟ ଧ୍ୱଜା ଲହରାଇବାକୁ ସଙ୍କଳ୍ପବଦ୍ଧ ହେବାକୁ କର୍ମୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ବିଜେଡି ପର୍ଯ୍ୟବେକ୍ଷକ ପ୍ରଦୀପ ମହାନ୍ତି, ଭରତ ଭୋଇ, ହେମନ୍ତ ସାହୁ, ପବିତ୍ର ବଡେଇ, ଜଗଦୀଶ ଭୋଇ, ପରକ୍ଷିତ ବଗର୍ତ୍ତି ଉପସ୍ଥିତ ରହିଥିଲେ।



ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ କବରାପାଲି ଗ୍ରାମରେ ବିଜେଡିର ପଦଯାତ୍ରା ।

### ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଡ୍ରାଇଭର ଫେରାର, ବୃଦ୍ଧ ମୃତ

ସମ୍ବଲପୁର,୨୮।୧୦(ବ୍ୟୁରୋ) ସମ୍ବଲପୁର ଜିଲା ଶାସନ ଥାନା ଗମ୍ଭାରିପାଲି ଗ୍ରାମ ନିକଟରେ ଜଣେ ୭୦ ବର୍ଷୀୟ ବୃଦ୍ଧ ଖିଦମତ ବାଙ୍କଙ୍କୁ ପଛପଟୁ ଟ୍ରାକ୍ଟର ଧକ୍କା ଦେଇ ଫେରାର୍ ହୋଇଯାଇଛି। ଚିକିତ୍ସିତ ଅବସ୍ଥାରେ ବୁର୍ଲାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହକୁ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୨୪/୧୮) ରୁଜୁ ହୋଇଛି। ଗମ୍ଭାରପଙ୍କ-ଭିକମପୁର ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ କାମ ହେଉଛି। ଏହି କାମ ପ୍ୟାରୀ ମୋହନ ପ୍ରଧାନଙ୍କ ନାମରେ ରହିଛି । ଏଥିରେ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର (ନଂ ଓଆର-୧୫-ଏଚ- ୭୬୬୨) ନିୟୋଜିତ ରହିଛି। ରବିବାର ଅପରାହ୍ନ ସମୟରେ କୋନଲରୁ ଗାଧୋଇ ଖିଦମତ ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

### ଭେକଲ ମେମୋରିଆଲ ଏକଦିବସୀୟ ଫୁଟବଲ

# ଦେଓଗାଁ ରନର୍ସଅପ, ବାଲପୁର ଚାମ୍ପିୟନ



ରେଫରିଙ୍କ ସହ ଚାମ୍ପିୟନ ବାଲପୁର ଦଳର ଖେଳାଳିମାନେ।

ଧମା,୨୮।୧୦(ଡି.ଏନ.ଏ.) ମାନେଶ୍ୱର ବ୍ଲକ ଦେଓଗାଁର ଖେଳପ୍ରେମୀ ସ୍ୱର୍ଗତ ଭେକଲ ଭୋଇଙ୍କ ସ୍ମୃତିରେ ପଞ୍ଚମଥର ପାଇଁ ଦେଓଗାଁ ମା' ଝାଡେଶ୍ୱରୀ କ୍ଲବ ଆନୁକୂଲ୍ୟରେ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାନଦୀ ତଟସ୍ଥ ଖେଳପଡ଼ିଆରେ ଆୟୋଜିତ ଓ ରାଜେନ୍ଦ୍ର ଭୋଇଙ୍କ ଦ୍ୱାରା ପରିଚାଳିତ ଏହି ପ୍ରତିଯୋଗିତାରେ ଦେଓଗାଁ, ଖଇରମାଲ, ଡାଲବ, ବାଲପୁର, ଭରୋ, ଧମା, ଲହଣ୍ଡା ଓ ସିନ୍ଧୁରପଙ୍କ ସମୁଦାୟ ୮ ଦଳ ଅଂଶଗ୍ରହଣ କରିଥିଲେ। ସେମି ଫାଇନାଲ ଖେଳ ବାଲପୁର ଓ ଧମା, ଦେଓଗାଁ ଓ ଲହଣ୍ଡା ମଧ୍ୟରେ ହୋଇଥିଲା। ଫାଇନାଲ୍ ଖେଳ ସମୟସୀମା ମଧ୍ୟରେ ଅମୀମାଂଶିତ ରହିଥିଲା। ଟ୍ରାଇବ୍ରେକରରେ ବାଲପୁର ଧମା ଦଳକୁ ୩-୨ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଏହି ପ୍ରତିଯୋଗୀତାରେ ସମସ୍ତ ଦଳୀୟ ଖେଳାଳିଙ୍କ ସମେତ ଦର୍ଶକମାନଙ୍କ ପାଇଁ ମାଗଣା ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । ଆଖାପାଖ ଗ୍ରାମର ପ୍ରାୟ ୨ହଜାର ଦର୍ଶକ ଖେଳକୁ ଉପଭୋଗ କରିଥିଲେ। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର କଲେଜର ଓଡ଼ିଆ ଅଧ୍ୟାପକ ପ୍ରକାଶ କୁମାର ସେଠ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରନର୍ସ ଅପ୍ ଓ ଚାମ୍ପିୟନ ଦଳକୁ ଟ୍ରଫି ସହ ସମସ୍ତ ଖେଳାଳୀଙ୍କୁ ଗୋଟିଏ ଲେଖାଏଁ ଆମ୍ବ ଗଛ ଦେଇ ବୃକ୍ଷ ହିଁ ଜୀବନ ଏଣୁ ସର୍ବଦା ଗଛ ଲଗାଇବାରେ ତତ୍ପରତା ପ୍ରକାଶ କରିବାକୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଧମା ସେବା ସମବାୟ ସମିତି ସମ୍ପାଦକ ସରୋଜ ଦାଶ, ବରିଷ୍ଠ ଭାଜପା ନେତା ସୁବାସ ମହାପାତ୍ର, ସାମ୍ବାଦିକ ଭଗବାନ ପୁରୋହିତ, ଦିଲୀପ ସାହୁ, ଶିବ ସେଠ ପ୍ରମୁଖ ଯୋଗଦେଇ ଉପସ୍ଥିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ବରିଷ୍ଠ ଖେଳାଳି ଅଭି ମହାନନ୍ଦ, ନନ୍ଦୁ ନାଏକ ଓ ଲକ୍ଷ୍ମଣ ବେହେରା ଖେଳ ପରିଚାଳନା କରିଥିଲେ। ସନ୍ତୋଷ ମହାନ୍ତି, ସୁଧୀର ହୋତା ଧାରାବିବରଣୀ ପ୍ରଦାନ କରିଥିଲେ ।

## ଡକରାରେ ପ୍ରୟାସରେ ପରିବର୍ତ୍ତନ ଅନୁଷ୍ଠାନର ସଭା

- ୨ ବଜେଡି କର୍ମୀଙ୍କ ମଧ୍ୟରେ ହାତାହାତି
- ଆପୋସ ବୁଝାମଣା ପରେ ସଭା କାର୍ଯ୍ୟ
- ରାଜନୈତିକ ମାହୋଲ ସରଗରମ

ସମ୍ବଲପୁର/ଧମା, ୨୮।୧୦ (ବ୍ୟୁରୋ/ଡି.ଏନ.ଏ) ୨୦୧୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ଦଳୀୟ ପ୍ରଚାର ଅଭିଯାନ ପ୍ରସ୍ତୁତି ଚଳାଇଛନ୍ତି। ସମ୍ବଲପୁର ରେଢାଖୋଲ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରେ ଏ ନେଇ ସଭା ସମିତିମାନ କରାଯାଉଛି। କର୍ମୀମାନଙ୍କୁ ସଙ୍ଗଠିତ କରିବାକୁ ଏକପ୍ରକାର ଉଦ୍ୟମ ଜାରି ରହିଛି। ତେବେ ଡକରା ଗ୍ରାମରେ ପ୍ରୟାସର ପରିବର୍ତ୍ତନ ଅନୁଷ୍ଠାନ ସଭାରେ ଦୁଇ ବିଜେଡି ଯୁବ କର୍ମୀଙ୍କ ମଧ୍ୟରେ ମାର୍‌ପିଟ୍ ଘଟିଛି। ପ୍ରୟାସରେ ପରିବର୍ତ୍ତନ ଅନୁଷ୍ଠାନ ମୁଖ୍ୟ ଡାକ୍ତର ଲଲାଟେନ୍ଦୁ ନାୟକ ରେଢାଖୋଲ ନିର୍ବାଚନ ମଣ୍ଡଳୀର ଆଶାୟୀ ବିଧାୟକ ପ୍ରାର୍ଥୀ ରହିଥିବା ବେଳେ ଘଟଣା ସମ୍ପର୍କରେ ପଚାରିବାରେ ୨ ଯୁବକର୍ମୀଙ୍କ ମଧ୍ୟରେ ମଧ୍ୟରେ ଯୁକ୍ତି ଓ ବଚସା ହୋଇଥିଲା । ପରେ ସେମାନେ ପରିଚିତ ଥିବାରୁ ଆପୋଷ ବୁଝାମଣା ହୋଇଥିବା ସେ କହିଛନ୍ତି। ଏ ସମ୍ପର୍କରେ ବିଧାୟକ ପୁଜାରୀଙ୍କୁ ଯୋଗଯୋଗ ସମ୍ଭବ ହୋଇପାରି ନାହିଁ। ମାନେଶ୍ୱର ବ୍ଲକ୍ ବିଜେଡି ସଭାପତି ଗୋପୀରଞ୍ଜନ ବେହେରାଙ୍କୁ ପଚାରିବାରେ ସଭାରେ ବିଜେଡ ଦଳର କୌଣସି ଭୁମିକା ନାହିଁ। ୨ କର୍ମୀ ଭାଇଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ପରେ ସମାଧାନ ହୋଇଥିଲା । ଏହାର କୌଣସି ରାଜନୈତିକ କାରଣ ନାହିଁ। ତେବେ ଡାକ୍ତର ଲଲାଟେନ୍ଦୁ ନାୟକ ନିଜ ମୁଖ୍ୟ କାମ ଛାଡି ସଭା ସମିତି କରୁଛନ୍ତି। ସେ ପୁର୍ବରୁ ଧମାରେ ଡାକ୍ତରଖାନାରେ କାର୍ଯ୍ୟରତ ଥିଲେ। ତାଙ୍କୁ ଅନ୍ୟ ଜିଲାକୁ ବଦଳି କରାଯାଇଥିଲା। ଡାକ୍ତରଙ୍କ ମୁଖ୍ୟ କାମ ରେଗୀ ସେବା କରିବା। ଯଦି ସେ ରାଜନୀତି କରିବାର ଅଭିଳାଷା ରଖିଛନ୍ତି ତା'ହେଲେ କୌଣସି ଦଳରେ ଯୋଗଦାନ କରି ଦଳୀୟ କାମ କରୁନ୍ତୁ ବୋଲି ସେ କହିଥିଲେ ।

# ଧମା କଲେଜର ରଜତ ଜୟନ୍ତୀ ପ୍ରସ୍ତୁତି ବୈଠକ




ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

ଧମା,୨୮।୧୦(ଡି.ଏନ.ଏ.) ସ୍ଥାନୀୟ ମା' ଝାଡେଶ୍ୱରୀ କଲେଜ ଆସନ୍ତା ଫେବୃୟାରୀ ମାସରେ ୨୫ ବର୍ଷରେ ପଦାର୍ପଣ କରିବ। ଏହି ପରିପ୍ରେକ୍ଷୀରେ ରଜତ ଜୟନ୍ତୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ବାବଦରେ ଛାତ୍ରୀଛାତ୍ର, ଅଧ୍ୟାପକମାନଙ୍କୁ ନେଇ ପୂର୍ବରୁ ତିନୋଟି ବୈଠକ କରାଯାଇଥିଲେ ହେଁ ରବିବାର ଯୁକ୍ତ ୨ ଅଧ୍ୟକ୍ଷ ଅଶୋକ ପୁରୋହିତଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଏବଂ ପରିଚାଳନା ପରିଷଦର ସଭ୍ୟମାନେ ଉତ୍ସବ ସମ୍ବନ୍ଧୀୟ ଆଲୋଚନାରେ ଭାଗ ନେଇଥିଲେ। ରେଢ଼ାଖୋଲ ବିଧାୟକ ତଥା କଲେଜ ପରିଚାଳନା ପରିଷଦ ସଭାପତି ଇଂ. ରୋହିତ ପୂଜାରୀ ସମସ୍ତଙ୍କୁ ଉତ୍ସବର ଶୁଭକାମନା ଦେଇଥିଲେ। ଏହାକୁ ସଫଳ କରିବା ପାଇଁ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପୁରାତନ ଛାତ୍ରସଂସଦ ଗଠିତ ହୋଇଥିଲା। କମଳ ଲୋଚନ ପଣ୍ଡା ସଭାପତି, ଅନ୍ତର୍ଯ୍ୟାମୀ ବେହେରା ଉପସଭାପତି, ଅନିଲ ଦାସ ସମ୍ପାଦକ, ବଷ୍ଟି ସୁନା ଓ ସଞ୍ଜୀବ ପୂଜାରୀ ସହସମ୍ପାଦକ, ବଳରାମ ସେଠ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ସୁଚିତ୍ରା ଦାସ, ଅନୁପ କୁମାର ପଧାନ, ପ୍ରବୀଣ କୁମାର ରାକସ, ଅନନ୍ତ ପ୍ରସାଦ କୁମ୍ଭାର, ସୁନିତା ମିର୍ଦ୍ଧା କାର୍ଯ୍ୟକାରୀ ସମିତି ସଭ୍ୟ ରହିଛନ୍ତି। ୨୦୧୯ ଫେବୃୟାରୀ ମାସ ପ୍ରଥମ ଅଥବା ଦ୍ୱିତୀୟ ସପ୍ତାହରେ ରଜତ ଜୟନ୍ତୀ ଉତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ଆସନ୍ତା ମାସରେ ପୁନଃ ବୈଠକ ହେବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସତ୍ୟନାରାୟଣ ଦାଶ, ରବିଶଙ୍କର ହୋତା, ସଂଗ୍ରାମ କେଶରୀ ମିଶ୍ର, ରବିନ୍ଦ୍ର ନାରାୟଣ ଠାକୁର, ମିଜଣ ଦାଶଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ଯୁକ୍ତ ୩ ଅନିଲ ପଧାନ ଧନ୍ୟବାଦ ଦେଇଥିଲେ।

# ବଳମରେ କବାଡି ଟୁର୍ନାମେଣ୍ଟ, ଭିତରପଦ ଚାମ୍ପିୟନ



ଟ୍ରଫି ସହ ବିଜେତା ଓ ଉପବିଜେତା ଦଳର ଖେଳାଳି।

ନାକଟିଦେଉଳ,୨୮।୧୦(ଡି.ଏନ.ଏ) ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବଳମ ଗ୍ରାମର ୟଙ୍ଗଷ୍ଟାର ଯୁବକ ସଂଘର ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆଠାରେ ରବିବାର ଏକଦିବସୀୟ କବାଡ଼ି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ସମୁଦାୟ ୮ କବାଡି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଭିତରପଦ ଏବଂ କାଦୋପଡା ମଧ୍ୟରେ ହୋଇଥିଲା। ଭିତରପଦ ୨୧ ପଏଣ୍ଟରେ କାଦୋପଡାକୁ ହରାଇ ଚାମ୍ପିୟନ ହୋଇଛି। ବଳମ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦିଲୀପ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ ମୁଖ୍ୟ ଅତିଥି, ଶିକ୍ଷକ ସମୀର କୁମାର ସେଠୀ ମୁଖ୍ୟ ବକ୍ତା, ବଳମ ସମିତି ସଭ୍ୟ ନେତ୍ରାନନ୍ଦ ରାଉଳ, ଉଗ୍ରେସନ କୁଲସରୀ, ରମେଶ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା କାଦୋପଡା ଦଳକୁ ଟ୍ରଫି ସହ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ । ସୁଶାନ୍ତ ଭୁଟିଆ ଧନ୍ୟବାଦ ଦେଇଥିଲେ। ବଳମ ୟଙ୍ଗଷ୍ଟାର କ୍ଲବର ଅମିତ ସାହୁ, ପ୍ରଭାତ ପ୍ରଧାନ, ଟୁଲୁ ପ୍ରଧାନ, ଶିକନ ବିଶ୍ୱାଳ, ପିନୁ ନାଏକଙ୍କ ସମେତ ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

### ଯୁବ କଂଗ୍ରେସ ଓଡ଼ିଶା ପ୍ରଭାରୀଙ୍କ ରେଢ଼ାଖୋଲ ଗସ୍ତ


# କଂଗ୍ରେସର ନିର୍ବାଚନୀ ପ୍ରଚାର ଆରମ୍ଭ



ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ରିଆଜୁଲ ଅନସାରୀଙ୍କୁ ବାଇକ୍ ଶୋଭାଯାତ୍ରାରେ ନିଆଯାଉଛି।

ରେଢ଼ାଖୋଲ,୨୮।୧୦(ଡି.ଏନ.ଏ.) ୨୦୧୯ ବିଧାନ ସଭା ନିର୍ବାଚନକୁ ଆହୁରି ୬ ମାସ ବାକି ରହିଛି। ସମ୍ବଲପୁର ଜିଲା ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ କଂଗ୍ରେସ ଦଳ ପକ୍ଷରୁ ଆସଫ ଅଲ୍ଲି ଖାଁଙ୍କ ନାମ ପିସିସି ପକ୍ଷରୁ ଘୋଷିତ ହୋଇସାରିଛି। ବିଜେଡ଼ି ଏବଂ ଭାଜପା ପକ୍ଷରୁ ଏପର୍ଯ୍ୟନ୍ତ ପ୍ରାର୍ଥୀ ଚୟନ କରାଯାଇ ନଥିବା ବେଳେ କଂଗ୍ରେସ ନିର୍ବାଚନୀ ପ୍ରଚାର ଅଭିଯାନକୁ ଓହ୍ଲାଇଛି। ପ୍ରାର୍ଥୀ ଆସଫ ରେଢ଼ାଖୋଲ, ନାକଟିଦେଉଳ, ଜୁଜୁମୁରା ଓ ମାନେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାୟତରେ କର୍ମୀ ସମ୍ମିଳନୀମାନ ଆୟୋଜନ କରି ନିଜର ପ୍ରଭୁତ୍ୱ ବିସ୍ତାର କରିବାକୁ ଯୋଜନା ଚଳାଇଛନ୍ତି। ଏହି କ୍ରମରେ ରବିବାର ଏଆଇସିସି ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ରିଆଜୁଲ ଅନସାରୀ ରେଢ଼ାଖୋଲ ଗସ୍ତ କରି କର୍ମୀମାନଙ୍କୁ ଉତ୍ସାହିତ କରିଛନ୍ତି। ତାଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ କର୍ମୀମାନେ ବସଷ୍ଟାଣ୍ଡସ୍ଥିତ ଭୀମଭୋଇଙ୍କ ପ୍ରତିମୂର୍ତ୍ତିସ୍ଥଳକୁ ପାଛୋଟି ନେଇଥିଲେ। ସେ ସେଠାରେ ମାଲ୍ୟାର୍ପଣ କରିବା ପରେ ବଡ଼ବାହାଲ ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ଏକ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ରେଢ଼ାଖୋଲ ବ୍ଲକ ଜୋନ ୨ର ସଭାପତି ସୁନିଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ପ୍ରାର୍ଥୀ ଆସଫଙ୍କ ସମେତ ସମ୍ବଲପୁର ଜିଲା ଯୁବ କଂଗ୍ରେସ ସଭାପତି ଆଶୁତୋଷ ସ୍ୱାଇଁ ଓ ଅନସାରୀ ଯୋଗଦେଇ କର୍ମୀମାନଙ୍କୁ ଆଗମୀ ନିର୍ବାଚନ ପାଇଁ ଏବେଠୁଁ ପ୍ରସ୍ତୁତ ହେବାକୁ କହିଥିଲେ। ଏହି ଅବସରରେ ବଡ଼ବାହାଲ ପଞ୍ଚାୟତର ସଭାପତି ଭାବେ ଶତ୍ରୁଘ୍ନ ବେହେରାଙ୍କୁ ମନୋନୀତ କରାଯାଇଥିଲା।

# ଶୁଣିଲା ନାହିଁ ପ୍ରଶାସନ, ରାସ୍ତା ସଫା କଲେ ଗ୍ରାମବାସୀ



ରାସ୍ତାକୁ ସଫା କରୁଛନ୍ତି ଗ୍ରାମବାସୀ।

ଧମା,୨୮।୧୦(ଡି.ଏନ.ଏ) ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ବଟେମୁରାରୁ ବଦୁଆପାଲି ଗ୍ରାମକୁ ଯାଇଥିବା ୫ କିମି ଆରଡି ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛଲତା, ଘାସ, ତସ୍ସୁ ଯୋଗୁ ଛୋଟବଡ଼ ଦୁର୍ଘଟଣା ହେଉଥିଲା। ବିଗତ ୮ଦିନ ମଧ୍ୟରେ ୪ ପୃଥକ ଦୁର୍ଘଟଣାରେ ଜଣଙ୍କ ଗୋଡ ଭାଙ୍ଗିଥିଲା। ୨ ଶିଶୁ ଓ ଜଣେ ମହିଳା ଆହତ ହୋଇଥିଲେ। ଏଣୁ ସଫେଇ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇ ଆସୁଥିଲେ। ଶେଷରେ ବାଧହୋଇ ଦୁଷ୍ମନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ମନୋରଞ୍ଜନ ସିଂ, ସୋମ ବହିଦାର, ପ୍ରକାଶ କର୍ତ୍ତା, ଅନ୍ତରାମ ରାଉତ, କିଶାନ ଅଗ୍ରୱାଲ ପ୍ରମୁଖ ଗ୍ରାମର ଲୋକେ ରବିବାର ସକାଳ ୫ଟାରୁ କୋଡ଼ି କୋଦଳ ଧରି ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାସ୍ତାକୁ ସଫା କରିଥିଲେ ।

## ୯୦ କେଜି ଗଞ୍ଜେଇ ସହ ୨ ଗାଡି ଜବତ, ୫ ଗିରଫ

ରେଢ଼ାଖୋଲ,୨୮।୧୦(ଡି.ଏନ.ଏ.) ଫୁଲବାଣୀରୁ ସମ୍ବଲପୁରକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ରବିବାର ଭୋରରେ ବୌଦ୍ଧ-ରେଢ଼ାଖୋଲ ରାସ୍ତାର ଝରାମୁଣ୍ଡା ଛକଠାରେ ରେଢ଼ାଖୋଲ ପୋଲିସ ଚଢ଼ାଉ କରି ୯୦ କେଜି ଗଞ୍ଜେଇ ସହ ୨ ଗାଡ଼ିକୁ ଜବତ କରିଛି। ଏଥିରେ ୫ ଜଣ ଚୋରାଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଏ ନେଇ ରେଢ଼ାଖୋଲ ଥାନାରେ ଂ. କେସ ନଂ ୧୯୦ରେ ଏକ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲା ବାଉଁଶୁଣୀ ଥାନା ବହିରା ଗ୍ରାମର ୨ ଭାଇ ସଞ୍ଜୟ ପ୍ରଧାନ, ସଞ୍ଜୀବ ପ୍ରଧାନ, ଟାଇଜନ ଗ୍ରାମର ଅକ୍ଷୟ ବାଘ, ଅଭିମନ୍ୟୁ ସାହ ଓ ସିଙ୍ଗାରୀ ଗ୍ରାମର ହିମାଂଶୁ ଶେଖର ମେହେର। ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି ଯେ ବୋଲେରୋ ନଂ ଓଡି୧୭ଜି ୦୭୧୮ ଓ ଟାଟା ସୁମୋ ଭିଟା ଗାଡି (ନଂ. ଓଡି ୧୫ -୫୭୧୬) ଯଥାକ୍ରମେ ୪୦ ଏବଂ ୫୦ କେଜି ଗଞ୍ଜେଇ ବୋଝେଇ ହୋଇଥିବା ସୂଚନା ମିଳିଥିଲା। ତଦନୁଯାୟୀ, ପୋଲିସ ଟିମ ସଦଳବଳ ବଡବାହାଳ ଗ୍ରାମ ନିକଟସ୍ଥ ଝରାମୁଣ୍ଡାଛକ ନିକଟରେ ଛପି ରହିଥିଲେ।


### ଫୁଟବଲ ପଡ଼ିଆରୁ ଯୁବକଙ୍କ ମୃତଦେହ ଜବତ ଘଟଣା

# ୨ ଗିରଫ, ୭ ଅଟକ: ଠେଙ୍ଗା, ଲୁହାଛଡ଼ ଜବତ

ରେଙ୍ଗାଲି, ୨୮।୧୦ (ଡି.ଏନ.ଏ.) ରେଙ୍ଗାଲି ବ୍ଲକ ଠେଲକୁଲି ଥାନା ଘିଚାମୁରା ପଞ୍ଚାୟତ ଗୁମୁକାରମା ଗ୍ରାମର ଫୁଟବଲ ପଡ଼ିଆରୁ ଯୁବକ ଶୁକଦେବ କିସାନ (୩୫)ଙ୍କ କ୍ଷତାକ୍ତ ମୃତଦେହ ଜବତ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ୭ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ମୃତକଙ୍କ ଭାଇ ସୁବାଷ କିସାନଙ୍କ ଲିଖିତ ଅଭିଯୋଗ କ୍ରମେ ଥାନାରେ ଏକ ହତ୍ୟା ମାମଲା (ନଂ.୧୩୮/୧୮) ରୁଜୁ ହୋଇଛି। ଅଭିଯୋଗପତ୍ରରେ କମଳା କିସାନ, ପରମେଶ୍ୱର କିସାନ, ଜ୍ୟୋତି କିସାନ, ମହିମା କିସାନ, ପ୍ରତିମା କିସାନ, ମହତ କିସାନ, ଜ୍ୱାଇଁ ଡିଏମଓ କିସାନ, ଜ୍ୱାଇଁଙ୍କ ବଡଭାଇ ନେହେରୁ କିସାନ, ଗ୍ରାମର ଭୁଷ୍କା କିସାନ, ହାଡି କିସାନଙ୍କ ନାମ ଉଲ୍ଲେଖ ରହିଛି। ସେମାନଙ୍କ ମଧ୍ୟରୁ ନେହେରୁ ଏବଂ ଭୁଷ୍କାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ସୁବାଷ ଚନ୍ଦ୍ର ମିଶ୍ର କହିଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୭ଟା ସମୟରେ ଶୁକଦେବ ମଦ ପିଇ କମଳା କିସାନଙ୍କ ଘରକୁ ଆସି ଅଶ୍ଳୀଳ ଭାଷାରେ ଗଳିଗୁଲଜ କରିଥିଲେ। ସେହି ସମୟରେ କମଳାଙ୍କ ଜ୍ୱାଇଁଙ୍କ ବଡଭାଇ ନେହେରୁ କିସାନ ଘରକୁ ଆସିଥିଲେ । ଶୁକଦେବଙ୍କ ଗାଳିଗୁଲଜ ଶୁଣି ଘରୁ ବାହାରକୁ ଆସି ତାଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ସେ ନ ମାନିବାରୁ ଉଭୟଙ୍କ ମଧ୍ୟରେ ବଚସା ଓ ଧସ୍ତାଧସ୍ତି ହୋଇଥିଲା। ଠେଲାପେଲାରେ ଶୁକଦେବ ତଳେ ପଡ଼ି ଯାଇଥିଲେ। ତାଙ୍କୁ ଘର ଭିତରକୁ ନେଇଯାଇ ନେହେରୁ ପ୍ରଥମେ ଠେଙ୍ଗାରେ ମୁଣ୍ଡକୁ ଆଘାତ କରିଥିଲେ। ପରେ ଶୁକଦେବ ଧରିଥିବା ଲୁହା ଛଡକୁ ଛଡାଇ ନେଇ ସେଥିରେ ପିଟିଥିଲେ। ଘଟଣା ସ୍ଥଳରେ ଶୁକଦେବଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ନେହେରୁ ଏବଂ ଭୁଷ୍କା ଦୁହେଁ ମୃତଦେହକୁ ଫୁଟବଲ ପଡ଼ିଆ ମଧ୍ୟକୁ ନେଇଯାଇ ଫୋପାଡି ଦେଇଥିଲେ। ସେ ପିନ୍ଧିଥିବା ଲୁଙ୍ଗିକୁ ପୋଡି ଦେଇଥିଲେ। ଠେଙ୍ଗା, ଲୁହାଛଡକୁ ଫିଙ୍ଗି ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଘରେ ହତ୍ୟାକାଣ୍ଡ ହୋଇଥିବାରୁ କମଳାଙ୍କ ପରିବାର ଲୋକେ ଘର ଛାଡି ଫେରାର ହୋଇଯାଇଥିଲେ। ଠେଲକୁଲି ପୋଲିସ ଏବଂ ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଠେଙ୍ଗା, ଲୁହାଛଡ଼ ଜବତ କରିଥିଲେ। ମୃତ ଶୁକଦେବଙ୍କ ନାମରେ ପୂର୍ବରୁ ଠେଲକୁଲି ଥାନାରେ ଅଭିଯୋଗ ରହିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।




ଗିରଫ ୨ ଅଭିଯୁକ୍ତ ।





## ସଂକ୍ଷେପରେ

### ବାଇକ୍ ଧକ୍କାରେ ଯୁବକ ମୃତ, ୨ ଆହତ

ଲହୁଣୀପଡା, ୨୮।୧୦ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅନ୍ତର୍ଗତ ଫୁଲଝର ପଞ୍ଚାୟତ ଭଗବାନ ସାହିଠାରେ ଶନିବାର ରାତି ପ୍ରାୟ ସାଢ଼େ ଗୋଟିଏ ବେଳେ ଦୁର୍ଘଟଣା ଘଟିଛି। ଗୋଟିଏ ବାଇକ୍ ଧକ୍କାରେ ଅନ୍ୟ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ୨ଜଣ ଆହତ ହୋଇଛନ୍ତି। ତଳଗିନିଆ ଗ୍ରାମର ବୁଧୁ ମୁଣ୍ଡାରି (୨୦) ଏକ ବାଇକରେ ଅନ୍ୟ ସାଙ୍ଗମାନଙ୍କ ସହିତ ଭଗବାନ ସାହିକୁ କୀର୍ତ୍ତନ କରିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ରଞ୍ଜ ଗ୍ରାମର ସନାତନ ନାଏକ ଆସୁଥିବା ବାଇକ ଭାରସାମ୍ୟ ହରାଇ ବୁଧୁ ମୁଣ୍ଡାରୀଙ୍କୁ ଧକ୍କା ଦେଇଥିଲା। ଫଳରେ ବୁଧୁ ମୁଣ୍ଡାରୀ ବାଇକ ସହ ରାସ୍ତା କଡର ପୋଲରେ ବାଡେଇ ହୋଇ ଯିବାରୁ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ ଚିକିତ୍ସା ପାଇଁ ବଣେଇ ଡାକ୍ତରଖାନାକୁ ନେଇଥିଲେ ମଧ ଚିକିତ୍ସିତ ଅବସ୍ଥାରେ ରାତି ପ୍ରାୟ ଦୁଇଟାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ସାଙ୍ଗ ଓ ସନାତନ ନାଏକ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଖବରପାଇ ପୋଲିସ ରବିବାର ସକାଳୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।





ସାରସ୍ୱତ ମହୋତ୍ସବ ୨୦୧୮ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

# ତ୍ରୟୋଦଶତମ ସାରସ୍ୱତ ମହୋତ୍ସବ ୨୦୧୮

ବାରକୋଟ, ୨୮।୧୦ (ଡି.ଏନ.ଏ)

ପତିତପାବନ ସାହିତ୍ୟ ସଂସଦ କଣ୍ଢେଲର ବାର୍ଷିକ ସାରସ୍ୱତ ମହୋତ୍ସବ-୨୦୧୮ର ପ୍ରଥମ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ଶଶିଭୂଷଣ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିଲା ଏହି କାର୍ଯ୍ୟକ୍ରମ । ଏଥିରେ ମୁଖ୍ୟଅତିଥି ଭାବେ କୁଚୁରାଚୁଆଁ ଯୁକ୍ତ ୨ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ନାଏକ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଗିରିଧାରୀ ସାହୁ, ମୁଖ୍ୟବକ୍ତା ଭାବେ ଯୋଗେଶଚନ୍ଦ୍ର ଦଳବେହେରା, ସମ୍ମାନିତ ବକ୍ତା ବୁଦ୍ଧଦେବ ସେଠୀ ଓ ରମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି କବି ସମ୍ମିଳନୀରେ ୭୦ଜଣ କବି, କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । କବିତା ସଂଯୋଜନା କରିଥିଲେ ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ଓ ନାଥ ବାବୁ । ସାରସ୍ୱତ ମହୋତ୍ସବର ଦ୍ୱିତୀୟ ଅଧିବେଶନ ସନ୍ଧ୍ୟା ୭ଟାରେ ଆରମ୍ଭ ହୋଇଥିଲା । ସଭାପତି ଶଶିଭୂଷଣ ପ୍ରଧାନ, ମୁଖ୍ୟଅତିଥି ଡ. ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ମୁଖ୍ୟବକ୍ତା ଡ. ବାସୁଦେବ ଦାଶ, କେନ୍ଦ୍ରାପଡା, ଶରତ ଚନ୍ଦ୍ର ରଥ, ସୁଶାନ୍ତ କୁମାର ଗିରି, ଟିକେଶ୍ୱର ସାହୁ ସମ୍ପାଦକ ବିବରଣୀ ପାଠ କରିଥିଲେ। ପତିତପାବନ ସାହିତ୍ୟ ସଂସଦ କଣ୍ଢେଲର ତ୍ରୟୋମାସିକ ମୁଖପତ୍ର ଜ୍ଞାନସାରଥି ପୂଜା ବିଶେଷାଙ୍କ-୨୦୧୮ ତ୍ରୟୋଦଶ ବର୍ଷ ପ୍ରଥମ ସଂଖ୍ୟା ତଥା ଟିକେଶ୍ୱର ସାହୁଙ୍କ ଦ୍ୱାରା ରଚିତ ଆମ ଗାଁ କବିତା ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ବକ୍ତାମାନଙ୍କ ବକ୍ତବ୍ୟ ମଧ୍ୟରେ ହରିହର ସାହୁଙ୍କ ଜଗନ୍ନାଥ ଭଜନ ସହ କାଦମ୍ବିନୀ ବେହେରା, ଲାବଣ୍ୟ ଗଡତିଆ ନୃତ୍ୟ ପରିବେଷଣ କରିଥିଲେ। ମଞ୍ଚ ପରିଚାଳନା ସହ ପରିଚାଳନା କରିଥିଲେ ଅନିରୁଦ୍ଧ ନାୟକ, ଶରତ ଚନ୍ଦ୍ର ରଥ ସାହିତ୍ୟର ବିଭିନ୍ନ ଦିଗ ଭିତରେ ଉତ୍ତମ ସାହିତ୍ୟର ପରାକାଷ୍ଠା ସହିତ ଜୀବନର ବିଭିନ୍ନ ଦିଗ ଆଲୋଚନା କରିଥିଲେ। ସାହିତ୍ୟ ଭିତରେ ଲୁଚି ରହିଥିବା ଲାବଣ୍ୟ ନିଧିକୁ ଆଲୋଚନା କରିଥିଲେ ଡ. ବାସୁଦେବ ଦାସ । ଡ. ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ପୌରାଣିକ କଥାବସ୍ତୁ ସହ ଓଡିଆ ଭାଷାର ଇତିହାସ, ଶାସ୍ତ୍ରୀୟତା ତଥା ଆଧୁନିକ ଯୁଗରେ ସାହିତ୍ୟର ଆବଶ୍ୟକତା ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଗଦିଶ ସାମଲ, ବେଣୁ ବେହେରା, ଭେଷଜ ରୋଜ, କୁଳମଣୀ ନାୟକ, ବିଦ୍ୟାନନ୍ଦ ବେହେରା, ଫଣିନ୍ଦ୍ର ଧଳ, ନିରଞ୍ଜନ ସାହୁ, ପବିତ୍ର ମୋହନ ସାହୁ, ବିଜୟ ହୋତା, ଇନ୍ଦ୍ରମଣି ପ୍ରଧାନ, ଦୁର୍ଯ୍ୟୋଧନ ଧଳ, ରମେଶ ଚନ୍ଦ୍ର ପ୍ରଧାନ, କ୍ଷମାନିଧି ସାହୁ, ବିନୋଦ ବିହାରୀ ପ୍ରଧାନ, ଚନ୍ଦ୍ରଶେଖର ଅମାନ୍ତ, ସତ୍ୟାନନ୍ଦ ବେହେରା ପ୍ରମୁଖ ସହଯୋଗ କରିଥିଲେ। ବାର୍ଷିକ ସାରସ୍ୱତ ମହୋତ୍ସବ-୨୦୧୮ରେ ଜ୍ଞାନସାରଥି ବାମଣ୍ଡା ସାରସ୍ୱତୀ ସମ୍ମାନରେ ଡ. ବାସୁଦେବ ଦାଶ, ଜ୍ଞାନସାରଥି ପ୍ରବନ୍ଧ ସମ୍ମାନରେ ଅଲେଖ ପତି, କେଶେଇବାହାଲ ଜ୍ଞାନସାରଥି କବିତା ସମ୍ମାନରେ ଲକ୍ଷ୍ମଣ ବେହେରା। ଦଣ୍ଡା ସିଂହା ଜ୍ଞାନସାରଥି ପ୍ରତିଭା ସମ୍ମାନ-୨୦୧୮ରେ ଚାରି ଜଣ ସମ୍ମାନୀତ ହୋଇଥିଲେ । ସେମାନେ ହେଲେ ଜଳନ୍ଧର ଦାଶ, ଘନଶ୍ୟାମ ସାହୁ, ଜଗଦୀଶ ସାହୁ,ଏବଂ ପ୍ରକାଶ ଚନ୍ଦ୍ର ପ୍ରଧାନ । କାର୍ଯ୍ୟକ୍ରମ ଶେଷରେ ଜଗଦୀଶ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

### ଚିତ୍ରଗୁପ୍ତ ସମାଜ ତୃତୀୟ ବର୍ଗ ସାଧାରଣ ବୈଠକ

ସୁନ୍ଦରଗଡ଼,୨୮।୧୦ (ଡି.ଏନ୍.ଏ)

ସୁନ୍ଦରଗଡ ଚିତ୍ରଗୁପ୍ତ ସମାଜ ତୃତୀୟ ସାଧାରଣ ପରିଷଦ ବୈଠକ ଭିତ୍ରିଆପଡା ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଅଜିତ୍ ପ୍ରସାଦଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ନଭେମ୍ବର ୯ ତାରିଖରେ ହେବାକୁ ଥିବା ଚିତ୍ରଗୁପ୍ତ ମହାରାଜଙ୍କ ପୂଜା କାର୍ଯ୍ୟକ୍ରମ କିଭଳି ସୁନ୍ଦରଭାବେ ସମ୍ପନ୍ନ ହୋଇପାରିବ ତଥା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆସନ୍ତା ୨ବର୍ଷ ପାଇଁ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଚଳିତ ବର୍ଷ ପୂଜାର କର୍ତ୍ତା ଭାବେ ବୀରେନ୍ଦ୍ର କୁମାର ପ୍ରସାଦଙ୍କୁ ମନୋନୀତ କରାଯାଇଛି। ଚିତ୍ରଗୁପ୍ତ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ସକାଶେ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ଜଗଦୀଶ ପ୍ରସାଦ ସଭାପତି, ପ୍ରଦୀପ ପ୍ରସାଦ ଓ ପୁନମ୍ ପ୍ରସାଦ ଉପସଭାପତି, ଅଜିତ୍ ପ୍ରସାଦ ସାଧାରଣ ସମ୍ପାଦକ, ରତନସହାୟ ଯୁଗ୍ମ ସମ୍ପାଦକ, ଅବିନାଶ ପ୍ରସାଦ କୋଷାଧ୍ୟକ୍ଷ, ପ୍ରମୋଦ ପ୍ରସାଦ ସାଂସ୍କୃତିକ ସମ୍ପାଦକ, ପ୍ରତିମା ଲାଲ ସାଂସ୍କୃତିକ ଯୁଗ୍ମ ସମ୍ପାଦକ, ତୃପ୍ତି ପ୍ରସାଦ ଓ ପ୍ରମିଳା ପ୍ରସାଦଙ୍କୁ କମିଟିରେ ମହିଳା ପ୍ରତିନିଧି ଭାବେ ମନୋନୟନ କରାଯାଇଛି। ଏତଦ୍ ବ୍ୟତୀତ ସମାଜର କାର୍ଯ୍ୟକାରୀ କମିଟିରେ ସଭ୍ୟ ଭାବେ ବୀରେନ୍ଦ୍ର ପ୍ରସାଦ, ସୁଶୀଲ ପ୍ରସାଦ, ଆଶୀଷ ପ୍ରସାଦ, ଅଶୋକ ଲାଲ, ଡାଃ ରାଜକିଶୋର ପ୍ରସାଦ, ରବୀନ୍ଦ୍ର କୁମାର ସିହ୍ନା, ରଞ୍ଜିତ ପ୍ରସାଦ ପ୍ରମୁଖ ରହିଛନ୍ତି।

# ନବନିଯୁକ୍ତ ପିସିସି ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ଦେବଗଡ,୨୮।୧୦(ସ୍ୱ.ପ୍ର)

ନବନିଯୁକ୍ତ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସମ୍ପାଦକ ସେମ୍ ହେମରମ୍ ଏବଂ ପିସିସି ସଦସ୍ୟ ତଥା ଯୁବ କଂଗ୍ରେସ ସଭାପତି ସିଦ୍ଧେଶ୍ୱର ଗୁରୁଙ୍କୁ ରବିବାର ବାରକୋଟ ବ୍ଲକ ସରୁଆଲୀ ପଞ୍ଚାୟତବାସୀଙ୍କ ତରଫରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଦସ୍ୟମାନେ ଗ୍ରାମରେ ପହଞ୍ଚିଲା ପରେ ସେମାନଙ୍କୁ ଏକ ଶୋଭାଯାତ୍ରା ମାଧ୍ୟମରେ ଗ୍ରାମ ପରିଦର୍ଶନ ପରେ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା । ସନ୍ତୋଷ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ସଭାପତି ଯଶୋବନ୍ତ ସାହୁ ଉଦ୍‌ବୋଧନ ଦେବା ପରେ ସଦସ୍ୟମାନେ ସମସ୍ତଙ୍କ ସହ ସୁଖ ଦୁଃଖ ଆଲୋଚନା କରିବା ସହ ଗ୍ରାମର ଶତାୟୁ ପୁରୁଷ ତଥା ୧୧୦ବର୍ଷର ବୟୋଜ୍ୟେଷ୍ଠ ବ୍ୟକ୍ତି ସୋନୁ ନାୟକଙ୍କୁ ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ।



ରାଜ୍ୟ ସମ୍ପାଦକ ସେମ୍ ହେମରମ୍ ଏବଂ ପିସିସି ସଦସ୍ୟ ତଥା ଯୁବ କଂଗ୍ରେସ ସଭାପତି ସିଦ୍ଧେଶ୍ୱର ଗୁରୁଙ୍କୁ ସମ୍ବର୍ଦ୍ଧନା କରାଯାଉଛି।



କଳା ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ ଅବସରରେ ଉଭୟ ଦଳର ଖେଳାଳିମାନଙ୍କ ସହ ଅତିଥିଗଣ।

# କଳା ଫୁଟବଲ ଟୁର୍ନାମେଣ୍ଟ: କତ୍ରାପାଲି ଚାମ୍ପିୟନ

ଦେବଗଡ଼,୨୮।୧୦(ସ୍ୱ.ପ୍ର.)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅଧୀନ କଳା ଗ୍ରାମରେ ଚାଲିଥିବା ତିନି ଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ସ୍ଥାନୀୟ ଖେଳପଡିଆଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଫୁଟବଲ ଟିମ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ କତ୍ରାପାଲି ଏକାଦଶ ଏବଂ ନରସିଂପୁର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ଫାଇନାଲ ମ୍ୟାଚରେ ଟାଇବ୍ରେକର ଜରିଆରେ କତ୍ରାପାଲି ଏକାଦଶ ନରସିଂପୁରକୁ ୪/୩ ଗୋଲରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ପାଇଥିଲା । ରେଫରୀଭାବେ ବରୁଣ ସାହୁ, ସରୋଜ ସାହୁ, ସରୋଜ ପ୍ରଧାନ, ସରୋଜ ଗଡନାୟକ, ଲିଙ୍କନ ସାହୁ, ଦିଗବିଜୟ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ । କ୍ଲବର ସମସ୍ତ ସଦସ୍ୟ ଖେଳ ଆୟୋଜନରେ ସହଯୋଗ କରିଥିଲେ । ଉଦ୍‌ଘାଟନୀ ମ୍ୟାଚକୁ ବାରକୋଟ ବ୍ଲକ ଅଧ୍ୟକ୍ଷା ସୁବାସିନୀ ସାହୁ ଉଦ୍‌ଘାଟନ କରିଥିବାବେଳେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ନିତେଶ ଗଙ୍ଗଦେବ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଭାଜପା ଜିଲା ସଭାପତି ଅରୁଣ ସାହୁ, ଶାନ୍ତନୁ ପ୍ରଧାନ, ଡ. ଅମୀୟ ଦାଶ, ଡ. ରତନ ଦଳ ବେହେରା, ପ୍ରଫୁଲ ସାହୁ, ଫକୀର ଦଳ ବେହେରା, ଅମୀର ସାହୁ, ସନ୍ତୋଷ ଦଳବେହେରା ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହ ଉଦ୍‌ବୋଧନ ଦେଇଥିଲେ । ଫାଇନାଲ ଖେଳରେ ବହୁ ସଂଖ୍ୟକ ଦର୍ଶକଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା । ବିଧାୟକ ଗଙ୍ଗଦେବ ଚାମ୍ପିୟନ ଟିମକୁ ନଗଦ ୧୫୦୦୦ହଜାର ଏବଂ ରନର୍ସଅପ୍ ଟିମକୁ ୧୨୦୦୦ଟଙ୍କାର ଅର୍ଥରାଶି ସହ ଟ୍ରଫି ଓ ସିଲଡ ପ୍ରଦାନ କରିଥିଲେ ।

# ଜିଲାସ୍ତରୀୟ ତର୍କ ପ୍ରତିଯୋଗିତା

ଦେବଗଡ,୨୮।୧୦(ସ୍ୱ.ପ୍ର.)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନସ୍ଥ ନେହେରୁ ଯୁବ କେନ୍ଦ୍ର ଦେବଗଡ ତରଫରୁ ସ୍ଥାନୀୟ ଲିଟିଲ କନଫେରେନ୍ସ ହଲଠାରେ ଜିଲାସ୍ତରୀୟ ତର୍କ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ସାଧାରଣତନ୍ତ୍ର ୨୦୧୯ଅବସରରେ 'ଦେଶାତ୍ମବୋଧକ ଓ ରାଷ୍ଟ୍ର ଗଠନ' ଶୀର୍ଷକକୁ ନେଇ ଇଂଲିଶ ଓ ହିନ୍ଦୀ ଭାଷାରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଯୁବକେନ୍ଦ୍ରର ଜିଲା ସହାୟକ ପ୍ରଦୀପ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ବିଚାରକ ଭାବେ ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଅତୁଲ୍ୟ ପୂଜାରୀ, ପବ୍ଲିକ ପ୍ରସିକ୍ୟୁଟର ରଞ୍ଜନ ସାହୁ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଶ୍ରୀକୃଷ୍ଣ ପ୍ରସାଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ ମିଶ୍ର ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାରେ ସତ୍ୟଜିତ ପାତ୍ର ପ୍ରଥମ, କୈବଲ୍ୟ ସାହୁ ଦ୍ୱିତୀୟ ଏବଂ ପ୍ରଦୀପ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ । ଆସନ୍ତା ନଭେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣା ପଡିଛି । ପ୍ରିୟଙ୍କା ପାତ୍ର, ଚନ୍ଦ୍ରକାନ୍ତୀ ଭୋଇ, ସୁବ୍ରତ ମହାକୁଳ, ନିରୁପଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।





ଜିଲାସ୍ତରୀୟ ତର୍କ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିଙ୍କ ସହ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ର।

### ତାଳବାହାଳି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ରେଙ୍ଗାଲନାଲୀକୁ ଟାଇଟଲ

ଦେବଗଡ଼,୨୮।୧୦(ସ୍ୱ.ପ୍ର.)

ଦେବଗଡ ଜିଲା ତିଲେଇବଣି ବ୍ଲକ ଅଧୀନ ତାଳବାହାଳୀ ଗ୍ରାମର ମା'ଅମ୍ବିକା ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ତିନି ଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ସ୍ଥାନୀୟ ଖେଳପଡିଆ ଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୬ଟି ଫୁଟବଲ ଟିମ ଅଂଶଗ୍ରହଣ କରିଥିଲେ। ରେଙ୍ଗାଲନାଲୀ ଏବଂ ହେଟଖମାର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ରେଙ୍ଗାଲନାଲୀ ଦଳ ହେଟଖମାରକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ପାଇଥିଲା । ରେଫରୀଭାବେ ଶ୍ରୀନିବାସ ପ୍ରଧାନ, ପ୍ରଶାନ୍ତ ମୁଣ୍ଡା, ଭୁପେନ ମାଝି, ସୁବାସ ନାୟକ, ନୀରଜ ଖର୍ସେଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ନିତେଶ ଗଙ୍ଗଦେବ, ସମ୍ମାନିତ ଅତିଥି ଭାବେ ଯୋଗେଶଚନ୍ଦ୍ର ପ୍ରଧାନ, ଦୁଧିଆନାଳୀର ପୂର୍ବତନ ସରପଞ୍ଚ ଉଦିତ୍ ନାୟକ, ଅନିରୁଦ୍ଧ ପ୍ରଧାନ, ଫକୀର ମୋହନ ନାୟକ, କିଶୋର ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହ ଉଦ୍‌ବୋଧନ ଦେଇଥିଲେ। ଫାଇନାଲ ମ୍ୟାଚରେ ବହୁ ସଂଖ୍ୟକ ଦର୍ଶକଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ବିଧାୟକ ଗଙ୍ଗଦେବ ଚାମ୍ପିୟନ ଦଳକୁ ୬,୫୦୦ ଏବଂ ରନର୍ସ ଅପ୍ ଦଳକୁ୪,୫୦୦ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ଖେଳ ଆୟୋଜନରେ ପ୍ରସନ୍ନ ଗଡତିଆ, ଗୋବିନ୍ଦ ପ୍ରଧାନ, ବୈକୁଣ୍ଠ ଗଡତିଆ, ଅଶ୍ୱିନୀ ଗଡତିଆଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।



ାଳବାହାଳି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଦିବସରେ ଖେଳାଳୀମାନଙ୍କ ସହ ଅତିଥିଗଣ।

# ରିଆମାଳ ଗଜଲକ୍ଷ୍ମୀ ପୂଜା:ମନ ଜିଣିଲା ରେକର୍ଡ ଡ୍ୟାନ୍ସ



ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ନିତେଶ ଗଙ୍ଗଦେବଙ୍କ ସମେତ ଅନ୍ୟମାନେ।

ରିଆମାଳ,୨୮।୧୦(ଡି.ଏନ.ଏ.)

ରିଆମାଳ ଗଜଲକ୍ଷ୍ମୀ ପୂଜା ଗତ ୨୪ତାରିଖଠାରୁ ଆରମ୍ଭ ହୋଇ ରବିବାର ମା' ଲକ୍ଷ୍ମୀଙ୍କର ବିସର୍ଜନ କରାଯାଇଛି। ଶନିବାର ସନ୍ଧ୍ୟାରେ ଦେବଗଡ଼ ବିଧାୟକ ନିତେଶ ଗଙ୍ଗଦେବ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ ସୁଖ ସମୃଦ୍ଧି ପାଇଁ ଓ ବିଶ୍ୱ କଲ୍ୟାଣ ନିମନ୍ତେ ମା' ଲକ୍ଷ୍ମୀଙ୍କ ନିକଟରେ ପ୍ରାର୍ଥନା କରିବା ସହ ରିଆମାଳ ଅଞ୍ଚଳର ପ୍ରଗତିରେ ସବୁବେଳେ ଚେଷ୍ଟିତ ବୋଲି ସେ ପ୍ରକାଶ କରିଥିଲେ। ପୂଜା କମିଟିର ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟାପକ ଗୋଲବଦନ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ରିଆମାଳର ପ୍ରଗତିରେ ଯଥାସମ୍ଭବ ସହଯୋଗ କରିବି ବୋଲି ପ୍ରକାଶ କରିଥିଲେ। ସେହିପରି ରିଆମାଳ ଥାନା ଅଧିକାରୀ ବ୍ରହ୍ମାନନ୍ଦ ପାତ୍ର, ସ୍ଥାନୀୟ ସରପଞ୍ଚ ତରଣୀସେନ ପ୍ରଧାନ, ରିଆମାଳ ଦୁର୍ଗାପୂଜା କମିଟି ସଭାପତି ସତ୍ୟପୀର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକ ସମାପ୍ତ ହେବା ପରେ ମା'ଲକ୍ଷ୍ମୀଙ୍କ ଲଡୁକୁ ଲଟେରୀ କରାଯାଇ ଡୋଳାନନ୍ଦ ସାହୁଙ୍କୁ ଅଭିନେତ୍ରୀ ରାନୀ ଲଡୁ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ରେକର୍ଡଡ୍ୟାନ୍ସ, ମେଲୋଡ଼ି, ମ୍ୟାଜିକ୍ ଶୋ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା । ଗୋପାଳ ସାହୁ ଓ ତାଙ୍କ ସ୍ତ୍ରୀ କୁମୁଦିନୀ ସାହୁ ପୂଜାର କର୍ତ୍ତା ଭାବେ ଥିବାବେଳେ ସଞ୍ଜିବ ନନ୍ଦ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ସମ୍ପାଦକ ତୀର୍ଥବାସୀ ବିଶ୍ୱାଳ, ଟିଙ୍କବୀର, ସୁନାରିପଡ଼ା, ଗୁଡୁରିମୁଣ୍ଡା, ରେଙ୍ଗାଲପାଲି, ବୁଢ଼ାପାଳ ଗ୍ରାମର ପୂଜା ମଣ୍ଡପକୁ ଯାଇ ଦର୍ଶନ କରିବା ସହ ପୂଜା କମିଟି ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ ଏବଂ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ କମିଟିମାନଙ୍କୁ ଅନୁରୋଧ କରିଥିଲେ।

ଧରିତ୍ରୀ DHARITRI

ସମ୍ବଲପୁର, ସୋମବାର, ୨୯ ଅକ୍ଟୋବର, ୨୦୧୮



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ

### ୩ ଘଣ୍ଟା ଅଟକି ରହିଲା ଇଣ୍ଟରସିଟି

ସମ୍ବଲପୁର/ଟିଟିଲାଗଡ଼,୨୮।୧୦ (ବ୍ୟୁରୋ/ଡି.ଏନ.ଏ.) - ଯାନ୍ତ୍ରିକ ତ୍ରୁଟି ଯୋଗୁ ରାୟଗଡ଼ା-ସମ୍ବଲପୁର ଇଣ୍ଟରସିଟି ଟ୍ରେନ (ନଂ-୧୮୩୦୨) ୩ ଘଣ୍ଟା ଧରି ଟିଟିଲାଗଡ଼ ଜଂସନ ପରେ ସକିରି ଷ୍ଟେଶନଠାରେ ଅଟକି ରହିଥିଲା। ସକିରି ଷ୍ଟେଶନ ମ୍ୟାନେଜର ପ୍ରଦୀପ କୁମାର ବାଗଙ୍କ କହିବା ଅନୁସାରେ ବଲାଙ୍ଗୀର ପଟୁ ଆସୁଥିବା ଏକ ମାଲବାହୀ ଟ୍ରେନ ଷ୍ଟେଶନରେ ପହଞ୍ଚିବା ପୂର୍ବରୁ ଅଚଳ ହୋଇପଡ଼ିଥିଲା। ଟ୍ରେନଟି ଇଞ୍ଜିନ୍ ବଗିଗୁଡ଼ିକୁ ଟାଣି ନେବାକୁ ବିଫଳ ହୋଇଥିଲା। ପରେ ଅନ୍ୟ ଏକ ଇଞ୍ଜିନର ସାହାଯ୍ୟ ନିଆଯାଇଥିଲା। ମାଲଗାଡ଼ିଟି ସିକିରି ଷ୍ଟେଶନ ପହଞ୍ଚିବା ପରେ ଇଣ୍ଟରସିଟିକୁ ସବୁଜ ସଙ୍କେତ ମିଳିଥିଲା।

### ଆଇନ ସଚେତନତା ଶିବିର

ସମ୍ବଲପୁର,୨୮।୧୦(ବ୍ୟୁରୋ) ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର ସମ୍ବଲପୁର ଜିଲା ଶାସନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଅଣସଙ୍ଗଠିତ ଶ୍ରମିକଙ୍କ ପାଇଁ କଲ୍ୟାଣମୂଳକ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଲିଲି ସେନାପତିଙ୍କ ତତ୍ତ୍ୱାବଧାନରେ ଶିବିର ହୋଇଥିଲା। ଏଥିରେ ଶ୍ରମିକ ପରିଦର୍ଶକଙ୍କ ଦ୍ୱାରା ୨୩ଜଣଙ୍କୁ ଅଣସଙ୍ଗଠିତ ଶ୍ରମିକ ଭାବେ ପଞ୍ଜୀକରଣ କରାଯାଇଛି। ସେହିପରି ୨୧ ଶ୍ରମିକଙ୍କ କାର୍ଡ ନବୀକରଣ ହୋଇଛି।



### ଜିଏମୟୁ କୁଳପତି ଏନଏଏମଏସ ସଦସ୍ୟ ନିର୍ବାଚିତ

ସମ୍ବଲପୁର,୨୮।୧୦(ବ୍ୟୁରୋ) ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) କୁଳପତି ପ୍ରଫେସର ଅତନୁ କୁମାର ପତି ନ୍ୟାସନାଲ ଏକାଡେମୀ ଅଫ୍ ମେଡିକାଲ ସାଇନ୍ସ (ଏନଏଏମଏସ)ର ସଦସ୍ୟ ନିର୍ବାଚିତ ହୋଇଛନ୍ତି। ପ୍ରଫେସର ଅତନୁ ଜଣେ ଅଣଡାକ୍ତରୀ ବିଭାଗର ବ୍ୟକ୍ତି ଅଟନ୍ତି। ଡାକ୍ତରମାନଙ୍କର ଜାତୀୟ ଏକାଡେମୀକୁ ନିର୍ବାଚିତ ହେବାରେ ସେ ହେଉଛନ୍ତି ତ୍ରୟୋଦଶ ଓଡ଼ିଆ ବୈଜ୍ଞାନିକ। ନ୍ୟାସନାଲ ଏକାଡେମୀ ଅଫ୍ ସାଇନ୍ସ ଆଣ୍ଡ୍ ନ୍ୟାସନାଲ ଏକାଡେମୀ ଅଫ୍ କ୍ରୋନୋବାଇଲୋଜିର ସେ ସଦସ୍ୟ ରହିଛନ୍ତି। ଏନଏଏମଏସ ସଦସ୍ୟ ହେବା ଓଡ଼ିଶା ପାଇଁ ଗର୍ବର ବିଷୟ ଅଟେ। ଶନିବାର ପୁଡୁଚେରୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରାଯାଇଛି।

# ସମ୍ବଲଭୂମିର ବାର୍ଷିକୋତ୍ସବ

## ■ ବହୁଭାଷୀ କବିତା ପାଠୋତ୍ସବ ■ ଝରନ କବିତା ପୁସ୍ତକ ଉନ୍ମୋଚିତ

ସମ୍ବଲପୁର,୨୮।୧୦(ବ୍ୟୁରୋ)






ରବିବାର ସମ୍ବଲପୁର ସମ୍ବଲଭୂମି ଆୟୋଜିତ ବହୁଭାଷୀ କବିତା ପାଠୋତ୍ସବରେ ପ୍ରହ୍ଲାଦ ଦାଶ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ସମ୍ବଲଭୂମିର ବାର୍ଷିକୋତ୍ସବ ରବିବାର କୁମ୍ଭାରପଡ଼ାସ୍ଥିତ ଲାୟନ୍ସ କ୍ଲବ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ବହୁଭାଷୀ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ଅବିଭକ୍ତ ସମ୍ବଲପୁର ଜିଲାର ୪୦ କବି ସମ୍ବଲପୁରୀ, ହିନ୍ଦୀ, ଓଡ଼ିଆ ଓ ଇଂରାଜୀ କବିତା ପାଠ କରିଥିଲେ। ଶିକ୍ଷାବିତ ଶିବନାରାୟଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସଚିବ ବିଭୂତି ଭୂଷଣ ବେହେରା ମୁଖ୍ୟ ଅତିଥି, ନାଟ୍ୟକାର ଡ. ଦ୍ୱାରିକାନାଥ ନାୟକ ମୁଖ୍ୟବକ୍ତା ଓ ବୋଧରାମ ମୁଣ୍ଡା ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କବୟିତ୍ରୀ ବିଳାସିନୀ ଦାଶଙ୍କ କବିତା ସଙ୍କଳନ 'ଝରନ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ସମ୍ବଲଭୂମି ନିର୍ଦ୍ଦେଶକ ପ୍ରହ୍ଲାଦ ଦାଶ ସ୍ୱାଗତ ଓ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଫେସର ଗିରିଜା ଶଙ୍କର ଶର୍ମାଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ହୋଇଥିଲା। ଗୀତିକାର ବିନୋଦ ପଶାୟତ ମୁଖ୍ୟ ଅତିଥି ଓ ଡ. ମୋହନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଭାଷାର ପ୍ରଚାର ପ୍ରସାରରେ କବିତାଗୁଡ଼ିକ ସହାୟକ ହୋଇଥାଏ। ଏଥିସହ କବିତା ମାଧ୍ୟମରେ ରାଷ୍ଟ୍ର ଏକଜୁଟ ହୋଇ ଶତ୍ରୁ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସମର୍ଥ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଅଧିକରୁ ଅଧିକ କବିମାନେ କବିତା ରଚନା କରିବାକୁ ଆଗେଇ ଆସିବାର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଲଳିତ ବୈବର୍ତ୍ତା, ଅରବିନ୍ଦ ନାୟକ ଓ କାର୍ତ୍ତିକ ପ୍ରସାଦ ବହିଦାରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲଭୂମି ପରିଚାଳନା ନିର୍ଦ୍ଦେଶକ ନବୀନ କୁମାର ଦାଶ ସୂଚନା ପ୍ରଦାନ କରିଥିଲେ।

# ଇଗ୍ନୋ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାମରା,୨୮।୧୦(ସ୍ୱ.ପ୍ର.)

ବାମରାସ୍ଥିତ ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟରେ ରବିବାର ଇଗ୍ନୋ ପାଠ୍ୟକ୍ରମରେ ଚଳିତ ବର୍ଷ ପ୍ରଥମଥର ପ୍ରବେଶ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଏକ ସଭା ମାଧ୍ୟମରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ପରିସରରେ ଏ ନେଇ ଏକ ସଭା କରାଯାଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିନୋଦ ବିହାରୀ ନାଏକ ସଭାପତିତ୍ୱ କରିଥିଲେ। ରସାୟନ ବିଭାଗ ମୁଖ୍ୟ ପ୍ରଦୀପ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ବେଲପାହାଡ଼ ମହାବିଦ୍ୟାଳୟ ସଂଯୋଜକ ଡ. ନଗେନ୍ଦ୍ର ନାଏକ, ବାମରା ସଂଯୋଜକ ନିତ୍ୟାନନ୍ଦ ସେଠି, ସନ୍ତୋଷ ନାଏକ, ଡ. ମନୋଜ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିବା ସହ ସେମାନଙ୍କ ସଫଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟାପକ ହରିଶ ଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଦେଇଥିଲେ। ରବିଶ ଶୁକ୍ଳା, କୃଷ୍ଣ ଚନ୍ଦ୍ର ଷଣ୍ଢ, ଦୀପକ ମେହେର ଓ ଚନ୍ଦ୍ରିକା ଛତ୍ରିଆ ସହଯୋଗ କରିଥିଲେ।



ବାମରାସ୍ଥିତ ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ।

# ସପିଂ ଟାଲେଣ୍ଟ ଉଦ୍‌ଘାଟିତ

ସମ୍ବଲପୁର,୨୮।୧୦(ବ୍ୟୁରୋ)

ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ଆୟୋଜିତ ସପିଂ ଟାଲେଣ୍ଟ ପ୍ରତିଯୋଗିତା ରବିବାର ସମ୍ବଲପୁର ଫାର୍ମରୋଡସ୍ଥିତ ସିଟି ପ୍ରାଇଡ୍ କମ୍ୟୁନିଟି ହଲଠାରେ ଉଦ୍‌ଘାଟିତ ହୋଇଯାଇଛି । ନର୍ସରୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଚିତ୍ରାଙ୍କନ, ଷଷ୍ଠରୁ ତଦୁର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଇଁ ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ଲକ୍ଷ୍ୟରେ ସପିଂ ଟାଲେଣ୍ଟ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା କାମିନୀ ଯୋଶୀ କହିଛନ୍ତି ।





ରବିବାର ସମ୍ବଲପୁର ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ଆୟୋଜିତ ସପିଂ ଟେଲେଣ୍ଟ ପ୍ରତିଯୋଗୀତାରେ ଛାତ୍ରୀଛାତ୍ର ।

# ଭୀମଭୋଇ, ପଶ୍ଚିମ ଓଡ଼ିଶାର ବିଶ୍ୱସ୍ତରୀୟ ପ୍ରତିନିଧି

ସମ୍ବଲପୁର,୨୮।୧୦(ବ୍ୟୁରୋ)

ଝରଣା ପାଣି ଓ ତୋରାଣି ପିଇ ସନ୍ଥ କବି ଭୀମଭୋଇ ପଶ୍ଚିମ ଓଡ଼ିଶାକୁ ବିଶ୍ୱସ୍ତରରେ ସ୍ଥାନିତ କରିଛନ୍ତି । ତେଣୁ ସେ ବିଶ୍ୱସ୍ତରୀୟ ପ୍ରତିନିଧି ହୋଇପାରିଛନ୍ତି । ସେତୁ ଆୟୋଜିତ ଊନବିଂଶ ପ୍ରଫେସର ଘନଶ୍ୟାମ ଦାଶ ବକ୍ତୃତାମାଳାରେ ମୁଖ୍ୟ ବକ୍ତା ପ୍ରଫେସର ପବିତ୍ର ମୋହନ ନାୟକ ଏହା କହିଛନ୍ତି । ପ୍ରାନ୍ଥ ନିବାସ ସଭା କକ୍ଷରେ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ' ଶୀର୍ଷକ ଆଲୋଚନା କରି ସେ କହିଥିଲେ ଯେ, ଭୀମଭୋଇ ଆନୁଷ୍ଠାନିକ ଶିକ୍ଷା ଲାଭ କରି ନ ଥିଲେ। ମାତ୍ର ଅଣଆନୁଷ୍ଠାନିକ ଭାବେ ଗୁରୁକୃପାରୁ ଭାଗବତ, ରାମାୟଣ, ଉପନିଷଦ ଉପରେ ଜ୍ଞାନ ହାସଲ କରିଥିଲେ। ତାଙ୍କର ଗୁରୁ ଥିଲେ ଯେପରି ଅଦ୍ଭୁତ, ସେ ମଧ୍ୟ ଥିଲେ ସେତିକି ବିସ୍ମୟକର। ସେ ଅନ୍ଧ ଥିଲେ କି ନ ଥିଲେ, ଏହା ଉପରେ ନିରର୍ଥକ ତର୍କରେ ବ୍ୟାପୃତ ନ ରହି ତାଙ୍କ ଅବଦାନର ବାସ୍ତବ ମୂଲ୍ୟାୟନ ଦ୍ୱାରା ସମାଜ ଅଧିକ ଉପକୃତ ହେବ। ତତ୍କାଳୀନ ସାମାଜିକ ବୈଷମ୍ୟ, ଆକ୍ରୋଶର ଶିକାର ହୋଇ ମଧ୍ୟ ଭଗବତ୍ ଚେତନାରେ ନିମଜ୍ଜିତ ରହି ସାମାଜିକ କୁସଂସ୍କାର ବିରୋଧରେ ସଂଗ୍ରାମ କରିଥିଲେ । ସମଗ୍ର ଜୀବଜଗତ ନିମନ୍ତେ ସେ ଚିନ୍ତା କରିଥିଲେ । ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ପଂକ୍ତିଟି ମିଳିତ ଜାତିସଂଘରେ ମଧ୍ୟ ଆମ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛି। ସେତୁ ସଭାପତି ପ୍ରଫେସର କେଦାରନାଥ ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା ସନ୍ଥ କବିଙ୍କ ଜୀବନାଦର୍ଶ କେବଳ ବକ୍ତବ୍ୟ ମଧ୍ୟରେ ସୀମିତ ନ ରହି ସମାଜର ହିତରେ ବିନିଯୋଗ ହେଉ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସେତୁର ସମ୍ପାଦକ ଡ. ସନ୍ତୋଷ କୁମାର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉପସଭାପତି ଡ. ମୀନକେତନ ପାଠୀ ପ୍ରଫେସର ଘନଶ୍ୟାମ ଦାଶଙ୍କ ଜୀବନୀ ଓ କୃତିତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ଅଶୋକ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।





ରବିବାର ସମ୍ବଲପୁର ପାନ୍ଥ ନିବାସ ସଭା କକ୍ଷରେ ପ୍ରଫେସର ପବିତ୍ର ମୋହନ ନାୟକଙ୍କ ସମ୍ବର୍ଦ୍ଧିତ କରାଯାଉଛି ।

# ଡା. ଜନାର୍ଦ୍ଦନ ପୂଜାରୀ ଗ୍ରନ୍ଥାବଳୀ ଉନ୍ମୋଚନ ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୮।୧୦(ବ୍ୟୁରୋ)

ଯୁବ ଉଦୟନ ପକ୍ଷରୁ ରବିବାର ଆୟୋଜିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ନଭେମ୍ବର ୯ ତାରିଖରେ ଡା. ଜନାର୍ଦ୍ଦନ ପୂଜାରୀ ଗ୍ରନ୍ଥାବଳୀ ଉନ୍ମୋଚନ ଉତ୍ସବ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି । ସଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା । ଏଥିରେ ଯୁବ ଉଦୟନର ସଦସ୍ୟଙ୍କ ସମେତ ଡା. ଯତୀନ୍ଦ୍ର ମୋହନ ପୂଜାରୀ, ଅର୍ଜୁନ ରଞ୍ଜନ ପଣ୍ଡା, ହେମନ୍ତ ମହାପାତ୍ର, ଡା. ସଦାନନ୍ଦ ପରିଚ୍ଛା, ସନ୍ତୋଷ ସୂପକାର, ଦୀପକ କୁମାର ପଣ୍ଡା ଓ ଅନ୍ୟମାନେ ଯୋଗ ଦେଇଥିଲେ । ନଭେମ୍ବର ୯ ତାରିଖ ଅପରାହ୍ନ ୪ଟାରେ ଆରଣ୍ୟକ ମଣ୍ଡପରେ ହେବାକୁ ଥିବା ଡା. ଜନାର୍ଦ୍ଦନ ପୂଜାରୀ ଜୟନ୍ତୀ ଓ ଡା ଜନାର୍ଦ୍ଦନ ପୂଜାରୀ ଗ୍ରନ୍ଥାବଳୀର ଉନ୍ମୋଚନ ଉତ୍ସବରେ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ସଭାପତିତ୍ୱ କରିବେ । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେବାକୁ ଥିବାବେଳେ ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ପ୍ରବକ୍ତା ଭାବେ ଯୋଗଦେବେ ।

# ବଙ୍ଗୀୟ ପରିଷଦର ବିଜୟା ସମ୍ମିଳନୀ

ସମ୍ବଲପୁର,୨୮।୧୦(ବ୍ୟୁରୋ)

ସମ୍ବଲପୁର ବଙ୍ଗୀୟ ପରିଷଦର ବିଜୟା ସମ୍ମିଳନୀ ରବିବାର ରୋଟାରୀ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଶୋକ ବକ୍ସିଙ୍କ ଅଧ୍ୟକ୍ଷତା ଓ ସମ୍ପାଦିକା ସୁତାପ୍ତା ମିତ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଇଷ୍ଟକୋଷ୍ଟ ରେଲୱେ ସହାୟକ ବାଣିଜ୍ୟ ପ୍ରବନ୍ଧକ ଗୁରୁଦାସ ସରକାର ମୁଖ୍ୟ ଅତିଥି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା, ଡା. କାଞ୍ଚନ ରାୟ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷାବିତ ଡ. ଦୁର୍ଗା ଗୁପ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିଜିତ ରାୟ ଓ ମାଳବିକା ବକ୍ସିଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବି. ଚିତ୍ତସ୍ୱରୂପା, ଦିୟା ଚୌଧୁରୀ, ଗୁନଗୁନ ଓ ପୂରବି ନୃତ୍ୟ ପରିବେଷଣ କରିଥିଲେ। ସକାଳେ ଆୟୋଜିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ପ୍ରମୋଦ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।




ରବିବାର ରାତିରେ ସମ୍ବଲପୁର ବଙ୍ଗୀୟ ପରିଷଦର ବିଜୟା ସମ୍ମିଳନୀରେ ଅତିଥିମାନେ ଶିକ୍ଷାବିତ ଡ. ଦୁର୍ଗା ଗୁପ୍ତାଙ୍କ ସମ୍ବର୍ଦ୍ଧିତ କରୁଛନ୍ତି ।

# ବିରାଟ ମେଧାବୃତ୍ତି ପରୀକ୍ଷା ଆରମ୍ଭ

ସମ୍ବଲପୁର,୨୮।୧୦(ବ୍ୟୁରୋ)

ପ୍ରଥମ ପର୍ଯ୍ୟାୟ ବିରାଟ ମେଧାବୃତ୍ତି ପରୀକ୍ଷା-୨୦୧୮ ରବିବାର ସହଯୋଗନଗରସ୍ଥିତ ମୁଖ୍ୟାଳୟ ଓ ହୀରାକୁଦଠାରେ ଆରମ୍ଭ ହୋଇଛି। ଏଥିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରୀକ୍ଷା ହୋଇଛି। ଷଷ୍ଠରୁ ନବମ ଶ୍ରେଣୀ ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କୃତୀ ଛାତ୍ରୀଛାତ୍ରମାନଙ୍କୁ ଯଥାକ୍ରମେ ୨ ଓ ୧ ବର୍ଷିଆ ପାଠ୍ୟକ୍ରମ ପ୍ରଦାନ କରାଯିବ। ନଭେମ୍ବର ୪,୧୧,୧୮ ଓ ୨୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ହେବ। ଯଦି କୌଣସି ପରୀକ୍ଷାର୍ଥୀ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବେ ସେମାନେ ନାମ ପଞ୍ଜୀକରଣ କରି ପରୀକ୍ଷା ଦେଇପାରିବେ ବୋଲି ବିରାଟ ଅଧ୍ୟକ୍ଷ ରାହୁଲରାଜ ସୂଚୀତ କରିଛନ୍ତି।



ରବିବାର ସମ୍ବଲପୁରରେ ବିରାଟ ମେଧାବୃତ୍ତି ପରୀକ୍ଷାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ଓକିଲଙ୍କ ଆନ୍ଦୋଳନ ଜେଲ କର୍ତ୍ତୃପକ୍ଷଙ୍କୁ ସୁହାଇଛି

# ଜାମିନ ଦରଖାସ୍ତ ପାଇଁ ଅର୍ଥ ଦାବି

ରେଢ଼ାଖୋଲ,୨୮।୧୦(ଡି.ଏନ.ଏ.)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ଗତ ସେପ୍ଟେମ୍ବର ୬ ତାରିଖଠାରୁ ରେଢ଼ାଖୋଲ ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଛି। ଫଳରେ ବିଭିନ୍ନ ଥାନାରୁ ଗିରଫ ହୋଇ ଆସଥିବା ଅଭିଯୁକ୍ତମାନେ ଜାମିନ ଆବେଦନ କରି ନ ପାରି ଜେଲ ହାଜତକୁ ଯାଉଛନ୍ତି। ମାସେରୁ ଊର୍ଦ୍ଧ୍ୱ ହେବ ଅଭିଯୁକ୍ତମାନେ ଜେଲ ହାଜତରେ ରହୁଛନ୍ତି। ଏହି ଆନ୍ଦୋଳନ ଜେଲ କର୍ତ୍ତୃପକ୍ଷଙ୍କୁ ବେଶ୍ ସୁହାଇଛି। ଜେଲ ହାଜତରେ ଥିବା ଅଭିଯୁକ୍ତଙ୍କ ସଂପର୍କୀୟମାନଙ୍କଠାରୁ ଜାମିନ ଦରଖାସ୍ତ କୋର୍ଟକୁ ପଠାଇବା ପାଇଁ ଅର୍ଥ ଦାବି କରାଯାଉଥିବା ଅଭିଯୋଗ ହୋଇଛି। ଖୋଦ୍ ସବ୍ ଜେଲର ମାମଲାକୁ ଦେଖି ୮ଶହରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଜାମିନ ଦରଖାସ୍ତ କୋର୍ଟକୁ ପଠାଇବା ପାଇଁ ଦାବି କରୁଛନ୍ତି। ଏ ନେଇ ଅଭିଯୁକ୍ତଙ୍କ ସମ୍ପର୍କୀୟମାନେ ଓକିଲ ମାନଙ୍କଠାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି।

ଏଠାରେ ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୬ ତାରିଖଠାରୁ ଅକ୍ଟୋବର ୨୭ ତାରିଖ ପର୍ଯ୍ୟନ୍ତ ଓକିଲଙ୍କ ଆନ୍ଦୋଳନ ଯୋଗୁ ୬୩ ଅଭିଯୁକ୍ତ ବିଭିନ୍ନ ମାମଲାରେ ଜେଲ ହାଜତକୁ ଆସଥିବା ବେଳେ ସେମାନଙ୍କ ମଧ୍ୟରୁ ୫୦ ଜାମିନରେ ମୁକୁଳିଛନ୍ତି। ଏମାନଙ୍କ ମଧ୍ୟରୁ ଅକ୍ଟୋବର ୧ ରୁ ୧୨ ତାରିଖ ମଧ୍ୟରେ ଓକିଲ ନିଯୁକ୍ତ କରି କେତେକ ଅଭିଯୁକ୍ତ ଜାମିନରେ ଆସିଥିବା ବେଳେ ଅନ୍ୟମାନେ ଜେଲରୁ ଜାମିନ ଦରଖାସ୍ତ କରି ମୁକୁଳିଛନ୍ତି।

ଏଠାରେ ପ୍ରକାଶଯୋଗ୍ୟ, ଜେଲରୁ ଜାମିନ ଦରଖାସ୍ତ ଲେଖାଯାଇ ସବ୍ ଜେଲରଙ୍କ ଦ୍ୱାରା ଅନୁମୋଦନ କରାଯିବା ପରେ କୋର୍ଟକୁ ପଠାଯାଇଥାଏ। ଏହାର ସୁଯୋଗ ନେଇ ଜେଲ କର୍ତ୍ତୃପକ୍ଷ ଅର୍ଥ ଦାବି କରୁଛନ୍ତି।

### ସେମାନେ ଯାହା କହନ୍ତି....

ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହିନ ଓ ମିଥ୍ୟା । ଜେଲ୍‌ରେ ଥିବା ଅଭିଯୁକ୍ତଙ୍କ ସମ୍ପର୍କୀୟମାନେ ଜାମିନ ଆବେଦନ ପାଇଁ ଦରଖାସ୍ତ ଲେଖି ଆଣିବା ପରେ କୋର୍ଟକୁ ପଠାଯାଇଥାଏ। ଏଥିପାଇଁ ଜେଲର କୌଣସି କର୍ମଚାରୀ କିମ୍ବା ମୁଁ କାହାରିଠାରୁ ଅର୍ଥଦାବି କରିନାହୁଁ।

**ଶରତ ଚନ୍ଦ୍ର ବେହେରା**- ସବ୍ ଜେଲର ରେଢ଼ାଖୋଲ

ଓକିଲ ସଂଘର ସମ୍ପାଦକ ଭାବେ ମୁଁ ମଧ୍ୟ ଏଭଳି ଅଭିଯୋଗ ଓକିଲ ବନ୍ଧୁ ଓ ବିଚାରାଧୀନ ଅଭିଯୁକ୍ତମାନଙ୍କ ସମ୍ପର୍କୀୟଙ୍କଠାରୁ ପାଇଛି। ଏହା ଏକ ନିନ୍ଦନୀୟ ଘଟଣା । ଏ ନେଇ ଓକିଲ ସଂଘ ପକ୍ଷରୁ ଏହାର ଏକ ନିରପେକ୍ଷ ତଦନ୍ତ ପାଇଁ ଜେଲ୍ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିବାକୁ ନିଷ୍ପତ୍ତି ନେଇଛୁ।

**ଗଣେଶ୍ୱର ପ୍ରଧାନ, ସମ୍ପାଦକ**- ଓକିଲ ସଂଘ ରେଢ଼ାଖୋଲ

ଏଭଳି ଅଭୀଯୋଗ ଯଦି ସତ୍ୟ ହୋଇଥାଏ ତା'ହେଲେ ସାଙ୍ଘାତିକ । ଗଣତନ୍ତ୍ର ପାଇଁ ଏହା ଶୁଭଙ୍କର ନୁହେଁ। ଏହାର ତଦନ୍ତ ହେବା ଆବଶ୍ୟକ।

**ଅନାଦି ଚରଣ ସାହୁ**- ସମାଜ ସେବୀ ।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଟ୍ରାକ୍ଟର-ଟ୍ରକ ଧକ୍କା, ଜଣେ ମୃତ

ସମ୍ବଲପୁର,୨୮।୧୦(ବ୍ୟୁରୋ)

ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ଲକ୍ଷ୍ମୀଡୁଙ୍ଗୁରି ନିକଟରେ ଏକ ଟ୍ରାକଟରକୁ ପଛପଟୁ ଏକ ଟ୍ରକ ଧକ୍କା ଦେଇଛି। ଏଥିରେ ଗୁରୁତର ଆହତ ହୋଇଥିବା ଟ୍ରାକ୍ଟର (ନଂ.ଓଡି ୦୩-କେ ୭୭୦୨) ଡ୍ରାଇଭର କେନ୍ଦୁଝର ଜିଲା ରଘୁନାଥପୁର ଗ୍ରାମର ମଧୁସୁଧନ ମହନ୍ତ (୫୩)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇ ଟ୍ରକ ଡାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ଟ୍ରକ(ନଂ. ଏମପି ୦୭ ଏଚବି-୩୨୩୮)କୁ ଜବତ କରଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୭୬/୧୮) ରୁଜୁ ହୋଇଛି । ଉଭୟ ଟ୍ରକ ଓ ଟ୍ରାକ୍ଟର ବୁର୍ଲାରୁ ସମ୍ବଲପୁର ଆସୁଥିଲା।।

# ଜଳସେଚନ ବ୍ୟବସ୍ଥା ଫେଲ୍, ମରୁଡ଼ି ସ୍ଥିତି ଉଦ୍‌ବେଗଜନକ

ଝାରସୁଗୁଡା ଅଫିସ,୨୮।୧୦

ଝାରସୁଗୁଡା ଜିଲାରେ ମରୁଡି ସ୍ଥିତି ଉଦ୍‌ବେଗଜନକ। ଢିପ ଜମିରେ ହୋଇଥିବା ଧାନ ଫସଲ ସମ୍ପୂର୍ଣ୍ଣ ମରୁଡି କବଳିତ। ଏବେ ଖାଲୁଆ ଜମି ଆଡକୁ ଗତି କରୁଛି ମରୁଡି। ଇତିମଧ୍ୟରେ ଆସିଛି ମରୁଡି ଜନିତ ପ୍ରାଥମିକ ରିପୋର୍ଟ। ଯେଉଁଥିରେ ଜିଲାରେ କରାଯାଇଥିବା ଧାନ ଚାଷର ୬୧.୬୫% ମରୁଡି ପ୍ରଭାବିତ ହୋଇସାରିଛି। ଝାରସୁଗୁଡା ଜିଲାରେ ମୋଟ ୫୦୪୦୪ ହେକ୍ଟର ଧାନ ଚାଷ ହୋଇଥିବା ବେଳେ ବର୍ତମାନ ସୁଦ୍ଧା ୩୧୦୭୬ ହେକ୍ଟର ମରୁଡି ହୋଇସାରିଛି। ବିଭିନ୍ନ ବ୍ଲକରୁ ସଂଗୃହୀତ ରିପୋର୍ଟକୁ ଆଧାର କରି ଏକ ମଧ୍ୟବର୍ତୀକାଳିନ ମରୁଡି ରିପୋର୍ଟ ସୋମବାର ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କୁ ପ୍ରଦାନ କରାଯିବ। ଆଗକୁ ଏହି ସଂଖ୍ୟା ଆହୁରି ବୃଦ୍ଧିପାଇବାକୁ ଥିବାରୁ ପରବର୍ତ୍ତୀ ସମୟରେ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲା କୃଷି ଉପନିର୍ଦ୍ଦେଶକ ପୁଷ୍ପେଶ୍ ପୂଜାରୀ କହିଛନ୍ତି।

ଜଳସେଚନ ନେଇ ଡିଣ୍ଡିମ ପିଟୁଥିବା ସରକାରଙ୍କୁ ଏହା ଶକ୍ତ ଧକ୍କା ଲାଗିବ। ପ୍ରତିବର୍ଷ ଜିଲାରେ ଜଳସେଚନ ହାର ବୃଦ୍ଧି ପାଉଥିବା ସରକାରୀ ରିପୋର୍ଟରେ ଦର୍ଶାଯାଉଛି। ହେଲେ ବର୍ଷା ଅଭାବ ଦେଖାଦେଲା ମାତ୍ରେ ଜଳସେଚନ ଉଭେଇ ଯାଉଛି। ବିଭିନ୍ନ ଉତ୍ସରୁ ଜଳସେଚନ କରାଯାଉଥିବା ନେଇ ସରକାର ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। କିନ୍ତୁ ବାସ୍ତବରେ ସେଠାରୁ କେତେ ହେକ୍ଟର ଜମିକୁ ଜଳସେଚନ ହେଉଛି ତାହା ସମୀକ୍ଷା ସାପେକ୍ଷ। ଜିଲାରେ ଜଳସେଚିତ ଚାଷ ଜମିର ପରିମାଣ କମ୍ ହୋଇଥିଲେ ମଧ୍ୟ ଚଳିତ ଖରିଫ୍‌ରେ ୫୦୪୦୪ ହେକ୍ଟର ଜମିରେ ଧାନଚାଷ ହୋଇଥିଲା। ସେଥିରୁ ୩୧୦୭୬ ହେକ୍ଟର ଜମିର ଧାନ ଉଜୁଡି ସାରିଛି। ଝାରସୁଗୁଡା ଜିଲାର ଲଖନପୁର ବ୍ଲକରେ ସର୍ବାଧିକ ୧୩୮୦୦ ହେକ୍ଟର ଧାନ ଚାଷ ମଧ୍ୟରୁ ୯୦୪୫ ହେକ୍ଟର ଜମିର ଧାନ ମରୁଡି ପ୍ରଭାବିତ। ସେହିପରି ଲଇକେରା ବ୍ଲକର ୧୦୯୦୩ ହେକ୍ଟର ମଧ୍ୟରୁ ୭୨୩୨ ହେକ୍ଟର, କିର୍ମିରା ବ୍ଲକର ୬୮୨୫ ହେକ୍ଟର ମଧ୍ୟରୁ ୪୬୨୫ ହେକ୍ଟର, କୋଲାବିରା ବ୍ଲକର ୮୫୯୨ ହେକ୍ଟର ମଧ୍ୟରୁ ୪୧୮୬ ଏବଂ ଝାରସୁଗୁଡା ବ୍ଲକର ୧୦୨୮୪ ହେକ୍ଟର ମଧ୍ୟରୁ ୫୯୮୮ ହେକ୍ଟର ଧାନଚାଷ ମରୁଡି କବଳିତ ହୋଇଥିବା ରାଜସ୍ୱ ଏବଂ କୃଷି ବିଭାଗର ଯୁଗ୍ମ ରିପୋର୍ଟରୁ ସ୍ପଷ୍ଟ।

ସଂଗୃହୀତ ତଥ୍ୟ ଆଧାରରେ ଏକ ମଧ୍ୟବର୍ତ୍ତୀକାଳିନ ରିପୋର୍ଟ ପ୍ରସ୍ତୁତ କରାଯାଇ ଏସ୍‌ଆରସିଙ୍କୁ ପଠାଯିବ। ଏହାସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ମରୁଡି ସହାୟତା, ଇନ୍‌ପୁଟ୍ ସବ୍‌ସିଡ୍ ଏବଂ ଅନ୍ୟାନ୍ୟ କ୍ଷତିପୂରଣ ପ୍ରଦାନ ନେଇ ଅନୁରୋଧ କରାଯିବ ବୋଲି କୃଷି ଅଧିକାରୀ କହିଛନ୍ତି। ସେହିପରି କ୍ଷତିଗ୍ରସ୍ତ ଚାଷୀ ପ୍ରଧାନମନ୍ତ୍ରୀ ଫସଲବୀମା ସହାୟତା କିପରି ପାଇପାରିବେ ସେ ବାବଦରେ ମଧ୍ୟ ବୀମା କର୍ମଚାରୀଙ୍କ ସହ ଆଲୋଚନା ଜାରି ରହିଛି ବୋଲି ସେ କହିଛନ୍ତି। ଝାରସୁଗୁଡା ଜିଲାରେ ସୃଷ୍ଟି ହୋଇଥିବା ମରୁଡି ପରିସ୍ଥିତି ଯୋଗୁ ଜଳସେଚନ ସୁବିଧା ଠିକ୍‌ଭାବେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ୫ଟି ବୃହତ୍ତ ଉଠାଜଳସେଚନ୍ ପ୍ରକଳ୍ପ ଉଦଘାଟନ କରାଯାଇଛି। ହେଲେ ଏହା ବାସ୍ତବରେ ଜଳସେଚନ କାମରେ ଲାଗୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି।

**ଝାରସୁଗୁଡା ଜିଲା**

- ■ଆସିଲା ଧାନ କ୍ଷୟକ୍ଷତିର ଯୁଗ୍ମ ରିପୋର୍ଟ
- ■୫୦,୪୦୪ ହେକ୍ଟର ଧାନ ଚାଷ ହୋଇଛି
- ■୩୧ହଜାର ହେକ୍ଟର ଜମି ମରୁଡିଗ୍ରସ୍ତ
- ■ଏ ବର୍ଷ ୫ ବୃହତ୍ତ ଉଠାଜଳସେଚନ୍ ପ୍ରକଳ୍ପ
- ■ଗୋଟିଏ ବି କାମରେ ଲାଗୁ ନାହିଁ

### ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ନାକଟିଦେଉଳ,୨୮।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ଥାନାଞ୍ଚଳ କତରାପାଲି ଗ୍ରାମର ମକୁନ୍ଦ ସାହୁ (ମିଟୁ) ନାମକ ଜଣେ ୪୫ ବର୍ଷୀୟ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ରବିବାର ସକାଳୁ ଘରୁ ବାହାରିଥିଲେ। କିନ୍ତୁ ଫେରି ନଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର ସନ୍ଧାନ ନ ମିଳିବାରୁ ଗ୍ରାମବାସୀ ସ୍ଥାନୀୟ ଟିକିରା ନଦୀ ନିକଟସ୍ଥ ଜଙ୍ଗଲକୁ ଖୋଜି ଯାଇଥିଲେ। ପରେ ଗ୍ରାମ ନିକଟସ୍ଥ କୁଞ୍ଜବନ ମଠ ନିକଟ ଏକ କୂଅ ମଧ୍ୟକୁ ଝୁଲନ୍ତା ଅବସ୍ଥାରେ ତାଙ୍କୁ ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପାଇଁ ସୋମବାର ରେଢ଼ାଖୋଲ ପଠାଯିବ। ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ ।




ମଦ ଭାଟିକୁ ଘେରି ରହିଛନ୍ତି ମହିଳା।

# ମହିଳା ଘେରିଲେ ମଦଭାଟି

ଝାରସୁଗୁଡା ଅଫିସ,୨୮।୧୦

ଝାରସୁଗୁଡାରେ ତୀବ୍ର ହେଉଛି ମଦବିରୋଧୀ ଆନ୍ଦୋଳନ। ଦୁଇଦିନ ପୂର୍ବରୁ ବଢେଇମୁଣ୍ଡା ଠାରେ ମଦବିରୋଧୀ ଶୋଭାଯାତ୍ରା ହୋଇଥିଲା। ହେଲେ ରବିବାର ମହିଳାମାନେ ଏକ ଦେଶୀ ମଦଭାଟିରେ ଭଙ୍ଗାରୁଜା କରିଛନ୍ତି। ମଦଭାଟି ବନ୍ଦ ଦାବିରେ ଏହି ଭଙ୍ଗାରୁଜା ହୋଇଛି। ରବିବାର ମରାକୁଟା, ଜମେରା ଓ ସିଂହାବଗାର ମହିଳାମାନେ ମରାକୁଟା ପଞ୍ଚାୟତର ତିହିଡିପାଲିରେ ଥିବା ସରକାରୀ ଲାଇସେନ୍ସପ୍ରାପ୍ତ ଦେଶୀ ମଦଦୋକାନରେ ଚଡାଉ କରିଥିଲେ। ମହିଳାମାନେ ଭାଟିରେ ପଶି ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରିବା ସହ ଭିତରେ ଥିବା ଦେଶୀ ମଦ ପାଉଚ୍ ଫିଙ୍ଗାଫୋପଡା କରିଥିଲେ। ପ୍ରାୟ ୩ ଘଣ୍ଟା ଧରି ମହିଳାମାନେ ଭାଟିକୁ ଘେରାଉ କରିଥିଲେ। ଖବର ପାଇ ଝାରସୁଗୁଡା ଟାଉନଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରିଥିଲା। ମହିଳାମାନଙ୍କ ଭଙ୍ଗାରୁଜା ଫଳରେ ଭାଟିର ୨ ଲକ୍ଷରୁ ଅଧିକ ଟଙ୍କା କ୍ଷୟକ୍ଷତି ହୋଇଛି ବୋଲି ଭାଟି ମ୍ୟାନେଜର ଦର୍ଶାଇଛନ୍ତି।

# ଉପାନ୍ତରେ ନକଲି କୀଟନାଶକ କାରବାର

ବରଗଡ଼ ଅଫିସ,୨୮।୧୦

**ଛତିଶଗଡ଼ରୁ ଆସୁଛି କୀଟନାଶକ**

୨୦୧୭ଖରିଫରେ ଚକଡ଼ା ରୋଗପୋକରେ ବରଗଡ ଜିଲାରେ ଧାନ ଫସଲ ଉଜୁଡ଼ି ଯାଇଥିଲା ଏବଂ ଏଥିପାଇଁ ଚାଷୀ ଧାନ ଫସଲକୁ ଜାଳି ଆତ୍ମହତ୍ୟା କରିଥିବା ମଧ୍ୟ ଅଭିଯୋଗ ଉଠିଥିଲା । ତେବେ ଏଥର ମଧ୍ୟ ଚକଡ଼ାର ପ୍ରାଦୁର୍ଭାବ ଦେଖାଯାଇଥିଲେ ହେଁ ୨୦୧୭ ଭଳି ଫସଲକ୍ଷତି ହୋଇ ନାହିଁ । ମାତ୍ର ଚାଷୀଙ୍କ ସଚେତନତା ଅଭାବରୁ ଚକଡ଼ା ରୋଗପୋକ ଦମନ ଆଳରେ କେତେକ ଅସାଧୁ ବେପାରୀମାନେ ନକଲୀ କୀଟନାଶକ ବିକ୍ରିରେ ମାତି ଥିବା ଖବର ମିଳିଛି । ଜିଲାର ଉପାନ୍ତ ଅମ୍ବାଭୋନା ଅଞ୍ଚଳରେ ଅସାଧୁ ବ୍ୟବସାୟୀଙ୍କ ସେଭଳି ବେପାର ଜୋର ଧରିଥିବା ବେଳେ ନକଲୀ କୀଟନାଶକ ପ୍ରଭାବରେ ଅଞ୍ଚଳର ଧାନ ଫସଲ ଜଳିପୋଡ଼ି ଛାରଖାର ହୋଇଥିବା ସୂଚନା ମିଳିଛି । ମାତ୍ର ସମ୍ପୃକ୍ତ ବେପାରୀ କାର୍ଯ୍ୟାନୁଷ୍ଠାନ ଭୟରେ ଧରାଧରି କରି ଏହି ଘଟଣାକୁ ଚାପି ଦେଇଥିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ଅନୁଯାୟୀ, ଜିଲାର ଅମ୍ବାଭୋନା ବ୍ଲକ ପଡ଼ୋଶୀ ଛତିଶଗଡ଼ ସୀମାବର୍ତ୍ତୀ ହୋଇଥିବା ଯୋଗୁ ସେଠାରୁ ଏ ଅଞ୍ଚଳକୁ ନକଲୀ କୀଟନାଶକ ଆସୁଛି । କଣ୍ଡପଲା ଅଞ୍ଚଳର ଜଣେ ଅଣଲାଇସେନ୍ସପ୍ରାପ୍ତ ବ୍ୟବସାୟୀ ଏହି କୀଟନାଶକ ବେପାର ଚଳାଇଛନ୍ତି। ଏପରି କି ସେ ଛତିଶଗଡ଼ ଅଞ୍ଚଳରୁ କୀଟନାଶକ ଆଣି ତାକୁ ଘରେ ଅପମିଶ୍ରଣ କରି ବିକ୍ରି କରୁଛନ୍ତି । ଏହି ବ୍ଲକ ଅନ୍ତର୍ଗତ କଲମୀ କୁଡ଼ାପାଲି, ଟିଟୋଲି ଆଦି ଅଞ୍ଚଳର ଚାଷୀମାନେ ସଚେତନତାର ଅଭାବରୁ ଧାନ ଫସଲରେ ଦେଖାଦେଇଥିବା ଚକଡ଼ା ଦମନ ପାଇଁ ତାଙ୍କ କୀଟନାଶକ କିଣିଥିଲେ । ତେବେ ଜମିରେ ସେହି କୀଟନାଶକ ପ୍ରୟୋଗ କରିବା ପରେ ଚକଡ଼ା ଦମନ ପରିବର୍ତ୍ତେ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି । ଏ ନେଇ କ୍ଷତିଗ୍ରସ୍ତ ଚାଷୀମାନେ ବିଧିବଦ୍ଧଭାବେ କାହାରି ପାଖରେ ଅଭିଯୋଗ କରି ନ ଥିବାବେଳେ ସମ୍ପୃକ୍ତ ବେପାରୀ ଚାଷୀଙ୍କୁ ଭୂଆଁ ବୁଲାଇ ଘଟଣାକୁ ଚାପି ଦେଇଛନ୍ତି । ଏ ନେଇ କୃଷିବିଭାଗ ପାଖରେ ମଧ୍ୟ ଖବର ନାହିଁ। ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀଙ୍କୁ ପଚାରିବାରୁ ସେ କହିଥିଲେ, ଚକଡ଼ା ଦମନ ପାଇଁ କୃଷି ବିଭାଗ ପକ୍ଷରୁ ଆବଶ୍ୟକ କୀଟନାଶକ ୫୦ ପ୍ରତିଶତରେ ଚାଷୀଙ୍କୁ ଯୋଗାଇ ଦିଆଯାଉଛି। ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଇଛି । ଏହାସତ୍ତ୍ୱେ ଯଦି ନକଲୀ କୀଟନାଶକ କାରବାର ଚାଲିଛି ଏବଂ ଚାଷୀମାନେ ତାହା ବ୍ୟବହାର କରି କ୍ଷତିଗ୍ରସ୍ତ ହୋଇଛି, ତାର ତଦନ୍ତ କରାଯାଇ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ । ତେବେ ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଥିବାରୁ ଚାଷୀମାନେ ଅନ୍ୟ କେଉଁଠାରୁ ନକଲୀ କୀଟନାଶକ ନ କିଣି କୃଷିବିଭାଗରୁ ଉଦ୍ଦିଷ୍ଟ କୀଟନାଶକ ପ୍ରୟୋଗ କରିବା ପାଇଁ ଜିଲା କୃଷି ଉପନିର୍ଦ୍ଦେଶକ ଗାନ୍ଧୀ ପରାମର୍ଶ ଦେଇଛନ୍ତି । ଏଥର ମଧ୍ୟ ଜିଲାରେ ୨୦୧୭ ଫସଲ କ୍ଷତିର ପୁନରାବୃତ୍ତି ହେବ, ଏହି ଆଶଙ୍କାରେ ଚାଷୀକୁଳ ଭାଙ୍ଗି ପଡ଼ିଛନ୍ତି। ତେବେ ଚକଡ଼ା ରୋଗପୋକ ପ୍ରାଦୁର୍ଭାବ ପୂର୍ବାପେକ୍ଷା ଥମିଥିଲେ ହେଁ ବର୍ଷା ଧରାଛୁଆଁ ଦେଉ ନ ଥିବା ଯୋଗୁ ଜିଲାର ପଦ୍ମପୁର ଉପଖଣ୍ଡରେ ଆସନ୍ନ ମରୁଡ଼ି ପରିସ୍ଥିତି ଦେଖାଗଲାଣି । ଗୋଟିଏ ପଟେ ଚକଡ଼ା ଏବଂ ଅନ୍ୟପଟେ ମରୁଡ଼ି ପରିସ୍ଥିତି ଚାଷୀଙ୍କ ମାନସିକ ଭାରସାମ୍ୟକୁ ଦୋହଲାଇ ଦେଇଛି। ଜିଲାରେ ଚକଡ଼ା ରୋଗପୋକର ପ୍ରାଦୁର୍ଭାବ ବଢ଼ି ଚାଲିଥିଲା। ମାତ୍ର ଠିକଣା ସମୟରେ କୃଷିବିଭାଗ ବିହିତ ପଦକ୍ଷେପ ନେବା ଯୋଗୁ ତାକୁ ନିୟନ୍ତ୍ରଣ କରାଯାଇ ପାରିଥିଲା । ତଥାପି ଜିଲାର କେତେକ ସ୍ଥାନରେ ଧାନ ଫସଲ ଚକଡ଼ା ପ୍ରଭାବିତ ହୋଇଥିବା ଚାଷୀମାନେ କହିଛନ୍ତି । ଏଯାର୍ଯ୍ୟନ୍ତ ଜିଲାର ସମୁଦାୟ ୨୨୪୨ ହେକ୍ଟର ଧାନ ଫସଲ ଚକଡ଼ା ପ୍ରଭାବିତ ହୋଇଥିଲା ବୋଲି କୃଷିବିଭାଗ ସୂତ୍ରରୁ ଜଣାପଡ଼ିଛି । ସେଥିରୁ ବରଗଡ଼ ବ୍ଲକରେ ୮୭୧, ବରପାଲିରେ ୩୧୨, ଭେଡ଼େନରେ ୨୬୬, ଅତାବିରାରେ ୩୦୫, ଅମ୍ବାଭୋନାରେ ୧୭୦, ସୋହେଲାରେ ୪୭, ବିଜେପୁରରେ ୧୨, ଗାଇସିଲେଟରେ ୧୭, ପଦ୍ମପୁରରେ ୧୨, ପାଇକମାଲରେ ୧୦ ଏବଂ ଝାରବନ୍ଧ ବ୍ଲକରେ ୧୨୦ ହେକ୍ଟର ଧାନ ଫସଲ ରହିଥିବା କୃଷିବିଭାଗର ଆକଳନ ରିପୋର୍ଟରେ ଉଲ୍ଲେଖିତ ରହିଛି।

# ଚକଡ଼ା ପୋକ କ୍ଷତିଗ୍ରସ୍ତ କ୍ଷେତ ବୁଲିଲେ କୃଷି ଅଧିକାରୀ

ବଲାଙ୍ଗୀର ଅଫିସ, ୨୮।୧୦

ବଲାଙ୍ଗୀର ଜିଲାରେ ଚକଡା ପୋକ ପ୍ରାଦୁର୍ଭାବ ଯୋଗୁ ଶନିବାର ସଦର ବ୍ଲକ୍‌ର ଦୁଇ ଜଣ ଚାଷୀ ସେମାନଙ୍କ ୮ଏକର ଜମିରେ ନିଆଁ ଲଗାଇ ଦେଇଥିବା ଘଟଣା ଲୋକଲୋଚନକୁ ଆସିଥିଲା। ଏହି ଖବର ଗଣମାଧ୍ୟମରେ ପ୍ରଚାର ହେବା ପରେ ରବିବାର ବଲାଙ୍ଗୀର ଜିଲା କୃଷି ଅଧିକାରୀ ରବୀନ୍ଦ୍ର ଖଟୁଆ ଓ ଅନ୍ୟ ଅଧିକାରୀମାନେ କୁଡାସିଂହା, ସାହାଜବାହାଲ, ଝରେଇବାହାଲ ଅଞ୍ଚଳ ପରିଦର୍ଶନ କରି ଚାଷୀମାନଙ୍କୁ ଚକଡା ପୋକ ଉପଦ୍ରବ ଓ ଏହାର ନିରାକରଣ ଉପରେ ବୁଝାଇଥିଲେ। ଶନିବାର ଅପରାହ୍ଣରେ ସଦର ବ୍ଲକ୍ ଅନ୍ତର୍ଗତ ସାହାଜବାହାଲ ଗାଁର ଚାଷୀ ଅନୀଲ ହୋତାଙ୍କ ତାଙ୍କ ୫ଏକର ଜମି ଓ ଝରେଇବାହାଲ ଗାଁର ଚାଷୀ ଅଶୋକ ପ୍ରଧାନଙ୍କ ୩ଏକର ଚାଷ ଜମିରେ ନିଆଁ ଲଗାଇ ଦେଇଥିବା ଜଣାପଡିଥିଲା । ରବିବାର ଜିଲା କୃଷି ଅଧିକାରୀ ଏହି ଗାଁ ଗସ୍ତ କରି ସେଠାକାର ଚାଷୀଙ୍କୁ ଭେଟି ଚକଡା ପୋକ ପାଇଁ କିଭଳି ନିରାକରଣ ବ୍ୟବସ୍ଥା ରହିଛି ସେ ବିଷୟରେ କହିଥିଲେ । ଚାଷ ଜମିରେ ନିଆଁ ଲଗାଇଲେ ଚକଡା କମିବ ନାହିଁ ବରଂ ଆହୁରି ସମସ୍ୟା ସୃଷ୍ଟି ହେବ ବୋଲି କହିଥିଲେ । କୀଟନାଶକ ଔଷଧ ବ୍ୟବହାର କରି ଚକଡା ରୋକାଯାଇପାରିବ ବୋଲି କହିଥିଲେ। କୀଟନାଶକ ଔଷଧ ଯୋଗାଇବା ବ୍ୟବସ୍ଥା ରହିଛି ଓ ଚାଷୀମାନେ ଏ ଦିଗରେ ସଚେତନ ହୁଅନ୍ତୁ ବୋଲି ଖଟୁଆ କହିଥିଲେ। ତେବେ ଚାଷୀମାନେ କୀଟନାଶକ ଔଷଧ ବ୍ୟବହାର କଲା ପରେ ମଧ୍ୟ ଚକଡା ପୋକ ଉପଦ୍ରବ କମୁ ନ ଥିବା କହିଥିଲେ । ଚାଷୀ ଅଯଥାରେ ଖର୍ଚ୍ଚାନ୍ତ ହେଉଥିଲେ ମଧ୍ୟ କିଛି ବି ଲାଭ ହେଉ ନାହିଁ ବୋଲି କହିଥିଲେ । କୃଷି ବିଭାଗ ଅଧିକାରୀମାନଙ୍କ ସହ ଆଲୋଚନା ପରେ ମଧ୍ୟ କିଛି ଚାଷୀ ସେମାନଙ୍କ କ୍ଷେତରେ ନିଆଁ ଲଗାଇଥିବା ଜଣାପଡିଛି।

# ସୀମା ଡେଇଁଗଲେ ପୂର୍ବତନ ବିଡିଓଙ୍କ ସ୍ତ୍ରୀ

ଝାରସୁଗୁଡା ଅଫିସ,୨୮।୧୦

ଝାରସୁଗୁଡା ବେହେରାମାଲ ଲକ୍ଷ୍ମୀପୂଜା ପରିସରରେ ଦୁଇଜଣ ମହିଳାଙ୍କ ଔଦ୍ଧତ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବିଷୟ ହୋଇଛି। ସବୁ ସୀମା ଡେଇଁ ଯାଇ ଏହି ମହିଳା ଦୁଇଜଣ ପୂଜା କମିଟି ସଦସ୍ୟଙ୍କୁ ଗାଳିଗୁଲଜ କରିଥିଲେ। ଶାର୍ଟ ଟାଣି ଚାପୁଡା ମରିଥିଲେ। ଏପରିକି ଚପଲରେ ପିଟିଥିବା ମଧ୍ୟ ଅଭିଯୋଗ ହୋଇଛି। କେବଳ ମହିଳାଙ୍କ ସମ୍ମାନ ରକ୍ଷା କରିବାକୁ ଯାଇ ପୂଜା କମିଟି ସଦସ୍ୟ ପ୍ରତିଆକ୍ରମଣ କରି ନ ଥିଲେ। ହେଲେ ଏ ବାବଦରେ ଝାରସୁଗୁଡା ଟାଉନ ଥାନାରେ ଏତଲା ଦେଇଛନ୍ତି। ଏତଲାକ୍ରମେ ଟାଉନଥାନାରେ ଏକ ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସାବିତ୍ରୀ ବଳ କହିଛନ୍ତି। ଅଭିଯୁକ୍ତ ଦୁଇ ମହିଳାଙ୍କ ମଧ୍ୟରୁ ଜଣେ କୋଲାବିରାର ପୂର୍ବତନ ବିଡିଓଙ୍କ ସ୍ତ୍ରୀ । ଅନ୍ୟଜଣେ ତାଙ୍କ ବନ୍ଧୁ। ଏହି ଦୁଇ ମହିଳାଙ୍କ କାରନାମାକୁ ସ୍ଥାନୀୟ ଲୋକ ନିନ୍ଦା କରିଛନ୍ତି। ଘଟଣା ମୁତାବକ ଝାରସୁଗୁଡା ବେହେରାମାଲ ରାଧାମାଧବ ମନ୍ଦିର ପରିସରରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେଉଛି। ଶୁକ୍ରବାର ରାତି ପ୍ରାୟ ୯.୩୦ରେ ପୂର୍ବତନ ବିଡିଓଙ୍କ ସ୍ତ୍ରୀ ଏବଂ ତାଙ୍କର ଜଣେ ମହିଳା ବନ୍ଧୁ ମେଢ ଦେଖିବାକୁ ଯାଇଥିଲେ। ଚପଲ ପିନ୍ଧି ଭିତରକୁ ପ୍ରବେଶ କରୁଥିବା ବେଳେ ପୂଜା କମିଟି ତରଫରୁ ବାରଣ କରାଯାଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବିଡିଓଙ୍କ ସ୍ତ୍ରୀ ଏବଂ ତାଙ୍କ ବନ୍ଧୁ ପୂଜା କମିଟି ସଦସ୍ୟଙ୍କୁ ଗାଳିଗୁଲଜ, ଭତ୍ସନା କରିବା ସହ ମାଡପିଟ କରିବାକୁ ମଧ୍ୟ ପଛାଇ ନ ଥିଲେ। ଦୁହେଁ ମହିଳା ହୋଇଥିବାରୁ ପୂଜା କମିଟି ସଦସ୍ୟ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରିଥିଲେ। ଶନିବାର ପୂଜା କମିଟିର ସମସ୍ତ ସଦସ୍ୟ ଝାରସୁଗୁଡା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଏକ ମାମଲା ରୁଜୁ କରିଛି। ଦୁଇ ମହିଳାଙ୍କୁ ରବିବାର ପ୍ରାୟ ୪ ଘଣ୍ଟା କାଳ ଥାନାରେ ବସାଇ ଜେରା କରିଛି ପୋଲିସ।

**ଝାରସୁଗୁଡା ବେହେରାମାଲ ଲକ୍ଷ୍ମୀପୂଜା କମିଟି**

- ■ଚପଲ ପିନ୍ଧି ପୂଜା ମଣ୍ଡପକୁ ପ୍ରବେଶ କରୁଥିଲେ
- ■ବାରଣ କରିବାରୁ ଗାଳି, ଚପଲରେ ମାଡ
- ■ମହିଳା ବୋଲି କିଛି କହିଲାନି ପୂଜା କମିଟି
- ■୪ ଘଣ୍ଟା ଥାନାରେ ଜେରା କଲା ପୋଲିସ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଡ଼ ହୋଇ ଯେବେ ଖାଏ ବେଉସା,**
**ବିରାଡ଼ି ହୋଇ ଯଦି ନ ମାରେ ମୂଷା,**
**ରଜା ହୋଇ ଯଦି ତଣ୍ଡଇ ଚଷା,**
**କୁହ, କିସ ହୁଏ ସେ ଦେଶର ଦଶା ।**

ବାଡ଼ ଫସଲକୁ ସୁରକ୍ଷା ଦେଇଥାଏ, ପରନ୍ତୁ ବାଡ଼ ଯଦି ଫସଲ ଖାଏ ତେବେ ଏହାଠୁ ବଳି ବିଡମ୍ବନା ଓ ଦୁର୍ଭାଗ୍ୟର ବିଷୟ ଆଉ କିଛି ହୋଇ ନ ପାରେ। ବିରାଡ଼ି ଯଦି ମୂଷା ନ ମାରେ ତାହେଲେ ମୂଷାଙ୍କ ବଂଶ ବଢ଼ିଯିବା ସହ ତାଙ୍କ ପ୍ରାଦୁର୍ଭାବ ବଢ଼ିଯାଏ। ପରୋକ୍ଷରେ ଦୁଷ୍ଟ ଲୋକଙ୍କୁ ଦମନ କରା ନ ଗଲେ ତାଙ୍କ ଦୌରାତ୍ମ୍ୟ ବଢ଼ିଯାଏ। ସେହିପରି ରାଜା ବା ପ୍ରଶାସକ ଅନ୍ୟାୟରେ ଚାଷୀଙ୍କଠାରୁ କର ଆଦାୟରେ ଲିପ୍ତ ରହିଲେ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଇଥାଏ। ଏପରି ଅବସ୍ଥା ଦେଶର ପ୍ରଗତି ପ୍ରତି ବାଧା ସୃଷ୍ଟି କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବଜର ବାଣ,**
**ଘଇତା ଉପରେ ମାଇପ ଟାଣ ।**

ସ୍ୱାମୀ ନିକମା ବା ଅପାରଗ ହେଲେ ସ୍ତ୍ରୀର ଆଧିପତ୍ୟ ବଢ଼ିଯାଇଥାଏ। ଏପରିସ୍ଥଳେ ସ୍ତ୍ରୀ ସ୍ୱାମୀ ଆଗରେ ଟାଣପଣ ଦେଖେଇ ହେବା ସହ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ଧୁଲୁଣ୍ଡା ଜୟ ମା' ସାଏପାଟ କ୍ରିକେଟ୍ ଟୁର୍ନାମେଣ୍ଟ

# ଓଡ଼ିଶାକୁ ହରାଇ ଛତିଶଗଡ଼ ଚାମ୍ପିୟନ

ଲଖନପୁର,୨୮।୧୦(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା ଚାରପାଲି ପଞ୍ଚାୟତ ଧୁଲୁଣ୍ଡା ଗ୍ରାମ ମହାରାଜା କ୍ରିକେଟ୍ ଆସୋସିଏଶନ୍ ତରଫରୁ ଜୟ ମା' ସାଏପଟ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ଗତ ୧୪ତାରିଖରୁ ଆରମ୍ଭ ହୋଇଥିଲା। ଏଥିରେ ପଡୋଶୀ ଛତିଶଗଡ ଓ ଓଡିଶାର ସମୁଦାୟ ୪୮ଦଳ ଅଂଶଗ୍ରହଣ କରିଥିଲେ। ଛତିଶଗଡ କୁସମୁଦା ଦଳ ଓ ଓଡିଶାର ରେମତା ଦଳ ମଧ୍ୟରେ ଫାଇନାଲ୍ ଖେଳା ଯାଇଥିଲା। ରେମତା ଦଳ ପ୍ରଥମେ ଟସ୍ ଜିତି ୧୪ ଓଭରରେ ୯ ଉଇକେଟ୍ ହରାଇ ୧୧୦ରନ୍ କରିଥିଲେ। ଜବାବରେ ଛତିଶଗଡ କୁସମୁଦା ଦଳ ୧୨ ଓଭର ୨ ବଲ୍‌ରେ ୭ ଉଇକେଟ୍ ହରାଇ ୧୧୨ରନ୍ କରି ବିଜୟୀ ହୋଇଛି। ବିଜେତା କୁସମୁଦା ଦଳକୁ ଚାମ୍ପିୟନ ଟ୍ରଫି ସହ ୮ହଜାର ଟଙ୍କା ଓ ଉପବିଜେତା ରେମତା ଦଳକୁ ରନର୍ସ ଟ୍ରଫି ସହ ୫ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ତରୁଣ ମେହେର ଓ ଶଶିଭୂଷଣ ମେହେର ଆମ୍ପାୟାର ଭାବେ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଚାରପାଲି ସରପଞ୍ଚ ପ୍ରଦୀପ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବିଶ୍ୱନାଥ ନାୟକ, ସଞ୍ଜୀତ ପ୍ରଧାନ, ଶମ୍ଭୁ ମହାନ୍ତି, ରବିନ୍ଦ୍ର ପ୍ରଧାନ, ପ୍ରେମ କୁମାର ଖମାରୀ, ସୁଦମ ମାହାର ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରାଜେଶ ପୂଜାରୀ, ସୁଶାନ୍ତ ଭୋଇ, କ୍ଷୀରସାଗର ବିଶ୍ୱାଳ, ମହେଶ ପ୍ରଧାନ, ପ୍ରମୋଦ ସା, ଦିପେନ ବିଶ୍ୱାଳ, ମିଥୁନ ମେହେର, ପ୍ରତାପ ବିଶ୍ୱାଳ, ପଦ୍ମଲୋଚନ ସୁରେନ, ରୁଦ୍ରଚରଣ ବିଶ୍ୱାଳ, ଦେବ କୁମାର ମେହେର ପ୍ରମୁଖ ସହଯୋଗ କରିଥିଲେ।



ବିଜେତା ଦଳକୁ ଅତିଥି ବିଶ୍ୱନାଥ ନାୟକ ଚାମ୍ପିୟନ୍ ଟ୍ରଫି ପ୍ରଦାନ କରୁଛନ୍ତି ।

# କମ୍ପାନୀ ଚାପରେ ପୋଲିସ, ପ୍ରଶାସନ

ଝାରସୁଗୁଡା ଅଫିସ,୨୮।୧୦

ନଭେଲି ଲିଗ୍‌ନାଇଟ୍ ପାୱାର ପ୍ଲାଣ୍ଟ ପାଇଁ ଜଙ୍ଗଲ ଜମି ସର୍ଭେ କରିବାକୁ ରାମପୁର ଯାଇଥିବା ଆଦାନୀ ଗ୍ରୁପ୍‌ର ଜଣେ କର୍ମଚାରୀଙ୍କୁ ମାଡ ମାରିବା ଘଟଣାରେ ବଡମାଲ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୟନାରାୟଣ ରାଉତ, କ୍ଷମାଶୀଳ ଭୋଇ ଓ ଯଦୁମଣି ରକ୍ସା। ଏହି ଆକ୍ରମଣରେ ଆଦାନୀ ଗ୍ରୁପରେ ଜୟ ପ୍ରକାଶ ନାରାୟଣ ଆହତ ହୋଇଛନ୍ତି। ଆହତଙ୍କ ଏତଲାକ୍ରମେ ବଡମାଲ ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଅମିତାଭ ପଣ୍ଡା କହିଛନ୍ତି।

ଝାରସୁଗୁଡା ସଦର ବ୍ଲକ୍ ଅନ୍ତର୍ଗତ ପତ୍ରାପାଲି ଅଞ୍ଚଳରେ ୩୨୦୦ ମେଗାୱାଟ୍ ବିଶିଷ୍ଟ ତାପଜ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ହେବାକୁ ଯାଉଛି। ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଜମିର ୫୦%ରୁ ଅଧିକ ଜଙ୍ଗଲ ଜମି। ଏହି ଜଙ୍ଗଲ ଜମିରେ ଚାଷ କରି ଏବଂ ଘର କରି ରହିଛନ୍ତି ହୀରାକୁଦ ବିସ୍ଥାପିତ। ଏମାନେ ପୂର୍ବରୁ ବିସ୍ଥାପିତ। ପୁନର୍ବାର ବିସ୍ଥାପିତ ଆଶଙ୍କାରେ ସ୍ଥାନୀୟ ବାସିନ୍ଦା ରହିଛନ୍ତି। ସେଥିପାଇଁ ବିସ୍ଥାପନ ପୂର୍ବରୁ କମ୍ପାନୀ ନିଜର ନୀତି ସ୍ପଷ୍ଟ କରିବାକୁ ଗାଁ ଲୋକ ଦାବି କରି ପ୍ରକଳ୍ପକୁ ବିରୋଧ କରୁଛନ୍ତି। ଏଣୁ ଗତ କିଛିଦିନ ପୂର୍ବରୁ ରାମପୁର ଠାରେ ଏକ ପାନୀୟଜଳ ପ୍ରକଳ୍ପକୁ ବିରୋଧକରି ଲଙ୍କାକାଣ୍ଡ ଘଟିଥିଲା। ସେତେବେଳେ ବି ଗାଁ ଲୋକ ବିସ୍ଥାପନ ଏବଂ କ୍ଷତିପୂରଣ ନୀତି ସ୍ପଷ୍ଟ କରିବାକୁ କହିଥିଲେ। କିନ୍ତୁ ଏହା ନ କରି ନଭେଲି ଲିଗ୍‌ନାଇଟ୍ କମ୍ପାନୀ ଜମି ସର୍ଭେ କାମରେ ଆଦାନୀ ଗ୍ରୁପକୁ ନିୟୋଜିତ କରି କାମ ଆରମ୍ଭ କରିଛି।

ଶନିବାର ଆଦାନୀ ଗ୍ରୁପର ସର୍ଭେୟର ଜୟ ପ୍ରକାଶ ନାରାୟଣ ଏବଂ ଅନ୍ୟ ୫ ଜଣ ପତ୍ରାପାଲି ଜଙ୍ଗଲ ଜମି ସର୍ଭେ କରିବାକୁ ଯାଇଥିଲେ। କିନ୍ତୁ ଲୋକେ ସର୍ଭେ କରିବାକୁ ମନା କରିଥିଲେ। ଲୋକଙ୍କ ବାରଣ ଯୋଗୁ ପୂର୍ବାହ୍ନରେ ଫେରିଯାଇଥିବା ଆଦାନୀ କର୍ମଚାରୀ ପୁଣିଥରେ ଅପରାହ୍ନରେ ସର୍ଭେ କରିବାକୁ ଯାଇଥିଲେ। ସେହି ସମୟରେ ଜଙ୍ଗଲକୁ ଯାଉଥିବା ପତ୍ରାପାଲି ଏବଂ ଦୁମେରମୁଣ୍ଡାର କିଛି ଲୋକ ପୁଣିଥରେ କମ୍ପାନୀ କର୍ମଚାରୀଙ୍କୁ ମନା କରିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପ୍ରଥମେ ଆଦାନୀ କର୍ମଚାରୀ ଗାଁ ଲୋକଙ୍କ ହାତରୁ ଠେଙ୍ଗା ଛଡାଇବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ହାତାହାତି ଆରମ୍ଭ ହୋଇଥିଲା। ଗାଁ ଲୋକଙ୍କ ମାଡରେ ଜୟ ପ୍ରକାଶ ନାରାୟଣ ଆହତ ହୋଇଥିବା ବେଳେ କମ୍ପାନୀ କର୍ମଚାରୀଙ୍କ ମାଡରେ ଗାଁ ଲୋକ ମଧ୍ୟ ଆହତ ହୋଇଥିଲେ। ହେଲେ ନୀରିହ ଗାଁ ଲୋକ ନୀରବ ରହିଥିଲେ। ଅନ୍ୟପକ୍ଷରେ ଏହି ଘଟଣାରେ ଜୟ ପ୍ରକାଶ ନାରାୟଣଙ୍କ ଏତଲାକ୍ରମେ ବଡମାଲ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ନଭେଲି ଲିଗନାଇଟ୍ ସ୍ଥାପନକୁ କେନ୍ଦ୍ରକରି ସ୍ଥାନୀୟ ପତ୍ରାପାଲି, ରାମପୁର ଅଞ୍ଚଳରେ ଅଷନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ଓ ପ୍ରଶାସନ କମ୍ପାନୀ ଚାପରେ କାମ କରୁଛି। ଆଗାମୀ ଦିନରେ ଏହା ଉଗ୍ରରୂପ ନେବା ଆଶଙ୍କା କରାଯାଉଛି।

- ■ଆଦାନୀ କର୍ମଚାରୀଙ୍କୁ ମାଡ ଘଟଣା, ୩ ଗିରଫ
- ■ନଭେଲି ସ୍ଥାପନକୁ ନେଇ ଅସନ୍ତୋଷ ବଢୁଛି

ଧରିତ୍ରୀ DHARITRI
ସୋମବାର, ୨୯ ଅକ୍ଟୋବର, ୨୦୧୮



“ଶ୍ରୀଲଙ୍କାର ରାଜନୈତିକ ଘଟଣାକ୍ରମ ଉପରେ ନୂଆଦିଲ୍ଲୀର ନଜର ରହିଛି। ପଡ଼ୋଶୀ ଦେଶ ତା’ର ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମ୍ବିଧାନିକ ପ୍ରକ୍ରିୟାକୁ ସମ୍ମାନ ଦେବ ବୋଲି ଭାରତ ଏକ ଘନିଷ୍ଠ ବନ୍ଧୁରାଷ୍ଟ୍ର ଭାବେ ଆଶାପୋଷଣ କରେ।

-ରବୀଶ କୁମାର, ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର



## ସଂକ୍ଷେପରେ

### ଭାଜପାରେ ଯୋଗଦେଲେ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ମାଧବନ ନାୟାର



**ନୂଆଦିଲ୍ଲୀ,୨୮।୧୦:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ର ପୂର୍ବତନ ଅଧ୍ୟକ୍ଷ ଜି. ମାଧବନ୍ ନାୟାର ଶନିବାର ରାତିରେ ଭାଜପାରେ ଯୋଗ ଦେଇଛନ୍ତି। ଅନ୍ୟ ୫ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ ନାୟାର ମଧ ଭାଜପାର କେରଳ ୟୁନିଟ୍‌ରେ ଯୋଗ ଦେଇଛନ୍ତି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କେରଳ ଗସ୍ତରେ ଆସିଥିବା ବେଳେ ସେ ଯୋଗଦେଇଛନ୍ତି। ୨୦୦୫ରେ ଇସ୍ରୋର କମର୍ସିଆଲ ଆର୍ମ ଆଣ୍ଟରିକ୍ସ କର୍ପୋରେଶନ୍ ଏବଂ ଡେଭାସ୍ ମଲ୍ଟିମିଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ହୋଇଥିବା ସନ୍ଦେହଜନକ ଚୁକ୍ତି ପାଇଁ ୨୦୧୨ରେ ନାୟାରଙ୍କୁ ୟୁପିଏ ସରକାର କଳା ତାଲିକାଭୁକ୍ତ କରିଥିଲା। ନାୟାର ଇସ୍ରୋର ଅଧ୍ୟକ୍ଷ ଥିବା ବେଳେ ଭାଜପାରେ ଯୋଗ ଦେବା ନେଇ କହିଥିଲେ। କାରଣ ସେ ଡେଭାସ୍ ଚୁକ୍ତିରେ କୌଣସି ଭୁଲ କରିନଥିଲେ ବୋଲି ସେତେବେଳେ କହିଥିଲେ।

### ଭାରତୀୟ ବଂଶୋଦ୍ଭବ ସିନେଟରଙ୍କୁ ପଠାଗଲା ସନ୍ଦିଗ୍ଧ ପାର୍ସଲ



**ୱାଶିଂଟନ୍, ୨୮।୧୦:** ଭାରତୀୟ ବଂଶୋଦ୍ଭବ ତଥା ଆମେରିକାର ଡେମୋକ୍ରାଟିମ୍ ସିନେଟର କମଲା ହ୍ୟାରିସ୍ ଏବଂ ଆରବପତି ରାଜନେତା ଟମ୍ ଷ୍ଟିୟରଙ୍କୁ ଶୁକ୍ରବାର ଦୁଇଟି ସନ୍ଦେହଜନକ ପାର୍ସଲ ପଠାଯାଇଥିଲା। ଏହି ଘଟଣାରେ ଫ୍ଲୋରିଡ଼ାର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଆମେରିକାରେ ଏପର୍ଯ୍ୟନ୍ତ ଉଦ୍ଧାର କରାଯାଇଥିବା ଏଭଳି ପାର୍ସଲ ସଂଖ୍ୟା ୧୪ରେ ପହଞ୍ଚିଛି । ଏହାଦ୍ୱାରା ଯଦିଓ କେଉଁଠି ମଧ ବିସ୍ଫୋରଣ ହୋଇନାହିଁ, କିନ୍ତୁ ଅଧିକାରୀମାନେ ସତର୍କ ରହିଛନ୍ତି। ହ୍ୟାରିସ୍ ୨୦୨୦ରେ ରାଷ୍ଟ୍ରପତି ପଦ ଦୌଡରେ ଅଛନ୍ତି। ନିକଟରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଏବଂ ପୂର୍ବତନ ପରରାଷ୍ଟ୍ର ସଚିବ ହିଲାରୀ କ୍ଲିଣ୍ଟନଙ୍କ ନିକଟକୁ ପାର୍ସଲ ଯୋଗେ ବିସ୍ଫୋରକ ସାମଗ୍ରୀ ପଠାଯାଇଥିଲା। ତେବେ ଏହାକୁ ଯାଞ୍ଚ ସମୟରେ ବିସ୍ଫୋରକ ଠାବ ହେବାପରେ ବଡ ଧରଣର ଦୁର୍ଘଟଣା ଟଳି ଯାଇଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ ୧୨ ଜଣ ସନ୍ଦିଗ୍ଧ ଗିରଫ ହୋଇସାରିଛନ୍ତି।

### କଶ୍ମୀରରେ ବୁଲୁଛନ୍ତି ୪ ଉଚ୍ଚ ପ୍ରଶିକ୍ଷିତ ଜେଇଏମ୍ ଆତଙ୍କବାଦୀ

# ସ୍ନାଇପର ଆକ୍ରମଣ ବିପଦ

ଶ୍ରୀନଗର,୨୮।୧୦(ପି.ଟି.)



ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ (ଜେଇଏମ୍) ଟାର୍ଗେଟରେ ଜମ୍ମୁ-କଶ୍ମୀର। ଜେଇଏମ୍‌ର ୪ ଉଚ୍ଚ ପ୍ରଶିକ୍ଷିତ ଆତଙ୍କବାଦୀ ଉପତ୍ୟକାରେ ବୁଲୁଛନ୍ତି। ସେମାନେ କୌଣସି ସମୟରେ ସୁରକ୍ଷା ବଳକୁ ଆକ୍ରମଣ କରିପାରନ୍ତି। ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ରବିବାର ଏଭଳି ଆଶଙ୍କା ବ୍ୟକ୍ତ କରାଯିବା ପରେ ସେନା ଅଧିକ ତତ୍ପର ହୋଇଉଠିଛି।

ମିଳିଥିବା ସୂଚନାନୁସାରେ, ଜମ୍ମୁ-କଶ୍ମୀରରେ ସେପ୍ଟେମ୍ବର ମଧଭାଗରୁ ସୁରକ୍ଷା ବଳ ଉପରେ ଲଗାତର ସ୍ନାଇପର (ଗୁପ୍ତ ଉପାୟରେ କରାଯାଉଥିବା ଆତଙ୍କବାଦୀ) ଆକ୍ରମଣ ହେଉଛି। ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜେଇଏମ୍‌ର ଏଭଳି ଆକ୍ରମଣରେ ୩ ଯବାନ ଶହୀଦ ହୋଇସାରିଲେଣି। ଏହାକୁ ନେଇ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ରଣନୀତି ବଦଳାଇବାକୁ ବାଧହୋଇଛନ୍ତି। ପ୍ରଥମ ଆକ୍ରମଣ ସେପ୍ଟେମ୍ବର ୧୮ରେ ହୋଇଥିଲା। ଏଥିରେ ପୁଲଓ୍ୱାମା ଜିଲାର ନେଓ୍ୱାରେ ଜଣେ ସିଆର୍‌ପିଏଫ୍ ଯବାନ ଆହତ ହୋଇଥିଲେ। ସେହିପରି ନିକଟରେ ସ୍ନାଇପର ଆକ୍ରମଣରେ ତ୍ରାଲ୍‌ଠାରେ ସଶସ୍ତ୍ର ସୀମା ବଳର ଜଣେ ଓ ସେନାର ଜଣେ ଯବାନ ଶହୀଦ ହୋଇଥିଲେ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ନାଓଗାମ୍‌ରେ ମଧ ଜଣେ ଯବାନଙ୍କ ଜୀବନ ଯାଇଛି। ଆତଙ୍କବାଦୀମାନେ ଆଗକୁ ମଧ ଏଭଳି କାଣ୍ଡ ଭିଆଇପାରନ୍ତି ବୋଲି ସୁରକ୍ଷା ସଂସ୍ଥାଗୁଡ଼ିକୁ ଗୋଇନ୍ଦା ସୂଚନା ମିଳିଛି। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଜେଇଏମ୍‌ର ଦୁଇଟି ଗୋଷ୍ଠୀ କଶ୍ମୀର ଉପତ୍ୟକାରେ ଅନୁପ୍ରବେଶ କରିଛନ୍ତି। ଦୁଇଗୋଷ୍ଠୀରେ ଦୁଇଜଣ ଲେଖାଏ ସ୍ନାଇପର ଅଛନ୍ତି। ଏବେ ସେମାନେ ପୁଲଓ୍ୱାମାରେ ଥିବା ଜଣାପଡ଼ିଛି। ଅଣ୍ଡରଗ୍ରାଉଣ୍ଡ ସମର୍ଥକମାନେ ସେମାନଙ୍କୁ ପୋଲିସ ଓ ସୁରକ୍ଷା ବଳ ସମ୍ପର୍କରେ ନିୟମିତ ଭାବେ ତଥ୍ୟ ଦେଉଛନ୍ତି। ଏହି ୪ ଆତଙ୍କବାଦୀଙ୍କୁ ପାକିସ୍ତାନର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ତାଲିମ ଦେଇ କଶ୍ମୀରକୁ ପଠାଇଛି। ସେମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର ମଧ୍ୟରେ ରହିଛି ଏମ୍-୪ କାର୍ବାଇନ୍ସ, ଯାହାକି ଆମେରିକା ନେତୃତ୍ୱାଧୀନ ସେନା ଆଫଗାନିସ୍ତାନରେ ପ୍ରୟୋଗ କରିଥାଏ। ଆଫଗାନିସ୍ତାନରେ ତାଲିବାନ ଓ ଜେଇଏମ୍ ଆତଙ୍କବାଦୀମାନେ ମିଳିତ ଭାବେ ସେନା ବିରୋଧରେ ଲଢ଼େଇ ବେଳେ ଏହି ଘାତକ ଅସ୍ତ୍ର ଛଡ଼ାଇ ଆଣିଥିବା କୁହାଯାଉଛି। ୫୦୦ରୁ ୬୦୦ ମିଟର ଦୂରରୁ ଶତ୍ରୁପକ୍ଷକୁ ଟାର୍ଗେଟ କରିପାରୁଥିବା ଏମ୍-କାର୍ବାଇନ୍ସକୁ ସ୍ନାଇପର ଆତଙ୍କବାଦୀମାନେ ବ୍ୟବହାର କରି ଜମ୍ମୁ-କଶ୍ମୀରରେ ସୁରକ୍ଷା ବଳକୁ ଆକ୍ରମଣ କରିବେ ବୋଲି ଜଣାପଡ଼ିଛି। ଏହାକୁ ନେଇ ସିଆର୍‌ପିଏଫ୍, ସେନା ଓ ପୋଲିସ ଯବାନମାନଙ୍କୁ ଆଲର୍ଟ କରାଯାଇଛି।

# ସବ୍‌ଇନ୍ସପେକ୍ଟରଙ୍କୁ ହତ୍ୟା



**ଶ୍ରୀନଗର,୨୮।୧୦:** ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲାରେ ଆତଙ୍କବାଦୀମାନେ ଜଣେ ପୋଲିସ ସବ୍ ଇନ୍ସପେକ୍ଟରଙ୍କୁ ହତ୍ୟା କରିଛନ୍ତି। ଚେଓ୍ୱା କଲାନରେ ରବିବାର ତାଙ୍କର ମୃତଦେହ ଠାବ କରାଯାଇଛି। ସେହିପରି ଆତଙ୍କବାଦୀମାନେ ଜଣେ ପିଡିପି କର୍ମୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ସେ ହେଲେ ଗଙ୍ଗବଗ୍ ନିବାସୀ ୪୦ ବର୍ଷୀୟ ମହମ୍ମଦ ଅମିନ ଦାର୍। ଆତଙ୍କବାଦୀଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ୩୦ ବର୍ଷୀୟ ସବ୍ ଇନ୍ସପେକ୍ଟର ଇମ୍‌ତିଆଜ୍ ଅହମ୍ମଦ ମୀର ଜମ୍ମୁ-କଶ୍ମୀର ପୋଲିସରେ କାର୍ଯ୍ୟରତ ଥିଲେ। ଗତ ମାର୍ଚ୍ଚରେ ତାଙ୍କୁ ସିଆଇଡି ବିଭାଗକୁ ବଦଳି କରାଯାଇଥିଲା। ସେ ନିଜ ପରିବାର ଲୋକଙ୍କୁ ଭେଟିବା ପାଇଁ ରବିବାର ଘରକୁ ଯାଉଥିବାବେଳେ ୱାହିବଗ୍‌ଠାରେ ଆତଙ୍କବାଦୀମାନେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଗୁଳିମାଡ଼ରେ ସେ ଟଳିପଡ଼ିଛନ୍ତି। ଆତଙ୍କବାଦୀମାନେ ପୋଲିସ କର୍ମଚାରୀଙ୍କୁ ଟାର୍ଗେଟ କରିଆସୁଥିବାରୁ ଇମ୍‌ତିଆଜ୍ ଘରକୁ ଗଲେ ତାଙ୍କୁ ମଧ ଆକ୍ରମଣ କରାଯାଇପାରେ ବୋଲି ପୂର୍ବରୁ ସତର୍କ କରାଯାଇଥିଲା। ଏଥିପାଇଁ ସେ ସତର୍କ ହୋଇ ନିଶଦାଢ଼ି କାଟି ଦେଇ ସୋନ୍ତାବଗସ୍ଥିତ ନିଜ ଘରକୁ ଯିବାକୁ ବାହାରିଥିଲେ। ଯିବା ପୂର୍ବରୁ ସହକର୍ମୀମାନଙ୍କୁ ଇମ୍‌ତିଆଜ୍ କହିଥିଲେ, ଏବେ ଆତଙ୍କବାଦୀମାନେ ମୋତେ ଚିହ୍ନି ପାରିବେ ନାହିଁ।

### ମୋଦିଙ୍କୁ ‘ଭରସାଯୋଗ୍ୟ ବନ୍ଧୁ’ କହିଲେ ଆବେ

# ବୁଲେଟ୍ ଟ୍ରେନ୍‌ରେ ଟୋକିଓ ଯାତ୍ରା

ୟାମାନାଶି,୨୮।୧୦(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଜାପାନ ପ୍ରତିପକ୍ଷ ଶିଞ୍ଜୋ ଆବେ ରବିବାର ୟାମାନାଶିରେ ଏକାଠି ୮ ଘଣ୍ଟା ବିତାଇବା ପରେ ଟୋକିଓକୁ ବୁଲେଟ୍ ଟ୍ରେନ୍‌ରେ ଯାତ୍ରା କରିଛନ୍ତି। ଏହି ଅବସରରେ ଦୁଇନେତା କେତେକ ପ୍ରସଙ୍ଗରେ ଅଣାନୁଷ୍ଠାନିକ ଆଲୋଚନା କରିଛନ୍ତି।

ଦୁଇଦିନିଆ ଜାପାନ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ମୋଦି ଶନିବାର ରାତିରେ ପର୍ଯ୍ୟଟନ ୟାମାନାଶିରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ତ୍ରୟୋଦଶ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଯୋଗଦେବା ପାଇଁ ଯାଇଥିବା ମୋଦି ଜାପାନ ପ୍ରଧାନମନ୍ତ୍ରୀ ଆବେଙ୍କ ସହ ୟାମାନାଶିର ଏକ ଶିଳ୍ପ ପ୍ରତିଷ୍ଠାନକୁ ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୋଦିଙ୍କୁ ଆବେ ତାଙ୍କର ଜଣେ ନିର୍ଭରଯୋଗ୍ୟ ବନ୍ଧୁ ଭାବେ ଅଭିହିତ କରିଛନ୍ତି। ଆବେ କହିଛନ୍ତି, ଭାରତ ଏକ ବିଶ୍ୱଶକ୍ତି ଭାବେ ଉଭା ହୋଇ ଦକ୍ଷିଣ ଏସିଆର ନେତୃତ୍ୱ ନେଉଛି। ମୋଦି ଏହି ଦେଶର ଜଣେ ମହାନ୍ ନେତା। ତେଣୁ ଭାରତ ସହିତ ଜାପାନ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାକୁ ଆଗ୍ରହୀ। ଦୁଇଦେଶ ହାତ ମିଳାଇଲେ ନିରାପତ୍ତା, ପୁଞ୍ଜିନିବେଶ, ସୂଚନା ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ, ପରିବେଶ ଓ ପର୍ଯ୍ୟଟନ କ୍ଷେତ୍ରରେ ପ୍ରଭୂତ ବିକାଶ ସମ୍ଭବ। ଯେଉଁଦିନ ଅହମ୍ମଦାବାଦ ଓ ମୁମ୍ବାଇ ମଧ୍ୟରେ ବୁଲେଟ୍ ଟ୍ରେନ୍ ଦୌଡ଼ିବା ଆରମ୍ଭ କରିବ, ସେହିଦିନ ଦୁଇଦେଶର ବନ୍ଧୁତା ଭବିଷ୍ୟତ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଆବେ ଆଶାବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଅହମ୍ମଦାବାଦ ଓ ମୁମ୍ବାଇ ମଧ୍ୟରେ ଜାପାନ ସହାୟତାରେ ବୁଟେଲ ଟ୍ରେନ୍ ଯାତ୍ରା କରିବ। ଏହି ୫୦୮ କି.ମି. ଦୂରତା ମଧ୍ୟରେ ସମୁଦ୍ର ମଧ୍ୟରେ ୨୧ କି.ମି.ର ଏକ ସୁଡ଼ଙ୍ଗ ରହିବ। ଏହି ପ୍ରକଳ୍ପ ପାଇଁ ୧.୧୦ ଟ୍ରିଲିୟନ୍ ଟଙ୍କା ଖର୍ଚ୍ଚ କରାଯିବ। ଏଥିଲାଗି ଜାପାନ ମାତ୍ର ୦.୧% ସୁଧହାରରେ ୮୮,୦୦୦ କୋଟି ଟଙ୍କା ସହାୟତା ପ୍ରଦାନ କରୁଛି।



### ‘ମନ୍ କୀ ବାତ୍’ରେ ଓଡ଼ିଶାକୁ ମନେପକାଇଲେ ମୋଦି

# ହକିରେ ଗୌରବ ଆଣିବେ ଖେଳାଳି

ନୂଆଦିଲ୍ଲୀ,୨୮।୧୦ (ପି.ଟି.)

ଓଡ଼ିଶାର ଭୁବନେଶ୍ୱରରେ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍‌ରେ ଭାରତୀୟ ଖେଳାଳିମାନେ ଦେଶ ପାଇଁ ପୁଣିଥରେ ଗର୍ବ ଓ ଗୌରବ ଆଣିଦେବେ। ମାସିକିଆ ରେଡିଓ କାର୍ଯ୍ୟକ୍ରମ ‘ମନ୍ କୀ ବାତ୍’ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଏଭଳି ଆଶା ପ୍ରକଟ କରିଛନ୍ତି। ଏହା ସହ ନିକଟରେ ଶେଷ ହୋଇଥିବା ଏସିଆନ୍ ଗେମ୍ସ ଏବଂ ଏସିଆନ୍ ପାରା ଗେମ୍ସରେ ଭାରତୀୟ ଖେଳାଳିଙ୍କ ଉତ୍କୃଷ୍ଟ ପ୍ରଦର୍ଶନକୁ ସେ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଜାକର୍ତ୍ତାରେ ଅନୁଷ୍ଠିତ ହୋଇଥିବା ଏସିଆନ୍ ପାରା ଗେମ୍ସରେ ପ୍ରତିଭାବାନ ପାରା ଆଥଲେଟ୍‌ଙ୍କୁ ଭେଟିବାକୁ ତାଙ୍କୁ ସୁଯୋଗ ମିଳିଥିଲା। ଭାରତ ୭୨ଟି ପଦକ ଜିତି ନୂତନ ରେକର୍ଡ ସୃଷ୍ଟି କରିଛି ବୋଲି ମୋଦି କହିଛନ୍ତି। ସେହିପରି ୩୧ ଅକ୍ଟୋବରରେ ଭାରତର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳନ ହେବ। ଏହି ଅବସରରେ ‘ରନ୍ ଫର୍ ୟୁନିଟି’ରେ ଯୋଗଦେବାକୁ ମୋଦି ଯୁବପିଢ଼ିଙ୍କୁ ଆହ୍ୱାନ କରିଛନ୍ତି। ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ‘ଷ୍ଟାଚୁ ଅଫ୍ ୟୁନିଟି’କୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯିବ। ଗୁଜରାଟର ନର୍ମଦା ନଦୀ କୂଳରେ ଥିବା ପଟେଲଙ୍କ ଏହି ପ୍ରତିମୂର୍ତ୍ତି ଆମେରିକାର ‘ଷ୍ଟାଚ୍ୟୁ ଅଫ୍ ଲିବର୍ଟି’ର ଉଚ୍ଚତାଠାରୁ ଦୁଇଗୁଣ ଅଧିକ। ଏହା ବିଶ୍ୱର ସବୁଠାରୁ ଉଚ୍ଚତମ ପ୍ରତିମୂର୍ତ୍ତି ଭାବରେ ପରିଗଣିତ ହେବ ବୋଲି ସେ କହିଛନ୍ତି।

## ଫୁର୍‌ସତ

# ବ୍ରୋଞ୍ଜ୍ ଯୁଗର ସନ୍ଧାନ



**ବେଜିଂ:** ଚାଇନାର ଜିଲିନ୍ ପ୍ରଦେଶରେ ବ୍ରୋଞ୍ଜ୍ ଯୁଗର ସନ୍ଧାନ ମିଳିଛି। ଏକ ପ୍ରତ୍ନତାତ୍ତ୍ୱିକ ଦଳ ସେଠାରୁ ପ୍ରାଚୀନ ଗୃହର ଧ୍ୱଂସାବଶେଷ, ପ୍ରାଣୀଙ୍କ ଅସ୍ଥି, ବ୍ରୋଞ୍ଜ୍ ଏବଂ ପଥର ସାମଗ୍ରୀ ପାଇଥିବା ଘୋଷଣା କରିବା ପରେ ଏ କଥା ସ୍ପଷ୍ଟ ହୋଇଯାଇଛି।

ଜିଲିନ୍ ୟୁନିଭର୍ସିଟିର ଆର୍କିଓ ଲୋଜିକାଲ୍ ସ୍କୁଲ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହିସବୁ ସାମଗ୍ରୀ ଶୁଆନକ୍ସିଆଓ ସହର ନିକଟବର୍ତ୍ତୀ ଏକ ବାଲିକୁଦ ଉତ୍ଖନନ ଫଳରେ ଆବିଷ୍କାର କରାଯାଇଛି। ଏହି ସ୍ଥାନରୁ ପ୍ରଚୁର ପରିମାଣର ବାସନକୁସନ, ପ୍ରାଣୀଙ୍କ ଅସ୍ଥି, ମାଛକଣ୍ଟା ଏବଂ ଜଳଚର ପ୍ରାଣୀଙ୍କ ଖୋଳ ମିଳିଛି।

# ଇଣ୍ଡୋନେସିଆରେ ‘ଲିଟିଲ୍ ଇଣ୍ଡିଆ ଗେଟ୍’

**ସିଙ୍ଗାପୁର:** ଇଣ୍ଡୋନେସିଆର ମେଦାନ୍ ନଗରୀରେ ରବିବାର ‘ଲିଟିଲ୍ ଇଣ୍ଡିଆ ଗେଟ୍’ ଉଦ୍‌ଘାଟିତ ହୋଇଛି। ମେଦାନ୍ ନଗରୀକୁ ଭାରତୀୟ ଲୋକଙ୍କ ଅବଦାନର ସ୍ୱୀକୃତି ସ୍ୱରୂପ ପ୍ରଥମ କରି ଏଭଳି ଏକ ଢାଞ୍ଚା ନିର୍ମାଣ କରାଯାଇଛି। ଇଣ୍ଡୋନେସିଆର ଚତୁର୍ଥ ବୃହତ୍ତମ ନଗରୀ ମେଦାନ୍‌ଠାରେ ଉକ୍ତ ତୋରଣ ଭାରତର ରାଷ୍ଟ୍ରଦୂତ ପ୍ରଦୀପ କୁମାର ରାଓ୍ୱତ ଏବଂ ମେଦାନ୍ ନଗରୀ ମେୟର ଏଚ.ଟି. ଜୁଲ୍‌ମି ଏଲଡିନ୍‌ଙ୍କ ଦ୍ୱାରା ମିଳିତ ଭାବରେ ଉଦ୍‌ଘାଟିତ ହୋଇଥିଲା। ଏହି ଐତିହାସିକ ମୁହୂର୍ତ୍ତରେ ପାଖାପାଖି ୭,୦୦୦ ଲୋକ ଉପସ୍ଥିତ ରହିଥିଲେ। ‘ବସୁଧୈବ କୁଟୁମ୍ବକମ୍’ ବା ‘ସମଗ୍ର ପୃଥିବୀ ଏକ ପରିବାର’ରେ ବିଶ୍ୱାସ କରୁଥିବା ଭାରତର ଏହା ବାସ୍ତବ ଉପସ୍ଥାପନ ବୋଲି ରାଷ୍ଟ୍ରଦୂତ ରାଓ୍ୱତ୍ ପ୍ରକାଶ କରିଛନ୍ତି। ଲିଟିଲ୍ ଇଣ୍ଡିଆ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଓ



ବ୍ୟବସାୟିକ ସମ୍ପର୍କରେ ଏକ ସେତୁ ଭଳି କାର୍ଯ୍ୟ କରିବ ବୋଲି ସେ କହିଥିଲେ।


ମେଦାନ ନଗରୀରେ ଏହି ନୂତନ ଢାଞ୍ଚାକୁ ଏକ ଉଲ୍ଲେଖନୀୟ ପର୍ଯ୍ୟଟନସ୍ଥଳରେ ପରିଣତ କରାଯିବ। ଇଣ୍ଡୋନେସିଆରେ ପ୍ରଥମକରି ସ୍ଥାପିତ ଏଭଳି ତୋରଣ ଭାରତୀୟ ସମାଜର ଅବଦାନର ସ୍ୱୀକୃତି ବହନ କରୁଛି ବୋଲି ମେୟର ଜୁଲ୍‌ମି ପ୍ରକାଶ କରିଥିଲେ।

## [ଇତିହାସର ଆଇନାରେ]

### ଅକ୍ଟୋବର ୨୯ର ପ୍ରମୁଖ ଘଟଣା

୧୮୬୩ ଅକ୍ଟୋବର ୨୯ରେ ସ୍ୱିଜରଲାଣ୍ଡର ଜେନେଭାରେ ୧୮ଟି ଦେଶ ଏକାଠି ହୋଇ ଅନ୍ତର୍ଜାତୀୟ ରେଡ୍‌କ୍ରସ୍ ଗଠନ କରିବା ନେଇ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ରେଡ୍‌କ୍ରସ ଅନ୍ତର୍ଜାତୀୟ କମିଟି(ଆଇସିଆରସି) ହେଉଛି ଏକ ମାନବବାଦୀ ସଙ୍ଗଠନ। ଏହାର ଲକ୍ଷ୍ୟ ହେଉଛି ଲୋକଙ୍କ ଜୀବନ ଏବଂ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା।

୨୦୦୫ ଅକ୍ଟୋବର ୨୯ରେ ଭାରତର ରାଜଧାନୀ ଦିଲ୍ଲୀରେ ବିସ୍ଫୋରଣ ହୋଇଥିଲା। ଏଥିରେ ୬୦ଜଣ ନିହତ ହୋଇଥିବା ବେଳେ ୨୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଦୀପାବଳିର ଦୁଇଦିନ ପୂର୍ବରୁ ଦିଲ୍ଲୀର ଭିନ୍ନ ଭିନ୍ନ ସ୍ଥାନରେ ୩ଟି ସ୍ଥାନରେ ବିସ୍ଫୋରଣ ହୋଇଥିଲା। ଘଟଣା ପଛରେ କଶ୍ମୀର ବିଚ୍ଛିନ୍ନତାବାଦୀ/ଇସଲାମିକ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବାର ହାତଥିବା ନେଇ ତଦନ୍ତକାରୀ ଏଜେନ୍ସି ସୂଚନା ଦେଇଥିଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୬ | ୧୯.୦ |
| ଚାନ୍ଦବାଲି | ୨୯.୫ | ୨୧.୪ |
| କଟକ | ୨୪.୮ | ୧୯.୦ |
| ପାରାଦ୍ୱୀପ | ୨୯.୫ | ୨୨.୪ |
| ଭୁବନେଶ୍ୱର | ୨୪.୮ | ୧୯.୦ |
| ଗୋପାଳପୁର | ୨୬.୯ | ୨୦.୪ |
| ପୁରୀ | ୨୭.୬ | ୨୨.୪ |
| ଅନୁଗୋଳ | ୩୦.୧ | ୧୫.୦ |
| ବାରିପଦା | --- | ୧୮.୮ |
| ଝାରସୁଗୁଡ଼ା | ୩୨.୦ | ୧୭.୦ |
| କେନ୍ଦୁଝର | ୨୮.୦ | ୧୪.୯ |
| ସମ୍ବଲପୁର | ୩୨.୨ | ୧୭.୩ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୨.୬ | ୧୮.୬ |
| ତାଳଚେର | ୩୩.୪ | ୧୮.୩ |
| ଭବାନୀପାଟଣା | --- | ୧୫.୦ |
| ବଲାଙ୍ଗୀର | ୩୩.୦ | ୧୭.୫ |
| କୋରାପୁଟ | ୨୯.୦ | ୧୧.୬ |
| ଫୁଲବାଣୀ | ୨୬.୪ | ୧୦.୨ |
| ଟିଟିଲାଗଡ଼ | ୩୧.୦ | ୧୫.୫ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୧.୮ | ୧୬.୦ |
| ଦାରିଙ୍ଗିବାଡ଼ି | ୨୮.୨ | ୧୩.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ସବୁବେଳେ ଅନୁସନ୍ଧାନ ପ୍ରୟାସୀ




**ମୁମ୍ବାଇ:** ପିଲାଦିନେ ପାଠ ପଢ଼ିବା ସମୟରେ ଅଭିନୟ କରିବାକୁ ଇଚ୍ଛା ଥିଲା। ତେବେ ଜୀବନରେ କିଛି ନୂଆ କରି ଦେଖାଇବାର ପ୍ରୟାସ ସବୁବେଳେ ରଖିଥାନ୍ତି ବୋଲି ଅଭିନେତ୍ରୀ ତାପସୀ ପନ୍ନୁ ପ୍ରକାଶ କରିଛନ୍ତି। ସେ ‘ବେବି’, ‘ପିଙ୍କ୍’ ଏବଂ ‘ମୁଲକ୍’ ଭଳି ଫିଲ୍ମରେ ଅଭିନୟ କରିଛନ୍ତି। ଏଣ୍ଟରଟେନମେଣ୍ଟ-ଭିତ୍ତିକ ଅଡିଓ ଶୋ ‘ଟେକ୍ ଟୁ ୱିଥ୍ ଅନୁପମା ଆଣ୍ଡ ରାଜୀବ’ରେ ସେ ତାଙ୍କ ଜୀବନ ଏବଂ କ୍ୟାରିୟର ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ତାଙ୍କ ଅଭିନୀତ ତେଲୁଗୁ ଫିଲ୍ମ ହିଟ୍ ହୋଇଥିବା ବେଳେ ତାମିଲ ଫିଲ୍ମ ‘ଆଡୁକଲମ୍’ ମଧ ଜାତୀୟ ପୁରସ୍କାର ଲାଭ କରିଛି। ତେବେ ତାଙ୍କୁ ଭାଗ୍ୟ ସାଥ୍ ଦେଇଥିବା ଜାଣିବା ପରେ ସେ ଆଉ ଅଭିନୟରୁ ମୁହଁ ଫେରାଇ ନାହାନ୍ତି। ଦିଲ୍ଲୀରେ ପଢ଼ିଥିଲେ ଓ ବଢ଼ିଥିଲେ ବି ତାମିଲ ଓ ତେଲୁଗୁ ଭାଷା ପ୍ରତି କିପରି ଆକୃଷ୍ଟ ହେଲେ ପ୍ରଶ୍ନରେ ସେ କହନ୍ତି, ମୁଁ ଜୀବନରେ କିଛି ଦୁଃସାହସିକ କାର୍ଯ୍ୟ କରିବାକୁ ପ୍ରୟାସ କରେ। ତେଣୁ ଆଶା କରାଯାଉ ନ ଥିବା କିଛି କାର୍ଯ୍ୟ କଲେ ଖୁସି ଲାଗେ। ଯେଉଁ ସ୍ଥାନକୁ କେହି ଯାଇନାହାନ୍ତି ସେ ସ୍ଥାନକୁ ଯିବାକୁ ମଧ ଇଚ୍ଛାକରେ। ବିଶିଷ୍ଟ ନିର୍ଦ୍ଦେଶକ ମଣିରତ୍ନମ୍‌ଙ୍କ ଫିଲ୍ମରେ ଅଭିନୟ କରିବାକୁ ସେ ଆଶାୟୀ।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

## ସ୍ୱାସ୍ଥ୍ୟ ସୂଚନା



❖ଆପଣ ଡାଇବେଟିସ ଦ୍ୱାରା ଆକ୍ରାନ୍ତ କି ? ଯଦି ହଁ, ତେବେ ପ୍ରଥମେ ନିଜ ଜୀବନଶୈଳୀକୁ ସନ୍ତୁଳିତ କରନ୍ତୁ। ଖାଦ୍ୟପେୟ ପ୍ରତି ନଜର ଦେବା ସହ ନିୟମିତ ସମୟ ଅନ୍ତରାଳରେ ବିଭିନ୍ନ ଶାରୀରିକ ପରୀକ୍ଷା କରାଇ ନିଅନ୍ତୁ। ସବୁଠାରୁ ଖାସ୍ କଥା ହେଲା, ପ୍ରତି ମାସରେ ରକ୍ତରେ ସୁଗାର ପରିମାଣ, ରକ୍ତଚାପ ମାପି ନିଅନ୍ତୁ।

❖ଏଣୁତେଣୁ ଚିନ୍ତା କଲେ ତାହା ଦ୍ୱାରା ଟେନ୍‌ସନ ବଢ଼ିଥାଏ। ଏହାଦ୍ୱାରା ଆପଣ ରକ୍ତଚାପ (ବ୍ଲଡ୍‌ପ୍ରେସର) ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ନିଜକୁ ଯେତେ ସମ୍ଭବ ଟେନ୍‌ସନମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ।

❖କେତେକେ ରାତିରେ ଡେରିରେ ଶୋଇ ସକାଳ ୮-୯ଟା ପାଖାପାଖି ଉଠିଥାଆନ୍ତି। ଏଭଳି ଅଭ୍ୟାସ ଯେତେଶୀଘ୍ର ପରିହାର କରିବେ ତାହା ସେତେ ଭଲ।

❖ନିଜକୁ ସୁସ୍ଥ ରଖିବା ହେଉଛି ନିଜର ଦାୟିତ୍ୱ। ତେଣୁ ଏଭଳି କିଛି କରନ୍ତୁ ନାହିଁ, ଯାହାଦ୍ୱାରା ଆପଣ ରୋଗାକ୍ରାନ୍ତ ହେବେ ଏବଂ ବାକି ଜୀବନ ଆପଣଙ୍କର ଔଷଧ ଖାଇବାରେ ବିତିବ।

❖ବୟସ ବଢ଼ିଲେ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ହୋଇଥାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

## ଆଗ୍ରହ ଶକ୍ତି ବଢ଼ାଏ ବ୍ୟାୟାମ

ନିୟମିତ ବ୍ୟାୟାମ କଲେ ତାହା ଶରୀର ପାଇଁ କେତେ ଉପକାରୀ ତାହା ଅନୁଭବୀ ହିଁ ଜାଣେ। ତେଣୁ ଆଜିକାଲି ଜଣେ ବ୍ୟକ୍ତି ଅତିକମ୍‌ରେ କିଛି ସମୟ ବ୍ୟାୟାମ କରିବା ଆବଶ୍ୟକ। ତେଣୁ ନିଜ ଦୈନନ୍ଦିନ ଜୀବନରେ ଏହାକୁ ସାମିଲ କରିବା କେତେଦୂର ଠିକ୍ ତାହା ନିଜେ ଥରେ ଚିନ୍ତା କରନ୍ତୁ। ଏହାର ଉପକାରୀ ତାଲିକାରେ ଆଉ ଏକ କଥାକୁ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଯୋଡିଛନ୍ତି। ସେମାନଙ୍କ ଦ୍ୱାରା ସଦ୍ୟ ସମାପିତ ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ, ପ୍ରତିଦିନ ବ୍ୟାୟାମ କଲେ ତାହା ସଂପୃକ୍ତ ବ୍ୟକ୍ତିଙ୍କର ଆଗ୍ରହ ଶକ୍ତିକୁ ବଢ଼ାଇବାରେ ସହାୟକ ହୋଇଥାଏ। ନିୟମିତ ବ୍ୟାୟାମ କରୁଥିବା ଏବଂ ଆଦୌ ବ୍ୟାୟାମ କରୁ ନ ଥିବା କିଛି ବ୍ୟକ୍ତିଙ୍କର ଆଗ୍ରହକୁ ତନ୍ନ ତନ୍ନ କରି ନିରୀକ୍ଷଣ କରିବା ପରେ ସେମାନେ ଏଭଳି ଏକ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ହେଲେ ବ୍ୟାୟାମ କରିବା ପୂର୍ବରୁ ନିଜର ଶାରୀରିକ ସୁସ୍ଥତା ପ୍ରତି ସବୁବେଳେ ନଜର ରଖନ୍ତୁ ବୋଲି ଉକ୍ତ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ବାର୍ଦ୍ଧକ୍ୟରେ ମାନସିକ ବିକୃତି



ଡା. ଦ୍ୱିଜେଶ କୁମାର ପଣ୍ଡା



ମଣିଷ ବୁଢ଼ା ହେଲେ ଅନେକ ଜିନିଷ ଜାଣିପାରନ୍ତି ନାହିଁ। ସ୍ମରଣଶକ୍ତି କମିଯାଏ। ୭୫ ବର୍ଷ ପରେ ଏହା କମିବାକୁ ଆରମ୍ଭ ହୁଏ। ୮୫ ବର୍ଷ ବେଳକୁ ୬୦ ପ୍ରତିଶତ ବ୍ୟକ୍ତିଙ୍କର ଏହି ଲକ୍ଷଣ ପ୍ରକାଶ ପାଏ। ଏହା ଗୋଟିଏ ମୁଖ୍ୟ ସ୍ନାୟବିକ ଅବନତି। ପଢ଼ିବା ପାଠ ମନେରହେ ନାହିଁ। କଥାରେ ତାଳମେଳ ନ ଥାଏ। କେଉଁ ଜିନିଷ କେଉଁଠାରେ ଅଛି ମନେ ପଡେ ନାହିଁ। କୌଣସି ସ୍ଥାନର ସ୍ଥିତି ଜାଣିହୁଏ ନାହିଁ। ମସ୍ତିସ୍କର ସ୍ନାୟୁ ଗୁଡିକର ଯୋଗାଯୋଗ ସମ୍ଭବ ହୁଏନାହିଁ। ପ୍ରଳାପ ଓ ବିଷାଦଠାରୁ ଏହା ଭିନ୍ନ। ରୁଗ୍‌ଣ ହେଲେ ଓ ପାରିବାରିକ ଅଶାନ୍ତି ରହିଲେ ବିକୃତି ବୃଦ୍ଧି ହୁଏ। ପରିସଂଖ୍ୟାନ ଅନୁଯାୟୀ ୨୦୧୫ ବର୍ଷରେ ୪୬ ନିୟୁତ ବ୍ୟକ୍ତି ମସ୍ତିଷ୍କ ବିକୃତି ରୋଗରେ ଆକ୍ରାନ୍ତ ହୋଇଥିଲେ। ୨ ନିୟୁତଙ୍କର ମୃତ୍ୟୁ ହୋଇଥିଲା।

ମାନସିକ ବିକୃତି ଜାଣିବା ପାଇଁ ୮ଟି ପ୍ରଶ୍ନ ପଚାରି ଏହା ନିରୂପଣ କରାଯାଏ।

(୧) ଠିକ ବିଚାର କରିବା ପାଇଁ ଅସୁବିଧା ହୁଏ
(୨)କୌଣସି କାମ କରିବାକୁ ଇଚ୍ଛା ହୁଏ ନାହିଁ
(୩)ପ୍ରଶ୍ନ ଓ ଉତ୍ତରକୁ ଥରକୁ ଥର କହିବ
(୪)କୌଣସି ଯନ୍ତ୍ର ବ୍ୟବହାର କରିବାକୁ ସକ୍ଷମ ନ ହେବା
(୫)ଦିନ, ମାସ ଓ ବର୍ଷକୁ ଭୁଲିଯିବା
(୬)ପଇସାପତ୍ର ହିସାବ ରଖି ନ ପାରିବା
(୭)ନିର୍ଦ୍ଧାରିତ କାର୍ଯ୍ୟ କରିବାକୁ ଭୁଲିଯିବା
(୮) ଠିକ ବିଷୟ ଚିନ୍ତା କରିବା ଓ ମନେପକାଇବା ପାଇଁ ଅସମର୍ଥ।

ଉପର ପ୍ରଶ୍ନ ମଧ୍ୟରୁ ୩ଟି ପ୍ରଶ୍ନର ଠିକ ଉତ୍ତର ନ ମିଳିଲେ ୯୦ ପ୍ରତିଶତ ମନର ବିକୃତି ହୋଇ ଥିବାର ପ୍ରମାଣ ମିଳେ। ଭିଟାମିନ ବି-୧୨ର ଅଭାବ, ଥାଇରଏଡ ଗ୍ରନ୍ଥିର ଟି.ଏସ.ଏଚ. ହରମୋନ ଅଭାବ ସହିତ ସମ୍ପୂର୍ଣ୍ଣ ରକ୍ତ ପରୀକ୍ଷା(ସି.ବି.ସି.) କଲେ ଏହି ରୋଗ ଜାଣି ହୁଏ। ଏହା ବ୍ୟତୀତ ଅନ୍ୟ ପରୀକ୍ଷାଗୁଡିକ ଆବଶ୍ୟକ ନୁହେଁ। ଏମ.ଆର.ଆଇ. ପରୀକ୍ଷା କଲେ ମସ୍ତିସ୍କ ଭିତରେ କେତେକ ସ୍ଥାନରେ କ୍ଷୟ ଜାଣିହୁଏ।

ପି.ଇ.ଟି. ପରୀକ୍ଷା ଏହି ରୋଗ ନିରୂପଣରେ ସାହାର୍ଯ୍ୟ କରିପାରେ।

ସନ୍ଦେହ ଘେରରେ ଥିବା ମାନସିକ ବିକୃତି ଜାଣିବା ପାଇଁ ରୋଗୀର ଠିକ୍ ଇତିହାସ ସଂଗ୍ରହ କରିବା ଉଚିତ। ପରିବାର ଲୋକେ ଏଥିରେ ସାହାଯ୍ୟ କରିପାରିବେ। ସମ୍ପୂର୍ଣ୍ଣ ଶାରୀରିକ ଓ ସ୍ନାୟବିକ ପରୀକ୍ଷା ଆବଶ୍ୟକ। ମାନସିକ ସ୍ଥିତି ଅନୁଧ୍ୟାନ କଲେ ଏହା ଜାଣି ହୁଏ। ବିଷାଦ ଓ ବିକୃତିର କେତେକ ସାମଞ୍ଜସ୍ୟ ରହିଛି। ବିଷାଦ ଔଷଧ ସେବନ ଦ୍ୱାରା ଆରୋଗ୍ୟ ହୋଇପାରେ, କିନ୍ତୁ ବିକୃତିର ସଫଳ ଚିକିତ୍ସା ନାହିଁ। ସି.ଟି. ଓ ଏମ.ଆର.ଆଇ. ଦ୍ୱାରା ପ୍ରାରମ୍ଭିକ ସଙ୍କେତ ମିଳେ।

ଆଲଜିମର ରୋଗ ପରିଣତ ବୟସରେ ମସ୍ତିସ୍କ ଅବକ୍ଷୟ ପାଇଁ ହୁଏ। ଏହାର ଠିକ କାରଣ ନ ଥାଏ। ମାନସିକ ବିକୃତି ମୁଖ୍ୟ ସଙ୍କେତ। ଔଷଧ ସେବନ ଦ୍ୱାରା କେତେକ ଲକ୍ଷଣ ଉପଶମ ହୁଏ। କିନ୍ତୁ ରୋଗୀ ରୋଗମୁକ୍ତ ହୁଏ ନାହିଁ। ପ୍ରଥମ ଅବସ୍ଥାରେ ନିକଟରେ ଘଟିଥିବା ଘଟଣା ମନେରହେ ନାହିଁ। ଏହା ଅଦୃଶ୍ୟ କିନ୍ତୁ କ୍ଷତିକାରକ ଭାବରେ ଆରମ୍ଭ ହୁଏ। ରୋଗ ଧୀରେ ଧୀରେ ବଢ଼ି ଚାଲେ। ଅନ୍ତଃଦୃଷ୍ଟି କ୍ଷୟ ହୁଏ। ପାନିଆରେ ମୁଣ୍ଡ କୁଣ୍ଡାଇବାକୁ କହିଲେ ରୋଗୀ କରିପାରେ ନାହିଁ। ଆଘ୍ରାଣ ଶକ୍ତି କମିଯାଏ। ନିଦ ଭଲ ହୁଏ ନାହିଁ। ରାତିରେ ଅନେକ ଥର ଉଠିବାକୁ ପଡେ। ବିନା ନିଦରେ ଶେଯରେ ଶୋଇ ରହନ୍ତି। ରୋଗ ପୁରୁଣା ହୋଇଗଲେ ୧୦ରୁ ୨୦ ପ୍ରତିଶତ ରୋଗୀଙ୍କର ବାତ ମାରେ। ଠିକ ଭାବରେ ପଢ଼ିବା ଓ ଗାଡି ଚଳେଇବା ସମ୍ଭବ ହୁଏ ନାହିଁ। କଥା କହି ପାରନ୍ତି ନାହିଁ। ଏହି ରୋଗରୁ ନିସ୍ତାର ନାହିଁ। ୮୦ ବର୍ଷ ପରେ ରୋଗ ପ୍ରାଦୁର୍ଭାବ କମିଯାଏ। ଏହି ରୋଗୀମାନେ ୩ ରୁ୧୧ ବର୍ଷ ବଞ୍ଚି ରହନ୍ତି। ସେମାନଙ୍କର ଶରୀରର ଜଳୀୟ ଅଂଶ କମିଯାଏ, ପୁଷ୍ଟିହୀନତା ଓ ଜୀବାଣୁ ସଂକ୍ରମଣରୁ ମୃତ୍ୟୁ ହୁଏ।


ପାର୍କିନସୋନିଜିମ ଆଉ ଗୋଟିଏ ମସ୍ତିସ୍କ ଅବକ୍ଷୟ ରୋଗ। ଏହାର ୪ଟି ମୁଖ୍ୟ ଲକ୍ଷଣ ରହିଛି। ହାତ ଗୋଡ ପ୍ରଚଳନ କମିଯାଏ। ବସିଥିବା ବେଳେ ହାତ ଥରେ। ଚାଲିବା ବେଳେ ଭାରସାମ୍ୟ ରହେ ନାହିଁ ଓ ଶରୀର ବଙ୍କା ହୁଏ ନାହିଁ। ଏହି ରୋଗ ନିରୂପଣ ପାଇଁ କୌଣସି ରକ୍ତ ପରୀକ୍ଷା ନାହିଁ। ସି.ଟି. ଓ ଏମ.ଆର.ଆଇ. ଦ୍ୱାରା ନିଦାନ ନିର୍ଣ୍ଣୟ ହୋଇପାରେ ନାହିଁ। ରୋଗ ଜାଣିବା ପାଇଁ ଲକ୍ଷଣଗୁଡିକ ହେଉଛି ଏକମାତ୍ର ସମ୍ବଳ। ଚାଲିବା ଧୀର ଓ ଅସ୍ୱାଭାବିକ ହୋଇଯାଏ। ଚକ ଥିବା ଚଉକିରେ ବସିବାକୁ ପଡେ। କଥା ଅସ୍ପଷ୍ଟ ହୁଏ। ଖାଇବା ସମ୍ଭବ ହୁଏ ନାହିଁ। ତରଳ ଖାଦ୍ୟ ଉପରେ ନିର୍ଭର କରିବାକୁ ପଡେ। ଶେଷରେ ନାକରେ ନଳୀ ପୂରାଇ ଖାଇବାକୁ ଦିଆଯାଏ। ନିଃଶ୍ୱାସ ନେବାରେ କଷ୍ଟ ହୁଏ। ଛିଡା ହେଲେ ରକ୍ତଚାପ କମିଯାଏ। ପରିସ୍ରା ରୋକି ହୋଇପାରେ ନାହିଁ କିମ୍ବା ସମ୍ପୂର୍ଣ୍ଣ ହୁଏ ନାହିଁ। ଧ୍ୱଜ ଭଙ୍ଗ ହୁଏ।

ପାର୍କିନସୋନିଜିମ ରୋଗର ନିର୍ଣ୍ଣୟ ପାଇଁ କୌଣସି ନିର୍ଦ୍ଦିଷ୍ଟ ପରୀକ୍ଷା ନାହିଁ। ବ୍ୟୟ ବହୁଳ ଏମ.ଆର.ଆଇ. ଓ ସି.ଟି. ସ୍କାନ ପରୀକ୍ଷା ଅନାବଶ୍ୟକ। ଲିଭୋଡୋପା ଔଷଧ ନିୟମିତ ଖାଇଲେ ଉପଶମ ମିଳେ, କିନ୍ତୁ ଆରୋଗ୍ୟ ହେବାର ସମ୍ଭାବନା ନ ଥାଏ। ଡୋପାମିନ ହରମୋନ ଅଭାବରୁ ଏହି ରୋଗ ହୁଏ। ୬୫ ବର୍ଷ ପରେ ପ୍ରତି ଶହେ ବ୍ୟକ୍ତି ମଧ୍ୟରୁ ଜଣଙ୍କୁ ଏହା ହୋଇଥାଏ। ବିଷାକ୍ତ ଅଦରକାରୀ ଔଷଧ ସେବନ, ମସ୍ତିଷ୍କ ପ୍ରଦାହ ଓ ଟ୍ୟୁମର, ବଂଶଗତ କାରଣ, ପରିବେଶ ପ୍ରଦୂଷଣଜନିତ ବିଷାକ୍ତ ବାୟୁ, ପୋକମରା ଔଷଧ ଶରୀରରେ ପ୍ରବେଶ କଲେ ମସ୍ତୁଷ୍କରେ ଥିବା ସ୍ନାୟୁଗୁଡିକର ଧୀରେ ଧୀରେ ଅବକ୍ଷୟ ହୁଏ। ଏହା ବଞ୍ଚିବାର ବୟସ ସୀମା କମାଏ ନାହିଁ, କିନ୍ତୁ ଜୀବନକୁ ଦୁର୍ବିଷହ କରି ପକାଏ। ରୋଗୀ ପ୍ରଥମ ଅବସ୍ଥାରେ ଦୁର୍ବଳତା ଅନୁଭବ କରେ। ଚାଲିବାରେ କଷ୍ଟ ହୁଏ। ମାଂସପେଶୀରେ କଠିନତା ଦେଖାଯାଏ। ମୁଣ୍ଡ ଓ ହାତ ଥରେ। ଜାଣିବା ଶକ୍ତି କମିଯାଏ। କିଛି ମନେରହେ ନାହିଁ। ମସ୍ତିଷ୍କର ବାହ୍ୟ ତନ୍ତୁ ଓ ହିପୋକାମ୍ପସର ଅତ୍ୟଧିକ ସଙ୍କୋଚନ ହୁଏ। ଅନମନୀୟତା ଓ ମୁଣ୍ଡ ଥରେ। ହାତକମ୍ ଝୁଲେ। ଗୋଡ଼ ଘୋଷାରି ଧୀରେ ଧୀରେ ଚାଲିବାକୁ ପଡ଼େ। ମୁଖା ପରି ମୁହଁ ଦେଖାଯାଏ। ଶରୀର ଆଗକୁ ଢ଼ଳିଯାଏ। ଗୋଡ଼ ଓ ହାତ ଥରେ ଏବଂ ବଙ୍କା ହୁଏ ନାହିଁ।

ଜୀବନର ସାୟାହ୍ନରେ ଆର୍ଥିକ ଅନାଟନ, ପାରିବାରିକ ଅଶାନ୍ତି, ଶାରୀରିକ ଅବକ୍ଷୟ ସହିତ ମାନସିକ ବିକୃତି ବଞ୍ଚିବାର ଆଶାକୁ ଧୂଳିସାତ କରିଦିଏ। ଏହି ବୟସରେ ନିଜର କାମ କରିବାକୁ ଅସମର୍ଥ ହେଲେ ଅନ୍ୟ ଉପରେ ନିର୍ଭର କରିବାକୁ ପଡେ। ଜାଣିବା ଶକ୍ତି ନଷ୍ଟ ହେଲେ ମଣିଷ ନିଜ ପରିବାରରେ ଓ ସମାଜରେ ଉପେକ୍ଷିତ ହୁଏ। ମୃତ୍ୟୁ କେତେ ଦୂର ଜାଣିହୁଏ ନାହିଁ। ସେବା ପାଇବା ଭାଗ୍ୟର କଥା। ଅରକ୍ଷ ଜନକୁ ଭଗବାନ ଶାହା।

*-୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର*
*ମୋ : ୯୪୩୮୪୭୦୭୭୭*

"ସନ୍ଦେହ ଘେରରେ ଥିବା ମାନସିକ ବିକୃତି ଜାଣିବା ପାଇଁ ରୋଗୀର ଠିକ୍ ଇତିହାସ ସଂଗ୍ରହ କରିବା ଉଚିତ। ପରିବାର ଲୋକେ ଏଥିରେ ସାହାଯ୍ୟ କରିପାରିବେ। ସମ୍ପୂର୍ଣ୍ଣ ଶାରୀରିକ ଓ ସ୍ନାୟବିକ ପରୀକ୍ଷା ଆବଶ୍ୟକ। ମାନସିକ ସ୍ଥିତି ଅନୁଧ୍ୟାନ କଲେ ଏହା ଜାଣି ହୁଏ। ବିଷାଦ ଓ ବିକୃତିର କେତେକ ସାମଞ୍ଜସ୍ୟ ରହିଛି। ବିଷାଦ ଔଷଧ ସେବନ ଦ୍ୱାରା ଆରୋଗ୍ୟ ହୋଇପାରେ, କିନ୍ତୁ ବିକୃତିର ସଫଳ ଚିକିତ୍ସା ନାହିଁ। ସି.ଟି. ଓ ଏମ.ଆର.ଆଇ. ଦ୍ୱାରା ପ୍ରାରମ୍ଭିକ ସଙ୍କେତ ମିଳେ..."





# ଦ୍ୱୈତଗ୍ରହ : ପୃଥିବୀ



ନୀରଦ ଚନ୍ଦ୍ର ରାଉତ

ପୃଥିବୀର ଶୈଶବ ଅବସ୍ଥା। ଏକାକୀ ପୃଥିବୀ, ଉପଗ୍ରହ ଚନ୍ଦ୍ରର ସୃଷ୍ଟି ହୋଇନାହିଁ। 'ଥାଏ' ନାମକ ଭ୍ରୂଣାବସ୍ଥାରେ ଥିବା ଏକ ଗ୍ରହ ପୃଥିବୀ ସହିତ ମୁହାଁମୁହିଁ ଧକ୍କା ହୁଏ। ସଂଘାତର ଫଳ ସ୍ୱରୂପ 'ଥାଏ' ପୃଥିବୀ ଦେହରେ ସଂପୂର୍ଣ୍ଣ ବିଲୀନ ହୋଇଯାଏ ଏବଂ ପୃଥିବୀରୁ ଛିଟିକି ପଡି ସୃଷ୍ଟିହୁଏ ଉପଗ୍ରହ ଚନ୍ଦ୍ର। ଦୁଇ ଦୁଇଟି ଗ୍ରହର ମିଳନରୁ ସୃଷ୍ଟ ପୃଥିବୀ...



ସୌର ମଣ୍ଡଳ ସୃଷ୍ଟି ହେବାର ପ୍ରାୟ ୧୦୦ ମିଲିୟନ ବର୍ଷ ପର୍ଯ୍ୟନ୍ତ ପୃଥିବୀ ଆଜିର ପୃଥିବୀ ଠାରୁ ଭିନ୍ନ ଏବଂ ଉପଗ୍ରହ ରହିତ ଥିଲା। ଚନ୍ଦ୍ରର ସୃଷ୍ଟିର କାରଣ ପୃଥିବୀ ଜନ୍ମର ଏକଶତ ମିଲିୟନ ବର୍ଷ ପରେ ସଂଘଟିତ ଏକ ମହାଜାଗତିକ ଦୁର୍ଘଟଣା। ଆଜିକୁ ପ୍ରାୟ ୪.୫ ବିଲିୟନ ବର୍ଷ (1 ବିଲିୟନ ବର୍ଷ = $10^9$ ବର୍ଷ) ତଳର ଘଟଣା। ଥାଏ (Theia) ନାମକ ଏକ ଭ୍ରୂଣାବସ୍ଥାରେ ଥିବା ଗ୍ରହ ସଦ୍ୟପ୍ରସୂତ ପୃଥିବୀ (ଯାହାର ବୟସ ପାଖାପାଖି ୧୦୦ ମିଲିୟନ ବର୍ଷ)କୁ ସଜୋରରେ ଟକ୍କର ମାରେ। ସଂଘାତ ପରିଣାମ ସ୍ୱରୂପ 'ଥାଏ' ନିଜର ଅସ୍ତିତ୍ୱକୁ ପୃଥିବୀ ଭିତରେ ସମାହିତ କରିଦିଏ ଏବଂ ଏହି ସଂଘାତରୁ ଛିଟିକି ପଡି ଜାତ ହୁଏ ଚନ୍ଦ୍ର।

ଏବେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ, ଏହି ଅବତାରିତ ଘଟଣାଟି ବାସ୍ତବିକ ନା ଅନ୍ତରୀକ୍ଷବିତ୍‌ମାନଙ୍କ କପୋଳକଳ୍ପିତ। ପ୍ରମାଣ ପାଇଁ ଆପୋଲୋ ୧୨, ୧୫ ଓ ୧୭ ର ଚନ୍ଦ୍ର ଅଭିଯାନରୁ ସଂଗୃହୀତ ୭ଟି ପ୍ରସ୍ତରଖଣ୍ଡ ଏବଂ ହାୱାଇ ଓ ଆରିଜୋନା ଅଞ୍ଚଳରୁ ସଂଗୃହୀତ ଆଗ୍ନେୟଶୀଳାକୁ ଗବେଷକମାନେ ପରୀକ୍ଷା କରି ଦେଖିଛନ୍ତି। ଏହି ପ୍ରସ୍ତର ଖଣ୍ଡ ଗୁଡ଼ିକରେ ଅମ୍ଳଜାନ ପରମାଣୁ ସମଷ୍ଟିର ୯୯.୯ ପ୍ରତିଶତ ୦-୧୬ ଏବଂ ଅଳ୍ପ ଅଂଶରେ ୦-୧୭/୦-୧୮ ଆଇସୋଟପ୍ ଥିବାର ଦେଖାଯାଏ। ଏହି ଅନୁପାତ ଉଭୟ ପୃଥିବୀ ଓ ଚନ୍ଦ୍ରରେ ସମାନ। ପୃଥିବୀ, ମଙ୍ଗଳ ତଥା ସୌରଜଗତର ଅନ୍ୟ ଗ୍ରହଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ଅନୁପାତର ୦-୧୬/୦-୧୭ ଅମ୍ଳଜାନର ଫିଙ୍ଗରପ୍ରିଣ୍ଟ ଥାଏ। ବୈଜ୍ଞାନିକ ଏଡ୍‌ୱାର୍ଡ ୟଙ୍ଗ କହନ୍ତି ପୃଥିବୀ ଓ ଚନ୍ଦ୍ରର ପ୍ରସ୍ତର ଖଣ୍ଡରେ ଅମ୍ଳଜାନର ଫିଙ୍ଗରପ୍ରିଣ୍ଟ ସମାନ ଓ ଅଭିନ୍ନ। ଏହା ପ୍ରମାଣ କରେ ଯେ 'ଥାଏ' ଓ ପୃଥିବୀର ସଂଘାତ ମୁହାମୁହିଁ ଘଟିଥିଲା। ଫଳରେ 'ଥାଏ' ନିଜକୁ ପୃଥିବୀ ଦେହରେ ସଂପୂର୍ଣ୍ଣ ଭାବେ ଲୀନ କରି ଦେଇଥିଲା। ଏହି ନବନିର୍ମିତ ଦ୍ୱୈତଗ୍ରହରୁ ଛିଟିକି ପଡ଼ିଲା ଉପଗ୍ରହ ଚନ୍ଦ୍ର। ସେଥିପାଇଁ ଚନ୍ଦ୍ର କିମ୍ବା ପୃଥିବୀରେ 'ଥାଏ'ର ରାସାୟନିକ ଛାପ ଦେଖିବାକୁ ମିଳେ ନାହିଁ। 'ଥାଏ'ର ଆକାର ସମ୍ଭବତଃ ପୃଥିବୀ ସହିତ ସମାନ କିମ୍ବା ଛୋଟଥିଲା। ଏହି ମହାଜାଗତିକ ଦୁର୍ଘଟଣା ଘଟି ନ ଥିଲେ 'ଥାଏ' ଏକ ସ୍ୱତନ୍ତ୍ର ଗ୍ରହ ଭାବେ ନିଜକୁ ପ୍ରତିଷ୍ଠିତ କରିଥାନ୍ତା ଏବଂ ପୃଥିବୀ ହୁଏତ ଆଜିର ପୃଥିବୀ ହୋଇ ନ ଥାନ୍ତା।

*-ସି.ଏସ୍.ଆଇ.ଆର- ଆଇ.ଏମ୍.ଏମ୍.ଟି*
*(ପ୍ରାକ୍ତନ ଆଞ୍ଚଳିକ ଗବେଷଣାଗାର)*
*ମୋ : ୯୪୩୭୨୯୦୪୭୦*

## ଅତ୍ୟଧିକ ଡେଙ୍ଗା ବ୍ୟକ୍ତିଙ୍କୁ କ୍ୟାନ୍‌ସର ଆଶଙ୍କା ଅଧିକ



ଆବଶ୍ୟକତାଠାରୁ ଅଧିକ ଉଚ୍ଚତା ଆପଣଙ୍କ ପାଇଁ ସତର୍କ ଘଣ୍ଟି ସାଜିପାରେ। ଏଭଳି ବ୍ୟକ୍ତି କ୍ୟାନ୍‌ସର ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି କାଲିଫର୍ନିଆ ୟୁନିଭର୍ସିଟିର କ୍ୟାନ୍‌ସର ବିଜ୍ଞାନୀମାନେ। ବିଶେଷଭାବରେ ପାନ୍‌କ୍ରାସ, ଷ୍ଟୋମାକ୍ ଏବଂ ମାଉଥ୍ କ୍ୟାନ୍‌ସରର ଉଚ୍ଚତା ବଢ଼ିବା ସହ ସମ୍ପର୍କ ରହିଛି। ଏହି ଗବେଷଣା ସମୟରେ ବିଶେଷଜ୍ଞମାନେ ଆବଶ୍ୟକତାଠାରୁ ଅଧିକ ଉଚ୍ଚତାବିଶିଷ୍ଟ ବ୍ୟକ୍ତିମାନଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କେତେକଙ୍କ ଶରୀରରେ କ୍ୟାନ୍‌ସର ଲକ୍ଷଣ ଦେଖିବାକୁ ମିଳିଥିଲା। କେତେକ ବ୍ୟକ୍ତିଙ୍କର ଉଚ୍ଚତା ହଠାତ ବଢ଼ିଥିବାର ଜଣାପଡିଥିଲା। ହଠାତ୍ ଉଚ୍ଚତା ବଢ଼ିଲେ ଶରୀର ଉପରେ ତାହାର ପ୍ରଭାବ ଉପରେ ପଡିଥାଏ। କେତେକ କ୍ଷେତ୍ରରେ ଏହାର ସୁଯୋଗ ନେଇ କ୍ୟାନ୍‌ସର କୋଷ ନିଜର କାୟା ବିସ୍ତାର କରିଥାଏ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।



## ଆରୋଗ୍ୟ ରଖେ ସନ୍ତୁଳିତ ଜୀବନଶୈଳୀ

ସମୟ ସହ ତାଳ ମିଳାଇ ଆଜିକାଲିର ଜୀବନଶୈଳୀ ସତେଯେମିତି ଦ୍ରୁତଗତିରେ ଦୌଡୁଛି। ଏହାଦ୍ୱାରା ଅନେକେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜୀବନଶୈଳୀ ଯଦି ସନ୍ତୁଳିତ ରହେ, ତେବେ ତାହା ଆମ ପାଇଁ ଅନେକ କ୍ଷେତ୍ରର ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଅପରପକ୍ଷରେ ଏଭଳି ଏକ ଯୋଜନାବଦ୍ଧ ଜୀବନଶୈଳୀ ଆମକୁ ଅନେକାଂଶରେ ଆରୋଗ୍ୟ ରଖିଥାଏ ବୋଲି ପ୍ରକାଶ କରିଛନ୍ତି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଏକ ସନ୍ତୁଳିତ ଜୀବନଶୈଳୀ କିପରି ଜଣେ ବ୍ୟକ୍ତିକୁ କେତେକାଂଶରେ ନୀରୋଗ ରଖିଥାଏ, ତାହା ସେମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି। ସକାଳୁ ବିଛଣା ଛାଡିବାଠାରୁ ଆରମ୍ଭ କରି ଦିନତମାମ ନିଜ କାମରେ ବ୍ୟସ୍ତ ରହିବା ଏବଂ ରାତିରେ ଠିକ୍ ସମୟରେ ଶୋଇବା ଆଦିକୁ ଏହି ଗବେଷଣା ପରିସରଭୁକ୍ତ କରାଯାଇଥିଲା। ଏହାଦ୍ୱାରା ଜଣେ ବ୍ୟକ୍ତି ଅନେକାଂଶରେ ସୁସ୍ଥ ଜୀବନଯାପନ କରିଥାଏ ବୋଲି ମତବ୍ୟକ୍ତ କରିଛନ୍ତି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ।

ଭାରତ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ଜିତି ଆମେ ସମାଲୋଚକଙ୍କ ମୁହଁ ବନ୍ଦ କରି ପାରିଛୁ।
**-ଆଶଲେ ନର୍ସ, ୱେଷ୍ଟଇଣ୍ଡିଜ କ୍ରିକେଟ ଅଲରାଉଣ୍ଡର**



ନୂଆ ଡେଭିସ୍ କପ୍‌ରେ ଖେଳିବା ସମ୍ପର୍କରେ ନିଷ୍ପତ୍ତି ଲାଗି ମୋତେ ମାତ୍ର ତିନିଦିନ ସମୟ ଦିଆଯାଇଥିଲା, ଯାହାକି ଯଥେଷ୍ଟ ନ ଥିଲା।
**-ରୋଜର ଫେଡେରର, ବିଶିଷ୍ଟ ଟେନିସ୍ ଖେଳାଳି**



## ସଂକ୍ଷେପରେ

### ରାଜିନ୍ଦରଙ୍କୁ କାରଣ ଦର୍ଶାଅ ନୋଟିସ

**ନୂଆଦିଲ୍ଲୀ, ୨୮।୧୦ (ପି.ଟି.):** କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ହକି ଇଣ୍ଡିଆର ପୂର୍ବତନ ସଭାପତି ରାଜିନ୍ଦର ସିଂଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏକ ଶୁଣାଣି ବେଳେ ଆବଶ୍ୟକ ତଥ୍ୟ ଯୋଗାଇଦେବାରେ ସହଯୋଗ ନ କରିବା ଦ୍ୱାରା ରାଜିନ୍ଦର ସାମ୍ବିଧାନିକ କାର୍ଯ୍ୟକଳାପରେ ବାଧା ସୃଷ୍ଟି କରିଛନ୍ତି। ଏଥିଲାଗି ତାଙ୍କୁ କାହିଁକି କଠୋର ଦଣ୍ଡବିଧାନ କରା ନ ଯିବ ତାହାର ଜବାବ ରଖିବା ଲାଗି କୁହାଯାଇଛି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଅନୁସାରେ ଭାଜପା ଏମ୍‌ପି କୀର୍ତ୍ତି ଆଜାଦ ହକି ଇଣ୍ଡିଆ ଲିଗ୍ ସ୍ପନସରଶିପ୍ ପାଇଁ କମିଶନ ଏବଂ ଅନ୍ୟାନ୍ୟ କେତେକ ବାବଦରେ ଦିଆଯାଇଥିବା ରାଶିର ପରିମାଣ ଜାଣିବାକୁ ଚାହିଁଥିଲେ। ସୂଚନା କମିଶନର ଶ୍ରୀଧର ଆଚାର୍ଯ୍ୟୁଲୁ ଏସବୁର ତଥ୍ୟ ହକି ଇଣ୍ଡିଆଠାରୁ ମଗାଇଥିଲେ। ଆଜାଦ କିନ୍ତୁ କମିଶନଙ୍କ ନିକଟରେ ଆବେଦନ କରି କହିଥିଲେ ହକି ଇଣ୍ଡିଆଠାରୁ ମିଳିଥିବା ତଥ୍ୟରେ ସେ ସନ୍ତୁଷ୍ଟ ନୁହନ୍ତି। ଶୁଣାଣି ବେଳେ ହକି ଇଣ୍ଡିଆ ପକ୍ଷରୁ ଦର୍ଶାଯାଇଥିଲା ଯେ, ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତି ଆକ୍ରୋଶ ମନୋଭାବ ଯୋଗୁ ଭାଜପା ଏମ୍‌ପି ଜଣକ ହକି ଇଣ୍ଡିଆଠାରୁ ବିଭିନ୍ନ ବିଷୟ ଜାଣିବାକୁ ଚାହିଁଛନ୍ତି।

### ହାଫ୍ ମାରାଥନ୍‌ରେ ବିଶ୍ୱ ରେକର୍ଡ

**ପ୍ୟାରିସ, ୨୮।୧୦ (ଏଏଫ୍‌ପି):** କେନିଆର ଡିଷ୍ଟାନ୍ସ ରନର ଆବ୍ରାହମ କିପ୍‌ଟମ୍ ଭାଲେନ୍‌ସିଆ ରେସ୍ ଜିତିଛନ୍ତି। ସେ ୫୮ ମିନିଟ୍ ଓ ୧୮ ସେକେଣ୍ଡ ଟାଇମିଂ ସହ ହାଫ୍ ମାରାଥନରେ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଇଥିଓପିଆର ଜର୍ସିନେ ଟାଡିସେଙ୍କ ନାମରେ ରହିଥିଲା। ୮ ବର୍ଷ ପୂର୍ବେ ୨୦୧୦ ମାର୍ଚ୍ଚରେ ୫୮ ମିନିଟ ୨୩ ସେକେଣ୍ଡ ଟାଇମିଂରେ ଲିସ୍‌ବନ ହାଫ୍ ମାରାଥନ ଜିତି ସେ ରେକର୍ଡର ଅଧିକାରୀ ହୋଇଥିଲେ। ଗତମାସରେ କୋପେନହେଗେନ ହାଫ୍ ମାରାଥନରେ ୨୯ ବର୍ଷୀୟ କିପ୍‌ଟମ୍ ଦ୍ୱିତୀୟ ହୋଇଥିଲେ। ୨୦୧୭ ଅକ୍ଟୋବରରେ ଆମଷ୍ଟରଡାମଠାରେ ସେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୨ଘଣ୍ଟା ୫ ମିନିଟ୍ ଓ ୨୬ ସେକେଣ୍ଡରେ ରେସ୍ ଶେଷ କରିଥିଲେ।

#### ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ୍

### ମୟୂରୀ, ଅସିଫ ଚାମ୍ପିୟନ

**ଭୁବନେଶ୍ୱର, ୨୮।୧୦(କ୍ରୀଡ଼ା ପ୍ରତିନିଧି):** ଶହୀଦ ନଗର ଇନ୍‌ଡୋର ହଲ୍‌ରେ ୧୩ତମ ରାଜ୍ୟ ର୍‍ୟାଙ୍କିଙ୍ଗ ଟେବୁଲ ଟେନିସ ଚାମ୍ପିୟନଶିପ୍ ରବିବାର ଶେଷ ହୋଇଛି। ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ(କେଡିଟିଟିଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ମହିଳା ବିଭାଗରେ ମୟୂରୀ ଚାଟାର୍ଜୀ ଓ ପୁରୁଷରେ ଅସିଫ୍ ହକ୍ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ମୟୂରୀ ୪-୨ରେ ସମର୍ଥା ପୃଷ୍ଟିଙ୍କୁ ଏବଂ ଅସିଫ୍ ୪-୨ରେ ବିକାଶ କୁମାର ସିଂଙ୍କୁ ପରାସ୍ତ କରିଛନ୍ତି। ବାଳକ ବିଭାଗରେ ସାହିଲ ଶୁଭମ୍ ଭୂୟାଁ, ୪୦ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନରେ ସୁଜିତ ରାୟ, ୫୦ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନରେ ଦେବାଶିଷ ଗୋପେ, ୬୦ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନରେ ରବୀନ୍ଦ୍ର କୁମାର ସାହୁ, ଭେଟେରାନ ଡବଲ୍ସରେ ପି.କେ. ସାମନ୍ତରାୟ-ସ୍ମୃତିରଞ୍ଜନ ଦାସ ଏବଂ କର୍ପୋରେଟ୍ କପ୍ ପୁରୁଷ ସିଙ୍ଗଲ୍ସରେ ଅନିର୍ବାଣ ରାୟ ଚାମ୍ପିୟନ ହୋଇଛନ୍ତି। ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର ସୁରେଶ ଚନ୍ଦ୍ର ମହାରଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବତନ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନ ପ୍ରଦୀପ କୁମାର ସାମନ୍ତରାୟ, କେଡିଟିଟିଏ ସମ୍ପାଦକ ସ୍ମୃତିରଞ୍ଜନ ଦାସ, ଯୁଗ୍ମ ସମ୍ପାଦକ ଶଶାଙ୍କ ମହାପାତ୍ର, ଆୟୋଜକ କମିଟି ସମ୍ପାଦକ ବିଜନ କୁମାର ମହାପାତ୍ର, ରମାକାନ୍ତ ସାହୁ, ଅଶୋକ କୁମାର ପନ୍, ନିରଞ୍ଜନ ସେଠୀ, ନରେନ୍ଦ୍ର କୁମାର ପାଲ, ମୁଖ୍ୟ ରେଫରି ତପନ ଖାଁ, ରେଫରି ସୁଜିତ ରାୟ, କେ.ଏସ.ଏନ.ମୂର୍ତ୍ତି, କେ.ଚିନ୍ନା ରାଓ ଏବଂ କେ.ଭି.ପି. ରାମାରାଓ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ଓଡ଼ିଶା ୫୮/୦

**କଟକ ଅଫିସ,୨୮।୧୦:** ସନ୍‌ସାଇନ୍ ଗ୍ରାଉଣ୍ଡରେ ଚାଲିଥିବା ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଓଡ଼ିଶା-ଝାଡ଼ଖଣ୍ଡ ମ୍ୟାଚ୍‌ର ଦ୍ୱିତୀୟ ଦିବସ ଖେଳ ବର୍ଷା ଓ ଖରାପ ପାଗ ଯୋଗୁ ବାଧାପ୍ରାପ୍ତ ହୋଇଛି । ଶନିବାର ପ୍ରଥମ ଇନିଂସ୍ ବ୍ୟାଟିଂ କରୁଥିବା ଝାଡ଼ଖଣ୍ଡ ୯ ଉଇକେଟ ହରାଇ ୨୯୭ରନ୍ କରିଥିବା ବେଳେ ରବିବାର ଆଉ ୧୮ରନ୍ ଯୋଡ଼ିବାକୁ ସକ୍ଷମ ହୋଇଥିଲା। ଶ୍ରେଷ୍ଠ ସିଂ ଅନ୍ତିମ ଉଇକେଟଟି ଦଖଲ କରିଥିଲେ । ଜବାବରେ ଓଡ଼ିଶା ୨୮ଟି ଓଭର ଖେଳି ବିନା ଉଇକେଟରେ ୫୮ରନ୍ କରିଛି । ସଙ୍କେତ ବେହେରା ୨୩ରନ୍, ବିଶ୍ୱଜିତ ପାତ୍ର ୨୦ରନ୍‌ରେ ଅପରାଜିତ ଅଛନ୍ତି ।



କଳିଙ୍ଗ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସରେ ଚାମ୍ପିୟନ ଚାଇନା ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ ।

### ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସ

# ଚାଇନାକୁ ଟାଇଟଲ

ଭୁବନେଶ୍ୱର, ୨୮।୧୦
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସ ଚାମ୍ପିୟନ୍‌ଶିପ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ହଂକଂକୁ ୨୫-୮ ପଏଣ୍ଟରେ ହରାଇ ଚାଇନା ଚାମ୍ପିୟନ ହୋଇଛି। ବ୍ରୋଞ୍ଜ ପଦକ ମୁକାବିଲାରେ ଭାରତ ୫-୨୫ ପଏଣ୍ଟରେ ଥାଇଲାଣ୍ଡଠାରୁ ହାରି ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ଦୁବାଇରେ ଅନୁଷ୍ଠିତ ପ୍ରତିଯୋଗିତାର ଗତ

**ଭାରତ ଚତୁର୍ଥ**

ସଂସ୍କରଣରେ ମଧ୍ୟ ଭାରତ ୪ର୍ଥ ସ୍ଥାନରେ ରହିଥିଲା। ପ୍ଲେଟ୍ ଫାଇନାଲରେ କାତାର ୧୫-୧୦ ପଏଣ୍ଟରେ ଫିଲିପାଇନ୍ସକୁ ପରାସ୍ତ କରିଛି। ସେହିପରି ପ୍ଲେ-ଅଫ୍‌ରେ ୟୁଏଇ ୨୨-୦ରେ ଶ୍ରୀଲଙ୍କାକୁ ହରାଇ ୭ମ ସ୍ଥାନ ଅଧିକାର କରିଛି। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ଭାରତ ୭-୫୦ ପଏଣ୍ଟରେ ହଂକଂଠାରୁ ହାରିଥିବାବେଳେ ଚାଇନା ୪୭-୦ରେ ଥାଇଲାଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ରାଜ୍ୟପାଳ ଗଣେଶୀ ଲାଲ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ଭାରତୀୟ ରଗ୍‌ବୀ ଖେଳାଳି ତଥା ଅଭିନେତା ରାହୁଲ ବୋଷ, କ୍ରୀଡ଼ା ସଚିବ ବିଶାଲ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ମଧୁସୂଦନ ପାଢ଼ୀ, ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ ସଭାପତି ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ସମ୍ପାଦକ ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତୀୟ ଗେଟ୍‌ବଲ୍ ଦଳ ଚାମ୍ପିୟନ

ଭୁବନେଶ୍ୱର, ୨୮।୧୦
(କ୍ରୀଡ଼ା ପ୍ରତିନିଧି)

ତାଇୱାନ୍‌ର ମିଓଲିଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଗେଟ୍‌ବଲ ଚାମ୍ପିୟନଶିପ୍‌ରେ ଭାରତ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତା ଅକ୍ଟୋବର ୨୬ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜାତୀୟ ଚାମ୍ପିୟନ ହୋଇଥିବାରୁ ଓଡ଼ିଶା ଗେଟ୍‌ବଲ ଟିମ୍‌କୁ ଭାରତୀୟ ଗେଟ୍‌ବଲ ୟୁନିୟନ ପକ୍ଷରୁ ତାଇୱାନ୍ ପଠାଯାଇଥିଲା। ଏହି ଦଳରେ ୫ ଖେଳାଳି ସତୀଶ ପୃଷ୍ଟି, ରଞ୍ଜନ କୁମାର ପାତ୍ର, ବିଶ୍ୱରଞ୍ଜନ ମିଶ୍ର, ଦ୍ୱିପାୟନ ପଟ୍ଟନାୟକ, ନିରଞ୍ଜନ ମଙ୍ଗରାଜ ଓ ମ୍ୟାନେଜର ସଞ୍ଜୀବ କୁମାର ପରିଡ଼ା ସାମିଲ ଥିଲେ। ଭାରତୀୟ ଦଳ ପୂର୍ବରୁ ୨୦୧୦ ବାଲି ଓ ୨୦୧୨ ଥାଇଲାଣ୍ଡରେ ଚାମ୍ପିୟନଶିପ୍ ଜିତିଥିଲା। ତେଣୁ ୬ ବର୍ଷ ବ୍ୟବଧାନରେ ଦଳ ପୁଣି ଟାଇଟଲ ହାସଲରେ ସକ୍ଷମ ହୋଇଛି। ଦଳର ସଦସ୍ୟମାନେ ୩୦ ତାରିଖରେ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି। ଭାରତୀୟ ଗେଟ୍‌ବଲ ୟୁନିୟନ ପକ୍ଷରୁ ଚଳିତ ବର୍ଷର ଇଣ୍ଡିଆନ ଓପନ୍ ଗେଟ୍‌ବଲ ଟୁର୍ନାମେଣ୍ଟ ଡିସେମ୍ବର ୨୨ ଓ ୨୩ ତାରିଖରେ ଭୁବନେଶ୍ୱରରେ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଚାଇନା, ଅଷ୍ଟ୍ରେଲିଆ, ୟୁରୋପ, ତାଇୱାନ୍, ମାକାଉ, ଜାପାନ, ଥାଇଲାଣ୍ଡ ଓ ଇଣ୍ଡୋନେସିଆ ଅଂଶଗ୍ରହଣ ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି।

## ପ୍ରଥମ ଥର କରୱା ଚୌଥ ପାଳିଲେ ବୀରୁଷ୍କା

ନୂଆଦିଲ୍ଲୀ,୨୮।୧୦

ଭାରତୀୟ ଅଧିନାୟକ ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା (ବୀରୁଷ୍କା) ପ୍ରଥମ ଥର ଶନିବାର କରୱା ଚୌଥ ପାଳନ କରିଛନ୍ତି। ଗତବର୍ଷ ବିବାହ କରିଥିବା କୋହଲି ଓ ଅନୁଷ୍କା ଏକାସଙ୍ଗେ ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ଜହ୍ନ ଦେଖିବା ସହ ଉପବାସ ଭଙ୍ଗ କରିଛନ୍ତି। ଏହାର ଫଟୋ କୋହଲି ଇନ୍‌ଷ୍ଟାଗ୍ରାମରେ ଶେୟାର କରିବା ସହ କ୍ୟାପ୍‌ଶନରେ ଲେଖିଛନ୍ତି, ମୋ ଜୀବନ, ମୋ ଦୁନିଆ ଅନୁଷ୍କା। ସେହିଭଳି ଅନୁଷ୍କା, କୋହଲିଙ୍କ ସହ ଉଠାଇଥିବା ଫଟୋ ଶେୟାର କରିଛନ୍ତି। ଦେଶର ବିଭିନ୍ନ ସ୍ଥାନରେ କରୱା ଚୌଥ ପାଳନ କରାଯାଏ। ଏହି ଅବସରରେ ମହିଳାମାନେ ତାଙ୍କ ସ୍ୱାମୀଙ୍କ ମଙ୍ଗଳ ପାଇଁ ଉପବାସ କରନ୍ତି। ଏବେ ମହିଳାଙ୍କ ଭଳି ପୁରୁଷମାନେ ମଧ୍ୟ ଏହି ଉପବାସ କରୁଛନ୍ତି। ଏପରି କି ବଲିଉଡ ଅଭିନେତା ଅଭିଷେକ ବଚ୍ଚନ, ଆୟୁଷ୍ମାନ ଖୁରାନା ଓ ପ୍ରିନ୍ସ ନାରୁଲାଙ୍କ ଭଳି ସେଲିବ୍ରିଟିମାନେ ଟୁଇଟର ଜରିଆରେ ଉପବାସ କରିଥିବା ସୂଚନା ଦେଇଛନ୍ତି।

■ ଅଲ ଓଡ଼ିଶା ଓପନ ସ୍ନୁକର

## ଆକାଶ ଚାମ୍ପିୟନ

କଟକ ଅଫିସ,୨୮।୧୦

ମାତାମଠସ୍ଥିତ ଗୋଲ୍ଡେନ କିଙ୍ଗ ସ୍ନୁକର କ୍ଲବ ପକ୍ଷରୁ ଚାଲିଥିବା ୪ର୍ଥ ଅଲ ଓଡ଼ିଶା ଓପନ ସ୍ନୁକର ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୧୧ଫ୍ରେମ ବିଶିଷ୍ଟ ଫାଇନାଲ ମୁକାବିଲାରେ ଆକାଶ ମହାପାତ୍ର ୬-୧ ଫ୍ରେମରେ ସୁବ୍ରତ ଦାସଙ୍କୁ ପରାସ୍ତ କରି ଚଳିତ ସଂସ୍କରଣର ଚାମ୍ପିୟନ ଟାଇଟଲ ହାସଲ କରିଛନ୍ତି । ପ୍ରଥମ ଫ୍ରେମ ଖେଳକୁ ଆକାଶ ୫୮-୪୬, ଦ୍ୱିତୀୟ ଫ୍ରେମକୁ ୬୬-୫, ତୃତୀୟ ଫ୍ରେମକୁ ୬୨-୧, ଚତୁର୍ଥ ଫ୍ରେମକୁ ୭୨-୧୩ରେ ଜିତିଥିଲେ। ୫ମ ଫ୍ରେମରେ ସୁବ୍ରତ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଏହି ଫ୍ରେମକୁ ୬୪-୫୪ରେ ବିଜୟୀ ହୋଇ ସ୍ଥିତିକୁ ୪-୧ରେ ପହଞ୍ଚାଇଥିଲେ। ମାତ୍ର ପରବର୍ତ୍ତୀ ୨ଟି ଫ୍ରେମ ପୁନର୍ବାର ଆକାଶ ଜିତି ମ୍ୟାଚ୍‌କୁ ନିଜ ଅକ୍ତିଆରକୁ ଆଣିଥିଲେ । ୬ଷ୍ଠ ଫ୍ରେମ ୬୫-୩୬ ଓ ୭ମ ଫ୍ରେମ ୭୦-୪୧ରେ ଆକାଶ ବିଜୟୀ ହୋଇଛନ୍ତି। ସରୋଜ ଦାସ ଫାଇନାଲ ମ୍ୟାଚ୍ ରେଫ୍ରି ରହିଥିବା ବେଳେ ଅନୁଜ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବର ମ୍ୟାନେଜର ଜ୍ଞାନରଞ୍ଜନ ବେହେରା ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ଅଲ ଓଡ଼ିଶା ଓପନ ସ୍ନୁକର ଚାମ୍ପିୟନ ଆକାଶ ମହାପାତ୍ର (ବାମ)ଓ ରନର୍ସଅପ୍ ସୁବ୍ରତ ଦାସ (ଡାହାଣ)।

## ଓଡ଼ିଶା ବାଳିକା ଦଳ ରନର୍ସଅପ

କଟକ ଅଫିସ,୨୮।୧୦

ଆସାମର ଗୁଆହାଟୀରେ ଚାଲିଥିବା ୨୨ତମ ଜାତୀୟ ଜୁନିୟର ସିପକ୍‌ଟାକ୍ର ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ରନର୍ସଅପ ହୋଇଛି । ଫାଇନାଲରେ ଦଳ ୧-୨ ସେଟ୍‌ରେ ନାଗାଲାଣ୍ଡଠାରୁ ପରାସ୍ତ ହୋଇଥିଲା । ସେମିରେ ଦଳ ଉତ୍ତରପ୍ରଦେଶକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା ।



ତାଇୱାନ୍‌ର ମିଓଲିଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଗେଟ୍‌ବଲ୍‌ରେ ଚାମ୍ପିୟନ ଭାରତୀୟ ଦଳ ।

# ସନ୍ତୁଳନ ରକ୍ଷା ଲକ୍ଷ୍ୟରେ ଭାରତ

ମୁମ୍ବାଇ, ୨୮।୧୦(ପି.ଟି.)

ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆରେ ବିଜୟ ହାସଲ ପରେ ଘରୋଇ ଭାରତ ଦ୍ୱିତୀୟ ଓ ତୃତୀୟ ଦିନିକିଆରେ ଆଶାନୁରୂପ ପ୍ରଦର୍ଶନ କରିପାରିନାହିଁ। ଦ୍ୱିତୀୟ ମ୍ୟାଚକୁ ଟାଇ ରଖି ପରାଜୟରୁ ଅଳ୍ପକେ ବର୍ତ୍ତିଯାଇଥିଲେ ମଧ୍ୟ ଭାରତ ତୃତୀୟ ମ୍ୟାଚ୍‌ରେ ମାମୁଲି ପ୍ରଦର୍ଶନ କରି ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲା। ସୋମବାର ସ୍ଥାନୀୟ କ୍ରିକେଟ କ୍ଲବ ଅଫ ଇଣ୍ଡିଆ (ସିସିଆଇ)ବ୍ରାବୋର୍ଣ୍ଣ ଷ୍ଟାଡିୟମରେ ଚତୁର୍ଥ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ୫ ମ୍ୟାଚ୍ ବିଶିଷ୍ଟ ଏହି ଦିନିକିଆ ସିରିଜ ୧-୧ ସମାନସ୍ତରରେ ରହିଥିବା ବେଳେ ସିରିଜ ବିଜୟ ହାସଲ କରିବାକୁ ହେଲେ ଉଭୟ ଦଳକୁ ଏହି ମ୍ୟାଚ ଜିତିବା ଅପରିହାର୍ଯ୍ୟ ହୋଇପଡିଛି। ଫଳରେ ଦୁଇ ଦଳ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି ହୋଇଛି। କ୍ରମାଗତ ଦୁଇଟି ମ୍ୟାଚ୍‌ରେ ବିଫଳ ହେବା ପରେ ଭାରତ ନିଜର ଦୁର୍ବଳତା ସମ୍ପର୍କରେ ଓ ଦଳରେ ସନ୍ତୁଳନ ନ ଥିବା ହୃଦୟଙ୍ଗମ କରିଛି। ଏବେ ଦଳରେ ସନ୍ତୁଳନ ରକ୍ଷା ଉପରେ ଭାରତ ଧ୍ୟାନ ଦେବ। ତେବେ ଦଳରେ କେତୋଟି ପରିବର୍ତ୍ତନ କରିବାକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପଛଘୁଞ୍ଚା ଦେବନାହିଁ। ପୁଣେରେ ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ୫ଜଣ ସ୍ପେଶାଲିଷ୍ଟ ବୋଲରଙ୍କୁ ନେଇ ଭାରତ ପଡିଆକୁ ଓହ୍ଲାଇଥିଲା। ତେବେ ଏହା କାମ ଦେଲା ନାହିଁ। ଯାହା ଫଳରେ ଭ୍ରମଣକାରୀ ଦଳ ୪୩ ରନରେ ବିଜୟୀ ହୋଇଥିଲା। ୱେଷ୍ଟଇଣ୍ଡିଜ ମଧ୍ୟ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲା। ଆଘାତ ସମସ୍ୟାରୁ ମୁକ୍ତ ହୋଇଥିବା ଅଲରାଉଣ୍ଡର କେଦାର ଯାଦବ ଦଳକୁ ଫେରିବା ନିଶ୍ଚିତ ମନେହେଉଛି। ଦଳରେ ସନ୍ତୁଳନ ନ ଥିଲେ ହାରିବା ନିଶ୍ଚିତ। ତେଣୁ ଚତୁର୍ଥ ମ୍ୟାଚ୍‌ରେ ଆମେ ସନ୍ତୁଳନ ରକ୍ଷା ଉପରେ କାର୍ଯ୍ୟକରି ପଡିଆକୁ ଓହ୍ଲାଇବୁ ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି କହିଛନ୍ତି। ଭାରତର ମିଡଲ ଅର୍ଡର ସମସ୍ୟାରେ ଏପର୍ଯ୍ୟନ୍ତ ସୁଧାର ଆସିନାହିଁ। ପୁଣି ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଭଲ ଉଇକେଟ କିପିଙ୍ଗ କରୁଥିଲେ ମଧ୍ୟ ବ୍ୟାଟିଂରେ କ୍ରମାଗତ ବିଫଳ ପ୍ରଦର୍ଶନ କରୁଛନ୍ତି। ଇଂଲଣ୍ଡରେ ବିଶ୍ୱକପ୍ ଆୟୋଜନ ହେବାପୂର୍ବରୁ ଭାରତ ହାତରେ ଆଉ ମାତ୍ର ୧୫ଟି ଦିନିକିଆ ବାକି ରହିଛି। ଏପରିସ୍ଥଳେ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଏହା ଚିନ୍ତାର ବିଷୟ ହୋଇଛି। ଟି୨୦ ଦଳରୁ ବାଦ ପଡିବା ପରେ ଧୋନୀ ଦିନିକିଆରେ ଅଧିକ ରନ୍ ସଂଗ୍ରହ କରିବାକୁ ଚାହିଁବେ। ବିଶ୍ୱକପ୍ ପୂର୍ବରୁ ତାଙ୍କ ପାଖରେ ଆଉ ମାତ୍ର ସୀମିତ ସୁଯୋଗ ରହିଛି।

**ଆଜି ଚତୁର୍ଥ ଦିନିକିଆ**

■ ସ୍ଥାନ: ସିସିଆଇ, ମୁମ୍ବାଇ ■ ସମୟ: ଅପରାହ୍ନ ୧.୩୦
■ ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟୱର୍କ

# ରାଜ୍ୟ ବଧିର ଚେସ୍: ପ୍ରତିମା, ସୁଶାନ୍ତ ଚାମ୍ପିୟନ

ଭୁବନେଶ୍ୱର, ୨୮।୧୦(କ୍ରୀଡ଼ା ପ୍ରତିନିଧି)

ପଳାସପଲ୍ଲୀସ୍ଥିତ ଓ.ଏ.ଡି. ପରିସରରେ ୨୧ତମ ରାଜ୍ୟ ସିନିୟର ମହିଳା, ପୁରୁଷ, ଜୁନିୟର ବାଳିକା, ବାଳକ ବଧିର ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ରାଜ୍ୟ ବଧିର କ୍ରୀଡ଼ା ପରିଷଦ ଭୁବନେଶ୍ୱର ଆନୁକୂଲ୍ୟରେ ଜାତୀୟ ଚେସ୍ ପାଇଁ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୧୦ ଜିଲାରୁ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୫ ରାଉଣ୍ଡ ବିଶିଷ୍ଟ ଖେଳରେ ପୂରା ୫ ପଏଣ୍ଟ ଲେଖାଏ ପାଇ ମହିଳାରେ କଟକର ପ୍ରତିମା ଦଳାଇ ଏବଂ ପୁରୁଷରେ ଖୋର୍ଦ୍ଧାର ସୁଶାନ୍ତ କୁମାର ସାହୁ ଚାମ୍ପିୟନ ହୋଇଛନ୍ତି। ସେହିପରି ବାଳକ ବିଭାଗରେ ଖୋର୍ଦ୍ଧାର ବିପିନ ବିହାରୀ ସାହୁ ୪ ଓ ବାଳିକାରେ ମୟୂରଭଞ୍ଜର ସୁଭଦ୍ରା କିସ୍‌କୋ ୩ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦଳଗତ ଭାବେ ଖୋର୍ଦ୍ଧା ଚାମ୍ପିୟନ ଓ କଟକ ରନର୍ସଅପ୍ ହୋଇଛି। ଏହି ପ୍ରତିଯୋଗିତାରୁ ପ୍ରଦର୍ଶନଭିତ୍ତିରେ ନିମ୍ନଲିଖିତ ୧୫ ଖେଳାଳି ରାଜସ୍ଥାନର ଜୟପୁରଠାରେ ହେବାକୁଥିବା ୨୧ତମ ଜାତୀୟ ବଧିର ଚେସ୍‌ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଥିବା ଆୟୋଜକ ଓଡ଼ିଶା ବଧିର କ୍ରୀଡ଼ା ପରିଷଦର ସମ୍ପାଦକ ନିରଞ୍ଜନ ଯୋଶୀ ପ୍ରକାଶ କରିଛନ୍ତି। ସିନିୟର ପୁରୁଷ ବିଭାଗରେ ସୁଶାନ୍ତ କୁମାର ସାହୁ, ବାବୁଲା କୁମାର ଜତୀ(ସମ୍ବଲପୁର), ସଞ୍ଜୟ ମହାପାତ୍ର(କଟକ), ପଲୁରି ୟଙ୍କତା ରାଓ(ସମ୍ବଲପୁର), ହେମନ୍ତ କୁମାର ଆଚାର୍ଯ୍ୟ(ଗଞ୍ଜାମ), କାହ୍ନୁ ଚରଣ ମହାପାତ୍ର(ଖୋର୍ଦ୍ଧା) ଓ ନିପୁନ ଆଦିତ୍ୟ ମହାନ୍ତି(ଖୋର୍ଦ୍ଧା)। ମହିଳା ବିଭାଗରେ ପ୍ରତିମା ଦଳାଇ, ମମତା ପ୍ରହରାଜ(ଉଭୟେ କଟକ), ଦେବଯାନୀ ସାହୁ(ଖୋର୍ଦ୍ଧା), ବାଳକରେ ବିପିନ ବିହାରୀ ସାହୁ, ରିଙ୍କୁ ସାହୁ, ଦୀପକ ପ୍ରଧାନ(ସମସ୍ତେ ଖୋର୍ଦ୍ଧା) ଏବଂ ବାଳିକାରେ ସୁଭଦ୍ରା କିସ୍‌କୋ ଓ ପ୍ରୀତିଲତା ବେହେରା(ଉଭୟେ ମୟୂରଭଞ୍ଜ) ମନୋନୀତ ହୋଇଛନ୍ତି।

ଭୁବନେଶ୍ୱରସ୍ଥିତ ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ସଭାପତି ଅନ୍ତର୍ଜାତୀୟ ଭିନ୍ନକ୍ଷମ ବ୍ୟାଡ୍‌ମିଣ୍ଟନ ଖେଳାଳି ଅସିତ୍ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ ସୁରକ୍ଷା ସଶକ୍ତୀକରଣ ଓ ଭିନ୍ନକ୍ଷମ ବିଭାଗର ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ଟ୍ରଫି, ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସେ ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟ ବଧିର କ୍ରୀଡ଼ା ପରିଷଦକୁ ସମସ୍ତ ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ନିଶିଥ କୁମାର ମହାନ୍ତି(ଓଏସ୍‌ସିଡି ଭାଇସ୍ ଚେୟାରମ୍ୟାନ) ଓ ଅନ୍ତର୍ଜାତୀୟ ଅଭିଜ୍ଞସମ୍ପନ୍ନ ଚେସ୍ ପ୍ରଶିକ୍ଷକ ସତ୍ୟରଞ୍ଜନ ପଟ୍ଟନାୟକ(ଫିଡେ ଇନ୍‌ଷ୍ଟ୍ରକ୍ଟର) ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପି.କେ. ମହାପାତ୍ର ସ୍ୱାଗତ ଏବଂ ସମ୍ପାଦକ ନିରଞ୍ଜନ ଯୋଶୀ ଧନ୍ୟବାଦ ଦେଇଥିଲେ। ପ୍ରତିଷ୍ଠାତା ସଭ୍ୟ ବିଜୟ କୁମାର ପରିଡ଼ା ଉପସ୍ଥିତ ଥିଲେ।



ରାଜ୍ୟ ବଧିର କ୍ରୀଡ଼ାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

**ଖୋର୍ଦ୍ଧା ଦଳଗତ ଚାମ୍ପିୟନ, କଟକ ରନର୍ସଅପ୍**

## ଫ୍ରେଞ୍ଚ ଓପନରେ ଭାରତର ଅଭିଯାନ ଶେଷ

ପ୍ୟାରିସ,୨୮।୧୦(ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକଧାରୀ ସାତ୍ତ୍ୱିକରାଜ ରାନ୍‌କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ପରାଜୟ ସହ ଚଳିତ ଫ୍ରେଞ୍ଚ ଓପନରେ ଭାରତର ଅଭିଯାନ ଶେଷ ହୋଇଛି। ଶନିବାର ରାତି ଖେଳାଯାଇଥିବା ସେମିଫାଇନାଲରେ ଭାରତୀୟ ଯୋଡ଼ିକୁ ବିଶ୍ୱର ଶୀର୍ଷ ର୍‍ୟାଙ୍କ ଯୋଡ଼ି ମାର୍କୁସ ଫେର୍ନାଲଡି ଗିଡେନ ଓ ଭେନ ସଞ୍ଜୟ ସୁକାମୁଲଜୋ ହରାଇ ଦେଇଛନ୍ତି। ବିଶ୍ୱ ମାନ୍ୟତାର ୨୫ତମ ଯୋଡ଼ି ସାତ୍ତ୍ୱିକ ଓ ଚିରାଗଙ୍କ ଯୋଡ଼ି ୧୨-୨୧, ୨୪-୨୬ ଗେମ୍‌ରେ ଇଣ୍ଡୋନେସିଆ ଖେଳାଳିଙ୍କଠାରୁ ହାରି ଯାଇଛନ୍ତି। ସମାନ ଯୋଡ଼ି ବିପକ୍ଷରେ ଏହା ଭାରତୀୟ ଯୋଡ଼ିର କ୍ରମାଗତ ୪ର୍ଥ ପରାଜୟ। ଏହି ଦୁଇ ଖେଳାଳିଙ୍କ ପରାଜୟ ସହ ଚଳିତ ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଛି। ଏଥିପୂର୍ବରୁ ସିଙ୍ଗଲ୍ସ ବର୍ଗରେ ଅଂଶଗ୍ରହଣ କରିଥିବା ସାଇନା ନେହ୍ୱାଲ, ପି. ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ଅଭିଯାନ ଶେଷ କରିଥିଲେ।



ଜଓ୍ବାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ



### ବସ୍-ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୧ଗୁରୁତର

**ସୁନ୍ଦରଗଡ଼, ୨୮।୧୦(ଡି.ଏନ.ଏ.)-** ସୁନ୍ଦରଗଡ଼ ଏମସିଏଲ ରାସ୍ତାର ରଙ୍ଗିଆମୁଣ୍ଡା ମହୁଲପାଲି ନିକଟରେ ରବିବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାବେଳେ ଯାତ୍ରୀବାହୀ ବସ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଘଟଣାସ୍ଥଳରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ ବାଇକ ଆରୋହୀଙ୍କ ନାମ ରଜତ ନାଏକ (୨୨)। ତାଙ୍କ ଘର ଲେଫ୍ରିପଡ଼ା ଅଞ୍ଚଳରେ। ରଜତ ଓ ତାଙ୍କ ସାଙ୍ଗ କୃଷ୍ଣଚନ୍ଦ୍ର ସାହୁ (୨୩) ଓଡ଼ି ୧୬ ସି ୪୬୧୪ ନଂ. ବିଶିଷ୍ଟ ବାଇକ୍ ଯୋଗେ ସୁନ୍ଦରଗଡ଼ରୁ ଲେଫ୍ରିପଡ଼ା ଫେରୁଥିଲେ। ରଙ୍ଗିଆମୁଣ୍ଡା ମହୁଲପାଲି ମଝିରେ ରାୟଗଡ଼ରୁ ସୁନ୍ଦରଗଡ଼ ଆସୁଥିବା ସିଜି ୧୪ ଜି ୦୨୧୪ ନଂ. ରାଧେଶ୍ୟାମ ଟ୍ରାଭେଲସ ନାମକ ଯାତ୍ରୀବାହୀ ବସ ସହିତ ଧକ୍କା ହୋଇଥିଲା। ରଜତ ବସ ଚକା ତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଆରୋହୀଙ୍କୁ ସୁଦରଗଡ଼ ଡ଼ାକ୍ତରଖାନାକୁ ପଠାଇଥିଲା। ବସ ଓ ବାଇକ ଜବତ କରିଛି। ଏନେଇ ସଦର ଥାନାରେ ଏକ ଦୁର୍ଘଟଣା ମାମଲା (ନଂ. ୧୮୩/୨୦୧୮) ରୁଜୁ ହୋଇଛି।

■ ୫୪ବର୍ଷର ସୋନପୁର କଲେଜ

# ମିଳୁନି ସରକାରୀ ମାନ୍ୟତା

**ସୋନପୁର,୨୮।୧୦(ନି.ପ୍ର.)**

ସୋନପୁର କଲେଜ ସୁବର୍ଣ୍ଣପୁର ଜିଲାର ସର୍ବପୁରାତନ କଲେଜ। ୧୯୬୪ମସିହାରେ ପ୍ରତିଷ୍ଠା ହୋଇଥିଲା ଏହି କଲେଜ। ସମଗ୍ର ପଶ୍ଚିମ ଓଡିଶାରେ ଶିକ୍ଷାଦାନ କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନର ସ୍ୱତନ୍ତ୍ର ସ୍ଥାନ ରହିଛି। ଅଭିଭାବକମାନେ ନିଜର ପିଲାଙ୍କୁ ଏଠାରେ ପଢାଇବା ବେଳେ ଅଧ୍ୟାପକ ଓ କର୍ମଚାରୀଙ୍କ ଅଭାବ ରହିଛି। ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଏବଂ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆବଶ୍ୟକ ଅଧ୍ୟାପକ ବିନା କିପରି ଶିକ୍ଷାଦାନର ବ୍ୟବସ୍ଥା କରାଯାଇ ପାରିବ ତାହାକୁ ନେଇ ପ୍ରଶ୍ନ ଉଠୁଛି। ଏହି କଲେଜରେ ଯୁକ୍ତଦୁଇ ଓ ଯୁକ୍ତତିନି କଳା, ବିଜ୍ଞାନ ଓ ବାଣିଜ୍ୟରେ ପ୍ରାୟ ୧୪ଶହରୁ ଅଧିକ ଛାତ୍ରୀଛାତ୍ର

## ଅଧ୍ୟାପକ, କର୍ମଚାରୀ ସାଙ୍ଗକୁ ଶ୍ରେଣୀଗୃହ ଅଭାବ

ପାଇଁ ପ୍ରାଥମିକତା ଦେଇଥାନ୍ତି। ହେଲେ ପରିତାପର ବିଷୟ ଜିଲା ମୁଖ୍ୟାଳୟରେ ଥିବା ଏହି କଲେଜଟି ଏ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ପାଇନି। ଏହି ଦାବିକୁ ଅଣଦେଖା କରାଯାଉଛି। ଜିଲା ଗଠନର ୨୫ବର୍ଷ ବିତି ଯାଇଥିଲେ ହେଁ ସରକାର ଉଚ୍ଚଶିକ୍ଷାକୁ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ଭିତ୍ତିଭୂମି କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନ ବହୁ ପଛରେ ପଡିଥିବା ଅଧ୍ୟୟନ କରୁଛନ୍ତି। ଏତେ ସଂଖ୍ୟକ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଥିବା ବେଳେ ଆବଶ୍ୟକ ଅଧ୍ୟାପକ ନ ଥିବାରୁ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି।

ସଂଗୃହୀତ ତଥ୍ୟ ଅନୁଯାୟୀ କଲେଜର ଅଧ୍ୟକ୍ଷ ପଦ ଗତ ୨୦୧୨ ଜାନୁୟାରୀ ୧ ତାରିଖରୁ ଖାଲି ପଡିଛି। ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦ୍ୱାରା ଏହି କାମ ଚାଲିଛି। ଅର୍ଥନୀତି, ଇତିହାସ, ଶିକ୍ଷା, ଓଡିଆ ଓ ଉଭିଦ ବିଜ୍ଞାନ ବିଷୟରେ ଗୋଟିଏ ଲେଖାଏଁ ଅଧ୍ୟାପକ ପଦବୀ ଖାଲିପଡିଛି। ସମ୍ମାନ ବିଷୟରେ ଅଧ୍ୟାପକ ମରୁଡି ଯୋଗୁଁ ପାଠପଢା ବ୍ୟାହତ ହେଉଛି। ବ୍ଲକଗ୍ରାଣ୍ଟ ଅଧ୍ୟାପକଙ୍କ ଭରସାରେ କଲେଜରେ ପାଠପଢା ଚାଲିଛି। ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ କେବିକେ ଅଞ୍ଚଳର କଲେଜମାନଙ୍କରୁ ଅଧ୍ୟାପକମାନଙ୍କୁ ଅନ୍ୟତ୍ର ବଦଳି ବେଳେ ସେମାନଙ୍କ ସ୍ଥାନ ପୂରଣ ନହେବା ପର୍ଯ୍ୟନ୍ତ ବଦଳି ହୋଇ ପାରିବ ନାହିଁ ବୋଲି ନିର୍ଦ୍ଦେଶ ରହିଛି । ମାତ୍ର ଏଠାରେ ଏହି ନିୟମ ପାଳନ କରା ଯାଉ ନ ଥିବା ଅଭିଯୋଗ ହେଉଛି। କଲେଜର ୧୨ରୁ ଊର୍ଦ୍ଧ୍ୱ ନନ୍ ଟିଚିଂ ଷ୍ଟାଫ ପଦ ମଧ୍ୟ ଖାଲି ପଡିଛି। ଏମାନଙ୍କ ମଧ୍ୟରେ ମୁଖ୍ୟ କିରାଣୀ ଗୋଟିଏ, ବରିଷ୍ଠ କିରାଣୀ ଗୋଟିଏ, କନିଷ୍ଠ କିରାଣୀ ଗୋଟିଏ, ଝାଡୁଦାର ଗୋଟିଏ, ଓ୍ବାଚ୍ ମ୍ୟାନ ଗୋଟିଏ ଓ ୩ଟି ପିଅନ ପଦ ଖାଲି ପଡିଛି। ସେହିଭଳି ଏଠାରେ ଶତାଧିକ ଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ସେମାନଙ୍କର ଜରୁରୀକାଳୀନ ଅସୁବିଧା ପାଇଁ ମହିଳା ସହାୟିକା ପଦବୀ ଖାଲି ପଡିଛି । କଲେଜର ମାଳୀ ଓ ଷ୍ଟୋର କିପର ଭଳି ପଦରେ ମଧ୍ୟ କେହିନାହାନ୍ତି। ବର୍ତ୍ତମାନ ଏଠାରେ ଆବଶ୍ୟକ ଶ୍ରେଣୀଗୃହର ଅଭାବ ରହିଥିବା ବେଳେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ତଥା କର୍ମଚାରୀମାନଙ୍କ ପାଇଁ ଆବଶ୍ୟକ ପରିମାଣରେ ଶୌଚାଳୟର ସୁବିଧା ନାହିଁ। ଅଧ୍ୟାପକ କର୍ମଚାରୀମାନଙ୍କ ରହିବା ପାଇଁ ଷ୍ଟାଫ୍ କ୍ୱାର୍ଟରର ସୁବିଧା ନାହିଁ କି ବିଜ୍ଞାନ ବିଭାଗରେ ସ୍ୱତନ୍ତ୍ର ପରୀକ୍ଷାଗାର କିମ୍ବା ଆବଶ୍ୟକ ଯନ୍ତ୍ରପାତି ନାହିଁ। ଆବଶ୍ୟକ ଅଧ୍ୟାପକ ଓ କର୍ମଚାରୀଙ୍କ ଅଭାବ ଦୂର ହେଉ ନଥିବାରୁ କଲେଜ ତାର ପୂର୍ବ ମର୍ଯ୍ୟାଦା ହରାଉଛି। ଏ ସମ୍ପର୍କରେ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଡଃ କେଦାର ନାଥ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ଖାଲି ପଡିଥିବା ପଦବୀ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା କହିଛନ୍ତି।



ସୋନପୁର କଲେଜ ।

### ଯୁବକଙ୍କ ମୃତଦେହ ରାଜ୍ୟ ରାଜପଥରୁ ଉଦ୍ଧାର

**ସୁନ୍ଦରଗଡ଼, ୨୮।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ସହର ପାରିଜାତ ପାର୍କ ନିକଟସ୍ଥ ବାଇପାସ ଛକ ରାଜ୍ୟରାଜପଥ ଉପରୁ ରବିବାର ମଧ୍ୟାହ୍ନରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯୁବକଙ୍କ ନାମ ସୁବୋଧ ଦୀପ। ତାଙ୍କର ଘର ସଦର ଥାନା ଅନ୍ତର୍ଗତ ଟାଙ୍ଗରମୁଣ୍ଡା ଗ୍ରାମରେ। କୌଣସି ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଛି ବୋଲି ଟାଉନ ଥାନା ପୋଲିସ କହିଛି। ତାଙ୍କ ମୃତଦେହ ଉଦ୍ଧାର କରି ପୋଲିସ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତେବେ ଯୁବକଙ୍କୁ ମୃତ୍ୟୁ ଦୁର୍ଘଟଣା ଜନିତ ନୁହେଁ, ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ସେ ସୁନ୍ଦରଗଡ଼ ସହରରେ ଏକ ଦୋକାନରେ କାମ କରୁଥିଲେ। ତେବେ ତାଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ ଦିଆଯାଇ ନାହିଁ। ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଟ୍ରକ୍ ଧକ୍କାରେ ଝିଅମୃତ, ବାପା ଗୁରୁତର

■ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ୫ ଘଣ୍ଟା ରାସ୍ତା ଅବରୋଧ

**ବେଦବ୍ୟାସ, ୨୮।୧୦ (ଡି.ଏନ.ଏ)**

ରାଉରକେଲା ସହର ଉପକଣ୍ଠ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡିର କଲୁଙ୍ଗା ରେଲ ଫାଟକ ନିକଟରେ ଶନିବାର ରାତି ପ୍ରାୟ ସାଢ଼େ ୮ଟାରେ ଏକ ଦୁର୍ଘଟଣା ଘଟିଛି। ଟ୍ରକ ଧକ୍କା ଦେବା ଫଳରେ ବାପା ଗୁରୁତର ଥିବାବେଳେ ଝିଅ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ପୋଲିସ ସୂଚନାନୁଯାୟୀ କଲୁଙ୍ଗା ନିବାସୀ ବଳରାମ ସାୟଲ (୩୮), ତାଙ୍କ ଝିଅ ଖୁସି ପ୍ରିୟଦର୍ଶନୀ ସାୟଲ (୧୪) ନିଜ ହିରୋହୋଣ୍ଡା ବାଇକ ନଂ. ଓଡି ୧୪ ପି- ୪୮୧୩ ରେ ଘରୁ ବାହାରି କଲୁଙ୍ଗା ବଜାର ସ୍ଥିତ ଲକ୍ଷ୍ମୀପୂଜା ଦେଖିବାକୁ ଯାଉଥିଲେ। ବଲଣ୍ଡା ପାର୍ଶ୍ୱରୁ ବେଦବ୍ୟାସ ଆଡକୁ ଆସୁଥିବାବେଳେ ଏକ ଟ୍ରକ ନଂ. ଓଡି ୧୪ ଡି- ୮୩୭୦ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା। ଫଳରେ ବାପା ଓ ଝିଅ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଝିଅ ଖୁସି ପ୍ରିୟଦର୍ଶନୀଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବରପାଇ ସ୍ଥାନୀୟ ବାସିନ୍ଦା ପରିବାରବର୍ଗଙ୍କୁ କ୍ଷତିପୂରଣ ଦାବିରେ ପ୍ରାୟ ୪ରୁ ୫ ଘଣ୍ଟା ରାସ୍ତା ଅବରୋଧ କରି ଉତ୍ତେଜନା ସୃଷ୍ଟି କରିଥିଲେ। ଖବରପାଇ ବ୍ରାହ୍ମଣୀତରଙ୍ଗ ଥାନା ଅଧିକାରୀ ମାନସରଞ୍ଜନ ସ୍ୱାଇଁ, ଫାଣ୍ଡି ଅଧିକାରୀ ଦୁର୍ଗାଚରଣ ଜେନା, ଏସଡିପିଓ ପଦ୍ମିନୀ ସାହୁ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇଲା ପରେ ଶାନ୍ତି ବାତାବରଣ ଫେରିଥିଲା। ରବିବାର ମର୍ଗ ହାଉସରେ ଥିବା ମୃତଦେହ ବ୍ୟବଚ୍ଛେଦ କଲାପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଉଭୟ ଗାଡି ଜବତ କରିଛି। ଘଟଣାସ୍ଥଳରୁ ଟ୍ରକ ଚାଳକ ଫେରାର ହୋଇଯାଇଛନ୍ତି। ଗାଡି ମାଲିକ କ୍ଷତିପୂରଣ ବାବଦରେ ୬୦ ହଜାର ଟଙ୍କା ପରିବାର ବର୍ଗଙ୍କୁ ଦେଇଥିବା ପ୍ରକାଶ। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା (ନଂ.୨୪୦/୨୦୧୮) ରୁଜୁ କରି ଅଧିକ ତଦନ୍ତ କରୁଛି। ମୃତ ଝିଅ କଲୁଙ୍ଗା ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


DSPL-227
OSDMA
ଓଡ଼ିଶାର ବିପର୍ଯ୍ୟୟ ପ୍ରାକ୍ ସୂଚନା ବ୍ୟବସ୍ଥା କ୍ଷେତ୍ରରେ ଏକ ଅଭିନବ ପ୍ରୟାସ
ଓଡ଼ିଶା ସରକାର


ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ବିପର୍ଯ୍ୟୟ ପ୍ରାକ୍ ସୂଚନା ପ୍ରଦାନ ବ୍ୟବସ୍ଥାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ
ତାରିଖ:୨୯ ଅକ୍ଟୋବର, ୨୦୧୮ | ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର
ସଚେତନତା ଓ ସତର୍କତା ହିଁ ସୁରକ୍ଷା
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ

## ସଂକ୍ଷେପରେ

### ଡିବିଟି ଲାଗି ଆଧାର ଇକେଓ୍ବାଇସି ବ୍ୟବହାର କରିପାରିବେ ବ୍ୟାଙ୍କ

**ନୂଆଦିଲ୍ଲୀ,୨୮-୧୦:** ସବ୍‌ସିଡି ତଥା ଅନ୍ୟ ସରକାରୀ ଯୋଜନା(ଡିବିଟି)ର ହିତାଧିକାରୀଙ୍କ ସମ୍ପର୍କରେ ଯାଞ୍ଚ କରିବା ବେଳେ ବ୍ୟାଙ୍କଗୁଡିକ ଆଧାର ଇକେଓ୍ବାଇସି ବ୍ୟବହାର କରିପାରିବେ। ତେବେ ଅନ୍ୟ ଗ୍ରାହକଙ୍କ କ୍ଷେତ୍ରରେ ସେମାନେ ଆଧାର କାର୍ଡକୁ ଦେଖି ଯାଞ୍ଚ କରିପାରିବେ। ଭାରତୀୟ ବିଶିଷ୍ଟ ପରିଚୟପତ୍ର କର୍ତ୍ତୃପକ୍ଷ(ୟୁଆଇଡିଏଆଇ) ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ତେବେ ସରକାରୀ ଯୋଜନାର ଲାଭାର୍ଥୀ ନିଜ ଇଚ୍ଛାମୁତାବକ ଆଧାର କାର୍ଡ ଦେଖାଇପାରିବେ ବୋଲି କୁହାଯାଇଛି। ୟୁଆଇଡିଏଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଗତ ସପ୍ତାହରେ ବ୍ୟାଙ୍କଗୁଡିକୁ ପତ୍ର ଲେଖାଯାଇ ଏ ସମ୍ପର୍କରେ ସ୍ଥିତି ସ୍ପଷ୍ଟ କରାଯାଇଛି। ଏହାର ଏକ କିତା ନକଲ ମଧ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ପଠାଯାଇଛି। ଆଧାର ବ୍ୟବହାରକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ଆଇନ ପରାମର୍ଶ ନେବା ପରେ ହିଁ ବ୍ୟାଙ୍କଗୁଡିକୁ ପତ୍ର ଲେଖାଯାଇଛି ବୋଲି ସେ କହିଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଘରୋଇ କମ୍ପାନୀଗୁଡିକ ଆଧାର ବ୍ୟବହାର କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଥିବା ବେଳେ ଡିବିଟି ପାଇଁ ସବୁଜ ସଙ୍କେତ ଦେଇଥିଲେ।

ଭାରତ-ଆମେରିକା ରପ୍ତାନି ସବ୍‌ସିଡି ବିବାଦ

### ସମାଧାନ ପାଇଁ ଡବ୍ଲ୍ୟୁଟିଓ ଗଠନ କଲା କମିଟି

**ନୂଆଦିଲ୍ଲୀ,୨୮-୧୦:** ରପ୍ତାନି ବୃଦ୍ଧି ଲାଗି ଭାରତ ଏକାଧିକ ସାମଗ୍ରୀ ଉପରେ ସବ୍‌ସିଡି ପ୍ରଦାନ କରୁଛି ବୋଲି ଆମେରିକା ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ)ରେ ଅଭିଯୋଗ କରିଛି। କିନ୍ତୁ ଭାରତ ଏହାକୁ ଅସ୍ୱୀକାର କରୁଛି। ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ବିବାଦର ସମାଧାନ ହେଉ ନ ଥିବାରୁ ଏଥିପାଇଁ ଡବ୍ଲ୍ୟୁଟିଓ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଉଲ୍ଲେଖଥାଉ କି, ଭାରତ କେତେକ ସାମଗ୍ରୀରେ ସବ୍‌ସିଡି ଦେଉଛି ବୋଲି ଉଲ୍ଲେଖ କରି ଆମେରିକା ଡବ୍ଲ୍ୟୁଟିଓର ବିବାଦ ସମାଧାନ ମଞ୍ଚରେ ଅଭିଯୋଗ କରିଥିଲା। ଭାରତର ପଦକ୍ଷେପ ଯୋଗୁ ଆମେରିକାର ସ୍ୱାର୍ଥ ବ୍ୟାହତ ହେଉଛି ବୋଲି ଆମେରିକା କହିଥିଲା। ଜଣେ ଅଧିକାରୀ କହିଛନ୍ତି ଯେ, କମିଟିର କାର୍ଯ୍ୟ, ଶୁଣାଣି ଆଦି ସମ୍ପର୍କରେ ଦୁଇ ଦେଶକୁ ଜଣାଇ ଦିଆଯାଇଛି।

### ବର୍ଷକରେ ମହିଳା ବିଲିୟନେୟାରଙ୍କ ସଂଖ୍ୟା ୯% ବଢ଼ିଛି

**ଲଣ୍ଡନ,୨୮-୧୦:** ସାରା ବିଶ୍ୱରେ ବର୍ଷକ ଭିତରେ ମହିଳା ବିଲିୟନେୟାରଙ୍କ ସଂଖ୍ୟା ୯% ବଢ଼ିଛି। ୨୦୧୬ରେ ସେମାନଙ୍କ ସଂଖ୍ୟା ୧୯୭୯(୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ) ଥିବା ବେଳେ ୨୦୧୭ରେ ଏହା ବୃଦ୍ଧି ପାଇ ୨୧୫୮ ହୋଇଛି। ପ୍ରାଇସ ୱାଟର ହାଉସ କୁପର୍ସ ଏବଂ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ କମ୍ପାନୀ ୟୁବିଏସ୍ ପକ୍ଷରୁ ମିଳିତ ଭାବେ ଏକ ରିପୋର୍ଟ ପ୍ରକାଶ କରି ଏହା କୁହାଯାଇଛି। ୪ ବର୍ଷ ହେଲା ଏହି ରିପୋର୍ଟ ପ୍ରକାଶ କରାଯାଉଛି। ଏଥିରେ କୁହାଯାଇଛି ଯେ, ପୂର୍ବରୁ ମହିଳା ବିଲିୟନେୟାରଙ୍କ ସଂଖ୍ୟା ୭% ବଢ଼ିଥିଲା। ବର୍ଷକ ଭିତରେ ଏହି ସଂଖ୍ୟାରେ ସର୍ବାଧିକ ବୃଦ୍ଧି ହୋଇଛି। ତେବେ ଏହି ବୃଦ୍ଧି ତୁଳନାରେ ସାରା ବିଶ୍ୱରେ ମହିଳା ବିଲିୟନେୟାରଙ୍କ ପ୍ରତିନିଧିତ୍ୱ ମାତ୍ର ୧୧% ରହିଛି। ୟୁବିଏସ୍‌ର ଗ୍ଲୋବାଲ ମୁଖ୍ୟ ଯୋଶେଫ ଷ୍ଟାଣ୍ଡଲର୍ କହିଛନ୍ତି ଯେ, ଧନୀଙ୍କ ମାମଲାରେ ମହିଳାଙ୍କ ପ୍ରତିନିଧିତ୍ୱ ଏବେ ବି କମ୍ ରହିଛି। ତେବେ ଯେଭଳି ଭାବେ ସେମାନଙ୍କ ସଂଖ୍ୟା ବୃଦ୍ଧିପାଉଛି, ତାହା ବେଶ୍ ଉତ୍ସାହଜନକ। ଅର୍ଥ ରୋଜଗାର କରିବାରେ ମହିଳାଙ୍କ ତୁଳନାରେ ପୁରୁଷମାନେ ଆଗରେ ରହିଛନ୍ତି। କିନ୍ତୁ ମହିଳାଙ୍କ ନିବେଶ ବଢ଼ିଚାଲିଛି। ରିପୋର୍ଟରେ କୁହାଯାଇଛି ଯେ, ପୁରୁଷ ମାନେ ନିବେଶ ପୂର୍ବରୁ କମିଟିରେ ଥିବା ମହିଳାଙ୍କଠାରୁ ଅବଶ୍ୟ ପରାମର୍ଶ ନିଅନ୍ତି।

> ଭାରତୀୟ ବଜାରରେ ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ପିରାମିଡ୍ ଷ୍ଟ୍ରାଟେଜି ଆଧାରରେ ନୂଆ ସି-କ୍ଲାସ କାବ୍ରିଓଲେଟ୍ ମଡେଲକୁ ଆଣିଛୁ।
> – ମାଇକେଲ୍ ଜୋପ୍, ସେଲସ୍ ମାର୍କେଟିଂ ଉପସଭାପତି, ମର୍ସିଡିଜ୍ ବେଞ୍ଜ ଇଣ୍ଡିଆ



> ଇ-ମୋବିଲିଟି ପଦକ୍ଷେପ ମୁତାବକ ଚଳିତ ବର୍ଷ ଦ୍ୱିତୀୟ ଭାଗରେ କୋନା ଇଲେକଟ୍ରିକ୍ ଏସ୍‌ୟୁଭି ଆଣିବାକୁ ଯୋଜନା ରହିଛି।
> – ୱାଇ.କେ. କୋ, ସିଇଓ, ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ



ଜିଏସ୍‌ଟି ଆଦାୟ ବୃଦ୍ଧି ଲକ୍ଷ୍ୟ

# ବ୍ରିଟେନ, ଅଷ୍ଟ୍ରେଲିଆ ଢାଞ୍ଚା ଆପଣେଇବା ଯୋଜନା

**ନୂଆଦିଲ୍ଲୀ,୨୮-୧୦**

ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ ଟିକସ ଆଦାୟ ବଢୁ ନ ଥିବାରୁ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଯେତେ ଯାହା କଲେ ମଧ ଟିକସ ଫାଙ୍କି ପୂର୍ବ ପରି ଜାରି ରହିଛି। ରାଜସ୍ୱ ଆଦାୟ ବୃଦ୍ଧି ପାଇଁ ଏବେ ସରକାର ଅନ୍ୟ ବାଟ ଧରିଛନ୍ତି। ବ୍ରିଟେନ ଓ ଅଷ୍ଟ୍ରେଲିଆ ଢାଞ୍ଚାରେ ଟିକସ ଆଦାୟ ବଢ଼ାଇବାକୁ ଏବେ ନୂଆ ଯୋଜନା ପ୍ରସ୍ତୁତ ହେଉଛି। ଟିକସଦାତାଙ୍କ ମଧ୍ୟରେ ଆଇନର ଭୟ ସୃଷ୍ଟି କରିବା ସହିତ ସେମାନଙ୍କ ବ୍ୟବହାର ଅନୁଯାୟୀ ଟିକସ ଆଦାୟ ବାଟ ବାହାର କରାଯିବ। ଟିକସଦାତାଙ୍କ ବ୍ୟବହାର ଅନୁଧ୍ୟାନ କରି ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ପାଇଁ ଅନୁପ୍ରାଣିତ କରାଯିବ। ଆୟକର ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, କେନ୍ଦ୍ରୀୟ ଅପ୍ରତ୍ୟକ୍ଷ କର ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ଏ ସଂକ୍ରାନ୍ତରେ ଏକ ଟିମ୍ ଗଠନ କରିଛନ୍ତି। ଟିକସଦାତାଙ୍କ ଟିକସ ପ୍ରଦାନର ବ୍ୟବହାର ସମ୍ପର୍କରେ ଏହି ଟିମ୍ ଅଧ୍ୟୟନ କରିବ ଏବଂ ତଦନୁଯାୟୀ ଆୟକର ବିଭାଗକୁ ପଦକ୍ଷେପ ଲାଗି ସୁପାରିସ କରିବ। ଭିନ୍ନ ଭିନ୍ନ ପ୍ରକାରର ଟିକସଦାତାଙ୍କ ସହିତ ସ୍ୱତନ୍ତ୍ର ପନ୍ଥା ଆପଣାଯିବ। ଉଲ୍ଲେଖଥାଉ କି, ବ୍ରିଟେନ, ଅଷ୍ଟ୍ରେଲିଆ, ମେକ୍ସିକୋ ଭଳି ଦେଶ ନୀତି ନିର୍ଦ୍ଧାରଣ ଏବଂ ଟିକସ ଆଦାୟ ବୃଦ୍ଧି ଲାଗି 'ବ୍ୟବହାର ଆଧାରିତ ଯୋଜନା' ଗ୍ରହଣ କରିଛନ୍ତି। ଅଧିକାରୀଙ୍କ କହିବାନୁଯାୟୀ ବ୍ୟବହାର ପଦ୍ଧତିକୁ ଆଧାର କରି ଆୟକର ବିଭାଗ ପକ୍ଷରୁ ଟିକସଦାତାଙ୍କୁ ୪ଟି ଶ୍ରେଣୀରେ ବଣ୍ଟାଯିବ। ସେଗୁଡିକ ହେଲା- ଟିକସ ଦେବାରୁ ଦୂରେଇ ରହିବା(ଡିସ୍‌ଏନଗେଜ୍‌ଡ), ଆଶଙ୍କାଗ୍ରସ୍ତ ଟିକସଦାତା ଯିଏକି ଚିନ୍ତା ଦୂର ହେବା ପରେ ଟିକସ ଦେଇଥାନ୍ତି(ରେସଷ୍ଟର୍ସ), ଟିକସ ପ୍ରଦାନରେ ଅସୁବିଧାର ସମ୍ମୁଖୀନ ହେଉଥିବା (ଟ୍ରାୟର୍ସ) ଏବଂ ସମର୍ଥକ (ସପୋର୍ଟର୍ସ)।

ଯୋଜନା ସମ୍ପର୍କରେ ବିସ୍ତାରିତ ଭାବେ ଉଲ୍ଲେଖ କରି ଉକ୍ତ ଅଧିକାରୀ କହିଛନ୍ତି ଯେ, ଜାଣିଶୁଣି ଟିକସ ଖିଲାପ କରୁ ନ ଥିବା ଏଭଳି ବ୍ୟକ୍ତିବିଶେଷ/ସଂସ୍ଥା ପ୍ରତି ଆୟକର ବିଭାଗ ନରମ ମନୋଭାବ ପୋଷଣ କରିବ। ବ୍ୟକ୍ତିଗତ ଇ-ମେଲ୍ ପଠାଇ ସେମାନଙ୍କୁ ଟିକସ ପ୍ରଦାନ ଲାଗି ପ୍ରବର୍ତ୍ତାଯିବ। ଏହାଛଡା ଆର୍ଥିକ ସଙ୍କଟ ସମୟରେ କିସ୍ତିରେ ସେମାନେ ଯେପରି ଟିକସ ପ୍ରଦାନ କରିପାରିବେ ସେ ନେଇ ଆଇନଗତ ସୁବିଧା ସମ୍ପର୍କରେ ମଧ ସେମାନଙ୍କୁ ସୂଚନା ପ୍ରଦାନ କରାଯିବ। ବିଭିନ୍ନ ଶ୍ରେଣୀର ଟିକସଦାତାଙ୍କ ସହିତ ଆୟକର ବିଭାଗ ଭିନ୍ନ ଭିନ୍ନ ପଦ୍ଧତି ଆପଣାଇବ। ଟିକସଦାତାଙ୍କ ଠାରୁ ରାଜସ୍ୱ ଆଦାୟ ଲାଗି ସେମାନଙ୍କ ସହ କିପରି ବ୍ୟବହାର କରିବାକୁ ପଡିବ ସେ ନେଇ ଟିମ୍ ପକ୍ଷରୁ ଫିଲ୍ଡ ଅଫିସରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଜିଏସ୍‌ଟି ପ୍ରିନ୍ସିପାଲ ଡାଇରେକ୍ଟର ଜେନେରାଲ ଖୁବ୍‌ଶୀଘ୍ର ଟିମ୍ ସହ ଆଲୋଚନା କରି ଯୋଜନା ସମ୍ପର୍କରେ ସ୍ଥିର କରିବେ। ଟିକସଦାତାଙ୍କ ବ୍ୟବହାର ପରିବର୍ତ୍ତନ ପାଇଁ ସାମାଜିକ ବ୍ୟବସ୍ଥା, ସ୍ୱଚ୍ଛତା ଓ ସମାନତା ଏବଂ ଟିକସ ପ୍ରଦାନ ପାଇଁ ଆଗ୍ରହ ସୃଷ୍ଟି ଉପରେ ଧ୍ୟାନ ଦିଆଯିବ ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଉଲ୍ଲେଖଥାଉ କି, ଗତ ବର୍ଷ ଜୁଲାଇ ପହିଲାରୁ ଦେଶରେ ଜିଏସ୍‌ଟି ଲାଗୁ କରାଯାଇଛି। ବିଗତ ବର୍ଷକ ମଧ୍ୟରେ ନୂଆ ଆଇନ ଲାଗୁ ହେବା ପରେ ଏଥିରେ ସ୍ଥିରତା ଆସିଛି। ଏଣୁ ସରକାର ଏବେ ଟିକସ ନିୟମ ପାଳନ ଏବଂ ଫାଙ୍କି ରୋକିବା ଉପରେ ଜୋର୍ ଦେଉଛନ୍ତି।

- ଟିକସଦାତାଙ୍କ ବ୍ୟବହାର ଅନୁଧ୍ୟାନ କରାଯିବ
- ସିବିଆଇସି ପକ୍ଷରୁ ଟିମ୍ ଗଠନ
- ୪ଶ୍ରେଣୀରେ ବିଭକ୍ତ ହେବେ ଟିକସଦାତା




ଜିଏସ୍‌ଟି କାଉନସିଲ ବୈଠକ

### ୩୦ଥର ବସି ୯୧୮ଟି ନିଷ୍ପତ୍ତି ନିଆଯାଇଛି

**ନୂଆଦିଲ୍ଲୀ,୨୮-୧୦:** କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧକ୍ଷତାରେ ୩୦ ଥର ଜିଏସ୍‌ଟି କାଉନସିଲ ବୈଠକ ବସିଥିଲା ଏବଂ ଏଥିରେ ୯୧୮ଟି ନିଷ୍ପତ୍ତି ନିଆଯାଇଥିଲା। ରବିବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। କାଉନସିଲ୍‌ରେ କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ବ୍ୟତୀତ ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ଅର୍ଥ ମନ୍ତ୍ରୀ, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀମାନେ ସଦସ୍ୟ ରହିଛନ୍ତି। ଏହା ୨୦୧୬ ସେପ୍ଟେମ୍ବର ୧୫ରେ ଗଠନ କରାଯାଇଥିଲା। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିବୃତିରୁ ଜଣାପଡିଛି ଯେ, ଇତିମଧ୍ୟରେ ୨୯୪ ବିଜ୍ଞପ୍ତି ଜରିଆରେ ୯୬ ପ୍ରତିଶତ ନିଷ୍ପତ୍ତିକୁ ଲାଗୁ କରାଯାଇସାରିଲାଣି। ଅବଶିଷ୍ଟ ନିଷ୍ପତ୍ତି ଲାଗୁ ହେବାକୁ ଯାଉଛି।

# ଗୋଦରେଜ ଇଣ୍ଟେରିଓର ନୂଆ ଫ୍ଲାଗଶିପ୍ ଶୋ'ରୁମ



**ଭୁବନେଶ୍ୱର,୨୮-୧୦**


ପ୍ରମୁଖ ଫର୍ନିଚର ଏବଂ ଇଣ୍ଟେରିୟର ସଲ୍ୟୁସନ ପ୍ରଦାନକାରୀ କମ୍ପାନୀ ଗୋଦରେଜ୍ ଇଣ୍ଟେରିଓ ପକ୍ଷରୁ ନୂଆ ଫ୍ରାଞ୍ଚାଇଜି ଶୋ'ରୁମ ସାନ୍‌ଭି ଫର୍ଣ୍ଣିଚର ଆଣ୍ଡ ଫର୍ଣ୍ଣିସିଂ ଭୁବନେଶ୍ୱର ପାତ୍ରପଡ଼ାଠାରେ ଖୋଲିଛି। କମ୍ପାନୀର ବିକ୍ରି ବିଭାଗ ବରିଷ୍ଠ ପ୍ରବନ୍ଧକ ପ୍ରବୋଧ କୁମାର ଦାସ, ଶୋ'ରୁମର ସ୍ୱତ୍ୱାଧିକାରୀ ଜ୍ୟୋତି ଶଙ୍କର ମହାନ୍ତି, ଡ. ଏଲୋରା ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଷ୍ଟୋରରେ ଗ୍ରାହକମାନେ ଗୋଦରେଜ୍‌ର ସୋଫା, ବେଡ୍, ହୋମ୍ ଫର୍ଣ୍ଣିସିଂ, ହୋମ୍ ଫର୍ନେସ, ମଡ୍ୟୁଲାର ଷ୍ଟୋରେଜ୍ ସଲ୍ୟୁଶନ, ଡାଇନିଂ ଡେକୋର, ମ୍ୟାଟ୍ରେସ କଲେକ୍ସନ ଭଳି କମ୍ପାନୀର ଅନ୍ୟାନ୍ୟ ପ୍ରଡକ୍ଟ ଲାଭ କରିବାକୁ ସକ୍ଷମ ହେବେ। ଏହା ୫୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଗ୍ରାହକମାନେ ଏଠାରେ ସହଜ ଫାଇନାନ୍ସ ଦ୍ୱାରା ପ୍ରଡକ୍ଟ କ୍ରୟ କରିବାକୁ ସକ୍ଷମ ହେବେ। ଏହି ନୂଆ ଷ୍ଟୋର ଗ୍ରାହକଙ୍କ ଆବଶ୍ୟକତା ପୂରଣ ଦିଗରେ ସହାୟକ ହେବ ବୋଲି ବରିଷ୍ଠ ପ୍ରବନ୍ଧକ ପ୍ରବୋଧ କୁମାର ଦାସ କହିଛନ୍ତି। ଏହି ଅବସରରେ କମ୍ପାନୀର ଆସିଷ୍ଟାଣ୍ଟ ସେଲସ୍ ମ୍ୟାନେଜର ବିବେକାନନ୍ଦ ନାୟକ ଉପସ୍ଥିତ ଥିଲେ।

# ବାଣ, ଦହନଶୀଳ ସାମଗ୍ରୀ ପରିବହନ ବିରୋଧରେ ରେଲୱେର ଅଭିଯାନ

**ଭୁବନେଶ୍ୱର,୨୮-୧୦**

ଦୀପାବଳିକୁ ନଜରରେ ରଖି ପାସେଞ୍ଜର, ମେଲ୍ ଏବଂ ଏକ୍ସପ୍ରେସ ଟ୍ରେନରେ ବାଣ ତଥା ଦହନଶୀଳ ସାମଗ୍ରୀଗୁଡିକର ପରିବହନ ରୋକିବା ନେଇ ରେଲୱେ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ଏ ନେଇ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଟ୍ରେନ ଯାତ୍ରା ସମୟରେ ଦହନଶୀଳ ସାମଗ୍ରୀ ପରିବହନକୁ ନିଷେଧ କରାଯାଇଥିବା ରେଲୱେ ସୂଚନା ଦେଇଛି। ପୂର୍ବତଟ ରେଳପଥ ଏହାର ସମସ୍ତ ମଣ୍ଡଳ ଯଥା- ଖୋର୍ଦ୍ଧାରୋଡ୍, ସମ୍ବଲପୁର ଏବଂ ୱାଲଟିୟାରରେ ଯାତ୍ରୀ ସୁରକ୍ଷାକୁ ନିଶ୍ଚିତ କରାଇବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରିଛି। ଦହନଶୀଳ ସାମଗ୍ରୀ ପରିବହନ ଉପରେ ନଜର ରଖିବାକୁ ରେଲୱେ ପକ୍ଷରୁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ଯାତ୍ରା ସମୟରେ ବାଣ, ଗ୍ୟାସ୍ ସିଲିଣ୍ଡର, ଏସିଡ୍, ପେଟ୍ରୋଲ୍, କିରୋସିନ ଭଳି ଦହନଶୀଳ ସାମଗ୍ରୀ ଏବଂ ବିସ୍ଫୋରକ ପରିବହନ ୧୯୮୯ ଆଇନ ଆଧାରରେ ଦଣ୍ଡନୀୟ ଅପରାଧ। ଏଥିଲାଗି ଅପରାଧୀଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ହୋଇପାରେ। ଏ ନେଇ ଯତ୍ନବାନ ହେବାକୁ ଯାତ୍ରୀଙ୍କୁ ରେଲୱେ ପକ୍ଷରୁ ସୂଚନା ରହିଛି। ଦହନଶୀଳ ସାମଗ୍ରୀ ନେଇ ଯଦି କୌଣସି ବ୍ୟକ୍ତି ବିଶେଷ ଯାତ୍ରା କରୁଥାନ୍ତି ଏ ନେଇ ଟିଟିଇ, କୋଚ୍ ଆଟେଣ୍ଡାଣ୍ଟ, ଟ୍ରେନର ଗାର୍ଡ, ଷ୍ଟେଶନ ମ୍ୟାନେଜର, ଆରପିଏଫ୍ ଏବଂ ଜିଆରପିଙ୍କୁ ଜଣାଇବାକୁ ଯାତ୍ରୀଙ୍କୁ କୁହାଯାଇଛି। ଟ୍ରେନରେ ବାଣ ପରିବହନ ହେଉଥିଲେ ୧୮୨ ଟୋଲ ଫ୍ରି ନମ୍ବରକୁ ଯାତ୍ରୀମାନେ ସୂଚନା ଦେଇପାରିବେ ବୋଲି ରେଲୱେ ପ୍ରକାଶ କରିଛି।

- ଦହନଶୀଳ ସାମଗ୍ରୀ ପରିବହନ ନିଷେଧ
- ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ହୋଇପାରେ
- ୧୮୨ ଟୋଲ ଫ୍ରି ନମ୍ବରକୁ ସୂଚନା ଦେଇ ପାରିବେ ଯାତ୍ରୀ
- ପଦସ୍ଥ ଅଧିକାରୀ ତୁରନ୍ତ ସୂଚନା ଦେବାକୁ ପରାମର୍ଶ




### ସାମସଙ୍ଗ ପକ୍ଷରୁ ଗାଲାକ୍ସି ଟ୍ୟାବ୍ ଏସ୍ ୪



**ଭୁବନେଶ୍ୱର,୨୮-୧୦**

ସାମସଙ୍ଗ ପକ୍ଷରୁ ବଜାରକୁ ଆସିଛି ନୂଆ ଗାଲାକ୍ସି ଟ୍ୟାବ୍ ଏସ୍ ୪। ଏହା ଏକ ୨ ଇନ୍ ୱାନ୍ ଟ୍ୟାବଲେଟ୍ ହୋଇଥିବା ବେଳେ ଏଥିରେ ସାମସଙ୍ଗ ଡେକ୍ସ ଓ ଏସ୍ ପେନ୍ ରହିଛି। ସ୍ମାର୍ଟ ତଥା ଦ୍ରୁତ ଭାବେ କାର୍ଯ୍ୟ କରିବାରେ ଏହା ସହାୟତା ପ୍ରଦାନ କରିବ। ଏଥିରେ ଅତ୍ୟାଧୁନିକ ଡିଜାଇନ୍, ଡିସ୍ପଲେ, ୪ ସ୍ପିକର, ଉନ୍ନତ ମାନର ମନୋରଞ୍ଜନ ସୁବିଧା ଗ୍ରାହକ ପାଇପାରିବେ। ଏହି ପ୍ରିମିୟମ ଟାବ୍‌ଲେଟ୍ ଗ୍ରାହକଙ୍କ ଜୀବନ ଶୈଳୀକୁ ଏହା ସହଜ କରିବାରେ ବିଶେଷ ଭାବେ ସହାୟକ ହେବ ବୋଲି ସାମସଙ୍ଗ ଇଣ୍ଡିଆର ମୋବାଇଲ ବ୍ୟବସାୟ ମହାପ୍ରବନ୍ଧକ ଆଦିତ୍ୟ ବବର ସୂଚନା ଦେଇଛନ୍ତି।

ବିମୁଦ୍ରୀକରଣର ପ୍ରଭାବ

# ସଂସଦୀୟ କମିଟିରେ ହାଜର ହେବେ ଉର୍ଜିତ

**ନୂଆଦିଲ୍ଲୀ,୨୮-୧୦**




ବିମୁଦ୍ରୀକରଣ ସମ୍ପର୍କରେ ତଥ୍ୟ ପ୍ରଦାନ ଲାଗି ଆର୍ଥିକ ବ୍ୟାପାର ସଂସଦୀୟ କମିଟି ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନଭେମ୍ବର ୧୨ରେ ସେ ହାଜର ହୋଇ କମିଟିକୁ ତାଙ୍କର ବକ୍ତବ୍ୟ ପ୍ରଦାନ କରିବେ। ଏହି ମାମଲାରେ ଉର୍ଜିତ ତୃତୀୟଥର ପାଇଁ ସଂସଦୀୟ କମିଟି ସମ୍ମୁଖରେ ହାଜର ହେବାକୁ ଯାଉଛନ୍ତି। ଗତ ଦୁଇ ବର୍ଷ ହେବ କଂଗ୍ରେସର ବରିଷ୍ଠ ସାଂସଦ ବିରାପ୍ପା ମୋଇଲିଙ୍କ ନେତୃତ୍ୱରେ ସଂସଦୀୟ କମିଟି ବିମୁଦ୍ରୀକରଣ ସମ୍ପର୍କରେ ଯାଞ୍ଚ କରୁଛନ୍ତି। ଏହି କମିଟିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ ସଦସ୍ୟ ରହିଛନ୍ତି। ଉଲ୍ଲେଖଥାଉ କି, ୨୦୧୬ ନଭେମ୍ବର ୮ତାରିଖ ରାତିରେ କେନ୍ଦ୍ର ସରକାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ରଦ୍ଦ କରିଦେଇଥିଲେ। ଏହା ରଦ୍ଦ ହେବା ପରେ ଦେଶବାସୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଏହାଛଡା ଉକ୍ତ ବୈଠକରେ ପଟେଲ ଅନିୟନ୍ତ୍ରିତ ଜମା ଯୋଜନା ବିଲ୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ରିଜର୍ଭ ବ୍ୟାଙ୍କର ମତାମତ ମଧ କମିଟି ସମ୍ମୁଖରେ ଉପସ୍ଥାପନ କରିବେ। ଏ ସମ୍ପର୍କରେ ଉଲ୍ଲେଖ କରି ମୋଇଲି କହିଛନ୍ତି ଯେ, ବିମୁଦ୍ରୀକରଣର ପ୍ରଭାବ ସମ୍ପର୍କରେ କମିଟି ଅଧିକ ତଥ୍ୟ ଆବଶ୍ୟକ କରୁଛନ୍ତି। ଏହି କାରଣରୁ ଉର୍ଜିତ ପଟେଲଙ୍କୁ ଡକାଯାଇଛି। ଉଲ୍ଲେଖଥାଉ କି, ବିମୁଦ୍ରୀକରଣ ଉପରେ କମିଟି ଗତ ଅଗଷ୍ଟରେ ଏକ ଚିଠା ରିପୋର୍ଟ ପ୍ରସ୍ତୁତ କରିଥାନ୍ତେ। କିନ୍ତୁ ନିଶିକାନ୍ତ ଦୁବେଙ୍କ ନେତୃତ୍ୱରେ ଭାଜପା ଏମ୍‌ପିମାନେ ଏହାକୁ ବିରୋଧ କରିଥିଲେ।

# କେନ୍ଦ୍ରର ବଜେଟ୍ ପ୍ରକ୍ରିୟା ଆରମ୍ଭ

**ନୂଆଦିଲ୍ଲୀ,୨୮-୧୦**

## ମନ୍ତ୍ରଣାଳୟଗୁଡ଼ିକରୁ ପ୍ରସ୍ତାବ ମଗାଗଲା

କେନ୍ଦ୍ର ସରକାର ସାଧାରଣ ବଜେଟ୍ ଲାଗି ଏବେଠାରୁ ବଜେଟ୍ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିଲାଗି ପ୍ରସ୍ତାବ ଦେବାକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ମନ୍ତ୍ରଣାଳୟ ଓ ସମ୍ପୃକ୍ତ ବିଭାଗ ଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୧୯ରେ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏହା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ପାଇଁ ଶେଷ ବଜେଟ୍ ହେବ। ଚଳିତ ମାସ ଆରମ୍ଭରୁ ଅର୍ଥ ମନ୍ତ୍ରଣାଳୟ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ବଜେଟ୍ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରକ୍ରିୟା ଆରମ୍ଭରେ ଇସ୍ପାତ, ଶକ୍ତି, ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ସହ ଅର୍ଥ ମନ୍ତ୍ରଣାଳୟର ବୈଠକ ବସିବାକୁ ଯାଉଛି। ଏହି ବୈଠକରେ ଚଳିତ ଆର୍ଥିକ ବର୍ଷ ଲାଗି ସଂଶୋଧିତ ବ୍ୟୟକୁ ମଞ୍ଜୁରୀ ପ୍ରଦାନ କରାଯିବ ଏବଂ ଆସନ୍ତା ବର୍ଷ ଲାଗି ବ୍ୟୟ ଲକ୍ଷ୍ୟ ଧାର୍ଯ୍ୟ କରାଯିବ। ଏହି ବୈଠକ ନଭେମ୍ବର ୧୬ ତାରିଖ ଯାଏ ଚାଲିବ। ବଜେଟ୍‌ରେ ସାମିଲ କରାଯିବା ସମ୍ଭବ ଏଭଳି ପ୍ରସ୍ତାବ ସମ୍ପର୍କରେ ଆଗୁଆ ସୂଚନା ଦେବାକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସମ୍ପୃକ୍ତ ମନ୍ତ୍ରଣାଳୟଗୁଡିକର ସଚିବମାନଙ୍କ ପାଖକୁ ପତ୍ର ଲେଖାଯାଇଛି। ଲୋକ ସଭା ନିର୍ବାଚନ ଦୃଷ୍ଟିରୁ କେନ୍ଦ୍ର ସରକାର କାମ ଚଳା ବଜେଟ୍ ଉପସ୍ଥାପନ କରିବେ। ଆସନ୍ତା ବର୍ଷ ଫେବୃୟାରୀ ପହିଲାରେ ବଜେଟ୍ ଉପସ୍ଥାପନ କରାଯିବ। ପୂର୍ବରୁ ଫେବୃୟାରୀ ଶେଷ ଦିନରେ ବଜେଟ୍ ଉପସ୍ଥାପନ କରାଯାଉଥିଲା। ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ପରିବର୍ତ୍ତନ କରାଯାଇଛି।

ଆଇବିସି ଯୋଗୁ ସରକାର ଉତ୍ସାହିତ

# ଚଳିତବର୍ଷ ୧.୮ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ଅର୍ଥ ଫେରିବ

**ନୂଆଦିଲ୍ଲୀ,୨୮-୧୦**

ଦେଶରେ ଇନସଲଭେନ୍ସି ଆଣ୍ଡ୍ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଲାଗୁ ହେବା ପରେ ଅନାଦାୟ ଋଣ ଫେରସ୍ତ ମିଳିବା ସହଜ ହୋଇଛି। ବ୍ୟାଙ୍କ ଗୁଡିକ ବୁଡି ଯାଇଥିବା ଋଣ ଫେରିପାଇଲେଣି। ଚଳିତ ଆର୍ଥିକ ବର୍ଷରେ ବୁଡ଼ି ଯାଇଥିବା ମୋଟ୍ ଋଣରୁ ପ୍ରାୟ ୧.୮୦ ଲକ୍ଷ କୋଟି ଟଙ୍କା ଫେରସ୍ତ ମିଳିବ ବୋଲି କେନ୍ଦ୍ର ସରକାର ମନେକରୁଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଆଇବିସି ଅଧୀନରେ ବଡ଼ ଆକାଉଣ୍ଟଗୁଡିକର ଋଣ ସମାଧାନ ହୋଇଛି ଅଥବା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏସାର ଷ୍ଟିଲ୍ ଏବଂ ଭୁଷଣ ପାୱାର ଆଣ୍ଡ ଷ୍ଟିଲ୍ ଭଳି କେତେକ ମାମଲାର ସମାଧାନ ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ଆଇବିସି ଓ ଅନ୍ୟ ପନ୍ଥା ମାଧ୍ୟମରେ ପ୍ରାୟ ୧.୮୦ ଲକ୍ଷ କୋଟି ଟଙ୍କା ବୁଡି ଯାଇଥିବା ଋଣ ଆଦାୟ ହେବ ବୋଲି ଆଶାକରାଯାଉଛି। ଉଲ୍ଲେଖଥାଉ କି, ଭାରତୀୟ ରିଜର୍ଭ ବ୍ୟାଙ୍କ ୧୨ଟି ବଡ଼ ଅନାଦାୟ ମାମଲାର ସମାଧାନ ଲାଗି ନ୍ୟାଶନାଲ କମ୍ପାନୀ ଲ'ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ଙ୍କ ନିକଟରେ ପଠାଇଛନ୍ତି। ଏହି ମାମଲାଗୁଡିକର ସମାଧାନ ହୋଇଗଲେ ବ୍ୟାଙ୍କଗୁଡିକ ପ୍ରାୟ ୧ଲକ୍ଷ କୋଟି ଟଙ୍କା ଆଦାୟ କରିପାରିବେ। ଆଇବିସିର ସଫଳରେ ଉତ୍ସାହିତ ହୋଇ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ ଯେ, ଏବେ ଖେଳ ବଦଳିଗଲାଣି ବୋଲି ଭାରତର ବଡ଼ ବଡ଼ ଋଣଗ୍ରହୀତା ବୁଝିସାରିଲେଣି।




# ହୋଣ୍ଡା ଗ୍ରାଜିଆ ବିକ୍ରି ୨ ଲକ୍ଷ ସ୍ତର ଟପିଲା

**ଭୁବନେଶ୍ୱର,୨୮-୧୦**

ହୋଣ୍ଡାର ଅତ୍ୟାଧୁନିକ ସହରୀ ସ୍କୁଟର ଗ୍ରାଜିଆର ବିକ୍ରି ୨ ଲକ୍ଷ ସ୍ତର ଅତିକ୍ରମ କରିଛି। ଉନ୍ମୋଚନ ହେବାର ୧୧ ମାସ ମଧ୍ୟରେ କମ୍ପାନୀ ଏହି ସଫଳତା ହାସଲ କରିବାକୁ ସକ୍ଷମ ହୋଇଛି। ଏହି ମଡେଲ ଯୁବସୁଲଭ ଅଭିନବତା ସହ ଆଧୁନିକ ଷ୍ଟାଇଲର ଏକ ଶକ୍ତିଶାଳୀ ପ୍ରଦର୍ଶନ କରୁଥିବା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛନ୍ତି। ଏହି ମଡେଲରେ ଗ୍ରାହକମାନେ ଅଲ୍ ଡିଜିଟାଲ ଇନଷ୍ଟ୍ରୁମେଣ୍ଟେଶନ, ୩ ଷ୍ଟେପ୍ ଇକୋ ସ୍ୱିଚ୍ ଇଣ୍ଡିକେଟର, ସ୍ୱଚ୍ଛ ଏଲ୍‌ଇଡି ଲ୍ୟାମ୍ପ, ସଦ୍ୟତମ ପ୍ରଯୁକ୍ତି ଲାଭ କରିବାକୁ ସକ୍ଷମ ହେବେ। ୨୦୧୭ ନଭେମ୍ବରରେ ଏହି ମଡେଲ ବଜାରକୁ ଆସିଥିଲା। ଉନ୍ମୋଚିତ ହେବାର ମାତ୍ର ୩ ମାସ ମଧ୍ୟରେ ଏହା ୫୦ ହଜାର ୟୁନିଟରୁ ଅଧିକ ବିକ୍ରି ହୋଇଥିଲା।



ଚଳିତ ବର୍ଷ ଏପ୍ରିଲରେ ଏହାର ବିକ୍ରି ୧ ଲକ୍ଷ ଟପିଥିଲା। ପରବର୍ତ୍ତୀ ୫ ମାସ ପରେ ଆଉ ୧ ଲକ୍ଷ ଗ୍ରାହକ ଯୋଡି ହୋଇଥିବା କମ୍ପାନୀ ପ୍ରକାଶ କରିଛି।



କୋହଲ ଦଣ୍ଡ ବ୍ୟବସ୍ଥା ଯୋଗୁ କେପ୍‌ଟାଉନ୍ ବଲ୍ ଟ୍ୟାମ୍ପରିଂ ଘଟଣା ଦେଖିବାକୁ ମିଳିଥିଲା।
**– ଷ୍ଟିଭ ୱ', ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ**

ତୃତୀୟ ଦିନିକିଆ ମ୍ୟାଚ ଫଳାଫଳରେ ୱେଷ୍ଟଇଣ୍ଡିଜ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନମାନେ ଫରକ ଆଣିଥିଲେ।
**–ଯଶପ୍ରୀତ୍ ବୁମ୍‌ରା, ଭାରତୀୟ ପେସ୍ ବୋଲର**




# ନଜରରେ ରହିବେ ଥମ୍ପସନ୍

**ଭୁବନେଶ୍ୱର, ୨୮।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ଦୁଇଟି ଦୁଇଟି ମେଗା ଇଭେଣ୍ଟ ଆୟୋଜନ ପାଇଁ ଓଡ଼ିଶା ଏବେ ପ୍ରସ୍ତୁତ। ରାଜଧାନୀ ଭୁବନେଶ୍ୱରରେ ଗୋଟିଏ ମାସ ମଧ୍ୟରେ ହକି ବିଶ୍ୱକପ୍ ସହିତ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆୟୋଜନ ହେବ। ହକି ଓ କ୍ରୀଡ଼ା ସହିତ କ୍ରୀଡ଼ା ସମ୍ପର୍କିତ ସାହିତ୍ୟ ଏବଂ ସାମ୍ବାଦିକତାର ମଜା ନେବା ପାଇଁ କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ଉପନୀତ ହୋଇଛି। ନଭେମ୍ବର ୨ ଓ ୩ ତାରିଖରେ ଏହି ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆୟୋଜନ ହେବ ସ୍ଥାନୀୟ ହୋଟେଲ ମେ ଫେୟାର ଲାଗୁନ୍‌ରେ। ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ହାଇପ୍ରୋଫାଇଲ ଇଭେଣ୍ଟ ଆୟୋଜନ ହେବ। ଏହା କେବଳ ଭାରତ ନୁହଁ ଏସିଆର ସର୍ବପ୍ରଥମ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ମାନ୍ୟତା ପାଇଛି। ତେଣୁ ଏହି ଇଭେଣ୍ଟରେ ଗୁରୁତ୍ୱ କେବଳ କ୍ରୀଡ଼ାପ୍ରେମୀଙ୍କ ପାଇଁ ନୁହେଁ ସାମ୍ବାଦିକତା ଓ ସାହିତ୍ୟ ଅନୁରାଗୀଙ୍କ ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ଏହି ମେଗା ଇଭେଣ୍ଟରେ ବିଶ୍ୱସ୍ତରୀୟ ସେଲିବ୍ରିଟି ମାନେ ଯୋଗଦେଇ ନିଜର ମତ ତଥା ବକ୍ତବ୍ୟ ରଖିବେ। ଏମାନଙ୍କ ମଧ୍ୟରେ ରହିଛନ୍ତି ସର୍ବାକାଳୀନ ଦ୍ରୁତତମ ବୋଲର ଭାବେ ମାନ୍ୟତା ପାଇଥିବା ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଜେଫେରୀ ରବର୍ଟ ଥମ୍ପସନ। କ୍ରିକେଟ ଜଗତରେ ସେ ଜେଫ୍ ଥମ୍ପସନ ବା 'ଥୋମୋ' ରୂପେ ବେଶ୍ ଜଣାଶୁଣା ଥିଲେ। କିମ୍ବଦନ୍ତୀ ଦ୍ରୁତ ବୋଲର ଡେନିସ ଲିଲିଙ୍କର ସେ ଓପିନଂ ପାର୍ଟନର ଥିଲେ। ଟେଷ୍ଟ କ୍ରିକେଟ ଇତିହାସରେ ଏହି ଯୋଡିଙ୍କୁ ସବୁଠାରୁ ବିପଜ୍ଜନକ ବିବେଚନା କରାଯାଉଥିଲା। ଟେଷ୍ଟ କ୍ରିକେଟ ବୋଲିଂ ଇତିହାସରେ ଥମ୍ପସନଙ୍କ ପ୍ରତିଭାକୁ ସମସ୍ତେ ସ୍ୱୀକାର କରିଥିଲେ।

ଅଷ୍ଟ୍ରେଲିଆର ନ୍ୟୁ ସାଉଥ ୱେଲ୍ସ ପ୍ରଦେଶର ଗ୍ରୀନାକ୍ରେରେ ଥମ୍ପସନ ୧୯୫୦ ଅଗଷ୍ଟ ୧୬ ତାରିଖରେ ଜନ୍ମଗ୍ରହଣ କରିଥିଲେ। ଡାହାଣହାତୀ ଫାଷ୍ଟ ବୋଲର ଥମ୍ପସନ ୧୯୭୨ ଡିସେମ୍ବର ୨୯ ତାରିଖରେ ପାକିସ୍ତାନ ବିପକ୍ଷରେ ପଦାର୍ପଣ କରିଥିଲେ। ଥମ୍ପସନ ୫୧ଟି ଟେଷ୍ଟ ଓ ୫୦ ଦିନିକିଆ ମ୍ୟାଚ ଖେଳିଥିଲେ। ସେ ଟେଷ୍ଟରେ ୨୦୦ ଓ ଦିନିକିଆରେ ୫୦ଟି ଉଇକେଟ ହାସଲ କରିଥିଲେ। ସଫଳତା ଅପେକ୍ଷା ଦ୍ରୁତଗତିରେ ବୋଲିଂ କରିବାକୁ ନେଇ ସେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ନିଜ ପିତାଙ୍କଠାରୁ ସେ ଦ୍ରୁତ ବୋଲିଂ କରିବାର କଳା ଶିକ୍ଷା କରିଥିଲେ। ୧୯୭୫ ଡିସେମ୍ବରରେ ସେ ଡବ୍ଲ୍ୟୁଏସିଏରେ ଖେଳାଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ବୋଲିଂ କରିବା ବେଳେ ତାଙ୍କର ରିଲିଜ୍ ସ୍ପିଡ୍ ଥିଲା ଘଣ୍ଟା ପ୍ରତି ୧୬୦.୪୫ କିଲୋମିଟର। ଏହାଦ୍ୱାରା ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦ୍ରୁତ ଗତିରେ ବୋଲିଂ କରୁଥିବାରୁ ସେତେବେଳର ନାମକରା ବ୍ୟାଟ୍ସମ୍ୟାନମାନେ ମଧ୍ୟ ତାଙ୍କ ବଲକୁ ଖେଳିବାରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ୧୯୭୯ରେ ଅଷ୍ଟ୍ରେଲିଆନ ଟେଲିଭିଜନ ଷ୍ଟେଶନ ଚ୍ୟାନେଲ ୯ ଦ୍ୱାରା ଆୟୋଜିତ ହୋଇଥିବା ଏକ ଦ୍ରୁତ ବୋଲିଂ ପ୍ରତିଯୋଗିତାରେ ଥମ୍ପସନ ବିଜୟୀ ହୋଇଥିଲେ। ସେତେବେଳର ଦ୍ରୁତତମ ବୋଲର ଆଣ୍ଡି ରବର୍ଟଙ୍କଠାରୁ ମଧ୍ୟ ସେ ଦ୍ରୁତ ବେଗରେ ବୋଲିଂ କରୁଥିଲେ। ରବର୍ଟଙ୍କ ଦ୍ରୁତତମ ବୋଲିଂ ରେକର୍ଡ ଥିଲା ଘଣ୍ଟପ୍ରତି ୧୫୦.୬୭ କିଲୋମିଟର । ତେବେ ତାଙ୍କର ସର୍ବାଧିକ ଗତି ଘଣ୍ଟାପ୍ରତି ୧୪୭.୯ ଥିଲା ବୋଲି ୧୯୭୫ରେ ଏକ ଅଧ୍ୟୟନରୁ ଜଣାପଡିଥିଲା। କେବଳ ଦ୍ରୁତଗତି ନୁହେଁ ଶାଣିତ ବୋଲିଂ ପାଇଁ ମଧ୍ୟ ସେ ସେତେବେଳେ ପ୍ରଶଂସିତ ହୋଇଥିଲେ। ଏତେ ଦ୍ରୁତବେଗରେ ବୋଲିଂ କରିବା ଆମେ କାହାକୁ ଦେଖି ନ ଥିଲୁ ବୋଲି ସେତେବେଳର ଜଣାଶୁଣା ବ୍ୟାଟ୍ସମ୍ୟାନମାନେ ମତ ରଖିଥିଲେ। କେବଳ ବୋଲିଂ ନୁହେଁ ତାଙ୍କ ବ୍ୟକ୍ତିତ୍ୱ ମଧ୍ୟ ବେଶ୍ ଆକର୍ଷଣୀୟ ଥିଲା। ୨୦୧୬ ଜାନୁୟାରୀ ୧୭ ତାରିଖରେ ତାଙ୍କୁ ଅଷ୍ଟ୍ରେଲିଆନ୍ ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା। ଅସାଧାରଣ ପ୍ରତିଭା ଓ ବ୍ୟକ୍ତିତ୍ୱ ପାଇଁ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଲିଟେରାରି ଫେଷ୍ଟିଭାଲରେ ତାଙ୍କ ବକ୍ତବ୍ୟ ଅନ୍ୟମାନଙ୍କୁ ପ୍ରେରଣାଦାୟୀ ହେବ ବୋଲି କୁହାଯାଇପାରେ।

ଏହି ଉତ୍ସବରେ ଆଉଜଣେ ଯୁବ କ୍ରୀଡ଼ାବିତ୍ ଯୋଗ ଦେଇ ନିଜର ବକ୍ତବ୍ୟ ଉପସ୍ଥାପନା କରିବେ। ସେ ହେଉଛନ୍ତି ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା। ମାତ୍ର ୨୦ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ନୀରଜ ଜଣେ ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍‌ର ମାନ୍ୟତା ପାଇଛନ୍ତି ଓ ଜଣେ ହାଇପ୍ରୋଫାଇଲ ସେଲିବ୍ରିଟିର ମାନ୍ୟତା ପାଇଛନ୍ତି। ହରିୟାଣାର ପାନିପତ୍‌ରେ ଜନ୍ମଗ୍ରହଣ କରିଥିବା ନୀରଜ ଜୁନିୟରସ୍ତର ପ୍ରତିଯୋଗିତାରେ ଦମ୍‌ଦାର ପ୍ରଦର୍ଶନ କରି ଅସାଧାରଣ ସଫଳତା ହାସଲ କରିଛନ୍ତି। କୋଚ୍ ୟୁଏ ହୋନଙ୍କଠାରୁ ପ୍ରଶିକ୍ଷଣ ପାଇବା ପରେ ସେ ପଛକୁ ଫେରିଚାହିଁନାହାନ୍ତି। ଭାରତୀୟ ସେନାବାହିନୀରେ ଜଣେ ଜୁନିୟର କମିଶନ୍ଡ ଅଫିସର ଭାବେ କାର୍ଯ୍ୟକରୁଥିବା ନୀରଜ ୨୦୧୬ରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପରେ ସେ ୨୦୧୬ରେ ଗୁଆହାଟୀ/ ଶିଲଂରେ ଅନୁଷ୍ଠିତ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୧୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ୨୦୧୮ରେ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ମଧ୍ୟ ସେ ଆଶାନୁରୂପ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଇଭେଣ୍ଟରେ ସେ ୮୮.୦୬ ମିଟର ଜାଭେଲିନ ଫିଙ୍ଗି ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ନୀରଜଙ୍କ ଉପସ୍ଥିତି ଖାସ୍ କରି ଯୁବପିଢି ପାଇଁ ବେଶ୍ ମହତ୍ତ୍ୱ ରଖିବ। ତାଙ୍କ ବକ୍ତବ୍ୟ ଶିକ୍ଷଣୀୟ ହେବ।



ନୀରଜ ଚୋପ୍ରା



ଜେଫ୍ ଥମ୍ପସନ

EKAMRA SPORTS LITERARY FESTIVAL 2018

# ପାକିସ୍ତାନକୁ ଦ୍ୱିତୀୟ ଟାଇଟଲ




ହକି ବିଶ୍ୱକପ୍‌ର ଚତୁର୍ଥ ସଂସ୍କରଣ ଆୟୋଜନ ହୋଇଥିଲା ୧୯୭୮ ମସିହାରେ। ଆର୍ଜେଣ୍ଟିନାର ବୁଏନ୍ସ ଆରିଜ୍‌ରେ ଅନୁଷ୍ଠିତ ଏହି ବିଶ୍ୱକପ୍‌ରେ ପାକିସ୍ତାନ ଚାମ୍ପିୟନ ହୋଇଥିଲା। ଏଥସହ ପାକିସ୍ତାନ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଥିଲା। ଟାଇଟଲ ପାଇଁ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ପାକିସ୍ତାନ ୩–୧ ଗୋଲରେ ନେଦରଲାଣ୍ଡକୁ ପରାସ୍ତ କରିଥିଲା। ଏହି ବିଶ୍ୱକପ୍‌ରେ ୧୪ଟି ଦଳ ଅଂଶଗ୍ରହଣ କରିଥିଲେ। ଆୟୋଜକ ଆର୍ଜେଣ୍ଟିନା ଅଷ୍ଟମସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ତେବେ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୪–୩ ଗୋଲରେ ପଶ୍ଚିମ ଜର୍ମାନୀକୁ ପରାସ୍ତ କରିଥିଲା। ବୁଏନ୍ସ ଆରିଜ୍‌ର କାମ୍ପୋ ଡି ପୋଲୋରେ ବିଶ୍ୱକପ୍‌ର ମ୍ୟାଚଗୁଡିକ ଖେଳାଯାଇଥିଲା। ସେମିଫାଇନାଲରେ ପାକିସ୍ତାନ ୧–୦ ଗୋଲରେ ପଶ୍ଚିମ ଜର୍ମାନୀକୁ ପରାସ୍ତ କରିଥିଲା। ସେହିପରି ଅନ୍ୟ ଏକ ସେମିଫାଇନାଲରେ ନେଦରଲାଣ୍ଡ ୩–୨ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଥିଲା। ଏହି ବିଶ୍ୱକପ୍‌ରେ ଭାରତର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନ ଥିଲା। ପଞ୍ଚମ ଓ ଷଷ୍ଠସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୨–୦ ଗୋଲରେ ସ୍ପେନ୍‌ଠାରୁ ପରାସ୍ତ ହୋଇଥିଲା। ଫଳରେ ଭାରତକୁ ଷଷ୍ଠ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ପୁଲ ଏ'ରେ ଭାରତ ସମେତ ଅଷ୍ଟ୍ରେଲିଆ, ପଶ୍ଚିମ ଜର୍ମାନୀ, ଇଂଲଣ୍ଡ, ପୋଲାଣ୍ଡ, କାନାଡ଼ା ଓ ବେଲଜିୟମ ସ୍ଥାନ ପାଇଥିଲ। ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ କାନାଡ଼ାଠାରୁ ୩–୧ ଗୋଲରେ ପରାସ୍ତ ହୋଇଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୨–୦ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଥିଲା। ତୃତୀୟ ମ୍ୟାଚ୍‌ରେ ଭାରତ ୭–୦ ଗୋଲରେ ପଶ୍ଚିମ ଜର୍ମାନୀଠାରୁ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ଇଂଲଣ୍ଡ ବିପକ୍ଷ ଚତୁର୍ଥ ମ୍ୟାଚ୍‌ରେ ଭାରତ ୧–୧ ଗୋଲରେ ମ୍ୟାଚ୍ ଅମୀମାଂସିତ ରଖିଥିଲା। ଶେଷରେ ଅନ୍ତିମ ପୁଲ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ୧–୦ ଗୋଲରେ ବେଲଜିୟମକୁ ହରାଇଥିଲା। ପୁଲ ଏ'ରେ ଅଷ୍ଟ୍ରେଲିଆ ସଫଳତମ ଦଳ ସାବ୍ୟସ୍ତ ହୋଇଥିଲା। ଅଷ୍ଟ୍ରେଲିଆ ୬ଟି ମ୍ୟାଚ୍ ଖେଳି ୫ଟି ବିଜୟ ଓ ଗୋଟିଏ ପରାଜୟ ସହ ୧୦ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ଭାରତ ୬ଟି ମ୍ୟାଚ୍ ଖେଳି ୩ଟି ବିଜୟ ଗୋଟିଏ ଡ୍ର ଓ ଦୁଇଟି ପରାଜୟ ସହ ୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲା। ପଶ୍ଚିମ ଜର୍ମାନୀ ୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଅପରପକ୍ଷରେ ପୁଲ୍ ବି'ରେ ଆୟୋଜକ ଆର୍ଜେଣ୍ଟିନା ସମେତ ପାକିସ୍ତାନ, ନେଦରଲାଣ୍ଡ, ସ୍ପେନ, ମାଲେସିଆ, ଆୟର୍ଲାଣ୍ଡ, ଇଟାଲୀ ସାମିଲ ରହିଥିଲେ। ପାକିସ୍ତାନ ୬ଟି ମ୍ୟାଚ୍ ଖେଳି ୬ଟି ବିଜୟ ସହ ମୋଟ ୧୨ ପଏଣ୍ଟ ପାଇ ପୁଲ୍ ଶୀର୍ଷରେ ରହିଥିଲା। ସେହିପରି ନେଦରଲାଣ୍ଡ ୬ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୧ ପରାଜୟ ସହ ୧୦ ପଏଣ୍ଟ ପାଇଁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଅନ୍ୟପଟେ ସ୍ପେନ୍ ୬ଟି ମ୍ୟାଚ୍ ଖେଳି ୩ ବିଜୟ ଗୋଟିଏ ଡ୍ର ଓ ଦୁଇଟି ପରାଜୟ ସହ ୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲା। ନେଦରଲାଣ୍ଡର ପଲ୍ ଲିଟିଜେନ୍ସ ସଫଳତମ ଖେଳାଳି ସାବ୍ୟସ୍ତ ହୋଇଥିଲେ। ସେ ଏହି ବିଶ୍ୱକପ୍‌ରେ ସର୍ବାଧିକ ୧୫ଟି ଗୋଲ ସ୍କୋର କରିଥିଲେ।



## ହେମନ୍ତ ଯୋଷୀ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଟିକ୍ରାପଡା ଚାମ୍ପିୟନ, ମଣ୍ଡଳ ରନର୍ସଅପ

**ବେଲପଡା,୨୮।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ସନ୍ନିକଟ ରାଉବାହାଲ ଗ୍ରାମର ହେମନ୍ତ ଯୋଷୀ ସ୍ମାରକୀ ଫୁଟବଲ କମିଟି ଓ ଗ୍ରାମବାସୀଙ୍କ ଦ୍ୱାରା ସ୍ଥାନୀୟ ଖେଳପଡିଆଠାରେ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ଟିକ୍ରାପଡା ଓ ମଣ୍ଡଳ ଦଳ ମଧ୍ୟରେ ହୋଇଥିଲା । ଦୁଇ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା। ପ୍ରଥମାର୍ଦ୍ଧରେ କୌଣସି ଦଳ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ । ଶେଷରେ ଟିକ୍ରାପଡା ୨–୧ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଜେଡି ନେତା ସରୋଜ ମେହେର ଯୋଗଦେଇଥିଲେ । ସମ୍ମାନିତ ଅତିଥିଭାବେ ମହମ୍ମଦ ସଲିମ ଓ ସନାତନ ଠାକୁର ଯୋଗଦେଇଥିଲେ। ଏହି ମ୍ୟାଚ୍‌କୁ ବିଜୟ ଖମାରୀ, ଚୈତନ୍ୟ ସାହୁ, ରାଜୀବ ସେଠ ପରିଚାଳନା କରିଥିଲେ। ଧାରାବିବରଣୀ ପ୍ରଦାନ କରିଥିଲେ ପ୍ରବୀଣ ପାଢୀ ଓ କୁଞ୍ଜ ବିହାରୀ ଅଗସ୍ତି । ପରେ କମିଟି ସଭାପତି ହେମନ୍ତ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମେହେର ଚାମ୍ପିୟନ ଟିକ୍ରାପଡା ଦଳକୁ ଟ୍ରଫି ସହ ନଗଦ ୫୦୦୧ଟଙ୍କା ଓ ସମ୍ମାନୀତ ଅତିଥି ସଲିମ ରନର୍ସଅପ ମଣ୍ଡଳ ଦଳକୁ ଟ୍ରଫି ସହ ୩୦୦୧ଟଙ୍କା ଦେଇ ପୁରସ୍କୃତ କରିଥିଲେ । ରଥାଙ୍ଗ ପାଢୀ, ବୀରେନ୍ଦ୍ର କୁମ୍ଭାର, ଗୁରୁ ଚରଣ ବଣ୍ଟି, ନାରାୟଣ, ଦିବ୍ୟ ସମେତ ଗ୍ରାମବାସୀଙ୍କ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।



ଚାମ୍ପିୟନ ଓ ରନର୍ସଅପ ଦଳର ଖେଳାଳୀଙ୍କ ସହ ଅତିଥି ଗଣ।

## ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ


# ଜୁନିୟର ସିଟି ବୁର୍ଲା ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଜୁନିୟର ସିଟି ବୁର୍ଲା ଦଳର ଖେଳାଳିମାନେ।

**ଅତାବିରା, ୨୮।୧୦(ଡି.ଏନ.ଏ.)**

ବରଗଡ ଜିଲା ଅତାବିରା ବ୍ଲକ ଅଧୀନ ଜୟ ଜଗନ୍ନାଥ କ୍ଲବ ଅମସ୍ତଲା ଆନୁକୂଲ୍ୟରେ ରବିବାର ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଲରମ୍ଭା କଲେଜ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ହୀରାକୁଦ, ଆଦିବାସୀ କ୍ଲବ(ରେଙ୍ଗାଲି), ସମଲେଶ୍ୱରୀ କ୍ଲବ(ସମ୍ବଲପୁର), କୁଦୋପାଲି, ଝୁଲିଆ, ସମ୍ବଲପୁର ସିଟି, ଜୁନିୟର ସିଟି ବୁର୍ଲା ଓ ସାଇନିଂ ଷ୍ଟାର ବରଗଡ ସମେତ ମୋଟ ୮ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଜୁନିୟର ସିଟି ବୁର୍ଲା ଓ ହୀରାକୁଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଜୁନିୟର ସିଟି ବୁର୍ଲା ଦଳ ୧–୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଖେଳକୁ ସନ୍ତୋଷ ଗଡତିଆ, ମନୋଜ ଭୁୟାଁ, ଶୁଭମ ପାତ୍ର, ଗୋପାଳ ନାୟକ, ସୁଶିଲ ମହାକୁର ପରିଚାଳନା କରିଥିଲେ। ପ୍ରମୋଦ ଚନ୍ଦ୍ର ସେଟ, ସଜିନ ମହାକୁର ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥିଭାବେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ସରପଞ୍ଚ ବିକାଶ ଭୋଇ, ଲରମ୍ଭା କଲେଜ ଅଧ୍ୟକ୍ଷ ଧନେଶ୍ୱର ମେହେର, ପ୍ରଧାନଶିକ୍ଷକ ଅଶ୍ୱିନୀ ପ୍ରଧାନ, ବିନୟ କୁମାର ନାୟକ, ରାକେଶ ସାହୁ, ଅଧ୍ୟାପକ ପବିତ୍ର ମାହାଣା, ଚିତ୍ତରଞ୍ଜନ ଛନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥିମାନେ ବିଜୟୀ ଦଳ ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଅମସ୍ତଲା ଜୟ ଜଗନ୍ନାଥ ଯୁବକ ସଂଘର ସଦସ୍ୟମାନେ ସହଯୋଗ କରିଥିଲେ।






## ସଂକ୍ଷେପରେ

### ବାରଙ୍ଗରେ ହେବ କ୍ୟାନ୍ସର ଇନ୍‌ଷ୍ଟିଚ୍ୟୁଟ

#### ଜାଗା ଚିହ୍ନଟ କରି ଫେରିଲା ଟିମ୍

**ବାରଙ୍ଗ, ୨୮।୧୦ (ଡି.ଏନ୍.ଏ.):** ବାରଙ୍ଗ ବ୍ଳକରେ ପ୍ରତିଷ୍ଠା ହେବ କ୍ୟାନ୍ସର ଇନ୍‌ଷ୍ଟିଚ୍ୟୁଟ। ଏଥିପାଇଁ କଟକ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରର ଏକ ଟିମ୍ ଶନିବାର ଏଠାରେ ପହଞ୍ଚି ଜାଗା ଚିହ୍ନଟ କରି ଫେରିଛି। ୩୦ ଏକର ପରିମିତ ଜାଗାରେ ହେବାକୁ ଥିବା ଏହି କ୍ୟାନ୍ସର ଇନ୍‌ଷ୍ଟିଚ୍ୟୁଟ ରାମଦାସପୁର ପଞ୍ଚାୟତ ଚଣ୍ଡୀପ୍ରସାଦ ଓ ରତାଗଡ଼ ଗ୍ରାମର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରତିଷ୍ଠା ହେବ। କର୍କଟ କେନ୍ଦ୍ର ନିର୍ଦ୍ଦେଶକ ଲଲାଟେନ୍ଦୁ ଷଡ଼ଙ୍ଗୀ, ସିଡିଏମ୍‌ଓ ବିଭୂତି ନାୟକ, ବାରଙ୍ଗ ତହସିଲ କାର୍ଯ୍ୟାଳୟ କର୍ମଚାରୀଙ୍କ ସହ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଜାଗାର ସ୍ଥିତି, ଏଠାକାର ପାରିପାର୍ଶ୍ୱିକ ପରିସ୍ଥିତି, ଯାତାୟାତ ସୁବିଧା ଆଦି ଦିଗକୁ ଅନୁଧ୍ୟାନ କରି ଫେରିଥିବା ବାରଙ୍ଗ ତହସିଲଦାର ରମେଶ ଚନ୍ଦ୍ର ଜେନା କହିଛନ୍ତି।

### ଜଳବାୟୁ ପରିବର୍ତ୍ତନ ରୋକିବାରେ ଶିଳ୍ପାନୁଷ୍ଠାନର ଗୁରୁଦାୟିତ୍ୱ ରହିଛି

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ):** ଅତ୍ୟଧିକ ତାପମାତ୍ରା ବୃଦ୍ଧି ଫଳରେ ଭାରତର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ଖରାପ ପାଣିପାଗ ପରିସ୍ଥିତି ସୃଷ୍ଟି ହେଉଛି। ଉତ୍ତର ଭାରତଠାରୁ ଆରମ୍ଭ କରି ଦକ୍ଷିଣ ଭାରତ ପର୍ଯ୍ୟନ୍ତ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସଦ୍ୟ ଦେଖିବାକୁ ମିଳିଛି। ଏହାକୁ ରୋକିବା ପାଇଁ ଶିଳ୍ପାନୁଷ୍ଠାନଗୁଡ଼ିକର ଅନେକ ଗୁରୁଦାୟିତ୍ୱ ରହିଛି ବୋଲି ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମେମ୍ବର ସେକ୍ରେଟାରୀ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି। ସ୍ଥାନୀୟ ଏକ ହୋଟେଲରେ 'ଜଳବାୟୁ ପରିବର୍ତ୍ତନ ଓ ଶିଳ୍ପ' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ଦେବୀଦତ୍ତ ରାଜ୍ୟରେ ବିକଳ୍ପ ଶକ୍ତିର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ରଷ୍ଟ୍ରଦୂତ ଅବସର ବେଉରିଆ ଯୋଗଦେଇ ଚେନ୍ନାଇ, କେରଳ ଏବଂ ଦକ୍ଷିଣ ଓଡ଼ିଶାରେ ଘଟିଯାଇଥିବା ପ୍ରଳୟଙ୍କରୀ ବନ୍ୟା ଓ ବାତ୍ୟାର ଉଦାହରଣ ଦେଇ କହିଥିଲେ, ଜଳବାୟୁ ପରିବର୍ତ୍ତନ ରୋକିବାରେ ଆମ ସମସ୍ତଙ୍କ ଦାୟିତ୍ୱ ରହିଛି। ବର୍ତ୍ତମାନ ସମୟରେ ମଣିଷ ତା'ର ଦୈନନ୍ଦିନ ଜୀବନରେ ଯନ୍ତ୍ରାଂଶ ଉପରେ ବିଶେଷ ନିର୍ଭର କରୁଛି। ବିଶ୍ୱ ତାପମାତ୍ରା ବୃଦ୍ଧିରେ ଏହା ଏକ ମୁଖ୍ୟ କାରଣ ପାଲଟିଛି। ଏହାକୁ ରୋକିବା ଜରୁରୀ। ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ ଓ ସେଣ୍ଟର ଫର୍ ରୁରାଲ ଡେଭେଲପମେଣ୍ଟର ପ୍ରତିନିଧି ଭାବେ ପ୍ରଫେସର ଉପେନ୍ଦ୍ର ପାଢ଼ୀ ଯୋଦେଇଥିଲେ। ସମ୍ମିଳନୀର ତିନୋଟି ଅଧିବେଶନରେ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ଯୋଗଦେଇ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ଜଙ୍ଗଲ ଓ ପରିବେଶ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରୁରାଲ ଡେଭେଲପମେଣ୍ଟ ଫାଉଣ୍ଡେଶନ ଏବଂ ସେଣ୍ଟର ଫର୍ ରୁରାଲ ଡେଭେଲପମେଣ୍ଟ ଆନୁକୁଲ୍ୟରେ ଏହି ସମ୍ମିଳନୀ ଆୟୋଜିତ ହେଉଛି।




#### ଯାଜପୁରରେ କଳାହାଣ୍ଡିର ମହୁରି ମହୋତ୍ସବ

# ପଶ୍ଚିମକୁ ପୂର୍ବ ଭାଗ ସହିତ ଯୋଡିବାର ଅଭିନବ ପ୍ରୟାସ

**ଯାଜପୁର ଅଫିସ,୨୮।୧୦**

ଏକାଦଶତମ ମହୁରି ମହୋତ୍ସବ-୨୦୧୮ ଯାଜପୁର ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ରବିବାର ପାଳିତ ହୋଇଯାଇଛି। କନ୍ଧମାଳ ଲୋକସଭା ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମହୁରିର କଳାହାଣ୍ଡିରୁ ଯାଜପୁର ଯାତ୍ରା ନିଶ୍ଚିତ ଭାବେ ସାହିତ୍ୟ ଜଗତକୁ ଏକ ବାର୍ତ୍ତା ଦେଇଛି ବୋଲି ସେ ମତପ୍ରକାଶ କରିଥିଲେ। ମହୁରିର ମୁଖ୍ୟ ସମ୍ପାଦକ ଭବାନୀଶଙ୍କର ନିଆଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବର ପ୍ରଥମ ଅଧିବେଶନରେ ସମାଲୋଚକ ହରପ୍ରସାଦ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ମହୁରି କେବଳ ଏକ ସାହିତ୍ୟ ପତ୍ରିକା ନୁହେଁ ବରଂ ଏହା ଏକ ଆନ୍ଦୋଳନରେ ପରିଣତ ହୋଇସାରିଛି। ପଶ୍ଚିମ ଓଡିଶାର କଳା ଓ ସଂସ୍କୃତିର ମାଟି କଳାହାଣ୍ଡିରୁ ଜନ୍ମ ନେଇଥିବା ଏହି ପତ୍ରିକା ଏକ ସାହିତ୍ୟ ଆନ୍ଦୋଳନ ସ୍ୱରୂପ। ଯାଜପୁର ସହରରେ

**ଯୁବ ପ୍ରାବନ୍ଧିକ ଚନ୍ଦ୍ରଶେଖର ପାଇଲେ ମହୁରି ସମ୍ମାନ**

ଏକାଦଶତମ ଉତ୍ସବ ପାଳନ କରିବା ଓଡିଆ ସାହିତ୍ୟ ପାଇଁ ନିଶ୍ଚିତ ଭାବେ ଏକ ଶୁଭ ସୂଚନା । ଏହା ଓଡିଶାର ପଶ୍ଚିମକୁ ପୂର୍ବ ଭାଗ ସହିତ ଯୋଡିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି ବୋଲି ଦାସ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଯୁବ ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତାଙ୍କୁ ୨୦୧୮ ବର୍ଷ ପାଇଁ ମହୁରି ସମ୍ମାନ ପ୍ରଦାନ କରାଯାଇଥିଲା। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଶିଷ୍ଟ ଗାଳ୍ପିକ ତଥା ମହୁରିର ସମ୍ପାଦକ ସୁକାନ୍ତ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ କବି ତଥା ଗବେଷକ ସୁଶୀଳ କୁମାର ବାଗ ଅତିଥି ପରିଚୟ ପ୍ରଦାନ ଓ ପ୍ରଜ୍ଞା ପ୍ରବର୍ତ୍ତିକା ଦାସ ମଞ୍ଚ ପରିଚାଳନା କରିଥିଲେ । ଯୁବଲେଖକ ତଥା ମହୁରିର ସହସମ୍ପାଦକ ସୁଶୀଲ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ଏକ ରାଜ୍ୟସ୍ତରୀୟ କାବ୍ୟୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ହରପ୍ରସାଦ ଦାସ ମୁଖ୍ୟଅତିଥି, ବରିଷ୍ଠ କବି ବିଜୟ କୁମାର ମହାପାତ୍ର ସମ୍ମାନିତ ଅତିଥି, କବି ପ୍ରଭାକର ଶତପଥି ଯୋଗ ଦେଇଥିଲେ। କବି ବିରଜା ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାବ୍ୟୋତ୍ସବକୁ ସଂଯୋଜନା କରିଥିଲେ ଯୁବ କବି ସୁବ୍ରତ ଜେନା ଓ ସର୍ବାଣୀ ଦାସ। ଏଥିରେ ଯାଜପୁର, କେନ୍ଦ୍ରାପଡା, ଭଦ୍ରକ, ପୁରୀ, କଟକ, ବାଲେଶ୍ୱର, ଜଗତସିଂହପୁର, ଖୋର୍ଦ୍ଧା ସମେତ ରାଜ୍ୟର ବିଭିନ୍ନ ଜିଲାର ୨୦୦ରୁ ଊର୍ଦ୍ଧ୍ୱ କବି ଯୋଗ ଦେଇ କବିତା ପାଠ କରିଥିଲେ।

### ମହିଳାଙ୍କୁ ବଳାତ୍କାର ଘଟଣା: ଜଣେ ଗିରଫ

**ବେତନଟୀ,୨୮।୧୦ (ଡ଼ି.ଏନ.ଏ)**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଞ୍ଚଳର ଜଣେ ମହିଳା ଗତ ଦଶହରାରେ ରାବଣ ପୋଡି ଉତ୍ସବ ଦେଖିବାକୁ ଯାଇ ବଳାତ୍କାରର ଶିକାର ହୋଇଥିଲେ। ବଳାତ୍କାର ପରେ ଅଭିଯୁକ୍ତମାନେ ଏସିଡ ପକାଇ ତାଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ସେବେଠାରୁ ମହିଳାଜଣକ ବାରିପଦା ପିଆରଏମ ମେଡ଼ିକାଲ କଲେଜରେ ଚିକିତ୍ସାଧିନ ଅଛନ୍ତି। ଏହି ଘଟଣାରେ ବେତନଟୀ ପୋଲିସ ରବିବାର ପିଆରଏମ ମେଡ଼ିକାଲ କଲେଜ ଯାଇ ପୀଡିତାଙ୍କ ବୟାନ ରେକଡ଼ କରି ଏକ ମାମଲା (ନଂ ୧୪୩/୧୮) ରୁଜୁ କରିଛି। ଏହି ଘଟଣାରେ ପୋଲିସ ସୁକ୍ରାନ୍ତ ମହାକୁଡ ନାମକ ଯୁବକଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଫେରାର ଅଛନ୍ତି।

## ହିମାଚଳରେ ପାରାଗ୍ଲାଇଡିଂ ପ୍ରତିଯୋଗିତା

**ଶିମ୍‌ଲା**

ହିମାଚଳ ପ୍ରଦେଶର ଧୌଳଧର ରେଞ୍ଜରେ ରବିବାରଠାରୁ ୭ ଦିନିଆ ପାରାଗ୍ଲାଇଡିଂ ପ୍ରତିଯୋଗିତା ହେବାକୁ ଯାଉଛି। ଏହାକୁ ବିଶ୍ୱର ସୁନ୍ଦରତମ ଏରୋ ସ୍ପୋର୍ଟ୍ସ ସାଇଟ୍ ବୋଲି ବିବେଚନା କରାଯାଏ। ରାଜ୍ୟର ପର୍ଯ୍ୟଟନ ବିଭାଗ ଦ୍ୱାରା ଏହା ଆୟୋଜିତ ହେଉଛି। ବିଶ୍ୱ ଏୟାର ସ୍ପୋର୍ଟସ ଫେଡେରେଶନ୍ 'ଦି ଫେଡେରେଶନ୍ ଏରୋନଟିକ୍ ଇଣ୍ଟରନ୍ୟାଶନାଲ' ଏବଂ ଦି ଏରୋ କ୍ଲବ୍ ଅଫ୍ ଇଣ୍ଡିଆ ଦ୍ୱାରା ୨୦୧୮ ଇଣ୍ଡିଆନ୍ ଓପନ୍‌କୁ ସ୍ୱୀକୃତି ମିଳିଛି। ସ୍କ୍ରିନିଂ କରାଯିବା ପରେ ବିଶ୍ୱଶ୍ରେଣୀୟ ପାଖାପାଖି ୧୦୦ ପାଇଲଟଙ୍କୁ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ଅନୁମତି ମିଳିବ। ଏହା ନଭେମ୍ବର ୩ରେ ସମ୍ପନ୍ନ ହେବାକୁ ଯାଉଛି ବୋଲି ଆୟୋଜକ ବିକାଶ ଶୁକ୍ଳା ପ୍ରକାଶ କରିଛନ୍ତି। ଉକ୍ତ ପ୍ରତିଯୋଗିତା ପୂର୍ବରୁ ରାଜଧାନୀଠାରୁ ୩୦୦ କିଲୋମିଟର ଦୂର କାଙ୍ଗ୍ରା ଜିଲାର ବିର୍-ବିଲିଂଠାରେ ହ୍ୟାଣ୍ଡଗ୍ଲାଇଡିଙ୍ଗ୍ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ପାହାଡପର୍ବତ ପରିପୂର୍ଣ୍ଣ ଏବଂ ଚା ବଗିଚା ଘେରରେ



ଥିବା ବିର୍-ବିଲିଂକୁ ସୁନ୍ଦରତମ ଏରୋ ସ୍ପୋର୍ଟସ ସାଇଟ୍ ବୋଲି ବିବେଚନା କରାଯାଏ। ବିମାନ ଉଡାଣ କରିବାକୁ ଥିବା ବିଲିଂ ସମୁଦ୍ରପତ୍ତନଠାରୁ ୨,୩୨୫ ମିଟର ଉଚ୍ଚରେ ଅବସ୍ଥିତ ହୋଇଥିବାବେଳେ ଅବତରଣସ୍ଥଳ ବିର୍ ୧୩୬୦ ମିଟର ଉଚ୍ଚତାରେ ଅବସ୍ଥିତ। ନିରାପଦ ଅବତରଣ ପାଇଁ ଏହାକୁ ବିକାଶିତ କରାଯାଇଛି। ବିର୍ ଏବଂ ବିଲିଂ ମଧ୍ୟରେ ବ୍ୟବଧାନ ୧୪ କିଲୋମିଟର। ୨୦୧୮ ଇଣ୍ଡିଆନ୍ ଓପନ୍‌ରେ ଅଧିକ ସ୍କୋର କରିଥିବା ପ୍ରତିଯୋଗୀଙ୍କୁ ପାରାଗ୍ଲାଇଡିଂ ବିଶ୍ୱକପ୍ ପାଇଁ ଚୟନ କରାଯିବ। ଆସନ୍ତା ବର୍ଷ ବ୍ରାଜିଲ୍‌ରେ ଏହା ଅନୁଷ୍ଠିତ ହେବ।

## ନିଲାମ ହେବ ବିପିଏମ୍‌ଇ ଖଣି ସଂସ୍ଥାର ସମ୍ପତ୍ତି

**କେନ୍ଦୁଝର, ୨୮।୧୦(ସ୍ୱ.ପ୍ର.)**

ସୁପ୍ରିମକୋର୍ଟଙ୍କ ଆଦେଶ କ୍ରମେ ଜରିମାନା ଦେବାରେ ଖିଲାପ କରିଥିବା ଖଣି ସଂସ୍ଥାଗୁଡିକର ସମ୍ପତ୍ତି ବାଜ୍ୟାପ୍ତି ସାର୍ଟିଫିକେଟ ମାମଲା କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ବିଚାରାଧୀନ ରହିଛି। ଶନିବାର ମାମଲାର ଶୁଣାଣି ବେଳେ ମେସର୍ସ ବିପିଏମଇ ସଂସ୍ଥାର ଉତ୍ତରକୁ ତର୍ଜମା କରି ଏହାର ସମ୍ପତ୍ତି ବାଜ୍ୟାପ୍ତି କରି ନିଲାମ କରିବାକୁ କୋର୍ଟ ନିଷ୍ପତ୍ତି ନେଇଛନ୍ତି। ସଂସ୍ଥାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ନିଲାମ କରି ଜରିମାନା ବାବଦକୁ ମୋଟ ୮୭୩ କୋଟି ୪୩ ଲକ୍ଷ ୭୭ ହଜାର ୩ ଟଙ୍କା ଆଦାୟ କରାଯିବ । ଜିଲାର ୩୧ ଖଣି ମଧ୍ୟରୁ ୨୩ ସଂସ୍ଥା ବିରୋଧରେ ସମ୍ପତ୍ତି ବାଜ୍ୟାପ୍ତି ସାର୍ଟିଫିକେଟ ମାମଲା ଚାଲିଛି। ଶନିବାର ଏଥିମଧ୍ୟରୁ ୧୩ ଖଣି ସଂସ୍ଥାର ପ୍ରତିନିଧି କୋର୍ଟରେ ହାଜର ହୋଇଥିଲେ। ସାରଦା, ବାସୁଦେବ ଅଗ୍ରୱାଲ, ଡ. ଏସ.ପ୍ରଧାନ, ବି.ଡି.ପଟ୍ଟନାୟକ, ବି.କେ.ମହାନ୍ତି, ଟି.ବି.ଲାଲ, ଅର୍ଜୁନ ଲୋଧା, ମିନେରାଲ ଟ୍ରେଡିଙ୍ଗ ସିଣ୍ଡିକେଟ, ଫେଙ୍କର ଖଣି ସଂସ୍ଥା ପକ୍ଷରୁ କେହି ଆସି ନ ଥିଲେ। ହାଜର ହୋଇଥିବା ୧୩ ସଂସ୍ଥା ମଧ୍ୟରୁ ୬ ଜଣ ଲିଜ୍‌ଧାରୀ ନୋଟିସ୍‌ର ଉତ୍ତର ଦାଖଲ କରିଥିଲେ । ସେମାନଙ୍କ ଜବାବକୁ ନେଇ କୋର୍ଟ ବିଚାର କରୁଛନ୍ତି। ଏସବୁ ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୩ରେ ହେବ। ଉତ୍ତରାଧିକାରୀ ପ୍ରମାଣପତ୍ରକୁ ଅପେକ୍ଷା କରାଯାଇଥିବା ଖଣି ସଂସ୍ଥାଗୁଡିକର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୨୪କୁ ଧାର୍ଯ୍ୟ କରାଯାଇଛି।

ଧରିତ୍ରୀ DHARITRI
Quiz No. 15
Puja Quiz- 2018
Main Sponsor: TVS
Co-Sponsors: CENTRAL, Nikon
☑ Tick mark the box which is correct


୧. ଭାରତର ନାଟ୍ୟଶାସ୍ତ୍ରର ଲେଖକ କିଏ ?
କ. ଅଭିନବ ଗୁପ୍ତ ☐ ଖ. ଭରତ ମୁନି ☐ ଗ. ତୁଣ୍ଡ ମୁନି ☐ ଘ. କେଉଁଟି ନୁହେଁ ☐
୨. ଦାଣ୍ଡିଆ ନୃତ୍ୟ କେଉଁ ରାଜ୍ୟରେ ପ୍ରସିଦ୍ଧ ?
କ. ଗୁଜରାଟ ☐ ଖ. ପଞ୍ଜାବ ☐ ଗ. ମଧ୍ୟପ୍ରଦେଶ ☐ ଘ. କେଉଁଟି ନୁହେଁ ☐
୩. କଥାକଳି ନୃତ୍ୟ କେଉଁ ରାଜ୍ୟରେ ପ୍ରସିଦ୍ଧ ?
କ. କର୍ଣାଟକ ☐ ଖ. କେରଳ ☐ ଗ. ଗୁଜରାଟ ☐ ଘ. କେଉଁଟି ନୁହେଁ ☐
୪. ୨୦୧୧ ଜନଗଣନା ଅନୁଯାୟୀ କେଉଁ ରାଜ୍ୟ ସାକ୍ଷରତା ହାରରେ କମ୍ ବୋଲି ଜଣାପଡ଼ିଛି ?
କ. ଉତ୍ତରପ୍ରଦେଶ ☐ ଖ. ବିହାର ☐ ଗ. ମିଜୋରାମ ☐ ଘ. କେଉଁଟି ନୁହେଁ ☐
୫. କେଉଁ ସିନେମା ଅଭିନେତ୍ରୀ ପ୍ରଥମେ ରାଜ୍ୟ ସଭାକୁ ମନୋନୀତ ହୋଇଥିଲେ ?
କ. ନର୍ଗିସ୍ ଦତ୍ତ ☐ ଖ. ସବାନା ଆଜ୍‌ମୀ ☐ ଗ. ମଧୁବାଳା ☐ ଘ. କେଉଁଟି ନୁହେଁ ☐

Participant's Name:....................
Address:....................
....................
Education ....................
Mobile....................Age:..........
E-mail:....................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 15
B-15, Industrial Estate, Rasulgarh, Bhubaneswar-10




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ




E-BOOK YOUR SHOWROOM VISIT AT **WWW.MARUTISUZUKI.COM** OR VISIT YOUR NEAREST **MARUTI SUZUKI ARENA** SHOWROOM TODAY.

**AUTHORISED DEALERS: ORISSA: BHUBANESWAR: Jyote Motors (Nayapalli)** 7381355999, **JEYPORE: Legend Cars** 7894442901. **COMING SOON: Orbit Motors (Civil Township, Rourkela)** 9437041155.



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### କଂଗ୍ରେସର ପ୍ରୋଜେକ୍ଟ ଶକ୍ତି, ମୋ ବୁଥ୍ ମୋର ଗୌରବ କର୍ମଶାଳା

ସୋନପୁର,୨୮।୧୦ (ନି.ପ୍ର.)- ଭାରତୀୟ ଜାତୀୟ କଂଗ୍ରେସ ଦଳ ତୃଣମୂଳ ସ୍ତରରୁ ସଂଗଠନକୁ ମଜବୁତ୍ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଏହିକ୍ରମରେ ଜିଲା ପରିଷଦ ଜୋନସ୍ତରୀୟ ସଭାପତିଙ୍କୁ ନେଇ ପ୍ରୋଜେକ୍ଟ ଶକ୍ତି ଓ ମୋ ବୁଥ ମୋର ଗୌରବ ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର କୁମାର ଦାଶଙ୍କ ଅଧକ୍ଷତାରେ ଆୟୋଜିତ କର୍ମଶାଳାରେ ରାଜ୍ୟ ସଂଯୋଜକ ବିସ୍ମୟ ମହାପାତ୍ର ଓ ନିପନ ଦାଶ ଯୋଗଦେଇଥିଲେ। ବରିଷ୍ଠ ସଭ୍ୟ ସର୍ବେଶ୍ୱର ପୁରୋହିତ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ମାଧମରେ କିଭଳି ସାଧାରଣ ଲୋକଙ୍କୁ ଦଳ ସହ ଯୋଡା ଯାଇ ପାରିବ ସେ ସମ୍ପର୍କରେ ବୁଝାଇଥିଲେ। ପିସିସି ସମ୍ପାଦକ ଜିତେନ୍ଦ୍ର କୁମାର ପଟ୍ଟନାୟକ, ଉପସଭାପତି ନରେନ୍ଦ୍ର ପଣ୍ଡା, ବରିଷ୍ଠ ସଭ୍ୟ ନରେନ୍ଦ୍ର ସାହୁ, ମାଧବ କୁମ୍ଭାର, ସୁବ୍ରତ ସେଠୀ, ତ୍ରିପୁରାରୀ ସେଠୀ, ନରଦେବ ଭୋଇ, ନରସିଂହ ପଣ୍ଡା, ରାଜେଶ ମିଶ୍ର, ସୁଧୀର ପଣ୍ଡା, ନିମାଇଁ ଚରଣ ପାଣିଗ୍ରାହୀ, ପ୍ରଦୀପ ସେଠୀ ଯୋଗ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ବରୁଣ ସୁନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଧାନ ଫସଲରେ ଚକଡ଼ା ରୋଗ

ଅମରପାଲି, ୨୮।୧୦ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉପାନ୍ତ ବହଲପଦର ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଏବେ ଧାନ ଫସଲରେ ଚକଡା ରୋଗ ଲାଗିଛି। ଫଳରେ ଚିନ୍ତିତ ହୋଇପଡିଛନ୍ତି ଚାଷୀ। କେବଳ ଚକଡା ରୋଗ ନୁହେଁ ଫସଲରେ ପତ୍ରପୋଚା ରୋଗ, ମହିଷା ରୋଗ ଭଳି ରୋଗ ପୋକ ଯୋଗୁଁ ବ୍ୟାପକ ଧାନ ଫସଲ ନଷ୍ଟ ହେଉଛି। ଚାଷ ଓ ଚାଷୀର ଜିଲା ସୁବର୍ଣ୍ଣପୁରରେ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଅଞ୍ଚଳର ଅଧିକାଂଶ ଚାଷ ଜମି ଅଣଜଳସେଚିତ ଅଟେ। ତେଣୁ ପ୍ରତିବର୍ଷ ଅନାବୃଷ୍ଟି ଯୋଗୁଁ ମରୁଡି ପଡିଥାଏ। ଆଉ କେବେ କେବେ ବାରହା ଓ ହାତୀପଲ ଆସି ଫସଲ ନଷ୍ଟ କରିଥାନ୍ତି। ମାତ୍ର ଚଳିତ ବର୍ଷ ଠିକ୍ ସମୟରେ ଆବଶ୍ୟକ ବର୍ଷା ହୋଇଥିବାରୁ ଧାନ ଫସଲ ମଧ୍ୟ ଭଲ ହୋଇଥିଲା।

ଫସଲ ଦେଖି ଚାଷୀ ମଧ୍ୟ ଏବର୍ଷ ଭଲ ଅମଳର ଆଶା ରଖିଥିଲେ। ମାତ୍ର ଏବେ ଚକଡା ସହିତ ମହିସା ରୋଗ, ପତ୍ରପୋଡା ଭଳିରୋଗ ଯୋଗୁଁ ହେକ୍ଟର ହେକ୍ଟର ଚାଷଜମିର ଫସଲ ଉଜୁଡି ଯାଉଛି। ଚକଡା ରୋଗ ଯୋଗୁଁ ଧାନ ଗଛଗୁଡିକ ଜଳିଯାଉଛି। ଗଛରେ ଆଉ ଧାନ ଫଳୁ ନାହିଁ। ଏବେ କିଛି ଫସଲ ଅମଳ ହେବାକୁ ସମୟ ହେଲାଣି ତ ଆଉ କେତେକ ଫସଲରେ କ୍ଷୀର ତୋଳିବା ଆରମ୍ଭ ହେଲାଣି। ଏହି ସମୟରେ ଫସଲରେ ରୋଗ ଯୋଗୁଁ ଆଉ ଅମଳ ହେବାର ସମ୍ଭାବନା ଦେଖାଯାଉ ନାହିଁ। ଅଞ୍ଚଳର ଅମରପାଲି, ବହଲପଦର, ଭାଲୁଡୁଙ୍ଗୁରୀ, ବିଶାଳପାଲି, ପାତ୍ରପାଲି, ବରଘାଟ, ଖଣ୍ଡହତା, ରାମ୍ପିପାଲି, କମିରା, ଘିଚାପାଲି, ଲୁତୁରପଙ୍କ, ଘଣ୍ଟପାଲି, ଭୁଡିଆପାଲି, କର୍ଡାପାଲ ପ୍ରଭୃତି ଅଞ୍ଚଳରେ ଚକଡା ସମେତ ବିଭିନ୍ନ ରୋଗ ଲାଗିଥିବା ଅଭିଯୋଗ ହେଉଛି। ଏପରିକି ଚାଷୀମାନଙ୍କୁ କୀଟନାଶକ ମିଳୁ ନ ଥିବାର ମଧ୍ୟ ଅଭିଯୋଗ ହେଉଛି। କୃଷି ବିଭାଗ ପକ୍ଷରୁ କେବଳ ପଞ୍ଜିକୃତ ଚାଷୀଙ୍କୁ ୫୦ପ୍ରତିଶତ ରିହାତି ମୂଲ୍ୟରେ କୀଟନାଶକ ଦିଆଯାଉଥିବା କୁହାଯାଉଛି। ମାତ୍ର ଚାଷୀମାନେ କେବେ ଏଥିପାଇଁ ପଞ୍ଜିକୃତ ହେଲା ଜାଣି ନ ଥିବାରୁ ଅଭିଯୋଗ କରୁଛନ୍ତି। ତେଣୁ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଚାଷୀଙ୍କୁ ମାଗଣାରେ କିଟନାଶକ ଔଷଧ ବଣ୍ଟନ କରିବା ସହିତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି।



ଅମରପାଲିରେ ଚକଡ଼ା ରୋଗ ଲାଗିଥିବା ଜମିରେ ଚାଷୀମାନେ ।

**ବୀରମହାରାଜପୁର ବ୍ଲକ**

- ଜଳିଯାଉଛି ଧାନଗଛ
- ଚାଷୀମାନଙ୍କୁ ମିଳୁନି କୀଟନାଶକ
- ପଞ୍ଜୀକୃତ ଚାଷୀଙ୍କୁ ମିଳୁଛି ୫୦%ରିହାତିରେ କୀଟନାଶକ

# ଖଣ୍ଡହତା ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ

ଅମରପାଲି, ୨୮।୧୦ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାଠାରେ ହେଉଥିବା ଗଜଲକ୍ଷ୍ମୀ ପୂଜା ରବିବାର ଉଦ୍‌ଯାପିତ ହୋଇଯାଇଛି। ମା' ଗଜଲକ୍ଷ୍ମୀଙ୍କୁ ଏକ ଶୋଭାଯାତ୍ରାରେ ଭଷାଣି କରାଯାଇଛି। ଭଷାଣି ଶୋଭାଯାତ୍ରାରେ ମହିଳା ସଂକୀର୍ତ୍ତନ ସହିତ ଦୁଲଦୁଲି, ଘଣ୍ଟବାଦ୍ୟ ଆଦି ଲୋକନୃତ୍ୟ ସାମିଲ ଥିଲେ। ଚଳିତ ବର୍ଷ ଏଠାକାର ଗଜଲକ୍ଷ୍ମୀ ପୂଜା ଦଶମ ବର୍ଷ ପୂରଣ କରିଛି। ପୂଜା ପାଇଁ ଗଠିତ କମିଟିରେ ସର୍ବସମ୍ମତିକ୍ରମେ ମଧୁସୂଦନ ମହାକୁର ସଭାପତି, ରୋହିତ ଝାଙ୍କର ଉପସଭାପତି, ସୁଶିଲ ଭୁକ୍ତା ସମ୍ପାଦକ, ରଞ୍ଜନ ଭୁକ୍ତା ସହସମ୍ପାଦକ ଓ ବଂଶୀ ଅମାତଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ମଙ୍ଗଳବାର ପୂଜା ପାଇଁ ଏକ କଳସ ଯାତ୍ରା କରାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ପ୍ରତ୍ୟହ ସକାଳୁ ପୂଜା ହୋଇ ହୋମ, ପୁଷ୍ପାଞ୍ଜଳି ପରେ ମା' ଲକ୍ଷ୍ମୀଙ୍କଠାରେ ଭୋଗ ଲାଗିଲା ପରେ ସମୂହ ପ୍ରସାଦସେବନ କରାଯାଉଥିଲା। ପୂଜାରେ କର୍ତ୍ତାକର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ଜ୍ୟୋତ୍ସ୍ନାମୟୀ ମିଶ୍ର ଓ ଶିବଦତ୍ତ ମିଶ୍ର । ଦିନବେଳେ ରାମାୟଣ ପଠନ ସହିତ ଗାୟିକା ବନ୍ଦିତା ନାୟକଙ୍କ ସୁନ୍ଦରାକାଣ୍ଡ ପଠନ କରାଯାଇଥିଲା। ସନ୍ଧ୍ୟାରେ ପ୍ରତ୍ୟହ ସନ୍ଧ୍ୟାଆଳତୀ ଦିଆଯାଉଥିଲା। ଏହା ସହିତ ଭଜନ କୀର୍ତ୍ତନ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ସୁନ୍ଦର ମେଢ଼, ସୁଉଚ୍ଚ ତୋରଣ ଓ ରଙ୍ଗୀନ ଆଲୋକରେ ସାଜସଜ୍ଜା କରାଯାଇଥିଲା। ସ୍ଥାନୀୟ କଳାକାରଙ୍କ ଦ୍ୱାରା ଏକ ସାମାଜିକ ନାଟକ କଳିଯୁଗର ଏ ନୂଆଁ କାହାଣୀ ପରିବେଷଣ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ ମୁଖ୍ୟଅତିଥି ଏବଂ ବିଜେଡି ଏସସି ସେଲ ରାଜ୍ୟ ଉପସଭାପତି ଅଭିମନ୍ୟୁ କୁଶଳ, ଇଂ. ରଘୁନାଥ ଜଗଦଲା, କିଶୋର ସାହୁ, ସଦାନନ୍ଦ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥି ଉଦ୍ୟୋକ୍ତାଙ୍କ ସଂସ୍କୃତିକୁ ବଞ୍ଚାଇବା ପାଇଁ ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ବବୁଲ ମହାପାତ୍ରଙ୍କ ନିର୍ଦ୍ଦେଶନା ଓ ରଞ୍ଜିତ ମିଶ୍ରଙ୍କ ସହନିର୍ଦ୍ଦେଶନାରେ ପରିବେଷିତ ନାଟକରେ ପପୁନ ନନ୍ଦ, ସୁରୁ ପ୍ରଧାନ, ବିକାଶ ବାରିକ, ଦେବରଥ ପୁରୋହିତ, ସୁଦାମ ପ୍ରମୁଖ କଳାକାର ଅଭିନୟ କରିଥିଲେ। ଓଡିଆ ଟେଲି ଅଭିନେତା ରୀତ ନାଟକର ଅନ୍ୟତମ ଆକର୍ଷଣ ଥିଲେ।

# ସାଧ୍ୱୀ ଦେବବ୍ରତାଜୀଙ୍କ ଦ୍ୱାରା ଯୋଗ ଶିବିର

ସୋନପୁର,୨୮।୧୦ (ନି.ପ୍ର.)

ପତଞ୍ଜଳି ଯୋଗ ପୀଠ ହରିଦ୍ୱାରର ସ୍ୱାମୀ ରାମଦେବଙ୍କ ଶିଷ୍ୟା ସାଧ୍ୱୀ ଦେବବ୍ରତାଜୀଙ୍କ ଯୋଗ ଶିବିର ସୁବର୍ଣ୍ଣପୁର ଜିଲାରେ ଆୟୋଜିତ ହୋଇଯାଇଛି। ଜିଲାରେ ଯୋଗ, ଆୟୁର୍ବେଦ ଓ ସ୍ୱଦେଶୀର ପ୍ରଚାର ପ୍ରସାର ପାଇଁ ସେ ଆସିଥିବା ବେଳେ ହେମଲତାଜୀ ତାଙ୍କୁ ସହଯୋଗ କରୁଛନ୍ତି। ପ୍ରତ୍ୟୁଷରେ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ପରିସରରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ପରେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟରେ ଶତାଧିକ ଛାତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସାଧ୍ୱୀ ଦେବବ୍ରତାଜୀ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ପ୍ରଭାରି ଜେ. ଗିରିଜା ଦେବୀ, ମହିଳା ମଣ୍ଡଳ ପ୍ରଭାରୀ ସାଧନା ଦାସ, ସୁବର୍ଣ୍ଣପୁର ଜିଲା ମହିଳା ପ୍ରଭାରୀ ଅଧ୍ୟାପିକା ମୀନା ମହାରଣା, ଯୋଗ ସମିତି ପ୍ରଭାରୀ ଅଧ୍ୟାପକ ଶମ୍ଭୁଭୂଷଣ ପଣ୍ଡା, ଭାରତ ସ୍ୱାଭିମାନ ପ୍ରଭାରୀ ଗୋରେଖନାଥ ସାହୁ, ଯୁବା ଭାରତ ସଂଯୋଜକ ମନୋଜ ପଣ୍ଡା, ବରିଷ୍ଠ ସଭ୍ୟ ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ, ହୀରା ପୁରୋହିତ, ଦିଲ୍ଲିପ କୁମାର ରଥ, ସତ୍ୟନାରାୟଣ ବସ୍ତିଆ, ଦଶରଥ ହୋତା, ନାରାୟଣ ସାହୁ ଓ ଇନ୍ଦୁମତୀ ପୁରୋହିତ ପ୍ରମୁଖ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ ସୁବର୍ଣ୍ଣା ପରିସରରେ ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା ।




ସାଧ୍ୱୀ ଦେବବ୍ରତାଜୀ ଯୋଗ ଶିକ୍ଷା ପ୍ରଦାନ କରୁଛନ୍ତି ।

### ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

# ନ୍ୟୁଷ୍ଟାର ସୋନପୁର ସେମିଫାଇନାଲରେ

ଅମରପାଲି/ ବୀରମହାରାଜପୁର, ୨୮।୧୦ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପଣ୍ଡିଆପାଲିରେ ଚାଲିଥିବା ନବମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ରବିବାର ତିନୋଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ପଣ୍ଡିଆପାଲି ଓ ସୁବଳୟା ମଧ୍ୟରେ ହୋଇଥିଲା। ସୁବଳୟା ଦଳ ଟସ ଜିଣି ପଣ୍ଡିଆପାଲିକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ପଣ୍ଡିଆପାଲି ନିର୍ଦ୍ଧାରିତ ୧୦ଓଭରରେ ୭ଉଇକେଟ ହରାଇ ୭୮ରନ ସଂଗ୍ରହ କରିଥିଲା। ଜବାବରେ ସୁବଳୟା ନିର୍ଦ୍ଧାରିତ ୧୦ଓଭରରେ ୯ଉଇକେଟ ହରାଇ ୬୫ରନ କରି ପରାସ୍ତ ହୋଇଥିଲା। ପଣ୍ଡିଆପାଲିର ନିରଞ୍ଜନ ୫୦ରନ ସହ ୨ଟି ଉଇକେଟ ନେଇଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ।

ଦ୍ୱିତୀୟ ମ୍ୟାଚ ନ୍ୟୁଷ୍ଟାର ସୋନପୁର ଓ ଗ୍ୟାଙ୍ଗଷ୍ଟାର ବୀରମହାରାଜପୁର ମଧ୍ୟରେ ହୋଇଥିଲା। ସୋନପୁର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯୯ରନ କରିଥିଲା। ଜବାବରେ ବୀରମହାରାଜପୁର ଦଳ ନିର୍ଦ୍ଧାରିତ ଓଭରରେ ୯୨ରନ କରି ପରାସ୍ତ ହୋଇଥିଲା। ସୋନପୁରର ପିଣ୍ଟୁ ୨୧ବଲରୁ ୫୨ ରନ କରିଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ତୃତୀୟ ମ୍ୟାଚ ସୋନପୁର ଓ ପଣ୍ଡିଆପାଲି ମଧ୍ୟରେ ହୋଇଥିଲା। ନ୍ୟୁଷ୍ଟାର ସୋନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୩ଉଇକେଟ ହରାଇ ୯୮ରନ କରିଥିଲା। ଜବାବରେ ପଣ୍ଡିଆପାଲି ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୩୫ ରନ କରି ପରାସ୍ତ ହୋଇଥିଲା। ସୋନପୁର ପକ୍ଷରୁ ଭୋଲା ୪ଟି ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଖେଳଗୁଡିକୁ ଗିରୀଶ ବେହେରା ଓ ସଞ୍ଜୟ ସାହୁ ପରିଚାଳନା କରିଥିଲେ। ବିକାଶ ଓ ସୁବ୍ରତ ସ୍କୋରିଂ ଏବଂ ବନମାଳୀ, ଶିବ ଓ ପ୍ରଫୁଲ୍ଲ ଧାରା ବିବରଣୀ ପ୍ରଦାନ କରିଥିଲେ।



ବିଜୟୀ ନ୍ୟୁଷ୍ଟାର ସୋନପୁରର ଖେଳାଳିମାନେ।

# ୪୪ୟୁନିଟ୍ ରକ୍ତ ସଂଗ୍ରହ

**ମେଗା ରକ୍ତଦାନ ଶିବିର**

ସୋନପୁର, ୨୮।୧୦ (ନି.ପ୍ର.)

ବୀର ହନୁମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସୋନପୁର ଟାଉନ ହଲ ପରିସରରେ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୪୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟଲକ୍ଷ୍ମୀ ଗୁରୁ ଶିବିରକୁ ଉଦ୍‌ଘାଟନ କରି ରକ୍ତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଭଳି ଶିବିର ଆୟୋଜନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ରକ୍ତଦାନ ଭଳି ପୂଣ୍ୟ କାର୍ଯ୍ୟରେ ଯୁବ ସମାଜ ମନୋନିବେଶ କରିବାକୁ ପରାମର୍ଶ ଦେବା ସହିତ ଡାକ୍ତର ଗୁରୁ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶେଷଦେବ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଶାନ୍ତ କୁମାର ବାବୁ, ଅନୁଷ୍ଠାନର ସଭାପତି ସଭାପତି ରବିନାରାୟଣ ଦେହୁରୀ, ଜ୍ୟୋତିର୍ମୟୀ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅମର ମଲ୍ଲିକ, ଚିତ୍ତରଞ୍ଜନ ହୋତା, ଅରବିନ୍ଦ ପୂଜାହାରୀ, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ। ସୁବର୍ଣ୍ଣପୁର ବ୍ଲଡବ୍ୟାଙ୍କର ଅଧିକାରୀ ଜୟପ୍ରକାଶ ପ୍ରଧାନ, ଟେକ୍‌ନିସିଆନ ସୁବାଷ ପଣ୍ଡା, ଜଗତ କୁମାର ଦରୱାନ ଓ ଯୁଧିଷ୍ଠିର ନାୟକ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।



ଶିବିରରେ ସିଡିଏମପିଏଚଓ ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି ।

### ଲୋଇସିଂହାରେ ଚକଡ଼ା ସ୍ଥିତି ଗମ୍ଭୀର

ଲୋଇସିଂହା,୨୮।୧୦ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଞ୍ଚଳରେ ବର୍ତ୍ତମାନ ଧାନ ଫସଲରେ ଚକଡା ରୋଗ ସ୍ଥିତି ଗମ୍ଭୀର ହେବାରେ ଲାଗିଛି । ଅମଳ ପ୍ରାୟ ଜମିରେ ଚକଡା ପ୍ରାଦୁର୍ଭାବ ବୃଦ୍ଧି ଯୋଗୁ ଧାନ କିଆରିପାଳ ହୋଇଗଲାଣି । ସେହିପରି ପଛରେ ଚାଷ ହୋଇଥିବା ଜମିରେ ପାଣି ଅଭାବରୁ ଧାନଗଛ ମରିବାକୁ ବସିଲାଣି । ବର୍ଷା ଅଭାବରୁ ଅର୍ଦ୍ଧେକ ଚାଷ ଜମି ଉଜୁଡି ଯିବା ଚାଷୀମାନେ ଆଶଙ୍କା କଲେଣି। ଲୋଇସିଂହା, ବୁର୍ଡା, ବୁଢାପଦର, ବାଦିବାହଲ, ହୀରାପୁର, କୁଟେନପାଲି, ଝାରମୁଣ୍ଡା, ତଲିଉଡାର, ସରଗାଡ ଏପରି ୨୦ଟି ପଞ୍ଚାୟତରେ ଚକଡା ପ୍ରାଦୁର୍ଭାବ ଦେଖାଦେଇଛି । ବ୍ଲକ କୃଷି ବିଭାଗର ଦୁଇ ଜଣ ଅଧିକାରୀ ସୌମିତ୍ରା ମହାନ୍ତି, ସୁଶୀଲ ସେଠୀ ଓ କ୍ଷେତ୍ର କର୍ମଚାରୀମାନେ ଗାଁକୁ ଗାଁ ଯାଇ ଚକଡା ନିୟନ୍ତ୍ରଣ ଉପରେ ଚାଷୀଙ୍କୁ ସଚେତନତା ସୃଷ୍ଟି କରୁଛନ୍ତି । ପ୍ରଭାବିତ ଜମିରେ ଆବଶ୍ୟକ ଔଷଧ ପ୍ରୟୋଗ କରିବାକୁ ପରାମର୍ଶ ଦେଉଛନ୍ତି। ଏପରକି ନିୟନ୍ତ୍ରଣ ପାଇଁ ପାରମ୍ପରିକ ପଦ୍ଧତି ଯଥା ଅମଳ କିଆରିକୁ ହୁରି ମାରି ଜମିରେ ସୂର୍ଯ୍ୟାଲୋକ ପଡିବାକୁ ଦେଲେ ଚକଡା ଅଣ୍ଡା ବଂଶ ବୃଦ୍ଧି ପାଇପାରିନ ନାହିଁ ବୋଲି ସଚେତନ ସୃଷ୍ଟି କରୁଛନ୍ତି।

### ମୁର୍ଷୁଣ୍ଡୀ ମୁରାସୁର ରାଜର ପଞ୍ଚମ ସନ୍ଧ୍ୟା

# ମାନବ ରୂପରେ ଜନ୍ମନେଲେ ବିଷ୍ଣୁ

ଅମରପାଲି, ୨୮।୧୦ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀଠାରେ ହେଉଛି ୩୬ତମ ଗଜଲକ୍ଷ୍ମୀ ପୂଜା। ଏହି ଅବସରରେ ବିଶେଷ ଆକର୍ଷଣ ପାଲଟିଛି ମୁରାସୁର ରାଜ। ରବିବାର ଥିଲା ଏହାର ପଞ୍ଚମ ସନ୍ଧ୍ୟା। ମୁକ୍ତାକାଶ ରାଙ୍ଗମଞ୍ଚରେ ହେଉଛି ନାଟ୍ୟ ଅଭିନୟ। ଏହିକ୍ରମରେ ମୁରାସୁର ଦରବାରରେ ନାରଦଙ୍କ ପ୍ରବେଶ ହୋଇଛି। ମାନବ ରୂପରେ ମର୍ତ୍ତ୍ୟପୁରରେ ଭଗବାନ ବିଷ୍ଣୁ ଜନ୍ମ ନେଇଛନ୍ତି ବୋଲି ନାରଦ ମୁରାସୁରଙ୍କୁ ଜଣାଇଛନ୍ତି। କୃଷ୍ଣ ବହ୍ଲବଙ୍କ ସୂତ ରୂପେ ନୃସିଂହ ଜନ୍ମ ନେଇଛନ୍ତି। ବିଦ୍ୟାଗୁରୁ ରୂପେ ଶେଷ ନୃସିଂହଙ୍କୁ ବରଣ କରିବା ପାଇଁ ନାରଦଙ୍କ ପରାମର୍ଶ ନେବା ଆଦି ଦୃଶ୍ୟ ପରିବେଷଣ ହୋଇଛି। ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଲବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ ଅତିଥି ଭାବେ ବିଧାୟକ ପଦ୍ମନାଭ ବେହେରା, ସ୍ଥାନୀୟ ସରପଞ୍ଚ ରୀନା ପୁଟା, ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ସମ୍ପାଦକ ହରିଶ୍ଚନ୍ଦ୍ର ଦାସ, ସାମାଜିକ କର୍ମୀ ପ୍ରିୟବ୍ରତ ସାହୁ ପ୍ରମୁଖ ଯୋଗଦେଇଥିଲେ। କମିଟି ସମ୍ପାଦକ ତ୍ରିୟଞ୍ଜିବ ମିଶ୍ର, କୋଷାଧ୍ୟକ୍ଷ ସତ୍ୟମୋହନ ବେଦପାଣୀ, ବିଦ୍ୟାଧର ଖୁର୍ଡିଆ, ବଳରାମ ପଧାନ, ଶାନ୍ତନୁ ଖେତୀ, ଗୋପିନାଥ ପଧାନ, ଧନଞ୍ଜୟ ସାହୁ ପ୍ରମୁଖ ରାଜ ଅତିଥିଙ୍କୁ ସ୍ୱାଗତ କରିଥିଲେ। ରାଜ ଦରବାରରେ ଅଭିନେତାଙ୍କ ବଳିଷ୍ଠ ଅଭିନୟ ସହିତ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଦିନ ବେଳା ବଲାଙ୍ଗୀରର ସୁରେନ୍ଦ୍ର ମିଶ୍ରଙ୍କ ଦ୍ୱାରା ରାମାୟଣ ପଠନରେ ଶ୍ରଦ୍ଧାଳୁଙ୍କ ଯୋଗୁଁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ଏହା ସହିତ ମୀନାବଜାର ସହିତ ବିଭିନ୍ନ ଦୋକାନ ବଜାରରୁ ସୌଖିନ ଜିନିଷ କିଣାବିକା ସହିତ ଚାଟ, ଗୁପଚୁପ, ଚାମିନ୍ ଭଳି ଚଟପଟି ଖାଦ୍ୟର ମଜା ନେଉଛନ୍ତି ଦର୍ଶକ ।



ମୁର୍ଷୁଣ୍ଡୀରେ ହେଉଥିବା ମୁରାସୁର ରାଜର ପଞ୍ଚମ ସନ୍ଧ୍ୟାରେ ଏକ ଭିନ୍ନ ମୁଦ୍ରାରେ ପାତ୍ରମନ୍ତ୍ରୀଙ୍କ ସହିତ ମୁରାସୁର।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଅକ୍ଟୋବର ୨୯/୨୦୧୮



କୌଣସି ମନୁଷ୍ୟର ବର୍ତ୍ତମାନର ଅବସ୍ଥା ଦେଖି ତାହାର ଭବିଷ୍ୟତକୁ ଉପହାସ କରିବା ଠିକ୍ ନୁହେଁ କାହିଁକି ନା! ଭବିଷ୍ୟତର ଏପରି ଶକ୍ତି ରହିଛି, ସେ ଗୋଟିଏ କୋଇଲାକୁ ମଧ ସୁନାରେ ପରିଣତ କରିପାରିବ - **ଚାଣକ୍ୟ**



**ସଂକ୍ଷେପରେ**

## ମହିଳା ଏସ୍ଏଚ୍ଜିଙ୍କ ସ୍ୱତନ୍ତ୍ର ସଭା

**ବରଗଡ଼ ଅଫିସ୍,୨୮।୧୦:** ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ସଭାକକ୍ଷରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠି(ଏସ୍ଏଚଜି)ଙ୍କ ପାଇଁ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହ ଅଧିକାରୀ ଦେବାର୍ଚ୍ଚନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ବ୍ଲକ ସହକାରୀ ଯନ୍ତ୍ରୀ ସତ୍ୟଜିତ ଦାଶ ଯୋଗଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ରାଜ୍ୟ ସରକାରଙ୍କ ରହିଥିବା ବିଭିନ୍ନ ଯୋଜନାଗୁଡ଼ିକ ଉପରେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତର ୨୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଭ୍ୟାମାନେ ଯୋଗ ଦେଇଥିଲେ । ସ୍ଥାନୀୟ ସରପଞ୍ଚ ପ୍ରତିଭା ନାଏକ, ସମିତିସଭ୍ୟ ଅଞ୍ଜଳି ବିଶି, ନାଏବ ସରପଞ୍ଚ ସଞ୍ଜୟ ପ୍ରଧାନ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡ଼ିକର ଲାଭ ନେବା ପାଇଁ ମହିଳା ଗୋଷ୍ଠିମାନଙ୍କୁ ଆହ୍ୱାନ କରିଥିଲେ।

### ଚକଡ଼ା ପୋକରେ ଧାନ ଫସଲ ନଷ୍ଟ

# ମିଳୁନି କୀଟନାଶକ, ଚିନ୍ତାରେ ଚାଷୀ

**କନ୍ଧମାଳ,୨୮।୧୦(ଡି.ଏନ୍.ଏ.)**

ଚକଡ଼ା ପୋକ ଲାଗି ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳର ହଜାର ହଜାର ଏକର ଧାନ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ସରକାରୀ ଔଷଧ ବିକ୍ରୟ କେନ୍ଦ୍ରରେ କୀଟନାଶକ ମିଳୁ ନ ଥିବା ଜଣାପଡିଛି। ଫଳରେ ଚାଷୀ ଚିନ୍ତାରେ ପଡିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ମନମୁଣ୍ଡା କୃଷି ବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୨ଶହ ମିଟର ଦୂରରେ ବାସୁଦେବପାଲି ଗାଁରେ ଚକଡ଼ା ପୋକ ଲାଗି ଅଗ୍ରଣୀ ଚାଷୀ ମିଳନ ସାହୁଙ୍କ ୩୦ ଏକର ଧାନ ଫସଲ ନଷ୍ଟ ହୋଇଯାଇଛି। ଏପରି କି ଆଖପାଖ ଅଞ୍ଚଳରେ ପ୍ରାୟ ୧୫ ଜଣ ଚାଷୀଙ୍କ ଫସଲ ନଷ୍ଟ ହୋଇଯାଇଥିବା ଜଣାପଡିଛି। ଏସଂକ୍ରାନ୍ତରେ କୃଷି ବିଭାଗୀୟ କର୍ମଚାରୀମାନଙ୍କୁ ଅବଗତ କରାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

ଗୋପାଳମାଳ ଗ୍ରାମର ଚାଷୀ ସଦାନନ୍ଦ ପ୍ରଧାନ, ସତ୍ୟ ନାରାୟଣ ସାହୁଙ୍କ ୧୦ ଏକର ଜମିରେ ଚକଡ଼ା ପୋକ ଲାଗି ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ପିପିଲିପାଲି ଗାଁର ଅଗ୍ରଣୀ ମହିଳା ଚାଷୀ ରଞ୍ଜିତା ପ୍ରଧାନଙ୍କ ୨ ଏକର ଚାଷଜମି ନଷ୍ଟ ହୋଇଥିବା ବେଳେ ଧାନଖଣ୍ଡି ଗ୍ରାମର ଲବକୁମାର ପ୍ରଧାନଙ୍କ ୮ ଏକର, ବରପଦର ଗାଁର ନିରାକାର ସାହୁଙ୍କ ୫ ଏକର, ସୁରେନ୍ଦ୍ର ସାହୁଙ୍କ ୪ ଏକର ଜମିରେ ଚକଡ଼ା ପୋକ ଲାଗି ଧାନ ଫସଲ ନଷ୍ଟ ହୋଯାଇଛି। ସେହିପରି ଅଞ୍ଚଳର ଶତାଧିକ ଚାଷୀଙ୍କ ହଜାର ହଜାର ଏକର ଫସଲ ନଷ୍ଟ ହୋଇଯାଇଥିବା ଜଣାପଡିଛି। ହେଲେ ସରକାରୀ ବିକ୍ରୟ କେନ୍ଦ୍ରରେ କୀଟନାଶକ ମିଳୁ ନ ଥିବାରୁ ଚକଡା ପୋକ ଦମନରେ ଚାଷୀ ବିଫଳ ହେଉଛନ୍ତି। ଶିମିଳିପଦର ଗାଁର ଅଗ୍ରଣୀ ଚାଷୀ କାର୍ତ୍ତିକ ଖେତିଙ୍କ ୩ ଏକର ଚାଷଜମିରେ ଚକଡ଼ା ପୋକ ଲାଗି ଫସଲ ନଷ୍ଟ ହୋଇଥିବା ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ପରେ ବୌଦ୍ଧରୁ ଜିଲା କୃଷି ଉପନିର୍ଦ୍ଦେଶକ ଗାଁରେ ପହଞ୍ଚିଥିଲେ। କୃଷି କର୍ମଚାରୀମାନେ ଘଟଣାର ଅନୁଧ୍ୟାନ କରି କୀଟନାଶକ ଯୋଗାଇ ଦେବାକୁ ପରାମର୍ଶ ଦେବାସହ ଲିଖିତ ଭାବେ ଏକ ଚିଠା ଦେଇଥିଲେ। କାର୍ତ୍ତିକ ଚିଠା ଧରି ବିକ୍ରୟ କେନ୍ଦ୍ରକୁ ଯାଇଥିଲେ। ହେଲେ କୀଟନାଶକ ନ ପାଇ ଫେରି ଆସିଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଶିମିଳିପଦର ଗ୍ରାମର ବୁଦ୍ଧିମାନ କ୍ଷେତି, ପତ୍ରାପାଲି ଗାଁର ରାମଚନ୍ଦ୍ର ମିଶ୍ର, ଅମ୍ବୁଜ ମହାପାତ୍ରଙ୍କ ଫସଲ ପୋକ ଲାଗି ନଷ୍ଟ ହୋଇଯାଇଛି। କୃଷି ବିଭାଗର ପରାମର୍ଶ ଓ ଉପଯୁକ୍ତ କୀଟନାଶକ ମିଳୁ ନ ଥିବା ଚାଷୀ ବଜାରର କୀଟନାଶକ ଉପରେ ନିର୍ଭର କରୁଛନ୍ତି। ଫଳରେ ସେମାନେ ଖର୍ଚ୍ଚାନ୍ତରେ ପଡୁଛନ୍ତି। କେତେ ପରିମାଣର କେଉଁ କୀଟନାଶକ ପ୍ରୟୋଗ କଲେ ଚକଡା ପୋକ ଦମନ କରାଯାଇ ପାରିବ ସେନେଇ ଚାଷୀ ଜାଣି ପାରୁନାହାନ୍ତି। ଏନେଇ କୃଷକ ସଂଗଠକ କେଶବ ମାଝୀ କହିଛନ୍ତି, କୃଷି ବିଭାଗର ଅବହେଳା ଯୋଗୁ ଚକଡା ପୋକ ଅଞ୍ଚଳରେ ବ୍ୟାପିବାରେ ଲାଗିଥିବା ଅଭିଯୋଗ କରିଛନ୍ତି। ଏନେଇ ଜିଲା କୃଷି ଅଧିକାରୀ ମନୋରଞ୍ଜନ ମଲ୍ଲିକଙ୍କୁ ପଚାରିବାରୁ କନ୍ଧମାଳରେ ୩ ପ୍ରକାର କୀଟନାଶକ ମହଜୁଦ ରହିଛି। ହେଲେ ଚାଷୀ ନିଜ ହିସାବରେ କୀଟନାଶକ ପକାଇ ହଇରାଣ ହେଉଛନ୍ତି। ବିଭାଗୀୟ କର୍ମଚାରୀ ଗାଁଗୁଠିକରେ ପହଞ୍ଚି ଚାଷୀଙ୍କୁ ପରାମର୍ଶ ଦେଉଛନ୍ତି।



ଚାଷୀ ଜଣକ ଚକଡା ପୋକ ଲାଗିଥିବା ଧାନ ଫସଲକୁ ଦେଖାଉଛନ୍ତି।

## ପଲଶାଗୋରାରେ ମୁରାସୁର ରାଜ ଶେଷ

**କନ୍ଧମାଳ,୨୮।୧୦(ଡି.ଏନ୍.ଏ.)**

ବୌଦ୍ଧ ଜିଲା ପଲଶାଗୋରାଠାରେ ରବିବାର ମୁରାସୁରଙ୍କ ରାଜ୍ୟ ଶାସନ ଶେଷ ହୋଇଛି । ୫ଦିନ ଧରି ଚାଲିଥିବା ମୁକ୍ତ ମଞ୍ଚ ନାଟକର ସନ୍ଧ୍ୟାରେ ଲକ୍ଷ୍ମୀନାରାୟଣ ନଗର ପରିକ୍ରମା କରିଥିଲେ । ପରେ ମୁରାସୁର ଦିଗ ବିଜୟରେ ବାହାରି ତାଙ୍କ ଅଧୀନସ୍ଥ ପାତ୍ର ମନ୍ତ୍ରୀଙ୍କୁ ଏକାଠି କରିଥିଲେ। ମୁରାସୁର ନଗର ପରିକ୍ରମା ପରେ ଦରବାରରେ ଉପସ୍ଥିତ ଅତିଥିଙ୍କୁ ଯଥାମାନ୍ୟ କରିଥିଲେ। ମହାପ୍ରଭୁ ବିଷ୍ଣୁ ନୃସିଂହ ଅବତାର ଧାରଣ କରି ଯୁଦ୍ଧରେ ମୁରାସୁରଙ୍କୁ ବଧ କରିଥିଲେ। ପରେ ନାଟକର ସମାପ୍ତି ଘଟିଥିଲା। ଅଭିନେତା ହୃଷୀକେଶ ଭୋଇ ମୁରାସୁର ଭୂମିକାରେ ଅଭିନୟ କରିଥିଲେ। ଶେଷ ସନ୍ଧ୍ୟାରେ ଅତିଥି ଭାବେ ଭାଜପା ନେତା କନକବର୍ଦ୍ଧନ ସିଂଦେଓ, କହ୍ନେଇଚରଣ ଡାଙ୍ଗ, ରାକେଶ ତ୍ରିପାଠୀ, ଡା. ସୁବ୍ରତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



ମୁରାସୁର ନଗର ପରିକ୍ରମା କରୁଛନ୍ତି।

## ବିରମାଲରେ ଗଜଲକ୍ଷ୍ମୀ ପୂଜା

**ବରଗଡ଼ ଅଫିସ୍,୨୮।୧୦**

ବରଗଡ଼ ବ୍ଲକ ଅଧୀନ ବିରମାଲ ଛକଠାରେ ଚାଲିଥିବା ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜନୋତ୍ସବରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିବା ସହିତ ପ୍ରସାଦ ବିତରଣ କରିଥିଲେ। ପଣ୍ଡିତ ରୁଦ୍ର ଦେବତା ଏବଂ ବାବୁଲାଲ ଦେବତା ପୂଜାର୍ଯ୍ୟ ତୁଲାଇଥିଲେ। ସୁଶିଳ ଶାହା, କୃଷ୍ଣଚନ୍ଦ୍ର ଦାଶ, ଚନ୍ଦ୍ରଶେଖର ଦାଶ, ଫକୀର ସାହୁ, ନରେଶ ଦୋରା ପ୍ରମୁଖ କର୍ତ୍ତା ଦାୟିତ୍ୱ ସମ୍ପନ୍ନ କରିଥିଲେ। ସନ୍ତୋଷ ସା, କ୍ଷୀରୋଦ୍ର ସାହୁ, ନିର୍ମଳ ପାତ୍ର, କିଶୋର ବେହେରା, ସୁରେନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବରଗଡ଼ ଡିଏଲ୍ଏସ୍ଏକୁ ଶ୍ରେଷ୍ଠ ପୁରସ୍କାର

**ବରଗଡ଼ ଅଫିସ୍,୨୮।୧୦**

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକ ଆନୁକୂଲ୍ୟରେ ଓଡ଼ିଶା ଜୁଡ଼ିସିଆଲ ଏକାଡ଼େମୀ କଟକରେ ରାଜ୍ୟସ୍ତରୀୟ ଆଇନ ସାକ୍ଷରତା ଉତ୍ସବ ଏବଂ ପ୍ରଶଂସା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ରାଜ୍ୟର ୩୦ଟି ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ)କୁ ୫ଟି ମଣ୍ଡଳରେ ବିଭକ୍ତ କରାଯାଇଥିଲା ଏବଂ ପ୍ରତି ମଣ୍ଡଳର କାର୍ଯ୍ୟାଧାରାକୁ ଅନଧାନ କରି ସେହି ମଣ୍ଡଳର ଗୋଟିଏ ଜିଲାକୁ ଶ୍ରେଷ୍ଠ ଜିଲା ଆଇନ ସେବା ପ୍ରାଧିକରଣଭାବେ ମନୋନୀତ କରାଯାଇଥିଲା । ତେବେ ମଣ୍ଡଳ-୨ ଅଧୀନ ୬ଟି ଜିଲା ଅର୍ଥାତ୍ ବରଗଡ଼, ସମ୍ବଲପୁର, ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି ଓ ନୂଆପଡ଼ା ମଧ୍ୟରୁ ଜିଲା ଆଇନ ସେବା ପ୍ରାଧିକରଣ ବରଗଡ଼କୁ ୨୦୧୮ର ଶ୍ରେଷ୍ଠ ଜିଲା ଆଇନ ସେବା ପ୍ରାଧିକରଣଭାବେ ଚୟନ କରାଯାଇଥିଲା। ଏହି କ୍ରମରେ ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୁବାସ ଚନ୍ଦ୍ର ଧଳଙ୍କୁ ମଣ୍ଡଳ ନଂ-୨ର ଶ୍ରେଷ୍ଠ ଜିଲା ଆଇନ ସେବା ପ୍ରାଧିକରଣର ମାନପତ୍ର ପ୍ରଦାନ କରାଯାଇଥିଲା । ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ କଟକର ମୁଖ୍ୟ ବିଚାରପତି କଲ୍ଲେଶ ସତ୍ୟେନ୍ଦ୍ର ଜାଭେରୀ, ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକର ଶାସକ ଅଧ୍ୟକ୍ଷ ଆଇ. ମହାନ୍ତି, ବିଚାରପତି ବି.ଆର୍ ଷଡ଼ଙ୍ଗୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ରାଜ୍ୟର ୩୦ଟି ଜିଲାର ଆଇନ ସେବା ପ୍ରାଧିକରଣର ସଚିବ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ଜିଲା ଆଇନ ସେବା ପ୍ରାଧିକରଣ କଟକ ପରିଚାଳନା କରିଥିଲା।

## ଦୁର୍ଘଟଣାରେ ଯୁବକ ମୃତ

**ବରଗଡ଼ ଅଫିସ୍,୨୮।୧୦**

ବରଗଡ଼-ଭଟଲି ରାସ୍ତା ଡାଙ୍ଗ ଛକରେ ରବିବାର ଏକ ସ୍କୁଟି ଏବଂ ଅନ୍ୟ ଏକ ମୋଟର ସାଇକେଲ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବକ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ତେବେ ମୃତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଏନେଇ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା(ନଂ.୫୩୫/୧୮) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ତଳଗାଁରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ତଳଗାଁ,୨୮।୧୦(ଡି.ଏନ୍.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତରେ ରବିବାର ବିଜେଡିର ଜନ ସମ୍ପର୍କ ପଦଯାତ୍ର ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ତଳଗାଁ ପଞ୍ଚାୟତ ଗଣ୍ଡାପାଳୁ ଗ୍ରାମରୁ ବାହାରି ତଳଗାଁ ଶିବ ମନ୍ଦିର ନିକଟରେ ପହଞ୍ଚିଥିଲା। ପଦଯାତ୍ରାରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କନ୍ଧମାଳ ବିଧାୟକ ତଥା ଜିଲା ସଭାପତି ମହିଧର ରଣାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରିଥିଲା । ଏହି ଅବସରରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ତଳଗାଁ ଶିବ ମନ୍ଦିରଠାରେ ଜିଲା ସଭାପତି ରଣାଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା। ସଭାରେ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ରହି ଉଦ୍ବୋଧ ଦେଇଥିଲେ। ପଦଯାତ୍ରାରେ ରାଜ୍ୟ ପର୍ଯ୍ୟବେକ୍ଷକ କୃତୀବାସ ପାତ୍ର, ପୂର୍ବତନ ଏନ୍ଏସି ଅଧ୍ୟକ୍ଷା ଦୀପ୍ତିପ୍ରଭା ସ୍ୱାଇଁ, ନବକୁମାର ମିଶ୍ର, ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ସ୍ଥାନୀୟ ସରପଞ୍ଚ ବିଜୟ ଲକ୍ଷ୍ମୀ ସାହୁ, ସମିତି ସଭ୍ୟା ସାବିତ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ନେତା କହ୍ନେଇ ଦାସଙ୍କ ପରଲୋକ

**ବୌଦ୍ଧ,୨୮।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲାର ବରିଷ୍ଠ ରାଜନୀତିଜ୍ଞ ତଥା ବିଜେଡି ନେତା କହ୍ନେଇ ଚରଣ ଦାସଙ୍କ ରବିବାର ସକାଳେ ପୋଡାପୋଡାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ବିଜେଡି ନେତା ଦାସ ପୂର୍ବତନ ମନ୍ତ୍ରୀ ନଟବର ପ୍ରଧାନଙ୍କ ମୁଖ୍ୟ ସହଯୋଗୀ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବାଚସ୍ପତି ପ୍ରଦୀପ କୁମାର ଅମାତଙ୍କ ସମତେ ଶତାଧିକ ନେତା ଓ ଜନସାଧାରଣ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ମହାନଦୀର ସନ୍ତୋଷୀ ମା' ଘାଟକୁ ନେଇଥିଲେ । ସେଠାରେ ତାଙ୍କର ବଡପୁଅ ମନୋରଞ୍ଜନ ଦାସ ମୁଖାଗ୍ନି ଦେଇଥିଲେ।

## ଜୁଗାର ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

**ବରଗଡ଼ ଅଫିସ୍,୨୮।୧୦**

ବରଗଡ଼ ସହରର ଖଜୁରଟିକ୍ରା ପଡ଼ାବାସୀଙ୍କ ଦ୍ୱାରା ମାଁ ଖଜୁରକଟିଁଏନଙ୍କ ପୂଜନୋତ୍ସବ ଅବସରରେ ଜୁଗାର ଯାତ୍ରା ସମ୍ପନ୍ନ ହୋଇଯାଇଛି । ଏହି ଅବସରରେ ମନ୍ଦିର ପରିସରରେ ଚଣ୍ଡୀହୋମ କରାଯାଇଥିଲା । ଏଥିରେ ସାତଯୋଡ଼ି ଅର୍ଥାତ ଗୌର ପଣ୍ଡା, ଅଶୋକ ମିଶ୍ର, ଶାନ୍ତି ମିଶ୍ର, ସନ୍ତୋଷ ମିଶ୍ର, ଲକ୍ଷ୍ମଣ ପାତ୍ର, ମନୋଜ ପାଢ଼ୀ ଏବଂ କଂଗ୍ରେସ ମେହେର ସପତ୍ନୀକ କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ । ରବି ପଣ୍ଡା, ଦଶରଥ ପାଣିଗ୍ରାହୀ, ଉମେଶ ପାଣିଗ୍ରାହୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲେ।



ବରଗଡ଼ରେ ମା' ଖଜୁରକଟୀଏନଙ୍କ ଜୁଗାର ଯାତ୍ରା।

## ସେମିଫାଇନାଲରେ ଧିରପୁର

**ବରଗଡ଼ ଅଫିସ୍,୨୮।୧୦**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଧିରପୁର ପ୍ରତିପକ୍ଷ କଳାପାଣିକୁ ୧-୦ ଗୋଲରେ ହରାଇବା ସହିତ ସେମିଫାଇନାଲରେ ପ୍ରବେଶ କରିଛି । ଧିରପୁରର ସୁକେଶ ମହାରଣା ଗୋଲ ସ୍କୋର କରିଥିଲେ । ତେବେ ବାରମ୍ବାର ସୁଯୋଗ ସତ୍ତ୍ୱେ କଳାପାଣି ଦଳ ଖେଳାଳିମାନେ ଗୋଲ ସ୍କୋର କରିବାରେ ସକ୍ଷମ ହୋଇପାରି ନ ଥିଲେ । ଚିତ୍ତ ପାଣ୍ଡେ, ପଞ୍ଚାନନ ପାତ୍ର, ଉମେଶ ଭୋଇ, ପ୍ରେମନାଥ ଗିରି ମ୍ୟାଚ ପରିଚାଳନା କରିଥିଲେ । ସୋମବାର ବରପାଲି ଓ କାଇଁଶିର ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ହେବାର କାର୍ଯ୍ୟକ୍ରମ ରହିଛି ।

## ଏମ୍ଜିଏନ୍ଆର୍ଇଜିଏସ୍ ସଚେତନତା ବୈଠକ

**ବୌଦ୍ଧ୨୮।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲା ରାଧାନଗର ପଞ୍ଚାୟତରେ ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନା(ଏମ୍ଜିଏନ୍ଆର୍ଇଜିଏସ୍) ଉପରେ ରବିବାର ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅପରାଜିତା ବେହେରାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ଏଥିରେ ପଞ୍ଚାୟତ ରୋଜଗାର ସେବକ ସୌମ୍ୟଜିତ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନା ଉପରେ ସଚେତନ କରାଇଥିଲେ । ସଭାରେ କାର୍ଯ୍ୟନିବାହୀ ଅଧିକାରୀ ବିଭିଷଣ ମଲ୍ଲିକ, ସମିତି ସଭ୍ୟା ପାର୍ବତୀ କହଁର, ୱାର୍ଡ଼ଲ୍ ସଭ୍ୟ ଖଗ ନାଏକ, କମ୍ବୁଧର କହଁର, ଅପସରୀ ନାଏକ, ପରି ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସରପଞ୍ଚ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜିଲାସ୍ତରୀୟ ଗୀତା ଆବୃତି ପ୍ରତିଯୋଗିତା

**ବୌଦ୍ଧ୨୮।୧୦(ସ୍ୱ.ପ୍ର.)**

ପ୍ରଜ୍ଞାନ ମିଶନ ଜଗତପୁର ଓ କ୍ରିୟା ଯୋଗ ଧ୍ୟାନ କେନ୍ଦ୍ର ବୌଦ୍ଧ ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ଭାଗବତ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଧରଣୀଧର ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଆଶମର ସ୍ୱାମୀ ଗୁରୁ ଶିବାନନ୍ଦ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧ୍ରୁବଚରଣ ଘିବେଲା, ଶିବାଦତ୍ତ ପଟ୍ଟନାୟକ, ଧରଣୀଧର ମଣ୍ଡଳ ଗୀତା ଉପରେ ଆଲୋକପାତ କରିଥିଲେ। ବୌଦ୍ଧ କ୍ରିୟାଯୋଗ ଅନୁଷ୍ଠାନର କର୍ମକର୍ତ୍ତା ପ୍ରାଣବନ୍ଧୁ ମହାପାତ୍ର, ପ୍ରଫୁଲ୍ଲ ଚାନ୍ଦ, ସମୀର ସାହୁ, ଓ ସୌମିତ୍ରୀ ପଲିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲ।

## ସମଲେଶ୍ୱରୀ ପୂଜନୋତ୍ସବ

**ବରଗଡ଼ ଅଫିସ୍,୨୮।୧୦**

ବରଗଡ଼ ବ୍ଲକ ତୋରା ଚମ୍ପାବତୀପୁରରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ରାଜୁ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ଏହି ଅବସରରେ ରେମଣ୍ଡାର କୃଷ୍ଣଗୁରୁ ପରିବେଷଣ କରାଯାଇଥିଲା। ବିମ୍ବ ବାଗ, ବଳିଷ୍ଠ ସୁନା, କମଳ ନନ୍ଦ, ରୋହିତ ନାଗ, ସରୋଜ ଜାଲ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

### ତୃତୀୟ ଦିନରେ ସାପ ଧରାଳିଙ୍କ ଆମରଣ ଅନଶନ

## ୩ ଅସୁସ୍ଥଙ୍କୁ ଚିକିତ୍ସାଳୟରେ ଭର୍ତ୍ତି

**ବୌଦ୍ଧ,୨୮।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲାର ସାପ ଧରାଳିମାନେ ୬ ଦଫା ଦାବିରେ ଗତ ଶୁକ୍ରବାରଠାରୁ ବୌଦ୍ଧ ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ସ୍ନେକ ହେଲପ ଲାଇନ ସଂଗଠନ ଅଧୀନରେ କାର୍ଯ୍ୟ କରୁଥିବା ଜିଲାର ୬୦ଜଣ ସାପଧରାଳି ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେବା ସହ ବହୁ କଷ୍ଟରେ ପରିବାର ଚଳାଉଛନ୍ତି। ଏନେଇ ତାଙ୍କୁ ସରକାରୀ ସୁବିଧା ସହ ଆନୁଷଙ୍ଗିକ ଯନ୍ତ୍ରପାତି ଯୋଗାଇଦେବାକୁ ଦାବି କରିଛନ୍ତି। ଶନିବାର ଉଡବିଲିକା ଗ୍ରାମର ସାପଧରାଳି ହେମନ୍ତ ବାଦୀ ଅସୁସ୍ଥ ହୋଇ ବୌଦ୍ଧ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ରବିବାର ଆନନ୍ଦପୁର ଗ୍ରାମର ତ୍ରିଲୋଚନ ବେହେରା, ଉଡବିଲିକା ଗ୍ରାମର ପୁରନ୍ଦର ମହାନନ୍ଦ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବୌଦ୍ଧ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ୩ ଜଣ ଅସୁସ୍ଥ ହୋଇପଡିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆମରଣ ଅନଶନ ଚାଲୁ ରହିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## କୋଶଲି ରାମାୟଣ ପ୍ରବଚନ ଉଦ୍ଯାପିତ

**ପାଇକମାଲ,୨୮।୧୦(ଡି.ଏନ.ଏ)**

ପାଇକମାଲ ବ୍ଲକ୍ କାଂସଡା ପଁନ୍ଚେତ ଅଧୀନ୍ ବରପାଲି ଗାଁରେ ୩ ଦିନ୍ ଧରି ଚାଲିଥିବାର କୋଶଲି ରାମାୟଣ ପ୍ରବଚନ ରଏବାର ଉଦ୍ଯାପିତ ହେଇଯାଇଛେ। କୋଶଲି ଭାଷା ଅଂଚଲର ଚିରାଚରିତ୍ ଭାଷା ହେଇଥିଲା ବେଲେ ପ୍ରବଚନ୍ ଶୁନ୍ବାକେ ଲୁକ୍କର ବଡ଼ଭାରି ଭିଡ୍ ଦେଖିବାକେ ମିଲିଥିଲା। ବାନପ୍ରସ୍ଥ ସୁଧର୍ମା ଦାସ ରାମାୟଣ ପ୍ରବଚନ ବିଶ୍ଲେଷନ୍ କରି ବୁଝେଇଥିଲେ। ଫିଦିନ ରାତି ୮ ବଜେନୁ ୧୧ ବଜେ ତକ୍ କାଯ୍କରମ ହେଉଥିଲା। କାଯ୍କରମ ମଝିରେ ସଂଗୀତ୍ କାଯ୍କରମ ହେଉଥିଲା। ଶୁରୁତାମାନକର ହୁଲାହୁଲି ଆର୍ ହରିବୋଲଥି ଅଂଚଲ କଁପି ଯାଉଥିଲା। ପୂଜାରେ କର୍ତା ହିସାବେ ଜଲନ୍ଧର ପ୍ରଧାନ ଆର୍ ତାକର ମାଏକିନା ସୁଜାତା ପ୍ରଧାନ ଦାଇତିଅ ତୁଲେଇଥିଲେ। ଗାଁର ଜିତେନ୍ଦ୍ରୀୟ ସାହୁ, ଗଙ୍ଗାଧର ସାହୁ, ପୁରୁଷୋତ୍ତମ ପ୍ରଧାନ, କୁମରମଣି ପ୍ରଧାନ ପରମୁଖ ସହଯୋଗ୍ କରିଥିଲେ।




ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମହଲାକଟାରେ ଏକ କଲ୍ୟାଣମଣ୍ଡପର ଶିଳାନ୍ୟାସ କରୁଛନ୍ତି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ଭେଡ଼େନ,୨୮।୧୦(ଡି.ଏନ୍.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ରୁଷୁଡ଼ା ପଞ୍ଚାୟତ ଧାତୁକପାଲି ଓ ମହଲାକଟା ଗ୍ରାମରେ ରବିବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ତଥା ଉଦ୍ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ମହଲାକଟା ତଳିପଡ଼ାରେ ଆମ ଗାଁ ଆମ ବିକାଶ ଯୋଜନାରେ ଏକ କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରିଥିବା ବେଳେ ଧାତୁକପାଲି ୨ ନମ୍ବର ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଧାତୁକପାଲି ଖେଳ ପଡ଼ିଆରେ ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନରେ ନିର୍ମିତ ମଞ୍ଚର ଉଦ୍ଘାଟନ କରିଥିଲେ। ପୂର୍ବତନ ସରପଞ୍ଚ ଦ୍ୟୁମତସେନ ରଣାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମନ୍ତ୍ରୀ ଛୁରିଆ ମୁଖ୍ୟଅତିଥି, ଭେଡ଼େନ ଅଧ୍ୟକ୍ଷ ବ୍ଲକ ଡ଼ୋଳାମଣି କ୍ଷେତି, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ବ୍ଲକ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ସରପଞ୍ଚ ନିରୁପାଞ୍ଜଳି ମହାଲିଙ୍ଗ, ସମିତିସଭ୍ୟା ଲୁଲେଶ୍ୱରୀ ନାଏକ, ରବି ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଯୁବ ବିଜେଡ଼ି କର୍ମି ସୁରେନ୍ଦ୍ର କର୍ମି, ୱାର୍ଡ଼ ସଭ୍ୟ ଅକ୍ରୁର ମେହେରଙ୍କ ସମେତ ବହୁ ଗ୍ରାମବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଗାୟତ୍ରୀ ପରିବାରର ନିଶାମୁକ୍ତି ଅଭିଯାନ

ଜାମଟିକ୍ରା,୨୮।୧୦ (ଡି.ଏନ.ଏ.)- ଏକ ସୁସ୍ଥ ସୁନ୍ଦର ସମାଜ ଗଠନ କରିବାକୁ ହେଲେ ମଦ, ଧୂମପାନ, ଗୁଟଖା, ଅଫିମ ପ୍ରଭୃତି ସମ୍ପୂର୍ଣ୍ଣ ନିଶା ଦ୍ରବ୍ୟ ନିଷେଧ କରିବା ଉଚିତ। ଏଣୁ ଏକ ନିଶାମୁକ୍ତ ସମାଜ ଗଠନ କରିବାର ଲକ୍ଷ୍ୟ ନେଇ ରବିବାର ସକାଳେ ଅତାବିରା ବ୍ଲକ ବନହର ଓ କୁକେତିରା ଗ୍ରାମରେ ଅତାବିରା ଗାୟତ୍ରୀ ପରିବାର ଆନୁକୂଲ୍ୟରେ ନିଶା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗାୟତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମହିଳା ଓ ବୁଦ୍ଧିଜୀବୀ ଶୋଭାଯାତ୍ରାରେ ସାମିଲ ହୋଇ ପ୍ଲାକାର୍ଡ, ବ୍ୟାନର ସହ ବିଭିନ୍ନ ପ୍ରକାରର ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ଏହି ଶୋଭାଯାତ୍ରାରେ ବନମାଳୀ କଠାର, ଭବାନୀ ପଟେଲ, ବିଭୂତି ବାରିକ ପ୍ରମୁଖ ସାମିଲ ଥିଲେ।

### ସ୍କୁଲରୁ ଚାଉଳ ଚୋରି ଅଭିଯୋଗ: ୩ ଗିରଫ

ଭେଡ଼େନ,୨୮।୧୦(ଡି.ଏନ୍.ଏ.)- ବରଗଡ଼ ଜିଲା ଭେଡ଼େନ ଥାନା କୁବେଡ଼େଗା ପଞ୍ଚାୟତ ଅଧୀନ ଛାଲୁକୁଲୁଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ମଧାହ୍ନ ଭୋଜନ ପାଇଁ ରଖାଯାଇଥିବା ଚାଉଳ ଚୋରି ଅଭିଯୋଗରେ ଭେଡ଼େନ ପୋଲିସ ୩ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛାଲୁକୁଲୁଣ୍ଡା ଗ୍ରାମର ଘନଶ୍ୟାମ ଭୁଏ, ଭୈରବ ବାଗ ଓ ସୁଶାନ୍ତ ଭୋଇ। ପୋଲିସ ତାଙ୍କ ପାଖରୁ ୪ କୁଇଣ୍ଟାଲ ଚୋରି ଚାଉଳ ଜବତ କରିଛି। ଗତ ୨୪ତାରିଖ ରାତିରେ ସ୍କୁଲରେ ରଖା ହୋଇଥିବା ୫ କୁଇଣ୍ଟାଲ ଚାଉଳ ଚୋରି ହୋଇଯାଇଥିଲା। ଏନେଇ ୨୫ ତାରିଖରେ ସ୍କୁଲ ପ୍ରଧାନଶିକ୍ଷକ ପ୍ରଦୀପ ପାଣିଗ୍ରାହୀ ଭେଡ଼େନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ଉପାନ୍ତରେ ନକଲି କୀଟନାଶକ କାରବାର

**ଛତିଶଗଡ଼ରୁ ଆସୁଛି କୀଟନାଶକ**

- ପ୍ରୟୋଗ ପରେ ଉଜୁଡ଼ି ଗଲା ଧାନ ଫସଲ
- ଘଟଣାକୁ ଚାପି ଦେଇଛନ୍ତି ଅସାଧୁ ବେପାରୀ
- ତଦନ୍ତ ହେବ କହିଲେ ଜିଲା କୃଷି ଉପନିର୍ଦ୍ଦେଶକ

ବରଗଡ଼ ଅଫିସ,୨୮।୧୦

ବରଗଡ଼ ଜିଲାରେ ସର୍ବାଧିକ ଧାନଚାଷ ହୋଇଥାଏ ଏବଂ ଏହି ଜିଲାର ଚାଷୀଙ୍କ ସମସ୍ୟା ମଧ ଅନ୍ୟ ଜିଲାଠାରୁ ଅଧିକ। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡ଼ି, ଧାନ ସଂଗ୍ରହ ପ୍ରକ୍ରିୟାରେ ଅଭାବୀ ବିକ୍ରି ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଚକଡ଼ା ଭଳି ରୋଗପୋକ ଉପଦ୍ରବ ମଧ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଥାଏ। ଗତ ୨୦୧୭ ଖରିଫରେ ଚକଡ଼ା ରୋଗପୋକରେ ଜିଲାରେ ଧାନ ଫସଲ ଉଜୁଡ଼ି ଯାଇଥିଲା ଏବଂ ଏଥିପାଇଁ ଚାଷୀ ଧାନ ଫସଲକୁ ଜାଳି ଆତ୍ମହତ୍ୟା କରିଥିବା ମଧ ଅଭିଯୋଗ ଉଠିଥିଲା । ତେବେ ଏଥର ମଧ ଚକଡ଼ାର ପ୍ରାଦୁର୍ଭାବ ଦେଖାଯାଇଥିଲେ ହେଁ ୨୦୧୭ ଭଳି ଫସଲକ୍ଷତି ହୋଇ ନାହିଁ । ମାତ୍ର ଚାଷୀଙ୍କ ସଚେତନତା ଅଭାବରୁ ଚକଡ଼ା ରୋଗପୋକ ଦମନ ଆଳରେ କେତେକ ଅସାଧୁ ବେପାରୀମାନେ ନକଲୀ କୀଟନାଶକ ବିକ୍ରିରେ ମାତି ଥିବା ଖବର ମିଳିଛି । ଜିଲାର ଉପାନ୍ତ ଅମ୍ବାଭୋନା ଅଞ୍ଚଳରେ ଅସାଧୁ ବ୍ୟବସାୟୀଙ୍କ ସେଭଳି ବେପାର ଜୋର ଧରିଥିବା ବେଳେ ନକଲୀ କୀଟନାଶକ ପ୍ରଭାବରେ ଅଞ୍ଚଳର ଧାନ ଫସଲ ଜଳିପୋଡ଼ି ଛାରଖାର ହୋଇଥିବା ସୂଚନା ମିଳିଛି । ମାତ୍ର ସମ୍ପୃକ୍ତ ବେପାରୀ କାର୍ଯ୍ୟାନୁଷ୍ଠାନ ଭୟରେ ଧରାଧରି କରି ଏହି ଘଟଣାକୁ ଚାପି ଦେଇଥିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ଅନୁଯାୟୀ, ଜିଲାର ଅମ୍ବାଭୋନା ବ୍ଲକ ପଡ଼ୋଶୀ ଛତିଶଗଡ଼ ସୀମାବର୍ତ୍ତୀ ହୋଇଥିବା ଯୋଗୁ ସେଠାରୁ ଏ ଅଞ୍ଚଳକୁ ନକଲୀ କୀଟନାଶକ ଆସୁଛି । କଣ୍ଡପଲା ଅଞ୍ଚଳର ଜଣେ ଅଣଲାଇସେନ୍ସପ୍ରାପ୍ତ ବ୍ୟବସାୟୀ ଏହି କୀଟନାଶକ ବେପାର ଚଲାଇଛନ୍ତି। ଏପରି କି ସେ ଛତିଶଗଡ଼ ଅଞ୍ଚଳରୁ କୀଟନାଶକ ଆଣି ତାକୁ ଘରେ ଅପମିଶ୍ରଣ କରି ବିକ୍ରି କରୁଛନ୍ତି । ଏହି ବ୍ଲକ ଅନ୍ତର୍ଗତ କଲମୀ କୁଡ଼ାପାଲି, ଚିଚୋଲି ଆଦି ଅଞ୍ଚଳର ଚାଷୀମାନେ ସଚେତନତାର ଅଭାବରୁ ଧାନ ଫସଲରେ ଦେଖାଦେଇଥିବା ଚକଡ଼ା ଦମନ ପାଇଁ ତାଙ୍କ କୀଟନାଶକ କିଣିଥିଲେ । ତେବେ ଜମିରେ ସେହି କୀଟନାଶକ ପ୍ରୟୋଗ କରିବା ପରେ ଚକଡ଼ା ଦମନ ପରିବର୍ତ୍ତେ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି । ଏ ନେଇ କ୍ଷତିଗ୍ରସ୍ତ ଚାଷୀମାନେ ବିଧିବଦ୍ଧଭାବେ କାହାରି ପାଖରେ ଅଭିଯୋଗ କରି ନ ଥିବାବେଳେ ସମ୍ପୃକ୍ତ ବେପାରୀ ଚାଷୀଙ୍କୁ ଭୂଆଁ ବୁଲାଇ ଘଟଣାକୁ ଚାପି ଦେଇଛନ୍ତି । ଏ ନେଇ କୃଷିବିଭାଗ ପାଖରେ ମଧ ଖବର ନାହିଁ। ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀଙ୍କୁ ପଚାରିବାରୁ ସେ କହିଥିଲେ, ଚକଡ଼ା ଦମନ ପାଇଁ କୃଷି ବିଭାଗ ପକ୍ଷରୁ ଆବଶ୍ୟକ କୀଟନାଶକ ୫୦ ପ୍ରତିଶତରେ ଚାଷୀଙ୍କୁ ଯୋଗାଇ ଦିଆଯାଉଛି। ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ମଧ କରାଯାଉଛି । ଏହାସତ୍ତ୍ୱେ ଯଦି ନକଲୀ କୀଟନାଶକ କାରବାର ଚାଲିଛି ଏବଂ ଚାଷୀମାନେ ତାହା ବ୍ୟବହାର କରି କ୍ଷତିଗ୍ରସ୍ତ ହୋଇଛି, ତାର ତଦନ୍ତ କରାଯାଇ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ । ତେବେ ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଥିବାରୁ ଚାଷୀମାନେ ଅନ୍ୟ କେଉଁଠାରୁ ନକଲୀ କୀଟନାଶକ ନ କିଣି କୃଷିବିଭାଗରୁ ଉଦ୍ଦିଷ୍ଟ କୀଟନାଶକ ପ୍ରୟୋଗ କରିବା ପାଇଁ ଜିଲା କୃଷି ଉପନିର୍ଦ୍ଦେଶକ ଗାନ୍ଧୀ ପରାମର୍ଶ ଦେଇଛନ୍ତି ।

ଏଥର ମଧ ଜିଲାରେ ୨୦୧୭ ଫସଲ କ୍ଷତିର ପୁନରାବୃତ୍ତି ହେବ, ଏହି ଆଶଙ୍କାରେ ଚାଷୀକୁଳ ଭାଙ୍ଗି ପଡ଼ିଛନ୍ତି। ତେବେ ଚକଡ଼ା ରୋଗପୋକ ପ୍ରାଦୁର୍ଭାବ ପୂର୍ବାପେକ୍ଷା ଥମିଥିଲେ ହେଁ ବର୍ଷା ଧରାଛୁଆଁ ଦେଉ ନ ଥିବା ଯୋଗୁ ଜିଲାର ପଦ୍ମପୁର ଉପଖଣ୍ଡରେ ଆସନ୍ନ ମରୁଡ଼ି ପରିସ୍ଥିତି ଦେଖାଗଲାଣି । ଗୋଟିଏ ପଟେ ଚକଡ଼ା ଏବଂ ଅନ୍ୟପଟେ ମରୁଡ଼ି ପରିସ୍ଥିତି ଚାଷୀଙ୍କ ମାନସିକ ଭାରସାମ୍ୟକୁ ଦୋହଲାଇ ଦେଇଛି।

ପ୍ରକାଶଥାଉକି, ଜିଲାରେ ଚକଡ଼ା ରୋଗପୋକର ପ୍ରାଦୁର୍ଭାବ ବଢ଼ି ଚାଲିଥିଲା। ମାତ୍ର ଠିକଣା ସମୟରେ କୃଷିବିଭାଗ ବିହିତ ପଦକ୍ଷେପ ନେବା ଯୋଗୁ ତାକୁ ନିୟନ୍ତ୍ରଣ କରାଯାଇ ପାରିଥିଲା । ତଥାପି ଜିଲାର କେତେକ ସ୍ଥାନରେ ଧାନ ଫସଲ ଚକଡ଼ା ପ୍ରଭାବିତ ହୋଇଥିବା ଚାଷୀମାନେ କହିଛନ୍ତି । ଏଯାବତ୍ ଜିଲାର ସମୁଦାୟ ୨୨୪୨ ହେକ୍ଟର ଧାନ ଫସଲ ଚକଡ଼ା ପ୍ରଭାବିତ ହୋଇଥିଲା ବୋଲି କୃଷିବିଭାଗ ସୂତ୍ରରୁ ଜଣାପଡ଼ିଛି । ସେଥିରୁ ବରଗଡ଼ ବ୍ଲକରେ ୮୭୧, ବରପାଲିରେ ୩୧୨, ଭେଡ଼େନରେ ୨୬୬, ଅତାବିରାରେ ୩୦୫, ଅମ୍ବାଭୋନାରେ ୧୭୦, ସୋହେଲାରେ ୪୭, ବିଜେପୁରରେ ୧୨, ଗାଇସିଲେଟରେ ୧୭, ପଦ୍ମପୁରରେ ୧୨, ପାଇକମାଲରେ ୧୦ ଏବଂ ଝାରବନ୍ଧ ବ୍ଲକରେ ୧୨୦ ହେକ୍ଟର ଧାନ ଫସଲ ରହିଥିବା କୃଷିବିଭାଗର ଆକଳନ ରିପୋର୍ଟରେ ଉଲ୍ଲେଖିତ ରହିଛି।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଗଣ୍ଡତୁରୁମ,୨୮।୧୦ (ଡି.ଏନ.ଏ.)

ବରଗଡ଼ ଜିଲା ଭେଡେନ ବ୍ଲକ ଅଧୀନ ଗଣ୍ଡତୁରୁମ ଆଞ୍ଚଳିକ ନୋଡାଲ ହାଇସ୍କୁଲର ୧୯୯୦ ବ୍ୟାଚ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ହାଇସ୍କୁଲ ପୂର୍ବତନ ପ୍ରଧାନଶିକ୍ଷକ ତନୁ ଚନ୍ଦ୍ର ପଧାନ, ମକରଧ୍ୱଜ ପାତ୍ର, ଈଶ୍ୱର ପଧାନ, ବାଙ୍କା ବିହାରୀ ମିଶ୍ର, ସୁଦାମ ମହାର୍ଣ୍ଣା, ଭରତ କିଶୋର ପତି, ପ୍ରେମରାଜ ସାହୁ, ରାଧେଶ୍ୟାମ ପଧାନ, ଅଶୋକ ଦାଶ, ଚୋଳଗଙ୍ଗ ମେହେର, ରୂପାଧର ଅଦାବର ଏବଂ ସୁବାସ ପୋଢ଼ ପ୍ରମୁଖ ଶିକ୍ଷକ ଯୋଗଦାନ କରିଥିଲେ। ପୁରାତନ ଛାତ୍ର କ୍ଷୀରମୋହନ ଅଦାବର, ନରୋତ୍ତମ ପଣ୍ଡା, ତପନ ଦାଶ, ଆଶିଷ ପଣ୍ଡା, କଳାକାହ୍ନୁ ଡନସନା ପରିଚାଳନା କରିଥିଲେ । ଏହି ଅବସରରେ ଶିକ୍ଷକମାନଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରୀଛାତ୍ର ଓ ଶିକ୍ଷକମାନେ ସ୍କୁଲ ଜୀବନର ଅନୁଭୂତି ଉପରେ ଆଲୋକପାତ କରିଥିଲେ ।




ଅତିଥିଙ୍କ ଗହଣରେ ପୁରାତନ ଛାତ୍ରୀଛାତ୍ର।

## ବାଦିପାଲିର ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ

ବିଜେପୁର,୨୮।୧୦(ଡି.ଏନ.ଏ)

ବରଗଡ଼ ଜିଲା ବିଜେପୁର ବ୍ଲକ ବାଦିପାଲି ଗ୍ରାମରେ ପାଞ୍ଚ ଦିନ ଧରି ଚାଲିଥିବା ଗଜଲକ୍ଷ୍ମୀ ପୂଜା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ଲକ୍ଷ୍ମୀ ସହସ୍ରନାମ ଜପ, ହୋମ, ଆଳତି ପରେ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ବ୍ଲକ ଅଧକ୍ଷା ମାନିନୀ ଭୋଇ ଓ ତାଙ୍କ ସ୍ୱାମୀ ସୁଶାନ୍ତ ଭୋଇ ପୂଜାର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ରମେଶ ଚନ୍ଦ୍ର ପୁରୋହିତ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ । ବିଭିନ୍ନ ଦିବସରେ ସନ୍ଧ୍ୟାରେ ସମ୍ବଲପୁରୀ କବି ସମ୍ମିଳନୀ, ଲୋକନୃତ୍ୟ ପ୍ରତିଯୋଗୀତା, ଲୋକଗୀତ ପାଲା, ସମ୍ପ୍ରଦା, ଅପେରା ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଧାୟିକା ରୀତା ସାହୁ, ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ବିକ୍ରମ ସିଂ, ପଦ୍ମଶ୍ରୀ ହଳଧର ନାଗ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ପ୍ରବଳ ପ୍ରତାପୀ ଜଳନ୍ଧରର ରାଜତ୍ୱରେ ବାଦିପାଲି ହୋଇଥିଲା । ଜଳନ୍ଧର ଭୂମିକାରେ ଅଭିନୟ କରିଥିବା କଳାକାର ରୁକ୍ମଣ ଦୀପଙ୍କ ଅଭିନୟ ବେଶ ମନଛୁଆଁ ହୋଇଥିଲା । କୃଷ୍ଣ ଚନ୍ଦ୍ର ପୁରୀ, ଶିଖ ମେହେର, ଓକିଲ ବାରିକ, ଉଦ୍ଧବ ଭୋଇ, କ୍ଷୀରୋଦ୍ର ବାରିକ, ଧନେଶ୍ୱର ପୋଢ଼ ସମେତ ଗ୍ରାମବାସୀ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ପୋଷାକ, ଜୋତା ବଣ୍ଟନରେ ବ୍ୟତିକ୍ରମ

- ସରକାରୀସ୍ତରରେ ଅବହେଳା ଅଭିଯୋଗ

ଜାମଟିକ୍ରା,୨୮।୧୦ (ଡି.ଏନ୍.ଏ.)

ଶିକ୍ଷାର ସର୍ବାଙ୍ଗୀନ ବିକାଶକୁ ଦୃଷ୍ଟିରେ ରଖି ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକାରୀ ହୋଇଛି। ସଭିଏଁ ପଢ଼ିବେ, ସଭିଏଁ ବଢ଼ିବେ ମିଶନ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏପରି କି ବିଦ୍ୟାଳୟ ପ୍ରତି ପିଲାମାନଙ୍କୁ ଆକୃଷ୍ଟ କରିବା ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ଅଭାବୀ ପରିବାରଙ୍କୁ ପାଠପଢ଼ା ଖର୍ଚ୍ଚରୁ ବଞ୍ଚିତ କରିବା ପାଇଁ ମାଗଣାରେ ଶିକ୍ଷାଦାନ ସହ ପିଲାମାନଙ୍କୁ ପାଠ୍ୟ ଉପକରଣ, ପୋଷାକ, ଜୋତା ଦାଦି ପ୍ରଦାନ କରାଯାଉଛି । ଅନ୍ୟପକ୍ଷେ ବିଦ୍ୟାଳୟରେ ମଧାହ୍ନ ଭୋଜନ ବ୍ୟବସ୍ଥା ହୋଇଛି। ମାତ୍ର ବରଗଡ଼ ଜିଲା ଅତାବିରା ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ବ୍ଲକର ୧୬୨ଟି ବିଦ୍ୟାଳୟ ରହିଛି । ହେଲେ ଚଳିତ ବର୍ଷ ବ୍ଲକର ଗୋଟିଏ ହେଲେ ବିଦ୍ୟାଳୟକୁ ପୋଷାକ ଓ ଜୋତା ବଣ୍ଟନ କରାଯାଇ ନାହିଁ । ରାଜ୍ୟ ସରକାରଙ୍କ ଶିକ୍ଷା ନୀତି ଅନୁସାରେ ଅଗଷ୍ଟ ୧୫ ତାରିଖ ପରଠାରୁ ରାଜ୍ୟର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଥିବା ବିଦ୍ୟାଳୟ ପରିଚାଳନା କମିଟି ନାମରେ ପୋଷାକ ଓ ଜୋତା ବାବଦ ଆଗୁଆ ଚେକ କିମ୍ବା ଆକାଉଣ୍ଟରେ ରାଶି ଜମା ହୋଇଥାଏ। ପରେ କମିଟି ବୈଠକ ମାଧ୍ୟମରେ ଯୋଗାଣକାରୀ ସଂସ୍ଥାକୁ ଯୋଗାଣ ପାଇଁ ଦାୟିତ୍ୱ ପ୍ରଦାନ କରିଥାଏ। କିନ୍ତୁ ଚଳିତ ବର୍ଷ ଉକ୍ତ ରାଶି ଜମା ହୋଇ ପାରିନାହିଁ। ଫଳରେ ଅତାବିରା ବ୍ଲକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏହାଦ୍ୱାରା ପ୍ରଭାବିତ ହୋଇଛି । ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ସୁଦ୍ଧା ସମସ୍ତ ପିଲାମାନଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବା ପାଇଁ ସରକାରଙ୍କ କଡାକଡି ନିୟମ ରହିଥିଲେ ସୁଦ୍ଧା ସରକାରୀସ୍ତରରେ ଅବହେଳା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଚଳିତ ଶିକ୍ଷାବର୍ଷ ଶେଷ ହେବାକୁ ଆଉ ମାତ୍ର ୪ମାସ ବାକିଅଛି। ସରକାର ନିଜେ ନିୟମ ପ୍ରଣୟନ କରୁଥିବା ବେଳେ କିଭଳି ସରକାରୀସ୍ତରରେ ସମସ୍ୟା ଦେଖାଦେଇଛି ତାହା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଅତାବିରା ବିଇଓ ରାଜାରାମ ମେହେରଙ୍କୁ ପଚାରିବାରୁ ସେ କହିଲେ ଚଳିତ ବର୍ଷ ଆଗୁଆ ଟଙ୍କା ଜମା ହୋଇ ନ ଥିବାରୁ ଏଭଳି ଅସୁବିଧା ଦେଖାଦେଇଛି।

# ଧାତୁକପାଲିରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ଭେଡ଼େନ,୨୮।୧୦(ଡି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ରୁଷୁଡ଼ା ପଞ୍ଚାୟତର ଧାତୁକପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟ ପଡ଼ିଆରେ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଦ୍ୟୁମତସେନ ରଣାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଳାମଣି କ୍ଷେତି ମୁଖ୍ୟଅତିଥି, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ବ୍ଲକ ଉପାଧକ୍ଷା ସୁପ୍ରଭା ପ୍ରଧାନ, ସରପଞ୍ଚ ନିରୁପାଞ୍ଜଳି ମହାଲିଙ୍ଗ, ସମିତିସଭ୍ୟା ଲୁଲେଶ୍ୱରୀ ନାଏକ, ବରିଷ୍ଠ ନାଗରିକ ରବି ପାଣିଗ୍ରାହୀ, ଯୁବ ବାହିନୀ ସଂଯୋଜକ ଶିବୁ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ କ୍ରୀଡ଼ାବିତ ଚନ୍ଦନ ଦେହେରି, ରୁଷୁଡ଼ାର କ୍ଷେତ୍ରପାଳ ନୃତ୍ୟଦଳ, ହାଟଗାଁର ବୀର ବଜରଙ୍ଗ ନୃତ୍ୟଦଳ ତଥା ଅସହାୟ ବୃଦ୍ଧଙ୍କ ଶବ ସତ୍କାର କରିଥିବା ରୁଷୁଡ଼ାର ଯୁବଗୋଷ୍ଠିଙ୍କୁ ମୁଁ ହିରୋ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯୁବ ବାହିନୀ ସଭାପତି ସୁରେନ୍ଦ୍ର କର୍ମି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଆକର୍ଷଣୀୟ ନୃତ୍ୟ ପରିବେଷିତ ହୋଇଥିଲା।




ଧାତୁକପାଲିରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## କାର୍ତ୍ତିକ ଆରମ୍ଭରୁ ପନିପରିବା ଦର ବୃଦ୍ଧି

ଜାମଟିକ୍ରା,୨୮।୧୦ (ଡି.ଏନ.ଏ)

ଆରମ୍ଭ ହୋଇଛି ଧର୍ମ ମାସ କାର୍ତ୍ତିକ । ଆଜି କାର୍ତ୍ତିକର ପ୍ରଥମ ସୋମବାର। ଅନ୍ୟପକ୍ଷେ ଏହି ମାସରେ ହବିଷ କଲେ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ତେଣୁ ଅଧିକାଂଶ ଲୋକ କାର୍ତ୍ତିକ ମାସରେ ଆମିଷ ଖାଇ ନ ଥାନ୍ତି । ଏଣୁ ଅଧିକାଂଶ ଜନସାଧାରଣ ପରିବା ଉପରେ ନିର୍ଭର କରିଥାନ୍ତି। ଆବଶ୍ୟକତା ଦୃଷ୍ଟିରୁ ଅତାବିରା ଅଞ୍ଚଳର ବିଭିନ୍ନ ବଜାରଗୁଡ଼ିକରେ ପରିବା ଉପଲବ୍ଧ ହୋଇ ପାରୁ ନ ଥିବାରୁ କ୍ରମାଗତ ଭାବେ ଦର ବୃଦ୍ଧି ପାଇବାରେ ଲାଗିଛି । ଏହି ମାସରେ ଜନସାଧାରଣ ମାଟି ଆଳୁ, କଦଳୀ, ସାରୁ, ସଜନା ଛୁଇଁ ଓ ଟମାଟୋ ଆଦି ପରିବା କିଣି ହବିଷ କରିଥାନ୍ତି । ଏବେ ମାଟି ଆଳୁ କିଲୋ ୮୦ ଟଙ୍କା ଥିବା ବେଳେ କଞ୍ଚା କଦଳୀ ଡର୍ଜନ ୫୦ ଟଙ୍କା, ସାରୁ କିଲୋ ୪୦ ଟଙ୍କା ବଜାରରେ ବିକ୍ରି ହେଉଛି। ସେହିପରି ପୋଟଳ, ଫୁଲକୋବି, ଭେଣ୍ଡି, ବାଇଗଣ କିଲୋ ୪୦ ଟଙ୍କା ବିକ୍ରି ହେଉଛି। ଲୋକଙ୍କ ଚାହିଦା ବୃଦ୍ଧି ପାଉଥିବାରୁ ଆଗକୁ ପରିବା ମୂଲ୍ୟ ଆହୁରି ବଢ଼ିପାରେ। ଏବେ ୨୦୦ ଟଙ୍କାରେ ପରିବା ବ୍ୟାଗ ଭର୍ତ୍ତି ହେଉନି । ସ୍ଥାନୀୟ ଅଞ୍ଚଳକୁ ଛାଡି ଦେଲେ ଆନ୍ଧ୍ର ପ୍ରଦେଶ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ମୁଖ୍ୟତଃ ପରିବା ଆମଦାନି କରାଯାଇଥାଏ । ଏ ସବୁ ରାଜ୍ୟରୁ ଅଧିକ ପରିବା ଆସୁ ନ ଥିବାରୁ ଅଞ୍ଚଳର ବଜାରଗୁଡିକରେ ପରିବା ମୂଲ୍ୟ ବୃଦ୍ଧି ପାଉଥିବା କୁହାଯାଉଛି । କାର୍ତ୍ତିକ ମାସରେ ଘରେ ଏବଂ ମନ୍ଦିର ଗୁଡ଼ିକରେ ହବିଷ ଡାଲମା ହୋଇଥାଏ। ଏନେଇ ଅଧିକ ପନିପରିବାର ଆବଶ୍ୟକତା ହୋଇଥାଏ। ବର୍ତ୍ତମାନ ପରିବା ଦର ଯାହା ରହିଛି ସେଥିରେ ଜଣେ ସାଧାରଣ ଲୋକ ପରିବା କିଣି ଡାଲମା ପ୍ରସ୍ତୁତି କରିବା କଷ୍ଟକର ବୋଲି ଖାଉଟି ରୋଜାଲିନି ଦାସ କହଛନ୍ତି। ରାଜୀବ ପଧାନ ପରିବା ବିକାଳି କହନ୍ତି, ବର୍ଷା ପାଇଁ ସ୍ଥାନୀୟ ଅଞ୍ଚଳରେ ପରିବା ନଷ୍ଟ ହୋଇଯାଇଥିବାରୁ ଏହାର ପ୍ରଭାବ ପରିବା ବଜାର ଉପରେ ପଡିଛି ।

## ଫୁଟବଲ ଟୁର୍ନାମେଣ୍ଟ: ପତ୍ରାପାଲି ଚାମ୍ପିୟନ

ଭେଡ଼େନ,୨୮।୧୦(ଡି.ଏନ୍.ଏ.)


ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ରୁଷୁଡ଼ା ପଞ୍ଚାୟତ ଧାତୁକପାଲି ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆରେ ରବିବାର ଅନୁଷ୍ଠିତ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ପତ୍ରାପାଲି ଦଳ ଚାମ୍ପିୟନ ହୋଇଛି । ରୁଷୁଡ଼ା ପଞ୍ଚାୟତ ବିଜୁ ଯୁବ ବାହିନୀ ଆନୁକୁଲ୍ୟରେ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ପତ୍ରାପାଲି ଦଳ ଟାଇବ୍ରେକର ଯୋଗେ ୪-୩ ଗୋଲ ବ୍ୟବଧାନରେ ଗୁରୁପାଲି ଦଳକୁ ପରାସ୍ତ କରିଛି। ପୂର୍ବରୁ ହୋଇଥିବା ସେମିଫାଇନାଲ ଖେଳରେ ପତ୍ରାପାଲି ଦଳ ମହଳାକଟାକୁ ଟାଇବ୍ରେକର ଯୋଗେ ୪-୨ ଗୋଲ ଏବଂ ଗୁରୁପାଲି ଦଳ ତୁରୁମ ଦଳକୁ ୨-୦ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ପ୍ରତିଯୋଗିତାକୁ ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଳାମଣି କ୍ଷେତି ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଳାମଣି କ୍ଷେତି, ଉପାଧକ୍ଷା ସୁପ୍ରଭା ପ୍ରଧାନ, ରୁଷୁଡ଼ା ସରପଞ୍ଚ ନିରୁପାଞ୍ଜଳୀ ମହାଲିଙ୍ଗ, ସମିତିସଭ୍ୟା ଲୁଲେଶ୍ୱରୀ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅବିନାଶ ମାଝି ଧାରାବିବରଣୀ ପ୍ରଦାନ କରିଥିଲେ। ଖେଳଗୁଡ଼ିକୁ ରେଫରି ମନୋଜ ବଡ଼େଇ, ସୁନିଲ ପାଣ୍ଡେ, ମହିପାଲ ବାଗ ଏବଂ ମୁନୁ ରଣା ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ମହଳାକଟା, ଟିହିକିପାଲି, ମର୍ହାପାଲି, ପତ୍ରାପାଲି, ଗଣ୍ଡିଆପାଲି, ଗୁରୁପାଲି, ମାନପୁର ଏବଂ ତୁରୁମ ଦଳ ଅଂଶଗ୍ରହଣ କରିଥିଲେ। ପୂର୍ବତନ ସରପଞ୍ଚ ଦ୍ୟୁମତସେନ ରଣା ଉଦ୍‌ଯାପନୀ ଉତ୍ସବ ପରିଚାଳନା କରିଥିବା ବେଳେ ଯୁବ ବାହିନି ସଭାପତି ସୁରେନ୍ଦ୍ର କର୍ମି ଧନ୍ୟବାଦ ଅର୍ପଣ କରିଥିଲେ। ଧାତୁକପାଲି ମଡ଼ର୍ଣ୍ଣ ୟଙ୍ଗ କ୍ଲବର ସମସ୍ତ ସଭ୍ୟ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ।

### କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

# ତୈଳିକ ବୈଶ୍ୟ ସାହୁ ସମାଜର ନୂଆଁଖାଇ ଭେଟ୍‌ଘାଟ

ଗାଇସିଲେଟ, ୨୮।୧୦(ଡି.ଏନ.ଏ)

ବରଗଡ଼ ଜିଲା ଗାଇସିଲେଟ ନିକଟସ୍ଥ କଲଙ୍ଗାପାଲିଠାରେ ନବନିର୍ମିତ ତୈଳିକ ବୈଶ୍ୟ ସାହୁ ସମାଜ କଲ୍ୟାଣ ମଣ୍ଡପ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ କିଶୋର ମହାନ୍ତି ଏବଂ ବିଜେପୁର ବିଧାୟିକା ରୀତା ସାହୁଙ୍କ ଦ୍ୱାରା ରବିବାର ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ଡ. ପ୍ରଭାତ ସିଂ, ବିଜେଡି ନେତା ପ୍ରଭାତ ଆଦିତ୍ୟ ମିଶ୍ର, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଭ୍ୟ ନାରାୟଣ ସାହୁ, ବ୍ଲକ ଅଧକ୍ଷ ପ୍ରଣୟ ସାହୁ, ବିଡିଓ ମଧୁଛନ୍ଦା ସାହୁ, ସଭାପତି ତେଲି ସମାଜ ରାଜ୍ୟ ସଭାପତି ରଘୁନାଥ ସାହୁ, ଉପ ସଭାପତି ସଞ୍ଜୀବ ସାହୁ, ସୁନ୍ଦରଗଡ଼ ଅଧାପକ ବିଭୁତିଭୂଷଣ ସାହୁ, ହେମସାଗର ସାହୁ, ପ୍ରହଲ୍ଲାଦ ସାହୁ, ବଂଶୀଧର ସାହୁ, ସଚ୍ଚିଦାନନ୍ଦ ସାହୁ, ବ୍ଲକ ସମାଜ ସଭାପତି ଚୈତନ୍ୟ ସାହୁ, ରୁଦ୍ର ସାହୁ, ଡୋଲାମଣି, ସୁନାଧର ସାହୁ, ଜତିନ୍ଦ୍ର ସାହୁ, ବିଶ୍ୱପ୍ରତାପ ସାହୁ ମଞ୍ଚାସୀନ ଥିଲେ। ଲୋଇସିଂହାର ସୁର ସଂଗମ, ସମ୍ବଲପୁରର ଲହରୀ, ବରଗଡ଼ର ଡଲିଆଖୁସା ଅଞ୍ଚଳର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ସୁନାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର




# ଝି'ର ଚିକିତ୍ସା ଚିନ୍ତାରେ ଲହ ଗଡଉଛନ୍ ମା'ବାପ୍

**ଲୋଇସିଂହା, ୨୮।୧୦ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ପରଧିଆପାଲି ଗାଁର ଆନନ୍ଦିନୀ ମୁଦୁଲି(୧୭)। ଗୁଟେ ଜଟିଲ୍ ରୋଗ୍‌ରେ ପୀଡ଼ିତ୍ ଅଛନ୍। ପରିବାର ଲୋକ୍ ଧାରଉଧାର କରି ବୁର୍ଲା ଡାକ୍ତରଖାନାରେ ତାକର ଅସ୍ତ୍ରୋପଚାର କରେଇଛନ୍। ସୋମବାର ଫେନ୍ ବୁର୍ଲା ଡାକ୍ତରଖାନାକେ ଚିକିତ୍ସା ଲାଗି ଯିବାକେ ହାତେ ଟଁକା ନାଇଁ। ଏନ୍ତାଥି ବୁରୁଧ୍ ମା'ବାପ୍ କାଣା କରବେ ଚିନ୍ତାରେ ଘରେ ବସି ଲହ ଗଡ଼ଉଛନ୍। ଇ ଅସାହା ବୁରୁଧ୍ ମା'ବାପ୍ ଝି'ର ଚିକିତ୍ସା ଲାଗି ପର୍‌ଶାସନର ସାହାଯ୍‌କେ ଟାକି ବସିଛନ୍।

ଖବର ନେବାରେ ଜନାଯାଇଛେ ଯେ, ଲୋଇସିଂହା ବ୍ଲକ୍ ଝାରମୁଣ୍ଡା ପଁନ୍‌ଚେତର ପରଧିଆପାଲି ଗାଁ। ଗାଁର ରୁଦ୍ର ମୁଦୁଲି ଆର୍ କରି ମୁଦୁଲିକର ଗେଲ୍‌ହେଇ ଝି ଆନନ୍ଦିନୀ ଝାରମୁଣ୍ଡା ହାଇସ୍କୁଲରୁ ମାଟ୍ରିକ ପାସ କରି କୁଶଙ୍ଗ ଆଞ୍ଚଳିକ କଲେଜରେ ଯୁକ୍ତ ଦୁଇ ପଢୁଛନ୍। ପରିବାର ଲୁକ୍‌କର କହେବାର ହିସାବେ ଆନନ୍ଦିନୀ ଛୋଟବେଲୁ ଝାଡାଝପଟ୍ ଯିବାରେ ଟିକେ ଅସ୍‌ବିଧା ଥିଲା। ଗଲା ଅଗଷ୍ଟ ମାସେ ଦିନାକେତେ ସେ ଝାଡାଝପଟ୍ ନାଇଁଯାଇ। ବଲାଙ୍ଗୀରେ ଡାକ୍ତରଙ୍କୁଁ ଦେଖାବାରେ ଆନନ୍ଦିନୀର ପେଟେ ଟ୍ୟୁମର ସମସିଆ ଥିବାର ଜନାପଡ଼ିଥିଲା। ଇତାର ପରେ ପରିବାର ଲୋକ୍ ଆନନ୍ଦିନିକେ ନେଇ ବରଗଡ଼ର ଗୁଟେ ଘରୋଇ ଡାକ୍ତରଖାନାରେ ୪ ଦିନ୍ ରଖି ଚିକିତ୍ସା କରେଇଥିଲେ। ସେଠାନେ ଅସ୍ତ୍ରୋପଚାର ଲାଗି ଅଧିକା ପଏସା କହେବାର ଲାଗି ପରିବାର ଲୋକ୍ ଆନନ୍ଦିନୀକେ ବୁର୍ଲା ଡାକ୍ତରଖାନାକେ



ଖଟେପଡ଼ିଛନ୍ ଆନନ୍ଦିନୀ।

ନେଇ ଅସ୍ତ୍ରୋପଚାର କରି ଟ୍ୟୁମର ବାହାର କରେଇଥିଲେ। ଅସ୍ତ୍ରୋପଚାର୍‌ର ଦିନାକେତେ ଉତାରୁ ଆନନ୍ଦିନୀକେ ଖାସ ହେଲାରୁ ଗୁଟେ ଷ୍ଟିଚ୍ ଖୁଲି ଯାଇଥିଲା। ଯେନ୍‌ଥିରଲାଗି ତାକର ଫେନ୍‌ଘାଏ ଅସ୍ତ୍ରୋପଚାର କରାଯାଇଛେ। ଝି'ର ଚିକିତ୍ସା ଲାଗି ବୁରୁଧ୍ ମା'ବାପ୍ ଘରର୍ ସୁନାରୂପା ବିକି, ଧାରଉଧାର କରି ପାଖାପାଖି ୧ଲାଖ୍ ଟଁକା ସାରିଥିବାର କହିଛନ୍। ଏହେଦେ ଝି'ର ଚିକିତ୍ସା ଲାଗି ହାତେ କାଣି କଉଡିଟେ ନାଇଁ। ଏନ୍ତାଥି କାଣା କରବେ ବୁରୁଧ୍ ମା'ବାପ୍‌ର ବୁଧି ବନାହେଇଯାଉଛେ। ଆନନ୍ଦିନୀର ଅସ୍ତ୍ରୋପଚାର ଉତାରୁ ସେ ଖଟେ ପଡିରହିଛନ୍। ଏନ୍ତା ଥିତିରେ ଝି'ର ସେବାଯତନ୍ କରବାରେ ସମିଆ ଯାଉଛେ, ସେଆଡେ ଘରର ରୁଜ୍‌ଗାର ସାଜିଥିବାର ମୁଢ଼ି ଭଜା କାମ୍ ୩ ମାସ୍ ହେଲା ବଁଦ୍ ହେଇଯାଇଥିବାର ଆନନ୍ଦିନୀର ମା' କହିଛନ୍। ଗୁଟେବେଲି ଝି'ର ଏନ୍ତା ଅବସ୍‌ତାରେ ବୁରୁଧ୍ ମା'ବାପ୍ ଭାଂଗି ପଡ଼ିଛନ୍। ହାତେ ପଏସା କଉଡ୍ ନାଇଁଥିଲା ବେଲେ ସୋମବାର କେନ୍‌ଥେଇ ଚିକିତ୍ସା କରାବାକେ ଯିବେ ସେ ଚିନ୍ତାରେ ଘାରିହେଉଛନ୍। ଆରଗୁଟେ ଆଡୁ ଦେଖିଲେ ପରିବାରଟା ପର୍‌ଶାସନିକ୍ ଅବହେଲାର ଶିକାର ହେଉଛନ୍। ଇ ପରିବାଟା ପଁନ୍‌ଚେତରୁ ଖାଲି ରାଶନ ସାମାନ୍ ପାଉଥିଲା ବେଲେ ବିଜୁ ପକ୍କାଘର କି ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନାରୁ ବଁଚିତ ହେଇଛନ୍। ଏନ୍ତା କି ରାଏଜ୍ ସରକାରକଁର ବିଜୁ ସ୍ୱାସ୍ଥ୍ୟ ଯୋଜ୍‌ନା ସତେ ଯେନ୍ତା ଇ ପରିବାର ଲାଗି ଅପହଁଚ୍ ହେଇ ରହିଛେ। ଆନନ୍ଦିନୀକଁର ଦିହିପା ଖରାପ୍ ଥିବାର ବାବ୍‌ଦେ ଖବର ପାଇ ଥାନୀୟ ସରପଁଚ୍ ସୁନୀଲ ଅଗ୍ରୱାଲ ରଏବାର ତାକର ଘରେ ପୁହୁଁଚି ଚିକିତ୍ସା ଲାଗି ବୁର୍ଲା ଯିବାକେ ୧ ହଜାର ଟଁକାର ସାହାଯ୍ ଦେଇଛନ୍। ଇ ଘଟ୍‌ନା ଉପ୍‌ରେ ଜିଲାପାଲ ଦୁରୁଷ୍‌ଟି ଦେଇ ଆନନ୍ଦିନୀକୁଁ ରେଡକ୍ରସ କି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।

## ସଂକ୍ଷେପରେ

### କରଣ ସମାଜ ଦ୍ୱାରା ରକ୍ତଦାନ ଶିବିର

**କଣ୍ଟାବାଞ୍ଜି,୨୮।୧୦(ଡି.ଏନ.ଏ.)-** କଣ୍ଟାବାଞ୍ଜି କରଣ ସମାଜ ଦ୍ୱାରା ରବିବାର ସ୍ଥାନୀୟ ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୧୭ୟୁନିଟ ରକ୍ତ ସଂଗୃହିତ ହୋଇଛି। ସମାଜର ସଭାପତି ପୂର୍ଣ୍ଣଦାନନ୍ଦ ମହାନ୍ତି ଏହାକୁ ଉଦ୍‌ଘାଟନ କରିଛନ୍ତି। ସମ୍ପାଦକ ବିଶ୍ୱନାରାୟଣ ବହିଦାର, ସହସମ୍ପାଦକ ଶୁଭେନ୍ଦୁ ମହାନ୍ତି ପରାମର୍ଶଦାତା ସୁବାସ ବେହେରା ଆୟୋଜନ କରିଥିଲେ। ଉଭୟ ମହିଳା ଓ ପୁରୁଷମାନେ ରକ୍ତଦାନ କରିଥିବାରୁ ସମାଜ ତରଫରୁ ଧନ୍ୟବାଦ ଦିଆଯାଇଛି। ବ୍ଲଡ ବ୍ୟାଙ୍କ ଅଧିକାରୀ, ଡା. ତ୍ରିପାଠୀ, ଟେକ୍ନିସିଆନ ବୁଲା ସାମକ କର୍ମଚାରୀ ଶିବ ସାହୁ, କୁନାଲ ଦାସ, ଦୁର୍ଗା ତାଣ୍ଡି, ଗୁରୁବାରୁ ରଣା ଓ ପ୍ରଶାନ୍ତ ସାହୁ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମୂହ ଜିଲାସ୍ତରୀୟ କ୍ରୀଡ଼ା
# ଭାଗନେଲେ ୩୬୨ ବିଦ୍ୟାର୍ଥୀ

**ବୀରମହାରାଜପୁର, ୨୮।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚୌହାନପୁର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଚାଲିଥିବା ଦୁଇଦିନିଆ ଜିଲାସ୍ତରୀୟ କ୍ରୀଡା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଉଦଯାପନୀ ସମାରୋହରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧକ୍ଷ ସନ୍ତୋଷ ଭୋଇ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପିତାମହୁଲ ସରପଞ୍ଚ ସରୋଜ କୁମାର ବାରିକ ଓ ବିନୋଦାନନ୍ଦ ପଧାନ ମଞ୍ଚାସୀନ ରହି କୃତୀ ଖେଳାଳୀଙ୍କମାନଙ୍କୁ ପୁରସ୍କୃତ କରିଥିଲେ। ଏହି କ୍ରୀଡା ମହୋତ୍ସବରେ ସୁବର୍ଣ୍ଣପୁର ଜିଲାର ୨୨ଟି ଶିକ୍ଷା ଓ ଗବେଷଣା କେନ୍ଦ୍ରର ସମୁଦାୟ ୩୬୨ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କର ଏକ ବର୍ଣ୍ଣାଢ୍ୟ ସମ୍ମିଳିତ ପରେଡ ପ୍ରଦର୍ଶନ ମଧ୍ୟରେ ଧ୍ୱଜାବତରଣ ସହିତ ଏହାର ପରସମାପ୍ତି ଘୋଷଣା କରାଯାଇଥିଲା । ଶନିବାର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ବୀରମହାରାଜପୁରସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମ୍ପାଦକ ମନୋରଞ୍ଜନ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କୁନି ଖେଳାଳୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ରଞ୍ଜିତ କୁମାର ରଥ, ରୁଦ୍ରନାରାୟଣ ସିଂହସାମନ୍ତ, ସୁବଳ ଖଣ୍ଡଗିରୀ, ସରପଞ୍ଚ ସଂଘ ସଭାପତି ସରୋଜ ବାରିକ ଓ ବିଧାୟକଙ୍କ ପ୍ରତିନିଧି ନାରାୟଣ ଲୁହା ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ସଭାରେ ପୌରୋହିତ୍ୟ କରିଥିଲେ ଚୌହାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ କୁମାର ଚାନ୍ଦ। କ୍ରୀଡା ମହୋତ୍ସବରେ ଜିଲାର ସମସ୍ତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବଛାବଛା ପ୍ରତିଯୋଗୀ ଭାଗ ନେଇଥିଲେ।



ପ୍ରତିଯୋଗୀମାନଙ୍କର ଉଦ୍‌ଯାପନୀ ପରେଡ ।

# ମଞ୍ଜୁର ହେବାର ୨ମାସ ପରେ ବି ମିଳିନି ଋଣ ଟଙ୍କା

**ଖପ୍ରାଖୋଲ ୨୮।୧୦ (ଡି.ଏନ.ଏ.)**

ସରକାର ଗ୍ରାମାଞ୍ଚଳର ଗରିବ ମହିଳାଙ୍କ ଆର୍ଥିକ ବିକାଶ ସହିତ ମହାଜନୀ ଶୋଷଣ ଓ ଚିଟଫଣ୍ଡ ସଂସ୍ଥାମାନଙ୍କ ଠାରୁ ଦୁରେଇ ଆତ୍ମ ନିର୍ଭରଶୀଳ ହେବା ପାଇଁ ଜେଏଲଜି ଗୋଷ୍ଠୀ ମାଧ୍ୟମରେ ବିନା ଗ୍ୟାରେଣ୍ଟିରେ ଋଣ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଏପରିକି ୨ ମାସ ତଳେ ସମବାୟ ମନ୍ତ୍ରୀ ଜେଏଲଜି ଗୋଷ୍ଠୀକୁ ଋଣ ମଞ୍ଜୁର ସହ ଚେକ ବହି ଦେଇଥିଲେ ବି ବ୍ୟାଙ୍କ ଋଣ ଦେଉ ନ ଥିବା ଅଭିଯୋଗ ହେଉଛି। ଏଭଳି ଦେଖିବାକୁ ମିଳିଛି ଖପ୍ରାଖୋଲ ବ୍ଲକ ଲୁହାସିଂହା କୃଷି ସମବାୟ ସମିତି ଅଧିନରେ ଦମେଇପାଲି, ଜୁରିଆ, ଗୌଡପାଲି ଓ ଘଗରା ଗାଁରେ । ଏଠାରେ ଥିବା ୪ଟି ଜେଏଲଜି ଗୋଷ୍ଠୀ ପାଇଁ ୫୦ହଜାର ଟଙ୍କା ଲେଖାଏଁ ଋଣ କୃଷି ସମବାୟ ସମିତି ତରଫରୁ ମଞ୍ଜୁର ହୋଇଥିଲା। ୨ମାସ ତଳେ ସେପ୍ଟେମ୍ବର ୨ତାରିଖରେ କଣ୍ଟାବାଞ୍ଜିକୁ ସମବାୟ ମନ୍ତ୍ରୀ ସୁର୍ଯ୍ୟପାତ୍ରଙ୍କ ଗସ୍ତ ସମୟରେ ଏକ ଭବ୍ୟ ସମାରୋହରେ ବଲାଙ୍ଗୀର ଜିଲା କେନ୍ଦ୍ରୀୟ କୃଷି ସମବାୟ ବ୍ୟାଙ୍କ ଲାଠୋର ଶାଖା ତରଫରୁ ଜେଏଲଜି ଋଣ ମଞ୍ଜୁର ବାବଦରେ ଚେକ ବହି ମାନ୍ୟବର ମନ୍ତ୍ରୀ ୪ଗୋଷ୍ଠୀକୁ ପ୍ରଦାନ କରିଥିଲେ। ସମାରୋହରେ ବିଡିସିସି ବ୍ୟାଙ୍କ ଅଧକ୍ଷଙ୍କ ସମେତ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ। ଚେକ ବହି ମିଳିବାର ୨ମାସ ପରେ ବି ବିଡିସିସି ବ୍ୟାଙ୍କ ଲାଠୋର ଶାଖା ଋଣ ଦେଉ ନ ଥିବାବେଳେ ଜେଲଜି ଗୋଷ୍ଠୀର ମହିଳାମାନେ ଲୁହାସିଂହା କୃଷି ସମବାୟ ସମିତି, ଜୁରିଆ ଏବଂ ଲାଠୋର ଶାଖା କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇଥିବା କହିଛନ୍ତି। ଜୁରିଆର ମା' ଘସିଏନ ଦେବୀ ଜେଏଲଜିର ଅନିତା ଦୀପ, କେଛୋ ବରିହା ବିମଲା ବାଗ, କାମିନୀ ଛତର, ଗୌଡପାଲିର ମା'ଗାୟତ୍ରୀ ଜେଏଲଜିର ସଦସ୍ୟା ଡୋଲାବତି ମେହେର, ରୁକ ହାତି, ଗୋଲାପୀ ହାତି, ରିତା ହାତି, ଦମେଇପାଲିର କାଲିଆ ଜେଲଜିର ସଦସ୍ୟା ପ୍ରଭାତି ମେହେର, ଫୁଲମତି ଦଣ୍ଡସେନା, ଶଶୀ ଦେଇ ମେହେର, ତେଜ ମେହେର, ପ୍ରମୁଖ ଅଭିଯୋଗ କରିଛନ୍ତି। ଜେଏଲଜି ମହିଳାମାନେ କ୍ଷୁଦ୍ର ବ୍ୟବସାୟ ପାଇଁ ଋଣ ଆବେଦନ କରିଥିବା ଜଣାଯାଇଛି । ଏ ନେଇ ବିଡିସିସି ବ୍ୟାଙ୍କ ଲାଠୋର ଶାଖା ପରିଚାଳକ ହିମାଂଶୁ ପାଢୀଙ୍କୁ ପଚାରିବାରୁ ସମ୍ପୃକ୍ତ ଜେଏଲଜିର ଋଣ ମଞ୍ଜୁର ହୋଇଛି ଲୁହାସିଂହା କୃଷି ସମବାୟ ସମିତିର ସମ୍ପାଦକ ମାସେ ହେଲା ଅବସର ଗ୍ରହଣ କରିଥିବାରୁ କିଛି କାଗଜପତ୍ର ପାଇଁ ସମସ୍ୟା ହୋଇଛି ସପ୍ତାହେ ମଧ୍ୟରେ ଗୋଷ୍ଠୀ ଗୁଡିକୁ ଋଣ ଟଙ୍କା ମିଳିଯିବ ବୋଲି କହିଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯଦି କାଗଜପତ୍ର ଠିକ ହୋଇ ନ ଥିଲା ତେବେ ମନ୍ତ୍ରୀ କିଭଳି ଗୋଷ୍ଠିଗୁଡିକୁ ଋଣ ମଞ୍ଜୁର ସହ ଚେକ ବହି ପ୍ରଦାନ କଲେ।



ଜେଏଲଜି ଗୋଷ୍ଠୀର ମହିଳାମାନେ ବ୍ୟାଙ୍କ୍ ଚେକ୍ ଧରି ଛିଡା ହୋଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଡ଼ ହୋଇ ଯେବେ ଖାଏ ବେଉସା,**
**ବିରାଡ଼ି ହୋଇ ଯଦି ନ ମାରେ ମୂଷା,**
**ରଜା ହୋଇ ଯଦି ଦଣ୍ଡଇ ଚଷା,**
**କୁହ, କିସ ହୁଏ ସେ ଦେଶର ଦଶା ।**

ବାଡ଼ ଫସଲକୁ ସୁରକ୍ଷା ଦେଇଥାଏ, ପରନ୍ତୁ ବାଡ଼ ଯଦି ଫସଲ ଖାଏ ତେବେ ଏହାଠୁ ବଳି ବିଡମ୍ବନା ଓ ଦୁର୍ଭାଗ୍ୟର ବିଷୟ ଆଉ କିଛି ହୋଇ ନ ପାରେ। ବିରାଡ଼ି ଯଦି ମୂଷା ନ ମାରେ ତାହେଲେ ମୂଷାଙ୍କ ବଂଶ ବଢ଼ିଯିବା ସହ ତାଙ୍କ ପ୍ରାଦୁର୍ଭାବ ବଢ଼ିଯାଏ। ପରୋକ୍ଷରେ ଦୁଷ୍ଟ ଲୋକଙ୍କୁ ଦମନ କରା ନ ଗଲେ ତାଙ୍କ ଦୌରାତ୍ମ୍ୟ ବଢ଼ିଯାଏ। ସେହିପରି ରାଜା ବା ପ୍ରଶାସକ ଅନ୍ୟାୟରେ ଚାଷୀଙ୍କଠାରୁ କର ଆଦାୟରେ ଲିପ୍ତ ରହିଲେ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଇଥାଏ। ଏପରି ଅବସ୍ଥା ଦେଶର ପ୍ରଗତି ପ୍ରତି ବାଧା ସୃଷ୍ଟି କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବଜର ବାଣ,**
**ଘଇତା ଉପରେ ମାଇପ ଟାଣ ।**

ସ୍ୱାମୀ ନିକମା ବା ଅପାରଗ ହେଲେ ସ୍ତ୍ରୀର ଆଧିପତ୍ୟ ବଢ଼ିଯାଇଥାଏ। ଏପରିସ୍ଥଳେ ସ୍ତ୍ରୀ ସ୍ୱାମୀ ଆଗରେ ଟାଣପଣ ଦେଖେଇ ହେବା ସହ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ସମରେନ୍ଦ୍ର ମିଶ୍ରଙ୍କୁ ଶୁଭେଚ୍ଛା

**ବଲାଙ୍ଗୀର ଅଫିସ,୨୮।୧୦**

ଏଆଇସିସି ଅନୁମୋଦନ କ୍ରମେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଯୁବନେତା ସମରେନ୍ଦ୍ର ମିଶ୍ରଙ୍କୁ ପ୍ରଦେଶ କଂଗ୍ରେସ ମିଡିଆ ଓ ଯୋଗାଯୋଗ କମିଟି ବରିଷ୍ଠ ମୁଖପାତ୍ର ନିଯୁକ୍ତି ଦେଇଛନ୍ତି। ଏହା କଂଗ୍ରେସ କର୍ମୀ ଓ ନେତାଙ୍କ ମହଲରେ ସ୍ୱାଗତ କରାଯାଇଛି।

## ବଲାଙ୍ଗୀରରେ ଚକଡା ପୋକ ପ୍ରାଦୁର୍ଭାବ
# ଫସଲରେ ନିଆଁ ଲଗାଇବା ଜାରି

■ କ୍ଷେତ ବୁଲିଲେ କୃଷି ଅଧିକାରୀ, ଚାଷୀଙ୍କୁ ବୁଝାଇଲେ

**ବଲାଙ୍ଗୀର ଅଫିସ, ୨୮।୧୦**

ବଲାଙ୍ଗୀର ଜିଲାରେ ଚକଡା ପୋକ ପ୍ରାଦୁର୍ଭାବ ଯୋଗୁ ଶନିବାର ସଦର ବ୍ଲକ୍‌ର ଦୁଇ ଜଣ ଚାଷୀ ସେମାନଙ୍କ ୮ଏକର ଜମିରେ ନିଆଁ ଲଗାଇ ଦେଇଥିବା ଘଟଣା ଲୋକଲୋଚନକୁ ଆସିଥିଲା। ଏହି ଖବର ଗଣମାଧ୍ୟମରେ ପ୍ରଚାର ହେବା ପରେ ରବିବାର ବଲାଙ୍ଗୀର ଜିଲା କୃଷି ଅଧିକାରୀ ରବୀନ୍ଦ୍ର ଖଟୁଆ ଓ ଅନ୍ୟ ଅଧିକାରୀମାନେ କୁଡାସିଂହା, ସାହାଜବାହାଲ, ଝରେଇବାହାଲ ଅଞ୍ଚଳ ପରିଦର୍ଶନ କରି ଚାଷୀମାନଙ୍କୁ ଚକଡା ପୋକ ଉପଦ୍ରବ ଓ ଏହାର ନିରାକରଣ ଉପରେ ବୁଝାଇଥିଲେ। ଶନିବାର ଅପରାହ୍ନରେ ସଦର ବ୍ଲକ୍ ଅନ୍ତର୍ଗତ ସାହାଜବାହାଲ ଗାଁର ଚାଷୀ ଅନୀଲ ହୋତାଙ୍କ ତାଙ୍କ ୫ଏକର ଜମି ଓ ଝରେଇବାହାଲ ଗାଁର ଚାଷୀ ଅଶୋକ ପ୍ରଧାନଙ୍କ ୩ଏକର ଚାଷ ଜମିରେ ନିଆଁ ଲଗାଇ ଦେଇଥିବା ଜଣାପଡିଥିଲା । ରବିବାର ଜିଲା କୃଷି ଅଧିକାରୀ ଏହି ଗାଁ ଗସ୍ତ କରି ସେଠାକାର ଚାଷୀଙ୍କୁ ଭେଟି ଚକଡା ପୋକ ପାଇଁ କିଭଳି ନିରାକରଣ ବ୍ୟବସ୍ଥା ରହିଛି ସେ ବିଷୟରେ କହିଥିଲେ । ଚାଷ ଜମିରେ ନିଆଁ ଲଗାଇଲେ ଚକଡା କମିବ ନାହିଁ ବରଂ ଆହୁରି ସମସ୍ୟା ସୃଷ୍ଟି ହେବ ବୋଲି କହିଥିଲେ । କୀଟନାଶକ ଔଷଧ ବ୍ୟବହାର କରି ଚକଡା ରୋକାଯାଇପାରିବ ବୋଲି କହିଥିଲେ। କୀଟନାଶକ ଔଷଧ ଯୋଗାଇବା ବ୍ୟବସ୍ଥା ରହିଛି ଓ ଚାଷୀମାନେ ଏ ଦିଗରେ ସଚେତନ ହୁଅନ୍ତୁ ବୋଲି ଖଟୁଆ କହିଥିଲେ। ତେବେ ଚାଷୀମାନେ କୀଟନାଶକ ଔଷଧ ବ୍ୟବହାର କଲା ପରେ ମଧ୍ୟ ଚକଡା ପୋକ ଉପଦ୍ରବ କମୁ ନ ଥିବା କହିଥିଲେ । ଚାଷୀ ଅଯଥାରେ ଖର୍ଚ୍ଚାନ୍ତ ହେଉଥିଲେ ମଧ୍ୟ କିଛି ବି ଲାଭ ହେଉ ନାହିଁ ବୋଲି କହିଥିଲେ। କୃଷି ବିଭାଗ ଅଧିକାରୀମାନଙ୍କ ସହ ଆଲୋଚନା ପରେ ମଧ୍ୟ କିଛି ଚାଷୀ ସେମାନଙ୍କ କ୍ଷେତରେ ନିଆଁ ଲଗାଇଥିବା ଜଣାପଡିଛି। ଚକଡା ପୋକ ଉପଦ୍ରବ ପରିସ୍ଥିତି ଅତ୍ୟନ୍ତ ସାଂଘାତିକ ହୋଇ ପଡିଛି । ବଲାଙ୍ଗୀର ଜିଲାର ସଦର ବ୍ଲକ୍, ଦେଓଗାଁ, ଗୁଡଭେଲା, ପୁଇଁତଳା ଓ ଆଗଲପୁର ବ୍ଲକ୍‌ରେ ଚକଡା ପୋକ ଉପଦ୍ରବ ସାଂଘାତିକ ଆକାର ଧାରଣ କରିଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି । କୃଷି ବିଭାଗ କିଭଳି ଭାବେ ଚକଡା ପୋକ ଉପଦ୍ରବ ରୋକିବ ସେ ନେଇ ଚାଷୀ ମହଲରେ ଚିନ୍ତା ପ୍ରକଟ ପାଇଛି ।

# କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଭେଟିଲେ ଆକ୍ରୋଶ କମିଟି

**ବଲାଙ୍ଗୀର ଅଫିସ,୨୮।୧୦**

**ଟ୍ରକ୍ ଧକ୍କାରେ ହୋମଗାର୍ଡ ମୃତ**

ଶନିବାର ରାତିରେ ବଲାଙ୍ଗୀର ସହର କଳାମଣ୍ଡଳ ରାସ୍ତାରେ ଟ୍ରକ୍ ଧକ୍କାରେ ବେଷ୍ଟୁ ସୁନା ନାମକ ଜଣେ ହୋମଗାର୍ଡଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାକୁ ନେଇ ବଲାଙ୍ଗୀର ଆକ୍ରୋଶ କମିଟି ସଦସ୍ୟମାନେ ରବିବାର ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଭେଟି ୨୦ଲକ୍ଷ କ୍ଷତିପୂରଣ ଦାବି କରିଥିଲେ । ସହରରେ ବାଇପାସ୍ ରାସ୍ତା ନ ଥିବାରୁ ରାତି ୧୦ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ସହର ମଧ୍ୟ ଦେଇ ଭାରିଯାନ ଚଳାଚଳ କରୁଛି । ଫଳରେ ଅନେକ ଧନଜୀବନ ନଷ୍ଟ ହେଲାଣି । ବାଇପାସ୍ ରାସ୍ତା ତିଆରିରେ ଅହେତୁକ ବିଳମ୍ବ ହେଉଥିବାରୁ ପରିସ୍ଥିତି ସାଂଘାତିକ ହୋଇ ପଡିଲାଣି । ବାଇପାସ୍ ରାସ୍ତା ତିଆରି ପାଇଁ ଜାତୀୟ ରାଜପଥ ମନ୍ତ୍ରଣାଳୟ ସବୁଜ ସଙ୍କେତ ଦେଇଥିଲେ ମଧ୍ୟ ଜମି ମୂଲ୍ୟାୟନରେ ଅନିୟମିତତା ଯୋଗୁ ଏହି ପ୍ରକଳ୍ପ ଅଟକି ଥିବା ଚର୍ଚ୍ଚାର ବିଷୟ ପାଲଟିଛି । ଏହାକୁ ନେଇ ଆକ୍ରୋଶ କମିଟି ଓ ଅନ୍ୟ ସଂଗଠନମାନେ ଅନେକ ଥର ଆନ୍ଦୋଳନ କରି ସାରିଛନ୍ତି । ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଓ ମୃତ ହୋମଗାର୍ଡଙ୍କୁ ଉଚିତ୍ କ୍ଷତିପୂରଣ ଯୋଗାଇବାକୁ ଆକ୍ରୋଶ କମିଟି ପକ୍ଷରୁ ଗୋପାଲଜୀ ପାଣିଗ୍ରାହୀ, ମୁନା ପଟ୍ଟନାୟକ, ରିଲୁ ରଥ, ଗିରିଶ ସିଂଦେଓ ଓ ଅନ୍ୟମାନେ ଜିଲାପାଳଙ୍କୁ ଭେଟି ଦାବି କରିଥିଲେ ।



ଜିଲାପାଳଙ୍କୁ ଆକ୍ରୋଶ କମିଟି ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି ।

# ନାଚ ଗୀତରେ କମ୍ପିଲା ଦଶହରା ବନ୍ଧୁମିଳନ

**ବଲାଙ୍ଗୀର ଅଫିସ,୨୮।୧୦**

ରବିବାର ସ୍ଥାନୀୟ କଦଳୀମୁଣ୍ଡା ନର୍ସରୀଠାରେ ରୁଗୁଡିପଡା ଦୁର୍ଗାପୂଜା କମିଟି ପକ୍ଷରୁ ଦଶହରା ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରୁଗୁଡିପଡା ପୂଜା କମିଟି ସଦସ୍ୟ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ବନ୍ଧୁମିଳନ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲେ ସମ୍ବଲପୁରର ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମିନୀ ଦୋରା । ତାଙ୍କ ଅର୍କେଷ୍ଟ୍ରା ଦଳ ଦୀର୍ଘ ସମୟ ଧରି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପଦ୍ମିନୀ ଦୋରାଙ୍କ ମଧୁର ଗୀତରେ ଝୁମି ଯାଇଥିଲେ ଉପସ୍ଥିତ ଦର୍ଶକମାନେ । ଦୁର୍ଗାପୂଜା ଆୟୋଜକ କମିଟି ସଭାପତି ଲଳିତ ନାୟକ, ସମ୍ପାଦକ ହରି ନାରାୟଣ ପୂଜାରୀ, ଉପସଭାପତି ଚେତନାନନ୍ଦ ପଣ୍ଡା, ସଞ୍ଜୀବ ଶତପଥୀ, ସହସମ୍ପାଦକ କାହ୍ନୁ ବଗର୍ତ୍ତୀ, ଟିଙ୍କୁ ବାଗ, କୋଷାଧ୍ୟକ୍ଷ ଦେବାଶିଷ ମହାକୁର, ଅଶୋକ ମହାନ୍ତି, ଶିବ ନାରାୟଣ ବାଗ, ଅରୁଣ ନାଏକ, ଶିବ ବେହେରା, ପ୍ରଭାସ ପାଣିଗ୍ରାହୀ, ସୁଧୀର ଚନ୍ଦ୍ର ପଣ୍ଡା, ସୁଧୀର ନନ୍ଦ, ସୁମନ୍ତ ଭୋଇ ଓ ଅନ୍ୟମାନେ ଯୋଗଦେଇଥିଲେ । ଏହି ଅବସରରେ କଣ୍ଠଶିଳ୍ପୀ ଦୋରାଙ୍କୁ ଆୟୋଜକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କଟକ ମହିଳା, ସମ୍ବଲପୁର ପୁରୁଷ ବର୍ଗ ଚାମ୍ପିୟନ

**ସିଂଘିଯୁବା,୨୮।୧୦(ଡି.ଏନ୍.ଏ.)**

**ରାଜ୍ୟ ସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ**

ସୁବର୍ଣପୁର ଜିଲା ବିନିକା ବ୍ଲକ ବିଶାଳପାଲି ବଜାର ପ୍ରାଙ୍ଗଣ ଖେଳ ପଡିଆରେ ରାଜ୍ୟ ସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଟୁର୍ନାମେଣ୍ଟରେ ଉଭୟ ମହିଳା ଓ ପୁରୁଷ ବର୍ଗରେ ଖେଳ ହୋଇଥିଲା । ମହିଳା ଦଳରେ କଟକ, ସମ୍ବଲପୁର, ରାଉରକେଲା ଏବଂ ଝାରସୁଗୁଡା ଦଳ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବିନିକା ଥାନା ଆଇଆଇସି କଲ୍ୟାଣୀ ବେହେରା ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବିନିକା ଯୁବ ବିଜେଡି ସଭାପତି ଶେଖର ଶର୍ମା, ସାଧବ ସାଲ୍‌ମା, ମଳମଳ ବରିହା ପ୍ରମୁଖ ଯୋଗ ଦେଇଥିଲେ । ମହିଳା ବର୍ଗର ଫାଇନାଲ ମ୍ୟାଚ କଟକ ଏବଂ ସମ୍ବଲପୁର ମଧ୍ୟରେ ହୋଇଥିଲା। କଟକ ୩-୨ଗୋଲରେ ସମ୍ବଲପୁର ମହଳା ଫୁଟବଲ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲେ । ସେହିପରି ପୁରୁଷବର୍ଗର ଫାଇନାଲ ମ୍ୟାଚ୍ ସମ୍ବଲପୁର ବନାମ ପାଟଣାଗଡ ମଧ୍ୟରେ ହୋଇଥିଲା। ଏଥିରେ ୧-୦ଗୋଲରେ ସମ୍ବଲପୁର ବିଜୟୀ ହୋଇ ଚମ୍ପିୟନ ହୋଇଥିଲା । ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ବିନିକା ପଞ୍ଚାୟତ ସମିତି ଅଧକ୍ଷ ଅଶୋକ ନନ୍ଦ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳଗୁଡିକୁ ଚାମ୍ପିୟନ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଜେଡି ନେତା ଅଦ୍ୱୈତ କୁମାର ପଣ୍ଡା, ବ୍ଲକ୍ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ଅଚ୍ୟୁତ୍ କଣ୍ଟା, ଉଲୁଣ୍ଡା ବିଜେଡି ବ୍ଲକ୍ ସଭାପତି ଝସକେତନ ବଘାର,ସମ୍ପାଦକ ବିହାରୀଲାଲ ମିଶ୍ର, ବିନିକା ବିଡିସିସି ବ୍ୟାଙ୍କ୍ ବିଏମ୍ ପ୍ରଶାନ୍ତ ପଣ୍ଡା ଏବଂ ବିନିକା ଯୁବ ବିଜେଡି ସମ୍ପାଦକ କେଦାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଶାଳପାଲି ଗ୍ରାମର ସମଲେଶ୍ୱରୀ ଆଥେଲେଟିକ୍ ଆସୋସିଏଶନ୍, ସ୍ଥାନୀୟ ସମିତି ସଭ୍ୟ ଗୋପାଳ ବାଘ ଏବଂ ପଞ୍ଚା ସାଲ୍‌ମାଙ୍କ ଆୟୋଜନକ୍ରମେ ଅନୁଷ୍ଠିତ ହୋଇଥିଲା ।



ମହିଳା ବର୍ଗର ଫାଇନାଲ ମ୍ୟାଚର ଖେଳାଳିମାନଙ୍କ ସହିତ ଅତିଥିମାନେ ପରିଚିତ ହେଉଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୯ ଅକ୍ଟୋବର, ୨୦୧୮



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ

- ରବର୍ଟ ବର୍ଟନ



## ସଂକ୍ଷେପରେ

### ୩୨ପ୍ରହର ନାମ ଯଜ୍ଞ

ବଙ୍ଗୋମୁଣ୍ଡା,୨୮।୧୦ (ଡି.ଏନ.ଏ.)- ବଙ୍ଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡା ଗାଁ ରାଇଜୀଙ୍ଗ ଷ୍ଟାର ୟଙ୍ଗ ମାସ କ୍ଲବ ପୂଜା କମିଟି ତରଫରୁ କୋଲନିପଡାଠାରେ ମା' ଗଜଲକ୍ଷ୍ମୀ ପୂଜା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ୩୨ପ୍ରହରୀ ନାମ ଯଜ୍ଞରେ କର୍ତ୍ତା ଭାବେ ଦୁର୍ଯ୍ୟୋ ମେହେର, ସ୍ତ୍ରୀ ପୁଷ୍ପାଞ୍ଜଳୀ ମେହେର ଏବଂ ସାନମୁଲାରୁ ପୂଜକ ରାମଚନ୍ଦ୍ର ମିଶ୍ର, ଜପକ ପ୍ରଦୀପ ମିଶ୍ର ଓ ତାରେଶ୍ୱର ମିଶ୍ର ଦାୟିତ୍ୱ ତୁଲାଇଛନ୍ତି । କମିଟି ସଭାପତି ପିତାମ୍ବର ମେହେର, ଉପସଭାପତି ଡମ୍ବରୁଧର ମେହେର, କୋଷାଧକ୍ଷ ଝସକେତନ ମେହେର, ତଥା ହିରାଧର ମେହେର, ରବିଚନ୍ଦ୍ର ମେହେର, ରାଜୀବ ମେହେର, ବସନ୍ତ ମେହେର, ମାନସା ମେହେର, ପାର୍ଥ ସାହୁ, ଆକାଶ, ରାଜେଶ, ଭୁଜରାଜ ପରେଶ, ରଷବ, ତୁଲାରାମ, ପରିକ୍ଷୀତ, ତେଜୁରାମ ମେହେର, ପୂର୍ଣ୍ଣ ମେହେର, ଗଗନ ଭୋଇ, ସୁଜିତ ମେହେର ଏବଂ ରାଇଜିଙ୍ଗ ଷ୍ଟାର ୟଙ୍ଗ ମାସ କ୍ଲବର ସଭ୍ୟ ଏବଂ ଜନତା ୟୁଥ କ୍ଲବ ଓ ଭାଲୁମୁଣ୍ଡା ଗ୍ରାମର ସମସ୍ତ ମହିଳା ପୁରୁଷ ଉପସ୍ଥିତ ହୋଇ ସାହାଯ୍ୟ କରିଥିଲେ ।

# ଯାଦବ ସମାଜର ନୂଆଁଖାଇ ଭେଟ୍‌ଘାଟ

କଣ୍ଟାବାଞ୍ଜି,୨୮।୧୦(ଡି.ଏନ.ଏ.)

କଣ୍ଟାବାଞ୍ଜି ଯାଦବ ସମାଜ ଦ୍ୱାରା ନିର୍ବାଚନ ମଣ୍ଡଳୀସ୍ତରୀୟ ନୂଆଖାଇ ଭେଟଘାଟ ରବିବାର ସ୍ଥାନୀୟ କରଟାର ସିଂ ମିଲ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି । କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀର କଣ୍ଟାବାଞ୍ଜି ପୌରାଞ୍ଚଳ, ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକ ଅଞ୍ଚଳର ସହସ୍ରାଧିକ ଯାଦବ ମହିଳା ଓ ପୁରୁଷମାନେ ଯୋଗଦେଇଥିଲେ । ସ୍ଥାନୀୟ ଗୋରୁ ବଜାରଠାରେ ସମସ୍ତ ଯାଦବ ମହିଳା ପୁରୁଷ, ଗଉଡ ବାଡି, ସଂକୀର୍ତ୍ତନ ଦଳ ସହ ଏକ ଶୋଭାଯାତ୍ରା ବାହାରି ସହରର ଶାସ୍ତ୍ରୀ ଛକ, ଇନ୍ଦିରା ଛକ, ଅଗ୍ରସେନ ଛକ, ମହିଳା ମହାବିଦ୍ୟାଳୟ ଦେଇ ସଭାସ୍ଥଳରେ ଶୋଭାଯାତ୍ରା ପହଞ୍ଚି ଥିଲା । ଶୋଭାଯାତ୍ରାରେ ୧୦ହଜାରରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ, ଯୁବତୀ ଯୁବକ ସାମିଲ ଥିଲେ । ଏହି ଯାଦବ ସମାଜ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ



ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

ଯାଦବମାନଙ୍କ ଏକତା, ଶିକ୍ଷା ସଂସ୍କୃତି ଏବଂ ଅର୍ଥନୈତିକ ବିକାଶ ସହିତ ରାଜନୈତିକ ବିକାଶର ଆବଶ୍ୟକତା ଉପରେ ଅତିଥିମାନେ ନିଜ ନିଜର ମତ ରଖିଥିଲେ । ଏପରିକି ରାଜନୈତିକ କ୍ଷେତ୍ରରେ ଯାଦବମାନଙ୍କ ପ୍ରତିନିଧିତ୍ୱରେ ଯାଦବ ମହାସଭା ଆଗରୁ ନୁହେଁ ପଛରୁ ସମସ୍ତ ପ୍ରକାର ସହଯୋଗ କଲେ ହିଁ ଯାଦବଙ୍କ ସଫଳତା ହେବ ବୋଲି ଝାରଖଣ୍ଡ ରାଜ୍ୟ ଯାଦବ ମହାସଭାର ସଭାପତି ପିତାମ୍ବର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଜର ମତ ରଖିଛନ୍ତି । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ଯାଦବ ମହାସଭାର ସାଧାରଣ ସମ୍ପାଦକ ତଥା ଜିଲା ପରିଷଦ ସଭ୍ୟ ଲମ୍ବୋଦର ନିଆଲ, ପୂର୍ବତନ ଖଡିଆଳ ବିଧାୟକ ହିତେଶ ବଗର୍ତ୍ତି, ଲକ୍ଷ୍ମଣ ବାଗ, ଯୁବ ଯାଦବ ସଭାପତି ପ୍ରଦୀପ ବେହେରା ମଞ୍ଚାସୀନ ଥିଲେ । ନୂଆଖାଇ ଭେଟଘାଟ କମିଟିର ସଭାପତି ହୁତାଶନ ବଗର୍ତ୍ତି, ସମ୍ପାଦକ ବେଦବ୍ୟାସ ନାଗ, ବିଷ୍ଣୁ ଜୁଏଡ, ଦେବରାଜ ଯାଦବ, ସମ୍ପାଦକ ହରିହର ବାଗ, ସଞ୍ଜୟ ପୁଞ୍ଜି, ମନୋଜ ଚଣ୍ଡି, ତେଜୁରାମ ବାଗ, ବୃନ୍ଦବର ରାଉତ, ଗାୟକ ବାଗ, ଚୈତନ ହଂସ, ମୁନିରାମ ବାଗ, ଘନଶ୍ୟାମ ଗହୀରଙ୍କ ସହ ସମସ୍ତ ଯାଦବମାନେ ସଫଳତାର ସହ ସହଯୋଗ କରିଛନ୍ତି । ଏହି ସଭାରେ କଣ୍ଟାବାଞ୍ଜି ଅଞ୍ଚଳର ଯାଦବ ଯୁବ ଖବରଦାତା ଗୁରୁଦୟାଲ ହଂସ, କୃତିକର ବାଗ, ହୁଲେଶ୍ୱର ହଂସଙ୍କୁ ଅତିଥିମାନଙ୍କ ଦ୍ୱାରା ଉପଢୌକନ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଛି ।

# ଅଖିଳ ଭାରତୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ ଉଦ୍‌ଯାପିତ

କଣ୍ଟାବାଞ୍ଜି,୨୮।୧୦(ଡି.ଏନ.ଏ.)

ଅକ୍ଟୋବର ୨୭ ଓ ୨୮ଦୁଇ ଦିନ ଧରି ସ୍ଥାନୀୟ ହରିଭବନଠାରେ ଚାଲିଥିବା ୪୦ତମ ଅଖିଳ ଭାରତୀୟ ଶିଶୁ ସାହିତ୍ୟିକ ସମ୍ମଳନୀ ରବିବାର ସମାପନ ହୋଇଯାଇଛି । ଦୁଇ ଦିନ ଧରି ଆୟୋଜିତ ହୋଇଥିବା ଏହି ଶିଶୁ ସାହିତ୍ୟିକ ସମ୍ମିଳନୀରେ ଭାରତର ବିଭିନ୍ନ ରାଜ୍ୟ ମଧ୍ୟରେ ଓଡିଶା, ପଶ୍ଚିମ ବଙ୍ଗ, ଝରଖଣ୍ଡ, ଛତିଶଗଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ବିହାର ସହିତ ବାଙ୍ଗଲାଦେଶର ଶତାଧିକ କବି ଓ ଶିଶୁ ସାହିତ୍ୟିକ ଯୋଗଦେଇ ଶୁଶୁ ସାହିତ୍ୟ ଉପରେ ନିଜ ନିଜର ମତ ରଖିଥିଲେ । ଏହି ସମ୍ମିଳନୀଟି ଅଲ ଇଣ୍ଡିଆ ଚିଲଡ୍ରେନ୍ସ ଲିଟେରାରୀ ଫାଉଣ୍ଡେଶନ କୋଲକୋତା ଓ ନିର୍ଝରିଣୀ ସାହିତ୍ୟ ସଂସଦ କଣ୍ଟାବାଞ୍ଜି ଦ୍ୱାରା ଆୟୋଜିତ କରାଯାଇଥିଲା । ନିର୍ଝରଣି ସାହିତ୍ୟ ସଂସଦର ସମ୍ପାଦକ ବିରଞ୍ଚି ନାରାୟଣ ଦାସଙ୍କ ପ୍ରଚେଷ୍ଟାରେ ପ୍ରଥମ ଥର ପାଇଁ ପଶ୍ଚିମ ଓଡିଶାରେ ଆୟୋଜିତ ହୋଇଥିବାରୁ ପଶ୍ଚିମ ଓଡିଶାର ଶତାଧିକ ଶିଶୁ ସାହିତ୍ୟିକ ଉତ୍ସାହିତ ହୋଇ ସଫଳତାରେ ଅଂଶ ଗ୍ରହଣ କରିଛନ୍ତି । ରବିବାର ସମାପନ ଦିବସରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଅୟୁବ ଖାନ, ମୁଖ୍ୟ ଆୟୋଜକ ପ୍ରଫେସର ନରେନ୍ଦ୍ର ପ୍ରସାଦ ଦାସ, ନିଖିଳ ଭାରତ ଶିଶୁ ସାହିତ୍ୟିକର ଉପସଭାପତି ଯୁଗଳ କିଶୋର ଷଡଙ୍ଗୀ, ନିର୍ଝରୀଣି ସାହିତ୍ୟ ସଂସଦର ସଭାପତି ରାମପ୍ରସାଦ ପୁରୋହିତ ମଞ୍ଚାସୀନ ଥିଲେ । ଅତିଥିମାନଙ୍କ ଦ୍ୱାରା ଦୁଇ ଦିନ ଧରି ଶୁଶୁ ସାହିତ୍ୟିକମାନଙ୍କ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମଟିକୁ କବିୟିତ୍ରୀ ଅଞ୍ଜଳି ମାଝି, ରବି ନାରାୟଣ ତ୍ରିପାଠୀ, ବିଭୁଦତ ସାହୁ, ରାମଚନ୍ଦ୍ର ସାହୁ, ସମ୍ବାରୁ ସାହୁ, ବିମଳ ଦାସ ସଫଳତାରେ ସହଯୋଗ କରିଥିଲେ ।




ଶିଶୁ ସାହିତ୍ୟିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ କବି କବୟିତ୍ରୀ ।

# ବ୍ଲକସ୍ତରୀୟ ନାମ ସଂକୀର୍ତ୍ତନ ପରିଷଦ ସମ୍ମିଳନୀ

ଟିକ୍ରାପଡା/ମୁରିବାହାଲ, ୨୮।୧୦ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବାବେଜୁରି ଶିବ ମନ୍ଦିରଠାରେ ଜଗନ୍ନାଥ ସଂସ୍କୃତି ପରିଷଦର ବ୍ଲକସ୍ତରୀୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ରାଜକିଶୋର ଭୋଇଙ୍କ ଅଧ୍ୟକ୍ଷତାରେ ହୋଇଥିଲା ଏହି ସମ୍ମିଳନୀ । ଜିଲା ସଂଯୋଜକ ସତ୍ୟନାରାୟଣ ରାଜପଲିଆ ସଭା ସଂଯୋଜନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଅରବିନ୍ଦ ସୁପକାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ରାଜ୍ୟ ଉପସଭାପତି ଧନଞ୍ଜୟ ରାଜପଲିଆ ମୁଖ୍ୟବକ୍ତାଭାବେ ଥିଲେ । ଆଗଲପୁର ବ୍ଲକ ସଭାପତି ଭରତ ସାହୁ, ଦେଓଗାଁ ବ୍ଲକ ସଭାପତି ସାରଙ୍ଗ ମେହେର, ବେଲପଡା ବ୍ଲକ ସଭାପତି ବଣୁଆ ବୁଡେକ, ଟିଟିଲାଗଡ ବ୍ଲକ ସଭାପତି ଗଦାଧର ଜେନା, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ଟଙ୍କଧର ଜାନି, ପୁଇଁନ୍ତଲା ବ୍ଲକ ସଭାପତି ମନୋରଞ୍ଜନ ପୁଟେଲ, ସଇଁନ୍ତଲା ବ୍ଲକ ସଭାପତି ସନ୍ୟାସୀ ମହାକୁର ପ୍ରମୁଖ ବକ୍ତବ୍ୟ ପ୍ରଦାନ



ବାବେଜୁରିଠାରେ ନାମ ସଂକୀର୍ତ୍ତନ ପରିଷଦର ବ୍ଲକ ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ସଦସ୍ୟ ବୃନ୍ଦ ।

କରିଥିଲେ । ଗାଁ ଗାଁରେ ସଂକୀର୍ତ୍ତନୀ ମଣ୍ଡଳୀ ଗଠନ କରାଯାଇ ନାମ ସଂକୀର୍ତ୍ତନକୁ ବଞ୍ଚାଇ ରଖିବାକୁ ସବୁ ସ୍ତରରେ ଉଦ୍ୟମ କରାଯିବା ଆବଶ୍ୟକ ବୋଲି ବକ୍ତାମାନେ ମତ ରଖିଥିଲେ । ଗଣ୍ଡାରାମ ସାହୁ, ଟଙ୍କଧର ବାଗ, ଚିତ୍ରସେନ ଦାସ, ହରିଶ୍ଚନ୍ଦ୍ର ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଲୋଇସିଂହାରେ ଚକଡ଼ା ସ୍ଥିତି ଗମ୍ଭୀର

ଲୋଇସିଂହା,୨୮।୧୦ (ଡି.ଏନ.ଏ.)

ଲୋଇସିଂହା ବ୍ଲକ ଅଞ୍ଚଳରେ ବର୍ତ୍ତମାନ ଧାନ ଫସଲରେ ଚକଡା ରୋଗ ସ୍ଥିତି ଗମ୍ଭୀର ହେବାରେ ଲାଗିଛି । ଅମଳ ପ୍ରାୟ ଜମିରେ ଚକଡା ପ୍ରାଦୁର୍ଭାବ ବୃଦ୍ଧି ଯୋଗୁ ଧାନ କିଆରିପାଳ ହୋଇଗଲାଣି । ସେହିପରି ପଛରେ ଚାଷ ହୋଇଥିବା ଜମିରେ ପାଣି ଅଭାବରୁ ଧାନଗଛ ମରିବାକୁ ବସିଲାଣି । ବର୍ଷା ଅଭବାରୁ ଅର୍ଦ୍ଧେକ ଚାଷ ଜମି ଉଜୁଡି ଯିବା ଚାଷୀମାନେ ଆଶଙ୍କା କଲେଣି । ଲୋଇସିଂହା, ବୁର୍ଡା, ବୁଢୀପଦର, ବାଦିବାହଲ, ହୀରାପୁର, କୁଟେନପାଲି, ଝାରମୁଣ୍ଡା, ତଲିଉଡାର, ସରଗାଡ ଏପରି ୨୦ଟି ପଞ୍ଚାୟତରେ ଚକଡା ପ୍ରାଦୁର୍ଭାବ ଦେଖା ଦେଇଛି । ବ୍ଲକ କୃଷି ବିଭାଗର ଦୁଇ ଜଣ ଅଧିକାରୀ ସୌମିତ୍ରା ମହାନ୍ତି, ସୁଶୀଲ ସେଠୀ ଓ କ୍ଷେତ୍ର କର୍ମଚାରୀମାନେ ଗାଁକୁ ଗାଁ ଯାଇ ଚକଡା ନିୟନ୍ତ୍ରଣ ଉପରେ ଚାଷୀଙ୍କୁ ସଚେତନତା ସୃଷ୍ଟି କରୁଛନ୍ତି । ପ୍ରଭାବିତ ଜମିରେ ଆବଶ୍ୟକ ଔଷଧ ପ୍ରୟୋଗ କରିବାକୁ ପରାମର୍ଶ ଦେଉଛନ୍ତି । ଏପରକି ନିୟନ୍ତ୍ରଣ ପାଇଁ ପାରମ୍ପରିକ ପଦ୍ଧତି ଯଥା ଅମଳ କିଆରିକୁ ହୁରି ମାରି ଜମିରେ ସୂର୍ଯ୍ୟାଲୋକ ପଡିବାକୁ ଦେଲେ ଚକଡା ଅଣ୍ଡା ବଂଶ ବୃଦ୍ଧି ପାଇପାରିନ ନାହିଁ ବୋଲି ସଚେତନ ସୃଷ୍ଟି କରୁଛନ୍ତି । ଶନିବାର ଯୋଗୀସର୍ଡା ଗ୍ରାମକୁ କୃଷି ଅଧିକାରୀ ଯାଇ ସ୍ଥିତି ଅନୁଧାନ କରିଥିଲେ । ତେବେ ପ୍ରାୟତଃ ଚାଷୀମାନେ ଶନିବାର ସାପ୍ତାହିକ ବଜାରକୁ ଯାଇ ଥିବାରୁ ଅନେକ ଚାଷୀ ଚକଡା ସମ୍ପର୍କରେ ଜଣାଇପାରି ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ ପଛରେ ଚାଷ ହୋଇଥିବା ଜମିରେ ପାଣି ଅଭବାରୁ ଧାନ ମରିବାକୁ ବସିଲାଣି । ଏ ସମ୍ପର୍କରେ କୃଷି ଅଧିକାରୀ ସୌମିତ୍ରା ମହାନ୍ତି କହନ୍ତି, ପୂର୍ବରୁ ଆଇ ଏଷ୍ଟିମେଟ ରିପୋର୍ଟ ଜିଲା ପ୍ରଶାସନକୁ ପଠାଯାଇଛି । ଚକଡା ରୋଗ ସଂକ୍ରାନ୍ତରେ ଚାଷୀମାନଙ୍କୁ ସଚେତନତା ସୃଷ୍ଟି କରାଯାଉଛି । ଏହି ଅଞ୍ଚଳ ପ୍ରତି ତିତ୍‌ଲି ଧୋକା ଦେବାରୁ ଅନେକ ଧାନ ଚାଷ ନଷ୍ଟ ହେବା ଅଶଙ୍କା କରାଯାଉଛି ।

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଲୋଇସିଂହା,୨୮।୧୦ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବୁଦଲା ପଞ୍ଚାୟତ ଅଧୀନ ଗୁହୁରିଆମୁଣ୍ଡା, ମହଖଣ୍ଡ, ଭୋଇପାଲି, ପୁଡାପଦର, ବୁରୋମୁଣ୍ଡା ଗ୍ରାମରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି । ଦିଲୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଦଯାତ୍ରାରେ ଯୁବନେତା ନିହାର ରଞ୍ଜନ ବେହେରା ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନା ଗୁଡିକ ତୃଣମୂଳସ୍ତର ପର୍ଯ୍ୟନ୍ତ ଯେପରି ପହଞ୍ଚିବ ସେ ଦିଗରେ ଗୁରତ୍ୱାରୋପ କରିଥିଲେ । ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମର ବିଭିନ୍ନ ଯୋଜନାର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୈଳାସ ବିଶ୍ୱାଳ, ନାରାୟଣ ସାହୁ, ପ୍ରମୋଦ ମିଶ୍ରଙ୍କ ସମେତ ଅନ୍ୟମାନେ ବକ୍ତବ୍ୟ ରଖିଥିଲେ । ସେହିପରି ଏମପି କିଲିକେଶ ନାରାୟଣ ସିଂଦେଓଙ୍କ ସମର୍ଥକ ତଥା ଲୋଇସିଂହା ସ୍ୱାଭିମାନ ମଞ୍ଚ ପକ୍ଷରୁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁଇଁତଲା ବ୍ଲକର ଭାଲେର, ଫଟକାରା, ସିଲେଟପରା, ଆଠ ଗାଁ, କୁରୁଲ, ପୁଡାପାଲି ପ୍ରଭୃତି ସ୍ଥାନରେ ଅନୁଷ୍ଠିତ ହୋଇଥିଲା । ସମ୍ପତି ନନ୍ଦଙ୍କ ନେତୃତ୍ୱରେ ଜିଲା ଉପସଭାପତି ପ୍ରଦୀପ ଗୁରୁ, ସହଦେବ ସା ସମେତ ବହୁଦଳୀୟ କର୍ମୀ ଏଥିରେ ଯୋଗଦେଇଥିଲେ । ଏହି ଗୋଷ୍ଠୀ ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତର ଗୋପାଳପୁର ଗ୍ରାମରେ ପଦଯାତ୍ରା କରିଥିବା ସୂଚନା ଦେଇଛନ୍ତି ।

# ଜୋନସ୍ତରୀୟ ଆଦିବାସୀ ସମ୍ମିଳନୀ

ପାଟଣାଗଡ,୨୮।୧୦ (ଡି.ଏନ.ଏ.)

ପାଟଣାଗଡ ବ୍ଲକ ଅନ୍ତର୍ଗତ ସୋଲବନ୍ଧ ଗ୍ରାମଠାରେ ବଲାଙ୍ଗୀର ଜିଲା ପରିଷଦ ଜୋନ ନଂ୧୫ର ଆଦିବାସୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘର ମହାସଚିବ ନିରଞ୍ଜନ ବିଶି, ଜିଲା ସଭାପତି ବ୍ରଜକିଶୋର ସିଂ ଭୋଇ, ୧୫ନଂ ଜୋନ ଜିଲା ପରିଷଦ ବିଜୟ ପ୍ରଧାନୀ, ପାଟଣାଗଡ ବ୍ଲକ ସଭାପତି ଅଷ୍ଟରନ୍ ବରିହା, ପାଟଣାଗଡ ବ୍ଲକ ସମ୍ପାଦକ ଗିରିରାଜ ଭୋଇ ପ୍ରମୁଖ ଯୋଗଦେଇଥିଲେ । ଆସନ୍ତା ୧୫ନଭେମ୍ବରରେ ରାଜ୍ୟସ୍ତରୀୟ ବୀର୍ସା ମୁଣ୍ଡା ଜୟନ୍ତୀ ପାଳନ ଏବଂ ପାଟଣାଗଡଠାରେ ଆଦିବାସୀ ଭବନ ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥି ଭାବେ ଡ. ଅଚ୍ୟୁତ ସାମନ୍ତ, ସମ୍ମାନୀତ ଅତିଥି ଭାବେ ବିଜୟ ରଞ୍ଜନ ସିଂ ବରିହା ଏବଂ ମୁଖ୍ୟବକ୍ତା ଭାବେ ଆଦିବାସୀ ଉନ୍ନୟନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଯୋଗଦେବାକୁ ଥିବାବେଳେ ସେ ବିଷୟରେ ଆଲୋଚନା କରାଯାଇଥିଲା । ସେହିପରି ନକଲି ଆଦିବାସୀ ଚିହ୍ନଟ, କୁଲି କୁଲିଶ ଜାତିକୁ ଆଦିବାସୀ ମାନ୍ୟତା ନମିଳୁ ଏବଂ ସେ ଉପରେ ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିସନ ଦାଖଲ, ଅଣଆଦିବାସୀମାନେ ଜବର ଦଖଲ କରିଥିବା ଆଦିବାସୀମାନଙ୍କ ଜମି ତୁରନ୍ତ ଫେରସ୍ତ କରାଯାଉ, ଆଦିବାସୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ଦିଆଯାଉ, ଆଦିବାସୀ ଅଞ୍ଚଳରୁ ମଦ କାରବାର ତୁରନ୍ତ ବନ୍ଦ କରାଯାଉ ଏଭଳି ବିଭିନ୍ନ ବିଷୟରେ ବିଷଦ ଆଲୋଚନା କରାଯାଇଥିଲା । ଏହି ସମ୍ମିଳନୀରେ ସୋଲବନ୍ଧ ସରପଞ୍ଚ ମନବୋଧ ବରିହା, ଧରମ ସିଂ ଧରୁଆ, ଧ୍ରୁବଲେଶ୍ୱର ଭୋଇ, ଗୌରୀଶଙ୍କର ବରିହା, ଗଦି ବରିହା ପ୍ରମୁଖ ଯୋଗଦେଇଥିଲେ ।




ଜୋନସ୍ତରୀୟ ଆଦିବାସୀ ମେଳାରେ ଯୋଗଦେଇଥିବା ଅତିଥିଗଣ ।

# ଭାଲୁମୁଣ୍ଡାରେ କୁମାର ଲୋକ ମହୋତ୍ସବ


ବଙ୍ଗୋମୁଣ୍ଡା,୨୮।୧୦(ଡି.ଏନ.ଏ.)

ବଙ୍ଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡାଠାରେ କୁମାର ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ୩୧ତମ ମା'ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଭାଲୁମୁଣ୍ଡା ରାଇଜୀଙ୍ଗ ଷ୍ଟାର ୟଙ୍ଗ ମାସ କ୍ଲବ ଓ ଜନତା ୟୁଥ କ୍ଲବ ତରଫରୁ ଦ୍ୱତୀୟ ବର୍ଷ ଲୋକ ମହୋତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି । ଏହି କୁମାର ଲୋକ ମହୋତ୍ସବରେ ଦୁରଦୁରାନ୍ତରୁ ନୃତ୍ୟ ପାଇଁ ଆମନ୍ତ୍ରଣ କରାଯାଇଥିଲା । କୁମାର ଲୋକ ମହୋତ୍ସବ କମିଟିର ସଭାପତି ଡମ୍ବରୁଧର ମେହେରଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଲମ୍ବଦର ନିଆଲ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଖଡିଆଳ, ସମ୍ମାନୀୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବଙ୍ଗୋମୁଣ୍ଡା ଉଦ୍ଧବ ବେହେରା ଯୋଗଦେଇ କୁମାର ଲୋକ ମହୋତ୍ସବକୁ ଉତ୍ସାହିତ କରିଥିଲେ । ଏହି କୁମାର ଲୋକ ଉତ୍ସବରେ କୁନି କୁନି ଶିଶୁମାନଙ୍କୁ ନେଇ ନୃତ୍ୟ ପରିବେଷଣ କରାଯାଇଥିଲା । ନୃତ୍ୟ ପରିବେଷଣ କାରୀମାନଙ୍କୁ ମାନପତ୍ର ସହିତ



ଭାଲୁମୁଣ୍ଡାଠାରେ ଲୋକ ମହୋତ୍ସବ ଅବସରରେ ଯୋଗଦେଇଥିବା ଅତିଥିମାନେ ।

ଆର୍ଥିକ ରାସି ପ୍ରଦାନ କରାଯାଇଥିଲା । ଏହି କୁମାର ଲୋକ ମହୋତ୍ସବରେ ରାଇଜୀଙ୍ଗ ଷ୍ଟାର ୟଙ୍ଗ ମାସ କ୍ଲବର ସଭାପତି ଡମ୍ବୁଧର ମେହେର ଓ ଜନତା ୟୁଥ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ସହିତ ପ୍ରହରୀ କମିଟିର ସଭାପତି ପିତାମ୍ବର ମେହେର, ସମ୍ପାଦକ ଝସକେତନ ମେହେର, କୋଷାଦକ୍ଷ ହେମନ୍ତ ମେହେର କମିଟିର ସଭ୍ୟ ପାର୍ଥ ସାହୁ, ମାନସା ମେହେର, କୃଷ୍ଣ ମେହେର, ରଷବ ମେହେର, ହିରାଧର ମେହେର, ତେଜୁରାମ ମେହେର, ଗଗନ ଭୋଇ, ସୁଜିତ ମେହେର, ବଳି ମିଶ୍ର, ତୁଲା ମେହେର, ଲକ୍ଷ୍ମଣ ମେହେର ପରିକ୍ଷୀତ ତଥା କମିଟିର ସମସ୍ତ ସଭ୍ୟ ଓ ଭାଲୁମୁଣ୍ଡା ଗ୍ରାମର ଲୋକେ ସାହାଯ୍ୟ କରିଥିଲେ ।



ଗୃହକର୍ତ୍ତାଙ୍କ ଉପସ୍ଥିତି ସତ୍ତ୍ୱେ ଯେଉଁ ଘରେ ମହିଳା କିମ୍ବା ବାଳକମାନଙ୍କର ଶାସନ ଚାଲେ, ସେପରି ପରିବାର ସହ ସମ୍ପର୍କ ରଖିଲେ ବିପଦର ଆଶଙ୍କା ରହିଥାଏ।

-ଚାଣକ୍ୟ

**ସଂକ୍ଷେପରେ**

## ବାଇକ୍ ଧକ୍କାରେ ଯୁବକ ମୃତ, ୨ ଆହତ

ଲହୁଣୀପଡା, ୨୮।୧୦ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅନ୍ତର୍ଗତ ଫୁଲଝର ପଞ୍ଚାୟତ ଭଗବାନ ସାହିଠାରେ ଶନିବାର ରାତି ପ୍ରାୟ ସାଢ଼େ ଗୋଟିଏ ବେଳେ ଦୁର୍ଘଟଣା ଘଟିଛି। ଗୋଟିଏ ବାଇକ୍ ଧକ୍କାରେ ଅନ୍ୟ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ୨ଜଣ ଆହତ ହୋଇଛନ୍ତି। ତଲଗିନିଆ ଗ୍ରାମର ବୁଧୁ ମୁଣ୍ଡାରି (୨୦) ଏକ ବାଇକରେ ଅନ୍ୟ ସାଙ୍ଗମାନଙ୍କ ସହିତ ଭଗବାନ ସାହିକୁ କୀର୍ତ୍ତନ କରିବାକୁ ଯାଇଥିଲେ। ସେମାନଙ୍କ ମଧରୁ ରଞ୍ଜ ଗ୍ରାମର ସନାତନ ନାଏକ ଆସୁଥିବା ବାଇକ ଭାରସାମ୍ୟ ହରାଇ ବୁଧୁ ମୁଣ୍ଡାରୀଙ୍କୁ ଧକ୍କା ଦେଇଥିଲା। ଫଳରେ ବୁଧୁ ମୁଣ୍ଡାରୀ ବାଇକ ସହ ରାସ୍ତା କଡର ପୋଲରେ ବାଡେଇ ହୋଇ ଯିବାରୁ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ ଚିକିତ୍ସା ପାଇଁ ବଣେଇ ଡାକ୍ତରଖାନାକୁ ନେଇଥିଲେ ମଧ ଚିକିତ୍ସିତ ଅବସ୍ଥାରେ ରାତି ପ୍ରାୟ ଦୁଇଟାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ସାଙ୍ଗ ଓ ସନାତନ ନାଏକ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଖବରପାଇ ପୋଲିସ ରବିବାର ସକାଳୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## କାର୍ତ୍ତିକ ଆରମ୍ଭରୁ ପନିପରିବା ଦର ବୃଦ୍ଧି

ଜାମଟିକ୍ରା,୨୮।୧୦ (ଡି.ଏନ.ଏ)- ଆରମ୍ଭ ହୋଇଛି ଧର୍ମ ମାସ କାର୍ତ୍ତିକ। ଆଜି କାର୍ତ୍ତିକର ପ୍ରଥମ ସୋମବାର। ଏହି ମାସରେ ହବିଷ କଲେ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଅଧିକାଂଶ ଲୋକ କାର୍ତ୍ତିକ ମାସରେ ଆମିଷ ଖାଇ ନ ଥାନ୍ତି। ଏଣୁ ଅଧିକାଂଶ ଲୋକ ପରିବା ଉପରେ ନିର୍ଭର କରିଥାନ୍ତି। ଆବଶ୍ୟକତା ଦୃଷ୍ଟିରୁ ଅତାବିରା ଅଞ୍ଚଳର ବିଭିନ୍ନ ବଜାରଗୁଡିକରେ ପରିବା ଉପଲବ୍ଧ ହୋଇ ପାରୁ ନ ଥିବାରୁ କ୍ରମାଗତ ଭାବେ ଦର ବୃଦ୍ଧି ପାଉଛି। ଏହି ମାସରେ ଜନସାଧାରଣ ମାଟି ଆଳୁ, କଦଳୀ, ସାରୁ, ସଜନା ଛୁଇଁ ଓ ଟମାଟୋ ଆଦି ପରିବା କିଣି ହବିଷ କରିଥାନ୍ତି। ଏବେ ମାଟି ଆଳୁ କିଲୋ ୮୦ ଟଙ୍କା ଥିବା ବେଳେ କଞ୍ଚା କଦଳୀ ଡର୍ଜନ ୫୦ ଟଙ୍କା, ସାରୁ କିଲୋ ୪୦ ଟଙ୍କା ବଜାରରେ ବିକ୍ରି ହେଉଛି। ସେହିପରି ପୋଟଳ, ଫୁଲକୋବି, ଭେଣ୍ଡି, ବାଇଗଣ କିଲୋ ୪୦ ଟଙ୍କା ବିକ୍ରି ହେଉଛି। ଲୋକଙ୍କ ଚାହିଦା ବୃଦ୍ଧି ପାଉଥିବାରୁ ଆଗକୁ ପରିବା ମୂଲ୍ୟ ଆହୁରି ବଢ଼ିପାରେ। ସ୍ଥାନୀୟ ଅଞ୍ଚଳକୁ ଛାଡି ଦେଲେ ଆନ୍ଧ୍ର ପ୍ରଦେଶ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ମୁଖ୍ୟତଃ ପରିବା ଆମଦାନି କରାଯାଇଥାଏ। ଏ ସବୁ ରାଜ୍ୟରୁ ଅଧିକ ପରିବା ଆସୁ ନ ଥିବାରୁ ଅଞ୍ଚଳର ବଜାରଗୁଡିକରେ ପରିବା ମୂଲ୍ୟ ବୃଦ୍ଧି ପାଉଥିବା କୁହାଯାଉଛି। କାର୍ତ୍ତିକ ମାସରେ ଘରେ ଏବଂ ମନ୍ଦିର ଗୁଡିକରେ ହବିଷ ଡାଲମା ହୋଇଥାଏ। ଏ ନେଇ ଅଧିକ ପନିପରିବାର ଆବଶ୍ୟକତା ହୋଇଥାଏ। ବର୍ତ୍ତମାନ ପରିବା ଦର ଯାହା ରହିଛି ସେଥିରେ ଜଣେ ସାଧାରଣ ଲୋକ ପରିବା କିଣି ଡାଲମା ପ୍ରସ୍ତୁତି କରିବା କଷ୍ଟକର ବୋଲି ଖାଉଟି ରୋଜାଲିନି ଦାସ କହଛନ୍ତି। ରାଜୀବ ପଧାନ ପରିବା ବିକାଳି କହନ୍ତି, ବର୍ଷା ପାଇଁ ସ୍ଥାନୀୟ ଅଞ୍ଚଳରେ ପରିବା ନଷ୍ଟ ହୋଇଯାଇଥିବାରୁ ଏହାର ପ୍ରଭାବ ପରିବା ବଜାର ଉପରେ ପଡିଛି।

### ପାଣି ବ୍ୟବସ୍ଥା ଅଛି, କାମକୁ ଆସୁନାହିଁ

# ବର୍ତ୍ତନସିଲ ଗାଁରେ ଅକାଳ ମରୁଡ଼ି





ଅଚଳ ହୋଇପଡିଥିବା ଉଠାଜଳ ସେଚନ ପଏଣ୍ଟ (ବାମ)। କ୍ଷତିଗ୍ରସ୍ତ ଚାଷ କ୍ଷେତ୍ରରେ ଚାଷୀମାନେ।

ନୂଆପଡା ଅଫିସ,୨୮।୧୦

ସରକାର ଚାଷୀଙ୍କୁ ଜଳ ସେଚନ ସୁବିଧା ଯୋଗାଇ ଦେବାକୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ସେଗୁଡିକ ରକ୍ଷଣାବେକ୍ଷଣ ଏବଂ ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା ହେଉଛି। ଫଳରେ ଠିକ ସମୟରେ ଚାଷୀଙ୍କୁ ଜଳ ସେଚନର ସୁବିଧା ଦେବାରେ ଫେଲ ମାରୁଛି। ନୂଆପଡ଼ା ଜିଲା ବୋଡେନ ତହସିଲ ଅନ୍ତର୍ଗତ ବର୍ତ୍ତନସିଲ ଗାଁରେ ଏହିଭଳି ଘଟଣା ଦେଖିବାକୁ ମିଳିଛି। ଏହି ଗାଁରେ ସରକାରଙ୍କ ତରଫରୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ଉଠା ଜଳସେଚନ ୟୁନିଟ ରହିଛି। ସେଗୁଡିକ ଠିକ ସମୟରେ କାମକୁ ଆସିପାରୁନାହିଁ। ବର୍ଷ ଯାକ ଠିକ ଭାବେ ବର୍ଷା ହୋଇଥିଲା। ଠିକ ସମୟରେ ବର୍ଷା ଛାଡିଦେବାରୁ ଚାଷୀମାନେ ଜଳ ସେଚନ ପାଇଁ ବିକଳ୍ପ ଖୋଜି ବୁଲୁଛନ୍ତି। ଅବସ୍ଥାପିତ ପ୍ରକଳ୍ପଗୁଡିକ କାମକୁ ଆସିପାରୁ ନାହିଁ।

ଜିଲାର ଉପାନ୍ତ ବୋଡେନ ବ୍ଲକ ବର୍ତ୍ତନସିଲ ଗାଁରେ ଶତ ପ୍ରତିଶତ ଚାଷୀ ପରିବାର ରହୁଛନ୍ତି। ବର୍ଷର ଚାରି ମାସ ଚାଷ କାମରେ ନିୟୋଜିତ ହେବା ପରେ ବାକି ଆଠ ମାସ ବେକାରୀ ରହୁଛନ୍ତି। ଚାଷୀମାନଙ୍କୁ ଜଳ ସେଚନର ସୁବିଧା ଯୋଗାଇ ଦେବାକୁ ଗାଁରେ କ୍ଷୁଦ୍ର ଜଳସେଚନର ସୁବିଧା ଯୋଗାଇ ଦେବାକୁ ପ୍ରକଳ୍ପ ନିର୍ମାଣ କରାଯାଇଥିବା ବେଳେ ଉଠା ଜଳସେଚନ ବିଭାଗ ତରଫରୁ ୫ଟି ପଏଣ୍ଟ ଅବସ୍ଥାପିତ କରାଯାଇଛି। ଏଥର ବର୍ଷା ଦିନେ ଠିକ ଭାବରେ ବର୍ଷା ହୋଇଥିଲା। ହେଲେ ଠିକ ସମୟରେ

**ବୋଡେନ ତହସିଲ**

- ଭାଙ୍ଗିପଡ଼ିଲେଣି ଚାଷୀକୂଳ
- ବିଭାଗ ନିଦାବିଷ୍ଟ

ବର୍ଷା ଛାଡିଦେଲା। ଠିକ ଧାନ ଫଳ ଧରିବା ବେଳକୁ ବର୍ଷା ଛାଡିଦେଲା। ସୂଚନାଯୋଗ୍ୟ ଯେ, ଜଳ ସେଚନ ପ୍ରକଳ୍ପରୁ କେନାଲ ଉଦ୍ଧାର କାମ ଠିକ ଭାବରେ ହେଉ ନ ଥିବାରୁ ପାଣି କେନାଲର ଶେଷ ମୁଣ୍ଡକୁ ପହଞ୍ଚିପାରୁ ନାହିଁ। ଏଥିସକାଶେ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ହେଁ ଏହା ଉପରେ କାର୍ଯ୍ୟାନୁଷ୍ଠାନ କରାଯାଇନାହିଁ। ବର୍ତ୍ତମାନ ଚାଷୀଙ୍କୁ ପାଣି ଦରକାର ବେଳକୁ ଗାଁରେ ଡ୍ୟାମ ଥାଇ ମଧ୍ୟ କାମକୁ ଆସିପାରୁନାହିଁ। ଏହିଭଳି ଗାଁରେ ୫ଟି ଉଠାଜଳସେଚନ ପଏଣ୍ଟ ଥିଲେ ମଧ୍ୟ ସେଥିରୁ ୩ଟି ଦୀର୍ଘ ଦିନ ଧରି ଖରାପ ହୋଇପଡିଛି। ସେଗୁଡିକୁ ସଚଳ କରିବାକୁ ବାରମ୍ବାର ଚାଷୀମାନେ ଦାବି କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଆଜି ସୁଦ୍ଧା ଗାଁରେ ପାଦ ମାଡିନାହାନ୍ତି। ବର୍ତ୍ତମାନ ଚାଷ ସବୁ ମରିଯିବାବେଳକୁ ଚାଷୀମାନେ ହଇରାଣ ହେଉଛନ୍ତି। ଚାଷୀ ଧନସିଂ ମାଝି, ପୀତାମ୍ବର କଟା, ସନ୍ତୋଷ କୁମାର ପତି, ଧବଳେଶ୍ୱର ପତିଙ୍କ ଜମି ସମ୍ପୂର୍ଣ୍ଣ ଉଜୁଡିଯାଇଥିବା ଦେଖାଯାଇଛି। ଏ ନେଇ ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ବିନୋଦ ବିହାରୀ ଦାସଙ୍କୁ ପଚାରିବାରୁ ଏହା ଉପରେ କୌଣସି ଲିଖିତ ଅଭିଯୋଗ ଆସିନାହିଁ। ତଥାପି ଏହା ଉପରେ ତୁରନ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଧାତୁକପାଲିରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ଭେଡ଼େନ,୨୮।୧୦(ଡି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ରୁଷୁଡ଼ା ପଞ୍ଚାୟତର ଧାତୁକପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟ ପଡ଼ିଆରେ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଦ୍ୟୁମତସେନ ରଣାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଳାମଣି କ୍ଷେତି ମୁଖ୍ୟଅତିଥି, ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ବ୍ଲକ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ସରପଞ୍ଚ ନିରୁପାଞ୍ଜଳି ମହାଲିଙ୍ଗ, ସମିତିସଭ୍ୟା ଲୁଲେଶ୍ୱରୀ ନାଏକ, ବରିଷ୍ଠ ନାଗରିକ ରବି ପାଣିଗ୍ରାହୀ, ଯୁବ ବାହିନୀ ସଂଯୋଜକ ଶିବୁ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କ୍ରୀଡ଼ାବିତ ଚନ୍ଦନ ଦେହେରି, ରୁଷୁଡ଼ାର କ୍ଷେତ୍ରପାଳ ନୃତ୍ୟଦଳ, ହାଟଗାଁର ବୀର ବଜରଙ୍ଗ ନୃତ୍ୟଦଳ ତଥା ଅସହାୟ ବୃଦ୍ଧଙ୍କ ଶବ ସତ୍କାର କରିଥିବା ରୁଷୁଡ଼ାର ଯୁବଗୋଷ୍ଠିଙ୍କୁ ମୁଁ ହିରୋ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯୁବ ବାହିନୀ ସଭାପତି ସୁରେନ୍ଦ୍ର କର୍ମି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଆକର୍ଷଣୀୟ ନୃତ୍ୟ ପରିବେଷିତ ହୋଇଥିଲା।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କଲେ ମନ୍ତ୍ରୀ

ଭେଡ଼େନ,୨୮।୧୦(ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ରୁଷୁଡ଼ା ପଞ୍ଚାୟତ ଧାତୁକପାଲି ଓ ମହଲାକଟା ଗ୍ରାମରେ ରବିବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ତଥା ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ମହଲାକଟା ତଳିପଡ଼ାରେ ଆମ ଗାଁ ଆମ ବିକାଶ ଯୋଜନାରେ ଏକ କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରିଥିବା ବେଳେ ଧାତୁକପାଲି ୨ ନଂ. ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଧାତୁକପାଲି ଖେଳ ପଡ଼ିଆରେ ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନରେ ନିର୍ମିତ ମଞ୍ଚର ଉଦ୍‌ଘାଟନ କରିଥିଲେ। ପୂର୍ବତନ ସରପଞ୍ଚ ଦ୍ୟୁମତସେନ ରଣାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମନ୍ତ୍ରୀ ଛୁରିଆ ମୁଖ୍ୟଅତିଥି, ଭେଡ଼େନ ଅଧ୍ୟକ୍ଷ ବ୍ଲକ ଡ଼ୋଳାମଣି କ୍ଷେତି, ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ବ୍ଲକ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ସରପଞ୍ଚ ନିରୁପାଞ୍ଜଳି ମହାଲିଙ୍ଗ, ସମିତିସଭ୍ୟା ଲୁଲେଶ୍ୱରୀ ନାଏକ, ରବି ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁବ ବିଜେଡ଼ି କର୍ମି ସୁରେନ୍ଦ୍ର କର୍ମି, ୱାର୍ଡ଼ ସଭ୍ୟ ଅକ୍ରୁର ମେହେରଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ୧୧୪୨ ହିତାଧିକାରୀଙ୍କୁ ଏଲଇଡି ବଲବ୍ ବଣ୍ଟନ



ତଳମଲା ପଞ୍ଚାୟତରେ ଏଲଇଡି ବଲ୍‌ବ ବଣ୍ଟନ କାର୍ଯ୍ୟକ୍ରମ।

ଜୁନାଗଡ,୨୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପଞ୍ଚାୟତରେ ରବିବାର ରାଜ୍ୟ ସରକାରଙ୍କ ମାଗଣା ଏଲଇଡି ବଲବ୍ ବଣ୍ଟନ ହୋଇଯାଇଛି। ଏଥିରେ ପଞ୍ଚାୟତର ୧୧୪୨ ହିତାଧିକାରୀଙ୍କୁ ୨ଟି ଲେଖାଏଁ ମାଗଣାରେ ଏଲଇଡି ବଲବ୍ ବଣ୍ଟନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ତଳମଲା ସରପଞ୍ଚ ଦୁଶିଳା ମାଝି, ନାଏବ ସରପଞ୍ଚ ମିତା ମାଝି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମହାଦେବ ସୁନାନୀଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇ ହିତାଧିକାରୀ ଏଲଇଡି ବଲବ୍ ବଣ୍ଟନ କରିଥିଲେ।

### ଜିଲା ଶିକ୍ଷାଧିକାରୀଙ୍କ ବିଭିନ୍ନ ସ୍କୁଲ ପରିଦର୍ଶନ

## କୁମଝରିଆ ସ୍କୁଲର ସ୍ୱଚ୍ଛତା, ପରିବେଶ ସ୍ୱତନ୍ତ୍ର

କୁଆଁରମୁଣ୍ଡା, ୨୮।୧୦(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲାର ନୂତନ ଶିକ୍ଷାଧିକାରୀ (ଡ଼ିଇଓ) ଭାବେ ରଞ୍ଜନ ଗିରି ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପରେ ଶନିବାର ଜିଲା ଶିକ୍ଷାଧିକାରୀଭାବେ ସେ ଜିଲାର ବିଭିନ୍ନ ସ୍କୁଲ ପରିଦର୍ଶନ କରିଛନ୍ତି। ହେଲେ ଏହି ପରିଦର୍ଶନ ସମୟରେ ସେ କୁଆଁରମୁଣ୍ଡା ବ୍ଲକର କୁମଝରିଆ ସରକାରୀ ହାଇସ୍କୁଲ ପରିଦର୍ଶନରେ ଆସିଥିଲେ। ଏହା ପୂର୍ବରୁ ପ୍ରଥମେ ଉଦିତନଗରସ୍ଥିତ ସରକାରୀ ବାଳିକା ହାଇସ୍କୁଲ ଯାଇଥିଲେ। ସେଠାରୁ ଲାଠିକଟା ବ୍ଲକର ମନ୍‌କୋ ସ୍କୁଲ ସମତେ ଆଖପାଖ କେତେକ ସ୍କୁଲ ଯିବା ପରେ ଲାଠିକଟା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଯାଇଥିଲେ। ଏହା ପରେ ଜିଲା ଶିକ୍ଷାଧିକାରୀ ଗିରି କୁଆଁରମୁଣ୍ଡା ବ୍ଲକ କୁମଝରିଆ ସରକାରୀ ହାଇସ୍କୁଲ ପରିଦର୍ଶନ କରିଥିଲେ। ଉକ୍ତ ସ୍କୁଲର କାନ୍ଥରେ ଚିତ୍ରିତ ଛବି ଓ ନିତିବାଣୀ ଠାରୁ ଆରମ୍ଭ କରି ମନୋରମ ଉଦ୍ୟାନ, ସ୍ୱଚ୍ଛ ପରିବେଶ, ପରିଷ୍କାର ମଧ୍ୟାହ୍ନଭୋଜନ ବ୍ୟବସ୍ଥା, ସ୍ୱତନ୍ତ୍ର ଶ୍ରେଣୀ କୋଠରୀ ବ୍ୟବସ୍ଥା ସହ ଏକ ଶୃଙ୍ଖଳିତ ପରିବେଶ ବାସ୍ତବରେ ମୋତେ ମୁଗ୍ଧ କରିଛି ବୋଲି ଜିଲା ଶିକ୍ଷାଧିକାରୀ ଗିରି ଏହି ଅବସରରେ ନିଜ ମତ ପ୍ରକାଶ କରିଛନ୍ତି। ଏହି ସ୍କୁଲକୁ ଏକ ମଡେଲ ସ୍କୁଲ କହିଲେ ଅତ୍ୟୁକ୍ତି ହେବ ନାହିଁ କହିବା ସହ ଏହା ଜିଲାର ଅନ୍ୟ ସ୍କୁଲଗୁଡିକ ପାଇଁ ଏକ ଉଦାହରଣ ବୋଲି ଗିରି କହିଛନ୍ତି। ଏହି ସମୟରେ କୁଆଁରମୁଣ୍ଡା ବ୍ଲକ ବିଇଓ ସଦାନନ୍ଦ ପଧାନ, ଏବିଇଓ ଗୁରୁଚରଣ ସାହୁ, ମୋହନ କୁମାର ପ୍ରମୁଖ ଡିଇଓ ଗିରିଙ୍କୁ ସ୍କୁଲ ପରିଦର୍ଶନରେ ସହାୟତା କରିଥିଲେ। ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ ସାମଲ ଶିକ୍ଷାଧିକାରୀଙ୍କ ପରିଦର୍ଶନକୁ ସ୍ୱାଗତ କରିଥିଲେ। ଏହା ପରେ ଡିଇଓ ଗିରି ଉଦିତନଗର ସରକାରୀ ହାଇସ୍କୁଲ ପରିଦର୍ଶନରେ ଯାଇ ସେଠାରେ ଆୟୋଜିତ ଏକ ବୈଠକରେ କୁମଝରିଆ ସ୍କୁଲର ସ୍ୱତନ୍ତ୍ରତା ସମ୍ପର୍କରେ ଉପସ୍ଥିତ ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କୁ ଅବଗତ କରାଇଥିଲେ।



ଜିଲା ଶିକ୍ଷାଧିକାରୀ ରଞ୍ଜନ ଗିରି କୁମଝରିଆ ହାଇସ୍କୁଲ ପରିଦର୍ଶନ କରୁଛନ୍ତି।

## ଉନ୍ନତ କୁକୁଡା ଚାଷ ପ୍ରଶିକ୍ଷଣ ଶିବିର

ବଡ଼ଗାଁ, ୨୮।୧୦ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପ୍ରାଣୀ ଚିକିତ୍ସାଳୟ କେନ୍ଦ୍ରରେ ୨୩ ତାରିଖଠାରୁ ଚାଲିଥିବା ଆତ୍ମ ନିଯୁକ୍ତି ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ଶିବିରରେ ଉନ୍ନତ କୁକୁଡା ଚାଷ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଘର ଅଗଣାରେ ଉନ୍ନତ କୁକୁଡା ଚାଷ କିପରି କରାଯାଇ ଅର୍ଥ ଉପାର୍ଜନ କରାଯିବ ସେ ସମ୍ପର୍କରେ ଡା. ବସନ୍ତ କୁମାର ଧଳ, ଡା. ହିମାଂଶୁ ଶେଖର ସାହୁ, ଡା. ସଞ୍ଜା ସାଗରିକା ବେହେରା, ସିଡିଭିଓ ଡା. ପ୍ରଦୀପ୍ତ କିଶୋର ଖମାରୀ, ନୋଡାଲ ଅଫିସର ଡା.କାର୍ତ୍ତିକ ସାହୁ, ଡା. ସଞ୍ଜୟ କୁମାର ଚାଟାର ଚାଷୀମାନଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। କମ୍ ଖର୍ଚ୍ଚ ଓ ସୁବିଧାରେ କୁକୁଡା ଚାଷ, କୁକୁଡାମାନଙ୍କ ବିଭିନ୍ନ ରୋଗ ସମ୍ବନ୍ଧରେ ବୁଝାଇଥିଲେ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୨୦ ଚାଷୀଙ୍କୁ ମାଗଣାରେ ୫୦ଟି କୁକୁଡା ଯୋଗାଇ ଦେବା ବ୍ୟବସ୍ଥା ହୋଇଥିବା ସୂଚନା ଦେଇଥିଲେ। ଚାଷୀଙ୍କୁ କୁକୁଡା ଚାଷ କରିବାକୁ ଉତ୍ସାହିତ କରିଥିଲେ ଓ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ଶିବିର ବଡ଼ଗାଁ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁକ୍ରାମ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।



ପ୍ରଶିକ୍ଷାର୍ଥୀଙ୍କ ସହିତ ଡା. ଶୁକ୍ରାମ ମୁଣ୍ଡା ଓ ଡା. ସଞ୍ଜା ସାଗରିକା ବେହେରା।

## ଯୁବକଙ୍କ ଆତ୍ମହତ୍ୟା

ଖଡିଆଳ,୨୮।୧୦(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଥାନା ସାଗୁନଡୋଙ୍ଗରୀ ଗାଁରେ ରବିବାର ସନ୍ଧ୍ୟାରେ ନିଜ ଘର ଭିତରେ ପଙ୍ଖାରେ ବେକରେ ଲୁଗା ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଯୁବକଙ୍କ ନାମ ରାଜୀବ ବନଛୋର (୨୭)। ଆତ୍ମହତ୍ୟା କରିଥିବା ଠିକ୍ କାରଣ ଜଣାପଡି ନାହିଁ। ସୂଚନା ଅନୁସରରେ ସାଗୁନଡୋଙ୍ଗରୀ ଗାଁରେ ହନୁମାନ ପୂଜାର ରବିବାର ବିସର୍ଜନ କରାଯାଇ ଭୋଜିଭାତ ଆୟୋଜନ ହୋଇଥିଲା। ଭୋଜିଭାତ ଖାଉଥିବା ବେଳେ ଖାଉଥିବା ଭାତ କିଛି ଲୋକଙ୍କ ଉପରେ ପଡିବାରୁ ଗଣ୍ଡଗୋଳ ହୋଇଥିଲା। ଫଳରେ ରାଜୀବଙ୍କୁ ଘର ଲୋକେ କବାଟ ବନ୍ଦ କରି ରଖିଥିଲେ। ରାଜୀବ ନିଜ ସ୍ତ୍ରୀଙ୍କ ଲୁଗାରେ ଘର ଭିତରେ ଥିବା ପଙ୍ଖାରେ କେବରେ ଦେଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଲୋକେ ଜାଣି କବାଟ ଭାଙ୍ଗି ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ ମୃତବରଣ କରିଥିଲେ। ଖବର ପାଇ ଖଡିଆଳ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମରୁଡ଼ି ଅଞ୍ଚଳ ବୁଲି ଦେଖିଲେ ବିଧାୟକ

ନୂଆପଡା ଅଫିସ,୨୮।୧୦

ଠିକ ସମୟରେ ବର୍ଷାଭାବ ଯୋଗୁ ଜିଲାସାରା ମରୁଡି ପରିସ୍ଥିତି ସୃଷ୍ଟି ହେଲାଣି। ସବୁଆଡେ ଚାଷୀମାନେ ଚିତ୍କାର କରୁଛନ୍ତି। ଏସବୁ ପରିସ୍ଥିତି ଦେଖିବାକୁ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଭାଜପା ସଭାପତି ବସନ୍ତ କୁମାର ପଣ୍ଡା ସଦଳବଳ ନିଜ ନିର୍ବାଚନ ମଣ୍ଡଳୀ ଅଞ୍ଚଳ ବୁଲିଛନ୍ତି। ରବିବାର ପୂର୍ବାହ୍ନ ୧୦ଟାରେ ପ୍ରଥମେ ବାଗମୁଣ୍ଡା, ଭାଲୁକୋନା, ସିଆଲଟି, ଦର୍ଲିପଡା, ତରବୋଡ ଆଦି ଅଞ୍ଚଳ ବୁଲିଥିଲେ। ସିଧା ଚାଷୀମାନଙ୍କ କ୍ଷେତକୁ ଯାଇ ବିଧାୟକ ପଣ୍ଡା ପରିସ୍ଥିତି ଦେଖିଥିଲେ। ଆଜକୁ ମାସେ ହେବ ବର୍ଷାଭାବ ଯୋଗୁ ଧାନ କ୍ଷେତ ଶୁଖି ଫାଟି ଆଁ କଲାଣି। ବିଶେଷ କରି ଢିପଜମିର ଧାନ ଉଜୁଡିଗଲାଣି। ଏଥିରେ କ୍ଷୁଦ୍ର ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଚାଷୀମାନେ ଏହାକୁ ନେଇ ବାରମ୍ବାର ଜିଲା କୃଷି ବିଭାଗକୁ ଜଣାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଆଜିଯାଏଁ କୌଣସି ଅଧିକାରୀ ଗାଁକୁ ଆସୁ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ ସରକାରୀ ସହାୟତା ଯୋଗାଇ ଦେବାକୁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏ ବିଷୟରେ ଚାଷୀମାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଏହାକୁ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖିବେ ବୋଲି କହିଛନ୍ତି। ଚାଷୀମାନଙ୍କ ମଧ୍ୟରେ ଖଗେଶ୍ୱର ଚିରାଙ୍ଗୁଳ, ଯଦୁ ହଂସ, ଭକରନନ୍ଦ ହଂସ, ଲାଲ ସିଂ ହଂସ, ଭରତ ଚିରାଙ୍ଗୁଳ, ସନ୍ତୋଷ ସଗରିଆଙ୍କ ଚାଷ ଜମି ଦେଖି ବିଧାୟକ ମର୍ମାହତ ହୋଇଥିଲେ। ବିଧାୟକଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ମନିଜର ଆର୍ଯ୍ୟ, ଅର୍ଜୁନ ଜଗତ, ଅତିନ୍ଦ୍ର ଜିତ ସିଂ ମଲ୍ଲିକ, ଗୋଲଡି ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ।

- କ୍ଷତିଗ୍ରସ୍ତ ଚାଷୀ ଗୁହାରି କଲେ
- ଅଧିକାରୀଙ୍କ ଦେଖାନାହିଁ



ବିଧାୟକ ବସନ୍ତ କୁମାର ପଣ୍ଡା ଉଜୁଡିଯାଇଥିବା ଚାଷକୁ ଦେଖୁଛନ୍ତି।

କବାଡି, ଝୋଟି ପ୍ରତିଯୋଗିତା
କଳାହଣ୍ଡି ଜିଲା ଜୁନାଗଡ ହିଙ୍ଗିଳିବାହିଲି ପଡା କୃପାସିନ୍ଧୁ କ୍ଲବ ଆନୁକୂଲ୍ୟରେ ରବିବାର ଗଜ ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ମହିଳା ଓ ପୁରୁଷମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।



## ସଂକ୍ଷେପରେ



### ପ୍ରବାସୀ ଗ୍ରାମୀଣ ସଂଘର ପ୍ରଥମ ବାର୍ଷିକ ସଭା

ଜୁନାଗଡ,୨୮।୧୦(ସ୍ୱ.ପ୍ର.)

ବିଭିନ୍ନ ଗ୍ରାମରୁ ଜୁନାଗଡ ସହରକୁ ନିଜ କର୍ମକ୍ଷେତ୍ର ଭାବରେ ଆସି ଏଠାରେ ବାସ କରୁଥିବା ଗ୍ରାମିଣ ବ୍ୟକ୍ତିଙ୍କୁ ନେଇ ଏକ ସଂଘ ଗତ ଏକ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରୁଛି। ଏହି ସଂଘ ଗତ ଏକ ବର୍ଷ ମଧ୍ୟରେ ବିଭିନ୍ନ ଗରିବ ରୋଗୀଙ୍କ ପାଇଁ ଆର୍ଥିକ ସହାୟତା ଦେବା ସହିତ ଗରିବ ଛାତ୍ରଙ୍କୁ ଆର୍ଥିକ ସହାୟତା ଦେଇ ପାଠ ପଢା ପ୍ରତି ଉତ୍ସାହିତ କରୁଥିବା ସ୍ଥାନୀୟ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଏକ ସଭାରେ ସଂଘର ସମ୍ପାଦକ ହରେକୃଷ୍ଣ ତାଣ୍ଡି କହିଥିଲେ। ଏହି ଅବସରରେ ସଭାପତି ବସନ୍ତ ନାଏକ, ସଭ୍ୟ ଗଜରାଜ ଛତ୍ରିଆ, ଅଚ୍ୟୁତ ନାଗ, ଡଃ ବିବେକ ମହାନନ୍ଦ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବାର୍ଷିକ ଉତ୍ସବ ପାଳନ ପାଇଁ ସଂଘ ପକ୍ଷରୁ ସକାଳେ ସ୍ଥାନୀୟ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଆଇନଜୀବୀ ବିଶ୍ୱନାଥ କର, ପ୍ରେମଲାଲ ବାଗ, ମଧୁସୁଦନ ବେଣୁପାଣି, ନାରାୟଣ ପାଣିଗ୍ରାହୀ, ହରେକୃଷ୍ଣ ଡୋଙ୍ଗରି, ଲଳିତ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

ଗାଡ଼ି ଧକ୍କାରେ ୨ ଗୋଡ଼ ଅକାମୀ ହେଲା

# ଗଛମୂଳେ ବେସାହାରା ଦିବ୍ୟାଙ୍ଗ ବୃଦ୍ଧ

ଜୁନାଗଡ,୨୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣ୍ଡାକୁତ୍ରା ଗ୍ରାମର ଦିବ୍ୟାଙ୍ଗ ବୃଦ୍ଧ ତହସିଲ ଶବର (୬୩)। ଦୁନିଆରେ ତାଙ୍କର ନିଜର ବୋଲି କେହି ନାହାନ୍ତି। ଢାବାରେ କାମ କରି ଜୀବିକା ନିର୍ବାହ କରୁଥିଲେ। ହେଲେ ବିଧିର ବିଧାନ ବଡ ବିଚିତ୍ର। ଗତ କିଛି ଦିନ ତଳେ ଗାଡି ଧକ୍କାରେ ତାଙ୍କ ୨ ଗୋଡ ଅକାମୀ ହୋଇଯାଇଛି। ଏବେ ସେ ସମ୍ପୂର୍ଣ୍ଣ ପଙ୍ଗୁ ହୋଇ ଗଛମୂଳେ ଆଶ୍ରୟ ନେଇଛନ୍ତି। ଗଛ ମୂଳ ତାଙ୍କ ସାହାର ପାଲଟିଛି। ଦୁର୍ଘଟଣାରେ ଅକାମୀ ହୋଇଥିବା ଗୋଡକୁ ଚିକିତ୍ସା କରିବା ପାଇଁ ତାଙ୍କ ପାଖରେ ଅର୍ଥ ନାହିଁ। ଯେଉଁଠି ପେଟ ପୁରିବାକୁ ଭଲ ଭାବରେ ଗଣ୍ଡେ ଖାଇବାକୁ ମିଳୁନାହିଁ, ସେଠି ଚିକିତ୍ସା କଥା କିଏ ପଚାରୁଛି।

ଜୁନାଗଡ ବ୍ଲକ ବଣ୍ଡାକୁତ୍ରା ଗ୍ରାମର ଦିବ୍ୟାଙ୍ଗ ବୃଦ୍ଧ ତହସିଲ ଶବର ବଣ୍ଡାକୁତ୍ରାସ୍ଥିତ ଚିନ୍ମୟ ଢାବାରେ କାମ କରି ଜୀବିକା ନିର୍ବାହ କରୁଥିଲେ। ଗତ କିଛି ଦିନ ତଳେ ରାସ୍ତାରେ ଯାଉଥିବା ବେଳେ ଏକ ଚାରିଚକିଆ ଗାଡି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଆହତ ଅବସ୍ଥାରେ ଢାବା ମାଲିକ ଓ କର୍ମଚାରୀମାନେ ମିଶି ବଣ୍ଡାକୁତ୍ରାସ୍ଥିତ ଏକ ଘରୋଇ ଡାକ୍ତରଙ୍କୁ ନେଇ ଦେଖାଇଥିଲେ। ସେଠାରେ ଗୋଡକୁ ଦେଖି ଡାକ୍ତର କିଛି ଔଷଧ ଦେଇଥିଲେ। ଏହା ପରେ ଢାବା କର୍ମଚାରୀମାନେ ତାଙ୍କୁ ଢାବା ନିକଟକୁ ନେଇ ଆସିଥିଲେ। ତେବେ ଗୋଡରେ ଶକ୍ତ ଆଘାତ ଯୋଗୁ ସେତେବେଳଠୁ ସେ ଆଉ ଚାଲି ପାରି ନ ଥିଲେ। ସେହି ଦିନଠାରୁ ଗଛମୂଳ ତଳେ ଏକ ବିଛଣାରେ ପଡି ରହିଛନ୍ତି।



ଗଛ ମୂଳେ ଦିବ୍ୟାଙ୍ଗ ତହସିଲ ଶବର ପଡିରହିଛନ୍ତି।

ଢାବା ମାଲିକ ତାଙ୍କ ଅବସ୍ଥା ଦେଖି ପ୍ରତିଦିନ ଖାଇବାକୁ ଦେଉଛନ୍ତି। ସେଥିରୁ ତାଙ୍କ ପେଟ ପୁରୁଛି। ଗୋଡକୁ ଏକ୍ସରେ କରାଯାଇ ଚିକିତ୍ସା କରାଗଲେ ଭଲ ହୋଇପାରିବେ ବୋଲି ତହସିଲ କହୁଥିବା ବେଳେ ପାଖରେ ଅର୍ଥାଭାବରୁ ସେ ଚିକିତ୍ସିତ ହେବା ପାଇଁ ଡାକ୍ତରଖାନା ଯାଇପାରୁନାହାନ୍ତି। ସରକାରଙ୍କ ପକ୍ଷରୁ କେବଳ ୫ ଶହ ଟଙ୍କା ଦିବ୍ୟାଙ୍ଗ ଭତ୍ତା ବ୍ୟତିତ ଅନ୍ୟ କିଛି ସରକାରୀ ସହାୟତା ମିଳୁ ନ ଥିବା ସେ କହନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ବିଜୁପକ୍କା ଘର ଯୋଜନା ଓ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସହରା ଲୋକଙ୍କୁ ଘର ଯୋଗାଉଥିବା ବେଳେ ତହସିଲଙ୍କ କ୍ଷେତ୍ରରେ ଓଲଟା ଚିତ୍ର ଦେଖିବାକୁ ମିଳିଛି। ତହସିଲଙ୍କ ଘର ମୁଳରୁ

**ଜୁନାଗଡ଼ ବ୍ଲକ**

- ନିଜର ବୋଲି ତାଙ୍କର କେହି ନାହାନ୍ତି
- ଚିକିତ୍ସା ପାଇଁ ପାଖରେ ଅର୍ଥ ନାହିଁ
- ଦେଢ଼ ଘଣ୍ଟା ଧରି ରାଜ୍ୟ ରାଜପଥ ଅବରୋଧ

ନ ଥିବାବେଳେ ଏ ପର୍ଯ୍ୟନ୍ତ ତାଙ୍କୁ ଘରଟିଏ ମିଳିପାରିନାହିଁ। ଫଳରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଘର ଯୋଜନାର ବାସ୍ତବିକ ଚିତ୍ର ପଦାକୁ ଆସିଛି। ବର୍ତ୍ତମାନ ଅଞ୍ଚଳରେ ରାତି ସମୟରେ ଶୀତର ପ୍ରକୋପ ବଢିଥିବା ବେଳେ ସେ ଖୋଲା ଆକାଶ ତଳେ ଅତିକଷ୍ଟରେ ଜୀବନ ବିତାଉଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କୁ ଚିକିତ୍ସା ସହ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ଟୁଡୁଙ୍କୁ ପଚାରିବାରୁ ତାଙ୍କୁ ଅର୍ନ୍ତ୍ୟପୂର୍ଣ୍ଣା ଯୋଜନାରେ ସାମିଲ କରାଯାଇ ପ୍ରତି ମାସରେ ମାଗଣାରେ ଦଶ କିଗ୍ରା ଚାଉଳ ଦିଆଯିବ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ତିଆଡିଙ୍କୁ ପଚାରିବାରୁ ତାଙ୍କୁ ୧୦୮ କିମ୍ବା ୧୦୨ରେ ଡାକ୍ତରଖାନା ଆଣିଲେ ମାଗଣାରେ ଚିକିତ୍ସା କରାଯିବ ବୋଲି କହିଥିଲେ।

ରିପୋର୍ଟ -ଉତ୍ତମ କୁମାର ଦାଶ ।

ଗ୍ରାମସଭାକୁ ବାଟ ଓଗାଳୁଛି କେନ୍ଦୁପତ୍ର ବିଭାଗ

# ୧୫ ଦିନ ମଧ୍ୟରେ ଅନୁମତି ନ ଦେଲେ ଡିଏଫ୍ଓ ଅଫିସ ସମ୍ମୁଖରେ କେନ୍ଦୁପତ୍ର ଜାଳିବାକୁ ଚେତାବନୀ

ଭବାନୀପାଟଣା,୨୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କେନ୍ଦୁପତ୍ର ଗ୍ରାମସଭାର ଜଙ୍ଗଲ ଅଧିକାର ଆଇନକୁ କେନ୍ଦୁପତ୍ର ବିଭାଗ ବାଟ ଓଗାଳିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯଦି ୧୫ ଦିନ ମଧ୍ୟରେ ଗୋଲାମୁଣ୍ଡା ବ୍ଲକ ଢେକନାପଡା ଓ ନୂଆପଡା କେନ୍ଦୁପତ୍ର ଗ୍ରାମ ସଭାକୁ ବିକ୍ରି ପାଇଁ ଟ୍ରାନଜିଟ ବହି ପ୍ରଦାନ ନ କଲେ ଭବାନୀପାଟଣା କେନ୍ଦପତ୍ର ଡିଏଫଓ ଅଫିସ ସମ୍ମୁଖରେ ଲକ୍ଷାଧିକ ଟଙ୍କାର କେନ୍ଦୁପତ୍ର ଜାଳିଦେବାକୁ ଚେତାବନୀ ଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । କଳାହାଣ୍ଡି ଜିଲାର ମ. ରାମପୁର ବ୍ଲକ ବାରବନ୍ଧା ପଞ୍ଚାୟତ ଜାମଗୁଡା, ତରକାବାହାଲି, ଲାମେର, ପିପାଡି, ଗୁଣ୍ଡୁରୁପି ପ୍ରଭୃତି ଗାଁରେ ବାଉଁଶ ପାଇଁ ଗ୍ରାମସଭା ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ ତଥା ସଂଶୋଧିତ ନିୟମାବଳୀ ୨୦୧୨ ଅନୁସାରେ ଗ୍ରାମ ସଭାରେ ଗୋଷ୍ଠୀ ଜଙ୍ଗଲ ଅଧିକାରକୁ ଜାହିର କରିବା ପାଇଁ ଅଣ୍ଟା ଭିଡିଥିଲେ । ଏ ନେଇ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଫଳରେ ବନ ବିଭାଗ ଗ୍ରାମ ସଭାକୁ ବାଉଁଶ ସଂଗ୍ରହ ଓ ବିକ୍ରି ପାଇଁ ଅନୁମତି ଦେଇଥିଲେ। ଏହାକୁ ଭିତ୍ତି କରି ବର୍ତ୍ତମାନ ଜିଲାର ବିଭିନ୍ନ ସ୍ଥାନରେ କେନ୍ଦୁପତ୍ର ସଂଗ୍ରହ ଓ ବିକ୍ରି ପାଇଁ ଗ୍ରାମସଭା ବିଭିନ୍ନ ସମୟରେ ଧାରଣା ଓ ଆନ୍ଦୋଳନ କରି ନିଜର ହକ ଜାହିର କରିଥିଲେ । ଗୋଲାମୁଣ୍ଡା ବ୍ଲକ କାଳିପୁର, କନକପୁର, ଖସିଗୁଡା, ଜାମଝରନ ସମେତ ୬ଟି ଗାଁରେ ଗ୍ରାମସଭା କେନ୍ଦୁପତ୍ରର ବିକ୍ରି ଅଧିକାର ଅଣିଥିଲେ । ଗ୍ରାମସଭା ସ୍ୱାଧୀନ ଭାବରେ କେନ୍ଦୁପତ୍ର, ବାଉଁଶ ସମେତ ଲଘୁ ବନଜାତ ଦ୍ରବ୍ୟ ଗୋଷ୍ଠୀ ଜଙ୍ଗଲ ଅଞ୍ଚଳ ପରିସର ଓ ବାହରୁ ସଂଗ୍ରହ କରିପାରିବ ଏବଂ ଉପଯୁକ୍ତ ସାଧନରେ ବିକ୍ରି କରିପାରିବ ବୋଲି ଜଙ୍ଗଲ ଜମି ଅଧିକାର ଆଇନରେ ଉଲ୍ଲେଖ ରହିଛି । ବର୍ତ୍ତମାନ ଗୋଲାମୁଣ୍ଡା ବ୍ଲକର ଢେକନାଗୁଡା ଓ ନୂଆପଡା କେନ୍ଦୁପତ୍ର ଗ୍ରାମସଭା ଲକ୍ଷାଧିକ ଟଙ୍କାର କେନ୍ଦୁପତ୍ର ସଂଗ୍ରହ କରିଛନ୍ତି । କିନ୍ତୁ କେନ୍ଦୁପତ୍ର ଡିଏଫଓଙ୍କ ଅନୁମତି ଓ ଟ୍ରନଜିଟ ପରମିଟ ବହି ପ୍ରଦାନ କରି ନ ଥିବା ଯୋଗୁ ଗ୍ରାମସଭା ବିକ୍ରି କରିବାକୁ ସକ୍ଷମ ହୋଇପାରୁ ନାହିଁ । ଏ ନେଇ କେନ୍ଦୁପତ୍ର ଡିଏଫଓଙ୍କୁ ଜଣାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଆମ ପାଖରେ କୌଣସି ଚିଠି ଆସିନାହିଁ ଓ ୬ଟି ଗ୍ରାମ ସଭା ଯେଉଁଭଳି ରାଜ୍ୟ ସରକାରଙ୍କଠାରୁ ଅନୁମତି ଆଣିଲେ ସେହିଭଳି ଆଣନ୍ତୁ ବୋଲି ଓଲଟା କହିଥିଲେ । ଫଳରେ ଲକ୍ଷାଧିକ ଟଙ୍କାର କେନ୍ଦୁପତ୍ର ଏବେ ଖତ ଖାଉଛି । ତୁରନ୍ତ ବିଭାଗ ପକ୍ଷରୁ ଟ୍ରାନଜିଟ ପରମିଟ ବୁକ ଓ ବିକ୍ରି ପାଇଁ ୧୫ ଦିନ ମଧ୍ୟରେ ଅନୁମତି ନ ଦେଲେ ଡିଏଫ୍ଓ ଅଫିସ୍ ସମ୍ମୁଖରେ କେନ୍ଦୁପତ୍ର ଆଣି ଜାଳି ଦେବ ବୋଲି ଚେତାବନୀ ଦେଇଛନ୍ତି । ଏ ନେଇ କେନ୍ଦୁପତ୍ର ଡିଏଓଫ୍‌ଙ୍କୁ ପଚାରିବାରୁ ଚଳିତବର୍ଷ ସେମାନଙ୍କୁ ଅନୁମତି ଦେବା ପାଇଁ ସରକାରଙ୍କୁ ଜଣାଇ ଦିଆଯାଇଛି । ସେମାନେ ପୂର୍ବରୁ ସଂଗ୍ରହ କରି ଅଫିସକୁ ବିଳମ୍ବରେ ଜଣାଇଥିଲେ । ଏ ନେଇ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରୁଛୁ ବୋଲି କହିଥିଲେ ।

ମୃତ ଚାଷୀଙ୍କ ପରିବାରକୁ ଭେଟିଲେ ବିଧାୟକ

# ଆତ୍ମହତ୍ୟା ନ କରିବା ପାଇଁ ପରାମର୍ଶ

କୋକସରା,୨୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଉଜୁଡା ଚାଷ ଓ ଋଣ ଭାର ଚିନ୍ତାରେ ୨ ଜଣ ଯୁବଚାଷୀ ଗତ ସପ୍ତାହରେ ଆତ୍ମହତ୍ୟା କରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ପରିବାର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇବା ଚାଷୀ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି। କୋକସରା ବ୍ଲକ ଗମ୍ଭାରୀଗୁଡା ଗ୍ରାମର ଚାଷୀ ପରମାନନ୍ଦ ଲହଜଲ କିଟନାଶକ ପିଇ ଚିକିତ୍ସାଧୀନ ଅବସ୍ଥାରେ ଭାବନୀପାଟଣା ଡାକ୍ତରଖାନରେ ମୃତ୍ୟୁ ବରଣ କରିଥିବା ବେଳେ ସୁନାମାଲ ଗ୍ରାମର ଯୁବଚାଷୀ ଗଣେଶ ସାହୁ ନିଜ ଭଡା ଦୋକାନରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ। ଜିଲା ପ୍ରଶାସନ ଚାଷୀ ମୃତ୍ୟୁକୁ ମାନିବା ପାଇଁ ରାଜି ନ ଥିବା ବେଳେ ଧାନଚାଷ ନଷ୍ଟରୁ ନୁହେଁ ବରଂ ପରିବାରିକ କଳହ କିମ୍ବା



ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ ମୃତ ଚାଷୀ ପରିବାରକୁ ସମବେଦନା ଜଣାଉଛନ୍ତି ।

ଅନ୍ୟ କୌଣସି କାରଣରୁ ଆତ୍ମହତ୍ୟା କରିଥିବା କହୁଛନ୍ତି । ଏହି ପରିପ୍ରେକ୍ଷୀରେ ରବିବାର ଧର୍ମଗଡ ବିଧାୟକ ତଥା ଶାସକ ଦଳର ମୁଖପାତ୍ର ପଦରେ ଥିବା ପଷ୍ପେନ୍ଦ୍ର ସିଂଦେଓ, ବ୍ଲକ ବିଜେଡି କର୍ମକର୍ତ୍ତାମାନଙ୍କ ସହିତ ମିଶି ୨ ମୃତ ଚାଷୀ ପରିବାରକୁ ଭେଟିବାକୁ ଯାଇଥିଲେ । ସେମାନେ ମୃତ ୨ ଚାଷୀ ପରିବାରକୁ ସମବେଦନା ଜଣାଇବ ସହ ଆର୍ଥିକ ସହାୟତା ଓ ବିଜୁ ପକ୍କାଘର ଦେବା ପାଇଁ କଥା ଦେଇଥିଲେ। ସରକାରୀସ୍ତରରେ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେବା ପାଇଁ ମଧ ପ୍ରତିଶ୍ରୁତି ଦେଇଥିଲେ । ତେବେ ବିଧାୟକ ମଧ କୋକସରା ବ୍ଲକରେ ମରୁଡି ସ୍ଥିତି ସଙ୍ଗିନ ଥିବା ଘଟଣାକୁ ସ୍ୱୀକାର କରିବା ସହ ଚାଷୀମାନଙ୍କ ପାଇଁ ରାଜ୍ୟ ସରକାର ସଜାଗ ଅଛନ୍ତି । ଆଗାମୀ ଦିନରେ ଚାଷୀମାନଙ୍କ ପାଇଁ ସରକାର ସହାୟତା ନିଶ୍ଚୟ କରିବେ ବୋଲି କହିଛନ୍ତି । ମରୁଡି ପରିସ୍ଥିତିରେ ଚାଷୀମାନେ ଧର୍ଯ୍ୟହରା ନ ହବା ସହ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନ ନେବା ପାଇଁ ବିଧାୟକ କହିଥିଲେ । ଏହି ଗ୍ରସ୍ତ ସମୟରେ କୋକସରା ବ୍ଲକ ସଭାପତି ସୁଶାନ୍ତ ବେହେରା, ଏମ୍‌ପି ପ୍ରତିନିଧି ପ୍ରମୋଦ ପ୍ରଧାନି, ଗମ୍ଭାରୀଗୁଡା ସରପଞ୍ଚ ପ୍ରତିନିଧି ଧନଞ୍ଜୟ ସାହୁ, ବିଜେଡି ବ୍ଲକ ସମ୍ପାଦକ ପଙ୍କଜ ପୋଡ, ସାମାଜିକ କର୍ମୀ ଜିତେନ୍ଦ୍ର ପ୍ରଧାନି, ଲଦୁଗାଁ ସରପଞ୍ଚ କହ୍ନେଇ ଚରଣ ଦାସ, ସୁରନ ଦାସ, ସହଦେବ ପଟ୍ଟନାୟକ, ମଙ୍ଗଳୁ ଚରନ ଭାଟି, ଅଜୟ କୁମାର ସାହୁ, ବିଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# ୧୬ ଛାତ୍ରୀଛାତ୍ର ଜିଲାସ୍ତରୀୟକୁ ମନୋନୀତ


ଜୁନାଗଡ,୨୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୧୮ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନାଗଡ ବ୍ଲକର ୧୬ଟି କ୍ଲଷ୍ଟର ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇଥିଲେ। ସେମାନଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ନାଚ, ଗୀତ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରୁ ୪୮ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତପିମଣି ଜାନି, ସହକାରୀ ବ୍ଲକ ଶିକ୍ଷାଧିକାରୀ ପରିକ୍ଷିତ ମେହେର, ଜୁନାଗଡ ନଗର ସିଆରସିସି ଫାଲଗୁନି ନାଏକ, ବରିଷ୍ଠ ଶିକ୍ଷକ ମନୋରଞ୍ଜନ ପାଣିଗ୍ରାହୀ, ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ ଖମାରୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଛୋରିଆଗଡ ସିଆରସିସି ସୂର୍ଯ୍ୟ ନାରାୟଣ ଠାକୁର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସିଆରସିସି ତଥା ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ। ୪୮ଜଣ କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୬ଜଣ ଛାତ୍ରୀଛାତ୍ର ଭବାନୀପାଟଣାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗନେବାକୁ ମନୋନୀତ ହୋଇଛନ୍ତି।




ସୁରଭି କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁବାଳା ଦେବୀ ଉଦ୍‌ବୋଧନ ଦେଉଛନ୍ତି।

# କବାଡ଼ି, ଝୋଟି ପ୍ରତିଯୋଗିତା



କୃପାସିନ୍ଧୁ କ୍ଲବ କବାଡି ପ୍ରତିଯୋଗିତା ।

ଜୁନାଗଡ,୨୮।୧୦(ସ୍ୱ.ପ୍ର.)

କଳାହଣ୍ଡି ଜିଲା ଜୁନାଗଡ ହିଙ୍ଗିଳିବାହିଲି ପଡା କୃପାସିନ୍ଧୁ କ୍ଲବ ଆନୁକୂଲ୍ୟରେ ରବିବାର ଗଜ ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ମହିଳା ଓ ପୁରୁଷମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସକାଳେ ମହିଳାମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସଲୋନି ଭାଟି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିଭଳି ମ୍ୟୁଜିକ ଚେୟାରରେ ବିବାହିତ ମହିଳା ପାଇଁ ଅଲିତା ଚଣ୍ଡି, ବାଳିକା ପାଇଁ ଜ୍ୟୋର୍ତିମୟୀ ଚଣ୍ଡି ଓ ପୁରୁଷ ମ୍ୟୁଜିକ ଚେୟାରରେ ହରପ୍ରସାଦ ଗହିର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଅପରାହ୍ନରେ କବାଡି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ୭ଟି ଟିମ ଯୋଗଦେଇଥିଲେ। ପ୍ରଥମ ସେମି ଫାଇନାଲରେ ବୋରିଆ (କ) ଓ କୋକସରା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବୋରିଆ (କ) ବିଜୟୀ ହୋଇଥିଲା। ଦ୍ୱିତୀୟ ସେମି ଫାଇନାଲରେ ବୋରିଆ (ଖ) ଓ ଆୟୋଜକ କୃପାସିନ୍ଧୁ କ୍ଲବ ମଧ୍ୟରେ ଖେଳ ହୋଇଥିଲା। ବୋରିଅଅ (ଖ) ବିଜୟୀ ହେବା ପରେ ଦୁଇ ବୋରିଆ କ ଓ ଖ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବୋରିଆ (କ) ଚାମ୍ପିୟନ ହୋଇଥିବା ବେଳେ ବୋରିଆ (ଖ) ରନର୍ସଅପ ହୋଇଥିଲା। ମୁଖ୍ୟଅତିଥି ଭାବେ କୃପାସିନ୍ଧୁଙ୍କ ନାତୀ ଅନନ୍ତ ଗହିର ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। କ୍ଲବ ସଭାପତି ଗଣେଶ ଗହିର, ଉପସଭାପତି କମଳାକାନ୍ତ ଗହିର, ସମ୍ପାଦକ ଲଳିତ ବେମାଲ, କୋଷାଧ୍ୟକ୍ଷ ବଦ୍ରିନାଥ ଗହିର ପ୍ରମୁଖ ଉପସ୍ଥିତ ଥିଲେ।

# ପରମ୍ପରା ସଂଗେ ହଜିଯାଉଛେ ଲୋକ୍‌ବାଦ୍ୟ

ଭବାନୀପାଟଣା,୨୮।୧୦(ଡି.ଏନ.ଏ.)

ପାହାଡ ପର୍ବତ୍ ଘେରା କଳାହାଣ୍ଡି ଜିଲାର ଝାର ଜଂଗଲ, ଡଂଗର ଝରନ୍, ଆଦିବାସୀକର ପିଁଧନ୍‌ଓଢ଼ନ୍, ଖାଏଦ୍‌ପାଏନ୍, ପୂଜାପାର୍‌ବନ ଆର ସାମାଜିକ ରୀତିନୀତି ଦେଶ ବିଦେଶର ପର୍ଯ୍ୟଟକ୍‌କୁ ଯେନ୍‌ହିସାବେ ଆକର୍‌ଷିତ୍ କରୁଛେ ସେ ହିସାବେ ଗବେଷକ୍‌ମାନ୍‌କୁ ଗବେଷନାର ଖୁରାକ୍ ଯୁଗେଇଛେ। ହେଲେ ଆଏଜ୍‌କାଲି ଆଧୁନିକତାର ଛାପ୍‌ରେ ଇ ସବୁ ହଜିଯିବାକେ ବସ୍‌ଲାନ। ପୁରବାପାତିନୁ ଚଲି ଆସୁଥିବାର ବହୁତ୍‌ଟେ ପରମ୍ପରା ଆଏଜ୍ ଲୋକ୍ ଲୋଚନ୍‌ରୁ ହଜିଗଲାନ। କାମ୍‌ଧଁଦାରୁ ଟିକେ ଫୁରସତ୍ ମିଲ୍‌ଲେ ମଜା ମଜ୍‌ଲିସ୍ ଲାଗି ଛୁଆନୁ ବୁଢ଼ାବୁଢ଼ୀ ତକ୍ ନାଚ୍‌ଗାନାରେ ମସଗୁଲ ରହୁଥିଲେ। ହେଲେ ଆଏଜ୍‌କାଲି ଆଧୁନିକତାର ଛାପ୍‌ରେ ଅତୀତ୍‌ର ଇ ମହାନ୍ ପରମ୍ପରାକେ ପାସ୍‌ରି ଦେଲନ। ଅତୀତ୍‌ର ଇ ମହାନ୍ ଲୋକ୍‌ଗୀତ୍, ଲୋକ୍‌ନାଚ୍, ଲୋକ୍‌ବାଦ୍ୟ ଆଏଜ୍‌କାଲି ଯୁଗେ ବାରମିଶ୍‌ରି କଳାରେ ପରିନତ୍ ହେଉଥିବାର କୁହାଯାଉଛେ। ପୂର୍‌ବର ବଇଶାଖର ଝାଁଜି ଖରା ହେଉ କି ଶରାବନର ଝରି ବର୍ଷା, ପାର୍‌ବନ୍ ଋତୁରେ ପାରମ୍ପରିକ୍ ଲୋକ୍‌ବାଦ୍ୟର ତାଲେ ତାଲେ ହାତ୍ ଛଁଦାଛଁଦି ହେଇ ପରିବେଷିତ ହେଉଥିବାର ସେ ଲୋକ୍ ନାଚ୍ କାଁ ଭାଁ ଦେଖିବାକେ ମିଲୁଛେ। ଆଦିବାସୀ ଅଂଚଲର ପାରମ୍ପାରିକ୍ ବାଦ୍ୟ ଭିତ୍‌ରେ ଢ଼ୋଲ୍, ଟାମ୍‌କି, ଟିଡିବିଡି, ଖଟଲାବଜା, ଢ଼ାମ୍ପୁ, କାଠଟୁମୁଠା, ବଇଁଶୀ, ଢୁଂଗ୍‌ଢୁଂଗିଆ, ଘୁଡୁନି, ଢ଼ୋଲ, ଶିଂବଜା, ମୁହୁରୀ ଆର୍ ତୁତୁରା ବଜା ବହୁତ୍ କମ୍ ଦେଖିବାକେ ମିଲୁଛେ। ପୂଜା ପାର୍‌ବନ ହେଉ କି ବିହାବରପନ୍ ଆଏଜ୍‌କାଲି ଆଧୁନିକ୍ ଡ୍ରମ୍, ସାଇଡଡ୍ରମ, ଡିଜେ ପାରମ୍ପରିକ୍ ବାଦ୍ୟର ଠାନ୍ ନେଲାନ। ସେନ୍‌ତା ସେକାଲର ପାନୀଅ ସଲପ୍, ମହୁଲି, ଚାଉଲି, ହାଁଡିଆକେ ପାସ୍‌ରି ଏଭର ବିଦେଶୀ ରାସାୟନୀକ ପାନୀଅ ଆଡ୍‌କେ ମନ୍ ଘିଚ୍‌ଲାନ। ଆଧୁନିକ୍ ଜୀବନ୍‌ଯାପନ୍ ଶଇଲିରେ ବହୁତ୍ ପରିବର୍‌ତନ୍ ହେଲେ ବି କାଁ ଭାଁ ବିହାଚୁରା, ପୂଜା ପାର୍‌ବନ୍‌ରେ ପାରମ୍ପରିକ୍ ବାଦ୍ୟ ଖୁଜାପଡୁଛେ। ହେଲେ ଦିନୁ ଦିନ୍‌କେ ଇ ବାଦ୍ୟର ଆଦର କମ୍‌ବାର ସଂଗେ ତିଆରି ବି କମିଗଲାନ, ଦିନ୍ ଆଏବା ଇ ପାରମ୍ପରିକ୍ ବାଦ୍ୟ ସଂଗ୍ରହାଳୟମାନ୍‌କେ ଖାଲି ଦେଖିବାକେ ମିଲ୍‌ବା।



ପାରମ୍ପରିକ୍ ବାଦ୍ୟ ଯନ୍ତ୍ର ।




"ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର

# ଝିଅ'ର ଚିକିତ୍ସା ଚିନ୍ତାରେ ଲହ ଗଡଉଛନ୍ ମା'ବାପ୍

**ଲୋଇସିଂହା, ୨୮।୧୦ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ପରଧିଆପାଲି ଗାଁର ଆନନ୍ଦିନୀ ମୁଦୁଲି(୧୭)। ଗୁଟେ ଜଟିଲ୍ ରୋଗ୍‌ରେ ପୀଡ଼ିତ୍ ଅଛନ୍। ପରିବାର ଲୋକ୍ ଧାରଉଧାର କରି ବୁର୍ଲା ଡାକ୍ତରଖାନାରେ ତାକର ଅସ୍ତ୍ରୋପଚାର କରେଇଛନ୍। ସୋମବାର ଫେନ୍ ବୁର୍ଲା ଡାକ୍ତରଖାନାକେ ଚିକିତ୍ସା ଲାଗି ଯିବାକେ ହାତେ ଟଁକା ନାହିଁ। ଏନ୍ତାଥି ବୁରୁଧ୍ ମା'ବାପ୍ କାଣା କରବେ ଚିନ୍ତାରେ ଘରେ ବସି ଲହ ଗଡ଼ଉଛନ୍। ଇ ଅସାହା ବୁରୁଧ୍ ମା'ବାପ୍ ଝିଅ'ର ଚିକିତ୍ସା ଲାଗି ପର୍‌ଶାସନର ସାହାଯ୍‌କେ ଟାକି ବସିଛନ୍।

ଖବର ନେବାରେ ଜନାଯାଇଛେ ଯେ, ଲୋଇସିଂହା ବ୍ଲକ୍ ଝାରମୁଣ୍ଡା ପଁନ୍‌ଚେତର ପରଧିଆପାଲି ଗାଁ। ଗାଁର ରୁଦ୍ର ମୁଦୁଲି ଆର୍ କରି ମୁଦୁଲିକର ଗେଲ୍‌ହେଇ ଝି ଆନନ୍ଦିନୀ ଝାରମୁଣ୍ଡା ହାଇସ୍କୁଲରୁ ମାଟ୍ରିକ ପାସ କରି କୁଶଙ୍ଗ ଆଞ୍ଚଳିକ କଲେଜରେ ଯୁକ୍ତ ଦୁଇ ପଢ଼ୁଛନ୍। ପରିବାର ଲୁକ୍‌କର କହେବାର ହିସାବେ ଆନନ୍ଦିନୀ ଛୋଟବେଲୁ ଝାଡାଝପଟ୍ ଯିବାରେ ଟିକେ ଅସ୍‌ବିଧା ଥିଲା। ଗଲା ଅଗଷ୍ଟ ମାସେ ଦିନାକେତେ ସେ ଝାଡାଝପଟ୍ ନାଇଁଯାଇ। ବଲାଙ୍ଗୀରେ ଡାକ୍ତରକୁଁ ଦେଖାବାରେ ଆନନ୍ଦିନୀର ପେଟେ ଟ୍ୟୁମର ସମସିଆ ଥିବାର ଜନାପଡ଼ିଥିଲା। ଇତାର ପରେ ପରିବାର ଲୋକ୍ ଆନନ୍ଦିନିକେ ନେଇ ବରଗଡ଼ର ଗୁଟେ ଘରୋଇ ଡାକ୍ତରଖାନାରେ ୪ ଦିନ୍ ରଖି ଚିକିତ୍ସା କରେଇଥିଲେ। ସେଠାନେ ଅସ୍ତ୍ରୋପଚାର ଲାଗି ଅଧିକା ପଏସା କହେବାର ଲାଗି ପରିବାର ଲୋକ୍ ଆନନ୍ଦିନୀକେ ବୁର୍ଲା ଡାକ୍ତରଖାନାକେ ନେଇ ଅସ୍ତ୍ରୋପଚାର କରି ଟ୍ୟୁମର ବାହାର କରେଇଥିଲେ। ଅସ୍ତ୍ରୋପଚାର୍‌ର ଦିନାକେତେ ଉତାରୁ ଆନନ୍ଦିନୀକେ ଖାସ ହେଲାରୁ ଗୁଟେ ଷ୍ଟିଚ୍ ଖୁଲି ଯାଇଥିଲା। ଯେନ୍‌ଥିରଲାଗି ତାକର ଫେନ୍‌ଘାଏ ଅସ୍ତ୍ରୋପଚାର କରାଯାଇଛେ। ଝିଅ'ର ଚିକିତ୍ସା ଲାଗି ବୁରୁଧ୍ ମା'ବାପ୍ ଘରର୍ ସୁନାରୂପା ବିକି, ଧାରଉଧାର କରି ପାଖାପାଖି ୧ଲାଖ୍ ଟଁକା ସାରିଥିବାର କହିଛନ୍। ଏହେଦେ ଝିଅ'ର ଚିକିତ୍ସା ଲାଗି ହାତେ କାଣି କଉଡିଟେ ନାହିଁ। ଏନ୍ତାଥି କାଣା କରବେ ବୁରୁଧ୍ ମା'ବାପ୍‌ର ବୁଧି ବନାହେଇଯାଉଛେ। ଆନନ୍ଦିନୀର ଅସ୍ତ୍ରୋପଚାର ଉତାରୁ ସେ ଖଟେ ପଡିରହିଛନ୍। ଏନ୍ତା ଥିତିରେ ଝିଅ'ର ସେବାଯତନ୍ କରବାରେ ସମିଆ ଯାଉଛେ, ସେଆଡେ ଘରର ରୁଜ୍‌ଗାର ସାଜିଥିବାର ମୁଢ଼ି ଭଜା କାମ୍ ୩ ମାସ୍ ହେଲା ବନ୍ଦ୍ ହେଇଯାଇଥିବାର ଆନନ୍ଦିନୀର ମା' କହିଛନ୍। ଗୁଟେବେଲି ଝିଅ'ର ଏନ୍ତା ଅବସ୍ତାରେ ବୁରୁଧ୍ ମା'ବାପ୍ ଭାଂଗି ପଡ଼ିଛନ୍। ହାତେ ପଏସା କଉଡ୍ ନାଇଁଥିଲା ବେଲେ ସୋମବାର କେନ୍‌ଥେଇ ଚିକିତ୍ସା କରାବାକେ ଯିବେ ସେ ଚିନ୍ତାରେ ଘାରିହେଉଛନ୍। ଆରଗୁଟେ ଆଡୁ ଦେଖିଲେ ପରିବାରଟା ପର୍‌ଶାସନିକ୍ ଅବହେଲାର ଶିକାର ହେଉଛନ୍। ଇ ପରିବାଟା ପଁନ୍‌ଚେତରୁ ଖାଲି ରାଶନ ସାମାନ୍ ପାଉଥିଲା ବେଲେ ବିଜୁ ପକ୍କାଘର କି ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନାରୁ ବଁଚିତ ହେଇଛନ୍। ଏନ୍ତା କି ରାଏଜ୍ ସରକାରକଁର ବିଜୁ ସ୍ୱାସ୍ଥ୍ୟ ଯୋଜ୍‌ନା ସତେ ଯେନ୍ତା ଇ ପରିବାର ଲାଗି ଅପହଁଚ୍ ହେଇ ରହିଛେ। ଆନନ୍ଦିନୀକଁର ଦିହିପା ଖରାପ୍ ଥିବାର ବାବ୍‌ଦେ ଖବର ପାଇ ଥାନୀୟ ସରପଁଚ୍ ସୁନୀଲ ଅଗ୍ରୱାଲ ରଏବାର ତାକର ଘରେ ପୁହୁଁଚି ଚିକିତ୍ସା ଲାଗି ବୁର୍ଲା ଯିବାକେ ୧ ହଜାର ଟଁକାର ସାହାଯ୍ ଦେଇଛନ୍। ଇ ଘଟ୍‌ନା ଉପ୍‌ରେ ଜିଲାପାଲ ଦୁରୁଷ୍ଟି ଦେଇ ଆନନ୍ଦିନୀକୁଁ ରେଡକ୍ରସ କି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



ଖଟେପଡ଼ିଛନ୍ ଆନନ୍ଦିନୀ।

## ସଂକ୍ଷେପରେ

### କରଣ ସମାଜ ଦ୍ୱାରା ରକ୍ତଦାନ ଶିବିର

**କଣ୍ଟାବାଞ୍ଜି,୨୮।୧୦(ଡି.ଏନ.ଏ.)-** କଣ୍ଟାବାଞ୍ଜି କରଣ ସମାଜ ଦ୍ୱାରା ରବିବାର ସ୍ଥାନୀୟ ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୧୭ୟୁନିଟ ରକ୍ତ ସଂଗୃହିତ ହୋଇଛି। ସମାଜର ସଭାପତି ପୂର୍ଣ୍ଣଦାନନ୍ଦ ମହାନ୍ତି ଏହାକୁ ଉଦ୍‌ଘାଟନ କରିଛନ୍ତି। ସମ୍ପାଦକ ବିଶ୍ୱନାରାୟଣ ବହିଦାର, ସହସମ୍ପାଦକ ଶୁଭେନ୍ଦୁ ମହାନ୍ତି ପରାମର୍ଶଦାତା ସୁବାସ ବେହେରା ଆୟୋଜନ କରିଥିଲେ। ଉଭୟ ମହିଳା ଓ ପୁରୁଷମାନେ ରକ୍ତଦାନ କରିଥିବାରୁ ସମାଜ ତରଫରୁ ଧନ୍ୟବାଦ ଦିଆଯାଇଛି। ବ୍ଲଡ ବ୍ୟାଙ୍କ ଅଧିକାରୀ, ଡା. ତ୍ରିପାଠୀ, ଟେକ୍ନିସିଆନ ବୁଲା ସାମକ କର୍ମଚାରୀ ଶିବ ସାହୁ, କୁନାଲ ଦାସ, ଦୁର୍ଗା ତାଣ୍ଡି, ଗୁରୁବାରୁ ରଣା ଓ ପ୍ରଶାନ୍ତ ସାହୁ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

# ମଞ୍ଜୁର ହେବାର ୨ମାସ ପରେ ବି ମିଳିନି ଋଣ ଟଙ୍କା

**ଖପ୍ରାଖୋଲ ୨୮।୧୦ (ଡି.ଏନ.ଏ.)**

ସରକାର ଗ୍ରାମାଞ୍ଚଳର ଗରିବ ମହିଳାଙ୍କ ଆର୍ଥିକ ବିକାଶ ସହିତ ମହାଜନୀ ଶୋଷଣ ଓ ଚିଟଫଣ୍ଡ ସଂସ୍ଥାମାନଙ୍କ ଠାରୁ ଦୁରେଇ ଆତ୍ମ ନିର୍ଭରଶୀଳ ହେବା ପାଇଁ ଜେଏଲଜି ଗୋଷ୍ଠୀ ମାଧ୍ୟମରେ ବିନା ଗ୍ୟାରେଣ୍ଟିରେ ଋଣ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଏପରିକି ୨ ମାସ ତଳେ ସମବାୟ ମନ୍ତ୍ରୀ ଜେଏଲଜି ଗୋଷ୍ଠୀକୁ ଋଣ ମଞ୍ଜୁର ସହ ଚେକ ବହି ଦେଇଥିଲେ ବି ବ୍ୟାଙ୍କ ଋଣ ଦେଉ ନ ଥିବା ଅଭିଯୋଗ ହେଉଛି। ଏଭଳି ଦେଖିବାକୁ ମିଳିଛି ଖପ୍ରାଖୋଲ ବ୍ଲକ ଲୁହାସିଂହା କୃଷି ସମବାୟ ସମିତି ଅଧିନରେ ଦମେଇପାଲି, ଜୁରିଆ, ଗୌଡପାଲି ଓ ଘଗରା ଗାଁରେ । ଏଠାରେ ଥିବା ୪ଟି ଜେଏଲଜି ଗୋଷ୍ଠୀ ପାଇଁ ୫୦ହଜାର ଟଙ୍କା ଲେଖାଏଁ ଋଣ କୃଷି ସମବାୟ ସମିତି ତରଫରୁ ମଞ୍ଜୁର ହୋଇଥିଲା। ୨ମାସ ତଳେ ସେପ୍ଟେମ୍ବର ୨ତାରିଖରେ କଣ୍ଟାବାଞ୍ଜିକୁ ସମବାୟ ମନ୍ତ୍ରୀ ସୂର୍ଯ୍ୟପାତ୍ରଙ୍କ ଗସ୍ତ ସମୟରେ ଏକ ଭବ୍ୟ ସମାରୋହରେ ବଲାଙ୍ଗୀର ଜିଲା କେନ୍ଦ୍ରୀୟ କୃଷି ସମବାୟ ବ୍ୟାଙ୍କ ଲାଠୋର ଶାଖା ତରଫରୁ ଜେଏଲଜି ଋଣ ମଞ୍ଜୁର ବାବଦରେ ଚେକ ବହି ମାନ୍ୟବର ମନ୍ତ୍ରୀ ୪ଗୋଷ୍ଠୀକୁ ପ୍ରଦାନ କରିଥିଲେ। ସମାରୋହରେ ବିଡିସିସି ବ୍ୟାଙ୍କ ଅଧ୍ୟକ୍ଷଙ୍କ ସମେତ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ। ଚେକ ବହି ମିଳିବାର ୨ମାସ ପରେ ବି ବିଡିସିସି ବ୍ୟାଙ୍କ ଲାଠୋର ଶାଖା ଋଣ ଦେଉ ନ ଥିବାବେଳେ ଜେଲଜି ଗୋଷ୍ଠୀର ମହିଳାମାନେ ଲୁହାସିଂହା କୃଷି ସମବାୟ ସମିତି, ଜୁରିଆ ଏବଂ ଲାଠୋର ଶାଖା କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇଥିବା କହିଛନ୍ତି। ଜୁରିଆର ମା' ଘସିଏନ ଦେବୀ ଜେଏଲଜିର ଅନିତା ଦୀପ, କେଛୋ ବରିହା ବିମଳା ବାଗ, କାମିନୀ ଛତର, ଗୌଡପାଲିର ମା'ଗାୟତ୍ରୀ ଜେଏଲଜିର ସଦସ୍ୟା ଡୋଲାବତି ମେହେର, ରୁକ ହାତି, ଗୋଲାପୀ ହାତି, ରିତା ହାତି, ଦମେଇପାଲିର କାଲିଆ ଜେଲଜିର ସଦସ୍ୟା ପ୍ରଭାତି ମେହେର, ଫୁଲମତି ଦଣ୍ଡସେନା, ଶଶୀ ଦେଇ ମେହେର, ତେଜ ମେହେର, ପ୍ରମୁଖ ଅଭିଯୋଗ କରିଛନ୍ତି। ଜେଏଲଜି ମହିଳାମାନେ କ୍ଷୁଦ୍ର ବ୍ୟବସାୟ ପାଇଁ ଋଣ ଆବେଦନ କରିଥିବା ଜଣାଯାଇଛି । ଏ ନେଇ ବିଡିସିସି ବ୍ୟାଙ୍କ ଲାଠୋର ଶାଖା ପରିଚାଳକ ହିମାଂଶୁ ପାଢୀଙ୍କୁ ପଚାରିବାରୁ ସମ୍ପୃକ୍ତ ଜେଏଲଜିର ଋଣ ମଞ୍ଜୁର ହୋଇଛି ଲୁହାସିଂହା କୃଷି ସମବାୟ ସମିତିର ସମ୍ପାଦକ ମାସେ ହେଲା ଅବସର ଗ୍ରହଣ କରିଥିବାରୁ କିଛି କାଗଜପତ୍ର ପାଇଁ ସମସ୍ୟା ହୋଇଛି ସପ୍ତାହେ ମଧ୍ୟରେ ଗୋଷ୍ଠୀ ଗୁଡିକୁ ଋଣ ଟଙ୍କା ମିଳିଯିବ ବୋଲି କହିଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯଦି କାଗଜପତ୍ର ଠିକ ହୋଇ ନ ଥିଲା ତେବେ ମନ୍ତ୍ରୀ କିଭଳି ଗୋଷ୍ଠିଗୁଡିକୁ ଋଣ ମଞ୍ଜୁର ସହ ଚେକ ବହି ପ୍ରଦାନ କଲେ।



ଜେଏଲଜି ଗୋଷ୍ଠୀର ମହିଳାମାନେ ବ୍ୟାଙ୍କ୍ ଚେକ୍ ଧରି ଛିଡା ହୋଇଛନ୍ତି।

# ସାଲେପାଲି ଯୋରର ଉନ୍ନତୀକରଣ କରାଯିବ: ନରସିଂହ

**ବଲାଙ୍ଗୀର ଅଫିସ, ୨୮।୧୦**

ବଲାଙ୍ଗୀର ମ୍ୟୁନିସିପାଲଟି ଅନ୍ତର୍ଗତ ୧୮ନମ୍ବର ୱାର୍ଡର ସାଲେପାଲିଠାର ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜାର ସାଂସ୍କୃତିକ ସଭାରେ ଶନିବାର ସନ୍ଧ୍ୟାରେ ଯୋଗଦେଇ ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ସାଲେପାଲି ଯୋର ଉନ୍ନତି କରାଯିବ ବୋଲି କହିଥିଲେ । ସାଲେପାଲି ଯୋର ଉପରେ ସାଲେପାଲି, ମନୋହରପୁର, କବାଟପଡା, ତୁଲସୀନଗର, ରାଜୀବନଗର, ଇନ୍ଦିରାନଗର ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ବର୍ଷା ଦିନ ପରେ ଏଠାରେ ପାଣି କମି ଗଲେ ଏହି ଅଞ୍ଚଳର ଲୋକେ ବିଶେଷ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି । ତେବେ ସାଲେପାଲି ଯୋର ଉନ୍ନତିକରଣ ହେଲେ ଖରା ଦିନରେ ମଧ୍ୟ ଏହି ଅଞ୍ଚଳର ଲୋକେ ଯୋର ପାଣି ବ୍ୟବହାର କରି ଉପକୃତ ହୋଇପାରିବେ ବୋଲି ସେ କହିଥିଲେ । ସଭାରେ ବିଧାୟକ ମିଶ୍ର ଯୋଗଦେବା ପରେ ସାଲେପାଲି ଯୋରର ଜଳ ଧାରଣ କ୍ଷମତା ତଥା ଏହାର ସୌନ୍ଦର୍ଯ୍ୟକରଣ କରାଯିବା ନେଇ ଦାବି କରିଥିଲେ। ଏହି ଦାବି ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ବିଧାୟକ ମିଶ୍ର ଦୃଢୋକ୍ତି ପ୍ରକାଶ କରିଥିଲେ । ସାଲେପାଲି ଯୋରର ପାଣିକୁ ଲୋକେ ବ୍ୟବହାର କରୁଛନ୍ତି ତେଣୁ ସେ ଖୁବ୍‌ଶୀଘ୍ର ବିଭାଗୀୟ ଯନ୍ତ୍ରୀଙ୍କୁ ପଠାଇ ଏଠାକାର ସବିଶେଷ ସର୍ଭେ, ରିପୋର୍ଟ ଓ ଅଟକଳ ପ୍ରସ୍ତୁତ ଦିଗରେ ପଦ A କ୍ଷେପ ନେବେ ବୋଲି କହିଥିଲେ । ଏହି ଅବସରରେ ବିଧାୟକ ମିଶ୍ର ସ୍ଥାନୀୟ ଯୁବକମାନଙ୍କ ସହ ସେଠାକାର ଅଭାବ, ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ଲୋକଙ୍କ ଦାବି ମୁତାବକ ସେଠାକାର ସ୍କୁଲ ପାଚେରୀ ପାଇଁ ଅନେକ ଦିନରୁ ପାଣ୍ଠି ଦିଆଯାଇଥିଲେ ମଧ୍ୟ କାମ ହୋଇ ନ ପାରି ଥିବାରୁ ସେ ତା'ର କାରଣ ପଚାରି ବୁଝି ଆଗାମୀ ଏକ ସପ୍ତାହ ମଧ୍ୟରେ କାମ ଆରମ୍ଭ କରିବାକୁ କହିଥିଲେ । ସ୍କୁଲର କିଛି ବିଜୁଳି ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ । ପରେ ଆଉ ଏକ ପୂଜା ମଣ୍ଡପରେ ଆୟୋଜିତ ଏକ ସଭାରେ ଯୋଗଦେଇ ମିଶ୍ର ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ପୂଜା ଅଭିନନ୍ଦନ ଜଣାଇଥିଲେ। ସଭାରେ ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଇତ୍ୟାଦି ପାଇବା ଲୋକଙ୍କ ଅଧିକାର ଓ ସେଥିରୁ କେହି କାହାକୁ ବଞ୍ଚିତ କରିପାରିବେ ନାହିଁ ବୋଲି କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ ମଞ୍ଚାସୀନ ଥିଲେ।

**ଗଜଲକ୍ଷ୍ମୀ ପୂଜାରେ ସାଂସ୍କୃତିକ ସଭା**

# ନାଚ ଗୀତରେ କମ୍ପିଲା ଦଶହରା ବନ୍ଧୁମିଳନ

**ବଲାଙ୍ଗୀର ଅଫିସ,୨୮।୧୦**

ରବିବାର ସ୍ଥାନୀୟ କଦଳୀମୁଣ୍ଡା ନର୍ସରୀଠାରେ ରୁଗୁଡିପଡା ଦୁର୍ଗାପୂଜା କମିଟି ପକ୍ଷରୁ ଦଶହରା ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରୁଗୁଡିପଡା ପୂଜା କମିଟି ସଦସ୍ୟ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ବନ୍ଧୁମିଳନ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲେ ସମ୍ବଲପୁରର ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମିନୀ ଦୋରା । ତାଙ୍କ ଅର୍କେଷ୍ଟ୍ରା ଦଳ ଦୀର୍ଘ ସମୟ ଧରି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପଦ୍ମିନୀ ଦୋରାଙ୍କ ମଧୁର ଗୀତରେ ଝୁମି ଯାଇଥିଲେ ଉପସ୍ଥିତ ଦର୍ଶକମାନେ । ଦୁର୍ଗାପୂଜା ଆୟୋଜକ କମିଟି ସଭାପତି ଲଳିତ ନାୟକ, ସମ୍ପାଦକ ହରି ନାରାୟଣ ପୂଜାରୀ, ଉପସଭାପତି ଚେତନାନନ୍ଦ ପଣ୍ଡା, ସଞ୍ଜୀବ ଶତପଥୀ, ସହସମ୍ପାଦକ କାହ୍ନୁ ବରଗାର୍ଡୀ, ଟିଙ୍କୁ ବାଗ, କୋଷାଧ୍ୟକ୍ଷ ଦେବାଶିଷ ମହାକୁର, ଅଶୋକ ମହାନ୍ତି, ଶିବ ନାରାୟଣ ବାଗ, ଅରୁଣ ନାଏକ, ଶିବ ବେହେରା, ପ୍ରଭାସ ପାଣିଗ୍ରାହୀ, ସୁଧୀର ଚନ୍ଦ୍ର ପଣ୍ଡା, ସୁଧୀର ନନ୍ଦ, ସୁମନ୍ତ ଭୋଇ ଓ ଅନ୍ୟମାନେ ଯୋଗଦେଇଥିଲେ । ଏହି ଅବସରରେ କଣ୍ଠଶିଳ୍ପୀ ଦୋରାଙ୍କୁ ଆୟୋଜକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ରୁଗୁଡିପଡା ଦଶହରା ବନ୍ଧୁମିଳନ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସମରେନ୍ଦ୍ର ମିଶ୍ରଙ୍କୁ ଶୁଭେଚ୍ଛା

**ବଲାଙ୍ଗୀର ଅଫିସ,୨୮।୧୦**

ଅଖିଳ ଭାରତ କଂଗ୍ରେସ କମିଟି ଅନୁମୋଦନ କ୍ରମେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ଏଆଇସିସି ସଦସ୍ୟ ଯୁବନେତା ସମରେନ୍ଦ୍ର ମିଶ୍ରଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ ମିଡିଆ ଓ ଯୋଗାଯୋଗ କମିଟି ବରିଷ୍ଠ ମୁଖପାତ୍ର ଭାବେ ନିଯୁକ୍ତି ଦେବା ପରେ ବଲାଙ୍ଗୀରରେ କଂଗ୍ରେସ କର୍ମୀ ଓ ନେତାଙ୍କ ମହଲରେ ଏହାକୁ ସ୍ୱାଗତ କରାଯାଇଛି । ଯୁବନେତା ମିଶ୍ର କିଛି ମାସ ପୂର୍ବରୁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଦସ୍ୟ ମଧ୍ୟ ମନୋନୀତ ହୋଇଥିଲେ । ଦଳ ଭିତରେ ତାଙ୍କର କାର୍ଯ୍ୟଶୈଳୀ, ସାଂଗଠନିକ ଦକ୍ଷତାକୁ ପ୍ରଶଂସା କରାଯାଇଛି । ଏହି ଅବସରରେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ଉପସଭାପତି ମନୀଷ ମିଶ୍ର, ଟାଉନ ସଭାପତି ସୁଦାମ ସାହୁ, ବରିଷ୍ଠ କଂଗ୍ରେସ ନେତା ଅଶୋକ ନନ୍ଦ, ଯୁବନେତା ସନ୍ତକ ବହିଦାର, ବୁଲୁ ଦାନି, ଅସିତ ମିଶ୍ର, ଅଭିନାଶ ସାଏ, ଯୁବ ସଭାପତି ପ୍ରେମ ପ୍ରକାଶ ମିଶ୍ର, ଛାତ୍ର ସଭାପତି ଶୁଭମ୍ ସାହୁ, ବ୍ଲକ ସଭାପତି ଅରବିନ୍ଦ ସାହୁ, ସାନନ୍ଦ ମିଶ୍ର, ଉମାକାନ୍ତ ସାହୁ, ଯୋଗେଶ୍ୱର ସାହୁ, କାନ୍ତେଶ୍ୱର ପଧାନ, ପପୁ ପାତ୍ର, ସରୋଜ ରଥ, ରାଧାକାନ୍ତ ଭୋଇ, ପବିତ୍ର ନେପାକ, ପବିତ୍ର ବେହେରା, ସୌମ୍ୟଦୀପ ସରାଫ, ଅଖଣ୍ଡ ସେଠ, ମିଲନୀ ସାହୁ ଓ ଅନ୍ୟମାନେ ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଗୁରୁ ଦାୟିତ୍ୱ ଅର୍ପଣ କରିଥିବାରୁ ଅଖିଳ ଭାରତୀୟ କଂଗ୍ରେସ କମିଟି ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ମଧ୍ୟ ମିଶ୍ର କୃତଜ୍ଞତା ଜଣାଇଛନ୍ତି।

## ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜର ବାର୍ଷିକୋତ୍ସବ

# 'ଚିକିତ୍ସା ସେବାର ମହତ୍ତ୍ୱ ବୁଝିବାକୁ ହେବ'

**ବଲାଙ୍ଗୀର ଅଫିସ,୨୮।୧୦**

ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଛାତ୍ର ସଂସଦ ପକ୍ଷରୁ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସନ୍ଥ ଭୀମଭୋଇ ମେଡିକାଲ କଲେଜ ଡିନ୍ ଡା. ଲଳିତ କୁମାର ମେହେର ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ଼ା. ବ୍ରଜକିଶୋର ସ୍ୱାଇଁ ଯୋଗଦେଇଥିଲେ । ସଭା ମଞ୍ଚରେ ଛାତ୍ର ସଂସଦ ସଭାପତି ସୁଗମ ଶ୍ରୀଭୂଷଣ ସାହୁ, ସମ୍ପାଦକ ଅଭିଶେକ ମାଲାକର, ବଲାଙ୍ଗୀର ଆୟୁର୍ବେଦ କଲେଜ ଅଧ୍ୟକ୍ଷ ପ୍ରଫେସର ଡା ସୁରେନ୍ଦ୍ର ପଟେଲ, ଉପଦେଷ୍ଟା ଡା ସୁଶୀଲ ମେହେର ମଞ୍ଚାସୀନ ଥିଲେ । କଲେଜ ଅଧ୍ୟକ୍ଷ ପ୍ରଫେସର ଡ଼ା ସୁରେନ୍ଦ୍ର ପଟେଲ ଅତିଥି ପରିଚୟ ଓ ବିବରଣୀ ଉପସ୍ଥାପନ କରିଥିଲେ। ଏହି କଲେଜରେ ଛାତ୍ର ଥିବା ଅନୁଭୂତି ଓ ଅଧ୍ୟକ୍ଷ ହେବାର ଗୁରୁଦାୟିତ୍ୱ ସମ୍ପର୍କରେ ସେ କହିଥିଲେ । ମୁଖ୍ୟଅତିଥି ଭାବେ ଡିନ୍ ଡା ମେହେର ତାଙ୍କ ବକ୍ତବ୍ୟରେ ଚିକିତ୍ସା ସେବାର ମହତ୍ତ୍ୱ ଉପରେ କହିଥିଲେ । ଚିକିତ୍ସା ସେବା ମାଧ୍ୟମରେ ମଣିଷ ଦେବତ୍ୱ ଲାଭ କରିପାରେ ବୋଲି କହିଥିଲେ । ମୁଖ୍ୟବକ୍ତା ସ୍ୱାଇଁ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ଭିତରେ ସାମାଜିକ ଉତ୍ତରଣ ସମ୍ପର୍କରେ ସାମାଜିକ ଉତ୍ତର ଦାୟିତ୍ୱ କଥା କହିଥିଲେ। ଆୟୁର୍ବେଦିକ ଚିକିତ୍ସା ଓ କଲେଜକୁ ଆଗକୁ ନେବା ପାଇଁ ସେ ଆହ୍ୱାନ ଜଣାଇଥିଲେ । ଛାତ୍ର ସଂସଦ ଉପଦେଷ୍ଟା ଡା. ମେହେର ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ଆୟୁର୍ବେଦ କଲେଜ ପ୍ରତିଷ୍ଠା ସମ୍ପର୍କରେ କହିଥିଲେ । ପ୍ରାଇଭେଟ୍ କଲେଜରୁ ସରକାରୀ ମାନ୍ୟତା ପାଇବା ପର୍ଯ୍ୟନ୍ତ ସେତେବେଳର ସଂଘର୍ଷ କଥାକୁ ମନେ ପକାଇଥିଲେ । ଆୟୁର୍ବେଦ କଲେଜ ପ୍ରତିଷ୍ଠା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ସ୍ୱର୍ଗତ ରାଜୀବ ଲୋଚନ ସାହୁ, ଆଇନଜୀବୀ ସ୍ୱର୍ଗତ ଯୁଧିଷ୍ଠୀର ମିଶ୍ର, କବିରାଜ ନାରାୟଣ ମିଶ୍ର, କବିରାଜ ସୁବାସ ସାହୁ, ତତ୍କାଳୀନ ଏମ୍‌ପି ନିତ୍ୟାନନ୍ଦ ମିଶ୍ର ଓ ଅନ୍ୟମାନଙ୍କୁ ସ୍ମରଣ କରିଥିଲେ । ବାର୍ଷିକ ଉତ୍ସବ ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚଳିତ ବର୍ଷର ଟପ୍ପର ଛାତ୍ରୀ ପ୍ରିୟାଞ୍ଜୁ ତ୍ରିପାଠୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଡା ବିଶ୍ୱଜିତ୍ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରେ ସନ୍ଧ୍ୟାରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ୍ରାମା ମାନ୍ ଗଲ ମୁଗ୍‌ଲେ ଆଜମ୍ ମଞ୍ଚସ୍ଥ ହୋଇଥିଲା । କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା।



ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

## ବଲାଙ୍ଗୀରରେ ଚକଡା ପୋକ ପ୍ରାଦୁର୍ଭାବ

# ଫସଲରେ ନିଆଁ ଲଗାଇବା ଜାରି

■ କ୍ଷେତ ବୁଲିଲେ କୃଷି ଅଧିକାରୀ, ଚାଷୀଙ୍କୁ ବୁଝାଇଲେ

**ବଲାଙ୍ଗୀର ଅଫିସ, ୨୮।୧୦**

ବଲାଙ୍ଗୀର ଜିଲାରେ ଚକଡା ପୋକ ପ୍ରାଦୁର୍ଭାବ ଯୋଗୁ ଶନିବାର ସଦର ବ୍ଲକର ଦୁଇ ଜଣ ଚାଷୀ ସେମାନଙ୍କ ୮ଏକର ଜମିରେ ନିଆଁ ଲଗାଇ ଦେଇଥିବା ଘଟଣା ଲୋକଲୋଚନକୁ ଆସିଥିଲା। ଏହି ଖବର ଗଣମାଧ୍ୟମରେ ପ୍ରଚାର ହେବା ପରେ ରବିବାର ବଲାଙ୍ଗୀର ଜିଲା କୃଷି ଅଧିକାରୀ ରବୀନ୍ଦ୍ର ଖଟୁଆ ଓ ଅନ୍ୟ ଅଧିକାରୀମାନେ କୁଡାସିଂହା, ସାହାଜବାହାଲ, ଝରେଇବାହାଲ ଅଞ୍ଚଳ ପରିଦର୍ଶନ କରି ଚାଷୀମାନଙ୍କୁ ଚକଡା ପୋକ ଉପଦ୍ରବ ଓ ଏହାର ନିରାକରଣ ଉପରେ ବୁଝାଇଥିଲେ। ଶନିବାର ଅପରାହ୍ନରେ ସଦର ବ୍ଲକ୍ ଅନ୍ତର୍ଗତ ସାହାଜବାହାଲ ଗାଁର ଚାଷୀ ଅନୀଲ ହୋତାଙ୍କ ତାଙ୍କ ୫ଏକର ଜମି ଓ ଝରେଇବାହାଲ ଗାଁର ଚାଷୀ ଅଶୋକ ପ୍ରଧାନଙ୍କ ୩ଏକର ଚାଷ ଜମିରେ ନିଆଁ ଲଗାଇ ଦେଇଥିବା ଜଣାପଡିଥିଲା । ରବିବାର ଜିଲା କୃଷି ଅଧିକାରୀ ଏହି ଗାଁ ଗସ୍ତ କରି ସେଠାକାର ଚାଷୀଙ୍କୁ ଭେଟି ଚକଡା ପୋକ ପାଇଁ କିଭଳି ନିରାକରଣ ବ୍ୟବସ୍ଥା ରହିଛି ସେ ବିଷୟରେ କହିଥିଲେ । ଚାଷ ଜମିରେ ନିଆଁ ଲଗାଇଲେ ଚକଡା କମିବ ନାହିଁ ବରଂ ଆହୁରି ସମସ୍ୟା ସୃଷ୍ଟି ହେବ ବୋଲି କହିଥିଲେ । କୀଟନାଶକ ଔଷଧ ବ୍ୟବହାର କରି ଚକଡା ରୋକାଯାଇପାରିବ ବୋଲି କହିଥିଲେ। କୀଟନାଶକ ଔଷଧ ଯୋଗାଇବା ବ୍ୟବସ୍ଥା ରହିଛି ଓ ଚାଷୀମାନେ ଏ ଦିଗରେ ସଚେତନ ହୁଅନ୍ତୁ ବୋଲି ଖଟୁଆ କହିଥିଲେ। ତେବେ ଚାଷୀମାନେ କୀଟନାଶକ ଔଷଧ ବ୍ୟବହାର କଲା ପରେ ମଧ୍ୟ ଚକଡା ପୋକ ଉପଦ୍ରବ କମୁ ନ ଥିବା କହିଥିଲେ । ଚାଷୀ ଅଯଥାରେ ଖର୍ଚ୍ଚାନ୍ତ ହେଉଥିଲେ ମଧ୍ୟ କିଛି ବି ଲାଭ ହେଉ ନାହିଁ ବୋଲି କହିଥିଲେ। କୃଷି ବିଭାଗ ଅଧିକାରୀମାନଙ୍କ ସହ ଆଲୋଚନା ପରେ ମଧ୍ୟ କିଛି ଚାଷୀ ସେମାନଙ୍କ କ୍ଷେତରେ ନିଆଁ ଲଗାଇଥିବା ଜଣାପଡିଛି। ଚକଡା ପୋକ ଉପଦ୍ରବ ପରିସ୍ଥିତି ଅତ୍ୟନ୍ତ ସାଂଘାତିକ ହୋଇ ପଡିଛି। ବଲାଙ୍ଗୀର ଜିଲାର ସଦର ବ୍ଲକ୍, ଦେଓଗାଁ, ଗୁଡଭେଲା, ପୁଇଁତଳା ଓ ଆଗଲପୁର ବ୍ଲକ୍‌ରେ ଚକଡା ପୋକ ଉପଦ୍ରବ ସାଂଘାତିକ ଆକାର ଧାରଣ କରିଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି । କୃଷି ବିଭାଗ କିଭଳି ଭାବେ ଚକଡା ପୋକ ଉପଦ୍ରବ ରୋକିବ ସେ ନେଇ ଚାଷୀ ମହଲରେ ଚିନ୍ତା ପ୍ରକଟ ପାଇଛି।

# କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଭେଟିଲେ ଆକ୍ସନ କମିଟି

**ବଲାଙ୍ଗୀର ଅଫିସ,୨୮।୧୦**

**ଟ୍ରକ୍ ଧକ୍କାରେ ହୋମଗାର୍ଡ ମୃତ**

ଶନିବାର ରାତିରେ ବଲାଙ୍ଗୀର ସହର କଳାମଣ୍ଡଳ ରାସ୍ତାରେ ଟ୍ରକ୍ ଧକ୍କାରେ ବେଣ୍ଟୁ ସୁନା ନାମକ ଜଣେ ହୋମଗାର୍ଡଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ବଲାଙ୍ଗୀର ଆକ୍ସନ କମିଟି ସଦସ୍ୟମାନେ ରବିବାର ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଭେଟି ୨୦ଲକ୍ଷ କ୍ଷତିପୂରଣ ଦାବି କରିଥିଲେ। ସହରରେ ବାଇପାସ୍ ରାସ୍ତା ନ ଥିବାରୁ ରାତି ୧୦ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ସହର ମଧ୍ୟ ଦେଇ ଭାରିଯାନ ଚଳାଚଳ କରୁଛି । ଫଳରେ ଅନକ ଧନଜୀବନ ନଷ୍ଟ ହେଲାଣି । ବାଇପାସ୍ ରାସ୍ତା ତିଆରିରେ ଅହେତୁକ ବିଳମ୍ବ ହେଉଥିବାରୁ ପରିସ୍ଥିତି ସାଂଘାତିକ ହୋଇ ପଡିଲାଣି । ବାଇପାସ୍ ରାସ୍ତା ତିଆରି ପାଇଁ ଜାତୀୟ ରାଜପଥ ମନ୍ତ୍ରଣାଳୟ ସବୁଜ ସଙ୍କେତ ଦେଇଥିଲେ ମଧ୍ୟ ଜମି ମୂଲ୍ୟାୟନରେ ଅନିୟମିତତା ଯୋଗୁ ଏହି ପ୍ରକଳ୍ପ ଅଟକି ଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଏହାକୁ ନେଇ ଆକ୍ସନ କମିଟି ଓ ଅନ୍ୟ ସଂଗଠନମାନେ ଅନେକ ଥର ଆନ୍ଦୋଳନ କରି ସାରିଛନ୍ତି । ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଓ ମୃତ ହୋମଗାର୍ଡଙ୍କୁ ଉଚିତ୍ କ୍ଷତିପୂରଣ ଯୋଗାଇବାକୁ ଆକ୍ସନ କମିଟି ପକ୍ଷରୁ ଗୋପାଲଜୀ ପାଣିଗ୍ରାହୀ, ମୁନା ପଟ୍ଟନାୟକ, ରିଲୁ ରଥ, ଗିରିଶ ସିଂଦେଓ ଓ ଅନ୍ୟମାନେ ଜିଲାପାଳଙ୍କୁ ଭେଟି ଦାବି କରିଥିଲେ।



ଜିଲାପାଳଙ୍କୁ ଆକ୍ସନ କମିଟି ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ମହିଳାଙ୍କ ଛୁରା ମାଡ଼ରେ ମହିଳା ଗୁରୁତର

**ରାଉରକେଲା ଅଫିସ, ୨୮।୧୦-** ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ରେଲୱେ କଲୋନୀ ହରିଜନ ବସ୍ତି ବାସିନ୍ଦା ମଞ୍ଜୁ ବେହେରା (୪୫) ରାଜୀବ ବସ୍ତିରେ ରହୁଥିବା ସରସ୍ୱତୀ ଶାହା(୩୮)ଙ୍କୁ ଛୁରିରେ ଆକ୍ରମଣ କରିଛନ୍ତି। ଫଳରେ ସରସ୍ୱତୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଛି। ଚିକିତ୍ସା ନିମନ୍ତେ ତାଙ୍କୁ ଆରଜିଏଚରେ ଭର୍ତ୍ତି କରାଯାଇଛି। ତେବେ ମଞ୍ଜୁ ଫେରାର ଥିବାରୁ ତାଙ୍କୁ ଗିରଫ କରାଯାଇ ପାରିନି।

### ୧୦ ଦିନିଆ ନିଃଶୁଳ୍କ ଯୋଗ, ପ୍ରାକୃତିକ ଚିକିତ୍ସା ଶିବିର ଉଦ୍‌ଘାଟିତ

**ରାଉରକେଲା ଅଫିସ,୨୮।୧୦-** ଉତ୍କଳ ଯୋଗ ଓ ପ୍ରାକୃତିକ ଚିକିତ୍ସାଳୟ ପଞ୍ଚକର୍ମ, ଫିଜିଓ ଥେରାପି କେନ୍ଦ୍ର ସେକ୍ଟର- ୨ ଠାରେ ୧୦ ଦିନିଆ ନିଶୁଳ୍କ ମୋଟାପା ଓ ମଧୁମେହ ସଂକ୍ରାନ୍ତୀୟ ଯୋଗ ଶିବିର ରବିବାର ସକାଳ ୬ଟାରେ ଉଦ୍‌ଘାଟିତ ହୋଇଯାଇଛି। ଏନଆଇଟି ପ୍ରଫେସର ଡଃ. ଏସ ଜୟନ୍ତ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ସେ କହିଥିଲେ ପ୍ରାକୃତିକ ଆହାର ବିହାର ଓ ଉପଚାର ମାଧ୍ୟମରେ ଜଣେ ସଂପୂର୍ଣ୍ଣ ନିରୋଗ ଜୀବନ ଜିଇବା ସମ୍ଭବ ହୋଇ ପାରିବ। ପଞ୍ଚଭୂତ ଦ୍ୱାରା ଶାରିରିକ, ମାନସିକ ଓ ଆଧାତ୍ମିକ ଉତ୍‌ଥାନ ଆମ ସମସ୍ତଙ୍କ ଧ୍ୟେୟ ହେବା ଉଚିତ ବୋଲି ଜୟନ୍ତ ମତ ପ୍ରକାଶ କରିଥିଲେ। ଗାୟତ୍ରୀ ଯୋଗ ସାଧନ ଟ୍ରଷ୍ଟ ସଂସ୍ଥାପକ ତଥା ଯୋଗ ଗୁରୁ ଇଂ ଗୋବିନ୍ଦରାମ ଅଗ୍ରୱାଲ କହିଥିଲେ ଯେ ଆସନ୍ତା ନଭେମ୍ବର ୧ ତାରିଖଠାରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠାନ ପରିସରରେ ନିଶୁଳ୍କ ମାଟି ପଟି, ଏନିମା, କଟି ସ୍ନାନ, ପାଦ ସ୍ନାନ ଆଦି ପ୍ରାକୃତିକ ଉପଚାର ସହ ଶଙ୍ଖ ପ୍ରକ୍ଷାଳନ, କୁଂଜଳ, ନେତି ଆଦି ଯୌଗିକ ଉପଚାର କରାଯିବ। ଏହି ୧୦ ଦିବସୀୟ ଶିବିରର ପ୍ରଥମ ଦିନରେ ବଟକୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ ଯୌଗିକ ତ୍ୱରିତ ଆସନ, ପବନ ମୁକ୍ତାସନ ଆଦି ଆଭ୍ୟାସ ଆରମ୍ଭ କରାଯାଇଥିଲା। ସେହିଭଳି ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ମଧୁମେହ ରୋଗୀଙ୍କ ନିମନ୍ତେ ଯୋଗ, ପ୍ରଣାୟମ ଓ ବନ୍ଧ ଆଦି ସମ୍ପର୍କରେ ପରାମର୍ଶ ପ୍ରଦାନ କରାଯାଇଥିଲା।

ଇସ୍‌କଫର ୪ର୍ଥ ଜିଲା ସମ୍ମିଳନୀ

# ପୁନର୍ଲିଖନ ଆଳରେ ଇତିହାସକୁ ବିକୃତ କରା ନ ଯାଉ

**ରାଉରକେଲା ଅଫିସ,୨୮।୧୦**

ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି(ଇସକଫ)ର ୪ର୍ଥ ସୁନ୍ଦରଗଡ ଜିଲା ସମ୍ମିଳନୀ ରବିବାର ବସ୍ତିଆ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପଶୁପତିନାଥ ଚାଟାର୍ଜୀ ଓ ଡଃ କିଶୋରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀ ପ୍ରାରମ୍ଭରେ ଜିଲା ସାଧାରଣ ସଂପାଦକ ସଦାନନ୍ଦ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଭାରତୀୟ ଇତିହାସର ବିକୃତୀକରଣ ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଐତିହାସିକ ଡଃ. ପ୍ରଭାତ ମଲିକ ନିଜ ବକ୍ତବ୍ୟରେ କହିଥିଲେ ଯେ ଇତିହାସ ହେଉଛି ବିଜ୍ଞାନ ସମ୍ମତ। କାଲିର ଅତୀତ ଆଜି ଇତିହାସ



ଇସକଫ ସମ୍ମିଳନୀରେ ଉପସ୍ଥିତ ଅତିଥି।

ପାଲଟେ। ଦେଶର ବହୁ ଗୁଣୀ ଜ୍ଞାନୀ ଐତିହାସିକଙ୍କ ଦ୍ୱାରା ଲେଖାଯାଇଥିବା ବିଜ୍ଞାନ ସମ୍ମତ ଇତିହାସକୁ ବର୍ତ୍ତମାନ ପୁନଃଲିଖନ ଆଳରେ ବିକୃତିକରଣ କରାଯାଉଛି। ଯାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ମଲ୍ଲିକ କହିଥିଲେ। ଇସକଫର ରାଜ୍ୟ ସଭାପତି ମଣ୍ଡଳୀ ସଭ୍ୟ ଗୋବର୍ଦ୍ଧନ ପୂଜାରୀ ସମ୍ମିଳନୀକୁ ଉଦ୍‌ଘାଟନ କରି ୧୯୫୨ରୁ ଇସକଫ ଅନ୍ତର୍ଜାତୀୟ ସଂପର୍କ ବୃଦ୍ଧି ନେଇ କାର୍ଯ୍ୟ କରୁଛି ବୋଲି କହିଥିଲେ। ଶାନ୍ତି ଓ ଭାତୃଭାବ ପ୍ରତିଷ୍ଠା ନେଇ ଏ ସଂଗଠନ ସମର୍ପିତ ଭାବେ ଦୀର୍ଘ ପଥ ଅତିକ୍ରମ କରି ଆସିଛି। ଏବେ ପରମାଣୁ ମୁକ୍ତ ବିଶ୍ୱ ଗଠନ ନେଇ ସଂଗଠନ ତାର ଲଢେଇ ଜାରି ରଖିଛି ବୋଲି ପୂଜାରୀ କହିଥିଲେ। ଅନ୍ୟତମ ଅତିଥି ରୂପେ ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାସ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଯୋଗ ଦେଇ ଜାତିବାଦ ଧର୍ମୀୟ ଉଶୃଙ୍ଖଳତାଠାରୁ ଦୂରେଇ ଏକ ସୁନ୍ଦର ବିଶ୍ୱ ଗଠନ ଦିଗରେ ବ୍ରତୀ ହେବାକୁ ଏଥିରେ ଆହ୍ୱାନ ଦେଇଥିଲେ। ଇସକଫର ବିଚାରଧାରାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଏଥିରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୧୧୦ ପ୍ରତିନିଧି ଯୋଗ ଦେଇଥିଲେ। ଏଥିରେ ମିନତୀ ବିଶ୍ୱାଳ, ଦିଗମ୍ବର ମହାନ୍ତି, ମହେଶ୍ୱର ଦୀପ, ସ୍ୱାଗତିକା ମହାନ୍ତି ପ୍ରମୁଖ ମହିଳାଙ୍କ ସୁରକ୍ଷା, ଅଧିକାର, ଅପସଂସ୍କୃତି ପ୍ରସାର ପ୍ରଚାର ବନ୍ଦ କରିବା, ଜଲାକୁ ମଦମୁକ୍ତ କରିବା, ପରିବେଶ ଓ ଖଣିଜ ସମ୍ପଦର ସୁରକ୍ଷା ଉପରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। କାର୍ଯ୍ୟକ୍ରମରେ ବସନ୍ତ ପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉମାକାନ୍ତ ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଆଗାମି ୩ ବର୍ଷ ପାଇଁ ଡଃ ପ୍ରଭାତ ମଲ୍ଲିକ ସଭାପତି ଭାବେ ନିର୍ବାଚିତ ହୋଇଥିବା ଆଇନଜିବୀ ସଦାନନ୍ଦ ସାହୁଙ୍କୁ ୩ୟ ଥର ପାଇଁ ସାଧାରଣ ସଂପାଦକ ଭାବେ ଦାଇତ୍ୱ ପ୍ରଦାନ କରାଯାଇଥିଲା। ଏଥିସହ ୩୧ଜଣିଆ ଜିଲା ପରିଷଦ ଓ ୭ଜଣିଆ କାର୍ଯ୍ୟକାରୀ କମିଟି ସଭ୍ୟ ରୂପେ ଅକ୍ଷୟ ସାମଲ, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ଡଃ ଚନ୍ଦ୍ରକାନ୍ତ ନାୟକ, ଜସ୍ମିତା ପ୍ରଧାନ, ଦୁର୍ଗା ବାଗ, ସୁକଦେବ ପ୍ରଧାନ, କୈଳାସ ନାୟକ, ଅଜୟ ପାଇକରାୟ, ପ୍ରଦୋଷ ମହାନ୍ତି ଓ ସନ୍ତୋଷ ଭଦ୍ର ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

### ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବ୍ରଜରାଜନଗର, ୨୮।୧୦ (ଡି.ଏନ.ଏ.)**

ସ୍ଥାନୀୟ ଗାନ୍ଧୀ ଛକ ସ୍ଥିତ ବାବା ତ୍ରିନାଥ ମନ୍ଦିରରେ ତ୍ରୀନାଥ ଦେବଙ୍କ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଅନ୍ୟପକ୍ଷେ ଗାନ୍ଧିଛକ ଉପରେ ପୌରପାଳିକା ତରଫରୁ ଏକ ହାଇମାଷ୍ଟ ଲାଇଟ ଲୋକାର୍ପଣ କରାଯାଇଥିଲା। ପୌରାଧ୍ୟକ୍ଷ ନନ୍ଦକିଶୋର ଅଗ୍ରୱାଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି ଲାଇଟ ଲୋକାର୍ପିତ କରିଥିଲେ। କାର୍ଯ୍ୟକ୍ରମରେ ରମେଶ ସେନାପତି, ତପନ ସ୍ୱାଇଁ, ନିର୍ଲିପ୍ତ ମହାପାତ୍ର, ରମେଶ ଚନ୍ଦ୍ର ସାହୁ, ପବିତ୍ର ପ୍ରଧାନ ପ୍ରମୁଖ ସହାୟତା କରିଥିଲେ।

### ଶିରିଡି ସାଇ ମନ୍ଦିରରୁ ଚୋରି

**ବ୍ରଜରାଜନଗର,୨୮।୧୦ (ଡି.ଏନ.ଏ)**

ଗାନ୍ଧୀ ଛକସ୍ଥିତ ୯ନମ୍ବର ଠାରେ ଥିବା ଶିରିଡି ସାଇ ମନ୍ଦିରରୁ ବାବାଙ୍କର ୩ଟି ରୁପା ମୁକୁଟ, ରୁପା କଠଉ, ସୁନାଚେନ ଓ ୩ଟି ଦାନ ବାକ୍ସ ସମ୍ପୂର୍ଣ୍ଣ ଚୋରି ହୋଇଯାଇଛି । ଖବର ପାଇ ପୋଲିସ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହ ଅନୁସନ୍ଧାନ ଆରମ୍ଭ କରିଛି।


୪ରେ ଓଡ଼ିଶା ଏକାଦଶ ବନାମ ନ୍ୟୁ ସାଉଥ ୱେଲ୍‌ଥ ପ୍ରଦର୍ଶନୀ ମ୍ୟାଚ୍

# ଆଜିଠୁ ମାଗଣା ପାସ୍ ବଣ୍ଟନ ହେବ

**ରାଉରକେଲା ଅଫିସ,୨୮।୧୦**

ଆସନ୍ତା ନଭେମ୍ବର ୪ ତାରିଖରେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଓଡିଶା ଏକାଦଶ ବନାମ ନ୍ୟୁ ସାଉଥ ୱେଲ୍‌ଥ ଅନ୍ତର୍ଜାତୀୟ ହକି ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ। ଏ ନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଅକ୍ଟୋବର ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଷ୍ଟିଲସିଟିର ପ୍ରମୁଖ ୪ଟି ସ୍ଥାନରେ ମାଗଣା ପାଶ୍ ବଣ୍ଟନ କେନ୍ଦ୍ର ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି। ଉଦିତନଗର ସିଟି ଅଡିଟୋରିୟମ, କୋଏଲନଗର ଆରଏମସି କଲ୍ୟାଣ ମଣ୍ଡପ, ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ ଓ ଛେଣ୍ଡ ଭିଏସଏସ ମାର୍କେଟରେ ଏହି ପାଶ୍ ବଣ୍ଟନ କରାଯିବ। ଏହା ଦିନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲା ରହିବ।

ଏହି ଅନ୍ତର୍ଜାତୀୟ ପ୍ରଦର୍ଶନୀ ହକି ମ୍ୟାଚ ନିମନ୍ତେ ଉଭୟ ଟିମ୍ ନଭେମ୍ବର ୩ ତାରିଖ ସକାଳ ୭ଟାରେ ଟ୍ରେନ ଯୋଗେ ଆସି ରାଉରକେଲାରେ ପହଞ୍ଚିବେ। ସେଠାରେ ପ୍ରଶାସନ ଓ ବିଭିନ୍ନ କ୍ରୀଡା ସଂଗଠନ ପକ୍ଷରୁ ଏମାନଙ୍କୁ ଭବ୍ୟ ସ୍ୱାଗତ ବ୍ୟବସ୍ଥା କରାଯାଇଛି। ପରେ ଖେଳାଳିମାନେ ହୋଟେଲକୁ ଆସି ବିଶ୍ରାମ କରିବେ। ଅପରାହ୍ନ ୨ଟାରେ ଷ୍ଟାଡିୟମରେ ପହଞ୍ଚି ଅଭ୍ୟାସ କରିବେ। ଏଥି ସହ ସେମାନେ ସେଲ୍ ହକି ଏକାଡେମି ଓ ପାନପୋଷ ସ୍ପୋର୍ଟସ ହଷ୍ଟେଲକୁ ଯାଇ ସେଠାର ଅନ୍ତେବାସୀଙ୍କୁ ହକି ସମ୍ବନ୍ଧୀୟ ବିଭିନ୍ନ ଟିପ୍ସ ଦେବେ। ୪ ତାରିଖ ଅପରାହ୍ନ ୩ଟା ବେଳେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଉଭୟ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।




ମ୍ୟାଚ୍ ପାଇଁ ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ ପ୍ରସ୍ତୁତ

### ସତ୍‌ସଙ୍ଗ ସର୍ବଶ୍ରେଷ୍ଠ ମାର୍ଗ

**ରାଉରକେଲା ଅଫିସ,୨୮।୧୦**

ସତସଙ୍ଗର ପ୍ରଧାନ ଆଚାର୍ଯ୍ୟ ଶ୍ରୀଶ୍ରୀ ଦାଦାଙ୍କର ୮୬ତମ ଜନ୍ମ ଦିବସ ରାଉରକେଲା ସତସଙ୍ଗ ବିହାରଠାରେ ରବିବାର ପାଳିତ ହୋଇଯାଇଛି। ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଶାନ୍ତନୁ ନାୟକ। ସତସଙ୍ଗ ଧାରଣ କରିବା ହିଁ ସର୍ବଶ୍ରେଷ୍ଠ ମାର୍ଗ। ଆଚାର୍ଯ୍ୟ ଦେବଙ୍କ ଅନୁସରଣ ଦ୍ୱାରା ଜୀବନର ସତ୍ୟ ଉପଲବ୍ଧି କରିବା ସମ୍ଭବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ବକ୍ତା ପ୍ରଫେସର ବିପିନ ମହାନ୍ତି ଶ୍ରୀ ଶ୍ରୀଠାକୁରଙ୍କ ଆଦର୍ଶ ମଣିଷ ଜୀବନ ପାଇଁ କିପରି ବାସ୍ତବ ଅଲୌକିକତା ସୃଷ୍ଟି କରିଥାଏ ତାହାର ବିଜ୍ଞାନ ସମ୍ମତ ମତ ପ୍ରଦାନ କରିଥିଲେ। ଜୀବନକୁ ସରସ ସୁନ୍ଦର ଓ ସାବଲୀଳ କରିବା ପାଇଁ ଅନ୍ତର୍ନିହିତ ଆଧାତ୍ମିକତାକୁ ଜାଗ୍ରତ କରିବାକୁ ପଡିବ ବୋଲି ସେ କହିଥିଲେ। ବସନ୍ତ ଜେନା, ରାଧାକାନ୍ତ ମିଶ୍ର, ବାମଦେବ ଦାସ, ସୁକାନ୍ତ ଲେଙ୍କା, ନିମାଇଁ ଦାସ, ଅଧର ମହାପାତ୍ର, ହିମାଂଶୁ ମହନ୍ତ, ଗୁରୁଚରଣ ବେହେରା, ପଦ୍ମନାଭ ବାରିକ, ତ୍ରିନାଥ ପଢିହାରୀ ଓ ପ୍ରଫୁଲ୍ଲ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଉମିଦ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

**ରାଉରକେଲା ଅଫିସ,୨୮।୧୦**

ସାମାଜିକ ଅନୁଷ୍ଠାନ ଉମିଦ ପକ୍ଷରୁ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଔଷଧ ବଣ୍ଟନ ଶିବିର ଆୟୋଜିତ ହୋଇ ଯାଇଛି। ଏଥିରେ ସ୍ୱତନ୍ତ୍ର ଭାବେ ଦନ୍ତ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ସେକ୍ଟର ୧୫ ଜାମା ମସଜିଦ ନିକଟରେ ଅନୁଷ୍ଠିତ ଶିବିରରେ ସ୍ଥାନୀୟ ଅଞ୍ଚଳର ୪ଶହରୁ ଅଧିକ ରୋଗୀ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ମାଗଣା ଚିକିତ୍ସା ପରାମର୍ଶ ନେଇଥିଲେ। ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ ପ୍ରଶାନ୍ତ ସେଠୀ, ବିରାଜ ବିଶ୍ୱାଳ, ଅନୀଲ ଗୁରୁଙ୍ଗ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ସଭାପତି ସେଖ ଇସ୍ତେହାର ମହମ୍ମଦ ନଫିସ ରବାନୀ, ଦାନିସ ଖାନ, ସରଫରାଜ ବକ୍ସ, ଅଫସର ଖାନ, ଇମରାନ ତାହିଦ ଓ ଫାରୁକ ଖାନ ପ୍ରମୁଖ ଶିବିର ପରିଚାଳନା କରିଥିଲେ।



ଶିବିରରେ ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରୁଛନ୍ତି।

### ୧୧ରେ ଅବସରପ୍ରାପ୍ତ କର୍ମଚାରୀଙ୍କ ବାର୍ଷିକ ଅଧିବେଶନ

**ରାଉରକେଲା ଅଫିସ,୨୮।୧୦**

କୋଏଲନଗର ଅବସର ଭବନଠାରେ ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏହାର ୨୯ତମ ବାର୍ଷିକ ଆଧିବେଶନ ଆସନ୍ତା ୧୧ ନଭେମ୍ବରରେ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଅୟୋଜିତ ହୋଇ ଯାଇଛି।




ଛେଣ୍ଡ କଲୋନୀ ପ୍ରଧାନପାଲ୍ଲି ରାଉରକେଲା ଶିଶୁ ଭବନ ପରିସରରେ ବେକାର ଯୁବତୀ ଓ ଯୁବକଙ୍କ ପାଇଁ ନିଃଶୁଳ୍କ ତାଲିମ ବ୍ୟବସ୍ଥା ଆରମ୍ଭ ଅବସରରେ ଅତିଥିମାନେ।

# ଅଭିଭାବକଙ୍କୁ ଧମକ, ନାଲିଆଖି

**ରାଉରକେଲା ଅଫିସ,୨୮।୧୦**

ସରକାରଙ୍କ କୋହଳ ଆଭିମୁଖ୍ୟ ଘରୋଇ ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ମନମାନି କରିବାକୁ ସୁଯୋଗ ପ୍ରଦାନ କରିଛି। ଏହି ନ୍ୟାୟରେ ସେମାନେ ଅଭିଭାବଙ୍କ ଅଭିଯୋଗକୁ କେବଳ ବେଖାତିର କରୁ ନହାନ୍ତି ବରଂ ଆବଶ୍ୟକ ସ୍ଥଳେ ନାଲି ଆଖି ଦେଖାଇବାକୁ ବି ପଛାଉ ନାହାନ୍ତି। ଏଭଳି ଏକ ଘଟଣା ଏବେ ଫର୍ଟିଲାଇଜର ଟାଉନସିପ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୈଫିୟତ ତଲବ କରିଛନ୍ତି। କିଛି ଦିନ ପୂର୍ବେ ଏହି ଅଞ୍ଚଳରେ ଥିବା ଏକ ଘରୋଇ ଇଂଲିଶ ମାଧ୍ୟମ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନମାନି ବିରୋଧରେ ଅଭିଭାବକ ସଂଘ ପକ୍ଷରୁ କେତକ ସଙ୍ଗୀନ ଅଭିଯୋଗ ଅଣା ଯାଇଥିଲା। ଏହି ମର୍ମରେ ଜିଲାପାଳଙ୍କଠୁ ନେଇ ଶିକ୍ଷା ବିଭାଗ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡିଥିଲେ ଅଭିଭାବକ। ପରେ ଉପରିସ୍ଥ ଅଧିକାରୀଙ୍କ ପରାମର୍ଶ କ୍ରମେ ଲାଠିକଟା ବ୍ଲକ ଶିକ୍ଷାଧିକାରୀ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଏଥିରେ ଉତକ୍ଷିପ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ନିକଟରେ କେତେକ ଅଭିଭାବକଙ୍କୁ ନୋଟିସ ଜାରି କରିଛନ୍ତି। ବ୍ୟକ୍ତିଗତ ଭାବେ ଏହି ନୋଟିସ ପଠାଯାଇଥିବା ବେଳେ ପରୋକ୍ଷରେ କାର୍ଯ୍ୟାନୁଷ୍ଠାନ ଧମକ ମିଳିଛି ଅଭିଭାବକ ଗୋଷ୍ଠୀଙ୍କୁ। ବିଦ୍ୟାଳୟରେ ଚାଲିଥିବା ଅନିୟମିତତାକୁ ନେଇ ସ୍ୱର ଉଠାଇଥିବା ଅଭିଭାବକଙ୍କ ଉପରେ ଦମନ ନୀତି ଆପଣାଇଛନ୍ତି ପରିଚାଳନା କର୍ତ୍ତୃପକ୍ଷ। ଏଭଳି ଅଭିଯୋଗ ପାଇବା ପରେ ପାନପୋଷ ଉପଜିଲାପାଳ ମହାପାତ୍ର ସମ୍ପୃକ୍ତ ବିଦ୍ୟାଳୟର ଉପାଧ୍ୟକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ଏଥିରେ ସେ କହିଛନ୍ତି ଯେ ଅଭିଭାବକମାନେ ପ୍ୟାରେଣ୍ଟ-ଟିଚର୍ସ ଆସୋସିଏସନ(ପିଟିଏ) ନେଇ ଦାବି କରି ଆସୁଛନ୍ତି। ଦୀର୍ଘ ୫ ମାସ ହେବ ଏହାକୁ ପାଳନ କରାଯାଇ ନାହିଁ। ଏ ନେଇ ବିଭାଗୀୟ ଶିକ୍ଷା ଅଧିକାରୀଙ୍କ ସମ୍ମୁଖରେ ବିଦ୍ୟାଳୟ ଅଧ୍ୟକ୍ଷ ସମ୍ମତି ପ୍ରଦାନ ସତ୍ତ୍ୱେ ପଦକ୍ଷେପ ନେଇ ନାହାନ୍ତି। ଏପରି ଅବସ୍ଥାରେ ଅଭିଭାବକମାନେ ବିଦ୍ୟାଳୟର ଅନିୟମିତା ନେଇ ପ୍ରଶ୍ନ ଉଠାଇବା ଏକ ସ୍ୱାଭାବିକ ଘଟଣା। ଏହାକୁ ଆଳ କରି ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ଜାରି କରିଥିବା ନୋଟିସ ଘଟଣାକୁ ଉପଜିଲାପାଳ ମହାପାତ୍ର ଗୁରୁତର ଭାବେ ନେଇଛନ୍ତି। ଏ ନେଇ ଯଦି ବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସନ୍ତୋଷଜନକ ଉତ୍ତର ପ୍ରଦାନ କରିବାରେ ଅବହେଳା କରନ୍ତି ତାହା ହେଲେ ସରକାରଙ୍କ ଶିକ୍ଷା ନୀତି ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଏହି ବିଦ୍ୟାଳୟକୁ କିଏ ଚଳାଉଛି, ଏହାର ପରିଚାଳନା କମିଟିରେ କେଉଁମାନେ ରହିଛନ୍ତି ସେନେଇ ଅଧ୍ୟକ୍ଷ ମୁହଁ ଖୋଲୁ ନାହାନ୍ତି। ବିଭିନ୍ନ ସମୟରେ ପ୍ରତିବାଦ ଓ ଆନ୍ଦୋଳନ ସତ୍ତ୍ୱେ ପରିଚାଳନା କମିଟି ସଦସ୍ୟ କେହି ଆଗକୁ ନ ଆସିବା ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି।

# ମାଗଣା ତାଲିମ ବ୍ୟବସ୍ଥା ଉଦ୍‌ଘାଟିତ

**ରାଉରକେଲା ଅଫିସ,୨୮।୧୦**

ଛେଣ୍ଡ କଲୋନୀ ପ୍ରଧାନପାଲ୍ଲୀ ଠାରେ ଥିବା ରାଉରକେଲା ଶିଶୁ ଭବନ ପରିସରରେ ବେକାର ଯୁବତୀ ଓ ଯୁବକଙ୍କ ପାଇଁ ଏକ ନିଶୁଳ୍କ ତାଲିମ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହାକୁ ଆଇନଜୀବୀ ଗିରିଶ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ବେକାରଙ୍କ ପାଇଁ ଉଦ୍ଦିଷ୍ଟ ଏହି କର୍ମଶାଳା ନିଶ୍ଚିତ ରୂପେ ସୁଯୋଗ ସୃଷ୍ଟି କରିବ। ଅବସରପ୍ରାପ୍ତ ଆରଏସ୍‌ପି ଇଡି ଭରତ ମହାନ୍ତି, ପି.କେ. ସେନାପତି ଅତିଥି ଭାବେ ଏଥିରେ ଉପସ୍ଥିତ ଥିଲେ। ଶିଶୁ ଭବନ ସଭାପତି ନାରାୟଣ ପ୍ରସାଦ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଏଠାରେ ଏକ ମାଗଣା କମ୍ପ୍ୟୁଟର ତାଲିମ କେନ୍ଦ୍ର ଖୋଲା ଯାଇଥିଲା। ଏଥିସହ ସ୍ୱରୋଜଗାର ମୂଳକ ତାଲିମ ମହମବତୀ, ଚକ୍ ଖଡି, କାଗଜ ଠୁଙ୍ଗା ଓ ଟିସୁ ପେପରରେ ତିଆରି ବ୍ୟାଗ ଆଦି ତିଆରି ନେଇ ଏଠାରେ ତାଲିମ ପ୍ରଦାନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଶେଷରେ ଶିଶୁ ଭବନ କୋଷାଧ୍ୟକ୍ଷ ଏସ.ଏନ. ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ପି.କେ. ମହାପାତ୍ର ଓ ବିଜୟାନନ୍ଦ ସୁନ୍ଦରରାୟଙ୍କ ସମେତ ଶିଶୁ ଭବନ କର୍ମଚାରୀ ପରିଚାଳନା କରିଥିଲେ।

# ଏକାଦଶ ହେମନ୍ତ ମହୋତ୍ସବ ଉଦ୍‌ଘାଟିତ


**ରାଉରକେଲା ଅଫିସ,୨୮।୧୦**

ପଶ୍ଚିମ ଓଡିଶାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ସିଦ୍ଧି ଏକାଡେମି ଅଫ ଆର୍ଟ ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟ ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ ହେମନ୍ତ ମହୋତ୍ସବ ଶନିବାର ସନ୍ଧ୍ୟାରେ ସିଭିକ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ରାଉରକେଲା ଇସ୍ପାତ କାରଖାନା ସହର ସେବା ବିଭାଗ ମହାପ୍ରବନ୍ଧକ ନିରୋଦ ସାମନ୍ତରାୟ ଯୋଗ ଦେଇଥିବା ବେଳେ ପ୍ରୋଟକଲ ହସ୍ପିଟାଲିଟି ବିଭାଗ ଉପ ମହାପ୍ରବନ୍ଧକ ହୀରାଲାଲ ମହାପାତ୍ର ସମ୍ମାନୀତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ସୁନୀଲ କାଏଲ ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ପ୍ରଫୁଲ୍ଲ ମଙ୍ଗଳ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଏହି ଏକାଡେମି ଅଳ୍ପ କିଛି ଦିନ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। କ୍ୟାପଟେନ ଅଶ୍ୱିନୀ ଲେଙ୍କାଙ୍କ ପୃଷ୍ଠପୋଷକତାରେ ପ୍ରଦତ୍ତ ଅଭିନନ୍ଦ୍ର କଳା ସମ୍ବର୍ଦ୍ଧନା ସମ୍ମାନ ପ୍ରଦାନ କରାଯାଇଥିଲା। ବିଶିଷ୍ଟ କୋଶଳି କବି ଶ୍ରୀଧର ସୁନାଙ୍କୁ ଏ ନେଇ ନଗଦ ୧୦ ହଜାର ଟଙ୍କା ସହ ଏକ ମାନପତ୍ର ପ୍ରଦାନ କରିଥିଲେ ମଞ୍ଚାସୀନ ଅତିଥି। ବେହେଲା ବାଦକ ଶରତ ଧଳଙ୍କୁ ଏହି ଅବସରରେ ହେମନ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। ଧୀରେନ ସେନାପତି, ପ୍ରଫେସର ଜେକେ ରାଓ ଓ ସାମାଜିକ କର୍ମୀ ଚନ୍ଦନ ରାଉତଙ୍କୁ ଏଥିରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅନୀଲ ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ଦାସ, ସହ ନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ଏବଂ ଏକାଡେମି ପ୍ରିନ୍ସପାଲ କାଜଲ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।






ହେମନ୍ତ ମହୋତ୍ସବରେ ଅତିଥି। କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।



“ ଶାସକ ଯଦି ତା’ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ



**ସଂକ୍ଷେପରେ**

## ବାଇକ୍ ଧକ୍କାରେ ଯୁବକ ମୃତ, ୨ ଆହତ


ଲହୁଣୀପଡା, ୨୮।୧୦ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅନ୍ତର୍ଗତ ଫୁଲଝର ପଞ୍ଚାୟତ ଭଗବାନ ସାହିଠାରେ ଶନିବାର ରାତି ପ୍ରାୟ ସାଢ଼େ ଗୋଟିଏ ବେଳେ ଦୁର୍ଘଟଣା ଘଟିଛି। ଗୋଟିଏ ବାଇକ୍ ଧକ୍କାରେ ଅନ୍ୟ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ୨ଜଣ ଆହତ ହୋଇଛନ୍ତି। ତଳଗିନିଆ ଗ୍ରାମର ବୁଧୁ ମୁଣ୍ଡାରି (୨୦) ଏକ ବାଇକରେ ଅନ୍ୟ ସାଙ୍ଗମାନଙ୍କ ସହିତ ଭଗବାନ ସାହିକୁ କୀର୍ତ୍ତନ କରିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ରଞ୍ଜ ଗ୍ରାମର ସନାତନ ନାଏକ ଆସୁଥିବା ବାଇକ ଭାରସାମ୍ୟ ହରାଇ ବୁଧୁ ମୁଣ୍ଡାରୀଙ୍କୁ ଧକ୍କା ଦେଇଥିଲା। ଫଳରେ ବୁଧୁ ମୁଣ୍ଡାରୀ ବାଇକ ସହ ରାସ୍ତା କଡର ପୋଲରେ ବାଡେଇ ହୋଇ ଯିବାରୁ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ ଚିକିତ୍ସା ପାଇଁ ବଣେଇ ଡାକ୍ତରଖାନାକୁ ନେଇଥିଲେ ମଧ ଚିକିତ୍ସିତ ଅବସ୍ଥାରେ ରାତି ପ୍ରାୟ ଦୁଇଟାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ସାଙ୍ଗ ଓ ସନାତନ ନାଏକ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଖବରପାଇ ପୋଲିସ ରବିବାର ସକାଳୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜଳାଭାବରୁ ମରୁଡ଼ି: ୭୦ ପ୍ରତିଶତ ଚାଷ ନଷ୍ଟ

**ବଡ଼ଗାଁ, ୨୮।୧୦ (ଡି.ଏନ.ଏ)**

**ବଡ଼ଗାଁ ବ୍ଲକ**
- ସାହାଯ୍ୟ ପାଇଁ ଚାଷୀଙ୍କ ନିବେଦନ
- ଜଳ ଯୋଗାଣ ବ୍ୟବସ୍ଥା ଠିକ ଲାଗି ଦାବି

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଗତବର୍ଷ ଅନିୟମିତ ବର୍ଷା ଓ ରୋଗପୋକ ଯୋଗୁ ମରୁଡି ହୋଇଥିଲା ବେଳେ ଚଳିତବର୍ଷ ସ୍ୱଳ୍ପ ବର୍ଷା ଓ ଧାନରେ କ୍ଷୀର ନେଲାବେଳେ ଜଳାଭାବ ଯୋଗୁ ଗୋଡା ଓ ମାଳ ଜମିର ଧାନ ଚାଷ ୭୦ ପ୍ରତିଶତ ନଷ୍ଟ ହୋଇଛି। ବେର୍ଣ୍ଣା ଜମିର ଚାଷ ୫୦ରୁ ୬୦ ପ୍ରତିଶତ ନଷ୍ଟ ହେବା ନେଇ ଚାଷୀମାନେ ଆକଳନ କରୁଥିଲାବେଳେ ବାହାଲ ଜମିରୁ ପ୍ରାୟ ୪୦ରୁ ୫୦ ପ୍ରତିଶତ ଅମଳ ହେବ କହୁଛନ୍ତି। ତେବେ ବାହାଲ ଜମିର ଚାଷକୁ ଅମଳ ପର୍ଯ୍ୟନ୍ତ ବଞ୍ଚାଇ ରଖିବାକୁ କୃଷକମାନେ ଜମି ନିକଟ ନାଳ, ପୋଖରୀ ଆଦି ଜଳାଶୟରୁ ପାଣି ଉଠାଇ ଜମିରେ ଦେଉଛନ୍ତି। ଏଭଳି ପରିସ୍ଥିତି ସମ୍ପୂର୍ଣ୍ଣ ୧୫ଟି ପଞ୍ଚାୟତରେ ଦେଖାଯାଇଛି। ରୁନଗାଁ ପଞ୍ଚାୟତ ଅନ୍ତର୍ଗତ ସିଙ୍ଗାରମୁଣ୍ଡା ଓରାମ ପଡା ନିକଟରେ ଥିବା ୬୦ ଏକର ବାହାଲ ଜମିର ଧାନଚାଷ ଜଳାଭାବରୁ ନଷ୍ଟ ହେବାକୁ ବସିଲାଣି। ଏହି ଚାଷକୁ ବଞ୍ଚାଇ ରଖିବା ପାଇଁ ଜଳ ଉଠାଣ ବ୍ୟବସ୍ଥା କରିବାକୁ ଆବଶ୍ୟକ ପାଇପ ଯୋଗାଇଦେବା ପାଇଁ ଜିଲାପାଳଙ୍କୁ ୨୫ ତାରିଖରେ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ସେମାନେ ବଡ଼ଗାଁ ତହସିଲଦାର ସୋନାଲି ଚାନ୍ଦ ଓ ବିଡିଓ ଦାୟିତ୍ୱରେ ଥିବା ଏବିଡିଓ ଚୋକା ଓରାମଙ୍କୁ ମଧ ଜଣାଇଛନ୍ତି। ସ୍ଥାନୀୟ ପ୍ରଗତି ପାଣି ପଞ୍ଚାୟତର ସମ୍ପାଦକ ବଲ କୁଜୁରଙ୍କ ସହିତ କିଶୋର କୁଜୁର, ରାକେଶ କୁଜୁର, ବିର୍ସା କୁଜୁର, ବଣ୍ଡି କୁଜୁର, ନୃପ କିଷାନ, ଈଶ୍ୱର କୁଜୁର, ରାହୁଲ କୁଜୁର ପ୍ରମୁଖ ୪୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଦସ୍ତଖତ ଥିବା ନିବେଦନପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୬୦ ଏକର ବାହାଲ ଜମିର ଚାଷ ପାଣି ଅଭାବରୁ ଶତପ୍ରତିଶତ ମରୁଡି ହେବାକୁ ଯାଉଛି। ମାଳ, ବେର୍ଣ୍ଣା ଜମିର ଚାଷ ସମ୍ପୂର୍ଣ୍ଣ ମରିଯାଇଛି। ସଏଲ ମୁଣ୍ଡା (ପୋଖରୀ)ର ମଝିସ୍ଥାନରେ କିଛିପାଣିକୁ ମୋଟର ଦ୍ୱାରା ଜମିକୁ ଯୋଗାଇବା ସମ୍ଭବ ନୁହେଁ। ଏଥିପାଇଁ ଆମକୁ ୨ଶହ ଫୁଟର ଲୁହା ପାଇପ ଯୋଗାଇଦେଲେ ପୋଖରୀ ହିଡ ଭାଙ୍ଗି ଜମିକୁ ପାଣି ଯୋଗାଇବାକୁ ଚେଷ୍ଟା କରିବୁ। ବଡ଼ଗାଁ କାର୍ଯ୍ୟାଳୟରେ ଏମ୍ଆଇପି ବିଭାଗର ପଡିରହିଥିବା ଲୁହା ପାଇପ ମାଗଣା ଯୋଗାଇଦେବାକୁ ନିବେଦନ କରିଛନ୍ତି। ତେବେ ବ୍ଲକର ବରପାଲି, କୁରେଇବଗା, ଛାମୁଣ୍ଡା ଆଦି କେତେକ ଗ୍ରାମରେ ଉଠାଜଳସେଚନ ପଏଣ୍ଟ ଅଚଳ ଅବସ୍ଥାରେ ଦୀର୍ଘ ବର୍ଷ ହେଲା ପଡି ରହିଥିଲେ ମଧ କାର୍ଯ୍ୟକ୍ଷମ କରାଯାଉନାହିଁ। ସରକାର ବିଭିନ୍ନ ସମୟରେ ଜଳସେଚନର ବର୍ଷ କହି ଜମିକୁ ପାଣି ଯୋଗାଇଦେବାକୁ କହୁଥିଲେ ମଧ ବଡ଼ଗାଁ ବ୍ଲକରେ ବାସ୍ତବ ଚିତ୍ର ଭିନ୍ନ। ଏଠାରେ ଉଠାଜଳସେଚନ ପଏଣ୍ଟ ବର୍ଷେ ହେଲା ମରାମତି କରାଯାଇଥିବା ସତ୍ତ୍ୱେ ପମ୍ପ ହାଉସରେ ବିଭାଗୀୟ କର୍ମଚାରୀ ତାଲା ପକାଇ ରଖିବା ଭଳି ଅବହେଳାର ପରିଣତ ଏବର୍ଷ ଚାଷୀ ଭୋଗୁଛନ୍ତି। ବରପାଲି ପଏଣ୍ଟର କମିଟି କର୍ମକର୍ତ୍ତା ଅଜୟ କୁମାର ପୁରୋହିତ, ଅରୁଣ ବେହେରା, ଜଗନ୍ନାଥ ବିଶିଙ୍କଠାରୁ ପ୍ରକାଶ ଯେ, ମରାମତି ସତ୍ତ୍ୱେ ବର୍ଷେ ହେଲା ତାଲା ପକାଇ ରଖାଯାଇଥିବାରୁ ପଏଣ୍ଟ ଥାଇ ମଧ ଚାଷକୁ ବଞ୍ଚାଇ ରଖି ହେଉନାହିଁ। ଏହା ଆମ ଦୁର୍ଭାଗ୍ୟ ବୋଲି କହିଛନ୍ତି। ହେଲେ ଏହା ବାସ୍ତବିକ ସରକାରଙ୍କ ପାଇଁ ଦୁର୍ଭାଗ୍ୟଜନକ ଯେ, କର୍ମଚାରୀଙ୍କ ଅବହେଳା ଯୋଗୁ ଚାଷ କ୍ଷତି ହେବା ଅଭିଯୋଗ ଚାଷୀ ମୁହଁରେ ଶୁଣାଯିବା। ତେବେ ଅଞ୍ଚଳରେ ମରୁଡି ପରିସ୍ଥିତି ଦେଖାଦେବା ଆଶଙ୍କା କରି ଭୋଇପାଲି କୃଷକ ବଜାର କମିଟି ରବୀନ୍ଦ୍ର ପଟେଲଙ୍କ ନେତୃତ୍ୱରେ ଅଞ୍ଚଳର କୃଷକମାନେ ଜିଲାପାଳଙ୍କୁ ଜଣାଇଛନ୍ତି। ସେଥିରେ ମଧ ଅଞ୍ଚଳର ଉଠାଜଳସେଚନ ପଏଣ୍ଟ କାର୍ଯ୍ୟକ୍ଷମ କରିବାକୁ ନିବେଦନ କରାଯାଇଥିଲା। ଜରଙ୍ଗଲୋଇ ଗ୍ରାମସ୍ଥିତ ଜିଏସକେକୁ ରାଜ୍ୟପାଳ ଆସିଥିଲା ବେଳେ ବଡ଼ଗାଁର ଚାଷୀମାନେ ଉଠାଜଳସେଚନ ପଏଣ୍ଟ କାର୍ଯ୍ୟକ୍ଷମ କରିବାକୁ ଜଣାଇଥିଲେ। ଅଞ୍ଚଳର ଏହି ଜଳ ଯୋଗାଣ ବ୍ୟବସ୍ଥାକୁ ଠିକ କଲେ ୩୦ରୁ ୪୦ ପ୍ରତିଶତ ଖରିଫ ଚାଷକୁ ରକ୍ଷା କରାଯାଇପାରିବ।



ସିଙ୍ଗାରମୁଣ୍ଡା ସଏଲ ପୋଖରୀ (ମୁଣ୍ଡା) ମଝିରେ ସ୍ୱଳ୍ପ ଜଳ ଚାଷୀଙ୍କ ଭରସା।

## ଚିତ୍ରଗୁପ୍ତ ସମାଜ ତୃତୀୟ ବର୍ଗ ସାଧାରଣ ବୈଠକ

**ସୁନ୍ଦରଗଡ଼, ୨୮।୧୦ (ଡି.ଏନ୍.ଏ)**

ସୁନ୍ଦରଗଡ ଚିତ୍ରଗୁପ୍ତ ସମାଜ ତୃତୀୟ ସାଧାରଣ ପରିଷଦ ବୈଠକ ଭିତ୍ରିଆପଡା ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଅଜିତ୍ ପ୍ରସାଦଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ନଭେମ୍ବର ୯ ତାରିଖରେ ହେବାକୁ ଥିବା ଚିତ୍ରଗୁପ୍ତ ମହାରାଜଙ୍କ ପୂଜା କାର୍ଯ୍ୟକ୍ରମ କିଭଳି ସୁନ୍ଦରଭାବେ ସମ୍ପନ୍ନ ହୋଇପାରିବ ତଥା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆସନ୍ତା ୨ବର୍ଷ ପାଇଁ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଚଳିତ ବର୍ଷ ପୂଜାର କର୍ତ୍ତା ଭାବେ ବୀରେନ୍ଦ୍ର କୁମାର ପ୍ରସାଦଙ୍କୁ ମନୋନୀତ କରାଯାଇଛି। ଚିତ୍ରଗୁପ୍ତ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ସକାଶେ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ଜଗଦୀଶ ପ୍ରସାଦ ସଭାପତି, ପ୍ରଦୀପ ପ୍ରସାଦ ଓ ପୁନମ୍ ପ୍ରସାଦ ଉପସଭାପତି, ଅଜିତ୍ ପ୍ରସାଦ ସାଧାରଣ ସମ୍ପାଦକ, ରତନସହାୟ ଯୁଗ୍ମ ସମ୍ପାଦକ, ଅବିନାଶ ପ୍ରସାଦ କୋଷାଧ୍ୟକ୍ଷ, ପ୍ରମୋଦ ପ୍ରସାଦ ସାଂସ୍କୃତିକ ସମ୍ପାଦକ, ପ୍ରତିମା ଲାଲ ସାଂସ୍କୃତିକ ଯୁଗ୍ମ ସମ୍ପାଦକ, ତୃପ୍ତି ପ୍ରସାଦ ଓ ପ୍ରମିଳା ପ୍ରସାଦଙ୍କୁ କମିଟିରେ ମହିଳା ପ୍ରତିନିଧି ଭାବେ ମନୋନୟନ କରାଯାଇଛି। ଏତଦ୍ ବ୍ୟତୀତ ସମାଜର କାର୍ଯ୍ୟକାରୀ କମିଟିରେ ସଭ୍ୟ ଭାବେ ବୀରେନ୍ଦ୍ର ପ୍ରସାଦ, ସୁଶୀଲ ପ୍ରସାଦ, ଆଶୀଷ ପ୍ରସାଦ, ଅଶୋକ ଲାଲ, ଡାଃ ରାଜକିଶୋର ପ୍ରସାଦ, ରବୀନ୍ଦ୍ର କୁମାର ସିହ୍ନା, ରଞ୍ଜିତ ପ୍ରସାଦ ପ୍ରମୁଖ ରହିଛନ୍ତି।

## ରୁରାଲ ସ୍ପୋର୍ଟର୍ସ ଆସୋସିଏଶନ୍‌ର କାଉନସିଲ ବୈଠକ

ସୁନ୍ଦରଗଡ଼, ୨୮।୧୦ (ଡି.ଏନ୍.ଏ) -ସୁନ୍ଦରଗଡ଼ ଜିଲାର ଫୁଟବଲ ରେଫରୀ ମାନଙ୍କୁ ନେଇ ଗଠିତ ରୁରାଲ ସ୍ପୋର୍ଟର୍ସ ଆସୋସିଏଶନ୍ କାଉନସିଲ ବୈଠକ ସ୍ଥାନୀୟ ଶିବମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି କାର୍ତ୍ତିକ ସୁନାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ସୁଶୀଲ ପଟେଲ ବିବରଣୀ ପାଠ କରିଥିଲେ। ରାଜ୍ୟସ୍ତରୀୟ ଚତୁର୍ଥ ଆରଏସ୍ଏ କପ୍ ଫୁଟବଲ ଟୁର୍ନାମେଣ୍ଟ ସଦର ବ୍ଲକ କିଂଜିର୍ମାଠାରେ ଆୟୋଜନ ନିମନ୍ତେ ବୈଠକରେ ସ୍ଥିର ହୋଇଛି। ଏହି ବୈଠକରେ ଗତବର୍ଷ ସଂଘରୁ ନିଲମ୍ବିତ ହୋଇଥିବା ରେଫରୀ ସୁଶାନ୍ତ ଶେଖର ଷଣ୍ଢ ଓ ହେମନ୍ତ କୁମାର ଦାଶଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ କରାଯାଇଥିଲା। ଉଭୟ ରେଫରୀଙ୍କୁ ପୁଣି ସଂଘରେ ସାମିଲ କରାଯିବା ପାଇଁ ସର୍ବସମ୍ମତି କ୍ରମେ ଗୃହୀତ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ବୈଠକରେ ସଂଘର ଉପଦେଷ୍ଟା ଦୁର୍ଗାମାଧବ ନାଏକ, ଉପସଭାପତି ନିତ୍ୟକୁମାର ବଳ, ଡୋଲାମଣି ଭୈଷାଁଲ, ଯୁଗ୍ମ ସମ୍ପାଦକ ରୋମାଞ୍ଚ ଭୈଷାଁଲ, ସଞ୍ଜିବ ସେଠ୍, ନୃପେନ୍ଦ୍ର ବାଗ୍, ଦେବେନ୍ଦ୍ର କିଷାନ୍, ଲକ୍ଷ୍ମଣ ସେଠ୍, ନିତ୍ୟାନନ୍ଦ ମେହେର, ସନ୍ୟାସୀ ମୁଣ୍ଡା, ପ୍ରସନ୍ନ ଭୋଇ, କୁନୁ ନାଏକ, କ୍ଷିତେଶ୍ୱର ଚୌଧୁରୀ ପ୍ରମୁଖ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ରୁଙ୍ଗ୍‌ଟା ଓରାଘାଟ ଖଣି ଉତ୍ପାଦନ ବୃଦ୍ଧି ନିମନ୍ତେ ଜନଶୁଣାଣି

**ଟେନ୍‌ସା, ୨୮।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୋଇଡା ତହସିଲ ଅନ୍ତର୍ଗତ ଓରାଘାଟ ଓ ସାନଇନ୍ଦୁପୁର ଗ୍ରାମରେ ଥିବା ରୁଙ୍ଗୁଟା ସନ୍ସ ପ୍ରାଇଭେଟ ଲିମିଟେଡ ଖଣି ଉତ୍ପାଦନ ନିମନ୍ତେ ଏକ ଜନଶୁଣାଣି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଓରାଘାଟ ଏବଂ ସାନଇନ୍ଦୁପୁର ଗ୍ରାମଠାରେ ୮୨. ୯୬୧ ହେକ୍ଟର ପରିମିତି ଅଞ୍ଚଳରେ ଅବସ୍ଥିତ ଲୌହ ଖଣିଜ ଉତ୍ପାଦନ କ୍ଷମତା ବାର୍ଷିକ ୫ ନିୟୁତ ଟନ୍ (ଆରଓଏମ)ରୁ ୮.୩୫ ନିୟୁତ ଟନ ବାର୍ଷିକ ୩.୩୫ ନିୟୁତ ଟନ ଲୌହ ଖଣିଜ (ଆରଓଏମ)ପୁରୁଣା ଡମ୍ପର ବାର୍ଷିକ ୧ ନିୟୁତ ଟନ୍ ନିମ୍ନମାନର ଓଭର ଡ୍ରାଏ କ୍ରସିଂ/ସ୍କ୍ରିନିଙ୍ଗକୁ ବୃଦ୍ଧି କରିବା ଏବଂ ବାର୍ଷିକ ୧.୫୦ ନିୟୁତ ଟନ ଥ୍ରୁପୁଟ କ୍ଷମତାର ୱେଟ ବେନିଫିସିଏସନ କାରଖାନା ପ୍ରତିଷ୍ଠା ନିମନ୍ତେ ଜନଶୁଣାଣି ଓରାଘାଟ ହନୁମାନ ମନ୍ଦିର ନିକଟ ଖୋଲା ପଡିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳଙ୍କ ପ୍ରତିନିଧିତ୍ୱ ଭାବେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ଡୁରୁକ, ପରିବେଶ ବୈଜ୍ଞାନିକ ହେମେନ୍ଦ୍ର ନାଏକ ଯୋଗଦେଇ ଜନସାଧାରଣଙ୍କ ଠାରୁ ମତାମତ ନେଇଥିଲେ । ପ୍ରଥମେ ରୁଙ୍ଗୁଟା ଖଣି ପକ୍ଷରୁ ସମୀର ରଞ୍ଜନ ଦାସ ଖଣିବୃଦ୍ଧି ହେଲେ ଏହାର ଚର୍ତୁପାର୍ଶ୍ୱରେ ଓ ପାରିପାର୍ଶିକ ଅଞ୍ଚଳରେ କିକି ପ୍ରଭାବ ପଡିବ ଏବଂ ଏହାର କିପରି ନିରାକରଣ କରାଯାଇ ପାରିବ ଏସମ୍ପର୍କରେ ଜନସାଧାରଣଙ୍କୁ ଜଣାଇବା ପରେ ଜନସାଧାରଣଙ୍କଠାରୁ ମତାମତ ଲୋଡା ଯାଇଥିଲା। ଜନସାଧାରଣଙ୍କ ପକ୍ଷରୁ ସ୍ଥାନୀୟ ସରପଞ୍ଚ ଦିବାକର ନାଏକ, ବ୍ଲକ ଅଧ୍ୟକ୍ଷ ରିନାରାଣରୀ କୁମୁଣ୍ଡିୟାଲ, ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଭୀମସେନ ଚୌଧୁରୀ, ଜିଲାପରିଷଦ ସଭ୍ୟା ମିତାରାଣୀ ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିବାକର ନାଏକ, ପ୍ରମିଳା ନାଏକ, ବିଜେଡି ବ୍ଲକ ସଭାପତି ରବିନାରାୟଣ ମିଶ୍ର, ପୂର୍ବତନ ସରପଞ୍ଚ ନଦିଆ ନାଏକଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଜନସାଧାରଣ ରୁଙ୍ଗଟା ସପକ୍ଷରେ ମତାମତ ଦେଇଥିଲେ। ତତ୍‌ସହ ସ୍ଥାନୀୟ ବେକାରୀ ଯୁବତୀ ଯୁବକଙ୍କୁ ନିଯୁକ୍ତି, ସ୍ୱାସ୍ଥ୍ୟସେବା, ପାନୀୟ ଜଳଯୋଗାଣ ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଦାବି କରିଥିଲେ। ରୁଙ୍ଗୁଟା ଖଣିର ଉପସଭାପତି ଅନନ୍ତଶଙ୍କର ମହାପାତ୍ର ଖଣି ଉତ୍ତୋଳନ ବୃଦ୍ଧି ହେଲେ ସମସ୍ତ ଦାବିକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏକ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି ଶୁଣାଣିରେ ଯୋଗଦେଇଥିଲେ। ରୁଙ୍ଗୁଟା ଖଣି ପକ୍ଷରୁ ବରିଷ୍ଠ ସଭାପତି ହିରକ ମଜୁଦାର, ବରିଷ୍ଠ ପ୍ରଶାସନ ଅଧିକାରୀ ରାମୁ ଅଗ୍ରୱାଲ, ଲେଜେଷ୍ଟିକ ବରିଷ୍ଠ ଅଧିକାରୀ ରାମପାଳ ଚୌଧୁରୀ, ଓରାଘାଟ ଖଣି ପରିଚାଳକ ଅନୀଲ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ।



ଖଣି ଉତ୍ପାଦନ ବୃଦ୍ଧି ନିମନ୍ତେ ଜନଶୁଣାଣିରେ ଉପସ୍ଥିତ ଜନସାଧାରଣ, ଲୋକ ପ୍ରତିନିଧି, ଅଧିକାରୀ।

# ସରକାରୀ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ବୈଠକ

**ସୁନ୍ଦରଗଡ଼, ୨୮।୧୦ (ଡି.ଏନ୍.ଏ)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ଏକ ଜରୁରୀକାଳୀନ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନେକ ପୁରାତନ ଛାତ୍ର ଯୋଗଦେଇ ମହାବିଦ୍ୟାଳୟର ୬୦ବର୍ଷ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ସମାରୋହ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ମହାବିଦ୍ୟାଳୟର ଅଧ୍ୟାପକ, ଡେମୋନେଷ୍ଟ୍ରେଟର ଓ କର୍ମଚାରୀ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଯଥାଶିଘ୍ର ପୁରାତନ ଛାତ୍ର ସଂଦର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତକରି ଅବଗତ କରାଇବାକୁ ବୈଠକରେ ସ୍ଥିରିକୃତ ହୋଇଛି। ଏତଦ୍‌ବ୍ୟତୀତ ମହାବିଦ୍ୟାଳୟର ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟଗୁଡିକରେ ସମସ୍ତଙ୍କର ସହଯୋଗ ଓ ସହଭାଗିତା ପାଇଁ ଅନୁରୋଧ କରାଯାଇଥିଲା। ପୁରାତନ ଛାତ୍ର ସଂସଦର ପୂନର୍ଗଠନ ସକାଶେ ଯଥାଶିଘ୍ର ଏକ ସାଧାରଣ ବୈଠକ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ବିଶ୍ୱରଞ୍ଜନ ହୋତାଙ୍କୁ ଏନେଇ ଆବାହକ ଭାବେ ଚୟନ କରାଯାଇଛି। ବୈଠକରେ ନିମନ୍ତ୍ରିତ ସଦସ୍ୟ ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶ ଯୋଗ ଦେଇଥିଲେ। ଅଧ୍ୟାପକ ଲଳିତରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।



ପୁରାତନ ଛାତ୍ର ସଂସଦର ବୈଠକରେ ଅଧାପକ, କର୍ମଚାରୀ, ପୁରାତନ ଛାତ୍ର ଉପସ୍ଥିତ।



ପ୍ରଶିକ୍ଷାର୍ଥୀଙ୍କ ସହିତ ଡା. ଶୁକ୍ରାମ ମୁଣ୍ଡା ଓ ଡା. ସଜ୍ଞା ସାଗରିକା ବେହେରା ।

# ଉନ୍ନତ କୁକୁଡ଼ା ଚାଷ ପ୍ରଶିକ୍ଷଣ ଶିବିର

**ବଡ଼ଗାଁ, ୨୮।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପ୍ରାଣୀ ଚିକିତ୍ସାଳୟ କେନ୍ଦ୍ରରେ ୨୩ ତାରିଖଠାରୁ ଚାଲିଥିବା ଆତ୍ମ ନିଯୁକ୍ତି ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ଶିବିରରେ ଉନ୍ନତ କୁକୁଡା ଚାଷ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଘର ଅଗଣାରେ ଉନ୍ନତ କୁକୁଡା ଚାଷ କିପରି କରାଯାଇ ଅର୍ଥ ଉପାର୍ଜନ କରାଯିବ ସେ ସମ୍ପର୍କରେ ଡା. ବସନ୍ତ କୁମାର ଧଳ, ଡା. ହିମାଂଶୁ ଶେଖର ସାହୁ, ଡା. ସଜ୍ଞା ସାଗରିକା ବେହେରା, ସିଡିଭିଓ ଡା. ପ୍ରଦୀପ୍ତ କିଶୋର ଖମାରୀ, ନୋଡାଲ ଅଫିସର ଡା.କାର୍ତ୍ତିକ ସାହୁ, ଡା. ସଞ୍ଜୟ କୁମାର ଚାଟାର ଚାଷୀମାନଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। କମ୍ ଖର୍ଚ୍ଚ ଓ ସୁବିଧାରେ କୁକୁଡା ଚାଷ, କୁକୁଡାମାନଙ୍କ ବିଭିନ୍ନ ରୋଗ ସମ୍ବନ୍ଧରେ ବୁଝାଇଥିଲେ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୨୦ ଚାଷୀଙ୍କୁ ମାଗଣାରେ ୫୦ଟି କୁକୁଡା ଯୋଗାଇ ଦେବା ବ୍ୟବସ୍ଥା ହୋଇଥିବା ସୂଚନା ଦେଇଥିଲେ। ଚାଷୀଙ୍କୁ କୁକୁଡା ଚାଷ କରିବାକୁ ଉତ୍ସାହିତ କରିଥିଲେ ଓ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ଶିବିର ବଡ଼ଗାଁ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁକ୍ରାମ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।

## ଭାଜପାର ବିଶ୍ରା ବ୍ଲକ ଘେରାଉ

**ବିଶ୍ରା, ୨୮।୧୦ (ଡି.ଏନ.ଏ)**

ବିଜେଡି ଶାସନର ଦୁର୍ନୀତି ବିରୋଧ ରାଜ୍ୟବ୍ୟାପି ବ୍ଲକ ଘେରାଉ ପରିପ୍ରେକ୍ଷୀରେ ଶନିବାର ବିଶ୍ରା ଭାଜପା ପକ୍ଷରୁ ବିଶ୍ରା ବ୍ଲକ ଘେରାଉ କରାଯାଇଥିଲା। ବିଶ୍ରା ମଣ୍ଡଳ ସଭାପତି ମାଦ୍ରୁ ଓରାମ ଓ ଜିଲା ସଭାପତି ଜଗବନ୍ଧୁ ବେହେରାଙ୍କ ନେତୃତ୍ୱରେ ସମସ୍ତ କର୍ମୀ ଦଳୀୟ ପତାକା ଓ ଟୋପି ଲଗାଇ ତହସିଲ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ବିଜେଡି ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଆୟୋଜିତ ବୈଠକରେ ନିରଞ୍ଜନ ମାହାତ, ନିହାର ରାୟ, ଲତିକା ପଟ୍ଟନାୟକ, ପୂର୍ଣ୍ଣିମା କେର୍କେଟା, ରାଇସନ ତିର୍କି, ଶଙ୍କର ଓରାମ, ଶଶାଙ୍କ ଜେନା, ଅର୍ଜୁନ ଓରାମ ପ୍ରମୁଖ ଯୋଗଦେଇ ବ୍ଲକ ପ୍ରଶାସନ ପିସି କାରବାରରେ ବୁଡି ରହିଛି ବୋଲି ବିଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ଆମଗାଁ ଆମ ବିକାଶ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ, ସୌଭାଗ୍ୟ ଯୋଜନା, ସ୍ୱଚ୍ଛ ଭାରତ ଆଦି ଯୋଜନାରେ ଦୁର୍ନୀତୀ ଓ ପ୍ରିୟାପ୍ରିତି ଶୋଷଣ ଚାଲିଥିବା ଦଳ ପକ୍ଷରୁ ସମାଲୋଚନା କରାଯାଇଥିଲା।

**ଜିଲା ଶିକ୍ଷାଧିକାରୀଙ୍କ ବିଭିନ୍ନ ସ୍କୁଲ ପରିଦର୍ଶନ**

# କୁମଝରିଆ ସ୍କୁଲର ସ୍ୱଚ୍ଛତା, ପରିବେଶ ସ୍ୱତନ୍ତ୍ର

**କୁଆଁରମୁଣ୍ଡା, ୨୮।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାର ନୂତନ ଶିକ୍ଷାଧିକାରୀ (ଡ଼ିଇଓ) ଭାବେ ରଞ୍ଜନ କୁମାର ଗିରି ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପରେ ଶନିବାର ଜିଲା ଶିକ୍ଷାଧିକାରୀଭାବେ ସେ ଜିଲାର ବିଭିନ୍ନ ସ୍କୁଲ ପରିଦର୍ଶନ କରିଛନ୍ତି। ହେଲେ ଏହି ପରିଦର୍ଶନ ସମୟରେ ସେ କୁଆଁରମୁଣ୍ଡା ବ୍ଲକର କୁମଝରିଆ ସରକାରୀ ହାଇସ୍କୁଲ ପରିଦର୍ଶନରେ ଆସିଥିଲେ। ଏହା ପୂର୍ବରୁ ପ୍ରଥମେ ଉଦିତନଗରସ୍ଥିତ ସରକାରୀ ବାଳିକା ହାଇସ୍କୁଲ ଯାଇଥିଲେ। ସେଠାରୁ ଲାଠିକଟା ବ୍ଲକର ମନ୍‌କୋ ସ୍କୁଲ ସମତେ ଆଖପାଖ କେତେକ ସ୍କୁଲ ଯିବା ପରେ ଲାଠିକଟା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଯାଇଥିଲେ। ଏହା ପରେ ଜିଲା ଶିକ୍ଷାଧିକାରୀ ଗିରି କୁଆଁରମୁଣ୍ଡା ବ୍ଲକ କୁମଝରିଆ ସରକାରୀ ହାଇସ୍କୁଲ ପରିଦର୍ଶନ କରିଥିଲେ। ଉକ୍ତ ସ୍କୁଲର କାନ୍ଥରେ ଚିତ୍ରିତ ଛବି ଓ ନିତିବାଣୀ ଠାରୁ ଆରମ୍ଭ କରି ମନୋରମ ଉଦ୍ୟାନ, ସ୍ୱଚ୍ଛ ପରିବେଶ, ପୃଷ୍ଟିକର ମଧ୍ୟାହ୍ନଭୋଜନ ବ୍ୟବସ୍ଥା, ସ୍ୱତନ୍ତ୍ର ଶ୍ରେଣୀ କୋଠରୀ ବ୍ୟବସ୍ଥା ସହ ଏକ ଶୃଙ୍ଖଳିତ ପରିବେଶ ବାସ୍ତବରେ ମୋତେ ମୁଗ୍ଧ କରିଛି ବୋଲି ଜିଲା ଶିକ୍ଷାଧିକାରୀ ଗିରି ଏହି ଅବସରରେ ନିଜ ମତ ପ୍ରକାଶ କରିଛନ୍ତି। ଏହି ସ୍କୁଲକୁ ଏକ ମଡେଲ ସ୍କୁଲ କହିଲେ ଅତ୍ୟୁକ୍ତି ହେବ ନାହିଁ କହିବା ସହ ଏହା ଜିଲାର ଅନ୍ୟ ସ୍କୁଲଗୁଡିକ ପାଇଁ ଏକ ଉଦାହରଣ ବୋଲି ଗିରି କହିଛନ୍ତି। ଏହି ସମୟରେ କୁଆଁରମୁଣ୍ଡା ବ୍ଲକ ବିଇଓ ସଦାନନ୍ଦ ପଧାନ, ଏବିଇଓ ଗୁରୁଚରଣ ସାହୁ, ମୋହନ କୁମାର ପ୍ରମୁଖ ଡିଇଓ ଗିରିଙ୍କୁ ସ୍କୁଲ ପରିଦର୍ଶନରେ ସହାୟତା କରିଥିଲେ। ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ ସାମଲ ଶିକ୍ଷାଧିକାରୀଙ୍କ ପରିଦର୍ଶନକୁ ସ୍ୱାଗତ କରିଥିଲେ। ଏହା ପରେ ଡିଇଓ ଗିରି ଉଦିତନଗର ସରକାରୀ ହାଇସ୍କୁଲ ପରିଦର୍ଶନରେ ଯାଇ ସେଠାରେ ଆୟୋଜିତ ଏକ ବୈଠକରେ କୁମଝରିଆ ସ୍କୁଲର ସ୍ୱତନ୍ତ୍ରତା ସମ୍ପର୍କରେ ଉପସ୍ଥିତ ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କୁ ଅବଗତ କରାଇଥିଲେ।



ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି କୁମଝରିଆ ହାଇସ୍କୁଲ ପରିଦର୍ଶନ କରୁଛନ୍ତି।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ



### ସୁଲୁଦିଆ ଗାଁରେ ନବନିର୍ମିତ ହନୁମାନ ମନ୍ଦିରର ରତ୍ନମୁଦ

**ଲଖନପୁର,୨୮।୧୦(ଡି.ଏନ୍.ଏ.)**-ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ସୁଲୁଦିଆ ଗ୍ରାମରେ ନବନିର୍ମିତ ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଶମ୍ଭୁ ମିଶ୍ର ପୂଜାର୍ଚ୍ଚନା କରିଥିବେଳେ ମନ୍ଦିର ପୂଜକ ତରଣୀ ପ୍ରଧାନ ସହଯୋଗ କରିଥିଲେ। ଏଥିରେ ଗ୍ରାମର ମକଧ୍ୱଜ ପ୍ରଧାନ ଓ ରିନା ପ୍ରଧାନ ସପତ୍ନୀକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇ ଥିଲେ । ଅନ୍ୟପକ୍ଷେ ଏହି ନବନିର୍ମିତ ମନ୍ଦିର ନିକଟରେ ଏକ ମହାଦେବ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା କରାଯାଇ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

# ଜଳସେଚନ ବ୍ୟବସ୍ଥା ଫେଲ୍, ମରୁଡ଼ି ସ୍ଥିତି ଉଦ୍‌ବେଗଜନକ

**ଝାରସୁଗୁଡା ଅଫିସ,୨୮।୧୦**

ଝାରସୁଗୁଡା ଜିଲାରେ ମରୁଡି ସ୍ଥିତି ଉଦ୍‌ବେଗଜନକ। ଢିପ ଜମିରେ ହୋଇଥିବା ଧାନ ଫସଲ ସମ୍ପୂର୍ଣ୍ଣ ମରୁଡି କବଳିତ। ଏବେ ଖାଲୁଆ ଜମି ଆଡକୁ ଗତି କରୁଛି ମରୁଡି। ଇତିମଧ୍ୟରେ ଆସିଛି ମରୁଡି ଜନିତ ପ୍ରାଥମିକ ରିପୋର୍ଟ। ଯେଉଁଥିରେ ଜିଲାରେ କରାଯାଇଥିବା ଧାନ ଚାଷର ୬୧.୬୫% ମରୁଡି ପ୍ରଭାବିତ ହୋଇସାରିଛି। ଝାରସୁଗୁଡା ଜିଲାରେ ମୋଟ ୫୦୪୦୪ ହେକ୍ଟର ଧାନ ଚାଷ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୧୦୭୬ ହେକ୍ଟର ମରୁଡି ହୋଇସାରିଛି। ବିଭିନ୍ନ ବ୍ଲକରୁ ସଂଗୃହୀତ ରିପୋର୍ଟକୁ ଆଧାର କରି ଏକ ମଧ୍ୟବର୍ତୀକାଳିନ ମରୁଡି ରିପୋର୍ଟ ସୋମବାର ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କୁ ପ୍ରଦାନ କରାଯିବ। ଆଗକୁ ଏହି ସଂଖ୍ୟା ଆହୁରି ବୃଦ୍ଧିପାଇବାକୁ ଥିବାରୁ ପରବର୍ତ୍ତୀ ସମୟରେ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲା କୃଷି ଉପନିର୍ଦ୍ଦେଶକ ପୁଷ୍ପେଶ୍ ପୂଜାରୀ କହିଛନ୍ତି।

ଜଳସେଚନ ନେଇ ଡିଣ୍ଡିମ ପିଟୁଥିବା ସରକାରଙ୍କୁ ଏହା ଶକ୍ତ ଧକ୍କା ଲାଗିବ। ପ୍ରତିବର୍ଷ ଜିଲାରେ ଜଳସେଚନ ହାର ବୃଦ୍ଧି ପାଉଥିବା ସରକାରୀ ରିପୋର୍ଟରେ ଦର୍ଶାଯାଉଛି। ହେଲେ ବର୍ଷା ଅଭାବ ଦେଖାଦେଲା ମାତ୍ରେ ଜଳସେଚନ ଉଭେଇ ଯାଉଛି। ବିଭିନ୍ନ ଉତ୍ସରୁ ଜଳସେଚନ କରାଯାଉଥିବା ନେଇ ସରକାର ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। କିନ୍ତୁ ବାସ୍ତବରେ ସେଠାରୁ କେତେ ହେକ୍ଟର ଜମିକୁ ଜଳସେଚନ ହେଉଛି ତାହା ସମୀକ୍ଷା ସାପେକ୍ଷ। ଜିଲାରେ ଜଳସେଚିତ ଚାଷ ଜମିର ପରିମାଣ କମ୍ ହୋଇଥିଲେ ମଧ୍ୟ ଚଳିତ ଖରିଫ୍‌ରେ ୫୦୪୦୪ ହେକ୍ଟର ଜମିରେ ଧାନଚାଷ ହୋଇଥିଲା। ସେଥିରୁ ୩୧୦୭୬ ହେକ୍ଟର ଜମିର ଧାନ ଉଜୁଡି ସାରିଛି। ଝାରସୁଗୁଡା ଜିଲାର ଲଖନପୁର ବ୍ଲକରେ ସର୍ବାଧିକ ୧୩୮୦୦ ହେକ୍ଟର ଧାନ ଚାଷ ମଧ୍ୟରୁ ୯୦୪୫ ହେକ୍ଟର ଜମିର ଧାନ ମରୁଡି ପ୍ରଭାବିତ। ସେହିପରି ଲଇକେରା ବ୍ଲକର ୧୦୯୦୩ ହେକ୍ଟର ମଧ୍ୟରୁ ୭୨୩୨ ହେକ୍ଟର, କିର୍ମିରା ବ୍ଲକର ୬୮୨୫ ହେକ୍ଟର ମଧ୍ୟରୁ ୪୬୨୫ ହେକ୍ଟର, କୋଲାବିରା ବ୍ଲକର ୮୫୯୨ ହେକ୍ଟର ମଧ୍ୟରୁ ୪୧୮୬ ଏବଂ ଝାରସୁଗୁଡା ବ୍ଲକର ୧୦୨୮୪ ହେକ୍ଟର ମଧ୍ୟରୁ ୫୯୮୮ ହେକ୍ଟର ଧାନଚାଷ ମରୁଡି କବଳିତ ହୋଇଥିବା ରାଜସ୍ୱ ଏବଂ କୃଷି ବିଭାଗର ଯୁଗ୍ମ ରିପୋର୍ଟରୁ ସ୍ପଷ୍ଟ।

ସଂଗୃହୀତ ତଥ୍ୟ ଆଧାରରେ ଏକ ମଧ୍ୟବର୍ତ୍ତୀକାଳିନ ରିପୋର୍ଟ ପ୍ରସ୍ତୁତ କରାଯାଇ ଏସ୍‌ଆରସିଙ୍କୁ ପଠାଯିବ। ଏହାସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ମରୁଡି ସହାୟତା, ଇନ୍‌ପୁଟ୍ ସବ୍‌ସିଡ୍ ଏବଂ ଅନ୍ୟାନ୍ୟ କ୍ଷତିପୂରଣ ପ୍ରଦାନ ନେଇ ଅନୁରୋଧ କରାଯିବ ବୋଲି କୃଷି ଅଧିକାରୀ କହିଛନ୍ତି। ସେହିପରି କ୍ଷତିଗ୍ରସ୍ତ ଚାଷୀ ପ୍ରଧାନମନ୍ତ୍ରୀ ଫସଲବୀମା ସହାୟତା କିପରି ପାଇପାରିବେ ସେ ବାବଦରେ ମଧ୍ୟ ବୀମା କର୍ମଚାରୀଙ୍କ ସହ ଆଲୋଚନା ଜାରି ରହିଛି ବୋଲି ସେ କହିଛନ୍ତି। ଝାରସୁଗୁଡା ଜିଲାରେ ସୃଷ୍ଟି ହୋଇଥିବା ମରୁଡି ପରିସ୍ଥିତି ଯୋଗୁ ଜଳସେଚନ ସୁବିଧା ଠିକ୍‌ଭାବେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ୫ଟି ବୃହତ୍ତ ଉଠାଜଳସେଚନ୍ ପ୍ରକଳ୍ପ ଉଦଘାଟନ କରାଯାଇଛି। ହେଲେ ଏହା ବାସ୍ତବରେ ଜଳସେଚନ କାମରେ ଲାଗୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି।

**ଝାରସୁଗୁଡା ଜିଲା**
- ଆସିଲା ଧାନ କ୍ଷୟକ୍ଷତିର ଯୁଗ୍ମ ରିପୋର୍ଟ
- ୫୦,୪୦୪ ହେକ୍ଟର ଧାନ ଚାଷ ହୋଇଛି
- ୩୧ହଜାର ହେକ୍ଟର ଜମି ମରୁଡିଗ୍ରସ୍ତ
- ଏ ବର୍ଷ ୫ ବୃହତ୍ତ ଉଠାଜଳସେଚନ୍ ପ୍ରକଳ୍ପ
- ଗୋଟିଏ ବି କାମରେ ଲାଗୁ ନାହିଁ

### ଶହୀଦ କରୁଣାକର ଗଡତିଆଙ୍କ ସ୍ମୃତିଚାରଣ ପାଇଁ ପ୍ରସ୍ତୁତି

**କୋଲାବିରା,୨୮।୧୦(ଡି.ଏନ.ଏ.)**

କୋଲାବିରାର ଶହୀଦ କରୁଣାକର ଗଡତିଆଙ୍କ ସ୍ମୃତିଚାରଣ ପାଇଁ ଡିସେମ୍ବର ୨୨ରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ କୋଲାବିରା ରାଜମହଲସ୍ଥିତ ଅସ୍ଥାୟୀ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ସଭାପତି ଅମରେନ୍ଦ୍ର ପ୍ରତାପ ସିଂହ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଭିନ୍ନ କମିଟି ଗଠନ କରାଯାଇଛି। ସ୍ମରଣିକା ପାଇଁ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର, କୀର୍ତ୍ତିଚନ୍ଦ୍ର ବହିଦାର ଏବଂ ଧର୍ମେନ୍ଦ୍ର ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ମହେନ୍ଦ୍ର ନାଏକ, ବୁନ୍ଦେ ଧୁରୁଆ, ପ୍ରଭାକର ଓରାମ, ସୁଶିଲ କୁମାର ଦାସ୍, ବୀରେନ୍ଦ୍ର ମହାପାତ୍ର, ଟଙ୍କଧର ନାଏକ, ପଦ୍ମଲୋଚନ ନାଏକ, ନବୀନ ଚନ୍ଦ୍ର ନାଏକ, ଗୋବିନ୍ଦଚନ୍ଦ୍ର ଭୋଇ, ଈଶ୍ୱର ମହାନନ୍ଦିଆ, କ୍ଷୀରୋଦ ଚନ୍ଦ୍ର କିଶାନ ପ୍ରମୁଖ ଯୋଗ ଦେଇ ଥିଲେ।




ମଦ ଭାଟିକୁ ଘେରି ରହିଛନ୍ତି ମହିଳା।

# ମହିଳା ଘେରିଲେ ମଦଭାଟି

**ଝାରସୁଗୁଡା ଅଫିସ,୨୮।୧୦**

ଝାରସୁଗୁଡାରେ ତୀବ୍ର ହେଉଛି ମଦବିରୋଧୀ ଆନ୍ଦୋଳନ। ଦୁଇଦିନ ପୂର୍ବରୁ ବଢେଇମୁଣ୍ଡା ଠାରେ ମଦବିରୋଧୀ ଶୋଭାଯାତ୍ରା ହୋଇଥିଲା। ହେଲେ ରବିବାର ମହିଳାମାନେ ଏକ ଦେଶୀ ମଦଭାଟିରେ ଭଙ୍ଗାରୁଜା କରିଛନ୍ତି। ମଦଭାଟି ବନ୍ଦ ଦାବିରେ ଏହି ଭଙ୍ଗାରୁଜା ହୋଇଛି। ରବିବାର ମରାକୁଟା, ଜମେରା ଓ ସିଂହାବଗାର ମହିଳାମାନେ ମରାକୁଟା ପଞ୍ଚାୟତର ତିହିଡିପାଲିରେ ଥିବା ସରକାରୀ ଲାଇସେନ୍ସପ୍ରାପ୍ତ ଦେଶୀ ମଦଦୋକାନରେ ଚଢାଉ କରିଥିଲେ। ମହିଳାମାନେ ଭାଟିରେ ପଶି ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରିବା ସହ ଭିତରେ ଥିବା ଦେଶୀ ମଦ ପାଉଚ୍ ଫିଙ୍ଗାଫୋପଡା କରିଥିଲେ। ପ୍ରାୟ ୩ ଘଣ୍ଟା ଧରି ମହିଳାମାନେ ଭାଟିକୁ ଘେରାଉ କରିଥିଲେ। ଖବର ପାଇ ଝାରସୁଗୁଡା ଟାଉନଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରିଥିଲା। ମହିଳାମାନଙ୍କ ଭଙ୍ଗାରୁଜା ଫଳରେ ଭାଟିର ୨ ଲକ୍ଷରୁ ଅଧିକ ଟଙ୍କା କ୍ଷୟକ୍ଷତି ହୋଇଛି ବୋଲି ଭାଟି ମ୍ୟାନେଜର ଦର୍ଶାଇଛନ୍ତି।

### ଅସହାୟ ବୃଦ୍ଧଙ୍କ ଅନ୍ତିମ ସଂସ୍କାର କଲେ ଯୁବଗୋଷ୍ଠୀ

**ଝାରସୁଗୁଡା ଅଫିସ,୨୮।୧୦**

ଝାରସୁଗୁଡା ଗୋଶାଳା ନିକଟରେ ବେଣୁ ମେହେର (୫୦) ନାମକ ଜଣେ ଅସହାୟ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର କରିଛନ୍ତି କିଛି ଯୁବ ଗୋଷ୍ଠୀ। ସେ ପକ୍ଷାଘାତର ଶିକାର ହେତୁ ରୋଗାକ୍ରାନ୍ତ ଥିଲେ। ସ୍ତ୍ରୀ ଘର ଘର ବୁଲି କାମ କରି ପେଟ ପୋଷୁଛନ୍ତି। ପୁଅ ଜେଲରେ। ଶନିବାର ରାତିରେ ବେଣୁ ଆଖି ବୁଜିଥିଲେ। ବେଣୁଙ୍କ ଅନ୍ତିମ ସଂସ୍କାର କରିବା ତାଙ୍କ ସ୍ତ୍ରୀଙ୍କ ପାଇଁ କାଠିକର ପାଠ ହୋଇ ପଡିଥିଲା। ରବିବାର ଏହି ଖବର ପାଇଥିଲେ ଲାଲମୋହନ ରାମଦାସ, ରାହୁଲ ସିଂ, ରୁଦ୍ର ଶାହ, ରଣଧିର ପଣ୍ଡିତ, ସଞ୍ଜୟ ପାଶ୍ୱାନ, ସନୋଜ ମଣ୍ଡଳ, ସୋନୁ ଗୁପ୍ତା, ଅମିତ ଗୁପ୍ତା, ଅମିତ ପଣ୍ଡିତ, ପୱନ ପଣ୍ଡିତ, ସନ୍ତୋଷ ଠାକୁର ଏବଂ କିଶୋର ଶାହ। ଏହାପରେ ସମସ୍ତେ ବେଣୁଙ୍କ ଘରେ ପହଞ୍ଚି କୋକେଇ ଉଠାଇଥିଲେ। ସରବାହାଲ ଶ୍ମଶାନରେ ଅନ୍ତିମ ସତ୍କାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ।

# ଟାଏକୋଣ୍ଡୋ ଖେଳାଳି ସମ୍ବର୍ଦ୍ଧିତ

**ଝାରସୁଗୁଡା ଅଫିସ,୨୮।୧୦**

ଝାରସୁଗୁଡା ଜିଲା ସବ-ଜୁନିୟର ଟାଏକୋଣ୍ଡୋ ଦଳ ଭଦ୍ରକରେ ଅନୁଷ୍ଠିତ ଆନ୍ତଃଜିଲା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଛି। ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ୯ ଜଣ ପଦକ ହାତେଇଛନ୍ତି। ଜିନିସ୍ ସେଠି, ବିଦିଶା ଦାସ, ସଂକ୍ରିତି ପାଣିଗ୍ରାହୀ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ମିନାକ୍ଷୀ ପଟେଲ, ଆଦିତ୍ୟ ମହନ୍ତ ରୌପ୍ୟ ପଦକ ଏବଂ ଦୀପିକା ଚଇନି, ଅନୁଶୀ ସିଭାରା, ସାଗନ ରାଉତ ଓ ଖୁସୁବୁ ଚଇନି କାଂସ୍ୟ ପଦକ ପାଇଛନ୍ତି। କୃତୀ ପ୍ରତିଯୋଗିଙ୍କୁ ଟାଏକୋଣ୍ଡୋ ଆସୋସିସନ ପକ୍ଷରୁ ସ୍ଥାନୀୟ ଏକ ହୋଟଲରେ ରବିବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଆସୋସିଶନର ଅଧ୍ୟକ୍ଷ ଅଭିଷେକ ଲାଠ୍, ଜିଲା କ୍ରୀଡାସଂଘ ବିଜୟ ବେହେରା, ତାପସ ରାୟ ଚୌଧୁରୀ, ଜୀବନ ମହାନ୍ତି, କୋଚ୍ ସୁନ୍ଦରମଣି ପଟେଲ ମଞ୍ଚାସୀନ ହୋଇ ପ୍ରତିଯୋଗୀ ଦଳକୁ ସମ୍ମାନିତ କରିଥିଲେ। ପ୍ରଜ୍ୱଲ କୁମାର ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ଗଣେଶ ନାୟକ, ଅଶ୍ୱିନୀ ପାଣ୍ଡେ, ପ୍ରଶାନ୍ତ ଜେନା, ନରେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସୀମା ଡେଇଁଗଲେ ପୂର୍ବତନ ବିଡିଓଙ୍କ ସ୍ତ୍ରୀ

**ଝାରସୁଗୁଡା ଅଫିସ,୨୮।୧୦**

ଝାରସୁଗୁଡା ବେହେରାମାଲ ଲକ୍ଷ୍ମୀପୂଜା ପରିସରରେ ଦୁଇଜଣ ମହିଳାଙ୍କ ଔଦ୍ଧତ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବିଷୟ ହୋଇଛି। ସବୁ ସୀମା ଡେଇଁ ଯାଇ ଏହି ମହିଳା ଦୁଇଜଣ ପୂଜା କମିଟି ସଦସ୍ୟଙ୍କୁ ଗାଳିଗୁଲଜ କରିଥିଲେ। ଶାର୍ଟ ଟାଣି ଚାପୁଡା ମରିଥିଲେ। ଏପରିକି ଚପଲରେ ପିଟିଥିବା ମଧ୍ୟ ଅଭିଯୋଗ ହୋଇଛି। କେବଳ ମହିଳାଙ୍କ ସମ୍ମାନ ରକ୍ଷା କରିବାକୁ ଯାଇ ପୂଜା କମିଟି ସଦସ୍ୟ ପ୍ରତିଆକ୍ରମଣ କରି ନ ଥିଲେ। ହେଲେ ଏ ବାବଦରେ ଝାରସୁଗୁଡା ଟାଉନ ଥାନାରେ ଏତଲା ଦେଇଛନ୍ତି। ଏତଲାକ୍ରମେ ଟାଉନଥାନାରେ ଏକ ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସାବିତ୍ରୀ ବଳ କହିଛନ୍ତି। ଅଭିଯୁକ୍ତ ଦୁଇ ମହିଳାଙ୍କ ମଧ୍ୟରୁ ଜଣେ କୋଲାବିରାର ପୂର୍ବତନ ବିଡିଓଙ୍କ ସ୍ତ୍ରୀ । ଅନ୍ୟଜଣେ ତାଙ୍କ ବନ୍ଧୁ। ଏହି ଦୁଇ ମହିଳାଙ୍କ କାରନାମାକୁ ସ୍ଥାନୀୟ ଲୋକ ନିନ୍ଦା କରିଛନ୍ତି। ଘଟଣା ମୁତାବକ ଝାରସୁଗୁଡା ବେହେରାମାଲ ରାଧାମାଧବ ମନ୍ଦିର ପରିସରରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେଉଛି। ଶୁକ୍ରବାର ରାତି ପ୍ରାୟ ୯.୩୦ରେ ପୂର୍ବତନ ବିଡିଓଙ୍କ ସ୍ତ୍ରୀ ଏବଂ ତାଙ୍କର ଜଣେ ମହିଳା ବନ୍ଧୁ ମେଢ ଦେଖିବାକୁ ଯାଇଥିଲେ। ଚପଲ ପିନ୍ଧି ଭିତରକୁ ପ୍ରବେଶ କରୁଥିବା ବେଳେ ପୂଜା କମିଟି ତରଫରୁ ବାରଣ କରାଯାଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବିଡିଓଙ୍କ ସ୍ତ୍ରୀ ଏବଂ ତାଙ୍କ ବନ୍ଧୁ ପୂଜା କମିଟି ସଦସ୍ୟଙ୍କୁ ଗାଳିଗୁଲଜ, ଭର୍ତ୍ସନା କରିବା ସହ ମାଡପିଟ କରିବାକୁ ମଧ୍ୟ ପଛାଇ ନ ଥିଲେ। ଦୁହେଁ ମହିଳା ହୋଇଥିବାରୁ ପୂଜା କମିଟି ସଦସ୍ୟ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରିଥିଲେ। ଶନିବାର ପୂଜା କମିଟିର ସମସ୍ତ ସଦସ୍ୟ ଝାରସୁଗୁଡା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଏକ ମାମଲା ରୁଜୁ କରିଛି। ଦୁଇ ମହିଳାଙ୍କୁ ରବିବାର ପ୍ରାୟ ୪ ଘଣ୍ଟା କାଳ ଥାନାରେ ବସାଇ ଜେରା କରିଛି ପୋଲିସ।

**ଝାରସୁଗୁଡା ବେହେରାମାଲ ଲକ୍ଷ୍ମୀପୂଜା କମିଟି**
- ଚପଲ ପିନ୍ଧି ପୂଜା ମଣ୍ଡପକୁ ପ୍ରବେଶ କରୁଥିଲେ
- ବାରଣ କରିବାରୁ ଗାଳି, ଚପଲରେ ମାଡ
- ମହିଳା ବୋଲି କିଛି କହିଲାନି ପୂଜା କମିଟି
- ୪ ଘଣ୍ଟା ଥାନାରେ ଜେରା କଲା ପୋଲିସ

# ସିଂହାରପୁର ଶିବ ମନ୍ଦିରରେ ସତ୍‌ସଙ୍ଗ

**ଲଖନପୁର,୨୮।୧୦(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ସିଂହାରପୁର ଝାଡେଶ୍ୱର ଶିବ ମନ୍ଦିରରେ ରବିବାର ସତ୍‌ସଙ୍ଗ କମିଟି ତରଫରୁ ତ୍ରୟମାସିକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଜଳାଶୟରୁ ୧୦୮କଳସରେ ଜଳ ଆଣି ସତ୍‌ସଙ୍ଗ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏଥିରେ ଜଗତସିହପୁର ଜିଲା ତିର୍ତ୍ତୋଲ ଅରିଲୋ ଶିଶୁ ଅନନ୍ତ ଅଶ୍ରମର ପ୍ରମୁଖ ବାବା ବଳିଆ ଯୋଗଦେଇ ପ୍ରଥମେ ଝାଡେଶ୍ୱର ବାବାଙ୍କ ନିକଟରେ ପୂଜାଅର୍ଚ୍ଚନା କରିଥିଲେ। ତାପରେ ବାବା ବଳିଆ ସତ୍‌ସଙ୍ଗ ପ୍ରବଚନ ଦେଇଥିଲେ। ଏଥିରେ ନର୍ମଦା ମଠର ମଠାଧିଶ ବାବା ପ୍ରସାଦ, ବ୍ରହ୍ମଚାରୀ ଗୋପାଳ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ୨୦ପରିବାର ବାବା ବଳିଆଙ୍କ ନିକଟରୁ ଗୁରୁମନ୍ତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବେହେରାମାଲର ସମ୍ପ୍ରଦା ଦଳ ଓ ସୁନ୍ଦରଗଡର ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ବିଧାୟିକା ରାଧାରାଣି ପଣ୍ଡା ଅତିଥି ଭାବେ ଉପସ୍ଥିତ ଥିଲେ। ତେବେ ଶିଶୁ ଅନନ୍ତ ଆଶ୍ରମ ତରଫରୁ ମନ୍ଦିର ପରିସରରେ ଏକ ୱାସିଂବେସିନ ସହିତ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯିଛି। ଏହାକୁ ବାବା ବଳିଆ ଲୋକାର୍ପିତ କରିଥିଲେ। ମଳୟ ଆଚାର୍ଯ୍ୟ, ନିରଞ୍ଜନ ଦଣ୍ଡସେନା, ଦେବାର୍ଚ୍ଚନ ସରାଫ, କାଶୀନାଥ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ ଓ ମଦନାନନ୍ଦ ସେଠ୍ ପ୍ରମୁଖ ସହଯୋଗ କରିଥିଲେ।



ସିଂହାରପୁର ଶିବମନ୍ଦିରରେ ବାବା ବଳିଆ ପ୍ରବଚନ ଦେଉଛନ୍ତି ।

■ ଧୁଲୁଣ୍ଡା ଜୟ ମା' ସାଏପାଟ କ୍ରିକେଟ୍ ଟୁର୍ନାମେଣ୍ଟ

# ଓଡ଼ିଶାକୁ ହରାଇ ଛତିଶଗଡ଼ ଚାମ୍ପିୟନ

**ଲଖନପୁର,୨୮।୧୦(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା ଚାରପାଲି ପଞ୍ଚାୟତ ଧୁଲୁଣ୍ଡା ଗ୍ରାମ ମହାରାଜା କ୍ରିକେଟ୍ ଆସୋସିଏଶନ୍ ତରଫରୁ ଜୟ ମା' ସାଏପଟ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟ ଗତ ୧୪ତାରିଖରୁ ଆରମ୍ଭ ହୋଇଥିଲା। ଏଥିରେ ପଡୋଶୀ ଛତିଶଗଡ ଓ ଓଡିଶାର ସମୁଦାୟ ୪୮ଦଳ ଅଂଶଗ୍ରହଣ କରିଥିଲେ। ଛତିଶଗଡ କୁସମୁଦା ଦଳ ଓ ଓଡିଶାର ରେମତା ଦଳ ମଧ୍ୟରେ ଫାଇନାଲ୍ ଖେଳା ଯାଇଥିଲା। ରେମତା ଦଳ ପ୍ରଥମେ ଟସ୍ ଜିତି ୧୪ ଓଭରରେ ୯ ଉଇକେଟ୍ ହରାଇ ୧୧୦ରନ୍ କରିଥିଲେ। ଜବାବରେ ଛତିଶଗଡ କୁସମୁଦା ଦଳ ୧୨ ଓଭର ୨ ବଲ୍‌ରେ ୭ ଉଇକେଟ୍ ହରାଇ ୧୧୨ରନ୍ କରି ବିଜୟୀ ହୋଇଛି। ବିଜେତା କୁସମୁଦା ଦଳକୁ ଚାମ୍ପିୟନ ଟ୍ରଫି ସହ ୮ହଜାର ଟଙ୍କା ଓ ଉପବିଜେତା ରେମତା ଦଳକୁ ରନର୍ସ ଟ୍ରଫି ସହ ୫ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ତରୁଣ ମେହେର ଓ ଶଶିଭୂଷଣ ମେହେର ଆମ୍ପାୟାର ଭାବେ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଚାରପାଲି ସରପଞ୍ଚ ପ୍ରଦୀପ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବିଶ୍ୱନାଥ ନାୟକ, ସଙ୍ଗୀତ ପ୍ରଧାନ, ଶମ୍ଭୁ ମହାନ୍ତି, ରବିରନ୍ ପ୍ରଧାନ, ପ୍ରେମ କୁମାର ଖମାରୀ, ସୁଦମ ମାହାର ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରାଜେଶ ପୂଜାରୀ, ସୁଶାନ୍ତ ଭୋଇ, କ୍ଷୀରସାଗର ବିଶ୍ୱାଳ, ମହେଶ ପ୍ରଧାନ, ପ୍ରମୋଦ ସା, ଦିପେନ ବିଶ୍ୱାଳ, ମିଥୁନ ମେହେର, ପ୍ରତାପ ବିଶ୍ୱାଳ, ପଦ୍ମଲୋଚନ ସୁରେନ, ରୁଦ୍ରଚରଣ ବିଶ୍ୱାଳ, ଦେବ କୁମାର ମେହେର ପ୍ରମୁଖ ସହଯୋଗ କରିଥିଲେ।



ବିଜେତା ଦଳକୁ ଅତିଥି ବିଶ୍ୱନାଥ ନାୟକ ଚାମ୍ପିୟନ୍ ଟ୍ରଫି ପ୍ରଦାନ କରୁଛନ୍ତି ।

# କମ୍ପାନୀ ଚାପରେ ପୋଲିସ, ପ୍ରଶାସନ


**ଝାରସୁଗୁଡା ଅଫିସ,୨୮।୧୦**

ନଭେଲି ଲିଗ୍‌ନାଇଟ୍ ପାୱାର ପ୍ଲାଣ୍ଟ ପାଇଁ ଜଙ୍ଗଲ ଜମି ସର୍ଭେ କରିବାକୁ ରାମପୁର ଯାଇଥିବା ଆଦାନୀ ଗ୍ରୁପ୍‌ର ଜଣେ କର୍ମଚାରୀଙ୍କୁ ମାଡ ମାରିବା ଘଟଣାରେ ବଡମାଲ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୟନାରାୟଣ ରାଉତ, କ୍ଷମାଶୀଳ ଭୋଇ ଓ ଯଦୁମଣି ରକ୍ସା। ଏହି ଆକ୍ରମଣରେ ଆଦାନୀ ଗ୍ରୁପରେ ଜୟ ପ୍ରକାଶ ନାରାୟଣ ଆହତ ହୋଇଛନ୍ତି। ଆହତଙ୍କ ଏତଲାକ୍ରମେ ବଡମାଲ ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଅମିତାଭ ପଣ୍ଡା କହିଛନ୍ତି।

ଝାରସୁଗୁଡା ସଦର ବ୍ଲକ୍ ଅନ୍ତର୍ଗତ ପତ୍ରାପାଲି ଅଞ୍ଚଳରେ ୩୨୦୦ ମେଗାୱାଟ୍ ବିଶିଷ୍ଟ ତାପଜ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ହେବାକୁ ଯାଉଛି। ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଜମିର ୫୦%ରୁ ଅଧିକ ଜଙ୍ଗଲ ଜମି। ଏହି ଜଙ୍ଗଲ ଜମିରେ ଚାଷ କରି ଏବଂ ଘର କରି ରହିଛନ୍ତି ହୀରାକୁଦ ବିସ୍ଥାପିତ। ଏମାନେ ପୂର୍ବରୁ ବିସ୍ଥାପିତ। ପୁନର୍ବାର ବିସ୍ଥାପିତ ଆଶଙ୍କାରେ ସ୍ଥାନୀୟ ବାସିନ୍ଦା ରହିଛନ୍ତି। ସେଥିପାଇଁ ବିସ୍ଥାପନ ପୂର୍ବରୁ କମ୍ପାନୀ ନିଜର ନୀତି ସ୍ପଷ୍ଟ କରିବାକୁ ଗାଁ ଲୋକ ଦାବି କରି ପ୍ରକଳ୍ପକୁ ବିରୋଧ କରୁଛନ୍ତି। ଏଣୁ ଗତ କିଛିଦିନ ପୂର୍ବରୁ ରାମପୁର ଠାରେ ଏକ ପାନୀୟଜଳ ପ୍ରକଳ୍ପକୁ ବିରୋଧକରି ଲଙ୍କାକାଣ୍ଡ ଘଟିଥିଲା। ସେତେବେଳେ ବି ଗାଁ ଲୋକ ବିସ୍ଥାପନ ଏବଂ କ୍ଷତିପୂରଣ ନୀତି ସ୍ପଷ୍ଟ କରିବାକୁ କହିଥିଲେ। କିନ୍ତୁ ଏହା ନ କରି ନଭେଲି ଲିଗ୍‌ନାଇଟ୍ କମ୍ପାନୀ ଜମି ସର୍ଭେ କାମରେ ଆଦାନୀ ଗ୍ରୁପକୁ ନିୟୋଜିତ କରି କାମ ଆରମ୍ଭ କରିଛି।

ଶନିବାର ଆଦାନୀ ଗ୍ରୁପର ସର୍ଭେୟର ଜୟ ପ୍ରକାଶ ନାରାୟଣ ଏବଂ ଅନ୍ୟ ୫ ଜଣ ପତ୍ରାପାଲି ଜଙ୍ଗଲ ଜମି ସର୍ଭେ କରିବାକୁ ଯାଇଥିଲେ। କିନ୍ତୁ ଲୋକେ ସର୍ଭେ କରିବାକୁ ମନା କରିଥିଲେ। ଲୋକଙ୍କ ବାରଣ ଯୋଗୁ ପୂର୍ବାହ୍ନରେ ଫେରିଯାଇଥିବା ଆଦାନୀ କର୍ମଚାରୀ ପୁଣିଥରେ ଅପରାହ୍ନରେ ସର୍ଭେ କରିବାକୁ ଯାଇଥିଲେ। ସେହି ସମୟରେ ଜଙ୍ଗଲକୁ ଯାଉଥିବା ପତ୍ରାପାଲି ଏବଂ ଦୁମେରମୁଣ୍ଡାର କିଛି ଲୋକ ପୁଣିଥରେ କମ୍ପାନୀ କର୍ମଚାରୀଙ୍କୁ ମନା କରିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପ୍ରଥମେ ଆଦାନୀ କର୍ମଚାରୀ ଗାଁ ଲୋକଙ୍କ ହାତରୁ ଠେଙ୍ଗା ଛଡାଇବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ହାତାହାତି ଆରମ୍ଭ ହୋଇଥିଲା। ଗାଁ ଲୋକଙ୍କ ମାଡରେ ଜୟ ପ୍ରକାଶ ନାରାୟଣ ଆହତ ହୋଇଥିବା ବେଳେ କମ୍ପାନୀ କର୍ମଚାରୀଙ୍କ ମାଡରେ ଗାଁ ଲୋକ ମଧ୍ୟ ଆହତ ହୋଇଥିଲେ। ହେଲେ ନୀରିହ ଗାଁ ଲୋକ ନୀରବ ରହିଥିଲେ। ଅନ୍ୟପକ୍ଷରେ ଏହି ଘଟଣାରେ ଜୟ ପ୍ରକାଶ ନାରାୟଣଙ୍କ ଏତଲାକ୍ରମେ ବଡମାଲ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ନଭେଲି ଲିଗନାଇଟ୍ ସ୍ଥାପନକୁ କେନ୍ଦ୍ରକରି ସ୍ଥାନୀୟ ପତ୍ରାପାଲି, ରାମପୁର ଅଞ୍ଚଳରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ଓ ପ୍ରଶାସନ କମ୍ପାନୀ ଚାପରେ କାମ କରୁଛି। ଆଗାମୀ ଦିନରେ ଏହା ଉଗ୍ରରୂପ ନେବା ଆଶଙ୍କା କରାଯାଉଛି।

- ଆଦାନୀ କର୍ମଚାରୀଙ୍କୁ ମାଡ ଘଟଣା, ୩ ଗିରଫ
- ନଭେଲି ସ୍ଥାପନକୁ ନେଇ ଅସନ୍ତୋଷ ବଢୁଛି



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ



## ସଂକ୍ଷେପରେ

### କୋର୍ଟକୁ ଜାମିନ ଦରଖାସ୍ତ ପଠାଇବାକୁ ଟଙ୍କା ମାଗୁଛନ୍ତି ଜେଲ କର୍ତ୍ତୃପକ୍ଷ

**ରେଢ଼ାଖୋଲ,୨୮।୧୦(ଡି.ଏନ.ଏ.)-** ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ଗତ ସେପ୍ଟେମ୍ବର ୬ ତାରିଖଠାରୁ ରେଢ଼ାଖୋଲ ଓକିଲ ସଂଘ ପକ୍ଷରୁ କାର୍ଯ୍ୟାବନ୍ଦ ଆନ୍ଦୋଳନ କରାଯାଉଛି। ଏଥି ଯୋଗୁ ବିଭିନ୍ନ ଥାନାରୁ ଗିରଫ ହୋଇ ଆସୁଥିବା ଅଭିଯୁକ୍ତମାନେ ଜାମିନ ଆବେଦନ କରି ନ ପାରି ଜେଲ ହାଜତକୁ ଯାଉଛନ୍ତି। ଗତ ପ୍ରାୟ ୧ ମାସ ହେବ ଅଭିଯୁକ୍ତମାନେ ଜେଲ ହାଜତରେ ରହୁଛନ୍ତି। ହେଲେ ଓକିଲଙ୍କ ଏହି ଆନ୍ଦୋଳନ ଜେଲ କର୍ତ୍ତୃପକ୍ଷଙ୍କୁ ସୁହାଇଛି। ଜେଲରେ ଥିବା ଅଭିଯୁକ୍ତଙ୍କ ଲାଗି ଜେଲ ଭିତରୁ ଜାମିନ ଦରଖାସ୍ତ କୋର୍ଟକୁ ପଠାଇବା ପାଇଁ ସମ୍ପର୍କୀୟଙ୍କଠାରୁ ଜେଲ କର୍ତ୍ତୃପକ୍ଷ ଅର୍ଥ ଦାବି କରୁଥିବା ଅଭିଯୋଗ ହୋଇଛି। ଗତ ସେପ୍ଟେମ୍ବର ମାସଠାରୁ ଏହି କାର୍ଯ୍ୟ ଚାଲୁ ରହିଛି। ଖୋଦ ସବ ଜେଲର ମାମଲାକୁ ଦେଖି ୮ଶହରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଜାମିନ ଦରଖାସ୍ତ କୋର୍ଟକୁ ପଠାଇବା ପାଇଁ ଦାବି କରୁଛନ୍ତି। ଏ ନେଇ ଅଭିଯୁକ୍ତମାନଙ୍କ ସମ୍ପର୍କୀୟ ମାନେ ଓକିଲମାନଙ୍କଠାରେ ବାରମ୍ବାର ଅଭିଯୋଗ କରିବାପରେ ଘଟଣା ପଦାକୁ ଆସିଛି। ଜେଲରୁ ଜାମିନ ଦରଖାସ୍ତ ପାଇଁ ଅର୍ଥଦାବି ଘଟଣା ରେଢ଼ାଖୋଲ ସହରରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏ ଘଟଣାକୁ ନେଇ ଓକିଲମାନଙ୍କ ମଧରେ ମଧ ତିବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି। କେତେକ ଅଭିଯୁକ୍ତଙ୍କ ସମ୍ପର୍କୀୟ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଏହି ଘଟଣାକୁ ନେଇ ରେଢ଼ାଖୋଲ ସବ ଜେଲର ଶରତଚନ୍ଦ୍ର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହିନ ଓ ମିଛ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୬ ତାରିଖଠାରୁ ଅକ୍ଟୋବର ୨୭ ତାରିଖ ପର୍ଯ୍ୟନ୍ତ ଓକିଲଙ୍କ ଆନ୍ଦୋଳନ ଯୋଗୁ ସମୁଦାୟ ୬୩ ଜଣ ଅଭିଯୁକ୍ତ ବିଭିନ୍ନ ମାମଲାରେ ଜେଲକୁ ଆସିଥିବା ବେଳେ ଏମାନଙ୍କ ମଧରୁ ୫୦ଜଣ ଅଭିଯୁକ୍ତ ଜାମିନରେ ମୁକୁଳିଛନ୍ତି। ଏମାନଙ୍କ ମଧରୁ ଅକ୍ଟୋବର ୧ରୁ ୧୨ ତାରିଖ ମଧରେ ଓକିଲ ନିଯୁକ୍ତ କରି କେତେକ ଅଭିଯୁକ୍ତ ଜାମିନରେ ଯାଇଥିବା ବେଳେ ଅନ୍ୟମାନେ ଜେଲରୁ ଜାମିନ ଦରଖାସ୍ତ କରି ମୁକୁଳିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଜେଲରୁ ଜାମିନ ଦରଖାସ୍ତ ଲେଖାଯାଇ ସବ ଜେଲରଙ୍କ ଦ୍ୱାରା ଅନୁମୋଦନ କରାଯିବା ପରେ କୋର୍ଟକୁ ପଠାଯାଇଥାଏ। ଏହାର ସୁଯୋଗ ନେଇ ଜେଲ କର୍ତ୍ତୃପକ୍ଷ ଅଭିଯୁକ୍ତମାନଙ୍କ ସମ୍ପର୍କୀୟମାନଙ୍କଠାରୁ ଟଙ୍କା ଦାବି କରୁଥିବା ଅଭିଯୋଗ ହୋଇଛି। ଓକିଲ ସଂଘ ସମ୍ପାଦକ ଗଣେଶ୍ୱର ପ୍ରଧାନ କହିଛନ୍ତି ଯେ, ଏଭଳି ଅଭିଯୋଗ ଓକିଲ ବନ୍ଧୁ ପାଉଛନ୍ତି। ସେ ନିଜେ ବିଚାରଧୀନ ଅଭିଯୁକ୍ତମାନଙ୍କ ସମ୍ପର୍କୀୟଙ୍କଠାରୁ ଅଭିଯୋଗ ପାଇଛନ୍ତି। ଅନ୍ୟପକ୍ଷେ ସଚେତନ ନାଗରିକ ଅନାଦିଚରଣ ସାହୁ କହିଛନ୍ତି ଯେ, ଏହା ଜମା ବି ଗ୍ରହଣୀୟ ନୁହେଁ।

ପାରମ୍ପରିକ ସାଂସ୍କୃତିକ କଳା ପ୍ରତିଯୋଗିତା ସମାରୋହ

# କଳାପ୍ରତିଭା ଦେଖାଇଲେ କଳାକାର



ସାଂସ୍କୃତିକ କଳା ପରିଷଦ ପ୍ରତିଯୋଗିତା ସମାରୋହରେ ମଞ୍ଚାସୀନ ଅତିଥି, ପ୍ରିୟାଜ୍ୟୋତିର କର୍ମକର୍ତ୍ତା।

**ବାଲିଶଙ୍କରା, ୨୮।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଶାଗବାହାଲ ପଞ୍ଚାୟତ ମଙ୍ଗରକୁଣ୍ଡା ଗ୍ରାମ ପ୍ରିୟାଜ୍ୟୋତି ସାଂସ୍କୃତିକ କଳା ପରିଷଦ ତରଫରୁ ସାଂସ୍କୃତିକ କଳା ପରିଷଦ ପ୍ରତିଯୋଗିତା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ କଳା ପରିଷଦର କଳାକାର ଯୋଗଦେଇ ନିଜ ଅଞ୍ଚଳର କଳା ପ୍ରତିଭା ଦେଖାଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ତଳସରା ବିଧାୟକ ଡ. ପ୍ରଫୁଲ୍ଲ ମାଝି ଯୋଗଦେଇ ଫିତା କାଟି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଦିବସରେ ବାଲିଶଙ୍କରା ବିଡିଓ ଅଭିମନ୍ୟୁ ବେହେରା ଯୋଗଦେଇ ପାରମ୍ପରିକ ସାଂସ୍କୃତିକ କଳା ପ୍ରଦର୍ଶନୀ ଦେଖାଇବା ସହିତ କଳାକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ।

**ବାଲିଶଙ୍କରା ବ୍ଲକ**
- ୧୨ ସାଂସ୍କୃତିକ କଳା ପରିଷଦର ଯୋଗଦାନ
- ପ୍ରଥମ ସ୍ଥାନ ଶାଗଯୋରୀ, ଦ୍ୱିତୀୟ ଖମାରୀମୁଣ୍ଡା

ସମ୍ମାନିତ ଅତିଥି ଭାବେ ଶାଗବାହାଲ ସରପଞ୍ଚ ଶାନ୍ତନୁ ନାଏକ, ଜିପିଓ ନଗେନ୍ଦ୍ର ନାଥ ନାଏକ, ପ୍ରଦୀପ କୁମାର ନନ୍ଦ, କଳାପରିଷଦ ସଭାପତି ଫୁଲବେନସିଆ ଟପ୍ପୋ, ଜୟମନୀ ଲାକଡା, ଏଲିନ ଟପ୍ପୋ, ମାଧୁରୀ ସରେଙ୍ଗ, ଜାସିନା ତିର୍କି ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ସମାରୋହରେ ୧୨ଟି ସାଂସ୍କୃତିକ କଳା ପରିଷଦ ଯୋଗ ଦେଇଥିଲେ। ବେଘାବେର୍ଣ୍ଣ, କାଦୋପାନୀ, ସାଗଯୋରୀ, ଖମାରୀମୁଣ୍ଡା, ମଙ୍ଗରକୁଣ୍ଡା, ସୁନ୍ଦରଗଡ, ରତନପୁର, କିରାଲଗା, ଶାଗବାହାଲ ଆଦି କଳା ପରିଷଦ ଯୋଗଦେଇ ନିଜ ଅଞ୍ଚଳର କଳା ସାଂସ୍କୃତିକ ପ୍ରଦର୍ଶନ କରି ଲୋକଙ୍କ ମନୋରଞ୍ଜନ କରିଥିଲେ। ସେଥିମଧ୍ୟରୁ ପ୍ରଥମ ସ୍ଥାନ ଶାଗଯୋରୀ, ଦ୍ୱିତୀୟ ଖମାରୀମୁଣ୍ଡା, ତୃତୀୟ କିରାଲଗା ଅଧିକାର କରିଛନ୍ତି। ସହଯୋଗର ହାତ ବଢ଼ାଇଥିଲେ ରୋଶନ ଟପ୍ପୋ, ମାଇକେଲ କେରକେଟା। ଫିଲିବ ତିର୍କି, ଯୋହାନ ଟପ୍ପୋ, ସହଦେବ ଟପ୍ପୋ, ଅମ୍ରିତ ଲାକଡା, ଆନଥେରସ କେରକେଟା ସକ୍ରିୟ ଭାବେ କାର୍ଯ୍ୟଭାର ତୁଲାଇଥିଲେ। ଶେଷରେ ମାଇକେଲ କେରକେଟା ଧନ୍ୟବାଦ ଅର୍ପଣ କରିଥିଲେ।



ତଳସରା ବିଧାୟକ ଡ. ପ୍ରଫୁଲ୍ଲ ମାଝି ଓ ଜର୍ଜ ତିର୍କୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ତଳସରା ବିଧାୟକଙ୍କୁ ସମ୍ବର୍ଦ୍ଧନା ସମାରୋହ

## ବିଜେଡି, ଭାଜପାରୁ ୯ଜଣ କଂଗ୍ରେସରେ ମିଶିଲେ

**ବାଲିଶଙ୍କରା, ୨୮।୧୦ (ଡି.ଏନ.ଏ)**

ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶ୍ରେଷ୍ଠ ବିଧାୟକ ରୂପେ ସମ୍ମାନିତ ହୋଇଥିବାରୁ ବାଲିଶଙ୍କରା ସବଡେଗା ଦୁଇ ବ୍ଲକର କଂଗ୍ରେସ କର୍ମୀଙ୍କ ପକ୍ଷରୁ ତଳସରା ବିଧାୟକ ଡ. ପ୍ରଫୁଲ୍ଲ ମାଝିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ରବିବାର ବିଧାୟକ ଡ. ମାଝି ଓ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କୁ ତଳସରା ବଜାର ଦାଣ୍ଡ ପରିସରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସବଡେଗା ବ୍ଲକରୁ କଂଗ୍ରେସ କର୍ମୀମାନେ ବାଇକ ରାଲି ଯୋଗେ ମାଝି ଓ ତିର୍କୀଙ୍କୁ ବାଲିଶଙ୍କରା ଦେଇ ଶେଷରେ ତଳସରା ଛକ ବଜାର ଦାଣ୍ଡ ପରିସରରେ ଆଦିବାସୀ ବାଜା ଓ ନାଚ ଗୀତରେ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ବେଣୁ ମାଧବ ତ୍ରିପାଠୀ, ପ୍ରଦେଶ କଂଗ୍ରେସ ସମ୍ପାଦକ ପ୍ରଫୁଲ୍ଲ ସୁନାନୀ, ଜିଲା କଂଗ୍ରେସ କାର୍ଯ୍ୟକାରିଣୀ ସଭାପତି ଅଜୟ କୁମାର ବହିଦାର ଓ ରାଜେନ ଏକ୍କା, ଗ୍ରୁପ ସଭାପତି ସଦସ୍ୟା ସଂଯୁକ୍ତା ଦାଶ, ସବିତା ଆପଟ୍ଟ, ଅଞ୍ଜୁ ଟପ୍ପୋ, ବିଧାୟକ ପ୍ରତିନିଧି ପୁରୁଷୋତ୍ତମ ବାରିକ, ବାଲିଶଙ୍କରା ବ୍ଲକ କଂଗ୍ରେସ ସଭାପତି ସୁଧାଂଶୁ ପଶାୟତ, ବରିଷ୍ଠ କଂଗ୍ରେସ ନେତା ଦିବ୍ୟଶଙ୍କର ସା ପ୍ରମୁଖ ଯୋଗଦେଇଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ୯ଜଣ ବିଜେଡି ଭାଜପା ଦଳର ନେତ୍ରାମଣି ରାଉତ, ଶରତ ସିଂ, ଅମ୍ରିତ ତିର୍କି, ବିଜୁ ମାଝୀ, ଅମିନ କିଷାନ, ମେଘନାଥ ସିଂ, ଦୁବରାଜ ବାରସତିଆ, ନରେଶ ସିଂ, ଶରତ ଧରାଇ ପ୍ରମୁଖ କଂଗ୍ରେସରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ମାଝୀ ଓ ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ ପଟେଲ ମଧ ଉପସ୍ଥିତ ଥିଲେ। ଶେଷରେ ଜିଲା ସେବାଦଳ ସଭାପତି ଧାନୀ ଡୁଙ୍ଗଡୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।





ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକ ଖେଳାଳିଙ୍କ ସହିତ ପରିଚିତ ହେଉଛନ୍ତି (ବାମ) ଉଭୟ ଦଳର ଖେଳାଳି ଓ କର୍ମକର୍ତ୍ତା।

ସୁନ୍ଦରଗଡ଼ ଜିଲା ଫୁଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

# ମହିପାନୀ କ୍ଲବ ୩–୧ ଗୋଲରେ ବିଜୟୀ

**ସୁନ୍ଦରଗଡ଼, ୨୮।୧୦ (ଡି.ଏନ୍.ଏ)**

ଜିଲା କ୍ରୀଡାସଂସଦ ଆନକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମଠାରେ ଜିଲା ଫୁଟବଲ ଚାମ୍ପିୟନ୍‌ଶିପ୍-୨୦୧୮ ରବିବାର ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତାରେ ଜିଲାର ମୋଟ ୩୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ମହିପାନୀ ଫୁଟବଲ କ୍ଲବ ଏବଂ ରାଧାକୃଷ୍ଣ କ୍ଲବ ସମରଡିହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ କରିପାରି ନ ଥିଲେ। ଫଳରେ ପେନାଲଟି ସୁଟ୍ ଆଉଟ ମାଧ୍ୟମରେ ମହିପାନୀ କ୍ଲବ ୩–୧ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଖେଳକୁ ରେଫରୀ ନିତ୍ୟାନନ୍ଦ ମେହେର, ପ୍ରଦୀପ ପ୍ରଧାନ, ରବାନୀ କିଷାନ, ରୋମାଞ୍ଚ ଭୈଷାଁଲ ପରିଚାଳନା କରିଥିଲେ। ଜାତୀୟ ରେଫରୀ ଦୁର୍ଗାମାଧବ ନାଏକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଜିଲା କ୍ରୀଡ ସଂସଦର କାର୍ଯ୍ୟକାରୀ ସଭାପତି ହସନ ଇମାମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ବିବରଣୀ ପାଠ କରିଥିଲେ। ଦୁର୍ଗାମାଧବ ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି କାର୍ତ୍ତିକ ବରିହା, ଚିତ୍ତରଞ୍ଜନ ବହିଦାର, ରାଜେନ୍ଦ୍ର ମହାନ୍ତି, ପୌଷଚନ୍ଦ୍ର ପଟେଲ, ସହ ସମ୍ପାଦକ ଜୟଦେବ ପାତ୍ର, ବୀରମିତ୍ର କାଲୋ, ବିମଲ ବୋଷ, ବିଶ୍ୱରଞ୍ଜନ ହୋତା, ପ୍ରସାଦ ନାଏକ, ସୁଶୀଳ ପଟେଲ, ଯଦୁମଣି ପୂଜାରୀ, ଅଜୟ ବହିଦାର, ଶିଶିର ପଟେଲ ପ୍ରମୁଖ ସଂଘର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଫୁଟବଲ ସମ୍ପାଦକ ନିତ୍ୟ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିମଳାଗଡରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଲହୁଣୀପଡା, ୨୮।୧୦ (ଡି.ଏନ.ଏ)**

କେ.ବଲାଙ୍ଗ ଥାନା ଅନ୍ତର୍ଗତ ବିମଳାଗଡଠାରେ ଶନିବାର ବିଜୁ ଜନତା ଦଳ (ବିଜେଡ଼ି) ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କୋଇଡା ବ୍ଲକ (କ) ଜୋନର ବିମଳାଗଡ ଗୋପନା, କେ. ବଲାଙ୍ଗ, ଚୋରଧରା ଜାମୁଡିହି ସାନ ରାକ୍ସି, ସ୍ୱୟମ୍ଭା ରେଲଦୁତୁ ପଞ୍ଚାୟତର ବିଜେଡି କର୍ମୀ, କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ବିମଳାକଡ ରେଲଷ୍ଟେସନ ନିକଟରୁ ଏକ ଶୋଭାଯାତ୍ରା ବାହାରି ବିମଳାଗଡ ପ୍ରାଥମିକ ସ୍କୁଲ ଛକଠାରେ ପହଞ୍ଚିଥିଲେ। ସେଠାରେ ଏକ ସାଧାରଣ ସଭା କୋଇଡା ବ୍ଲକ କାର୍ଯ୍ୟକାରୀ ସଭାପତି ଜନ ଡୁଙ୍ଗଡୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ପୂର୍ବତନ ଜିଲାପରିଷଦ ଉପାଧ୍ୟକ୍ଷା ସରସ୍ୱତୀ ନାଏକ, ବିଜେଡି ଜିଲା ସାଧାରଣ ସମ୍ପାଦକ ତଥା ଆଇନଜୀବୀ ପ୍ରଦ୍ୟୁମ୍ନ ତ୍ରିପାଠୀ, ଜିଲାପରିଷଦ ସଭ୍ୟା ଲକ୍ଷ୍ମୀ କିଷାନ, ସୁନ୍ଦରମଣି ପ୍ରଧାନ, କୋଇଡା ବ୍ଲକ ମହିଳା ସଭାନେତ୍ରୀ ଦ୍ରୌପଦୀ କିଷାନ ପ୍ରମୁଖ ରାଜ୍ୟ ସରକାରଙ୍କ ଜନହିତକାରୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପଦଯାତ୍ରାରେ ୮ଟି ପଞ୍ଚାୟତର ବହୁ ଲୋକ ଯୋଗଦେଇଥିଲେ। ଛୋଟୁ ସରକାର, ଧବଳେଶ୍ୱର ମାହାନ୍ତ, ଉମା ପ୍ରସାଦ, ବିମଳ ମୁଣ୍ଡା, ଟିଟୁନ ଦାଶ, ଆଦିକନ୍ଦ ନାଏକ, ବୈକୁଣ୍ଠ ପାତ୍ର, କାନ୍ଦୁଲୁ କିଷାନ, ସୂର୍ଯ୍ୟ ପ୍ରଧାନ, ଚାର ଓରାମ, କଳେଶ୍ୱର ସିଂ, ସଂଯୋଜକ ବାଳଗୋପାଳ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ଶେଷରେ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



ବିଜେଡ଼ି କର୍ମୀ ଶୋଭାଯାତ୍ରାରେ ଯାଉଛନ୍ତି।



ନୂଆଗାଁ ବ୍ଲକରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅବସରରେ ଆୟୋଜିତ ସମାବେଶରେ ଉପସ୍ଥିତ ମହିଳା, ଦଳୀୟ କର୍ମୀ।

ଚିତାପେଡି ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

# ମହିଳା ସଙ୍ଗଠନ ସୁଦୃଢ ଉପରେ ଗୁରୁତ୍ୱ

**ନୂଆଗାଁ, ୨୮।୧୦(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଚିତାପେଡି ଗ୍ରାମ ପଞ୍ଚାୟତର ସଦର ମହକୁମା ସହ ଲୋଆରାମ ଅଞ୍ଚଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ଓ ମହିଳା ସଙ୍ଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନୂଆଗାଁ ବ୍ଲକ ବିଜେଡି ସଭାପତି ଦିଗାମ୍ବର ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଆୟୋଜିତ ସମାବେଶରେ ମୁଖ୍ୟଅତିଥି ଭାବରେ ଜିଲା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଂଯୋଜିକା ରଶ୍ମିବାଳା ମିଶ୍ର ଯୋଗଦେଇଥିଲେ। ବିଶ୍ରା ବ୍ଲକ ବିଜେଡି ସଭାନେତ୍ରୀ ପ୍ରେମା ଦାସ ଯୋଗଦେଇ ଜନସମ୍ପର୍କ ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ମହିଳା ଓ ଯୁବ ସଙ୍ଗଠନକୁ କହିଥିଲେ। ସେହିଭଳି ଚିତାପେଡି ପଞ୍ଚାୟତକୁ ନିଶାମୁକ୍ତ ପଞ୍ଚାୟତ ଭାବରେ ଗଢ଼ିତୋଳିବାକୁ ସେମାନେ ପରାମର୍ଶ ଦେଇଥିଲେ। ଚିତାପେଡି ପଞ୍ଚାୟତ ଭଳି ଏକ ଉପାନ୍ତ ଅଞ୍ଚଳରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସଦ୍‌ପଯୋଗ କିପରି କରାଯାଇପାରିବ, ସେଥିପ୍ରତି ସାଧାରଣଜନତାଙ୍କୁ ଅବଗତ କରିଥିଲେ। ଯୁବ ବିଜେଡି ନେତା ଲିଟୁନ ସିଂ, ସୁଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନସମ୍ପର୍କ ପଦଯାତ୍ରାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସଫଳତା ଉପରେ ଉପସ୍ଥିତ ମହିଳା ଓ ଯୁବ ସଙ୍ଗଠନକୁ କହିଥିଲେ। ଏହା ପୂର୍ବରୁ ସୋରଡାଠାରେ ମଧ କେତେକ ମହିଳାଙ୍କୁ ନେଇ ଏକ ବୈଠକ ଯୁବନେତା ସୁଜିତ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଧ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଂଯୋଜକ ରଶ୍ମିବାଳା ମିଶ୍ର ଓ ବିଶ୍ରା ବ୍ଲକ ବିଜେଡି ସଭାପତି ପ୍ରେମା ଦାସ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ବିଜେଡିକୁ ତୃଣମୂଳ ସ୍ତରରୁ ମଜବୁତ କରିବା ସହ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନାରେ ଗାଁ ଗାଁରେ ସମସ୍ତେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ।